ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee Patrika

ଅଗଷ୍ଟ ୨୦୨୫
ମୂଲ୍ୟ : ୨୫ ଟଙ୍କା

# Prachee Centre for Cultural Relations(PCCR)
## Niladri Vihar
## Naya Bazar, Cuttack-753004


Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

### Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ

କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧାପିକା
ଓଡ଼ିଆ ବିଭାଗ

# ପ୍ରାଚୀ ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.- 11, August 2025, Issue No. V
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ଓ୍ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

୧. ସାରଳା ସାହିତ୍ୟରେ ଭାଷାଭିତ୍ତିକ ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ସ୍ୱାତନ୍ତ୍ର୍ୟତାର ରୂପରେଖ
ଅରବିନ୍ଦ ଦାସ ...................................... ୦୯

୨. ବିଶ୍ୱଦୃଷ୍ଟିରେ ସାଂଧଭାଷାର ଅର୍ବାଚୀନ ଅର୍ଘ୍ୟ: ଚମ୍ପାଫୁଲ
ସନ୍ତୋଷ କୁମାର ନାୟକ .......................... ୨୪

୩. ଲୋକପ୍ରଦର୍ଶନ କଳାରେ ଢୁଂପା ପରିବେଷଣ : ଏକ ଅନୁଶୀଳନ
କୁନା ଜେନା ...................................... ୪୩

୪. ଗାଳ୍ପିକା ସରୋଜିନୀ ସାହୁଙ୍କର ପ୍ରାରମ୍ଭିକ ଦୃଷ୍ଟିକୋଣ
ସ୍ୱପ୍ନା ରାଣୀ ସିଂ ................................... ୪୬

୫. ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆଦିବାସୀ ଚରିତ୍ର: ଏକ ବିଚାର ବିଶ୍ଳେଷଣ
ଗୌତମସେନ୍ ହାଁସଦାଃ ........................... ୫୮

୬. ବୌଦ୍ଧ ଗଳ୍ପ : ଅସ୍ପୃଶ୍ୟତାର ଅବଶୋଷ
ମାନସ କୁମାର ରାଉତ ............................ ୬୯

୭. ସମାଲୋଚକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଂପାଦକୀୟ ବୈଚିତ୍ର୍ୟତା
ଶୁଭଶ୍ରୀ ମହାନ୍ତି .................................... ୭୪

୮. କବି ଭୀମଭୋଇଙ୍କ ଜୀବନଦର୍ଶନ: ଧୂଳିରୁ ଧ୍ରୁବ ମଣ୍ଡଳ
ବାପିନା ସ୍ୱାଇଁ ଓ ଆଲୋକ ବରାଳ................ ୮୦

୯. କବିକାଶ-ବିସ୍ଥାପନ-ଓଡ଼ିଆ କବିତା
ଶୁଭଲକ୍ଷ୍ମୀ ବେହେରା ............................... ୯୦

୧୦. ଆଧୁନିକ ମଣିଷର ଅସହାୟତାବୋଧ ଅବଲମ୍ବନରେ : 'କୁଆଡ଼େ ଚାଲିଛ ରୁହ'
ସଞ୍ଜୟ କୁମାର ମୁଖୀ ............................... ୯୬

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ ✻ FEED THE BIRDS**



SARVODAYA SOCIETY
Voice for Voiceless
GOALS
1 Stop Contaminating Water
2 Stop Polluting Air
3 Stop Plastic Use
4 Save Earth
5 Stop Drug Abuse and Alcoholism
6 Stop Untouchability
7 Help Dibyanga
8 Help Mentally Disable Person
9 Help Senior Citizens
10 Help Sick Person
11 Help Poor Children
12 Help Poor Women
13 Planting Tree
14 Protecting Animals and Birds
15 Spreading Basic Education
16 Women Empowerment
17 Cleanliness Campaign
18 Satya and Ahmisha
19 Health and Hygienic
20 Communal Harmony
21 Vocational Education
22 Cottage Industries
23 Village Economy
24 Self Help Groups
25 Feed the Need
26 Farming and Agriculture
SARVODAYA SOCIETY
Voice for Voiceless
GOALS
For Positive Constrictive Programme

# ଶ୍ରାବଣିକ ଯାତ୍ରା

ଆମ କଥାରାଜା କହିଥିଲେ ଯେ ଆକାଶରେ ପଲପଲ ଚିଲ ଶାଗୁଣା ଉଡ଼ିବାର ଦେଖାଗଲେ ଯେମିତ ଜଣାପଡ଼େ ଯେ ଆଖପାଖରେ କେଉଁଠି ମଡ଼ା ପଡ଼ିଛି ଠିକ୍ ସେମିତି ଦନ ଦିପହରରେ ବ୍ରାହ୍ମଣମାନେ ଚିତାଚଇତନ ହୋଇ ପଲପଲ ବାହାରିଲେ ଜଣାଯାଏ ଯେ ଗ୍ରାମରେ କାହାର ଶୁଦ୍ଧିଘର ଚାଲିଛି । ଏମିତି ଗୋଟିଏ ଦୃଶ୍ୟରୁ ଆଉ ଗୋଟିଏ ଦୃଶ୍ୟ ହେଜ ହେବା କଥାଟି ମନେ ପଡ଼ିଗଲା କାରଣ ସଡ଼କରେ ଗେରୁଆ ବସ୍ତ୍ର ପିନ୍ଧି, କାନ୍ଧରେ ବାହୁଙ୍ଗୀ ଧରି, ବୋଲବମ୍ ବୋଲବମ୍ ଡାକି ଡାକି ଶତ ଶତ ତୀର୍ଥଯାତ୍ରୀ ଖାଲିପାଦରେ ଚାଲି ଚାଲି ଯାଉଥିବାର ଦୃଶ୍ୟ ଦେଖିଲେ ଜଣାପଡ଼ିଯାଏ ଯେ ଶ୍ରାବଣମାସ ଆସିଗଲା । ଅବଶ୍ୟ ପୂର୍ବରୁ ମାନେ ପଚାଶବର୍ଷ ତଳେ ଆମ ଓଡ଼ିଶାରେ କାଉଡ଼ିଆମାନଙ୍କର ସରଙ୍ଗ ଓ ସଶବ୍ଦ ଯାତ୍ରା ଦୃଶ୍ୟ ହେଉନଥିଲେ । ୧୯୯୦ ମସିହା ପରବର୍ତ୍ତୀ ସମୟରେ ଏହି ଭକ୍ତିଧାରା ପ୍ରବାହ ଆରମ୍ଭ ହୋଇ ସଂପ୍ରତି ମହାସ୍ରୋତରେ ପରିଣତ ହେଲାଣି ।

ଭାରତବର୍ଷରେ ଏହି ଶ୍ରାବଣିକ ଯାତ୍ରାର ଇତିହାସ ସହ ସମୁଦ୍ର ମନ୍ଥନ ପୌରାଣିକ କାହାଣୀକୁ ସଂଯୋଜିତ କରାଯାଏ । ସମୁଦ୍ରମନ୍ଥନରୁ ନିର୍ଗତ କାଳକୂଟ ବିଷ ସଂସାର ମଙ୍ଗଳକ ଭଗବାନ ଶିବ ପାନ କରିବା ପରେ ତାଙ୍କ ଶରୀରର ଜ୍ୱଳନ ଦୂର କରିବା ନିମନ୍ତେ ଦେବଗଣ ଗଙ୍ଗାଜଳରେ ତାଙ୍କର ଅଭିଷେକ କରାଇଥିଲେ । ଏହି ବିଧାନର ସ୍ମରଣ ପୂର୍ବକ ଉତ୍ତରଭାରତରେ ଗଙ୍ଗାଜଳ ଭାର ସାହାଯ୍ୟରେ ଆଣି ମହାଦେବଙ୍କର ଲିଙ୍ଗକୁ ଅଭିଷିକ୍ତ କରିବାର କର୍ମ କେଉଁ ଅଜ୍ଞାତ ଅତୀତରୁ ପ୍ରଚଳିତ ହୋଇଆସୁଛି । କେବଳ ଭାରତବର୍ଷର ଉତ୍ତରାଞ୍ଚଳ ନୁହେଁ ବିହାର ରାଜ୍ୟର ଦେଓଘର ସ୍ଥିତ ବାବା ବୈଦ୍ୟନାଥଙ୍କର ଜଳାଭିଷେକ ଯାତ୍ରା ମଧ୍ୟ ସୁଦୂର ଅତୀତରୁ ପ୍ରଚଳିତ । ଅବଶ୍ୟ ସୁଲତାନଗଞ୍ଜରୁ ଦେଓଘର ପର୍ଯ୍ୟନ୍ତ ଯେଉଁ ପଦଯାତ୍ରା ମାଧ୍ୟମରେ ଗଙ୍ଗାଜଳ ଆନୟନ ଓ ଜଳାଭିଷେକ କରାଯାଏ ତାହା ବର୍ଷବ୍ୟାପୀ କରାଯାଇଥାଏ ।

ସଂପ୍ରତି ଶ୍ରାବଣିକ ତୀର୍ଥଯାତ୍ରାକୁ ଭାରତବର୍ଷର ସର୍ବାଧିକ ଲୋକପ୍ରିୟ ଓ ବହୁଯାତ୍ରୀ ଗୃହୀତ ଭକ୍ତିକ ତୀର୍ଥଯାତ୍ରା ରୂପେ ଗ୍ରହଣ କରାଯାଉଛି । ଆମ ରାଜ୍ୟର ପ୍ରତ୍ୟେକ ଶୈବପୀଠ ସହ ଆଞ୍ଚଳିକ ନଦନଦୀମାନେ ମଧ୍ୟ ଆଲୋଚ୍ୟ କାଳରେ ଚଳଚଞ୍ଚଳ ହୋଇଉଠୁଛନ୍ତି । ଅବଶ୍ୟ ଦେଶବ୍ୟାପୀ ଏହି ବୋଲବମ୍ ଯାତ୍ରାର ଲୋକପ୍ରିୟତା ବୃଦ୍ଧିର କରଣାନ୍ୱେଷଣ କରି କେତେକ ବିଜ୍ଞବ୍ୟକ୍ତି ରାଜନୀତିର ରାଜସିକ ରଜ୍ଜୁ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ସେମାନଙ୍କ ମତରେ ଦେଶରେ ବିଜେପି ଦଳର ପ୍ରଭାବ ବିସ୍ତାର, ହିନ୍ଦୁତ୍ୱର ଜୟଗାନ ଓ ବାବ୍ରି ମସ୍‌ଜିଦ୍ ଭଙ୍ଗ ଆଦି ଘଟଣା ହିଁ ୧୯୯୦ ମସିହା ପରବର୍ତ୍ତୀ କାଳରେ ଏପରି ଭକ୍ତିକ ତୀର୍ଥଯାତ୍ରାର ପ୍ରାଧାନ୍ୟ ବିସ୍ତାର କରିପାରିଛି । କୌଣସି ଭକ୍ତିକ ପରଂପରାର ଅଭିବୃଦ୍ଧି ନିମନ୍ତେ ରାଜନୀତିକ ଆଦର-ଅନାଦର ଅପେକ୍ଷା ଅନ୍ତଃପ୍ରେରଣା ହିଁ କ୍ରିୟାଶୀଳ ହୋଇଥାଏ । ଆମ ରାଜ୍ୟର ଅଧିବାସୀମାନେ ସ୍ୱଭାବତଃ ଭକ୍ତି ବ୍ୟାକୁଳ । ହେତୁକ କି ଅହେତୁକ, ହିତ କି ଅହିତ ଇତ୍ୟାଦି ବିଚାର ନ କରି ଊର୍ଦ୍ଧ୍ୱବାହୁ ହୋଇ ଆପଣାକୁ ସମର୍ପି ଦେବାରେ ସେମାନଙ୍କର ଆନନ୍ଦ । ଅତଏବ ରାଜନୀତିର ଛାଟ ଲୋଡ଼ା ନାହିଁ, ସେମାନଙ୍କର ଅନ୍ତରର ଅନାହତ ବେଣୁ ଧ୍ୱନି ହିଁ ସେମାନଙ୍କୁ ଉଚ୍ଚାଟିତ କରିଥାଏ । ଆଉ ଗଜପତି ପ୍ରତାପରୁଦ୍ର ଦେବ ନାହାନ୍ତି କି ନାହାନ୍ତି ମଧ୍ୟ ରାଗାନୁଗା ପ୍ରେମଧର୍ମର ପ୍ରଚାରକ ଶ୍ରୀଚୈତନ୍ୟ । ଅଥଚ ସଂକୀର୍ତ୍ତନ ଆମ ରାଜ୍ୟରେ ବଂଚିଛି । ଘରେ ଘରେ ରାଧାକୃଷ୍ଣ ପ୍ରତିମା ପୂଜା ପାଉଛନ୍ତି । ଦୋଳ ମେଲଣ ମଧ୍ୟ ଚାଲିଛି । ସାମନ୍ତବାଦ ଯାଇ ଉପନିବେଶବାଦ ଆସିଲା । ଗଜପତି ରାଜା ଯାଇ ଆଫ୍‌ଗାନ୍, ମୋଗଲ, ମରାଠା, ଇଂରେଜ କେତେ ଜାତି ଆସିଲେ ଆଉ ଗଲେ । ସେମାନଙ୍କ କ୍ଷମତାର ତୀକ୍ଷ୍ଣ ତରବାରୀ ଯଦି ଓଡ଼ିଆଙ୍କ ତୁଣ୍ଡରୁ 'ହରେ ରାମ ହରେ ରାମ ରାମ ରାମ ହରେ / ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ' ମହାମନ୍ତ୍ରକୁ ଛଡ଼ାଇ ପାରିଲାନି ତେବେ ବିଜେପି ଦଳର ରାଜନୀତିକ ଇସ୍ତାହାର ଆମ ଭିତରେ ଏହି ପରଂପରାକୁ ପ୍ରବେଶ କରାଇ ପାରିଲା କିପରି ? ଅତଏବ କୌଣସି ରାଜନୀତିକ ଅଭିସନ୍ଧି ହେତୁ ନୁହେଁ ବରଂ ଓଡ଼ିଆମାନଙ୍କର ସହଜାତ ଭକ୍ତି ସ୍ୱଭାବ ତଥା ମାନସିକ ପୂରଣ ନିମନ୍ତେ ଶାରୀରିକ ସାଧନାଦି ବିଧାନ ଜରୁରୀ ଆଦି ବିଶ୍ୱାସ ହିଁ ଏଥିନିମନ୍ତେ କ୍ରିୟାଶୀଳ । ସ୍ଥୂଳଦୃଷ୍ଟିରେ ଓଡ଼ିଶାରେ ବୋଲବମ୍ ଯାତ୍ରାର ଅଭିବୃଦ୍ଧିକୁ ଭକ୍ତିକ ମିଥ୍ୟା, ଉଦ୍ଦାମ ଯୁବଗୋଷ୍ଠୀଙ୍କର ମଉଜିଆ ଭ୍ରମଣ, ଦୁର୍ବଳମନା ମଣିଷମାନଙ୍କର ଅନ୍ଧଭକ୍ତି ତଥା ଅନୁକରଣପ୍ରିୟ ଓଡ଼ିଆମାନଙ୍କର ନିର୍ବୋଧ ଆଚରଣ ବୋଲି କେହି କେହି କହିପାରନ୍ତି । ଏସବୁ ନକରାତ୍ମକ ଦିଗ ସଂପର୍କରେ ଆଲୋଚନା ନକରି ଏହାର ଉଜ୍ଜ୍ୱଳ ପାର୍ଶ୍ୱଟିକୁ ଗ୍ରହଣ କରିବା ବିଧେୟ । ଭାଇଚାରା, ଗୋଷ୍ଠୀଗତ କାର୍ଯ୍ୟ, ଆଞ୍ଚଳିକ ନଦ-ନଦୀ ଓ ଶୈବପୀଠର ଗୁରୁତ୍ୱ ବୃଦ୍ଧି ଆଦି ଏହି ସାମୂହିକ ତୀର୍ଥଯାତ୍ରାର ମଙ୍ଗଳମୟ ଦିଗ ।

ଆଲୋଚ୍ୟ ଶ୍ରାବଣିକ ଯାତ୍ରାରେ ପାଣିଭାର ବହନ କରୁଥିବା ଭକ୍ତମାନଙ୍କୁ କାଉଡ଼ି କୁହାଯାଏ । ଓଡ଼ିଶା ବ୍ୟତୀତ ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳରେ ଏହି ଯାତ୍ରାକୁ 'କାନୱାର ଯାତ୍ରା' କୁହାଯାଏ । କନ୍‌ୱାର୍ ବା କାନ୍‌ୱାର ଶବ୍ଦର ଅର୍ଥ ହେଉଛି- କାନ୍ଧରେ ବାହୁଙ୍ଗା ରଖି

ଦୁଇପାର୍ଶ୍ୱରେ ପାଣିଭାର ନେଉଥିବା ସରଳ ହସ୍ତ ନିର୍ମିତ ଯନ୍ତ୍ରକୁ ବୁଝାଏ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ 'କାଉଁରିଭାର' ଶବ୍ଦଟି ସ୍ଥାନିତ । ଯାହାର ଅର୍ଥ ସଂପର୍କରେ ସୂଚନା ଦେଇ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖନ୍ତି, "ଯାତ୍ରୀମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବୋହି ଯେଉଁ ଭାରରେ ରାମେଶ୍ୱର ପର୍ଯ୍ୟନ୍ତ ଆଣନ୍ତି ।" କନ୍ୱାର ବା କାଉଁରିଭାରରୁ କାଉଡ଼ି ଓ କାଉଡ଼ିଆ ଶବ୍ଦ ଦ୍ୱୟ ଉତ୍ପତ୍ତି ଲାଭ କରିଥାଇପାରନ୍ତି । 'ଶବ୍ଦସିନ୍ଧୁ' ଅଭିଧାନରେ ଶ୍ରୀଯୁକ୍ତ ନଟବର ଶତପଥୀ 'କାଉଡ଼ି' ଶବ୍ଦଟିକୁ ସ୍ଥାନ ଦେଇଛନ୍ତି । ଯାହା ପରଜାମାନେ ବ୍ୟବହାର କରିଥାନ୍ତି ଏବଂ ଏହାର ଅର୍ଥ ହେଉଛି ବାହୁଙ୍ଗୀ ବା ବାଉଙ୍ଗୀ । ଏହି ଉତ୍ସ ଦ୍ୱୟରୁ ଉତ୍ପତ୍ତି ଲାଭ କରିଥିବା କାଉଡ଼ିଆ ଶବ୍ଦଟି ଆଜି ଶ୍ରାବଣିକ ଯାତ୍ରାର ତୀର୍ଥଯାତ୍ରୀମାନଙ୍କୁ ହିଁ ବୁଝାଇଥାଏ ।

ଓଡ଼ିଶାର କାଉଡ଼ିଆମାନେ କେଉଁ ପ୍ରକାରର କାଉଡ଼ି ବିଧି ପାଳନ କରନ୍ତି, ତଦ୍‌ଜନିତ ଜ୍ଞାନ ମୋ ନିକଟରେ ନାହିଁ । ସମଗ୍ର ଭାରତବର୍ଷରେ କିନ୍ତୁ ଚାରିପ୍ରକାରର କାଉଡ଼ିଆ ଦେଖାଯାଆନ୍ତି । ଯଥା- ଡାକ୍, ବୈଠୀ, ଖଡ୍ଗୀ ଓ ଝୁଲା । ଡାକ୍ କାଉଡ଼ିଆମାନେ ସେମାନଙ୍କ ଯାତ୍ରାପଥରେ କେଉଁଠାରେ ରହନ୍ତି ନାହିଁ । ଏକା ରାହାକେ ଦ୍ରୁତଗତିରେ ଲକ୍ଷ୍ୟନିଷ୍ଠ ଭାବେ ଯାତ୍ରା କରନ୍ତି । କାରଣ ମହାଦେବଙ୍କ ଶରୀର ବିଷଜ୍ୱାଳାରେ ପୀଡ଼ିତ । ତେଣୁ କାଉଡ଼ିଆ ଦଣ୍ଡେ ମୁହୂର୍ତ୍ତେ ଅଟକିବେ ନାହିଁ । ଗୋଟିଏ ଗାଡ଼ିରେ ତାଙ୍କ ଦଳର ଅନ୍ୟ ତୀର୍ଥଯାତ୍ରୀମାନେ ତାଙ୍କ ପଛେ ପଛେ ଯାଉଥାନ୍ତି । ଯେଉଁ ସ୍ଥାନରେ ତାଙ୍କ ପାଦ ଅଟକି ଯାଏ ସେହିଠାରୁ କାଉଡ଼ିଟି ନେଇ ଅନ୍ୟ ଜଣେ ଯାତ୍ରା ଆରମ୍ଭ କରନ୍ତି । ରିଲେ ରେସ୍ ଖେଳ ପରି ଏହି ଡାକ୍ କାଉଡ଼ିଆମାନେ ଯାତ୍ରା କରିଥାଆନ୍ତି । ବୈଠୀ କାଉଡ଼ିଆମାନେ କିନ୍ତୁ ତୀର୍ଥଯାତ୍ରା ସମୟରେ ବାଟରେ ବିଶ୍ରାମ ନେଇଥାନ୍ତି । ସେମାନେ ବିଶ୍ରାମ ନେବା ସମୟରେ ତାଙ୍କର କାଉଡ଼ିଟିକୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିଦିଅନ୍ତି । ଯେଉଁ ସ୍ଥାନରେ ସେହି କାଉଁରି ଭାରକୁ ରଖାଯାଏ, ସେ ସ୍ଥାନକୁ ମଧ୍ୟ ଅତ୍ୟନ୍ତ ପବିତ୍ର ମନେ କରାଯାଇଥାଏ । ଖଡ୍ଗୀ କାଉଡ଼ିଆମାନେ ସେମାନଙ୍କର ଭାରକୁ ତଳେ ରଖିପାରିବେ ନାହିଁ କି ଝୁଲାଇ ପାରିବେ ନାହିଁ । ସେମାନେ ବିଶ୍ରାମ ନେବା ସମୟରେ ଆଉ ଜଣେ ବ୍ୟକ୍ତି ଦଣ୍ଡାୟମାନ ରହି ଭାରଟିକୁ କାନ୍ଧରେ ଧରିବ । ଝୁଲା କାଉଡ଼ିଆମାନେ ଭୂମିରେ ନ ରଖି ଭାରଟିକୁ ଝୁଲାଇ ରଖିପାରିବେ । ନିରାମିଷ ଭୋଜନ ଗ୍ରହଣ, ଆର୍ଦ୍ର ବସ୍ତ୍ର ପରିଧାନ, ଫୁଙ୍ଗୁଳା ପାଦରେ ପଦଯାତ୍ରାଦି କ୍ରିୟା ସମ ଶାରୀରିକ ସାଧନା ଏହି ତୀର୍ଥଯାତ୍ରାର ପ୍ରଧାନ ନିୟମ ।

ଶିବଙ୍କର ବିଷପାନ ପ୍ରସଙ୍ଗ ରାମାୟଣ ମହାକାବ୍ୟର ବାଳକାଣ୍ଡରେ ଓ ମହାଭାରତ ଗ୍ରନ୍ଥର ଆଦିପର୍ବରେ ସୂଚିତ ହୋଇଛି । ଅଗ୍ନିପୁରାଣ ଓ ବ୍ରହ୍ମାଣ୍ଡ ପୁରାଣରେ ଏହି ବିଷପାନ ପ୍ରସଙ୍ଗ ଅଧିକତର ବିସ୍ତୃତ ରୂପ ଧାରଣ କରିଛି । କିନ୍ତୁ ବିଷପାନ ପୌରାଣିକ ପ୍ରସଙ୍ଗକୁ ଆଧାର କରି ଶ୍ରାବଣିକ ଯାତ୍ରା କେବେଠାରୁ ଆରମ୍ଭ ହୋଇଛି ତାହା ନିର୍ଣ୍ଣୟ କରିବା ସହଜ ନୁହେଁ । ଏହି ପ୍ରସଙ୍ଗଟିକୁ ରୂପକ ରୂପେ ଗ୍ରହଣ କରି କବି ରାଧାମୋହନ ଗଡ଼ନାୟକ 'ଅର୍ଘ୍ୟ' କବିତାରେ କୁହନ୍ତି-

"ମନ୍ଥିତ ଏଇ ବିଶ୍ୱ-ସାଗରୁ
ହେ ଜଗଦୀଶ,
ଉତୁରି ପଡ଼ଇ ଏ ଯେ ଫେନ ଚୂଡ଼
ବିଷମ ବିଷ,
ତାହାରି ପରଶେ ସୁନ୍ଦରୀ ଧରା
ହୋଇ ଯାଉଅଛି ହତଶିରୀ ପରା,
ଉତ୍ତାପେ ତାର ମଉଳି ପଡ଼ଇ
ସକଳ ଦିଶ ।
ଏତେବେଳେ ତୁମେ କାହିଁ ରହିଅଛ
ରହିଛ କାହିଁ ?
ଦିବସ ରଜନୀ ହୁରି ପଡ଼ିଅଛି
ତୁମରି ପାଇଁ ।
ଆହେ ମୋର ଶିବ ସତ୍ୱର ଆସି
ପିଇଦେଇ ଯାଅ ଏ ଗରଳ ରାଶି
ତୁମରି ବିନା ଏ ସାଧ କାହାର,
କହୁଚ କିସ ।" (କାବ୍ୟନାୟିକା- ପୃ୦ ୨୧୭)

ଆଜି ନବ୍ୟ ସଭ୍ୟତାର ଯାନ୍ତ୍ରିକ ମନ୍ଥନ ଦଣ୍ଡ ଏହି ବିଶ୍ୱସାଗର ମଧ୍ୟରୁ ବିଷମ ବିଷ ଉଦ୍‌ଗତ କରାଇଛି । ପ୍ରାକୃତିକ ପରିବେଶର ବିପର୍ଯ୍ୟୟ ଦେଖି କବିପ୍ରାଣ ମର୍ମାହତ ହୋଇଅଛି । ତେଣୁ କବି ପୁନର୍ବାର ବିଷପାନ ନିମନ୍ତେ ମହାଦେବଙ୍କ ନିକଟରେ ନମ୍ର ନିବେଦନ ଜଣାଇଛନ୍ତି । ଅତଏବ ଜଳାଭିଷେକ ମାଧ୍ୟମରେ ମହାଦେବଙ୍କ ପୀଡ଼ା ନିବାରଣ ଯେତିକି ଜରୁରୀ ଏହି ସୁନ୍ଦରୀ ଧରାକୁ ବିଷଗ୍ରାସରୁ ରକ୍ଷା କରିବା ମଧ୍ୟ ତତୋଽଧିକ ଜରୁରୀ ।

ଶ୍ରାବଣିକ ଯାତ୍ରା ଶ୍ରଦ୍ଧା ଓ ବିଶ୍ୱାସର ଯାତ୍ରାରେ ପରିଣତ ହେଉ। କବି ଗଡ଼ନାୟକଙ୍କର ଆକୁଳ ନିବେଦନ ସତ୍ତ୍ୱେ ସଦାଶିବ ପୁନର୍ବାର ବିଷ ଭକ୍ଷଣ ପୂର୍ବକ ସୃଷ୍ଟି ରକ୍ଷା ନିମନ୍ତେ ଆଉଥରେ କାଳକୂଟ ପାନ କରିବେ ନାହିଁ। କିନ୍ତୁ ଆମର ଶ୍ରାବଣିକ ଯାତ୍ରା ମଧ୍ୟ ସଦାଶିବଙ୍କୁ ବିଷପାନରୁ ନିବୃତ୍ତ କରାଇବା ଉଦ୍ଦେଶ୍ୟରେ ଅନ୍ୟତମ ଶପଥ ଯାତ୍ରା ହେଉ। କେବଳ ଶ୍ରାବଣିକ ଯାତ୍ରା ନୁହେଁ ଆମ ଜୀବନର ପ୍ରତିଟି ପଦକ୍ଷେପ ବସୁନ୍ଧରାର ସୁରକ୍ଷା ନିମନ୍ତେ ଅଭିପ୍ରେତ ହେବା ଉଚିତ।

**ଡ଼କ୍ଟର ସଂଜିତା ମିଶ୍ର,** ଓଡ଼ିଆ ବିଭାଗ
ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ



# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ସମସ୍ତଙ୍କର ପେଟ ପୁରୁଛି,
# କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ ❋ FEED THE MENTALLY SICK**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in
+91 88957 07011

## ଗଛ ଲଗାନ୍ତୁ
## ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ ❋ PLANT TREE**

# ଶ୍ରାବଣିକ ଯାତ୍ରା

ଆମ କଥାରାଜା କହିଥିଲେ ଯେ ଆକାଶରେ ପଲପଲ ଚିଲ ଶାଗୁଣା ଉଡ଼ିବାର ଦେଖାଗଲେ ଯେମିତ ଜଣାପଡ଼େ ଯେ ଆଖପାଖରେ କେଉଁଠି ମଡ଼ା ପଡ଼ିଛି ଠିକ୍ ସେମିତି ଦନ ଦିପହରରେ ବ୍ରାହ୍ମଣମାନେ ଚିତାଚଇତନ ହୋଇ ପଲପଲ ବାହାରିଲେ ଜଣାଯାଏ ଯେ ଗ୍ରାମରେ କାହାର ଶୁଦ୍ଧିଘର ଚାଲିଛି । ଏମିତି ଗୋଟିଏ ଦୃଶ୍ୟରୁ ଆଉ ଗୋଟିଏ ଦୃଶ୍ୟ ହେଜ ହେବା କଥାଟି ମନେ ପଡ଼ିଗଲା କାରଣ ସଡ଼କରେ ଗେରୁଆ ବସ୍ତ୍ର ପିନ୍ଧି, କାନ୍ଧରେ ବାହୁଙ୍ଗୀ ଧରି, ବୋଲବମ୍ ବୋଲବମ୍ ଡାକି ଡାକି ଶତ ଶତ ତୀର୍ଥଯାତ୍ରୀ ଖାଲିପାଦରେ ଚାଲି ଚାଲି ଯାଉଥିବାର ଦୃଶ୍ୟ ଦେଖିଲେ ଜଣାପଡ଼ିଯାଏ ଯେ ଶ୍ରାବଣମାସ ଆସିଗଲା । ଅବଶ୍ୟ ପୂର୍ବରୁ ମାନେ ପଚାଶବର୍ଷ ତଳେ ଆମ ଓଡ଼ିଶାରେ କାଉଡ଼ିଆମାନଙ୍କର ସରଙ୍ଗ ଓ ସଶବ୍ଦ ଯାତ୍ରା ଦୃଶ୍ୟ ହେଉନଥିଲେ । ୧୯୯୦ ମସିହା ପରବର୍ତ୍ତୀ ସମୟରେ ଏହି ଭକ୍ତିଧାରା ପ୍ରବାହ ଆରମ୍ଭ ହୋଇ ସଂପ୍ରତି ମହାସ୍ରୋତରେ ପରିଣତ ହେଲାଣି ।

ଭାରତବର୍ଷରେ ଏହି ଶ୍ରାବଣିକ ଯାତ୍ରାର ଇତିହାସ ସହ ସମୁଦ୍ର ମନ୍ଥନ ପୌରାଣିକ କାହାଣୀକୁ ସଂଯୋଜିତ କରାଯାଏ । ସମୁଦ୍ରମନ୍ଥନରୁ ନିର୍ଗତ କାଳକୂଟ ବିଷ ସଂସାର ମଙ୍ଗଳକ ଭଗବାନ ଶିବ ପାନ କରିବା ପରେ ତାଙ୍କ ଶରୀରର ଜ୍ୱଳନ ଦୂର କରିବା ନିମନ୍ତେ ଦେବଗଣ ଗଙ୍ଗାଜଳରେ ତାଙ୍କର ଅଭିଷେକ କରାଇଥିଲେ । ଏହି ବିଧାନର ସ୍ମରଣ ପୂର୍ବକ ଉତ୍ତରଭାରତରେ ଗଙ୍ଗାଜଳ ଭାର ସାହାଯ୍ୟରେ ଆଣି ମହାଦେବଙ୍କର ଲିଙ୍ଗକୁ ଅଭିଷିକ୍ତ କରିବାର କର୍ମ କେଉଁ ଅଜ୍ଞାତ ଅତୀତରୁ ପ୍ରଚଳିତ ହୋଇଆସୁଛି । କେବଳ ଭାରତବର୍ଷର ଉତ୍ତରାଞ୍ଚଳ ନୁହେଁ ବିହାର ରାଜ୍ୟର ଦେଓଘର ସ୍ଥିତ ବାବା ବୈଦ୍ୟନାଥଙ୍କର ଜଳାଭିଷେକ ଯାତ୍ରା ମଧ୍ୟ ସୁଦୂର ଅତୀତରୁ ପ୍ରଚଳିତ । ଅବଶ୍ୟ ସୁଲତାନଗଞ୍ଜରୁ ଦେଓଘର ପର୍ଯ୍ୟନ୍ତ ଯେଉଁ ପଦଯାତ୍ରା ମାଧ୍ୟମରେ ଗଙ୍ଗାଜଳ ଆନୟନ ଓ ଜଳାଭିଷେକ କରାଯାଏ ତାହା ବର୍ଷବ୍ୟାପୀ କରାଯାଇଥାଏ ।

ସଂପ୍ରତି ଶ୍ରାବଣିକ ତୀର୍ଥଯାତ୍ରାକୁ ଭାରତବର୍ଷର ସର୍ବାଧିକ ଲୋକପ୍ରିୟ ଓ ବହୁଯାତ୍ରୀ ଗୃହୀତ ଭାକ୍ତିକ ତୀର୍ଥଯାତ୍ରା ରୂପେ ଗ୍ରହଣ କରାଯାଉଛି । ଆମ ରାଜ୍ୟର ପ୍ରତ୍ୟେକ ଶୈବପୀଠ ସହ ଆଞ୍ଚଳିକ ନଦନଦୀମାନେ ମଧ୍ୟ ଆଲୋଚ୍ୟ କାଳରେ ଚଳଚଞ୍ଚଳ ହୋଇଉଠୁଛନ୍ତି । ଅବଶ୍ୟ ଦେଶବ୍ୟାପୀ ଏହି ବୋଲବମ୍ ଯାତ୍ରାର ଲୋକପ୍ରିୟତା ବୃଦ୍ଧିର କରଣାନ୍ୱେଷଣ କରି କେତେକ ବିଜ୍ଞବ୍ୟକ୍ତି ରାଜନୀତିର ରାଜସିକ ରଜ୍ଜୁ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ସେମାନଙ୍କ ମତରେ ଦେଶରେ ବିଜେପି ଦଳର ପ୍ରଭାବ ବିସ୍ତାର, ହିନ୍ଦୁତ୍ୱର ଜୟଗାନ ଓ ବାବ୍ରି ମସ୍‌ଜିଦ୍ ଭଙ୍ଗ ଆଦି ଘଟଣା ହିଁ ୧୯୯୦ ମସିହା ପରବର୍ତ୍ତୀ କାଳରେ ଏପରି ଭାକ୍ତିକ ତୀର୍ଥଯାତ୍ରାର ପ୍ରାଧାନ୍ୟ ବିସ୍ତାର କରିପାରିଛି । କୌଣସି ଭାକ୍ତିକ ପରଂପରାର ଅଭିବୃଦ୍ଧି ନିମନ୍ତେ ରାଜନୀତିକ ଆଦର-ଅନାଦର ଅପେକ୍ଷା ଅନ୍ତଃପ୍ରେରଣା ହିଁ କ୍ରିୟାଶୀଳ ହୋଇଥାଏ । ଆମ ରାଜ୍ୟର ଅଧିବାସୀମାନେ ସ୍ୱଭାବତଃ ଭକ୍ତି ବ୍ୟାକୁଳ । ହେତୁକ କି ଅହେତୁକ, ହିତ କି ଅହିତ ଇତ୍ୟାଦି ବିଚାର ନ କରି ଉର୍ଦ୍ଧ୍ୱବାହୁ ହୋଇ ଆପଣାକୁ ସମର୍ପି ଦେବାରେ ସେମାନଙ୍କର ଆନନ୍ଦ । ଅତଏବ ରାଜନୀତିର ଛାଟ ଲୋଡ଼ା ନାହିଁ, ସେମାନଙ୍କର ଅନ୍ତରର ଅନାହତ ବେଣୁ ଧ୍ୱନି ହିଁ ସେମାନଙ୍କୁ ଉଚ୍ଚାଟିତ କରିଥାଏ । ଆଉ ଗଜପତି ପ୍ରତାପରୁଦ୍ର ଦେବ ନାହାନ୍ତି କି ନାହାନ୍ତି ମଧ୍ୟ ରାଗାନୁଗା ପ୍ରେମଧର୍ମର ପ୍ରଚାରକ ଶ୍ରୀଚୈତନ୍ୟ । ଅଥଚ ସଂକୀର୍ତ୍ତନ ଆମ ରାଜ୍ୟରେ ବଂଚିଛି । ଘରେ ଘରେ ରାଧାକୃଷ୍ଣ ପ୍ରତିମା ପୂଜା ପାଉଛନ୍ତି । ଦୋଳ ମେଳଣ ମଧ୍ୟ ଚାଲିଛି । ସାମନ୍ତବାଦ ଯାଇ ଉପନିବେଶବାଦ ଆସିଲା । ଗଜପତି ରାଜା ଯାଇ ଆଫ୍‌ଗାନ୍, ମୋଗଲ, ମରାଠା, ଇଂରେଜ କେତେ ଜାତି ଆସିଲେ ଆଉ ଗଲେ । ସେମାନଙ୍କ କ୍ଷମତାର ତୀକ୍ଷ୍ଣ ତରବାରୀ ଯଦି ଓଡ଼ିଆଙ୍କ ତୁଣ୍ଡରୁ 'ହରେ ରାମ ହରେ ରାମ ରାମ ରାମ ହରେ / ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ' ମହାମନ୍ତ୍ରକୁ ଛଡ଼ାଇ ପାରିଲାନି ତେବେ ବିଜେପି ଦଳର ରାଜନୀତିକ ଇସ୍ତାହାର ଆମ ଭିତରେ ଏହି ପରଂପରାକୁ ପ୍ରବେଶ କରାଇ ପାରିଲା କିପରି ? ଅତଏବ କୌଣସି ରାଜନୀତିକ ଅଭିସନ୍ଧି ହେତୁ ନୁହେଁ ବରଂ ଓଡ଼ିଆମାନଙ୍କର ସହଜାତ ଭକ୍ତି ସ୍ୱଭାବ ତଥା ମାନସିକ ପୂରଣ ନିମନ୍ତେ ଶାରୀରିକ ସାଧନାଦି ବିଧାନ ଜରୁରୀ ଆଦି ବିଶ୍ୱାସ ହିଁ ଏଥିନିମନ୍ତେ କ୍ରିୟାଶୀଳ । ସ୍ଥୂଳଦୃଷ୍ଟିରେ ଓଡ଼ିଶାରେ ବୋଲବମ୍ ଯାତ୍ରାର ଅଭିବୃଦ୍ଧିକୁ ଭାକ୍ତିକ ମିଥ୍ୟା, ଉଦ୍ଦାମ ଯୁବଗୋଷ୍ଠୀଙ୍କର ମଉଜିଆ ଭ୍ରମଣ, ଦୁର୍ବଳମନା ମଣିଷମାନଙ୍କର ଅନ୍ଧଭକ୍ତି ତଥା ଅନୁକରଣପ୍ରିୟ ଓଡ଼ିଆମାନଙ୍କର ନିର୍ବୋଧ ଆଚରଣ ବୋଲି କେହି କେହି କହିପାରନ୍ତି । ଏସବୁ ନକରାତ୍ମକ ଦିଗ ସଂପର୍କରେ ଆଲୋଚନା ନକରି ଏହାର ଉଜ୍ଜ୍ୱଳ ପାର୍ଶ୍ୱଟିକୁ ଗ୍ରହଣ କରିବା ବିଧେୟ । ଭାଇଚାରା, ଗୋଷ୍ଠୀଗତ କାର୍ଯ୍ୟ, ଆଞ୍ଚଳିକ ନଦ-ନଦୀ ଓ ଶୈବପୀଠର ଗୁରୁତ୍ୱ ବୃଦ୍ଧି ଆଦି ଏହି ସାମୂହିକ ତୀର୍ଥଯାତ୍ରାର ମଙ୍ଗଳମୟ ଦିଗ ।

ଆଲୋଚ୍ୟ ଶ୍ରାବଣିକ ଯାତ୍ରାରେ ପାଣିଭାର ବହନ କରୁଥିବା ଭକ୍ତମାନଙ୍କୁ କାଉଡ଼ି କୁହାଯାଏ । ଓଡ଼ିଶା ବ୍ୟତୀତ ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳରେ ଏହି ଯାତ୍ରାକୁ 'କାନୱାର ଯାତ୍ରା' କୁହାଯାଏ । କନ୍‌ୱାର୍ ବା କାନ୍‌ୱାର ଶବ୍ଦର ଅର୍ଥ ହେଉଛି- କାନ୍ଧରେ ବାହୁଙ୍ଗା ରଖି

ଦୁଇପାର୍ଶ୍ୱରେ ପାଣିଭାର ନେଉଥିବା ସରଳ ହସ୍ତ ନିର୍ମିତ ଯନ୍ତ୍ରକୁ ବୁଝାଏ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ 'କାଉଁରିଭାର' ଶବ୍ଦଟି ସ୍ଥାନିତ । ଯାହାର ଅର୍ଥ ସଂପର୍କରେ ସୂଚନା ଦେଇ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପ୍ରହରାଜ ଲେଖନ୍ତି, "ଯାତ୍ରୀମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବୋହି ଯେଉଁ ଭାରରେ ରାମେଶ୍ୱର ପର୍ଯ୍ୟନ୍ତ ଆଣନ୍ତି ।" କନ୍ୱାର ବା କାଉଁରିଭାରରୁ କାଉଡ଼ି ଓ କାଉଡ଼ିଆ ଶବ୍ଦ ଦ୍ୱୟ ଉତ୍ପତ୍ତି ଲାଭ କରିଥାଇପାରନ୍ତି । 'ଶବ୍ଦସିନ୍ଧୁ' ଅଭିଧାନରେ ଶ୍ରୀଯୁକ୍ତ ନଟବର ଶତପଥୀ 'କାଉଡ଼ି' ଶବ୍ଦଟିକୁ ସ୍ଥାନ ଦେଇଛନ୍ତି । ଯାହା ପରଜାମାନେ ବ୍ୟବହାର କରିଥାନ୍ତି ଏବଂ ଏହାର ଅର୍ଥ ହେଉଛି ବାହୁଙ୍ଗୀ ବା ବାଉଙ୍ଗୀ । ଏହି ଉତ୍ସ ଦ୍ୱୟରୁ ଉତ୍ପତ୍ତି ଲାଭ କରିଥିବା କାଉଡ଼ିଆ ଶବ୍ଦଟି ଆଜି ଶ୍ରାବଣିକ ଯାତ୍ରାର ତୀର୍ଥଯାତ୍ରୀମାନଙ୍କୁ ହିଁ ବୁଝାଇଥାଏ ।

ଓଡ଼ିଶାର କାଉଡ଼ିଆମାନେ କେଉଁ ପ୍ରକାରର କାଉଡ଼ି ବିଧି ପାଳନ କରନ୍ତି, ତଦ୍‌ଜନିତ ଜ୍ଞାନ ମୋ ନିକଟରେ ନାହିଁ । ସମଗ୍ର ଭାରତବର୍ଷରେ କିନ୍ତୁ ଚାରିପ୍ରକାରର କାଉଡ଼ିଆ ଦେଖାଯାଆନ୍ତି । ଯଥା- ଡାକ୍, ବୈଠୀ, ଖଡ୍ଗୀ ଓ ଝୁଲା । ଡାକ୍ କାଉଡ଼ିଆମାନେ ସେମାନଙ୍କ ଯାତ୍ରାପଥରେ କେଉଁଠାରେ ରହନ୍ତି ନାହିଁ । ଏକା ରାହାକେ ଦ୍ରୁତଗତିରେ ଲକ୍ଷ୍ୟନିଷ୍ଠ ଭାବେ ଯାତ୍ରା କରନ୍ତି । କାରଣ ମହାଦେବଙ୍କ ଶରୀର ବିଷଜ୍ୱାଳାରେ ପୀଡ଼ିତ । ତେଣୁ କାଉଡ଼ିଆ ଦଣ୍ଡେ ମୁହୂର୍ତ୍ତେ ଅଟକିବେ ନାହିଁ । ଗୋଟିଏ ଗାଡ଼ିରେ ତାଙ୍କ ଦଳର ଅନ୍ୟ ତୀର୍ଥଯାତ୍ରୀମାନେ ତାଙ୍କ ପଛେ ପଛେ ଯାଉଥାନ୍ତି । ଯେଉଁ ସ୍ଥାନରେ ତାଙ୍କ ପାଦ ଅଟକି ଯାଏ ସେହିଠାରୁ କାଉଡ଼ିଟି ନେଇ ଅନ୍ୟ ଜଣେ ଯାତ୍ରା ଆରମ୍ଭ କରନ୍ତି । ରିଲେ ରେସ୍ ଖେଳ ପରି ଏହି ଡାକ୍ କାଉଡ଼ିଆମାନେ ଯାତ୍ରା କରିଥାଆନ୍ତି । ବୈଠୀ କାଉଡ଼ିଆମାନେ କିନ୍ତୁ ତୀର୍ଥଯାତ୍ରା ସମୟରେ ବାଟରେ ବିଶ୍ରାମ ନେଇଥାନ୍ତି । ସେମାନେ ବିଶ୍ରାମ ନେବା ସମୟରେ ତାଙ୍କର କାଉଡ଼ିଟିକୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିଦିଅନ୍ତି । ଯେଉଁ ସ୍ଥାନରେ ସେହି କାଉଁରି ଭାରକୁ ରଖାଯାଏ, ସେ ସ୍ଥାନକୁ ମଧ୍ୟ ଅତ୍ୟନ୍ତ ପବିତ୍ର ମନେ କରାଯାଇଥାଏ । ଖଡ୍ଗୀ କାଉଡ଼ିଆମାନେ ସେମାନଙ୍କର ଭାରକୁ ତଳେ ରଖିପାରିବେ ନାହିଁ କି ଝୁଲାଇ ପାରିବେ ନାହିଁ । ସେମାନେ ବିଶ୍ରାମ ନେବା ସମୟରେ ଆଉ ଜଣେ ବ୍ୟକ୍ତି ଦଣ୍ଡାୟମାନ ରହି ଭାରଟିକୁ କାନ୍ଧରେ ଧରିବ । ଝୁଲା କାଉଡ଼ିଆମାନେ ଭୂମିରେ ନ ରଖି ଭାରଟିକୁ ଝୁଲାଇ ରଖିପାରିବେ । ନିରାମିଷ ଭୋଜନ ଗ୍ରହଣ, ଆର୍ଦ୍ର ବସ୍ତ୍ର ପରିଧାନ, ଫୁଙ୍ଗୁଳା ପାଦରେ ପଦଯାତ୍ରାଦି କ୍ରିୟା ସମ ଶାରୀରିକ ସାଧନା ଏହି ତୀର୍ଥଯାତ୍ରାର ପ୍ରଧାନ ନିୟମ ।

ଶିବଙ୍କର ବିଷପାନ ପ୍ରସଙ୍ଗ ରାମାୟଣ ମହାକାବ୍ୟର ବାଳକାଣ୍ଡରେ ଓ ମହାଭାରତ ଗ୍ରନ୍ଥର ଆଦିପର୍ବରେ ସୂଚିତ ହୋଇଛି । ଅଗ୍ନିପୁରାଣ ଓ ବ୍ରହ୍ମାଣ୍ଡ ପୁରାଣରେ ଏହି ବିଷପାନ ପ୍ରସଙ୍ଗ ଅଧିକତର ବିସ୍ତୃତ ରୂପ ଧାରଣ କରିଛି । କିନ୍ତୁ ବିଷପାନ ପୌରାଣିକ ପ୍ରସଙ୍ଗକୁ ଆଧାର କରି ଶ୍ରାବଣିକ ଯାତ୍ରା କେବେଠାରୁ ଆରମ୍ଭ ହୋଇଛି ତାହା ନିର୍ଣ୍ଣୟ କରିବା ସହଜ ନୁହେଁ । ଏହି ପ୍ରସଙ୍ଗଟିକୁ ରୂପକ ରୂପେ ଗ୍ରହଣ କରି କବି ରାଧାମୋହନ ଗଡ଼ନାୟକ 'ଅର୍ଘ୍ୟ' କବିତାରେ କୁହନ୍ତି-

"ମନ୍ଥିତ ଏଇ ବିଶ୍ୱ-ସାଗରୁ
ହେ ଜଗଦୀଶ,
ଉଠୁରି ପଡ଼ଇ ଏ ଯେ ଫେନ ଚୂଡ଼
ବିଷମ ବିଷ,
ତାହାରି ପରଶେ ସୁନ୍ଦରୀ ଧରା
ହୋଇ ଯାଉଅଛି ହତଶିରୀ ପରା,
ଉତ୍ତାପେ ତାର ମଉଳି ପଡ଼ଇ
ସକଳ ଦିଶ ।
ଏତେବେଳେ ତୁମେ କାହିଁ ରହିଅଛ
ରହିଛ କାହିଁ ?
ଦିବସ ରଜନୀ ଝୁରି ପଡ଼ିଅଛି
ତୁମରି ପାଇଁ ।
ଆହେ ମୋର ଶିବ ସତ୍ୱର ଆସି
ପିଇଦେଇ ଯାଅ ଏ ଗରଳ ରାଶି
ତୁମରି ବିନା ଏ ସାଧ କାହାର,
କହୁଚ କିସ ।" (କାବ୍ୟନାୟିକା- ପୃ୦ ୨୧୭)

ଆଜି ନବ୍ୟ ସଭ୍ୟତାର ଯାନ୍ତ୍ରିକ ମନ୍ଥନ ଦଣ୍ଡ ଏହି ବିଶ୍ୱସାଗର ମଧ୍ୟରୁ ବିଷମ ବିଷ ଉଦ୍‌ଗତ କରାଇଛି । ପ୍ରାକୃତିକ ପରିବେଶର ବିପର୍ଯ୍ୟୟ ଦେଖି କବିପ୍ରାଣ ମର୍ମାହତ ହୋଇଅଛି । ତେଣୁ କବି ପୁନର୍ବାର ବିଷପାନ ନିମନ୍ତେ ମହାଦେବଙ୍କ ନିକଟରେ ନମ୍ର ନିବେଦନ ଜଣାଇଛନ୍ତି । ଅତଏବ ଜଳାଭିଷେକ ମାଧ୍ୟମରେ ମହାଦେବଙ୍କ ପୀଡ଼ା ନିବାରଣ ଯେତିକି ଜରୁରୀ ଏହି ସୁନ୍ଦରୀ ଧରାକୁ ବିଷଗ୍ରାସରୁ ରକ୍ଷା କରିବା ମଧ୍ୟ ତତୋଽଧିକ ଜରୁରୀ ।

ଶ୍ରାବଣିକ ଯାତ୍ରା ଶ୍ରଦ୍ଧା ଓ ବିଶ୍ୱାସର ଯାତ୍ରାରେ ପରିଣତ ହେଉ । କବି ଗଡ଼ନାୟକଙ୍କର ଆକୁଳ ନିବେଦନ ସତ୍ତ୍ୱେ ସଦାଶିବ ପୁନର୍ବାର ବିଷ ଭକ୍ଷଣ ପୂର୍ବକ ସୃଷ୍ଟି ରକ୍ଷା ନିମନ୍ତେ ଆଉଥରେ କାଳକୂଟ ପାନ କରିବେ ନାହିଁ । କିନ୍ତୁ ଆମର ଶ୍ରାବଣିକ ଯାତ୍ରା ମଧ୍ୟ ସଦାଶିବଙ୍କୁ ବିଷପାନରୁ ନିବୃତ୍ତ କରାଇବା ଉଦ୍ଦେଶ୍ୟରେ ଅନ୍ୟତମ ଶପଥ ଯାତ୍ରା ହେଉ । କେବଳ ଶ୍ରାବଣିକ ଯାତ୍ରା ନୁହେଁ ଆମ ଜୀବନର ପ୍ରତିଟି ପଦକ୍ଷେପ ବସୁନ୍ଧରାର ସୁରକ୍ଷା ନିମନ୍ତେ ଅଭିପ୍ରେତ ହେବା ଉଚିତ ।

**ଡ଼କ୍ଟର ସଂଜିତା ମିଶ୍ର,** ଓଡ଼ିଆ ବିଭାଗ
ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

DOI : https://doi.org/10.5281/zenodo.16919329　ମୂଳ ପ୍ରବନ୍ଧ

# ସାରଳା ସାହିତ୍ୟରେ ଭାଷାଭିତ୍ତିକ ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ସ୍ୱାତନ୍ତ୍ର୍ୟତାର ରୂପରେଖ

**ଅରବିନ୍ଦ ଦାସ**

**ସଂକ୍ଷିପ୍ତସାର :**

ସାରଳା ଦାସଙ୍କ ପୂର୍ବରୁ ପ୍ରାଚୀନ କବି ମାନେ ଅନେକ ସାହିତ୍ୟ ସୃଷ୍ଟି କରିଥିଲେ ମଧ୍ୟ ସାରଳା ଦାସଙ୍କ ରଚିତ ସୃଷ୍ଟି ସମ୍ଭାରଗୁଡ଼ିକୁ ସେହି ସମୟର ସମୃଦ୍ଧ ଭାଷାର ଆଖ୍ୟା ଦିଆ ଯାଇପାରେ । ସେ ନିଜକୁ ଜଣେ ଶାସ୍ତ୍ର ଅନଭିଜ୍ଞ ବୋଲି ପ୍ରକାଶ କରିଥିଲେ ମଧ୍ୟ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ ସେ ଜଣେ ଅସାଧାରଣ ପାଣ୍ଡିତ୍ୟସମ୍ପନ୍ନ ବ୍ୟକ୍ତି ବୋଲି ଜଣାପଡେ। ଏହି ନିବନ୍ଧରେ ତାଙ୍କ ରଚିତ ମହାଭାରତରେ ବ୍ୟବହୃତ ଶବ୍ଦଗୁଡ଼ିକ ତତ୍କାଳୀନ ସଂସ୍କୃତ ପୁରାଣ ଓ କାବ୍ୟଗୁଡ଼ିକର ଶବ୍ଦ ସହିତ ରହିଥିବା ସାମଞ୍ଜସ୍ୟରୁ ତାଙ୍କ ପାଣ୍ଡିତ୍ୟ ଓ ବହୁ ଶାସ୍ତ୍ରଦର୍ଶିତାର ପରିଚୟ ମିଳେ । ବିଲଙ୍କା ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ, ଲକ୍ଷ୍ମୀ ନାରାୟଣୀ ବଚନୀକା ଆଦି ପ୍ରତ୍ୟେକ ରଚନାରେ ଚରିତ୍ରଭାଷା ଓ ପରିକଳ୍ପନା ଦୃଷ୍ଟିରୁ ରହିଛି ଉତ୍କଳୀୟ ପୃଷ୍ଠ ଭୂମି ଓ ସ୍ୱକୀୟତାର ମୌଳିକ ପ୍ରମାଣ । ନିବନ୍ଧର ପ୍ରସ୍ତୁତି ପାଇଁ ମୂଳ ତାଳପତ୍ର ପୋଥିଗୁଡ଼ିକୁ ଅନୁକରଣ କରି ଶବ୍ଦ ଚୟନ କରାଯିବା ସହ ପୋଥିଗୁଡ଼ିକ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ମୂଲ୍ୟାଙ୍କନ କରାଯାଇଛି। ଏହା ସହିତ ସାରଳା ମହାଭାରତର ବିଭିନ୍ନ ଛପା ସଂସ୍କରଣକୁ ତୁଳନା କରି ପାଠ ପ୍ରସ୍ତୁତ ହୋଇଛି ।

**ପ୍ରମୁଖ ଶବ୍ଦାବଳୀ :**

ସାରଳା ମହାଭାରତ ,ପୋଥି, ପ୍ରାଚୀନ ଭାଷା, ତାଳପତ୍ର , ବ୍ୟାଖ୍ୟା , ପାଣ୍ଡୁଲିପି, ପ୍ରତିଲିପିକରଣ,ଭାଷାତାତ୍ତ୍ୱିକ,ଶବ୍ଦବିଭ୍ରାନ୍ତି ,ମାତ୍ରାଲୋପ, ଉଚ୍ଚାରଣ, ସମାକ୍ଷର,ପଂକ୍ତି, ପ୍ରକ୍ଷିପ୍ତତା, ଗଦ୍ୟାତ୍ମକ ଶବ୍ଦଚୟନ।

## ପ୍ରସଙ୍ଗ :

ସ୍ୱତନ୍ତ୍ରତା ସାରଳା ମହାଭାରତର ଭାଷା ଓ ବର୍ଣ୍ଣନା ଶୈଳୀ ପ୍ରସଙ୍ଗରେ ଆଲୋଚନା ପ୍ରସଙ୍ଗରେ ସାରଳା ଦାସଙ୍କ ଭାଷା ପ୍ରୟୋଗ, କଳ୍ପନା ପ୍ରବଣତା ଓ ରଚନା ଶୈଳୀର ନିପୁଣତା ଯୋଗୁ ତାଙ୍କ ରଚିତ ମହାଭାରତ ଏକ ପ୍ରସିଦ୍ଧ ମହାପୁରାଣ ବୋଲି କୁହାଯାଇପାରେ। ସାରଳା ଦାସଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ପୁରାଣ ସୃଷ୍ଟି ହୋଇନାହିଁ କହିଲେ ଚଳେ। ସାରଳା ମହାଭାରତର ବସ୍ତୁବିନ୍ୟାସ, ବର୍ଣ୍ଣନା, ନୀତିବାକ୍ୟ ଓ ପାଣ୍ଡିତ୍ୟ ପ୍ରଦର୍ଶନ,ଅଳଙ୍କାର ବିଧାନ, ଛନ୍ଦ ଯୋଜନା, ଭାଷା ଆଦି କେତେକ ବୈଶିଷ୍ଟ୍ୟ ରହିଛି । ଭାଷା ଦିଗରୁ ସାରଳା ମହାଭାରତର ସ୍ୱାତନ୍ତ୍ର୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ସାରଳା ମହାଭାରତର ସାହିତ୍ୟିକ ମୂଲ୍ୟବୋଧ ସଂପର୍କରେ ଆଲୋଚନା କରାଯାଇପାରେ। ସାରଜା ଦାସଙ୍କ ପୂର୍ବରୁ ଯେଉଁ ଓଡ଼ିଆ ସାହିତ୍ୟ ଥିଲା ତାହା ଭାଷା ଓ ସାହିତ୍ୟ କଳା ଦିଗରୁ ଥିଲା ଅସମୃଦ୍ଧ । ସେହି ଅସମୃଦ୍ଧ ଭାଷା-ସାହିତ୍ୟର ପିଢ଼ିରେ ସାରଳାଙ୍କ ସାଧନା ଓ ମହାଭାରତ ପରି ସୃଷ୍ଟି କଳ୍ପନା ଯେ ତାଙ୍କୁ 'ଆଦିକବି'ର ମାନ୍ୟତା ଦେଇଛି ଓ ଦେବା ମଧ୍ୟ ଯଥାର୍ଥ। ଆମ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16919329
Article No - BPP00322

**ଯୋଗାଯୋଗ :**
**ଡକ୍ଟର ଅରବିନ୍ଦ ଦାସ,** ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡ଼ିଶା
**E-mail.ID :** dasaurobinda4@gmail.com
**ORCID ID :** https://orcid.org/0009-0008-1896-5667

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୫.୨୦୨୫ | ୧୧.୦୬.୨୦୨୫ | ୨୫.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ଅରବିନ୍ଦ; ୨୦୨୫। ସାରଳା ସାହିତ୍ୟରେ ଭାଷାଭିତ୍ତିକ ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ସ୍ୱାତନ୍ତ୍ର୍ୟତାର ରୂପରେଖ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ ; ପୃଷ୍ଠା :୯-୨୩।

ପାଖରେ ଥିବା ପାଣ୍ଡୁଲିପିଗୁଡିକ ମଧ୍ୟରେ ତିନୋଟି ମୁଖ୍ୟ କାରଣ ପାଇଁ ଆମେ ଓ.ଆର୍.ପି.୩୬୨କୁ ଆମର ମୁଖ୍ୟ ପାଣ୍ଡୁଲିପି ଭାବରେ ଚୟନ କରିଛୁ । ଯଦିଓ ଏହା ଅତି ପୁରାତନ ନୁହେଁ । ସମ୍ଭବତଃ ଏହା ବୋଧହୁଏ ଏକ ଭିନ୍ନ ପାଣ୍ଡୁଲିପି ପରିବାର ଅନ୍ତର୍ଭୁକ୍ତ । ଯେତେବେଳେ ଆମେ ଏହାକୁ ଆର୍କିଟାଇପ ବୋଲି କହିବା ଦରକାର, ଏହା ମୂଳ ପାଣ୍ଡୁଲିପିର ନିକଟତମ ସଂସ୍କରଣ ବୋଲି କୁହାଯାଇପାରେ । ଏହାର ଅନ୍ୟାନ୍ୟ ବୈଶିଷ୍ଟ୍ୟଗୁଡିକ ପାଠ୍ୟର ଆଞ୍ଚଳିକ ପ୍ରସାରଣ ଏବଂ ପରିବର୍ଗକୁ ବୁଝିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ପ୍ରଦାନ କରେ । ଏହା ମଧ୍ୟ ମହାଭାରତର ସ୍ଥାନୀୟ ରୂପରେଖ ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରେ । ସଂପାଦକ କାର୍ଯ୍ୟ ପାଣ୍ଡୁଲିପିଗୁଡିକ ମଧ୍ୟରେ ଉଭୟ ଛୋଟ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକୁ ନେଇ ତୁଳନା କରିବା ସହିତ ପାଠ ପ୍ରସ୍ତୁତ କରିବା । ଛୋଟ ଭିନ୍ନତା ସାଧାରଣତଃ ଲିପିବଦ୍ଧ ଅଭ୍ୟାସରୁ ଉତ୍ପନ୍ନ ହୁଏ, ଯେପରିକି ବନାନ କିମ୍ବା ଲେଖା ସମ୍ମିଳନୀ ମଧ୍ୟରେ ପାର୍ଥକ୍ୟ । ଏହା ପାଠକୁ ବିଶେଷ ପରିବର୍ତ୍ତିତ କରେ ନାହିଁ । ଅବଶ୍ୟ, ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡିକ ଏକ ନୂତନ ଆହ୍ୱାନ ଉପସ୍ଥାପନ କରେ, ଯେହେତୁ ବିଭିନ୍ନ ସମ୍ପ୍ରଦାୟ ଏହି ପାଠକୁ ଯେଉଁଭଳି ଭାବରେ ବୁଝିଥିଲେ, ସେହିଭଳି ଭାବରେ ବ୍ୟାଖ୍ୟା କରିଛନ୍ତି । ସେମାନେ ପ୍ରାୟତଃ ତଦନୁସାରେ ପ୍ରତିଫଳିତ କରିଛନ୍ତି । ଅର୍ଥାତ୍ ଯାହା ବିଷୟବସ୍ତୁ କିମ୍ବା ଅର୍ଥରେ ଉଲ୍ଲେଖନୀୟ ଭିନ୍ନତାକୁ ଗ୍ରହଣ କରାଯାଇଛି । ବେଳେବେଳେ କପି ପ୍ରକ୍ରିୟା ସମୟରେ ଅସାବଧାନତା ଯୋଗୁ ଏହି ପରିବର୍ତ୍ତନଗୁଡ଼ିକ ଭିନ୍ନ ହୋଇପାରେ । ପାଠ୍ୟର ଏହି ସମନ୍ୱିତ ଉପସ୍ଥାପନା କରିବାକୁ ଚେଷ୍ଟା କରୁଥିବାବେଳେ ଆମେ ପ୍ରକୃତ ବ୍ୟାଖ୍ୟାତ୍ମକ ପାର୍ଥକ୍ୟକୁ ପ୍ରତିଫଳନ କରୁଥିବା ଶବ୍ଦ ତଥା ବିଷୟ ଏବଂ କେଉଁଟି ତ୍ରୁଟି ରହିଛି ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଛୁ । ଏଥିପାଇଁ ଆମେ ଏହି ପରିବର୍ତ୍ତନଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେଇଛୁ । ପାଠକମାନଙ୍କ ସୁବିଧା ପାଇଁ, ଆମେ ପ୍ରଫେସର ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂସ୍କରଣରେ ମିଳିଥିବା ସମାଜ ଫର୍ମ ଏବଂ କ୍ରମକୁ ମେଳାଇବା ପାଇଁ ଡିଜିଟାଲ ସଂସ୍କରଣରେ ଅଧ୍ୟାୟଗୁଡ଼ିକୁ ସଂଗଠିତ କରିଛୁ । ଏହା ଧ୍ୟାନ ଦେବା ଜରୁରୀ ଯେ, ତାଳପତ୍ରର ପାଣ୍ଡୁଲିପିଗୁଡିକର ନକଲ କରିବା ସମୟରେ ଏହାର କୌଣସି ସ୍ଥିର କ୍ରମ ପାଳନ କରାଯାଏ ନାହିଁ, ବେଳେବେଳେ ଏଗୁଡିକ ଅନ୍ୟ ବିଭାଗ ମଧ୍ୟରେ ବିଛା ଯାଇଥିବାର ଦେଖାଯାଏ । ଏଥିପାଇଁ ଆମେ ଅନ୍ୟ ଛପା ପାଠ ତଥା ତାଳପତ୍ର ପାଣ୍ଡୁଲିପିଗୁଡିକ ସହ ତୁଳନା କରି ପାଠ ପ୍ରସ୍ତୁତ କରିଛୁ ।

ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇପାରେ । **ଉଦାହରଣ (୧) ଜୟ ତୁ ଦଧିମଙ୍ଗଳ ବିଘ୍ନରାଜ ଓ.ଆର୍.ପି.୩୬୨; ଜୟ ତୁ ଦଧି ମଙ୍ଗଳ ବିଘ୍ନରାଜ ଗୋ.ମ.୧୦; ଜୟ ଜୟ ଦଧିମଙ୍ଗଳ ହେ ବିଘ୍ନରାଜ ରା.ର; ଜୟତୁ ଦଧି-ମଙ୍ଗଳ ବିଘ୍ନରାଜ ଆ.ବ; କୃ.ଚ.ସା; ଜାହାର ଦ୍ରସନେ ଜେ ସୀଦ୍ଧ ସବିକାର୍ଯ୍ୟ ଓ.ଆର୍.ପି.୩୬୨; ଯାହାର ପ୍ରସନେ ସିଦ୍ଧି ସର୍ବକାର୍ଯ୍ୟ ଗୋ.ମ.୧୦; ଯାହାର ପ୍ରସନ୍ନେ ସିଦ୍ଧି ହୁଏ ସର୍ବ କାର୍ଯ୍ୟ ରା.ର; ଯାହାର ପ୍ରସନ୍ନେ ସିଦ୍ଧ ହୁଅଇ ସର୍ବକାର୍ଯ୍ୟ ଆ.ବ; ଯାହାର ଦଶନେ ସିଦ୍ଧ ହୁଅଇ ସର୍ବ କାର୍ଯ୍ୟ କୃ.ଚ.ସା;** । ସମାଲୋଚକ ପାଠ୍ୟକୁ ନେଇ ଆମେ ନିମ୍ନଲିଖିତ ଭାବରେ ଆଲୋଚନା କରିଛୁ । ବିପ୍ରରାଜର ଅର୍ଥ ହେଉଛିବ୍ରାହ୍ମଣ ରାଜ ବିଘ୍ନରାଜର ଅର୍ଥ ହେଉଛି ଗଣେଶ । ପରବର୍ତ୍ତୀ ପଦଗୁଡିକରେ ବିଘ୍ନେଶ୍ୱର ଥିବାରୁ ବିଘ୍ନରାଜ ରଖିଲେ ପାଠ ସୁସଙ୍ଗତ ରକ୍ଷା ହୋଇପାରିବ । ଜୟତୁ ର ଅର୍ଥ ହେଉଛିସ୍ତୁତି ବା ପ୍ରାର୍ଥନାରେ ସମ୍ବୋଧନ, ଇଷ୍ଟ କୀର୍ତ୍ତିଗାନ । ଜୟତୁ ଦଧି ମଙ୍ଗଳ ବିଘ୍ନରାଜ । ଜୟତି ଶବ୍ଦ ଅନୁକ୍ରମରେ ଗଠିତ ପରି ମନେହୁଏ । 'ଦର୍ଶନେ' ହେଉଛି ଦ୍ରସନେର ( ଓ.ଆର୍.ପି.୩୬୨ ) ଆଧୁନିକ ରୂପ । ଯାହାର ପ୍ରସନ୍ନେର ଅର୍ଥ ହେଉଛି ଯାହାଙ୍କର ଆଶୀର୍ବାଦ ଅଥବା କୃପାରୁ ଯାହାର ଦର୍ଶନେ ଅର୍ଥ ହେଉଛି ଯାହାଙ୍କର ଦର୍ଶନ ଯୋଗୁଁ । ଉଲ୍ଲେଖନୀୟ ପାର୍ଥକ୍ୟ ସଫଳତାର ମାନଦଣ୍ଡରେ ନିହିତ । ପ୍ରଥମ ବାକ୍ୟରେ ସଫଳତାକୁ ଦେବତାଙ୍କ ସୁଖରେ ବାନ୍ଧି ଅଧିକ ବିଷୟଗତ ଓ ଭାବଗତ ମାପକାଠି ଉପରେ ଗୁରୁତ୍ୱାରୋପ କରାଯାଇଛି । ଦ୍ୱିତୀୟ ବାକ୍ୟରେ ସଫଳତାର ଚାବିକାଠି ଭାବେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଦେବତାଙ୍କ ଦର୍ଶନ କରିବା କାର୍ଯ୍ୟ ସହ ସଫଳତା ଯୋଡିହୋଇଛି । ' **ଦଧିମଙ୍ଗଳଙ୍କ** ପାଇଁ ଗୌରବ, **ବିଘ୍ନରାଜଙ୍କ** ପାଇଁ ଗୌରବ । ତୁମ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ବ୍ୟକ୍ତିମାନେ ସେମାନଙ୍କର ହୃଦୟର ଗଭୀର ପ୍ରଦେଶରୁ ପ୍ରଣାମ କରୁଛି । ପାଣ୍ଡୁଲିପି ଗୁଡ଼ିକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଏ । ଗୋଟିଏ ସଂସ୍କରଣ ସୂଚିତ କରେ ସେ ଆଶୀର୍ବାଦ ଦେବତାଙ୍କ ସୁଖ ଉପରେ ନିର୍ଭର କରେ: " ଯଦି ତୁମେ ସନ୍ତୁଷ୍ଟ ତେବେ ତୁମେ ସେମାନଙ୍କୁ ଆଶୀର୍ବାଦ କର,' ଅନ୍ୟ ସଂସ୍କରଣ ସୂଚାଇଥାଏ ସେ ଦେବତାଙ୍କର କେବଳ ଦର୍ଶନରେ ଆଶୀର୍ବାଦ ଆସିଥାଏ: 'ଯେତେବେଳେ ଲୋକମାନେ ଦେଖନ୍ତି ତୁମେ ଆଶୀର୍ବାଦପ୍ରାପ୍ତ । ପ୍ରଥମ ଦେଖାରେ ଏହା ଏକ ସାମାନ୍ୟ ପରିବର୍ତ୍ତନ ପରି ମନେହୁଏ, ଯେହେତୁ ଉଭୟ ସଂସ୍କରଣ ଆଶୀର୍ବାଦ ପ୍ରଦାନକୁ ଗୁରୁତ୍ୱ ଦେଇଥାଏ । ତଥାପି, ନିକଟତର ପରୀକ୍ଷଣ ପରେ ଅର୍ଥର ପାର୍ଥକ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ପ୍ରଥମ ସଂସ୍କରଣରେ ଦେବତାର ସୁଖ କିମ୍ବା ସନ୍ତୁଷ୍ଟତା ଉପରେ ନିର୍ଭର କରି ଆଶୀର୍ବାଦ ସର୍ତ୍ତମୂଳକ ଅଟେ । ଏହା ଏକ ସମ୍ପର୍କର ପରିଚୟ ଦେଇଥାଏ ଯେଉଁଠାରେ ଭକ୍ତି, ରୀତିନୀତି କିମ୍ବା ଦେବତାଙ୍କ ଭୋଗ ଦ୍ୱାରା ଭଗବାନଙ୍କ କୃପା ଅର୍ଜନ କରାଯିବା ଆବଶ୍ୟକ । ଏହା ଦେବତାଙ୍କ

ଅନୁଗ୍ରହ ବଜାୟ ରଖିବାର କିମ୍ବା ସନ୍ତୁଷ୍ଟ କରିବାର କୌଣସି ଆବଶ୍ୟକତା ବିନା ଦେବତାଙ୍କୁ ସାକ୍ଷୀ ଦେଇ ଦିଆଯାଏ । ଏହି ବ୍ୟାଖ୍ୟା ନିଜେ ଧ୍ୟାନ ଦେବତାଙ୍କ ଉପସ୍ଥିତିର ଶକ୍ତିକୁ ସ୍ଥାନାନ୍ତରିତ କରେ, ସୁଚାଇଥାଏ ଯେ ଦେବତାଙ୍କ କୃପା ପ୍ରଚୁର ଏବଂ ସେମାନଙ୍କୁ ଦେଖୁଥିବା ସମସ୍ତଙ୍କ ପାଇଁ ଉପଲବ୍ଧ । ଦେବତାଙ୍କୁ ଦେଖିବାର କାର୍ଯ୍ୟ ଆଶୀର୍ବାଦ ଆଣିବା ପାଇଁ ଯଥେଷ୍ଟ । ଏହା ଅଧିକ ଉଦାର ସମ୍ପର୍କ ଜାତ କରିଥାଏ ତଥା ଦେବତା ଏବଂ ଉପାସକ ମଧ୍ୟରେ ଅଧିକ ସହନଶୀଳତା ଉପସ୍ଥାପନ କଲେ । ଅପରପରେ ପ୍ରଥମ ସଂସ୍କରଣ ପୂଜାପାଠର ଅଧିକ କାରବାର ପ୍ରକୃତି ଉପରେ ଗୁରୁତ୍ୱ ଦେଇଥାଏ । ଉଭୟ ବ୍ୟାଖ୍ୟା ଦେବତାଙ୍କ ଆଶୀର୍ବାଦର କେନ୍ଦ୍ରୀୟ ଧାରଣାକୁ ଅଂଶୀଦାର କରୁଥିବାବେଳେ, ଏକ ସର୍ତ୍ତମୂଳକରୁ ଏକ ସର୍ତ୍ତମୂଳକ ଢାଞ୍ଚାରେ ଦେବତାଙ୍କ ଅନୁଗ୍ରହ ଏବଂ ଦେବତାଙ୍କ ସହିତ ପୂଜକଙ୍କର ସମ୍ପର୍କକୁ ଯଥେଷ୍ଟ ପରିବର୍ତ୍ତନ କରିଥାଏ । ଏହି ପରିବର୍ତ୍ତନ ଯଥେଷ୍ଟ ତତ୍ତ୍ୱଗତ ପ୍ରଭାବ ଧାରଣ କରିଥାଏ । **ଉଦାହରଣ (୨)ଆ.ପ. ଶା.ବି. [୭୪]କ ଶାନ୍ତନୁ ଯେ ବୈଷ୍ଣବ ଭାବ ଦେଖି] ଓ.ଆର୍.ପି.୩୬୨; ସାୟେତନୁଙ୍କର ଗୋ.ମ.୧୦;ଶାୟେଂତନୁଙ୍କ ଆ.ବ; ଶାନ୍ତନୁଙ୍କର କ.ପ୍ରି.କ; ଶାୟେଂତନୁଙ୍କର କୃ.ଚ.ସା; ସାୟଉନୁଙ୍କର ଓ.ଆର୍.ପି.୧୨୪୫; ସାୟେଂତନୁ ଜେ ଓ.ଆର୍.ପି.୩୬୨; ନିଷ୍ଠୁର ଭାବଦେଖି ଗୋ.ମ.୧୦; ଯେ କଠୋର ବ୍ରତଭାବ ଦେଖି ଆ.ବ; ଅତି ନିଷ୍ଠୁର ଭାବ ଦେଖି କ.ପ୍ରି.କ; ନିଷ୍ପାପର ଭାବ ଦେଖି କୃ.ଚ.ସା; ଅନେକ ନିଷ୍ଠା ଦେଖି ଓ.ଆର୍.ପି.୧୨୪୫; ବୈଷ୍ଣଂବ ଭାବ ଦେଖି ଓ.ଆର୍.ପି.୩୬୨;** କଠୋର ବ୍ରତ ଭାବ, ଅତି ନିଷ୍ଠୁର ଭାବ,ନିଷ୍ପାପର ଭାବ, ଅନେକ ନିଷ୍ଠା, ବୈଷ୍ଣଂବ ଭାବ : ଏହିସବୁ ଏକ ଭାବପ୍ରବଣତା ପ୍ରସଙ୍ଗ । ସବୁଥିରେ ଶାନ୍ତନୁ ତାଙ୍କ ପତ୍ନୀ ଗଙ୍ଗା ଠାରୁ ନିଜକୁ ଦୂରେଇ ରଖିବା ନିଷ୍ପତିକୁ ଦର୍ଶାଯାଇଛି । ବୈଷ୍ଣଂବ ଭାବ ଉଦାସୀନତା ଅର୍ଥାତ୍ ସଂସାରର ବୈରାଗ୍ୟତାକୁ ସୂଚାଉଛି । ସେହିପରି କଠୋର ବ୍ରତ ଭାବ, ଅତି ନିଷ୍ଠୁର ଭାବ,ନିଷ୍ପାପର ଭାବ, ଅନେକ ନିଷ୍ଠା କଠୋର ସାଧନା ସମ୍ବନ୍ଧିତ ବୋଲି ମନେହୁଏ । ଏହି ବ୍ୟାଖ୍ୟା ପାଠରେ ଶାନ୍ତନୁଙ୍କ ଆଧ୍ୟାତ୍ମିକ ଏବଂ ଭାବପ୍ରବଣତା ସହିତ ଅଧିକ ଘନିଷ୍ଠ ଅଟେ । **ଉଦାହରଣ (୩)** ଆ.ପ. ଶା.ବି.ଥ [୮୮ଖ] ରାଜପଦେ ପଶି କିମ୍ପା ଚିନ୍ତ ଏକାଦଶୀ ] ଓ.ଆର୍.ପି.୩୬୨; ରାଯ୍ୟପଦେ ପସିଂ ଗୋ.ମ.୧୦; ରାଜପଦେ ବସି ଆ.ବ; ରାଜ୍ୟପଦ ଛାଡି କ.ପ୍ରି.କ; ରାଜପଦେ ପଶି କୃ.ଚ.ସା; ରାଜ ପରେଦଶ ଜେ ଓ.ଆର୍.ପି.୧୨୪୫; ରାଜପଦେ ପସିଂ ଓ.ଆର୍.ପି.୩୬୨; କାଂପାଂ ଚିନ୍ତ ଯେକାଦିସି ଗୋ.ମ.୧୦; କିମ୍ପା ଭଜୁ ଯେକାଦଶୀ ଆ.ବ; କିପାଁ କର ଏକାଦଶୀ କ.ପ୍ରି.କ; କିମ୍ପା କରୁ ଯେକାଦଶୀ କୃ.ଚ.ସା; କରିବୁ ସେନାପତି ଓ.ଆର୍.ପି.୧୨୪୫; କାଂପାଂ ଚିନ୍ତ ଯେକାଦିସୀ ଓ.ଆର୍.ପି.୩୬୨; । ଏଥିରେ ବୈଷ୍ଣବ ଭାବ ତଥା ଶାନ୍ତନୁଙ୍କ ଆଧ୍ୟାତ୍ମିକ ଚିନ୍ତନ ସଂପର୍କରେ କୁହାଯାଇଛି । ଏକାଦଶୀ ବ୍ରତ ହେଉଛି ନିଷ୍ପାପର ଭାବର ପରିମାପକ । ସାଧରଣ ପରିବର୍ତ୍ତନଗୁଡ଼ିକ ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ପଦ ବା ଶବ୍ଦର ବିକୃତ ରୂପ ଗ୍ରହଣ ,ମାତ୍ରା ଲୋପ ହେତୁ ଶବ୍ଦ ବିଭ୍ରାନ୍ତି ଓ ପଦ ବା ଶବ୍ଦର ବିକୃତ ରୂପ ଗ୍ରହଣ କଥା ଉଲ୍ଲେଖ କରାଯାଇଛି ।

ଏହି ପରିପ୍ରେକ୍ଷୀରେ , ଯଦି "ପ୍ରସଙ୍ଗଟି ପ୍ରାସଙ୍ଗିକ" କିମ୍ବା "କାନ୍ଦିବା ଏବଂ ଶୋଇବା" ଏବଂ କାନ୍ଦ କାନ୍ଦ ଆଙ୍ଗିକ ("ଶୋଇବା ଏବଂ କାନ୍ଦିବା") ମଧ୍ୟରେ ଗୁରତ୍ୱପୂର୍ଣ୍ଣ ପରିବର୍ତ୍ତନ ଭାବରେ ବିବେଚନା କରାଯାଇପାରେ । ଅର୍ଥ ତେଣୁ, ଯଦି ସମ୍ପାଦକ ଏକ ନିରାଶାର ଗଭୀର ଭାବନାକୁ ଗୁରୁତ୍ୱ ଦେବାକୁ ଚାହାନ୍ତି, ତେବେ ସୋମାନେ ଶୋଇବା ଏବଂ କାନ୍ଦିବାକୁ ବାଛିପାରନ୍ତି , କାରଣ ଏହା ଏକ ଭାବପ୍ରବଣ ପ୍ରତିକ୍ରିୟା ସୃଷ୍ଟି କରିପାରେ , ଏକ ସମ୍ପୂର୍ଣ୍ଣ ଭାବପ୍ରବଣତା କିମ୍ବା ଅସହାୟତା ହୋଇପାରେ । ଏପରି ପରିସ୍ଥିତିରେ, ପରିବର୍ତ୍ତନଟି ଗୁରୁତ୍ୱପୂର୍ଣ୍ଣ ହେବ । ତଥାପି , ଯେହେତୁ ପାଠ୍ୟର ସାମଗ୍ରିକ ଅର୍ଥ କିମ୍ବା ବିଷୟବସ୍ତୁ ଉପରେ ଆଭିମୁଖ୍ୟ କୌଣସି ପ୍ରଭାବ ନାହିଁ , ଆମେ ଏକ ଛୋଟ କିମ୍ବା ଅଣ – ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ ଦେଖୁ । ବସିବା ଏବଂ କାନ୍ଦିବା ବନାମ ଶୋଇବା ଏବଂ କାନ୍ଦିବା ମଧ୍ୟରେ ପସନ୍ଦ ଅନୁବାଦରେ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ପ୍ରତ୍ୟେକ ବିକଳ୍ପ ବିଭିନ୍ନ ସଂଯୋଗ ଧାରଣ କରିଥାଏ, ଯାହା ମୂଳ ପାଠ୍ୟର ଭାବପ୍ରବଣ ସ୍ୱରକୁ କିପରି ପ୍ରଭାବିତ କରିଥାଏ, ତାହା ଉପରେ ପ୍ରଭାବ ପକାଇପାରେ । ଅନୁବାଦରେ, ଏହିପରି ସୂକ୍ଷ୍ମ ପରିବର୍ତ୍ତନ ଗୁଡିକ ପାଠକମାନଙ୍କ ଚରିତ୍ର ଓ ପରିସ୍ଥିତି ବିଷୟରେ ଧାରଣାକୁ ଆକୃଷ୍ଟ କରେ । ଯଦି ଅନୁବାଦକ ଶୋଇବା ଓ କାନ୍ଦିବା ପାଇଁ ପସନ୍ଦ କରନ୍ତି, ତେବେ ଏହା ଏକ ଗଭୀର ଭାବପ୍ରବଣ ଆତ୍ମସମର୍ପଣ କିମ୍ବା ଓ ଅସହାୟତାକୁ ସୂଚିତ କରେ, ଯେତେବେଳେ କି ବସି କାନ୍ଦିବା ଏକ ସାନ୍ତ୍ୱନା ସହିତ ଦୁଃଖକୁ ସୂଚାଇପାରେ । ତେଣୁ, ଏହିପରି ଭିନ୍ନତାଗୁଡିକରେ ସମ୍ପାଦକୀୟ ପସନ୍ଦ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ମୂଳ ପାଠ୍ୟର ଅର୍ଥ । ଏହାସହିତ ଭାବପ୍ରବଣତା କିପରି ଅନ୍ୟ ଭାଷାରେ ସ୍ଥାନାନ୍ତରିତ ହୁଏ, ଏହାର ସିଧାସଳଖ ପ୍ରଭାବ ପଡିଥାଏ ।

**ଉଦାହରଣ(୫)** ପାଣ୍ଡୁଲିପିଗୁଡିକରେ ଭୁଲ୍ ବ୍ୟାଖ୍ୟା ପ୍ରାୟତଃ ଅକ୍ଷରଗୁଡିକର ଆକୃତିର ସମାନତା ହେତୁ ଘଟିଥାଏ , ଯାହା ଟ୍ରାନ୍ସକ୍ରିପସନ୍ ତ୍ରୁଟି ଓ ଭୁଲ୍ ଶବ୍ଦସୀମାକୁ ନେଇପାରେ । ସାମ୍ଭାବ୍ୟ ଭୁଲ ବୁଝାମଣା ଚିହ୍ନଟ କରିବାକୁ, ସମାନ ଆକୃତିର ଅକ୍ଷରଗୁଡିକୁ ଭିଜୁଆଲ

କରିବା ଉପଯୋଗୀ, ଯାହା ପରସ୍ପର ପାଇଁ ଭୁଲ୍ ହୋଇପାରେ । ସ୍କ୍ରିପ୍ଟଗୁଡ଼ିକରେ ଏହି ପଦ୍ଧତି ବିଶେଷ ଉପଯୋଗୀ, ଯେଉଁଠାରେ ଅକ୍ଷରଗୁଡ଼ିକ ଫର୍ମ ସହିତ ସମାନ, କାରଣ ଏହା ତ୍ରୁଟିର ସାମ୍ଭାବ୍ୟ ଉତ୍ସଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରେ ।

ଯେତେବେଳେ ଆମେ ଶବ୍ଦର ସାମ୍ନା କରିଥିଲୁ, ଯାହା ବୁଝିବା କଷ୍ଟକର ଥିଲା । ଆମକୁ ସେହି ଅକ୍ଷରଗୁଡ଼ିକୁ କଳ୍ପନା କରିବାକୁ ପଡୁଥିଲା ଯାହା ଭିଜୁଆଲାଇଜ୍ ସହିତ ସମାନ ଦେଖାଯାଉଥିଲା। ଏହାର କାରଣଟ୍ରାନ୍ସକ୍ରିପର ହୁଏତ ସେମାନଙ୍କୁ ଭୁଲ୍ ବୁଝିଥିବେ ଏବଂ ଶବ୍ଦସୀମାକୁ ଭୁଲଭାବରେ ପରଖିଥିବେ। ଉଦାହରଣସ୍ୱରୂପ ଟ୍ରାନ୍ସକ୍ରିପସନ **ପୁରରବା ନନ୍ଦନ** ବଦଳରେ ପୁରର ବାମନନ୍ଦନ.ପଢିଥିଲେ । **ମ** ଓ **ବ** ଅକ୍ଷର କ୍ଷେତ୍ରରେ ଭିଜୁଆଲ୍ ସମାନତା ହେତୁ ଏକ ଭୁଲ୍ ହୋଇପାରେ। ଏହି ପ୍ରସଙ୍ଗଟି ଗୋପୀନାଥ ନନ୍ଦଶର୍ମା ତାଙ୍କ ଉଦାହରଣରେ ବର୍ଣ୍ଣନାକରିଥିବା "କେଶୀମାୟେ ଓ କେ ସୀମାୟେବିଷୟ ସହିତ କିଛିମାତ୍ରାରେ ସମାନ । ଯେଉଁଠାରେ ଅକ୍ଷରଗୁଡ଼ିକୁ ଭୁଲ୍ ବ୍ୟାଖ୍ୟା କରିବା ଭୁଲ୍ ବିଭାଗକୁ ନେଇଥାଏ ।

କେତେକ ବନାନ ତ୍ରୁଟି, ଯଦି ଟ୍ରାନ୍ସକ୍ରାଇବର ଦ୍ୱାରା ଆଗତ ହୁଏ, ଅର୍ଥରେ ଯଥେଷ୍ଟ ପରିବର୍ତ୍ତନ ଆଣିପାରେ । ଉଦାହରଣସ୍ୱରୂପ ଭାଗିରଥି, ଭାଗିରଥୀ ଆଦି କ୍ଷେତ୍ରରେଜଣେ ଓଡ଼ିଆ ଟ୍ରାନ୍ସକ୍ରାଇବର ହୁଏତ ପୁରୁଷଙ୍କ ପାଇଁ ଦିଆଯାଇଥିବା ଏକ ନାମକୁ ଅଣଦେଖା କରିପାରେ। ଏହାକୁ ଅପରିବର୍ତ୍ତିତ ରଖିପାରେ। ଅବଶ୍ୟ ସଠିକ୍ ଫର୍ମ, ଭାଗିରଥୀଦେବତା ଗଙ୍ଗାଙ୍କୁ ବୁଝାଏ । ସଠିକ୍ ଟ୍ରାନ୍ସକ୍ରିପସନ୍ ପାଇଁ ଏହି ପାର୍ଥକ୍ୟ ପ୍ରତି ଧ୍ୟାନଦେବା ଜରୁରୀ । ଅନ୍ୟ କ୍ଷେତ୍ରରେ, ସାମାନ୍ୟ ବନାମ ପାର୍ଥକ୍ୟ ଅର୍ଥକୁ ବିଶେଷଭାବରେ ପରିବର୍ତ୍ତନ କରିପାରିବ ନାହିଁ, ଯେପରିକି **କେଳି, କେଲୀ ଓ ରଏଣୀ,** ରୟଣୀ ସହିତ ସମାନ ଅର୍ଥ ଅଛି। **ଆ.ପ. ଶା.ବି.[୧୦୦]ଖ ରତି ରଞ୍ଜନ ପାଇଲେ ରଖିଲେ କ୍ରୀଡାରଙ୍ଗ କେଳି] ଓ.ଆର୍.ପି.୩୬୨; ରତୀ ରଗଂ ଲଗାଇଂ ଲେଖିଲେ କୃଡାରଗଂ କେଳି ଗୋ.ମ.୧୦; ରତିବନ୍ଧ ଲିହାଇଲେ କ୍ରୀଡା ରସେ କେଳି ଆ.ବ; ରବି ରଙ୍ଗ ଲଗାଇଲେ କଲେ ରତିକାଳି କ.ପ୍ରି.କ; ରତି ବିନ୍ଧି ଲିହାଇଲେ କ୍ରୀଡାରଙ୍ଗ କେଳି କୃ.ଚ.ସା; ରତରଙ୍ଗ ଲିହାଇବା କ୍ରିଡାରଙ୍ଗ ବୋଳି ଓ.ଆର୍.ପି.୧୨୪୫;ରତି ରଞ୍ଜନ ପାଇଲେ ରଖିଲେ ****** କେଳି ଓ.ଆର୍.ପି.୩୬୨;**(ଶାନ୍ତନୁ ବିବାହ)

ଏହା ଟ୍ରାନ୍ସକ୍ରିପଟରମାନଙ୍କୁ ସାମାନ୍ୟ ପାର୍ଥକ୍ୟକୁ ଅଣଦେଖା କରିପାରେ । ବିଶେଷତଃ.**ବାଉନି, ବାହୁନି**,ବ୍ୟବହାରରେ। **ଆ.ପ. ଶା.ବି. [୧୦୧କ] ଅନେକ ଚାଟୁ ପଟଳେ କରନ୍ତି ଗଗାଂକୁ ବାହୁନ୍ନି] ଓ.ଆର୍.ପି.୩୬୨; ଅନେକ ଚାଟୁ ପଟଳ କରନ୍ତି ଗଗାଂକୁ ବାଉଂନି ଗୋ.ମ.୧୦; ଅନେକ ଚାଟୁ ପଟଳ କରନ୍ତି ଗଙ୍ଗାକୁ ବାଉନି ଆ.ବ; ଅନେକ ଚାଟୁ ଗଙ୍ଗାଙ୍କୁ କହନ୍ତି ବାଉନି କ.ପ୍ରି.କ; ଅନେକ ଚାଟୁ ପଟଳେ ସେ କହନ୍ତି ବାଉନୀ କୃ.ଚ.ସା;; ଅନେକ ଚାଟୁ ବଚନ ଗଙ୍ଗାଙ୍କୁ କହନ୍ତି ବିନୋଇ ଓ.ଆର୍.ପି.୧୨୪୫; ଅନେକ ଚାଟୁ ପଟଳେ ** ଓ.ଆର୍.ପି.୩୬୨;** (ଶାନ୍ତନୁ ବିବାହ)

ଅତିରିକ୍ତ ଭାବରେ ନାପସନ୍ଦ କରିବାକୁ ଏବଂ ବିଳାପ କରିବାକୁ ପରି ଶବ୍ଦଗୁଡ଼ିକ ଟ୍ରାନ୍ସକ୍ରିପଟର ଓ ସମ୍ପାଦକମାନଙ୍କୁ ମଧ୍ୟ ଦ୍ୱନ୍ଦରେ ପକାଇପାରେ । ଯଦି ସେମାନଙ୍କର ସ୍ଥାନୀୟ ଭାଷା ବ୍ୟବହାର ସହିତ ପରିଚିତ ନଥାଏ, ସେମାନେ ଏହି କାର୍ଯ୍ୟ କରିବାକୁ ସମସ୍ୟାରେ ପଡିଥାନ୍ତି ।

**ଆ.ପ. ଶା. [ବି.୨ଖ] ଦୁହିତାକୁ ଦେଖି ସେ ନୀର୍ଘାତ କ୍ରୋଧ କଲେ] ଓ.ଆର୍.ପି.୩୬୨; ଦୁହିତାକୁ ଚାହିଁ ଦିନେ ରା.ରା; ନିର୍ଘାତ କହିଲା ରା.ରା; ଦୋହୀତାକୁ ଦେଖି ସେ ନିର୍ଘାତ କୋପ କଲା ଗୋ.ମ.୧୦; ଦୋହିତାକୁ ଦେଖିଣ ନିର୍ଘାତ ଅନେକ କ୍ରୋଧକଲା ଆ.ବ; ଦୁହିତାକୁ ଦେଖିଣ ସେ; ନିର୍ଘାତ ବୋଇଲା କ.ପ୍ରି.କ; ଦୋହିତାକୁ ଦେଖିଣ ଯେ କୃ.ଚ.ସା; ନିର୍ଘାତ ଶୋକ କଲା କୃ.ଚ.ସା; ଦୁହିତା ରପ ଦେଖି; ନିର୍ଘାତ ହୃଦରେ କ୍ରୋଧ କଲା ଓ.ଆର୍.ପି.୧୨୪୫; ଦୋହିତାକୁ ଦେଖି ସେ ନୀର୍ଘାତ କ୍ରୋଧ କଲେ ଓ.ଆର୍.ପି.୩୬୨;** (ଶାନ୍ତନୁ ବିବାହ)

ଅସ୍ୱଷ୍ଟତାକୁ ଏଡାଇବା ପାଇଁ ଆମେ ଗଙ୍ଗାଙ୍କ ପିତାଙ୍କ ନାମ ପାଇଁ ବନାନକୁ.**ନୀର୍ଘାତ** ବାଛିଛୁ । ଏହାକୁ **ନିର୍ଘାତ**ଠାରୁ ଅଲଗା କରି ଯାହା **ବଡ ଭୟଙ୍କର** କିମ୍ବା **ଗର୍ଜନ ଶବ୍ଦ** ଭଳି ଅର୍ଥ ପ୍ରଦାନ କରେ । ଓଆରପି ୩୬୨ ବ୍ୟତୀତ ଅନ୍ୟ ସମସ୍ତ ସଂସ୍କରଣ ମୂଳତଃ ଦ୍ୱିତୀୟ ବନାନ ବ୍ୟବହାର କରୁଥିବା ବେଳେ ଓଆରପି ୩୬୨ ଉଭୟ ଧାରଣ କରିଥାଏ। ଯେକୌଣସି ଅବାଞ୍ଛିତ ଦ୍ୱିତ ଅର୍ଥକୁ ରୋକିବା ପାଇଁ ଏହି ଆଡଜଷ୍ଟମେ। କରାଯାଇଥିଲା, ଯେଉଁଠାରେ କି **ନିର୍ଘାତ**. ଉଭୟନାମ ଏବଂ ବର୍ଣ୍ଣନାକାରୀ ଶବ୍ଦକୁ ସୂଚାଇପାରେ । ଯେତେବେଳେ ଆମର ମୁଖ୍ୟ ସାକ୍ଷୀ ଶବ୍ଦ ଧାରଣ କରନ୍ତି, ଯାହା ଅନ୍ୟ ସାକ୍ଷୀମାନଙ୍କ ଠାରୁ ଯଥେଷ୍ଟ ଭିନ୍ନ । ଆମେ ଏହି ଶବ୍ଦଗୁଡ଼ିକୁ ବଜାଇ ରଖୁ ଏବଂ ପ୍ରାସଙ୍ଗିକ ସମବାୟ ଶବ୍ଦ ପ୍ରଦାନ କରୁ ଯାହା ଆମର ବ୍ୟାଖ୍ୟାକୁ ସମର୍ଥନ କରେ । ଯେଉଁ କ୍ଷେତ୍ରରେ ପାଣ୍ଡୁଲିପିରୁ ସଠିକ୍ ଶବ୍ଦଗୁଡ଼ିକ ଓଡ଼ିଆ ଅଭିଧାନରେ ଅନୁପସ୍ଥିତ ଆମେ ଇନଲାଇନ୍ ନୋଟ ମାଧ୍ୟମରେ ଅତି ଘନିଷ୍ଠ ଶବ୍ଦଗୁଡ଼ିକ

ଉଲ୍ଲେଖ କରିଛୁ । ଏହି ଶବ୍ଦଗୁଡିକୁ ପ୍ରତିନିଧିତ୍ୱ କରିପାରେ ଯାହା ସର୍ବସାଧାରଣ ସ୍ମୃତିରୁ କ୍ଷୀଣ ହୋଇଯାଇଛି ।

**ସାରଳା ମହାଭାରତର** ଭାଷାତାତ୍ତ୍ୱିକ ଅନୁଶୀଳନ ପୁସ୍ତକରେ ବିଶିଷ୍ଟ ଭାଷାବିତ ପ୍ରଫେସର ଧନେଶ୍ୱର ମହାପାତ୍ର ସାରଳା ମହାଭାରତର ଭାଷା ସଂପର୍କରେ ଉଲ୍ଲେଖ କରି କହିଛନ୍ତି "ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ସ୍ଥିର ରୂପରେଖ ଗ୍ରହଣ କରିସାରିଥିଲା । ଆରମ୍ଭରେ ଏହାର ପ୍ରାଣ ପ୍ରତିଷ୍ଠା କଲେ ସାରଳା ଦାସ । ବର୍ତ୍ତମାନ ଓଡ଼ିଆ ଭାଷାର ଯେଉଁ ସ୍ୱରୂପ, ତାହା ସାରଳା ମହାଭାରତର ଭାଷାର ସ୍ୱରୂପ ଠାରୁ ବିଶେଷ ଭିନ୍ନ ନୁହେଁ । ଅବଶ୍ୟ ପାଞ୍ଚଶହ ବର୍ଷର ବିବର୍ତ୍ତନ ମଧ୍ୟରେ କେତେକ ପ୍ରାଚୀନ ଶବ୍ଦ ଏବଂ କ୍ରିୟା, ବିଭକ୍ତି,ସର୍ବନାମ ପ୍ରଭୃତି ଭାଷାପରିଚାରୟକ ଅଙ୍ଗଗୁଡିକର କେତେକ ପ୍ରୟୋଗ ଅପ୍ରଚଳିତ ହୋଇଗଲାଣି । ପକ୍ଷାନ୍ତରେ, କେତେ ନୂତନ ଶବ୍ଦ କଥା ପ୍ରୟୋଗରେ ସୃଷ୍ଟ ମଧ୍ୟ ହେଲାଣି । ତଥାପି ଏହି ପରିବର୍ତ୍ତନ ତଥା ବିକାଶ ଦୀର୍ଘ ସମସ୍ତ ସ୍ରୋତ ଦୃଷ୍ଟିରୁ କିଛି ନୁହେଁ । ତେଣୁ ଓଡିଆ ସଂସ୍କୃତି ପରି ଓଡ଼ିଆ ଭାଷା ମଧ୍ୟ ରକ୍ଷଣଶୀଳ, ଏହା କହିଲେ ଅଯଥାର୍ଥ ହେବ ନାହିଁ । **********ବର୍ତ୍ତମାନ ପୁସ୍ତକାଗାରରେ ଯେଉଁ ସାରଳା- ମହାଭାରତ ମିଳୁଛି, ତାହାର ଭାଷାପ୍ରକୃତ ସାରଳା-ମହାଭାରତର ଭାଷା ନୁହେଁ । କାରଣ, ପୁସ୍ତକ ପ୍ରକାଶକମାନେ ତାହାର ଦାଣ୍ଡୀ ରୀତିକୁ ଭାଙ୍ଗି ଚଉଦ ଅକ୍ଷର ଛନ୍ଦରେ ପରିଣତ କରିଛନ୍ତି ଏବଂ ଭାଷାକୁ ମଧ୍ୟ ଆଧୁନିକ ରୂପ ଦେଇଛନ୍ତି । ତେଣୁ ସାରଳା-ମହାଭାରତରେ ଭାଷାତାତ୍ତ୍ୱିକ ଅନୁଶୀଳନ ନିମନ୍ତେ ଏହି ମୁଦ୍ରିତ ପୁସ୍ତକ ଆଦୌ ଗ୍ରହଣୀୟ ନୁହେଁ । ।*********କେହି କେହି କହନ୍ତି, ସାରଳା- ମହାଭାରତ ଚଉଦ ଅକ୍ଷର ଛନ୍ଦରେ ଲେଖା ହୋଇଥିଲା । କ୍ରମେ ଅନୁଲେଖକମାନଙ୍କ ପ୍ରମାଦହେତୁ ତାହା ଅସମାନ-ଅକ୍ଷର-ଛନ୍ଦରେ ପରିଣତ ହୋଇଛି । ଏହି ମତ ସମାଚୀନ ମନେ ହୁଏ ନାହିଁ । କାରଣ, ସମସ୍ତ ପୋଥିରେ ପାଦ-ମାନଙ୍କର ଅକ୍ଷର ସଂଖ୍ୟା ଏତେ ଅସମାନ ଯେ ତାହା ଏକ ସମାନତାର ବିକୃତି ବୋଲି କୁହାଯାଇ ନ ପାରେ । ତା'ଛଡା କେବଳ ସାରଳା- ମହାଭାରତ ନୁହେଁ, ବିଚିତ୍ର ରାମାୟଣ (ସିଦ୍ଧେଶ୍ୱରଦାସଙ୍କ କୃତ), ଜଗମୋହନ ରାମାୟଣ (ବଳରାମଦାସଙ୍କ କୃତ) ପ୍ରଭୃତି ପୁରାଣ ମଧ୍ୟ ଅସମାନ- ଅକ୍ଷର-ଛନ୍ଦରେ ରଚିତ । ଏ ପ୍ରକାର ରଚନାରୀତିକୁ ଦାଣ୍ଡୀରୀତି ବା ଦାଣ୍ଡୀବୃତ୍ତ କୁହାଯାଏ । ଦାଣ୍ଡପରି ମୁକ୍ତ ତଥା **ସ୍ୱଚ୍ଛନ୍ଦ** ହୋଇଥିବାରୁ କିମ୍ବା ଦାଣ୍ଡ ଲୋକଙ୍କ ପାଇଁ ଅର୍ଥାତ୍ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ବୋଧହୁଏ ଏହାର ଏପରି ନାମକରଣ ହୋଇଅଛି । ଏଥିରେ ପ୍ରତ୍ୟେକ ପଦରେ ଦୁଇଟି ଲେଖାଏଁ ପାଦ, କେଉଁଠି ବା ତିନୋଟି ପାଦ ଅଛି । ପ୍ରଥମ ପାଦର ଶେଷ ବର୍ଣ୍ଣର ସହିତ ଦ୍ୱିତୀୟ ପାଦର ଏବଂ ସ୍ଥଳବିଶେଷରେ ତୃତୀୟ ପାଦର ଶେଷ ବର୍ଣ୍ଣର ମିଳନ ଘଟିଅଛି । ପାଦଗୁଡିକର ଅକ୍ଷର ସଂଖ୍ୟା ଆଠ, ନଅରୁ ଆରମ୍ଭ କରି ବତିଶ, ତେତିଶ ପର୍ଯ୍ୟନ୍ତ ରହିଛି । କେଉଁଠି ବା ସ୍ୱଭାବିକ ଗତିରେ ପାଦଦ୍ୱୟ ସମାନ ହୋଇଛି । ସମ୍ଭବତଃପୁରାଣ ପାଠକମାନେ ଯେପରି ଲହରାୟିତ ଭଙ୍ଗୀରେ ମଝିରେ ମଝିରେ ନିଃଶ୍ୱାସ ନେଇ ବୋଲି ପାରିବେ ଏବଂ ଶ୍ରୁତିମଧୁର କଣ୍ଠ ଶୁଣାଇପାରିବେ, ସେଥିପାଇଁ ପାଦଗୁଡ଼ିକର ଅକ୍ଷର ସଂଖ୍ୟା ସମାନ ରଖାଯାଇ ନାହିଁ । ସେ ଯାହାହେଉ, ଛନ୍ଦର କଠିନ ଶୃଙ୍ଖଳା ନଥିବା ହେତୁ ଏଥିରେ ଭାବପ୍ରକାଶର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇଛି । (ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ, ପ୍ରକାଶନ ୧୯୯୪ ପ୍ରଫେସର ଧନେଶ୍ୱର ମହାପାତ୍ର ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ କଟକ )


ସାରଳା ଦାସ ଭାଷା ପ୍ରୟୋଗରେ 'ଏ' ସ୍ଥାନରେ 'ଯେ' ବ୍ୟବହାର କରିଛନ୍ତି । ଆଧୁନିକ କାଳରେ ଆମେ 'ଏଥୁ' ବୋଲି ଲେଖୁଥିବା ଶବ୍ଦକୁ 'ଯେଥୁ' ମଧ୍ୟ ଆକାରନ୍ତ ଶବ୍ଦର ଶେଷରେ ଅନେକତ୍ର ସ୍ଥାନରେ ''ଆଇଲାକ'' 'ଲାଗିଲା' ସ୍ଥାନରେ ସ୍ଥଳବିଶେଷରେ 'ଇ' ବ୍ୟବହାର କରିଛନ୍ତି । ''ଭୁବନକୁ'' ସ୍ଥାନରେ ''ଭୁବନକଇଁ'' ଓ ତେଣୁ ସାଧାରଣ ଭାବେ ଅ ବୋଲି ବାରମ୍ବାର ଲେଖୁଛନ୍ତି । ସେହିପରି ସାରଳା 'କ' ଅକ୍ଷର ପ୍ରୟୋଗ କରିଅଛନ୍ତି । ଯଥା—ଅଇଲା ''ଲାଗିଲାକ'" । ପୁଣି ସେ ମଧ୍ୟ ''ହ୍ରସଉ'' ସ୍ଥାନରେ ଉଦାହରଣସ୍ୱରୂପ "କାହାକୁ" ସ୍ଥାନରେ ''କାହାକଇଁ'' ଏବଂ ''ଯିବାକୁ'' ସ୍ଥାନରେ ''ଯିବାକଇଁ'' ବ୍ୟବହାର କରିଅଛନ୍ତି । ସାରଳା ଦାସଙ୍କ ମହାଭାରତର ବୃତ୍ତକୁ 'ଦାଣ୍ଡୀବୃତ୍ତ'' କୁହାଯାଏ । ଅକ୍ଷରର ମୁକ୍ତିଛନ୍ଦ ହେଉଛି ଦାଣ୍ଡୀବୃତ୍ତର ପ୍ରଧାନ ଲକ୍ଷଣ । ଏହା ସହିତ ସାରଳା ଦାସ ତାଙ୍କ ରଚନାରେ ପରିପକ୍ୱ କାବ୍ୟ ସୌନ୍ଦର୍ଯ୍ୟର ସମାବେଶ ଖୁବ୍ ସଫଳତାର ସହ କରିପାରିଛନ୍ତି ।

ଏହି ପ୍ରବନ୍ଧରେ ସାରଳା ମହାଭାରତର ଆଦି ପର୍ବର କେତେକ ଅଧ୍ୟାୟକୁ ନେଇ ସାରଳା ମହାଭାରତର ଭାଷାଭିତ୍ତିକସ୍ୱାତନ୍ତ୍ର୍ୟ ଓ ପ୍ରମୁଖ ବୈଶିଷ୍ଟ୍ୟ ଆଲୋଚନା କରାଯାଇଛି ।

## ୧. ସମାନ ବର୍ଣ୍ଣ ସମ୍ବନ୍ଧୀୟ ବିଭ୍ରାନ୍ତି (ଧନ୍ୟ/ଅନ୍ନ) ।

ତେଣୁ ସେ କୁରବସଂ ହୋଇଲା **ବିଖ୍ୟାତ୍ତି** ଓ.ଆର୍.ପି.-୩୬୨ ପତ୍ରାଙ୍କ ୫ **(ଶାନ୍ତନୁ ଉପାଖ୍ୟାନ)** କୁରୁବଂଶ = କୁରବସଂ **ସାରଳା ସାହିତ୍ୟରେ ଧ୍ୱନି ପରିବର୍ତ୍ତନରେ ରୁ ବଦଳରେ ର ର ବ୍ୟବହାର ହୋଇଛି ।** ଓ.ଆର୍.ପି.୩୬୨ ରେ କୁରବସଂ ବୋଲି ଉଲ୍ଲେଖ ରହିଛି । ଏହାର ଆଧୁନିକ ରୂପ ହେଉଛି କୁରୁବଂଶ । ସେହିପରି ଖ୍ୟାତ୍ତି = ଖ୍ୟାତି । ଓ.ଆର୍.ପି.୩୬୨ ରେ ବିଖ୍ୟାତ୍ତି ବୋଲି ଉଲ୍ଲେଖ ରହିଛି ।


**ମର୍ତ୍ତକୁ** ନୁଆସତି ପାତାଳ ଭୁବନୁ ଓ.ଆର୍.ପି.-୩୬୨ ପତ୍ରାଙ୍କ ୬ **(ଶାନ୍ତନୁ ଉପାଖ୍ୟାନ)**



**ମର୍ତ = ମର୍ତ୍ୟ। ସାରଳା ସାହିତ୍ୟରେ ଏକକ ବ୍ୟଞ୍ଜନ = ସଂଯୁକ୍ତ ବ୍ୟଞ୍ଜନ ଧ୍ୱନି ପରିବର୍ତ୍ତନରେ ର୍ତ୍ୟ ବଦଳରେ ତ ର ବ୍ୟବହାର ହୋଇଛି।** ଏହାର ଆଧୁନିକ ରୂପ ହେଉଛି **ମର୍ତ୍ତ୍ୟ।**

### ୨.ସାଧାରଣ ଅକ୍ଷର ସମ୍ବନ୍ଧୀୟ ବିଭ୍ରାନ୍ତି (ଉ/ଭ)

ସତ୍ୟଯୁଗ ସତର ଲକ୍ଷ **ସତାଶୋଇ** ସହଶ୍ର ବରସ ଗଲା ଗୋ.ମ.୧୦; ପତ୍ରାଙ୍କ ୧୨୩ (ଶାନ୍ତନୁ ବିବାହ)



**ପୋଥି ଚିତ୍ର:୨ ଗୋ.ମ.୧୦; ପତ୍ରାଙ୍କ ୧୨୩**


ସତ୍ୟ ଯୁଗ ସତର **ଲକ୍ଷ ଅଠାଅଶୀ** ସହସ୍ର ବରଷ ଆ.ବ (ଶାନ୍ତନୁ ବିବାହ)

ସତ୍ୟଯୁଗ ସତର **ଲକ୍ଷ ସତାନୋଇ** ସହସ୍ର ବରଷ କୃ.ଚ.ସା (ଶାନ୍ତନୁ ବିବାହ)

ଶାନ୍ତନୁ ବିବାହଗୋ.ମ.୧୦; ପତ୍ରାଙ୍କ ୧୨୩ରେ **ସତାଶୋଇ** ବୋଲି ଉଲ୍ଲେଖ ରହିଛି ମାତ୍ର ଅନ୍ୟାନ୍ୟ ପାଠ୍ୟ ଯଥା ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ସାରଳା ମହାଭାରତରେ **ସତାଶୋଇ** ସ୍ଥାନରେ ସତର **ଲକ୍ଷ ଅଠାଅଶୀ**ପ୍ରୟୋଗ ହୋଇଛି । ସେହିପରି କୃଷ୍ଣଚରଣ ସାହୁଙ୍କ . ସମ୍ପାଦିତ ସାରଳା ମହାଭାରତରେ **ସତର ଲକ୍ଷ ସତାନୋଇ** ବୋଲି ଉଲ୍ଲେଖ ରହିଛି ।

### ୩.ଶ୍ରବଣ ଓ ଉଚ୍ଚାରଣ ଜନିତ ତ୍ରୁଟି :

ଏକବିସଂ ପୁରସ **ପରିଯନ୍ତେ** ପିତୃଲୋକେ ନରକଗତୀ ଗୋ.ମ.୧୦;ପତ୍ରାଙ୍କ ୧୨୩ (ଶାନ୍ତନୁ ବିବାହ)



**ପୋଥି ଚିତ୍ର:୩ ଗୋ.ମ.୧୦; ପତ୍ରାଙ୍କ ୧୨୩**


ଯେକୋଇଶ ପୁରୁଷ **ପରିଯନ୍ତେ** ପିତୃ ଲୋକଙ୍କୁ ଅଗତି ଆ.ବ;

ଏକତ୍ରିଶ **ପରିଯନ୍ତେ** ପିତୃ ନର୍କ ଗତି କ.ପ୍ରି.କ;

ଏକୋଇଶ ପୁରୁଷ **ପରିଯନ୍ତେ** ପିତୃଲୋକଙ୍କୁ ଅଗତି କୃ.ଚ.ସା;


ଯେକୋଇଶ ପୁରୁଷ **ପରିଯନ୍ତେ** ପିତୃଲୋକଙ୍କୁ ଅଗତି କୃ.ଚ.ସା;

ଯେକୋଇଶ ଜନ୍ମ **ପର୍ଣ୍ଣେ** ପିତୃଲୋକେ **** ଓ.ଆର୍.ପି. ୧୨୪୫; (ଶାନ୍ତନୁ ବିବାହ)



**ପୋଥି ଚିତ୍ର:୪ ଓ.ଆର୍.ପି.୧୨୪୫**

ଯେକ ବିଂଶ **ପର୍ଯଉେ** ପିତୃଲୋକେ ନର୍କଗତି । ଓ.ଆର୍.ପି.-୩୬୨ ପତ୍ରାଙ୍କ ୭ (ପୋଥି ୬, ଶାନ୍ତନୁ ବିବାହ)



**ପୋଥି ଚିତ୍ର:୫ ଓ.ଆର୍.ପି.-୩୬୨ ପତ୍ରାଙ୍କ ୭**

### ୪.ଦୃଷ୍ଟି ଦୋଷ ଜନିତ ତ୍ରୁଟି :

**ଭରତର** ନନ୍ଦନ ଯେ ଅଟଇ **ଭୂମନୁ** (ରାଧାରମଣ) (ଯଯାତି ଉପାଖ୍ୟାନ)

ଆହୋ ଭ୍ରଥର ନନ୍ଦନ ଯେ ଅଟଇ ଭୂମନୁ ଆ.ବ. (ଯଯାତି ଉପାଖ୍ୟାନ)

ଭ୍ରଥର ନନ୍ଦନ ଯେ ହୋଇଲୁ ଭୂମନୁ ତକୃ.ଚ.ସା (ଯଯାତି ଉପାଖ୍ୟାନ)

**ଭୂମନୁର** ନନ୍ଦନ ହୋଇଲେ **ଭରତ** ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୨୦(ଯଯାତି ଉପାଖ୍ୟାନ)




**ପୋଥି ଚିତ୍ର:୬ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୨୦**

ଯଯାତି ଉପାଖ୍ୟାନ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୨୦ରେ **ଭୂମନୁର** ନନ୍ଦନ **ଭରତ** ବୋଲି ଉଲ୍ଲେଖ ରହିଛି । ମାତ୍ର ଅନ୍ୟାନ୍ୟ ପାଠ୍ୟରେ **ଭରତର** ନନ୍ଦନ ଯେ ଅଟଇ **ଭୂମନୁ** ବୋଲି ଉଲ୍ଲେଖ ରହିଛି ।


**ଶୁକ୍ରର ଦୁହିତା** ନାମ ଅଟେ ଦେବଯାନୀ (ରାଧାରମଣ) (ଯଯାତି ଉପାଖ୍ୟାନ)

**ଶୁର୍ଯ୍ୟର କନ୍ୟା** ଅଟଇ ଦେବଯାନି ଗୋ.ମ.୧୦ ପତ୍ରାଙ୍କ ୧୧୦ (ଯଯାତି ଉପାଖ୍ୟାନ)



**ପୋଥି ଚିତ୍ର:୭ ଗୋ.ମ.୧୦ ପତ୍ରାଙ୍କ ୧୧୦**

ଶୁକ୍ରକଂର ତହୁଂ ଜାତ ହୋଇଲେ ଦୋହିତା ଅଟଇ ଦେବଯାନି ଓ.ଆର୍.ପି.-୩୬୨. ପତ୍ରାଙ୍କ ୫୫; (ଯଯାତି ଉପାଖ୍ୟାନ)



**ପୋଥି ଚିତ୍ର: ୮ ଓ.ଆର୍.ପି.-୩୬୨. ପତ୍ରାଙ୍କ ୫**


ଯଯାତି ଉପାଖ୍ୟାନଗୋ.ମ.୧୦ ପତ୍ରାଙ୍କ ୧୧୦ ରେ **ଶୁର୍ଯ୍ୟର କନ୍ୟା** ଦେବଯାନୀ ବୋଲି ଉଲ୍ଲେଖ ରହିଛି । ମାତ୍ର ଅନ୍ୟାନ୍ୟ ପାଠ୍ୟରେ **ଶୁକ୍ରର ଦୁହିତା ବା କନ୍ୟା** ଦେବଯାନୀ ବୋଲି ଉଲ୍ଲେଖ ରହିଛି ।

ମାନବକୁଳେ ରାଜା **ବୁଦ୍ଧସେନ** ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୧୮ (ଯଯାତି ଉପାଖ୍ୟାନ)



**ପୋଥି ଚିତ୍ର: ୯ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୧୮**

ମାନବ କୁଳେ ରାଜା ଅଟଇ **ବୁଧସେନ** ଓ.ଆର୍.ପି.-୩୬୨. ପତ୍ରାଙ୍କ ୫୫; (ଯଯାତି ଉପାଖ୍ୟାନ)




**ପୋଥି ଚିତ୍ର: ୧୦ ଓ.ଆର୍.ପି.-୩୬୨. ପତ୍ରାଙ୍କ ୫୫;**

ମାନବ କୁଳରେ ରାଜା ଅଟେ **ବୁଧସେନ** (ରାଧାରମଣ) (ଯଯାତି ଉପାଖ୍ୟାନ)

ମାନବକୁଳର ରାଜା ଅଟଇ **ବୁଧସେନ** ଆ.ବ. (ଯଯାତି ଉପାଖ୍ୟାନ)

ଯଯାତି ଉପାଖ୍ୟାନ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୧୮ରେ ମାନବକୁଳର ରାଜା ବୁଦ୍ଧସେନ ବୋଲି ଉଲ୍ଲେଖ ରହିଛି । ମାତ୍ର ଅନ୍ୟାନ୍ୟ ପାଠ୍ୟରେ ମାନବକୁଳର ରାଜା **ବୁଧସେନ** ବୋଲି ଉଲ୍ଲେଖ ରହିଛି ।




**ପୋଥି ଚିତ୍ର: ୧୧ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୧୮**

### ୫. ଅପରିଚିତ ଶବ୍ଦ ସ୍ଥାନରେ ପରିଚିତ ଶବ୍ଦର ପ୍ରୟୋଗ


ପାତାଳେ ଥାଇଂ ସେ ମଞ୍ଚକୁ **ଦ୍ୟନ୍ତି** ଦୃଷ୍ଟି ଆ.ବ. **(ଶାନ୍ତନୁ ଉପାଖ୍ୟାନ)**

ପାତାଳେ ଥାଇ ସେ ମର୍ତ୍ତ୍ୟକୁ **କରଇ** ଦୃଷ୍ଟି ଓ.ଆର୍.ପି.୧୨୪୫; ପତ୍ରାଙ୍କ ୨୫**(ଶାନ୍ତନୁ ଉପାଖ୍ୟାନ)**



**ପୋଥି ଚିତ୍ର: ୧୨ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୨୫**

ପାତାଳେ ଥାଇ ସେ ମଞ୍ଚକୁ **କରନ୍ତି** ଦୃଷ୍ଟି ଗୋ.ମ.୧୦ ପତ୍ରାଙ୍କ ୧୨୦**(ଶାନ୍ତନୁ ଉପାଖ୍ୟାନ)**




**ପୋଥି ଚିତ୍ର: ୧୩ ଗୋ.ମ.୧୦ ପତ୍ରାଙ୍କ ୧୨୦**

ଶାନ୍ତନୁ ଉପାଖ୍ୟାନର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ସାରଳା ମହାଭାରତରେ ଅପରିଚିତଶବ୍ଦ**ଦ୍ୟନ୍ତି**ଅନ୍ୟାନ୍ୟ ପାଠ୍ୟରେ **କରନ୍ତି ବା କରଇ**ବୋଲି ଉଲ୍ଲେଖ ରହିଛି ମାତ୍ର ଅନ୍ୟାନ୍ୟ ପାଠ୍ୟରେ **କରନ୍ତି ବା କରଇ**ବୋଲି ଉଲ୍ଲେଖ ରହିଛି । ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ସାରଳା ମହାଭାରତରେ ଅପରିଚିତ ଶବ୍ଦ**ଦ୍ୟନ୍ତି**ସ୍ଥାନରେ ପରିଚିତ ଶବ୍ଦ ଭାବରେ**କରନ୍ତି**ପ୍ରୟୋଗ ହୋଇଛି ।

## ୬. ପୁନରାବୃତ୍ତି :


ସାତ ଶତ ଯୋଜନେକ ଯେ **ଖଣ୍ଡେ ଖଣ୍ଡେ** କଲା (ରାଧାରମଣ) (ଯଯାତି ଉପାଖ୍ୟାନ)

ଛାଡିତ **ନପାରଇ ନପାରଇ** ସତ୍ୟବ୍ରତେ ଓ.ଆର୍.ପି.-୩୬୨ ପତ୍ରାଙ୍କ ୧୮ ( ପୋଥି ୬ ଶାନ୍ତନୁ ବିବାହ)




**ପୋଥି ଚିତ୍ର: ୧୪ ଓ.ଆର୍.ପି.-୩୬୨ ପତ୍ରାଙ୍କ ୧୮**

**ରହ ରହ** ଗଙ୍ଗା ବୋଲି ସାଂଯେଉନୁ ବୋଲି ଓ.ଆର୍.ପି.-୩୬୨ ପତ୍ରାଙ୍କ ୧୮ ( ପୋଥି ୬ ଶାନ୍ତନୁ ବିବାହ)



**ପୋଥି ଚିତ୍ର: ୧୫ ଓ.ଆର୍.ପି.-୩୬୨ ପତ୍ରାଙ୍କ ୧୮**

**ଶିବ ଶିବ** ବୋଲି ବାହୁଡିଲେ ତପଚାରି ଓ.ଆର୍.ପି.-୩୬୨ ପତ୍ରାଙ୍କ ୧୮ (ପୋଥି ୬ ଶାନ୍ତନୁ ବିବାହ)



**ପୋଥି ଚିତ୍ର: ୧୬ ଓ.ଆର୍.ପି.-୩୬୨ ପତ୍ରାଙ୍କ ୧୮**

ସାରଳା ମହାଭାରତରେ ଶତ ଶତ, ଖଣ୍ଡ ଖଣ୍ଡ, ରହ ରହ, ଖଣ୍ଡେ ଖଣ୍ଡେ, ଶିବ ଶିବ ଭଳି କେତେକ ଶବ୍ଦର ପୁନରାବୃତ୍ତି ଦେଖିବାକୁ ମିଳେ ।

## ୭. ସମାକ୍ଷର ଯୋଗ


ଏହି ପ୍ରମାଣେ **ଆନଆନ** କଲେ ଓ.ଆର୍.ପି.-୧୨୪୫ ପତ୍ରାଙ୍କ ୨୦ (ଯଯାତି ଉପାଖ୍ୟାନ)



**ପୋଥି ଚିତ୍ର: ୧୭ ଓ.ଆର୍.ପି.- ୧୨୪୫ ପତ୍ରାଙ୍କ ୨୦**

## ୮.ଅକ୍ଷର, ଶବ୍ଦ ଓ ବାକ୍ୟର କ୍ରମ ପରିବର୍ତ୍ତନ


**ମହାଶିବ କତିକି କେ** ଲାଗୀଲା ମହାଯାଳା ଓ.ଆର୍.ପି.-୩୬୨ ପତ୍ରାଙ୍କ ୪



**ପୋଥି ଚିତ୍ର: ୧୮ ଓ.ଆର୍.ପି.-୩୬୨ ପତ୍ରାଙ୍କ ୪**


ତାପତୀର ତେଜ ଯେ ଲାଗିଲା ମହାଜାଳା ( ଆ.ବ ଶମ୍ଭୂରାଣ ଉପାଖ୍ୟାନ)

**ରଦ୍ରର ସରିର ଯେ** ଲାଗିଲା ମହାଯାଳା ଗୋ.ମ.୧୦ ପତ୍ରାଙ୍କ ୧୧୭ ଶମ୍ଭୂରାଣ ଉପାଖ୍ୟାନ)



**ପୋଥି ଚିତ୍ର: ୧୯ ଗୋ.ମ.୧୦ ପତ୍ରାଙ୍କ ୧୧୭**

**ତପ୍ତିର ତେଜ** ଲାଗି ହେଲା ମହାଜ୍ୱାଳା ଓ.ଆର୍.ପି.୧୨୪୫ ପତ୍ରାଙ୍କ ୨୨ ଶମ୍ଭୂରାଣ ଉପାଖ୍ୟାନ)



**ପୋଥି ଚିତ୍ର: ୨୦ ଓ.ଆର୍.ପି.୧୨୪୫ ପତ୍ରାଙ୍କ ୨୨**

**ତାପତିର ତେଜ** ଲାଗି ହେଲା ମହାଜ୍ୱଳା ମିଳିଲେ (କଟକ ପ୍ରିଣ୍ଟି କମ୍ପାନୀ, ଶମ୍ଭୂରାଣ ଉପାଖ୍ୟାନ)

ତାହାର ତେଜ ଲାଗିଣ ପାଇ ମହାଜ୍ୱାଳା ( ରାଧାରମଣ, ଶମ୍ଭୂରାଣ ଉପାଖ୍ୟାନ)


ତପତୀର **ତେଜକାନ୍ତି** ଅନଳ ପରାୟ ( ରାଧାରମଣ, ଶମ୍ଭୂରାଣ ଉପାଖ୍ୟାନ)

ତାପତିର **ତେଜ** ଅଟଇ ଅନଳ ପ୍ରାୟେ (କଟକ ପ୍ରିଣ୍ଟି କମ୍ପାନୀ, ଶମ୍ଭୂରାଣ ଉପାଖ୍ୟାନ)

କେତେକ ସ୍ଥାନରେ ଅକ୍ଷର,ଶବ୍ଦ ଓ ବାକ୍ୟର କ୍ରମ ପରିବର୍ତ୍ତନ ହୋଇଛି । **ତାପତି**ସ୍ଥାନରେ **ରଦ୍ରର ସରିର, ତେଜ** ସ୍ଥାନରେ **ତେଜକାନ୍ତି** ବ୍ୟବହାର ହୋଇଛି ।

**୯. ପ୍ରାକୃତ ଶବ୍ଦ ସ୍ଥାନରେ ସଂସ୍କୃତ ଶବ୍ଦ (ପରଶମଣି/ସ୍ୱର୍ଣମଣି)**


**ବସନକୁଣ୍ଡଳ** ଗନ୍ଧ **ରତ୍ନଂ** ଚନ୍ଦନ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୪ ବଂଶାନୁଚରିତ)



**ପୋଥି ଚିତ୍ର: ୨୧ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୪**


**୧୦.ସାଧାରଣ ସମରୂପତା ହେତୁ ଶବ୍ଦର ଅଶୁଦ୍ଧ ଲିଖନ (ବେଶ/କେଶ)**

ଚନ୍ଦ୍ର ହରିଲା ବୃହସ୍ପତିଙ୍କ **ଭାର୍ଯ୍ୟା** ତାରା ଓ.ଆର୍.ପି.୧୨୪୫ ପତ୍ରାଙ୍କ ୧୭,(ବଂଶାନୁଚରିତ)



**ପୋଥି ଚିତ୍ର: ୨୨ ଓ.ଆର୍.ପି.୧୨୪୫ ପତ୍ରାଙ୍କ ୧୭**

ଉପହାର ଗନ୍ଧ ରତ୍ନଂମାନ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୪ ବଂଶାନୁଚରିତ)




**ପୋଥି ଚିତ୍ର: ୨୩ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୪**

**୧୧. ଅକ୍ଷର ବୃଦ୍ଧି**

**- ଶବ୍ଦର ପୁନରାବୃତ୍ତି ହେତୁ ।**

**- ଦୁଇ ପଂକ୍ତିର ମଧ୍ୟରେ ଅନ୍ୟ ଏକ ପଂକ୍ତିର ଆଗମ ।**


ସେ ବିଭା ପୁଣ ହୋଇଲେ **ନବ ଜେ ଯୁବତି** ଓ.ଆର୍.ପି.-୩୬୨. ପତ୍ରାଙ୍କ ୫୫; (ଯଯାତି ଉପାଖ୍ୟାନ)



**ପୋଥି ଚିତ୍ର: ୨୪ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୫**

ଓ.ଆର୍.ପି.୩୬୨ ରେ ନବ ଜେ ଯୁବତି ବୋଲି ଉଲ୍ଲେଖ ରହିଛି । ଏହା ନବଯୁବତୀ (ନଅ ଜଣ ଯୁବତୀ) ଅର୍ଥରେ ବ୍ୟବହାର ହୋଇଛି ।

ତାହାର କୁଳେ ଉପୁଜିଲା ନବ ଜେ ସନ୍ତତି । ଓ.ଆର୍.ପି.-୩୬୨. ପତ୍ରାଙ୍କ ୫୫;



**ପୋଥି ଚିତ୍ର: ୨୫ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୫**

ଓ.ଆର୍.ପି.୩୬୨ ରେ **ନବ ଜେ ସନ୍ତତି** ବୋଲି ଉଲ୍ଲେଖ ରହିଛି । ଏହା ନବସନ୍ତତି (ନଅ ଜଣ ସନ୍ତାନ) ଅର୍ଥରେ ବ୍ୟବହାର ହୋଇଛି ।

**- ପ୍ରକ୍ଷିପ୍ତ – ନୂତନ ଶବ୍ଦର ଆଗମ –**

ଦଇତ ଦାନବେ **ଯଇନ୍ତା** ନିଯ ନଗ୍ରି ଭୂମି ଯାଜନଗ୍ରି ଦଖିଣ ବାରଣାସି **ଓ.ଆର୍.ପି.୩୬୨-ପତ୍ରାଙ୍କ ୭୦; (ସାରଳା ବନ୍ଦନା)**

**ଯଇନ୍ତା =ଜଇନ୍ତା**

ଜଇନ୍ତାର ନିଜ ଭୂମି ଯାଯନଗ୍ରି **ଗୁପତ ବାଣରାସି** କୃ.ଚ.ସା **(ସାରଳା ବନ୍ଦନା)**

ଜୟନ୍ତାର ନିଜ ଭୂମି ଯାଜନଗ୍ର ନିକଟେ **ଦକ୍ଷିଣ ବାଣରାସି** ଆ.ବ. **(ସାରଳା ବନ୍ଦନା)**

ଯଇନ୍ତା ନିଯ ନଗ୍ରି ଭୂମି ଯାଜ ନଗ୍ରି ଦଖିଣ ବାରଣାସି ଗୋ.ମ.୧୦ **(ସାରଳା ବନ୍ଦନା)**




**ପୋଥି ଚିତ୍ର: ୨୬ ଗୋ.ମ.୧୦**

**ଯାଜନଗ୍ରି,ଯାଯନଗ୍ରି, ଯାଜନଗ୍ର ପରବର୍ତ୍ତୀ ସମୟରେ ଯାଜପୁର ହୋଇଛି (ମୂଳ ଶବ୍ଦରେ ନୂତନ ଶବ୍ଦ ଗୁପତ ବାଣରାସି ଓ ଦକ୍ଷିଣ ବାଣରାସିର ଆଗମ ହୋଇଛି)**

**ଏକ ପ୍ରକାର ଲେଖାର ପ୍ରଭାବ ହେତୁ ପାଠର ଅଭିବୃଦ୍ଧି**

## ୧୨. ଶବ୍ଦ ବିପର୍ଯ୍ୟୟ

ଆପଣେ ଅନୁସରି ଭୀଆଇଲେ ସପତଦିପା ପୃଥି ,ଗୋ.ମ.୧୦; ପତ୍ରାଙ୍କ ୧୧୩



**ପୋଥି ଚିତ୍ର: ୨୭ ଓ ଗୋ .ମ. ୧୦; ପତ୍ରାଙ୍କ ୧୧୩**


ନବଖଣ୍ଡ ପୃଥି ବାଣ୍ଟିକରି ଦିୟେ। (ଦିୟେ=ଦେଲେ) ଗୋ.ମ.୧୦ ପତ୍ରାଙ୍କ ୧୧୦

**ପୃଥି=ପୃଥିବୀ । ବ୍ୟଞ୍ଜନ ଧ୍ୱନିର ଆଗମ ଫଳରେ ଧ୍ୱନି ପରିବର୍ତ୍ତନରେ ପୃଥିବୀ ବଦଳରେ ପୃଥିର ବ୍ୟବହାର ହୋଇଛି।**

## ୧୩. ମୂଳ ଶବ୍ଦ ସ୍ଥାନରେ ନୂତନ ଶବ୍ଦର ସଂସ୍ଥାନ ।

ଯେବେ **କରନ୍ତି** ଅନୀତି କୃ.ଚ.ସା **(ଶାନ୍ତନୁ ଉପାଖ୍ୟାନ)**


ଦଈତେ ଦାନବେ **କରତ୍ତି ଅରିଷ୍ଟ** ଦିତି ଓ.ଆର୍.ପି. ୧୨୪୫; ପତ୍ରାଙ୍କ ୨୪ **(ଶାନ୍ତନୁ ଉପାଖ୍ୟାନ)**



**ପୋଥି ଚିତ୍ର: ୨୮ ଓ.ଆର୍.ପି. ୧୨୪୫; ପତ୍ରାଙ୍କ ୨୪**

ଦଇତ୍ୟ ଦାନବ ଯେହୁ **କରନ୍ତି** ଅନୀତି, ରାଧାରମଣ **(ଶାନ୍ତନୁ ଉପାଖ୍ୟାନ)**

********* ଜେବେ **କରତ୍ତି** ଅନିତି ଓ.ଆର୍.ପି. - ୩୬୨ ପତ୍ରାଙ୍କ ୬ **(ଶାନ୍ତନୁ ଉପାଖ୍ୟାନ)**




**ପୋଥି ଚିତ୍ର: ୨୯ ଓ.ଆର୍.ପି.-୩୬୨ ପତ୍ରାଙ୍କ ୬**

**ୟେମତ୍ତେ ପୀତା ଘରେ ଅଛି ଗଙ୍ଗା ବାଳି ଓ.ଆର୍.ପି.୩୬୨; ୟେମତ୍ତେ = ୟେମନ୍ତେ=ଏମନ୍ତେ ।** ଶାନ୍ତନୁ ବିବାହ ଓ.ଆର୍.ପି.-୩୬୨ ପତ୍ରାଙ୍କ ୬)

କୁମାରି ମାନକଂ ସଙ୍ଗେ ଖେଳତ୍ତି କୁତୋହଳି ଓ.ଆର୍.ପି.୩୬୨;


**ଖେଳତ୍ତି = ଖେଳନ୍ତି**

ଯେ ସମ୍ୱର ନିମନ୍ତେ ମୁଁ ବରିଲି ସବୁତ୍ତି ଓ.ଆର୍.ପି.-୩୬୨ ପତ୍ରାଙ୍କ ୫, ଶାନ୍ତନୁ ବିବାହ



**ପୋଥି ଚିତ୍ର: ୩୦ ଓ.ଆର୍.ପି.-୩୬୨ ପତ୍ରାଙ୍କ ୫**


ଅତ୍ତରିକ୍ଷେ ଚଳିଗଲା ଶୁନ୍ୟେ ସେହୁ ପଥ ଓ.ଆର୍.ପି.-୩୬୨ ପତ୍ରାଙ୍କ ୩ ଶମ୍ବୂରାଣ ଉପାଖ୍ୟାନ)



**ପୋଥି ଚିତ୍ର: ୩୧ ଓ.ଆର୍.ପି.-୩୬୨ ପତ୍ରାଙ୍କ ୩**

ସାରଳା ସାହିତ୍ୟରେ ଧ୍ୱନି ପରିବର୍ତ୍ତନରେ 'ଯ' ବଦଳରେ 'ଜ' ଏବଂ 'ନ୍ତ' ବଦଳରେ 'ତ୍ତ' ର ବ୍ୟବହାର ହୋଇଛି ।

ଜମ୍ବୁଦ୍ୱୀପ **ଭ୍ରଥଖଣ୍ଡ** ଓଡରାଷ୍ଟ ମଣ୍ଡଳେ ଓ.ଆର୍.ପି.୩୬୨-ପତ୍ରାଙ୍କ ୭୦ (ସାରଳା ବନ୍ଦନା)



**ପୋଥି ଚିତ୍ର: ୩୨ ଓ.ଆ.ପି.-୩୬୨ ପତ୍ରାଙ୍କ ୭୦**

ଯମ୍ୱୋଦ୍ୱିପ **ଭରଥ** ଖଣ୍ଡ ଓଡରାଷ୍ଟ୍ର ମଣ୍ଡଳେ ଗୋ.ମ ୧୦ (ସାରଳା ବନ୍ଦନା)




**ପୋଥି ଚିତ୍ର: ୩୩ ଗୋ.ମ ୧୦**

ଜମ୍ବୋ ଦ୍ୱୀପ **ଭ୍ରଥ** ଖଣ୍ଡ ଓଡ ରାଷ୍ଟ୍ର ମଣ୍ଡଳେ କୃ.ଚ.ସା ଓ ଆ.ବ. (ସାରଳା ବନ୍ଦନା)

ଜମ୍ବୁଦ୍ୱୀପ **ଭ୍ରତଖଣ୍ଡ** ଉଡାଷ୍ଟ୍ର ମଣ୍ଡଳେ, ରାଧାରମଣ(ସାରଳା ବନ୍ଦନା)


**ଭ୍ରଥ = ଭରତ**

**ଶ୍ରୀ ମହାଭାରଥ** ଜହୁଂ ହୋଇଲା ମହାଭାରା ଓ.ଆର୍.ପି.୧୨୪୫ ପତ୍ରାଙ୍କ ୧୬, ମହାଭାରତ ପ୍ରଶସ୍ତି



**ପୋଥି ଚିତ୍ର: ୩୪ ଓ.ଆର୍.ପି.- ୧୨୪୫ ପତ୍ରାଙ୍କ ୧୬**

ମହାଭାରଥ ନାମ ଜେ ହୋଇଲା ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୧ ମହାଭାରତ ପ୍ରଶସ୍ତି




**ପୋଥି ଚିତ୍ର: ୩୫ ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୧**

'ତ' ମହାପ୍ରାଣୀଭବନରେ 'ଥ'ରେ ପରିଣତ ହୋଇଛି ।


**୧୪.ଶବ୍ଦ ମଧ୍ୟରେ ବର୍ଣ୍ଣ ବିପର୍ଯ୍ୟୟ (ବିନିମୟ/ବିନିୟମ) ।**

ଶ୍ରୀହସ୍ତେ ଅର୍ଘ୍ୱ ଘେନି ପଖାଳିଲେ ପାଦବେନି ଗୋ.ମ.୧୦ (ବଂଶାନୁଚରିତ)ପତ୍ରାଙ୍କ ୧୦୮



**ପୋଥି ଚିତ୍ର: ୩୬ ଗୋ.ମ.୧୦ ପତ୍ରାଙ୍କ ୧୦୮**


ଶ୍ରୀହସ୍ତେ **ଅର୍ଘ** ଘେନୀ ପଖାଳିଲା ପାଦବେନି ଓ.ଆର୍.ପି.୩୬୨ ପତ୍ରାଙ୍କ -୫୪ବଂଶାନୁଚରିତ)



**ପୋଥି ଚିତ୍ର: ୩୭ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୪**

ଅର୍ଘ୍ୱ=ଅର୍ଘ= ଅର୍ଘ୍ୟ। ସାରଳା ସାହିତ୍ୟରେ ଏକକ ବ୍ୟଞ୍ଜନ = ସଂଯୁକ୍ତ ବ୍ୟଞ୍ଜନ ନିୟମରେ ଧ୍ୱନି ପରିବର୍ତ୍ତନରେ ର୍ଘ ବଦଳରେ ଘ୍ୟ ର ବ୍ୟବହାର ହୋଇଛି ।


ମାଳାଘେନୀ ତାପତି ମିଳିଲା ସନିଧ୍ୱେଣ ଓ.ଆର୍.ପି.-୩୬୨ ପତ୍ରାଙ୍କ ୫, ଶମ୍ବୁରାଣ ଉପାଖ୍ୟାନ)



**ପୋଥି ଚିତ୍ର: ୩୮ ଓ.ଆର୍.ପି.୩୬୨ ପତ୍ରାଙ୍କ-୫**

**ସନିଧ୍ୱେଣ= ସନ୍ନିଧେଣ । ସାରଳା ସାହିତ୍ୟରେ ଧ୍ୱନି ପରିବର୍ତ୍ତନରେ ନ ବଦଳରେ ନ୍ନ ର ଏବଂ ଧ୍ୱ ବଦଳରେ ଧ ର ବ୍ୟବହାର ହୋଇଛି । ଓ.ଆର୍.ପି ୩୬୨ ରେ ସନିଧ୍ୱେଣ ବୋଲି ଉଲ୍ଲେଖ ରହିଛି ।**

**କୁରୁ**ର ନନ୍ଦନ **ଜେ** ଯଜାତି ପ୍ରକାଶେ ଓ.ଆର.ପି.-୩୬୨. ପତ୍ରାଙ୍କ ୫୫; (ଯଯାତି ଉପାଖ୍ୟାନ)




**ପୋଥି ଚିତ୍ର: ୩୯ ଓ.ଆର୍.ପି ୩୬୨ ପତ୍ରାଙ୍କ-୫୫**

କୁରୁ= କୁର ସାରଳା ସାହିତ୍ୟରେ ଧ୍ୱନି ପରିବର୍ତ୍ତନରେ ରୁ ବଦଳରେ ର ର ବ୍ୟବହାର ହୋଇଛି। ଜେ=ଯେ ସାରଳା ସାହିତ୍ୟରେ ଧ୍ୱନି ପରିବର୍ତ୍ତନରେ ଯ ବଦଳରେ ଜ ର ବ୍ୟବହାର ହୋଇଛି । ସେହିଭଳି ଯଜାତି=ଯଯାତି ଧ୍ୱନି ପରିବର୍ତ୍ତନରେ **ଯ ବଦଳରେ ଜ ର ବ୍ୟବହାର** ହୋଇଛି ।

## ୧୫. ମାତ୍ରା ଲୋପ ହେତୁ ଶବ୍ଦ ବିଭ୍ରାନ୍ତି (ଘର୍ଣ୍ଣୟମାନ/ ଘୂର୍ଣ୍ଣୟମନ) ।


ନବ**ଦିପ** ସପ୍ତ ସାଗର **ରଞ୍ଜୀଲେ** ବସୁମତି ଓ.ଆର୍.ପି.୩୬୨ ପତ୍ରାଙ୍କ- ୫୫ (ବଂଶାନୁଚରିତ)



**ପୋଥିଚିତ୍ର:୪୦ ଓ.ଆର୍.ପି.୩୬୨ ପତ୍ରାଙ୍କ-୫୫**


**ନବଦିପ=ନବଦ୍ୱୀପ ସାରଳା ସାହିତ୍ୟରେ ଏକକ ବ୍ୟଞ୍ଜନ=ସଂଯୁକ୍ତ ବ୍ୟଞ୍ଜନ ଧ୍ୱନି ପରିବର୍ତ୍ତନ ଦି ବଦଳରେ ଦ୍ୱୀ ର ବ୍ୟବହାର ହୋଇଛି। ରଞ୍ଚୀଲେ=ରଚିଲେ ସାରଳା ସାହିତ୍ୟରେ ସଂଯୁକ୍ତ ବ୍ୟଞ୍ଜନ= ଏକକ ବ୍ୟଞ୍ଜନ ନିୟମରେ ଧ୍ୱନି ପରିବର୍ତ୍ତନରେ ବଦଳରେ ଚ ର ବ୍ୟବହାର ହୋଇଛି ।**

ଚନ୍ଦ୍ରନାମେ ଯୋଗ କାଶିପ ନାମେ କରଣ ଓ.ଆର୍.ପି.୩୬୨; (ଶାନ୍ତନୁ ବିବାହ) ପତ୍ରାଙ୍କ ୧୮




**ପୋଥି ଚିତ୍ର: ୪୧ ଓ.ଆର୍.ପି.୩୬୨ ପତ୍ରାଙ୍କ -୧୮**

ଯେହେର୍ଣ୍ଣେକ ଦୁତ **ବାକ୍ୱଟୀ** କଲେ ଓ.ଆର୍.ପି.-୩୬୨ପତ୍ରାଙ୍କ ୧୮(ଶାନ୍ତନୁ ବିବାହ)



**ପୋଥି ଚିତ୍ର: ୪୨ ଓ.ଆର୍.ପି.୩୬୨ ପତ୍ରାଙ୍କ-୧୮**


ଯମୁନା କୁଳେଣ ରହିଲେ ନୀଜ **ରାକ୍ୱେ** ଓ.ଆର୍.ପି.-୩୬୨ ପତ୍ରାଙ୍କ ୯(ଶାନ୍ତନୁ ବିବାହ)



**ପୋଥି ଚିତ୍ର: ୪୩ ଓ.ଆର୍.ପି.୩୬୨ ପତ୍ରାଙ୍କ-୯**


## ୧୬. ପଦ ବା ଶବ୍ଦର ବିକୃତ ରୂପ ଗ୍ରହଣ

**ଅବିଭାଇ** କନ୍ୟା ପିତାଘରେ ହୋଇଲେ **ରଯବତୀ** ଗୋ.ମ.୧୦; (ଶାନ୍ତନୁ ବିବାହ) ପତ୍ରାଙ୍କ ୧୨୩



**ପୋଥି ଚିତ୍ର: ୪୪ ଗୋ.ମ.୧୦; ପତ୍ରାଙ୍କ ୧୨୩**

**ଅବିଭାଇତା** ଦୋହିତା ପିତା ଘରେ ହୋଇଲେ ରଜବତୀ ଓ.ଆର.ପି.-୩୬୨ ପତ୍ରାଙ୍କ ୭ (ପୋଥି ୬) (ଶାନ୍ତନୁ ବିବାହ)




**ପୋଥି ଚିତ୍ର: ୪୫ ଗୋ.ମ.୧୦; ଓ.ଆର୍.ପି.-୩୬୨ ପତ୍ରାଙ୍କ ୭ ( ପୋଥି ୬)**

**ଅବିଭାୟୀ** ଦୋହିତା ପିତା ଘରେ ହୋଇଲେ ରଜବତୀ ଆ.ବ; (ଶାନ୍ତନୁ ବିବାହ)

**ଅବବାହୀ** ପିତା ଘରେ ହେଲେ ରଜୋବତୀ କ.ପ୍ରି.କ; (ଶାନ୍ତନୁ ବିବାହ)

**ଅବିବାହୀ** ଦୋହିତା ପିତା ଘରେ ହେଲେ ରଜବତୀ କୃ.ଚ.ସା; (ଶାନ୍ତନୁ ବିବାହ)


ଦୁହିତା **ଅବିଭାଇ** ପିତା ଘରେ ହେଲେ ରଜବତି ଓ.ଆର୍.ପି.୧୨୪୫; ପତ୍ରାଙ୍କ ୨୭(ଶାନ୍ତନୁ ବିବାହ)



**ପୋଥି ଚିତ୍ର: ୪୬ ଓ.ଆର୍.ପି.୧୨୪୫; ପତ୍ରାଙ୍କ ୨୭**

## ୧୭. ଅନ୍ଧଯୁକ୍ତିର ବଶବର୍ତ୍ତୀ ହୋଇ ନୂତନ ଶବ୍ଦର ପ୍ରୟୋଗ (କୁଞ୍ଚ/କୁଞ୍ଚି ଛିଦ୍ର)


**ମାଗ୍ୱ** ଦେଇ ବର ଗୋ ଜେ ତୋହୋର ଇଛା ଓ. ଆର୍.ପି.- ୩୬୨ ପତ୍ରାଙ୍କ ୭ (ପୋଥି ୬) (ଶାନ୍ତନୁ ବିବାହ)



**ପୋଥି ଚିତ୍ର ୪୭ ୩୬୨ ପତ୍ରାଙ୍କ ୭ (ପୋଥି ୬)**

**ମାଳା** ଦେଇଣ **ବରଣ** କରିବୁ ଗୋ ବସ୍ତ୍ରା ରା.ରା; (ଶାନ୍ତନୁ ବିବାହ)

**ମାଳାଦେଇଂବର** ଗୋ ଯେ ହୋହୋର ମନବାଞ୍ଚାଂ ଗୋ.ମ.୧୦; (ଶାନ୍ତନୁ ବିବାହ) ପତ୍ରାଙ୍କ ୧୨୨



**ପୋଥି ଚିତ୍ର: ୪୮ ଗୋ.ମ.୧୦; ପତ୍ରାଙ୍କ ୧୨୨**

ମାଳା ଦେଇଂ ବର ଗୋ ଯେ ତୋହୋର ମନବାଞ୍ଛା ଆ.ବ; (ଶାନ୍ତନୁ ବିବାହ)


ମାଳା ଦେଇ **ବର** ଗୋ ଯେ ତୋର ମନୋବାଞ୍ଛା କ.ପ୍ରି.କ; (ଶାନ୍ତନୁ ବିବାହ)

ମାଳା ନେଇଂ ବର ଗୋ ଯେ ତୋହୋର ମନ ଇଚ୍ଛା କୃ.ଚ.ସା; (ଶାନ୍ତନୁ ବିବାହ)

ସାରଳା ମହାଭାରତ କେତେକ ସ୍ଥାନରେ **ବରଣ** ବଦଳରେ ବର ଓ **ମାଳା** ବଦଳରେ **ମାଗ୍ୟ** ବ୍ୟବହାର କରାଯାଇଛି


### ୧୮. ପଦ୍ୟାତ୍ମକ ଶବ୍ଦଟି ଗଦ୍ୟାତ୍ମକ:

କୁମ୍ଭରଷି ନନ୍ଦନ ଅଗସ୍ତି ମର୍ହର୍ଷି ଓ.ଆର୍.ପି. ୩୬୨; (ମହାଭାରତ ପ୍ରଶସ୍ତି) ପତ୍ରାଙ୍କ ୭୧




**ପୋଥି ଚିତ୍ର: ୪୯ ଓ.ଆର୍.ପି. ୩୬୨ ପତ୍ରାଙ୍କ ୭୨**

କୁମ୍ଭମୁନି ନନ୍ଦନ ଅଗସ୍ତି ମହାରସି ଗୋ.ମ ୧୦ (ମହାଭାରତ ପ୍ରଶସ୍ତି) ପତ୍ରାଙ୍କ ୧୦୭




**ପୋଥି ଚିତ୍ର : ୫୦ ଗୋ.ମ ୧୦, ପତ୍ରାଙ୍କ ୧୦୭**

ଚାରିଲକ୍ଷ ବତୀସ ସହଶ୍ର ଯୋଗଲଏ ମହାତମା ଗୋ.ମ ୧୦ (ମହାଭାରତ ପ୍ରଶସ୍ତି) ପତ୍ରାଙ୍କ ୫,୬




**ପୋଥି ଚିତ୍ର: ୫୧ ଗୋ.ମ ୧୦, ପତ୍ରାଙ୍କ ୫୬**



**ପୋଥି ଚିତ୍ର ୫୨ ଗୋ.ମ ୧୦, ପତ୍ରାଙ୍କ ୫୬**


ବୈବଶ୍ୱତ ମନୁ **ପୁଚ୍ଛା କଲେ ଅଗସ୍ତୀକୀ** ଓ.ଅର୍.ପି. - ୩୬୨ ପତ୍ରାଙ୍କ ୭୨ (ମହାଭାରତ ପ୍ରଶସ୍ତି)



**ପୋଥି ଚିତ୍ର: ୫୩ ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୨**


ଯେଥୁଂ ଉତପତ୍ତି ହୋଇଲା ଯମଦ କୃ.ଚ.ସା, ଆର୍ତ୍ତବଲ୍ଲଭ (ବଂଶାନୁଚରିତ)

ଯେଥୁଂ ଜେ ଉତପତ୍ତି ହୋଇଲା ଯମଦ ଓ.ଆର୍.ପି. ୩୬୨ ପତ୍ରାଙ୍କ - ୫୪ (ବଂଶାନୁଚରିତ)



**ପୋଥି ଚ୍ରିତ୍ର: ୫୪ ଓ.ଆର୍.ପି. - ୩୬୨ ପତ୍ରାଙ୍କ ୫୪**


ମହାଭାରତ ଉଚାରି ଯେହା ତହୁଂ ଉତ୍ପତି ଓ.ଆର.ପି. ୧୨୪୫ ପତ୍ରାଙ୍କ ୧୬ (ବଂଶାନୁଚରିତ)



**ପୋଥି ଚିତ୍ର: ୫୫ ଓ.ଆର.ପି. ୧୨୪୫ ପତ୍ରାଙ୍କ ୧୬**

'ମହାତମା' ପଦ୍ୟାତ୍ମକ ଶବ୍ଦଟି ଗଦ୍ୟାତ୍ମକ ହୋଇ 'ମହାତ୍ମା' ବ୍ୟାବହାର ଫଳରେ ଧ୍ୱନି ପରିବତ୍ତନ ହୋଇଛି। 'ମହରଷି' ଅଥବା 'ମହାରସି' ପଦ୍ୟାତ୍ମକ ଶବ୍ଦଟି ଗଦ୍ୟାତ୍ମକ ହୋଇ 'ମହର୍ଷୀ' ବ୍ୟବହାର ଫଳରେ ଧ୍ୱନି ପରିବର୍ତ୍ତନ ହୋଇଅଛି। ବଇବସୁତ ମନୁ ଅଥବା 'ବଇବଶୁତ ମନୁ' ପଦ୍ୟାତ୍ମକ ଶବ୍ଦଟି ଗଦ୍ୟାତ୍ମକ ହୋଇ 'ବୈବସୁତମନୁ' ବ୍ୟବହାର ଫଳରେ ଧ୍ୱନି ପରିବର୍ତ୍ତନ ହୋଇଅଛି। 'ଉତପତ୍ତି' ପଦ୍ୟାତ୍ମକ ଶବ୍ଦଟି ଗଦ୍ୟାତ୍ମକ 'ଉତ୍ପତ୍ତି' ବ୍ୟବହାର ଫଳରେ ଧ୍ୱନି ପରିବର୍ତ୍ତନ ହୋଇଅଛି।

**ଭୁବନେସ୍ୱର ଲିଗଂ ଚିତ୍ର ଉତ୍ପଳା ନଦିତୀରେ ଗୋ.ମ ୧୦, (ସାରଳା ବନ୍ଦନା) ୧୦୫**




**ପୋଥି ଚିତ୍ର: ୫୬ ଗୋ.ମ ୧୦, ପତ୍ରାଙ୍କ ୧୦୫**

**ଉତ୍ପଳେଶ୍ୱର ଲିଂଗ ଚିତ୍ର ଉତ୍ପଳା ନଦୀର କୂଳେ କୃ.ଚ.ସା ଓ ଆ.ବ. (ସାରଳା ବନ୍ଦନା)**

'ଚିତ୍ରଉତ୍ପଳା' ପଦ୍ୟାତ୍ମକ 'ଶବ୍ଦଟି ଗଦ୍ୟାତ୍ମକ ହୋଇ 'ଚିତ୍ରୋତ୍ପଳା' ବ୍ୟବହାର ସନ୍ଧି ହୋବା ଫଳରେ ଧ୍ୱନି ପରିବର୍ତ୍ତନ ହୋଇଅଛି ।

ମହାବ୍ରହ୍ମଂ ବେତା ସେ ଅମୃତ ରସ ଭାସି ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୧ (ମହାଭାରତ ପ୍ରଶସ୍ତି)



**ପୋଥି ଚିତ୍ର: ୫୭ ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୧**

ମହାବ୍ରହ୍ମ ବେତା = ମହାବ୍ରହ୍ମବେତ୍ତା **ସାରଳା ସାହିତ୍ୟରେ ଏକକ ବ୍ୟଞ୍ଜନ = ସଂଯୁକ୍ତ ବ୍ୟଞ୍ଜନ ଧ୍ୱନି ପରିବର୍ତ୍ତନରେ 'ତ' ବଦଳରେ 'ତ୍ତ' ର ବ୍ୟବହାର ହୋଇଛି ।**

## ୧୯. ବିଶେଷ୍ୟ ଶବ୍ଦ ବିଶେଷଣ ଶବ୍ଦ ଭାବରେ ବ୍ୟବହାର:

ବିଜୟେ **ସୁନ୍ଦରୀ** ଯାଇଁ ହେମବନ୍ତ କବି , କଟକ ପ୍ରିଣ୍ଟି କମ୍ପାନୀ **ବିଶେଷ୍ୟ ଶବ୍ଦ,** ଶମ୍ବୂରାଣ ଉପାଖ୍ୟାନ)


ଶମ୍ବୁରାଣ ବିଳାସଇ **ସୁନ୍ଦରୀ** ତାପତୀ **ବିଶେଷଣ ଶବ୍ଦ,** ଶମ୍ବୂରାଣ ଉପାଖ୍ୟାନ)

ସମ୍ବୁରାଣ ବିକଳ **ଶୁନ୍ଦେର** ତାପତିକି । **ବିଶେଷଣ ଶବ୍ଦ,** ଓ.ଆର୍.ପି.-୩୬୨ ପତ୍ରାଙ୍କ ୩ଶମ୍ବୂରାଣ ଉପାଖ୍ୟାନ)

**ଅମୃତ**-ନାମେଣ ଜାତେକ ରୋହେଣୀ ବୃଷଜାତି କୃ.ଚ.ସା (ଶାନ୍ତନୁ ବିବାହ) **ବିଶେଷ୍ୟ ଶବ୍ଦ**

**ଅମୃତ** ଯୋଗେ ଜାତ ରୋହିଣୀ ବୃଷ ଜାତି କଟକ ପ୍ରିଣ୍ଟି କମ୍ପାନୀ (ଶାନ୍ତନୁ ବିବାହ) **ବିଶେଷଣ ଶବ୍ଦ**

ମହାବ୍ରହ୍ମଂ ବେତା ସେ **ଅମୃତ** ରସ ଭାସି ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୧(ମହାଭାରତ ପ୍ରଶସ୍ତି) **ବିଶେଷଣ ଶବ୍ଦ**




**ପୋଥି ଚିତ୍ର: ୫୮ ଓ.ଆର୍.ପି.-୩୬୨ ପତ୍ରାଙ୍କ ୭୧**

**ସୁନ୍ଦରୀ**ବିଶେଷ୍ୟ ଶବ୍ଦଟି ପରବର୍ତ୍ତୀ ପଦ **ସୁନ୍ଦରୀ ତାପତୀ**ରେ ବିଶେଷଣ ଶବ୍ଦ ଭାବରେ ବ୍ୟବହାର ହୋଇଛି । ସେହିପରି **ଅମୃତ**ବିଶେଷ୍ୟ ଶବ୍ଦଟି ପରବର୍ତ୍ତୀ ପଦ **ଅମୃତ ରସ**ରେ ବିଶେଷଣ ଶବ୍ଦ ଭାବରେ ବ୍ୟବହାର ହୋଇଛି ।

## ୨୦. ବିଶେଷଣ ଶବ୍ଦ ବିଶେଷ୍ୟ ଶବ୍ଦ ଭାବରେ ବ୍ୟବହାର:


ନୋହଇ ମୁ ପଣ୍ଡିତ ମହା **ମୁର୍ଖ** ଯନ **ବିଶେଷଣ ଶବ୍ଦ,** (ଗୋ.ମ ୧୦ ସାରଳା ବନ୍ଦନା)



**ପୋଥି ଚିତ୍ର: ୫୯ ଗୋ.ମ ୧୦**

ଜନ୍ମରୁ **ମୂରୁଖ** ମୁହିଁ ନୁହଇ ପଣ୍ଡିତ **ବିଶେଷ୍ୟ ଶବ୍ଦ,** (ରାଧାରମଣ, ସାରଳା ବନ୍ଦନା)

ନୁହଇ ପଣ୍ଡିତ ମୁ ସହ **ମୁଖଜନ** (ଓ.ଆର୍.ପି.-୩୬୨, ପତ୍ରାଙ୍କ ୭୦ ସାରଳା ବନ୍ଦନା)



**ପୋଥି ଚିତ୍ର: ୬୦ ଓ.ଆର୍.ପି.-୩୬୨ ପତ୍ରାଙ୍କ ୬୦**

ଶ୍ରୀ ଯମେଶ୍ୱର ମହାଳିଂଗ ମଉଦଧିର **ଉତ୍ତର** ତଟେ ଆ.ବ. ସାରଳା ବନ୍ଦନା

ସେ ନୀଳ ସୁନ୍ଦର ଗିରି **ଉତ୍ତର** କଛାଡୋ କୃ.ଚ.ସା ସାରଳା ବନ୍ଦନା)

ସେ ନୀଳସୁନ୍ଦର ଗିରି **ଉତ୍ତର** କକ୍ଷରେ । ରା.ର, ସାରଳା ବନ୍ଦନା)

ସେ ନୀଳସୁନ୍ଦର ଗିରି **ଉତ୍ତର** କକ୍ଷରେ । ରା.ର, ସାରଳା ସାରଳା ବନ୍ଦନା)

**ଉତ୍ତରେ** ଝଙ୍କଡ ନାମେ ଅଚି ଗ୍ରାମଖଣ୍ଡି । ରା.ରା, ସାରଳା ସାରଳା ବନ୍ଦନା)

ମୁର୍ଖ ବିଶେଷଣ ଶବ୍ଦଟି ପରବର୍ତ୍ତୀ ପଦମୁରୁଖରେ ବିଶେଷ୍ୟଶବ୍ଦ ଭାବରେ ବ୍ୟବହାର ହୋଇଛି । ସେହିଭଳି ଉତ୍ତର ବିଶେଷଣ ଶବ୍ଦଟି ପରବର୍ତ୍ତୀ ପଦ ଉତ୍ତରେ ବିଶେଷ୍ୟଶବ୍ଦ ଭାବରେ ବ୍ୟବହାର ହୋଇଛି । ମୋଟାମୋଟି ଭାବରେ ସାରଳା ଦାସଙ୍କ ମହାଭାରତର ଭାଷାକୁ ଅବଲୋକନ କଲେ ଭାଷା ଓ ସାହିତ୍ୟ ଦିଗରୁ ତାଙ୍କ ସୃଷ୍ଟି କଳ୍ପନାରେ

ରହିଥିବା ଭାଷା ସେହି ସମୟର ସମୃଦ୍ଧ ବୋଲି କୁହାଯାଇପାରେ ।

ଲେଖକ ଡକ୍ଟର ଅରବିନ୍ଦ ଦାସ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡିଆର ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରରେ କର୍ପସ ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କର ଭାରତର ବିଭିନ୍ନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରେ ଦୀର୍ଘ ୨୧ ବର୍ଷର ଅଧ୍ୟାପନା ଓ ଗବେଷଣାର ଅଭିଜ୍ଞତା ରହିଛି ।

(କୃତଜ୍ଞତା: ଏହି ଗବେଷଣା ଗବେଷଣାତ୍ମକ ନିବନ୍ଧଟି ରେଭେନ୍ସା ବିଶ୍ୱବିଦ୍ୟାଳୟର ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ପ୍ରଫେସର ଊର୍ମିଶ୍ରୀ ବେଦମଣ୍ଡାଙ୍କ ଅନୁମତି କ୍ରମେ ପ୍ରସ୍ତୁତ କରାଯାଇଛି ।)

**ସହାୟକ ଗ୍ରନ୍ଥସୂଚୀ :**

୧. ଓ.ଆର୍. ପି. ୩୬୨ ପୋଥି (ସାରଳା ମହାଭାରତ ଆଦିପର୍ବ, ଓଡିଶା ରାଜ୍ୟ ସଂଗ୍ରାହଳୟ, ଭୁବନେଶ୍ୱର)

୨. ଓ.ଆର.ପି ୧୨୪୫ ପୋଥି (ସାରଳା ମହାଭାରତ, ଓଡିଶା ରାଜ୍ୟସଂଗ୍ରହାଳୟ, ଭୁବନେଶ୍ୱର)

୩. ଗୋ.ମ.୧୦ (ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସଂଗୃହିତ ସାରଳା ମହାଭାରତ ପୋଥି (ଆଦିପର୍ବ ଖଣ୍ଡ, ଜାତୀୟ ଅଭିଲେଖାଗାର, ଭୁବନେଶ୍ୱର)

୪. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ସାରଳା ମହାଭାରତ (ଆଦିପର୍ବ ପ୍ରଥମ ଖଣ୍ଡ)

୫. କୃଷ୍ଣଚରଣ ସାହୁଙ୍କ ସମ୍ପାଦିତ ସାରଳା ମହାଭାରତ (ଆଦିପର୍ବ ପ୍ରଥମ ଖଣ୍ଡ)

୬. ରାଧାରମଣସମ୍ପାଦିତ ସାରଳା ମହାଭାରତ (ଆଦିପର୍ବ ପ୍ରଥମ ଖଣ୍ଡ)

୭. କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶିତ ସାରଳା ମହାଭାରତ (ଉତ୍କଳ ସାହିତ୍ୟ ସମାଜ,କଟକ)

୮. ଊର୍ମିଶ୍ରୀ ବେଦମଣ୍ଡାଙ୍କ ସମ୍ପାଦିତ ଆଦିପର୍ବ ପ୍ରଥମ ଖଣ୍ଡରେ ଉପକ୍ରମଣିକା ନିବନ୍ଧ,**"The Making of Digital Sarala Mahabharata" (In press)**

୯. ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ, ପ୍ରକାଶନ ୧୯୯୪ ପ୍ରଫେସର ଧନେଶ୍ୱର ମହାପାତ୍ର, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ କଟକ ତାରିଖ-୧୮ ଜୁନ୍ ୨୦୨୫ ଲେଖା ସ୍ୱୀକାରୋକ୍ତି ପତ୍ର ।

❖ ❖ ❖

DOI : https://doi.org/10.5281/zenodo.16919373

ମୂଳ ପ୍ରବନ୍ଧ

# ବିଶ୍ୱଦୃଷ୍ଟିରେ ସାଂଧ୍ୟଭାଷାର ଅର୍ବାଚୀନ ଅର୍ଘ୍ୟ: ଚମ୍ପାଫୁଲ

**ସନ୍ତୋଷ କୁମାର ନାୟକ**

**ସଂକ୍ଷିପ୍ତସାର :**

ଏହି ପ୍ରବନ୍ଧରେ ଗୁରୁପ୍ରସାଦ ମହାନ୍ତିଙ୍କ ‘ଚଂପାଫୁଲ’ ସନେଟ୍‌ର ବିନିର୍ମାଣ କରିବା ସଂଗେ ସଂଗେ ଏହାର ପ୍ରତୀକାତ୍ମକ ବୈଶିଷ୍ଟ୍ୟ, ଆର୍କିଟାଇପାଲ୍ ବୈଶିଷ୍ଟ୍ୟ ଏବଂ ସ୍ଥିତିବାଦୀ ଆବେଦନର ଉପପାଦ୍ୟକୁ ବିଶ୍ଳେଷଣ କରାଯାଇଛି। ଗୁରୁପ୍ରସାଦ ମହାନ୍ତି ଯଥାର୍ଥରେ ଜଣେ ଅଦ୍ୱିତୀୟ ସାରସ୍ୱତ ସ୍ରଷ୍ଟା। ତାଙ୍କର ପ୍ରାରମ୍ଭିକ ପର୍ଯ୍ୟାୟର ଏହି କବିତାରେ ଏତେ ମାତ୍ରାରେ ବ୍ୟଂଜନାଶକ୍ତି ଥିବା ହେତୁ ସମାଲୋଚନାକୁ ଏହା ଖାଲି ତଟସ୍ଥ କରି ନଥାଏ, ବରଂ ଆଶ୍ଚର୍ଯ୍ୟ ଚକିତ ମଧ୍ୟ କରିଥାଏ। ଏହି ଆଲୋଚନାରେ ‘ଚଂପାଫୁଲ’ କବିତାକୁ ବିଶ୍ୱଦୃଷ୍ଟିରେ ବିଚାର କରାଯାଇଛି। ଦର୍ଶନ, ମନସ୍ତତ୍ତ୍ୱ, ବିଶ୍ୱର ବିଭିନ୍ନ ସଭ୍ୟତା, ସଂସ୍କୃତି, ସାମାଜିକ ପ୍ରଥା-ପରଂପରା ପ୍ରଭୃତି ଦୃଷ୍ଟିରେ ଏହାର ବିବେଚନା କରାଯାଇଛି। ପରିଶେଷରେ ‘ଚଂପାଫୁଲ’ କବିତାର ଭାଷାକୁ ଅର୍ବାଚୀନ ‘ସନ୍ଧା ଭାଷା’ ବା ‘ସାଂଧ ଭାଷା’ ବୋଲି କୁହାଯାଇଛି ଓ ପ୍ରମାଣ ମଧ୍ୟ କରାଯାଇଛି। ଏଣୁ ଏହାକୁ “ନୂତନ ଚର୍ଯ୍ୟାଗୀତିକା” ବୋଲି ଅଭିହିତ ମଧ୍ୟ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :**

ସହଜ, ସନ୍ଧାଭାଷା, ବୁଦ୍ଧତ୍ୱ, ପ୍ରତୀକ, ଆଦିକଳ୍ପ, ଯୁଙ୍ଗୀୟ ମନସ୍ତତ୍ତ୍ୱ

## ଉପୋଦ୍‌ଘାତ:

‘ଚମ୍ପାଫୁଲ’ ଏକ ପ୍ରକାର ସପୁଷ୍ପକ ଆବୃତବୀଜୀ ଉଭିଦର ପୁଷ୍ପବିଶେଷ ଅଟେ। ମାଗ୍ନୋଲିଆସି ପରିବାରଭୁକ୍ତ ଏହି ପୁଷ୍ପବିଶେଷ କୋଟିକୋଟି ବର୍ଷ ପୂର୍ବରୁ ବିଶେଷ ଭାବରେ ଦକ୍ଷିଣ-ପୂର୍ବ ଏସୀୟ ଅଞ୍ଚଳ ତଥା ହିମାଳୟର ପାଦଦେଶରେ ସୃଷ୍ଟି ହୋଇଥିବା ଜଣାପଡ଼େ। ଆଜିକୁ ୧୪୫ ରୁ ୧୬୫ କୋଟି ବର୍ଷ ପୂର୍ବରୁ ମାଗ୍ନୋଲିଆ ବଂଶୀୟ ପୁଷ୍ପବିଶେଷର ଜୀବାଶ୍ମ (Fossils) ବିଶେଷକରି କ୍ରେଟାସିଅସ୍ ପର୍ଯ୍ୟାୟରେ ମିଳିଥିବାର ପ୍ରମାଣ ମିଳେ। ତଥାକଥିତ ଚଂପାଫୁଲ (Magnolia Champaca)ର ଜୀବାଶ୍ମ ଆଜିକୁ ୫୬ ରୁ ୩୪ କୋଟି ବର୍ଷ ତଳେ ଆଦିନୂତନ ଯୁଗ ବା ଇୟୋସୀନ ଯୁଗ (Eocene Epoch)ରେ ମିଳିଥାଏ। ୧୦୦ କୋଟି ବର୍ଷ ତଳୁ ଦୀର୍ଘ ୫୦ କୋଟି ବର୍ଷ ବିବର୍ତ୍ତନୀୟ ବିଭେଦନ ସୂତ୍ରରେ ଆଜକୁ ମାତ୍ର ୫୦ ରୁ ୩୦ କୋଟି ବର୍ଷ ତଳୁ ଏହା ଏକ ସ୍ୱତନ୍ତ୍ର ପୁଷ୍ପଭାବେ ପୃଥିବୀର ଉଷ୍ଣକଟୀବନ୍ଧୀୟ ଓ ନାତିଶୀତୋଷ୍ଣ କଟୀବନ୍ଧୀୟ ଅଞ୍ଚଳର ଜଳବାୟୁ ସହ ଖାପଖୁଆଇ ବିଶେଷ ଭାବରେ ଦକ୍ଷିଣପୂର୍ବ ଏସୀୟ ଭୌଗୋଳିକ ଅଞ୍ଚଳରେ ଏକ ବିଶେଷ ଉଭିଦ ପ୍ରଜାତି ଭାବରେ ନିଜର ବଂଶବିସ୍ତାର ଦ୍ୱାରା ଅସ୍ତିତ୍ୱ ଜାହିର୍ କରିଆସିଛି। ଏଇ ମାତ୍ର ୫୦୦୦ ରୁ ୧୦ ହଜାର ବର୍ଷ ତଳେ ‘ଚମ୍ପାଫୁଲ’ ଗଛ ଏହାର ସୁବାସିତ ପୁଷ୍ପ, ଔଷଧୀୟ ଗୁଣାବଳୀ ଓ କାଠ ପାଇଁ ମାନବୀୟ କୃଷି ସହ ଉପଯୋଜିତ। ହୋମୋ ଇରେକ୍ଟସ୍ ଓ ହୋମୋ ସାପିଏନ୍‌ସର ଉଦ୍ଭବକାଳ ମାତ୍ର ଦୁଇଲକ୍ଷ ବର୍ଷ ତଳୁ। ଏହି ସୂତ୍ରରୁ ଚଂପାଫୁଲର ବାସ୍ନା ଓ ରୂପର ପ୍ରଭାବ ମଣିଷର ମସ୍ତିଷ୍କ, ଚେତନ, ଅବଚେତନ ଓ ଅଚେତନ ମନ, ତଥା ସଂସ୍କୃତି, ସଭ୍ୟତା ଓ ସାମାଜିକ ଦୃଷ୍ଟି ପ୍ରଭୃତି ଉପରେ କେତେ ଯେ, ପ୍ରାଚୀନ ଓ

**ଯୋଗାଯୋଗ : ଡ଼କ୍ଟର ସନ୍ତୋଷ କୁମାର ନାୟକ,** ଓ. ଶି. ସେ-୧
ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର-୧, ଓଡ଼ିଶା
**Email :** santoshonly123@gmail.com
**ORCIDID:** https://orcid.org/0000-0003-0089-9098

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୫.୨୦୨୫ | ୧୧.୦୬.୨୦୨୫ | ୨୫.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ସନ୍ତୋଷ ; ୨୦୨୫। : ବିଶ୍ୱଦୃଷ୍ଟିରେ ସାଂଧ୍ୟଭାଷାର ଅର୍ବାଚୀନ ଅର୍ଘ୍ୟ: ଚମ୍ପାଫୁଲ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ; ପୃଷ୍ଠା :୨୪-୪୨।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :**
https://pracheenews.com/

**DOI:**
https://doi.org/10.5281/zenodo.16919373
Article No - BPP00323

ଆଦିମ- ଏକଥା ଅନୁମାନ କରାଯାଇପାରେ। ଏଥିପାଇଁ ଏହା ମଣିଷ ସମାଜ ଓ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଙ୍ଗ ଭାବରେ ବିଭିନ୍ନ ରିଚୁଆଲ୍ ବା ଧାର୍ମିକ ସଂସ୍କାର ସହ ଜଡ଼ିତ। ଆଶ୍ଚର୍ଯ୍ୟଜନକ ଭାବରେ ଏହା ପୃଥିବୀର ବିବିଧ ଭୂଖଣ୍ଡକୁ ସଂପ୍ରସାରିତ ଓ ସଂକ୍ରମିତ ହୋଇ ଅନୁରୂପ ପ୍ରଭାବ ମଣିଷର ମନ-ମସ୍ତିଷ୍କ ଉପରେ ପକାଇଛି। ଏସବୁ ଆଲୋଚନା କରିବା ଅଥବା ଏପରି ବୈଜ୍ଞାନିକ ତଥ୍ୟ ପରିବେଷଣର କାରଣ ହେଉଛି 'ଚଂପାଫୁଲ'କୁ ଏକ ଫୁଲ ମାତ୍ର ବା ପ୍ରତୀକ ମାତ୍ର ରୂପେ ଗ୍ରହଣ କରିବାଠାରୁ ବିଭିନ୍ନ ଭୂଖଣ୍ଡର ସମାଜ-ସଂସ୍କୃତି-ବିଶ୍ୱାସ ଓ ଚିନ୍ତନ ଉପରେ ଥିବା ଏହାର ପ୍ରଭାବ ସାଦୃଶ୍ୟ ତଥା ପ୍ରଭାବ ପ୍ରାଚୀନତା / ଆଦିମତାକୁ ଲକ୍ଷ୍ୟ ରଖି ଏହାକୁ ଏକ ଆଦିରୂପ (Archetype) ଭାବେ ଗ୍ରହଣ କରିନେବାର ଯୁକ୍ତିଯୁକ୍ତତା ଉପସ୍ଥାପନ କରିବା। କାରଣ ଆର୍କିଟାଇପ୍ ବା ଆଦିରୂପ ହେଉଛି ଏକ ସାର୍ବଜନୀନ ପ୍ରତୀକ ବିଶେଷ, (a universal symbol), ଏକ ସାର୍ବଜନୀନ ପାଟର୍ନ ବା ଢାଞ୍ଚା ତଥା ଏକପ୍ରକାର ବ୍ୟାବହାରିକ ନମୁନା (Behavioral Template)। ତେବେ ସେ ଯାହା ହେଉନା କାହିଁକି, 'ଚଂପାଫୁଲ'କୁ ନେଇ ବିବିଧ ଭାଷାରେ ବିବିଧ ଭୂଖଣ୍ଡରେ ଯେପରି ଚେତନାଗତ ଉଚ୍ଚାରଣ ଓ ଉତ୍ତରଣ ଦେଖିବାକୁ ମିଳେ, ସେସବୁର ଅନୁଧ୍ୟାନ ଓ ଅନୁଶୀଳନ ଉତ୍ତାରେ ଏକ ବିରଳ ବିସ୍ମିତି ଅନୁଭୂତ ହୁଏ। ତା'ଠାରୁ ଅଧିକ ବିସ୍ମୟକର ଲାଗେ ମାତ୍ର ବାଇଶିବର୍ଷ ବୟସରେ 'ଚଂପାଫୁଲ'ର ଏ ଆଦିମ / ଅବବୋଧ, ଏ ପ୍ରାଚୀନ ଚୈତନ୍ୟ, ଏ ବିଚିତ୍ର ବାଙ୍ମୟ ବର୍ଣ୍ଣାଢ୍ୟ ଜଣେ ନବ ପ୍ରଜନ୍ମର ସ୍ରଷ୍ଟା ଭିତରୁ ଆସିବାର ଓ ପ୍ରତିଫଳିତ ହେବାର ଦେଖି। ୧୯୯୩ ମସିହା ଅଗଷ୍ଟ ୩୧ ତାରିଖ ପ୍ରସନ୍ନ କୁମାର ମହାନ୍ତିଙ୍କ ସହ ଏକ ସାକ୍ଷାତ୍କାରରେ ନିଜେ କବି ଗୁରୁପ୍ରସାଦ ମହାନ୍ତି କହନ୍ତି ଯେ, ତାଙ୍କର ସ୍ମୃତିମତେ ୧୯୪୬ ମସିହାରେ 'ରେଭେନ୍ସାଭିଆନ୍' ପତ୍ରିକାରେ ତାଙ୍କର 'ଚଂପାଫୁଲ' କବିତା ପ୍ରକାଶ ପାଇଥିଲା। ୧୯୨୪ ରୁ ୧୯୪୬ର ଅନ୍ତର ମାତ୍ର ୨୨ ବର୍ଷ। ଏହି କବିତାଟିର ସଂରଚନା ଓ ସମ୍ଭାବନା ଏହାର ଅଦ୍ୱିତୀୟତାକୁ ପ୍ରମାଣ କରେ। ଏହି ଦୁଇଟି ବିଭାବ ଯଥାର୍ଥରେ ତାଙ୍କର ଏ କବିତାର ପ୍ରକୃତ ବିଭବ ତଥା ଅନ୍ୟନତାର ଅନନ୍ୟ ଇସ୍ତାହାର ଓ ଦସ୍ତାବିଜ୍- ଉଭୟ।

**ବିଷୟାନୁପ୍ରବେଶ ଓ ଆଲୋଚନା:** ଚମ୍ପାଫୁଲ ମଣିଷର ସଂସ୍କୃତି-ପରଂପରା-ସଭ୍ୟତା-ଆଦିମତା ଓ ପ୍ରାଚୀନତା ସହ ଚିରକାଳ ଜଡ଼ିତ। ହିନ୍ଦୁଧର୍ମ ବା ସନାତନଧର୍ମ ଓ ସଂସ୍କୃତିରେ ଦେବୀଲକ୍ଷ୍ମୀ ତଥା ସମୃଦ୍ଧି, ସୌଭାଗ୍ୟ, ଦିବ୍ୟପ୍ରେମ, ତ୍ୟାଗ, ପବିତ୍ରତାକୁ ଇଙ୍ଗିତ କରୁଥିଲାବେଳେ ବୌଦ୍ଧଧର୍ମ ଓ ସଂସ୍କୃତିରେ ଏହା ବୁଦ୍ଧତ୍ୱ (Enlightment), ଆଧ୍ୟାତ୍ମିକ ଅଭିବୃଦ୍ଧି ବା ବିକାଶ (Spiritual Growth), କରୁଣା, ମନୀଷା ବା ବୁଦ୍ଧିମତ୍ତାକୁ ସୂଚାଇଥାଏ। ଜୈନଧର୍ମ ଓ ସଂସ୍କୃତିରେ ଏହା ଆଧ୍ୟାତ୍ମିକ ବିକାଶ ଓ ଆତ୍ମାନୁଭବ (Spiritual growth and self-realisation)କୁ ବୁଝାଏ। ଜୈନଧର୍ମର ୨୪ତମ ତୀର୍ଥଙ୍କର 'ମହାବୀର' ଏହାକୁ ଅହିଂସା ଓ ଦୟା-ଅନୁକମ୍ପା ଓ ସହାନୁଭୂତିର ପ୍ରତିନିଧି ଭାବରେ ଗ୍ରହଣ କରନ୍ତି। ଚୈନିକ ସଂସ୍କୃତିରେ ସୌଭାଗ୍ୟ, ବିକାଶ, ଆନନ୍ଦ, ଏବଂ ଡ୍ରାଗନ୍ ସହ ଯୋଡ଼ିହୋଇ ଏହା କ୍ଷମତା, ଶକ୍ତି ଓ ପ୍ରଚଣ୍ଡତାକୁ ପ୍ରତୀକିତ କରିଥାଏ। ଜାପାନୀ ସଂସ୍କୃତିରେ ଚମ୍ପାଫୁଲ ଜୀବନର ନଶ୍ୱରତା (fleeting nature of life)କୁ ସୂଚାଉଥିଲା ବେଳେ ଚେରୀଫୁଲ ସହ ଯୋଡ଼ିହୋଇ ଏହା ନଶ୍ୱରତା ବା ଅଚିରନ୍ତନତାର ସୌନ୍ଦର୍ଯ୍ୟକୁ ସାଙ୍କେତିକ ଭାବେ ସୂଚାଇଥାଏ। ଜାପାନୀ ଭାଷାରେ ଏହାକୁ ନେଇ ଏକ ରୂଢ଼ି ରହିଛି "Mono no aware", ଯାହାର ଅର୍ଥ ହେଉଛି "the pathos of things" ବା ଅନ୍ୟ ଭାବରେ କହିଲେ ଏହା ଜିନିଷ ବା ଘଟଣାଟେ ପ୍ରତି ସମ୍ବେଦନଶୀଳ ବା ଅନୁକମ୍ପାଶୀଳ ମନୋଭାବ ଦେଖାଇବାକୁ ବୁଝାଇଥାଏ। "It is a key term in Japanese culture that conveys a deep awareness of the transience of things and the gentle sadness that comes with it." ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ସାହିତ୍ୟବିଦ୍ୱାନ୍ ମୋତୁରି ନୋରିନାଗା (Motoori Norinaga) ଏହାକୁ ଏକ ବିଶେଷ ଅର୍ଥରେ ପରିପ୍ରକାଶ କରିଥିଲେ। ଜାପାନୀ ଭାଷାରେ 'ମୋନୋ' (Mono)ର ଅର୍ଥ ଜିନିଷ, ଏବଂ 'ଏୱା' (Aware)ର ଅର୍ଥ 'ସମ୍ବେଦନଶୀଳତା' ବା 'ଦୁଃଖ'। ଏହି ଦର୍ଶନଦ୍ୱାରା ଜୀବନରେ ଘଟୁଥିବା ଅନେକ କଥାକୁ ଦୃଷ୍ଟାନ୍ତ ଭାବରେ ନିଆଯାଇପାରେ। ଯଥା- ବଦଳି ଯାଉଥିବା ଋତୁ, ହଜିଯାଉଥିବା ମଣିଷ ଓ ଜିନିଷ, ଚନ୍ଦ୍ରର ହ୍ରାସବୃଦ୍ଧି, ପ୍ରିୟପରିଜନଙ୍କ ଅବର୍ତ୍ତମାନତା ପ୍ରଭୃତି ସବୁକିଛି। ଏ ସବୁଥିରେ ଜୀବନର କ୍ଷଣଭଂଗୁରତା, ଅଳୀକତା ପ୍ରଭୃତି ପ୍ରତୀକିତ ଓ ପ୍ରତିଫଳିତ ହେବା ସହ ସବୁ ପରିବର୍ତ୍ତନ ସହ ଦୁଃଖ-ଯାତନା-ବିଚ୍ଛେଦ-ଶୋଚନା ରହିବା ଅନିବାର୍ଯ୍ୟ ବୋଲି ବଜ୍ରକଣ୍ଠରେ ଏ ସଂସ୍କୃତି ଉଦ୍‌ଘୋଷଣା କରେ। ସେହିପରି ଫେଙ୍ଗ୍‌ସୁଇ ମତରେ ଏହା ବିଶେଷକରି ଦକ୍ଷିଣ-ପୂର୍ବ କୋଣରେ ବା ଦିଗରେ ରହି ସମୃଦ୍ଧିକୁ ଆକର୍ଷଣ କରିଥାଏ ଓ ଶୂନ୍ୟରେ ଶକ୍ତି ସମତା ରକ୍ଷା କରିଥାଏ। ସେହିପରି ଥାଇଲାଣ୍ଡର ସଂସ୍କୃତି ଚଂପାଫୁଲକୁ ସମ୍ମାନ ଓ ଗୁରୁତ୍ୱର ପ୍ରତୀକ ଭାବେ ଦେଖିଥିଲା ବେଳେ ଇଣ୍ଡୋନେସିଆର ସଂସ୍କୃତିରେ ପ୍ରେମ-ପ୍ରଣୟ-ରୋମାନ୍ସର ପ୍ରତୀକ ଭାବରେ ଏହା ଦଣ୍ଡାୟମାନ। ସେହିପରି ଶ୍ରୀଲଙ୍କାରେ ପାରଂପରିକ ବିବାହ ଉତ୍ସବରେ ଚଂପାଫୁଲକୁ

ବ୍ୟବହାର କରାଯାଇଥାଏ। ମୋଟାମୋଟି ଭାବରେ ଚମ୍ପାଫୁଲ ଏକ ପ୍ରକାରର ଆଧ୍ୟାତ୍ମିକ ବିକାଶ, ଅନ୍ତର୍ନିହିତ ବିକାଶ, ଜ୍ଞାନର ସୁରଭି, ସୌନ୍ଦର୍ଯ୍ୟ, ସୌଷ୍ଟବ ଓ ଜୀବନର ଭଙ୍ଗୁରତା ଓ କ୍ଷଣସ୍ଥାୟୀତ୍ୱକୁ ସୂଚାଇଥାଏ। ଅପରପକ୍ଷରେ ସେହି ହିନ୍ଦୁ ସଂସ୍କୃତି, ବୌଦ୍ଧସଂସ୍କୃତି ଓ ଭାରତୀୟ ସଂସ୍କୃତି ବା ତନ୍ତ୍ରସଂସ୍କୃତି ଅଥବା ଅନ୍ୟାନ୍ୟ ଦର୍ଶନରେ ଏହାକୁ ଆଧ୍ୟାତ୍ମିକ ବିକାଶ ସହିତ ପ୍ରେମ ଓ କାମ (Lust)ର ପ୍ରତୀକ ଭାବରେ ମଧ୍ୟ ଗ୍ରହଣ କରାଯାଇଛି। ଚମ୍ପାଫୁଲ ଏକ କାମୁକ ଇଚ୍ଛା (Sensual Desire)ର ସଂଯୋଜକ ମାତ୍ର। ଯେପରିକି 'ଚମ୍ପକ' ନାମଟି ଶିବ ଓ ଶକ୍ତିଙ୍କର ମିଳନ ବା ପୁରୁଷ ଓ ନାରୀଶକ୍ତିର ସମେକନକୁ ସୂଚାଇ ଥାଏ। 'କାମସୂତ୍ର'ରେ 'ଚମ୍ପକ' ଏକ ଏରୋଟିକ୍ (Erotic) ବା କାମୋଦ୍ଦୀପକ ପ୍ରେମ ଓ ରତ୍ୟାତ୍ମକ ଆନନ୍ଦ ବା କାମୁକାନନ୍ଦକୁ ପ୍ରତୀକିତ କରୁଥିବା କଥା କୁହାଯାଇଛି। ଏହାର ସୌରଭ ଦେବୀ ଲକ୍ଷ୍ମୀ ଓ ପ୍ରେମର ଦେବୀ ରତିଙ୍କ ସଂଯୋଜିତ। ବିଶେଷକରି ତାନ୍ତ୍ରିକ ଦର୍ଶନରେ ଶକ୍ତି ବା ଦେବୀଙ୍କ କ୍ଷମତା ଓ ନାର୍ଯ୍ୟତତ୍ତ୍ୱ (Feminine Principles)ର ପ୍ରତୀକ ଭାବରେ ଚମ୍ପାଫୁଲକୁ ଗ୍ରହଣ କରାଯାଇଛି। ତନ୍ତ୍ର ପରଂପରା ମଧ୍ୟରେ ଏହି ପୁଷ୍ପର ସୌରଭ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରିବାର କ୍ଷମତା ରଖେ ବୋଲି ମଧ୍ୟ କୁହାଯାଇଛି। ମହାକବି କାଳିଦାସଙ୍କ 'ମେଘଦୂତମ୍'ରେ ଚଂପାଫୁଲ 'ପ୍ରେମ' ଓ 'ଲାଳସା'ର ପ୍ରତୀକ ଭାବେ ବର୍ଣ୍ଣିତ। ଅନେକ ସଂସ୍କୃତ କାବ୍ୟ କବିତାରେ ଏହାକୁ ପ୍ରିୟତମାର ସୌନ୍ଦର୍ଯ୍ୟ ନିମନ୍ତେ ରୂପକ ଭାବରେ ବ୍ୟବହାର କରାଯାଇଛି। ଦାର୍ଶନିକ ଦୃଷ୍ଟିରେ ଏହାର ସୁରଭି 'ସମ୍ମୋହନ' ଓ 'ଇଚ୍ଛାର ରହସ୍ୟ' (Allure and mystery of desire)କୁ ଇଙ୍ଗିତ କରେ ବୋଲି ବୁଝାଯାଏ। ପୁଣି ଲୈଙ୍ଗିକ ବୈପରୀତ୍ୟର ମିଳନ (Male-Female, Spiritual- Sensual) ଭାବରେ ଉପପାଦିତ ହେବା ସହ ଏହି ଫୁଲଟିର ସୌନ୍ଦର୍ଯ୍ୟ ଆନନ୍ଦର ଅଳୀକ ପ୍ରକୃତିକୁ ଇଙ୍ଗିତ କରିଥାଏ।

ଚମ୍ପକ ପୁଷ୍ପର ସ୍ୱର୍ଣ୍ଣାଭ ବର୍ଣ୍ଣ ଉତ୍ସାହ, ସୌହାର୍ଦ୍ଦ୍ୟ, ଦ୍ରବଣଶୀଳତା ଓ ଇଚ୍ଛାର ଆବେଗ, ତଥା ଯୌନଲାଳସା, ବାସନା, ଅନୁରାଗ ଓ ଅଭିଳାଷାଦିକୁ ପ୍ରତିନିଧିତ୍ୱ କରିଥାଏ। ଏହି ପୁଷ୍ପଟିକୁ କାମପ୍ରତୀକ ଭାବରେ ଏହାର ସ୍ୱରୂପ ଓ ସୌରଭ ପାଇଁ ଗ୍ରହଣ ମଧ୍ୟ କରାଯାଇଥାଏ, ଯାହାର ଫଳସ୍ୱରୂପ ଏହାକୁ ଶୃଙ୍ଗାରିକ ଓ କାମୋଦ୍ଦୀପକ ଭାସ୍କର୍ଯ୍ୟ (Erotic Sculptures) ସହ ସଂପୃକ୍ତ କରାଯାଇଛି। ଆଧୁନିକ କାଳରେ ଚମ୍ପାଫୁଲକୁ 'ନାରୀର କାମୋତ୍ତେଜନା' ପ୍ରତୀକ ଭାବରେ ଗ୍ରହଣ କରିବା ସହ ଆତ୍ମପ୍ରତିଫଳନ ଓ ସଚେତନତାର ସ୍ୱରୂପ ଭାବରେ ଏହାର ସୌନ୍ଦର୍ଯ୍ୟକୁ ସ୍ୱୀକାର କରାଯାଇଛି।

'ଚମ୍ପାଫୁଲ' କବିତାରେ ଗୁରୁପ୍ରସାଦ ଯେଉଁ ନିଆଁ କଥା କହିଛନ୍ତି, ଯେଉଁ ଉତ୍ତାପ ଓ ଉତ୍ତେଜନାର କଥା କହିଛନ୍ତି, ଯେଉଁ ମଦ୍ୟ ଓ ମାଦକତାର କଥା କହିଛନ୍ତି- ତାହା ବାସ୍ତବିକ୍ ଅତୀବ ଗଭୀର-ଗହନ କଥା। ମହାକବି ଦାନ୍ତେ ଓ କବିଗୁରୁ ଏଲିଅଟ୍ 'ଗୋଲାପ' ଓ 'ନିଆଁ'କୁ ଏକ ଓ ଅଭିନ୍ନ ବୋଲି କହନ୍ତି। "And the Fire and the Rose are one" (Eliot) ମାନବତା ସ୍ୱର୍ଗର ନନ୍ଦନକାନନ (Eden)ରେ ଆରମ୍ଭ ହେଲା। Humanity originated in the garden of Eden but was cast into the world of weeds and briars after the Fall. ସ୍ୱର୍ଗର ନିଆଁ ସ୍ୱର୍ଗୀୟ ଗୋଲାପକୁ ନଷ୍ଟ କରେନାହିଁ। ବରଂ, ଏଦ୍ୱୟର ମିଶ୍ରଣ, ବା ଏକତ୍ରୀକରଣରେ ଫୁଟିଉଠେ ସୌନ୍ଦର୍ଯ୍ୟ ଓ ସୌହାର୍ଦ୍ଦ୍ୟ। ଏଠାରେ ଅବଶ୍ୟ ହଜିଯାଇଥିବା ସେଇ 'ସ୍ୱର୍ଗୀୟ ପ୍ରେମ' (Divine Love) କଥା କୁହାଯାଇଛି। ମାତ୍ର ଗୁରୁପ୍ରସାଦ ଚମ୍ପାଫୁଲରେ ସ୍ୱର୍ଗୀୟ ପ୍ରେମ କଥା କହିନାହାନ୍ତି। ଏଲିଅଟ୍‌ଙ୍କ ଭାଷାରେ "All manner of things shall be well / when the longues of flame are in folded / Into the Crowned Knot of fire / And the fire and the rose are one." (Little Gidding, 5.255-258) ଏକ ଡିଭାଇନ୍ ପ୍ରେମର 'ସ୍ଥିର ବିନ୍ଦୁ'କୁ ସୂଚାଇଲାବେଳେ ଦାନ୍ତେ ସ୍ୱର୍ଗ ବା ପାରାଡାଇଜ୍‌ର ସଂରଚନା ଗୋଲାପ ଫୁଲ ପରି ଓ ଆତ୍ମାଙ୍କର ସ୍ଥାନ ସେହି ଗୋଲାପର ପାଖୁଡ଼ାରେ ରହିବା କଥା କହିଛନ୍ତି। କିନ୍ତୁ ଗୁରୁପ୍ରସାଦଙ୍କ 'ବଣନିଆଁ' ଏଠାରେ ସବୁକିଛି ଛିନ୍ନଭିନ୍ନ କରିଦେଇଛି। ଗୋଲାପ ପ୍ରେମର ପ୍ରତୀକ। ନିଆଁ ଉଦ୍‌ବେଗ ଓ ଗାମ୍ଭୀର୍ଯ୍ୟର ପ୍ରତୀକ। ଏ ଦ୍ୱୟ ମିଶି ଏକ ଟ୍ରାନ୍‌ସ୍‌ଫର୍‌ମେସନ୍ ଓ ନବଜନ୍ମ ସୃଷ୍ଟି କରନ୍ତି। "Fire transforms the rose signifying growth and rebirth." ଗୋଲାପ ଓ ନିଆଁ କେତେବେଳେ transformation ଓ Renewalର ପ୍ରତୀକ ତ ଆଉ କେତେବେଳେ ସୌନ୍ଦର୍ଯ୍ୟ (Beauty) ଓ ବିଧ୍ୱଂସ (Destruction)ର ପ୍ରତୀକ। ପୁଣି କେତେବେଳେ ସ୍ୱର୍ଗୀୟ-ଅମର ପ୍ରେମ (Eternal Love)କୁ ଏହି ଗୋଲାପ ଓ ନିଆଁ ସୂଚାଇଥା'ନ୍ତି।

ଉଇଲିଅମ୍ ସେକ୍‌ସପିୟର ତାଙ୍କ ରୋମିଓ ଓ ଜୁଲିଏଟ୍‌ରେ କହନ୍ତି- "Love is a rose, but you'd rather have the fire." ରୁମିଙ୍କ କବିତାରେ ଏହି 'ଗୋଲାପ' ଓ ଆଉ 'ନିଆଁ' ଏକ ଓ ଅଭିନ୍ନ ବୋଲି କୁହାଯାଇଥିଲା ବେଳେ (The rose and the fire are one) ପାବ୍ଲୋ ନେରୁଦାଙ୍କ କବିତାରେ ପ୍ରେମକୁ ନିଆଁ ଭିତରର ଗୋଲାପ ଫୁଲ ବୋଲି କୁହାଯାଇଛି। ତାଙ୍କରି ଭାଷାରେ-

"Love is a rose in the fire." ନିଆଁର ଜ୍ୱାଳା, ତା'ର ତାତି, ତା'ର ଦହନ ଭିତରେ ହିଁ ଗୋଲାପର ପାଖୁଡ଼ାର କୋମଳତା ରହିଛି। ଅପୂର୍ବ ଦର୍ଶନ ଏ ପ୍ରେମର। ସଂଗୀତରେ ଏହି ଗୋଲାପ ଓ ନିଆଁର ସମନ୍ୱୟ କଥା Debussy ଓ Ravel କହିଥିଲାବେଳେ ଭାସ୍କର୍ଯ୍ୟ କଳାରେ Rodin ଓ Calder ଗୋଲାପ ଓ ନିଆଁର ସଂପର୍କ କଥା ଦେଖାଇଛନ୍ତି। ସେହିପରି ଚିତ୍ରକଳା କ୍ଷେତ୍ରରେ Georgia O' Keefee ଓ Salvador Daliଙ୍କ ଦ୍ୱାରା ଗୋଲାପ ଓ ନିଆଁର ଅନ୍ୱିତି, ପ୍ରତ୍ୟନ୍ୱିତି ଓ ସମନ୍ୱିତି ଦର୍ଶାଯାଇଛି। ସାଂସ୍କୃତିକ ଦୃଷ୍ଟିକୋଣରୁ ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ପୁରାଣ କଥାରେ ଗୋଲାପ ଦେବୀ ଏଫ୍ରୋଡାଇଟ୍ ଏବଂ ଭେନସ୍‌ଙ୍କ ପରି ପ୍ରେମର ଦେବୀଙ୍କ ସହ ଜଡ଼ିତ ଥିବା କଥା କୁହାଯାଇଥିଲା ବେଳେ ହିନ୍ଦୁ ବା ସନାତନ ଧର୍ମରେ ଗୋଲାପକୁ ହୃଦୟଚକ୍ର ସହ ସଂପର୍କିତ କରାଯାଇଛି, ଯାହା ପ୍ରେମ ଓ ଉତ୍ସାହକୁ ସୂଚାଇଥାଏ ମାତ୍ର। ସେହିପରି ଇସ୍‌ଲାମ ପରଂପରାରେ ଗୋଲାପକୁ ଆଧ୍ୟାତ୍ମିକ ବିକାଶ ଓ ସ୍ୱର୍ଗୀୟ ପ୍ରେମର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। କିନ୍ତୁ କୌତୁକର କଥା ଯେ, ଦାର୍ଶନିକ ବିଚାର ଅନୁସାରେ ବିଶେଷକରି Alchemical Symbolismରେ ଗୋଲାପ ଓ ନିଆଁକୁ ବୈପରୀତ୍ୟର ସମନ୍ୱୟ ବା Union of opposite (Masculine- feminine, active- passive) ବୋଲି କୁହାଯାଇଥିଲା ବେଳେ ଯୁଙ୍ଗୀୟ ମନସ୍ତତ୍ତ୍ୱରେ ଗୋଲାପ ଓ ନିଆଁ ଚେତନ ଓ ଅଚେତନ (Conscious and unconscious) ମନର ମିଳନ କଥାକୁ ସୂଚାଇଥାଏ। ସେହିପରି ଅସ୍ତିତ୍ୱବାଦୀ ଦର୍ଶନରେ ଏହି ଗୋଲାପ ଓ ନିଆଁ ଜୀବନର ଅଳୀକତା ଓ ନଶ୍ୱରତାକୁ ସୂଚାଇଥାଏ। କହିବା ବାହୁଲ୍ୟ ଯେ, 'ଗୋଲାପ' ଓ 'ନିଆଁ'ର ଏ ଅଭିନ୍ନତା ଗୁରୁପ୍ରସାଦୀୟ 'ଚମ୍ପାଫୁଲ'ରେ ଏକ ନିଆରା ଢଙ୍ଗ ଓ ସ୍ୱାଦରେ ବର୍ତ୍ତମାନ। ଏଠାରେ ଏ ନିଆଁରେ "ପୋଡ଼ିଯାଏ ଜଳିଯାଏ ସବୁ", ଏ ନିଆଁରେ "ମନେପଡ଼େ ରୋମାଞ୍ଚରେ ଶୋଇ" ଏ ନିଆଁ ଏଠାରେ 'ବଣନିଆଁ' ଯେଉଁଥିରେ "ପୋଡ଼ିଯାଏ ଜଳିଯାଏ ସବୁ", ଏ ନିଆଁରେ "ମାଂସଫୁଟେ ଫୁଲହୋଇ", ଏ ନିଆଁରେ ପୃଥିବୀର ଛାତିରେ ଲୋଟିଯିବାକୁ ହୁଏ, ଏ ନିଆଁରେ ପୋଡ଼ି, ଜଳି, ପାଉଁଶ ହୋଇଯିବାକୁ ହୁଏ ଓ ତାହାର ଆନନ୍ଦରେ ରୋମାଞ୍ଚିତ ହେବାକୁ ପଡ଼େ। ଏ ହେଉଛି ଗୁରୁପ୍ରସାଦୀୟ 'ଚମ୍ପାଫୁଲ'ର 'ଗୋଲାପ ଓ ନିଆଁ'ର କଥା। ଚମ୍ପାଫୁଲ ମହକରେ ଭୀଷଣ କୁହୁକ ଥିବା କଥା କବି କହିଛନ୍ତି। କବିଙ୍କ ଭାଷାରେ "ଚମ୍ପାଫୁଲ ମହକରେ ଏଡ଼େ ସେ ଯେ ଦାରୁଣ କୁହୁକ / ରକ୍ତେଯାଏ ନିଆଁ ଲାଗି, ଛାତି ଆଉ ନିଶ୍ୱାସରେ ନିଆଁ / ଛାତି ଆଉ ନିଶ୍ୱାସରେ ନିଆଁ ସେ ଯେ ଦେହେଦେହେ ବିଜୁଳି ଚମକ / ବିଜୁଳି ଚମକ ସେ ଯେ ବଣନିଆଁ, ସବୁ ଯାଏ ଛିନ୍ନଭିନ୍ନ ହୋଇ,/ ପୃଥିବୀ ଛାତିରେ ଲୋଟି ପୋଡ଼ିଯାଏ ଜଳିଯାଏ ସବୁ / ମାଂସଫୁଟେ ଫୁଲ ହୋଇ ମନେପଡ଼େ ରୋମାଞ୍ଚରେ ଶୋଇ।" (ମହାନ୍ତି, ଗୁରୁପ୍ରସାଦ ଓ ରାଓ, ଭାନୁଜୀ, ୧୯୫୫: ୧୬) ଚମ୍ପାଫୁଲରେ ଥିବା କୋମଳ ଗୋଲାପର କୁହୁକ ହୋଇଉଠିଛି ଦାରୁଣାତିଦାରୁଣ। ସେହି କୁହୁକର ଦାରୁଣ ପ୍ରକୃତିରୁ ରକ୍ତରେ ଲାଗିଛି ନିଆଁ। ସେ ନିଆଁ ରକ୍ତରୁ ଯାଇ ଲାଗିଛି ଛାତି ଆଉ ନିଃଶ୍ୱାସରେ। ସେ ନିଆଁ ଛାତି ଓ ନିଃଶ୍ୱାସରୁ ଯାଇ ସାରା ଦେହରେ ବିଜୁଳିର ଚମକରେ ପରିଣତ ହୋଇଛି ଓ ସେହି ବିଜୁଳି ଚମକ ବଣନିଆଁରେ ପରିଣତ ହୋଇ ସବୁକିଛି ଜାଳିପୋଡ଼ି ନଷ୍ଟଭ୍ରଷ୍ଟ କରିଦେଇଛି। ସବୁ ଛିନ୍ନଭିନ୍ନ ହେଲାପରେ ପୃଥିବୀ ଛାତିରେ ଲୋଟି ସବୁ ପୋଡ଼ି ଜଳିଗଲାପରେ ମାଂସ ଫୁଲହୋଇ ଫୁଟିଛି। ଗୋଲାପରୁ ନିଆଁ ଆସିଲା ପରି ଏଠାରେ ପୁଣି ନିଆଁରୁ ଗୋଲାପର ଜନ୍ମ ହୋଇଛି। ଗୋଲାପ ଫୁଟିଛି। ସବୁକିଛି ରୋମାଞ୍ଚମୟ ହୋଇଉଠିଛି। ଏହିଠାରେ ଏଲିଅଟ୍ ଓ ଦାନ୍ତେଙ୍କ ବର୍ଣ୍ଣନା, ରୁମିଙ୍କ କାବ୍ୟିକ ସିଦ୍ଧାନ୍ତ, ପାବ୍ଲୋ ନେରୁଦାଙ୍କ "ନିଆଁରେ ଫୁଟିଥିବା ଗୋଲାପର କଥା", ପ୍ରେମ-ପ୍ରଣୟ-ଲିବିଡୋ, ଯୌନାକାଂକ୍ଷା ଓ କାମନା ବାସନା ପ୍ରଭୃତିର କଥା ଆପେଆପେ ଯୋଡ଼ି ହୋଇଯାଏ। ଏଠାରେ ଆଲ୍‌ଡସ୍ ହକ୍ସଲେଙ୍କ କଥା ମନେପଡ଼େ। ସେ କହିଥିଲେ- "Beauty is worse than wine, it intoxicates both the holder and beholder." 'ଚମ୍ପାଫୁଲ'ର ସୌନ୍ଦର୍ଯ୍ୟ ବା ପ୍ରତୀକାତ୍ମକ ଆବେଦନର ମଞ୍ଜି କଥାଟି ହେଲା ପୃଥିବୀ ଛାତିରେ ଲୋଟି ସବୁକିଛି ପୋଡ଼ିଜଳି ନଷ୍ଟ ହୋଇଯିବା। ଏଣୁ ଏଠାରେ ଉଭୟପକ୍ଷ 'ପାଉଁଶ ହେବା' ସାର ମାତ୍ର।

ଚମ୍ପାଫୁଲରେ ନିଆଁ ଓ ଜଳ ଏକାକାର ହେବାର ଦୃଶ୍ୟ ଏକ ଅନନ୍ୟ ଉପଲବ୍ଧି। ପ୍ରତୀକାତ୍ମକ ଦୃଷ୍ଟିରେ ପୁରୁଷ ଓ ନାରୀ, ବିଧ୍ୱଂସ ବିନିର୍ମାଣ, ବୈପରୀତ୍ୟ, ରୂପାନ୍ତରଣ, ସମନ୍ୱୟ ଓ ଆବେଗାତିଶଯ୍ୟର କଥା ଏଠାରେ କୁହାଯାଇଛି। ଗ୍ରୀକ୍ ପୁରାଣରେ ପ୍ରେମେଥିଅସ୍ ଅଗ୍ନିର ପ୍ରତୀକ ଭାବେ ଗୃହୀତ ହେଲାବେଳେ ପୋସିଡନ୍ (Poseidon) ଜଳତତ୍ତ୍ୱର ପ୍ରତୀକ ଭାବେ ଗୃହୀତ। ଜଳ ଓ ଅଗ୍ନି ଏକ ଆଧ୍ୟାତ୍ମିକ ରୂପାନ୍ତରଣକୁ ମଧ୍ୟ ସୂଚାଇଥାଏ। ଉଇଲିୟମ୍ ସେକ୍‌ସପିୟର କହନ୍ତି, "Fire and water, both destructive and creative." ସେହିପରି ହୋମରଙ୍କ ଇଲିଆଡ୍‌ରେ "The fiery passion of Achilles, tempered by the water of sorrow" କୁହାଯାଇଥିଲା ବେଳେ ରୁମିଙ୍କ କବିତାରେ "The fire of love, quenched by the water of wisdom" ବୋଲି କୁହାଯାଇଛି। ସେହିପରି ଯୁଙ୍ଗୀୟ ମନସ୍ତତ୍ତ୍ୱରେ ନିଆଁ ଓ ଜଳ ଯଥାକ୍ରମେ

ଚେତନ ଓ ଅଚେତନକୁ ବୁଝାଇଥାଏ। ହେରାକ୍ଲିଟସ୍ ନିଆଁ ଓ ଜଳକୁ ବୈପରୀତ୍ୟର ଐକ୍ୟ ବା ସହାବସ୍ଥାନ ବୋଲି କହିଲାବେଳେ Yin-Yang Taoismରେ ବୈପରୀତ୍ୟର ପାରସ୍ପରିକତା କଥା ହିଁ କହନ୍ତି। 'ଚମ୍ପାଫୁଲ' କବିତାରେ ଏହି ନିଆଁ ଓ ଜଳ ଉଭୟ ରହିଛନ୍ତି। ଏଠାରେ ଦେଖିବାକଥା ଯେ, ଚମ୍ପାଫୁଲର ମହକରେ ସମୁଦ୍ର ବାଟ ଭୁଲିବା, କୂଳ ଡେଇଁ ଆସିବା, ଭରା ନଈ ଛାତି ଶୁଖିଯିବା, ପଥର ତରଳିବା ଏବଂ ମଶାଣିର ଭୂତପ୍ରେତ ଛାଡ଼ି ରଜବତୀ କନ୍ୟା ଲାଗି ଯୋଗୀ ମଦନରେ ମାତିବା ଘଟଣା ଏହି ନିଆଁ ଆଉ ଜଳର କଥା। ଗୋଟିଏ ପଟରେ ଚମ୍ପାଫୁଲର ମହକ, ଯାହାକି 'ନିଆଁ' ଅଟେ, ଅପରପକ୍ଷରେ 'ସମୁଦ୍ର', 'ଭରାନଈ', 'ପଥର' ଓ 'ଯୋଗୀ' ପ୍ରଭୃତି 'ଜଳତତ୍ତ୍ୱ'କୁ ତୁମୁଳ ଭାବରେ ପ୍ରଭାବିତ କରୁଛି। କାହାକୁ ସେ ବାଟ ଭୁଲାଇ ବାଟବଣା କଲାଣି ତ, କାହାର ଛାତି ଶୁଖାଇଲାଣି, କାହାକୁ ତରଳାଇ ଦେଲାଣି ତ କାହାକୁ ପତଙ୍ଗ କରି ଆକର୍ଷିତ କରିସାରିଲାଣି। ପୁଣି ଏହି ଅଗ୍ନିତତ୍ତ୍ୱରେ ଯାଦୁକରୀ ପଥରକୁ ରଜାପୁଅ କରେ, ହାଡ଼ ସବୁ ହୁଏ ମୁକ୍ତାଫୁଲ। ଏହି ଅଗ୍ନିତତ୍ତ୍ୱରେ ରାଜାଝିଅ ବେଣୀଫୁଲ ଖସିଯାଏ ଶହଶହ ଥର, ଏହି ଅଗ୍ନିର ଆବେଶରେ କୋଟିଏ ମଣିଷଙ୍କ ମୂଳ ଗୋଟିଏ ଫୁଲରେ ହୋଇଥାଏ। 'ଚମ୍ପାଫୁଲ' କବିତାର ଦ୍ୱିତୀୟ କ୍ୱାଟ୍ରେନ୍‌ରେ ଏହି ଅଗ୍ନିତତ୍ତ୍ୱ ଜଳତତ୍ତ୍ୱକୁ ପ୍ରଭାବିତ କରୁଛି ସତ କିନ୍ତୁ ଏଥର ଏଥିରେ ବିଧ୍ୱଂସ ନୁହେଁ ବିନିର୍ମାଣ ହେଉଛି। 'ହାଡ଼' ସବୁ 'ମୁକ୍ତାଫୁଲ' ହେବା, 'ରାଜାଝିଅ ବେଣୀଫୁଲ', 'ପାଣିର ସୁଏ ସୁଏ ଭାସିଯିବା' ଓ 'ଗୋଟିଏ ଫୁଲରେ କୋଟିଏ ମଣିଷର ମୂଳ ହେବା' ଏକପ୍ରକାର ସର୍ଜନମୁଖୀ ବିଧ୍ୱଂସ ଓ ବିଧ୍ୱଂସମୁଖୀ ସର୍ଜନା ମାତ୍ର। ଏହିପରି ଏଠାରେ ନିଆଁ ଓ ପାଣି ଏକ, ଅଭିନ୍ନ, ଏକାକାର ଓ ଏକମୁଖୀ, ଏକ ଦେଶୀୟ ଓ ଏକ ଗୋତ୍ରୀୟ ହୋଇଉଠିଛନ୍ତି। କବିତାଟିର ଷଷ୍ଠକରେ ଏହା ଆହୁରି ସ୍ପଷ୍ଟ ଓ ପ୍ରାଞ୍ଜଳ। ଚମ୍ପାଫୁଲ ମହକରେ ଯେଉଁ 'ଦାରୁଣ କୁହୁକ' କଥା କୁହାଯାଇଛି, ତାହା ନିଶ୍ଚିତ ରୂପେ ଅଗ୍ନିତତ୍ତ୍ୱ। ତା'ରି ପାଇଁ ରକ୍ତରେ ନିଆଁ ଲାଗିଯାଏ, ଛାତି ଆଉ ନିଃଶ୍ୱାସରେ ନିଆଁ ଲାଗିଯାଏ। ଛାତି ଆଉ ନିଃଶ୍ୱାସରେ ନିଆଁ ଲାଗି ଦେହରେ ବିଜୁଳିର ଚମକ ଖେଳାଇଦିଏ। ଏହି ବିଜୁଳି ଚମକ ବଣନିଆଁ ହୁଏ ଓ ନିଜର ଅସଲ ଅସ୍ତିତ୍ୱକୁ ଜାହିର୍ କରି, ସବୁକିଛି ଜାଳିପୋଡ଼ି ନଷ୍ଟ କରିଦିଏ, ଛାରଖାର କରିଦିଏ। ଏହା ତ ନିଆଁର ସ୍ୱାଭାବିକ କାମ। କିନ୍ତୁ ବର୍ତ୍ତମାନ ଦେଖନ୍ତୁ ନିଆଁର ଏହି କାମର ପରିଣତି କ'ଣ ହେଲା। ମାଂସ ସବୁ ଫୁଲ ହୋଇ ଫୁଟିଲା। ରୋମାଞ୍ଚରେ ମନ ଭରିଗଲା। ଏହା ଏକ ୱାଟର୍ ଆକ୍ଟ ବା ଜଳଜନିତ କାର୍ଯ୍ୟ। ଏହା ସର୍ଜନାର କଥା। ଏହା ଜଳର କାମବିଶେଷ ମାତ୍ର। ଏଣୁ ଜଳ ଯାହା କରିବା କଥା ନିଆଁ ତାହା କଲା; କିନ୍ତୁ ତା' ନିଜ ଢଂଗୀରେ। ଏଣୁ ଏଠାରେ ନିଆଁ ଓ ଜଳର ଅଭେଦତ୍ୱ ପ୍ରତିପାଦିତ ହୋଇଛି ବୋଲି କୁହାଯାଇପାରେ। ନିଆଁ ଓ ପାଣି ଏକ ଓ ଅଭିନ୍ନ ହୋଇଛନ୍ତି, ଏକାକାର ହୋଇଯାଇଛନ୍ତି। ହୁଏତ ଜଳ ଓ ନିଆଁ ମିଶିକରି ଏପରି ସର୍ଜନାର ପ୍ରଣବ ମନ୍ତ୍ର ଗାଇଉଠିଛନ୍ତି ଏଠାରେ। ଏ ଉଭୟତତ୍ତ୍ୱ ବିଧ୍ୱଂସ ଓ ବିନିର୍ମାଣର ଯଥାର୍ଥ କାରକ ମାତ୍ର। ଗୋଲାପ ଓ ନିଆଁ ପରି, ନିଆଁ ଓ ପାଣି ପରି- ରକ୍ତ ଓ ମଦ୍ୟ ମଧ୍ୟ ଏଠାରେ ଏକାକାର। Life ଆଉ Vitality, Sacrifice ଆଉ Redemption ଏବଂ Passion ଆଉ Intensityର କଥା ଏଠାରେ ରହିଛି। ଖ୍ରୀଷ୍ଟଧର୍ମରେ ଯେଉଁ TRANSUBSTANTIATION (Change of substance) କଥା କୁହାଯାଇଛି ଏଠାରେ ଚମ୍ପାଫୁଲ ମହକରେ ସେହିପରି 'ଟ୍ରାନ୍ସ-ସବ୍‌ଷ୍ଟାନ୍‌ସିଏସନ୍' ହିଁ ଘଟିଛି। ଦାରୁଣ କୁହୁକ ପରି ରକ୍ତ ଓ ଛାତି, ନିଶ୍ୱାସରୁ ନିଆଁ, ଦେହଯାକ ନିଆଁ ବଣନିଆଁ ପରି ଚରିଯାଏ ଓ ଶେଷରେ "ମାଂସ ଫୁଲ ପରି ହୋଇ ଫୁଟିବା" ଏକ ପ୍ରକାରର 'ଟ୍ରାନ୍ସ ସବ୍‌ଷ୍ଟାନ୍‌ସିଏସନ୍' ମାତ୍ର। "Transubstantiation ("Change of the substance") is the term used by Catholics to denote what is changed, not to explain how the change occurs, since the Catholic Church teaches that "the signs of bread and wine become, in a way surpassing understanding, the Body and Blood of Christ." ଖ୍ରୀଷ୍ଟଧର୍ମୀୟ ମିଥ୍‌ଠାରୁ ପ୍ରାଚୀନ ରୋମ୍ ଓ ଗ୍ରୀସ୍‌ର ମିଥ୍ ଆହୁରି ଅର୍ଥପୂର୍ଣ୍ଣ, ଆହୁରି ସଂଶ୍ଳିଷ୍ଟ ଥିଲା ପରି ମନେହୁଏ ଏ କବିତାର ହରକତ୍, ଥିମ୍ ଓ କାର୍ଯ୍ୟକଳାପ ସହ। 'ମଦ୍ୟ' ପ୍ରାଚୀନ ରୋମୀୟ ଓ ଗ୍ରୀକ୍ ସଭ୍ୟତା ଓ ସଂସ୍କୃତିରେ Dionysus / Bacchus ଦେବତାଙ୍କ ସହ ଜଡ଼ିତ। ମଦ୍ୟ ଓ ଉର୍ବରତାର ଦେବତା ଡାୟୋନିସସ୍‌ଙ୍କ କଥା ଏଠାରେ ସ୍ମୃତିଗୋଚର ହୁଏ। ପୂର୍ବୋକ୍ତ ବର୍ଣ୍ଣନା କ୍ରମେ 'ମଦ୍ୟ'ର ନିଶା ଓ ତଜ୍ଜନିତ ଶକ୍ତିଶାଳୀ ମାଦକତାର ପ୍ରଭାବ ବା ଚମ୍ପାଫୁଲର ମହକ/ନିଶା/ମଦ୍ୟରେ ସମୁଦ୍ର ବାଟ ଭୁଲିବାଠାରୁ, ସେହି ନିଶାରେ ବା ଚମ୍ପାଫୁଲର ସେହି ମାଦକତାରେ ନଈର ଭରାଛାତି ଶୁଖିବା, ପଥର ତରଳିବା, ଯୋଗୀ ଯୋଗ ତପାଦି ଛାଡ଼ି, ମଶାଣିର ଭୂତପ୍ରେତ ଛାଡ଼ି ରଜବତୀ କନ୍ୟା ସହ ମଦନରେ ମାତିବା ଓ 'ହାଡ଼' 'ଫୁଲ' ହେବା, ଝରଣାର ସୁଅରେ ସୁଅରେ ବେଣୀଫୁଲ ଖସି ଭାସିଯିବା ଏବଂ ଦେହର ବିଜୁଳି ଚମକରୁ ପରିଶେଷରେ 'ମାଂସ ଫୁଲ ହୋଇ ଫୁଟିବା' ସର୍ବୋପରି ଉର୍ବରତା, ଜନ୍ମ, ସୃଷ୍ଟି ଓ ସନ୍ତୋଷର କଥା, ଦେହମନ ଓ ଆତ୍ମାରେ ରୋମାଞ୍ଚ

ଖେଳିଯିବା ତଥା ବିଚିତ୍ର ବୈପରୀତ୍ୟକୁ ଅଙ୍ଗୀକାର କରିବା କଥାକୁ ହିଁ ଇଙ୍ଗିତ କରିଥାଏ । ଲୋକକାହାଣୀରେ ରକ୍ତ ଓ ମଦ୍ୟ ରାକ୍ଷସୀୟ ପ୍ରକୃତି ଓ ପ୍ରବୃତ୍ତି ସହ ବିଜଡ଼ିତ । ସେହିପରି Judaismରେ ମଦ୍ୟକୁ Kiddush (blessing) ଏବଂ Passover rituals ମାନଙ୍କରେ ବ୍ୟବହାର କରାଯାଇଥାଏ । ତେବେ ଏକଥା ଏଠାରେ ଅନ୍ତତଃ ସ୍ପଷ୍ଟ ଯେ, ରକ୍ତ ଓ ମଦ୍ୟର ମିଥୋଲୋଜି ମଧ୍ୟ ଯାଦୁକରୀ ଶକ୍ତିର ପ୍ରଭାବ ଓ ଯୌନକାଂକ୍ଷାର ପୂର୍ତ୍ତି, ଅବପୂର୍ତ୍ତି ଓ ଅଭିପୂର୍ତ୍ତି ପ୍ରଭୃତି ମାଧ୍ୟମରେ ପ୍ରତିଫଳିତ ।

ଅସ୍ତିତ୍ୱବାଦୀ ଦର୍ଶନରେ ଉପରୋକ୍ତ 'ମଦ୍ୟ' ଓ 'ରକ୍ତ' ମଣିଷର ଭଂଗୁରତା, ସାନ୍ଦ୍ରତା ଓ ଦୁର୍ବଳତାକୁ ସୂଚିତ କରିଥାଏ । ସେହିପରି Alchemical Symbolismରେ ରକ୍ତ ଓ ମଦ୍ୟ ଏକପ୍ରକାର ଆଧ୍ୟାତ୍ମିକ ରୂପାନ୍ତରଣ (Spiritual Transformation)କୁ ବୁଝାଇଥାଏ । 'ଚମ୍ପାଫୁଲ'କୁ ଏକ ବୀଜଗାଣିତିକ ଉପାୟରେ ଆଧ୍ୟାତ୍ମିକ ଉପାଦାନ ଓ ଦୃଷ୍ଟିଦେଇ ବିଚାର କଲେ ମଧ୍ୟ ପାଠକ- ସମାଲୋଚକକୁ ନିରାଶା ମିଳିନଥାଏ । କାରଣ ଦେହର ବିନାଶ ପରେ ହିଁ ସେହିଠାରେ ଆତ୍ମାର- ଅନ୍ତର୍ଦେଶର ଅନ୍ତରତମ ଉପଲବ୍ଧି ମିଳିପାରେ ଓ ସେହିଠାରେ ଆଧ୍ୟାତ୍ମିକ ଉପଲବ୍ଧିର ଫୁଲ ଫୁଟିଥାଏ । ସହଜଯାନର ଦର୍ଶନ ଓ ତତ୍ତ୍ୱାନୁଯାୟୀ ଏଇ ଦେହ ଦେଇ, ଏହି ଦେହ ମାଧ୍ୟମରେ ଆମେ ବିଦେହର ଉପଲବ୍ଧି କରିପାରିବା । ସେ ବିଦେହର ସନ୍ଧାନ ବାହାରେ ନୁହେଁ, ବରଂ ଏହି ଦେହ ଭିତରେ ମିଳିଥାଏ । ଦେହରୁ ଦେହୋତ୍ତର ଚେତନାର ସଂକ୍ରମଣ- ଅଧିକ୍ରମଣ ଓ ଅତିକ୍ରମଣ ପାଇଁ ଏଇ ପଞ୍ଚଭୂତ- ପଞ୍ଚକୋଷାବୃତ ଶରୀର ହିଁ ଆବଶ୍ୟକ । ସବୁକିଛି ପୋଡ଼ିଯିବା, ଜଳିଯିବା, ଦେହର ପ୍ରତୀକାତ୍ମକ ବିଲୁପ୍ତି ବା ଶୂନ୍ୟତାକୁ ସୂଚିତ କରେ । ଏବଂ ମାଂସଫୁଲ ହୋଇ ଫୁଟିବାର ଅର୍ଥ ଦେହରେ ବିଦେହର ସମ୍ଭାବନା ତଥା ସଂଦର୍ଶନ ମିଳିବା । ରୋମାଞ୍ଚରେ ମନେପଡ଼ିବାର ଅର୍ଥ ରୋମାଣ୍ଟିସିଜିମ୍‌ର ଆଧିଭୌତିକ ଉପଲବ୍ଧିକୁ ମଧ୍ୟ ବୁଝିପାରିବା । ସହଜଯାନରେ ସାଧକ / ସାଧିକାର ସିଦ୍ଧିରେ 'ମୁଦ୍ରା'ର ଆବଶ୍ୟକତା ପରି ଏ ଦେହରେ ସେ ଫୁଲ ଫୁଟିବା ପାଇଁ ଯାଦୁକରୀ ରାଜାଝିଅ ଓ ଯୁବକର ଉପସ୍ଥିତିକୁ ଗ୍ରହଣ କରାଯାଇପାରେ । ଏହି କବିତାଟିକୁ Political Romanticism, Sublime Romanticism, Naturalistic Romanticism, Feministic Romanticism, Supernatural Romanticism ଏବଂ Impressionist Romanticism ଦୃଷ୍ଟିରୁ ମଧ୍ୟ ବିବେଚନା କରାଯାଇପାରେ । 'ରଜାଝିଅ'ର ଉପସ୍ଥିତି, ଯୋଗୀ ଚରିତ୍ରର ଉପସ୍ଥିତି, ବଣନିଆଁର ଉପସ୍ଥିତି, ଯାଦୁକରୀର କାର୍ଯ୍ୟକଳାପରେ ପୁରୁଷର ମେଣ୍ଢା ହେବା, ଭେଣ୍ଡା ହେବା, ହାଡ଼ ସବୁ ମୁକ୍ତାଫୁଲ ହେବା, ପଥର ରଜାପୁଅରେ ପାଲଟିବା, ନଈ ଶୁଖିବା, ସାଗର ବାଟ ଭୁଲିବା ଓ ମାଂସ ଫୁଲ ହୋଇ ଫୁଟିବା ଘଟଣା ମାଧ୍ୟମରେ ଏସବୁ ବ୍ୟାଖ୍ୟା ସହଜରେ କରାଯାଇପାରେ । 'Champak Flower' is a Poem of paradox and polysemy, where every word, every phrase, every line, holds multiple, and contradictory meanings. It's a linguistic labyrinth, designed to delight, and confound where every path leads to multiple meanings and every meaning leads to multiple paths, inviting readers to explore, to discover and to create. ଚମ୍ପାଫୁଲର ଶୈଳୀ, ଶିଳ୍ପକଳା, ଥିମ୍ ଓ ଅର୍ଥବହତାକୁ ଲକ୍ଷ୍ୟ କଲେ ଜଣାପଡ଼ିବ ଏହା ଏକ କାବ୍ୟିକ ପ୍ରିଜିମ୍ ବା ବର୍ଣ୍ଣାଳୀ । It is a poetic prism, refracting light and meaning into a kaleidoscope of colours, and connotations each one revealing a new fact, a new truth, a new layer of significance. ଏଠାରେ ଥାକଥାକ ହୋଇ ଅର୍ଥ ସଜଡ଼ା ହୋଇ ରହିଛି । ପାଠକର ଦେଖିବା, ବୁଝିବା ଓ ଅବବୋଧ କରିବା ଉପରେ ଏହା କେବଳ ନିର୍ଭରଶୀଳ । It is a poem of protean possibility, shape- shifting, and morphing before our very eyes, like a mythological creature, defying fixed interpretation, inviting a conscious reader to engage in an ongoing dialogue of discovery. ଚମ୍ପାଫୁଲ କବିତା ଏକ ଆଶ୍ଚର୍ଯ୍ୟ, ଏକ ବିଚିତ୍ର ବିସ୍ମୟକର ସିମ୍ଫୋନି । ଏହାର ପ୍ରତିଟି ପଦ, ପାଦ, ପଙ୍‌କ୍ତି ଓ ବିରାମ ଚିହ୍ନ ଅତୀବ ଗୁରୁତ୍ୱପୂର୍ଣ୍ଣ । କୁହାଯାଇପାରେ ଏହା ହେଉଛି ଏକ symphony of signification ଯେଉଁଠି ପ୍ରତିଟି ନୋଟ୍, ପ୍ରତିଟି ବାକ୍ୟାଂଶ, ପ୍ରତିଟି ଷ୍ଟାଞ୍ଜା ବା ପଦ ଏକାଧିକ ଅର୍ଥ ଦୀପ୍ତି ଓ ଦ୍ୟୁତି ନେଇ ଉଭାହୁଏ । ଏହାର texture polyphonic ଓ ବଳିଷ୍ଠ । ଏହି ବଳିଷ୍ଠ ଅର୍ଥଦ୍ୟୁତି ସମୀପ ପଠନ ଓ ଗଭୀର ମନନଶୀଳ ଅନୁଶୀଳନ ଓ ଶ୍ରବଣ ମାଧ୍ୟମରେ ଲାଭ ହୋଇଥାଏ । ଏକ ଋଷୀୟ nesting doll ପରି ଏହି କବିତାଟିର ପ୍ରତ୍ୟେକ ଅଂଶ, କ୍ଷୁଦ୍ରାତିକ୍ଷୁଦ୍ର ଅବୟବ ଅର୍ଥଦ୍ୟୁତ, ଅର୍ଥଯୁକ୍ତ ଓ ଅର୍ଥାନ୍ୱିତ ହେବାକୁ ଅପେକ୍ଷା କରିଛି । ଯଥାର୍ଥରେ ଏହା ହେଉଛି ଏକ palimpsest of poetic possibility ବା କାବ୍ୟିକ ସମ୍ଭାବନାର ଫଳକ ମାତ୍ର । କବିତାଟିକୁ ରୋମାଣ୍ଟିକ୍, ଆଣ୍ଟିରୋମାଣ୍ଟିକ୍, ଆଧ୍ୟାତ୍ମିକ,

ରହସ୍ୟବାଦୀ, ଅଭିବ୍ୟକ୍ତିବାଦୀ, ଅସ୍ତିତ୍ୱବାଦୀ, ପ୍ରତୀକବାଦୀ, ରୂପକକ୍ଷବାଦୀ ଓ ଏହିପରି ଅନେକ ଦୃଷ୍ଟି ଓ ଦର୍ଶନ କ୍ରମେ ଅନୁଧ୍ୟାନ, ଅନୁଶୀଳନ ଓ ପରିଶୀଳନ କରାଯାଇପାରେ। ବସ୍ତୁତଃ ଏହା ଏକ ଗୀତିକବିତା, ଏକ Labyrintine lyric, layered with labyrinthine meanings, ଏବଂ ଏହାର ସ୍ୱର ଉଚ୍ଚ, ଗମ୍ଭୀର ଓ ପ୍ରାଞ୍ଜଳ, ଯାହା ପାଠକକୁ Twist ଓ Turns of Interpretations ପାଇଁ ଆହ୍ୱାନ ଦିଏ, ଯେଉଁଠାରେ ଏହାର ପ୍ରତିଟି ପଦ ଓ ପାଦ ଓ କାବ୍ୟିକ ପାହାଚ ଏକ ନୂତନ ଉପଲବ୍ଧି, ଏକ ନୂତନ ସତ୍ୟର ସନ୍ଧାନ, ଏକ ନୂତନ ଚିତ୍ର, ଚରିତ୍ର ଓ ଚେହେରା, ସତ୍ୟର ଭିନ୍ନ ଏକ ରୂପକୁ ଦେଖାଇବା ପାଇଁ ସଂକଳ୍ପବଦ୍ଧ। ସଂକ୍ଷେପରେ ଏହି କବିତା ପାଇଁ ଏତିକି କୁହାଯାଇପାରେ ଯେ, ଏହା ହେଉଛି Trapestry of tantalizing tropes, woven with words that whisper secrets to the soul, unfolding a kaleidoscope of meanings that mesmerize and mystify the reader. ପାଠକକୁ ଏକ ଚେତନାଗତ ବିସ୍ଫାରଣ ଓ ବିସ୍ଫୋରଣ ଦେବାପାଇଁ ଏହା ସର୍ବତୋ ଭାବେ ପ୍ରଯତ୍ନଶୀଳ ଓ ପ୍ରସ୍ତୁତ।

ମଦ୍ୟର ମାଦକତା ରକ୍ତରେ ମିଶେ। ସେ ନିଆଁ ହୁଏ। ରକ୍ତକୁ ସେ ନିଆଁ ଜାଳେ। ସବୁ ପୋଡ଼ିଯାଏ। ସବୁ ଜଳିଯାଏ। ସେ ରକ୍ତ ମାଂସରେ ଫୁଲ ଫୁଟାଏ, ସେ ନିଆଁ ମାଂସରେ ଫୁଲ ଫୁଟାଏ। ସେ ମଦ୍ୟର ମାଦକତା ଓ ଜ୍ୱାଳା ମାଂସରେ ଫୁଲ ଫୁଟାଇଦିଏ। ମଦ୍ୟ ଓ ରକ୍ତ ହୁଏ ଏକାକାର। ସବୁକିଛି ହୁଏ ଏକାକାର। Caravaggioଙ୍କ The Taking of Christ ଓ ଫ୍ରାନ୍ସିସ୍ ବେକନ୍‌ଙ୍କ Figure with Meat ଚିତ୍ରକଳା ମଧ୍ୟ ଏହି ରକ୍ତ ଓ ମଦ୍ୟର ଆଧ୍ୟାତ୍ମିକ ଉପସ୍ଥାପନା କରନ୍ତି, ଯାହା 'ଚମ୍ପାଫୁଲ'ର "ମାଂସ ଫୁଲ ହୋଇ ବିକଶିତ ହେବା" ଭିତରେ ପ୍ରତିଫଳିତ ହୁଏ। ପ୍ରତୀକାତ୍ମକ ଭାବରେ ଦେଖିବାକୁ ଗଲେ ଏହି "ମାଂସ ଫୁଲ ହୋଇ ଫୁଟିବା" ଏକ ଆଧ୍ୟାତ୍ମିକ ସଚେତନତା, ବୋଧିସତ୍ତା ଲାଭ ଓ ଉଚ୍ଚତର ଚେତନାକୁ ସୂଚାଇଥାଏ। ଏହା ମଣିଷର କ୍ଷମତା, ପ୍ରତିଭା ଓ ସର୍ଜନଶୀଳତା ତଥା ଆତ୍ମସଚେତନତା ଓ ମାନବର ବ୍ୟକ୍ତିଗତ ବିକାଶ ବା ପର୍ସୋନାର ବିସ୍ଫାରଣକୁ ସୂଚାଇଥାଏ। ଜୀବନର ଚକ୍ର ଭାବରେ ଜନ୍ମ-ମୃତ୍ୟୁ, ବିକାଶ-ବିନାଶ, ପୁନର୍ଜନ୍ମ ଓ ପ୍ରାକୃତିକ ପୃଥିବୀ ଓ ମାନବୀୟ ପ୍ରତିଭା ଓ ଅଭିଜ୍ଞତାକୁ ଇଙ୍ଗିତ କରିବା ସଂଗେସଂଗେ Healing process, transformation ଏବଂ ଭୌତିକ, ଆବେଗିକ ଓ ଆଧ୍ୟାତ୍ମିକ ଶରୀରର ପୁନର୍ଜୀବନ ଓ ପୁନର୍ସଂଚାରକୁ ମଧ୍ୟ ପ୍ରତୀକିତ କରିଥାଏ। ଏହି ମାଂସ ଫୁଲ ହୋଇ ଫୁଟିବା ଭିତରେ ରହିଛି ଏକ କଳାତ୍ମକ ଓ ସର୍ଜନାତ୍ମକ ଝଲକ (Creative Spark), ଉତ୍ସାହ ଓ ପ୍ରୋତ୍ସାହନ (inspiration and the manifestation of artistic expression) ଏବଂ ସାରସ୍ୱତ ବୌଦ୍ଧିକ ସନ୍ତୁଷ୍ଟି।

'ଚମ୍ପାଫୁଲ' ଗୁରୁପ୍ରସାଦ ମହାନ୍ତିଙ୍କର ଏକ ପ୍ରତୀକାତ୍ମକ କବିତା। ଏହା ହିଁ ଗୁରୁପ୍ରସାଦଙ୍କର ପ୍ରଥମ ପ୍ରୟୋଗବାଦୀ କବିତା ବୋଲି କୁହାଯାଇପାରେ। ବର୍ତ୍ତମାନ ପ୍ରତୀକର କଥା ଆସିଲାକ୍ଷଣି ଆମେ ବିବିଧ ପ୍ରତୀକ ପ୍ରତ୍ୟକ୍ଷ କରିଥାଉ, ଯଥା- ସାର୍ବଜନୀନ ପ୍ରତୀକ (Universal Symbol), ସାଂସ୍କୃତିକ ପ୍ରତୀକ (Cultural Symbol), ବ୍ୟକ୍ତିଗତ ପ୍ରତୀକ (Personal Symbol), ପ୍ରାଚୀନ ବା ଆଦିମ ପ୍ରତୀକ (Archaic Symbol), ଅମୂର୍ତ୍ତ ବା ଭାବାତ୍ମକ ପ୍ରତୀକ (Abstract Symbol), କଂକ୍ରିଟ ପ୍ରତୀକ (Concrete Symbol), ସୂଚୀବଦ୍ଧ ବା ଅନୁକ୍ରମଣ ପ୍ରତୀକ (Indexical Symbol), ପ୍ରତିଷ୍ଠିତ ପ୍ରତୀକ (Iconic Symbol), ଲାକ୍ଷଣିକ ବା ଚୈହ୍ନିକ ପ୍ରତୀକ (Emblematic Symbol) ଓ ରୂପକ ପ୍ରତୀକ (Metaphorical Symbol) ଇତ୍ୟାଦି। ପୁଣି ସେହି ପ୍ରତୀକ ବା କବିତାଟିର ବିବିଧ ସ୍ତରୀୟ ଅର୍ଥ ରହିଛି। ପାଠକ ସେହି ସ୍ତରଗୁଡ଼ିକୁ ଖୋଲିଖୋଲି ଯାଏ ଓ ପିଆଜ ପରି ପରସ୍ତ ପରସ୍ତ ଅର୍ଥ ବାହାର କରିକରି ଚାଲିଥାଏ। ଅବଶ୍ୟ ଏହି ପଠନ (Reading) ସେହି ପାଠକ ଓ ପାଠ (Text) ବା ଲେଖା (Writing) ଉପରେ ନିର୍ଭର କରିଥାଏ। ଲେଖା ବା କବିତାଟିର ବିବିଧ ଅର୍ଥ ରହିଛି। ଯଥା- ବାହ୍ୟଅର୍ଥ ବା ଅଭିଧାର୍ଥ (Lexical or Literal Meaning), ଆଳଂକାରିକ ଅର୍ଥ (Figurative Meaning), ସୂଚିତାର୍ଥ ବା ପରୋକ୍ଷାର୍ଥ ବା ଲକ୍ଷାର୍ଥ (Implied Meaning), ଅନୁମିତ ଅର୍ଥ (Inferred Meaning), ପ୍ରତୀକାତ୍ମକ ଅର୍ଥ (Symbolic Meaning), ସାଂକେତିକ ଅର୍ଥ ବା ଅପ୍ରକଟ / ଭ୍ରମାତ୍ମକ ଅର୍ଥ (Allusive Meaning), ସ୍ୱର ବା ତାନ ସମ୍ବନ୍ଧୀୟ ଅର୍ଥ ବା ବଳାଘାତୀୟ ଅର୍ଥ (Tonal Meaning), ଓ ଅନ୍ତର୍ପାଠୀୟ ଅର୍ଥ (Intertextual Meaning) ଇତ୍ୟାଦି ବିବିଧ ସ୍ତର ଓ ଆୟାମର ଅର୍ଥ ରହିଛି। ସାଧାରଣତଃ ଚାରି ପ୍ରକାରର ପାଠକ 'ପାଠ' (Text) ବା 'କବିତା'ର ଅର୍ଥ ନିରୂପଣ ବା ବିବେଚନା କରିଥାଆନ୍ତି, ଯଥା- ବାସ୍ତବିକ ପାଠକ (Actual Reader), ନିହିତ ପାଠକ (Implied Reader), ଆଦର୍ଶ ପାଠକ (Ideal Reader), ଓ ଅଧିପାଠକ (Super Reader)। ଏଣୁ ଏହା କହିବା ବାହୁଲ୍ୟ ଯେ, ପାଠକର ଭିନ୍ନ ଭିନ୍ନ ମୁଡ୍, ମିଜାସ୍, ଦୃଷ୍ଟି, ଦର୍ଶନ, ମନନଶୀଳତା, ପଠନଶୀଳତା ଓ ଗ୍ରହଣ ବା ଆହରଣଶୀଳତା ଉପରେ ପ୍ରତ୍ୟେକ 'ପାଠ' ପରି ଗୁରୁପ୍ରସାଦଙ୍କ 'ଚମ୍ପାଫୁଲ' କବିତାର ପାଠ, ପ୍ରପାଠ, ଅନୁପାଠ, ଅଧିପାଠ, ଅତିପାଠ, ପ୍ରତିପାଠ ଓ ଅଭିପାଠର

ବିବେଚନା, ଆଲୋଚନା, ପ୍ରାଲୋଚନା, ଅଭ୍ୟାଲୋଚନା, ଅତ୍ୟାଲୋଚନା, ପ୍ରତ୍ୟାଲୋଚନା ଓ ଅଧ୍ୟାଲୋଚନା ନିର୍ଭର କରେ। ପାଠକର Elementary Reading, Inspectional Reading, Analytical Reading ବା Syntopical Reading ଉପରେ ପାଠ (Text)ର ଇଣ୍ଟରପ୍ରିଟେସନ୍ ବା ବିବେଚନା, ଅଧିବେଚନା ଓ ଅଭିବେଚନାଦି ନିର୍ଭର କରିଥାଏ।

'ଚମ୍ପାଫୁଲ' କବିତାରେ ବ୍ୟବହୃତ 'ସମୁଦ୍ର', 'ନଦୀ' ବା 'ପୂର୍ଣ୍ଣଗର୍ଭାନଦୀ', ପଥର, ମଶାଣି, ଭୂତପ୍ରେତ, ଯୁବତୀ ବା ରଜବତୀ କନ୍ୟା, ଯୋଗୀ, ରଜାପୁଅ, ଚମ୍ପାଫୁଲ, ହାଡ଼, ମୁକ୍ତାଫୁଲ, ରଜାଝିଅ ବେଣୀଫୁଲ, ବଣନିଆଁ, ବିଜୁଳି ଚମକ ଓ ମାଂସ ଫୁଲ ହୋଇ ଫୁଟିବା ପ୍ରଭୃତି ଏକ ଏକ ବଳିଷ୍ଠ ପ୍ରତୀକ। ବର୍ତ୍ତମାନ ବିଭିନ୍ନ ସଂସ୍କୃତି, ଭିନ୍ନ ଭିନ୍ନ ଭୂଖଣ୍ଡର ପରଂପରା, ବିବିଧ ସଭ୍ୟତା ଓ ବିଭାଗ ବା ବିଦ୍ୟା ଅନୁସାରେ ଏସବୁର ପ୍ରତୀକାତ୍ମକ ଅର୍ଥ ସଂପର୍କରେ ଆଲୋଚନା କରିବା। 'ସମୁଦ୍ର' ଅବଚେତନ ମନର ବିଶାଳ ସାମ୍ରାଜ୍ୟ, ସ୍ୱପ୍ନ, ସୁଷୁପ୍ତି, ତୁରୀୟ (ମାଣ୍ଡୂକ୍ୟ ଉପନିଷଦ) ଅବସ୍ଥାର ଆବେଗ ଓ ଅନ୍ତର୍ଜଗତକୁ ନେଇ ଏକ ଆବେଗଗତ ଗଭୀରତାକୁ ଦର୍ଶାଏ, ଜୀବନର ଅସୀମତା, ଅଜ୍ଞାତ, ଅଦୃଷ୍ଟ ଭାଗ, ଏବଂ ଜୀବନର ରହସ୍ୟାବଳୀକୁ ନେଇ ଅସୀମତା ଓ ଅନନ୍ତତାକୁ ସୂଚାଇଥାଏ। ସମୁଦ୍ର ପ୍ରାକୃତିକ ଚକ୍ର ସହ ଅତ୍ୟନ୍ତ ନିବିଡ଼ ଭାବରେ ଜଡ଼ିତ ହୋଇଥିବାରୁ ବିବିଧ ରୂପାନ୍ତରଣ ବା ଟ୍ରାନ୍ସଫର୍ମେସନ୍ ଏବଂ ନବୀକରଣ ପ୍ରଭୃତିକୁ ନେଇ ରୂପାନ୍ତରଣ ଓ ପରିବର୍ତ୍ତନ (Transformation and change)ର ଏକ ବିଶାଳ ପ୍ରତୀକ ହେଉଛି ସମୁଦ୍ର। ବିଶୁଦ୍ଧ ଶକ୍ତି, କ୍ଷମତା ଓ ପ୍ରକୃତିର ଶକ୍ତି / କ୍ଷମତାକୁ ଏହା ଦର୍ଶାଏ। ମଣିଷର ପବିତ୍ର ସ୍ୱର୍ଗୀୟ ଓ ଆଧ୍ୟାତ୍ମିକ ବିକାଶ ସହ ଏହା ଜଡ଼ିତ। ଅଚେତନ ଓ ସାମୂହିକ ଅଚେତନର ପ୍ରତୀକ ଭାବରେ ଆର୍କିଟାଇପ୍ ଓ ଅନୁଭୂତିର ମିଳିତ ସ୍ୱରୂପକୁ ଏହା ଦର୍ଶାଇଥାଏ। ସମୁଦ୍ର ସର୍ବାନ୍ତକରଣରେ ମାନବାତ୍ମାର ଯାତ୍ରା, ଅଭିଯାତ୍ରା ଓ ଅନ୍ତର୍ଯାତ୍ରାକୁ ସୂଚାଇଥାଏ। ସମୁଦ୍ର ଆବିଷ୍କାରର ପ୍ରତୀକ। ଏକ ବିଶାଳ–ଶୀତଳ ଓ ମହାନ୍ ଚେତନାର ପ୍ରତୀକ ବିଶେଷ ଅଟେ। ଗ୍ରୀକ୍ ପୁରାଣରେ ପୋସିଡନ୍ ବା ପୋଜିଡନ୍ ସମୁଦ୍ର ଦେବତା ହୋଇଥିଲା ବେଳେ ହିନ୍ଦୁଧର୍ମରେ ଏହାର ଅର୍ଥ ଅନନ୍ତ ସ୍ୱର୍ଗୀୟ, ବିଶାଳକାୟ ଅସ୍ତିତ୍ୱ ସଂପନ୍ନ ବରୁଣ ଓ ବିଷ୍ଣୁଙ୍କ ବାସସ୍ଥାନ ବୋଲି ମଧ୍ୟ କୁହାଯାଇଥାଏ। ବୌଦ୍ଧଧର୍ମରେ 'ସାଗର' ଓ ମନକୁ ଏକ ଓ ଅଭିନ୍ନ ମନାଯାଇଥିଲା ବେଳେ ସାଗରକୁ 'ବୁଦ୍ଧତ୍ୱ' ଭାବରେ ଗ୍ରହଣ କରାଯାଇଥାଏ। ସେହିପରି ଆଫ୍ରିକୀୟ ପ୍ରବାସୀୟ ପରଂପରାରେ ସମୁଦ୍ର ପୂର୍ବପୁରୁଷ ଓ ମାତୃଭୂମି ସହ ସଂଯୋଗକୁ ପ୍ରତିନିଧିତ୍ୱ କରିଥାଏ। କାର୍ଲ ୟୁଙ୍ଗଙ୍କ ଭାଷାରେ– The Ocean represents the Collective unconscious and the process of individuation ଏବଂ ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ଼ କହନ୍ତି ସମୁଦ୍ର ମଣିଷ / ବ୍ୟକ୍ତିର ଅଚେତନ (The Unconscious) ମନ ଏବଂ ଅବଦମିତ ଇଚ୍ଛାନିଚୟର ପ୍ରତୀକ ବିଶେଷ। ମହାକବି ହୋମର୍ ତାଙ୍କର ପ୍ରସିଦ୍ଧ କ୍ଲାସିକ୍ କାବ୍ୟ 'ଓଡ଼େଶୀ'ରେ ସମୁଦ୍ର ଜୀବନଯାତ୍ରା ଓ ନାୟକ ସମ୍ମୁଖୀନ ହୋଇଥିବା ଘାତ ପ୍ରତିଘାତ ପ୍ରଭୃତିକୁ ସୂଚାଇଥାଏ ବୋଲି କହିଛନ୍ତି। ସେହିପରି ମେଲ୍‌ଭିଲ୍ ତାଙ୍କ 'ମୋବିଡିକ୍'ରେ ସମୁଦ୍ର ଦ୍ୱାରା ଅର୍ଥର ଅନ୍ୱେଷଣ ଓ ମାନବର ସ୍ଥିତିକୁ ସୂଚାଇଛନ୍ତି। ଚିତ୍ରକଳାରେ ସମୁଦ୍ରକୁ ପ୍ରକୃତିର ସୌନ୍ଦର୍ଯ୍ୟ, ଶକ୍ତି ବା କ୍ଷମତା ପ୍ରଦର୍ଶନ ନିମନ୍ତେ ବ୍ୟବହାର କରାଯାଇଥାଏ। ଠିକ୍ ସେହିପରି ଭାସ୍କର୍ଯ୍ୟକଳାରେ ମଧ୍ୟ ସମୁଦ୍ରର ଉପରୋକ୍ତ ବିବେଚନା ଆଧାରରେ ବ୍ୟବହାର ହୋଇଥିବାର ଲକ୍ଷ୍ୟ କରିହେବ। 'ଚମ୍ପାଫୁଲ' କବିତାରେ ଯଥାର୍ଥରେ ସମୁଦ୍ରକୁ ଏହିସବୁ ପ୍ରତୀକାତ୍ମକ ଅର୍ଥମତେ ଗ୍ରହଣ କରି ପାଠକକୁ ଅର୍ଥର ଖିଅ ଧରିଧରି ଆଗକୁ ଚାଲିବାକୁ ହୁଏ। ଚଂପାଫୁଲର ମହକରେ ସମୁଦ୍ର ବାଟଭୁଲେ। ଏହାର ଅର୍ଥ ବିଶାଳ ବ୍ୟକ୍ତିତ୍ୱ, ବିଶାଳ ସମ୍ଭାବନା, ଗଭୀର ଆବେଗ, ଅନନ୍ତ ଅସୀମ ଚେତନାର ବ୍ୟକ୍ତି ମଧ୍ୟ ପରିବର୍ତ୍ତିତ ଓ ରୂପାନ୍ତରିତ ହୁଏ ଏବଂ ବ୍ୟକ୍ତିସତ୍ତା, ଶକ୍ତି ଓ କ୍ଷମତାଶାଳୀ ବ୍ୟକ୍ତିତ୍ୱ, ଆଧ୍ୟାତ୍ମିକତା ସଂପନ୍ନ ଦିବ୍ୟ ମଣିଷ ଓ ଏପରିକି ବ୍ୟକ୍ତିର ଅଚେତନ ଓ ସାମୂହିକ ଅଚେତନତା ମଧ୍ୟ ନିଜର ଗତିପଥ ବଦଳାଇ ଦେଇଥାଏ। ଚମ୍ପାଫୁଲ ଏକ ମ୍ୟାଜିକ୍ ଆକ୍ଟ କରିଥାଏ। ସୂର୍ଯ୍ୟ ବା ବ୍ଲାକ୍‌ହୋଲ୍ ପରି ଏହା ନିଜର ଆକର୍ଷଣରେ ସମସ୍ତଙ୍କୁ ମନ ଭୁଲାଇ ଟାଣିଆଣେ। ଏହା ମାୟା ମାତ୍ର।

ଚମ୍ପାଫୁଲ ମହକରେ ଘଟିଥିବା ପ୍ରଥମ ଘଟଣା ହେଉଛି ସମୁଦ୍ର ବାଟ ଭୁଲିବା। ପାରଂପରିକ, ସାଂସ୍କୃତିକ ଓ ପ୍ରତୀକାତ୍ମକ ଭାବରେ ଭୂମିରୁ ଭୂମା ଦୃଷ୍ଟି ଦର୍ଶନ ଦେଇ ସମୁଦ୍ରକୁ ପାଠକ ଅବବୋଧ କଲାପରେ ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଘଟଣାର ପୁନଃ ସମ୍ମୁଖୀନ ହୋଇଥାଏ। ତାହା ହେଉଛି ସେହି ଚଂପାଫୁଲ ମହକରେ ଭରାନଈର ଛାତି ଶୁଖିଯିବା। ସେ ମହକରେ ଏତେ ନିଆଁ, ଏତେ ଜ୍ୱାଳା, ଏତେ ତାତି– ଏତେ ଯେ ଦହନ ଭରାନଈର ଛାତି ଏଠି ଶୁଖିଯାଏ। ମାତ୍ର ନଈର ଏପରି ଶୁଖିବା ପୁଣି ଚମ୍ପାଫୁଲର ମହକରେ ଶୁଖିବା କଥାଟିକୁ ଅଭିଧାର୍ଥକ୍ରମେ ଗ୍ରହଣ କରିବା ସହଜ ମନେହୁଏ ନାହିଁ, ଏଣୁ ଏଠାରେ ପ୍ରତୀକାତ୍ମକ ଅର୍ଥ ରହିଥିବା କଥା ସ୍ପଷ୍ଟ ଅବଶ୍ୟ ହୁଏ। ତେବେ ଏ ଭରାନଈ କାହାର ପ୍ରତୀକ ? ପ୍ରାଚୁର୍ଯ୍ୟ ଓ ବିକାଶର, ସଂପଦ ଓ ସୌଭାଗ୍ୟର, ସର୍ଜନଶୀଳତା ଓ ସାନ୍ଦ୍ରତାର ଆବେଗାଦିକୁ ନେଇ ଏହା ଉତ୍ସାହ, ଉତ୍ସୁକତା ଓ ସର୍ଜନଶୀଳତାର ପ୍ରତୀକବିଶେଷ ଅଟେ। ଭରାନଈ ଆଧ୍ୟାତ୍ମିକ ବିକାଶ

ଓ ନବୀକରଣର ପ୍ରତୀକ । ସେହିପରି ଏହା Life, Force, Vitality, ପରିବର୍ତ୍ତନ ଓ ରୂପାନ୍ତରଣ (Transformation), ଜନମାନସ, ଗୋଷ୍ଠୀ ଓ ଲୋକଙ୍କ ସହ ପରିବେଶର ସମନ୍ୱୟ ସ୍ଥାପନ କରିବା ହେତୁ ଏହା ଐକ୍ୟ ଓ ସଂଯୋଗର ପ୍ରତୀକ ବିଶେଷ ଅଟେ । ଏହାମଧ୍ୟ ପ୍ରାକୃତିକ ଚକ୍ର (Natural Cycle) ଓ ଋତୁଚକ୍ର ପ୍ରଭୃତି ସହ ଜଡ଼ିତ । ଏହାଛଡ଼ା emotional depth ଓ Introspection ବା ଅନ୍ତର୍ଦୃଷ୍ଟି, ଯାତ୍ରା ଓ ଆବିଷ୍କାର, ଶୁଦ୍ଧିକରଣ ଓ ନିର୍ମଳୀକରଣ ପ୍ରଭୃତି ପ୍ରତୀକାତ୍ମକ ଅର୍ଥ ଏଠାରେ ରହିଛି । ହିନ୍ଦୁଧର୍ମ ଓ ସଂସ୍କୃତିରେ ଗଙ୍ଗାନଦୀକୁ ପବିତ୍ର ନଦୀ ଭାବରେ ଗ୍ରହଣ କରାଯାଇଥିଲାବେଳେ ଚୈନିକ ସଂସ୍କୃତିରେ ୟାଙ୍ଗ୍‌ସେ (The Yangtze River) ନଦୀ ପ୍ରାଚୁର୍ଯ୍ୟ, ସମୃଦ୍ଧି ଓ ସୌଭାଗ୍ୟର ପ୍ରତୀକ । ଆଫ୍ରିକୀୟ ସଂସ୍କୃତିରେ ନୀଳ ନଦୀ (The Nile River) ଜୀବନ, ଉର୍ବରତା ଓ ପ୍ରାକୃତିକ ଚକ୍ରକୁ ପ୍ରକାଶ ହିଁ କରିଥାଏ । ସେହିପରି ନେଟିଭ୍ ଆମେରିକୀୟ ସଂସ୍କୃତିରେ ନଦୀମାନଙ୍କୁ ଆଧ୍ୟାତ୍ମିକ ବିକାଶ, ପୁନର୍ଜୀବନ, ଓ ପ୍ରକୃତି ସହ ସଂପର୍କ ଓ ସାନ୍ନିଧ୍ୟର ସୂଚକ ଭାବରେ ଗ୍ରହଣ କରାଯାଇଛି । ମନସ୍ତତ୍ତ୍ୱ ଅନୁସାରେ କାର୍ଲ ୟୁଙ୍ଗ୍ (Carl Jung)ଙ୍କ ଦୃଷ୍ଟିରେ ପୂର୍ଣ୍ଣଗର୍ଭା ନଦୀ ଅଚେତନ ମନ (Unconsious mind)ର 'ସୂଚକ' (Signifier) ଅଟେ ଯାହା ବ୍ୟକ୍ତିର ଆବେଗ ଓ ସର୍ଜନାତ୍ମକ ଦକ୍ଷତାକୁ ଦର୍ଶାଇଥାଏ । ସେହିପରି ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍ ପୂର୍ଣ୍ଣଗର୍ଭା ନଦୀକୁ ଆବେଗ ଓ ଇଚ୍ଛାପୂର୍ଣ୍ଣ ଅଚେତନ ମନ ବା ମଣିଷର ଅଚେତନ ମନର ଆକାଂକ୍ଷା, ଆବେଗ ଓ ଆଦେଶକୁ ବୁଝାଇଥାଏ ବୋଲି କହନ୍ତି । ହର୍‌ମନ୍ ମେଲଭିଲ୍ (Herman Melville)ଙ୍କ 'ମୋବୀ ଡିକ୍' ଉପନ୍ୟାସରେ ଏହା ଅର୍ଥ ଓ ପରିପୂର୍ଣ୍ଣତା ଖୋଜିବୁଲୁଥିବା 'ଜୀବନ ଯାତ୍ରା', 'ଅନ୍ତଯାତ୍ରା' ଓ 'ଅଭିଯାତ୍ରା'ର ପ୍ରତୀକ ବିଶେଷ ଅଟେ । ସେହିପରି ମାର୍କ ଟ୍ୱାଇନ୍ (Mark Twain)ଙ୍କ 'The Adventures of Huckleberry Finn'ରେ ମିସିସିପି ନଦୀ ମୁକ୍ତି, ଦୁଃସାହସ ଓ ଆତ୍ମ ଆବିଷ୍କାରର ଅଭିଯାତ୍ରାକୁ ସୂଚାଉଥିଲା ବେଳେ ଚିତ୍ରକଳାରେ ପୂର୍ଣ୍ଣଗର୍ଭା ନଦୀକୁ ପ୍ରାଚୁର୍ଯ୍ୟ, ସମୃଦ୍ଧି ଓ ଆଧ୍ୟାତ୍ମିକ ବିକାଶର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ । ଚମ୍ପାଫୁଲ ମହକରେ ସେହି ପୂର୍ଣ୍ଣଗର୍ଭା ନଦୀ ଶୂନ୍ୟଗର୍ଭା ହୋଇଯାଏ । ଚମ୍ପାଫୁଲର ବାସ୍ନାରେ ମଣିଷର ଅବଚେତନ ଓ ଅଚେତନ ମନର କଥା ହଜିଯାଏ । ଏହା ଏକପ୍ରକାର ସମ୍ମୋହନ ବା ହିପ୍ନୋଟିଜିମ୍‌ଦ୍ୱାରା ମନ ଅନ୍ତରାଳର କଥାକୁ ଜାଣିବା ଓ ତାହା ମଧ୍ୟରେ ଭିନ୍ନ ଇଚ୍ଛା ଓ ଭିନ୍ନ ତତ୍ତ୍ୱକୁ ରୋପଣ କରିବା କ୍ରିୟା ମାତ୍ର । Neuro-Linguistic Programming (NLP), Hypnotherapy, Mind Programming, Subconscious Reprogramming, ବା Neuroplasticity ତଥା Self-Hypnosis ପରି ନଦୀ ବା ସମୁଦ୍ର ବା ପଥର ବା ଯୋଗୀ ବା ରଜାପୁଅର ଅଚେତନ ଓ ଅବଚେତନ ମନର ଡମୁଳ ପରିବର୍ତ୍ତନ ସଂଘଟିତ ହୋଇଥାଏ । ଚମ୍ପାଫୁଲଦ୍ୱାରା ସ୍ୱୀୟ ସମ୍ମୋହନ ସମୁଦ୍ର ଓ ନଦୀଠାରେ ଦେଖାଯାଏ ।

ଚମ୍ପାଫୁଲ ମହକରେ ଘଟିଥିବା ତୃତୀୟ ଘଟଣା ବା ତୃତୀୟ ପରିବର୍ତ୍ତନ ହେଉଛି ପଥର ତରଳିବା । ଚମ୍ପାଫୁଲର କୁହୁକ, ମହକ ଓ ପ୍ରଭାବରେ ତଥା ଚମ୍ପାଫୁଲର ଦାହରେ ପଥରର ଦେହ ତରଳିଥିଲା । ସେହି ପଥର ସାମାନ୍ୟ ନୁହେଁ, ବରଂ ଏହା ଏକ ପ୍ରତୀକ ବିଶେଷ ଅଟେ । ଚମ୍ପାଫୁଲରେ ତରଳିଥିବା ଏହି ପଥର Strength and Endurance, Spiritual growth and Enlightenment, Protection and Shielding, Grounding and Centering, Memory and Heritage, Purification and Cleansing, ଏବଂ Divine Connectionର ପ୍ରତୀକ ଅଟେ । ଏହି ପଥର ସ୍ଥାୟୀତ୍ୱ, ଦୀର୍ଘସ୍ଥାୟୀତ୍ୱ, ପରିବର୍ତ୍ତନ ବିରୋଧୀ ମନୋଭାବ, ନକାରାତ୍ମକ ଶକ୍ତି ବିରୋଧୀତତ୍ତ୍ୱ, କଠିନ ସମସ୍ୟା ବା ପରିସ୍ଥିତି, ପୃଥିବୀ ସହ ସଂପର୍କ, ସ୍ଥାୟୀତ୍ୱ ଏବଂ ସମନ୍ୱୟକୁ ସୂଚାଇଥାଏ । ପଥରର ସଂପର୍କ ସ୍ମୃତି, ପରଂପରା ଓ ସାଂସ୍କୃତିକ ଐତିହ୍ୟ, ପବିତ୍ରତା, ସ୍ୱଚ୍ଛତା ଓ ନବୀକରଣ ସହ ରହିଛି । ଏତଦ୍‌ବ୍ୟତୀତ ବିଶ୍ୱର ଉଚ୍ଚତର କ୍ଷମତା ବା ଶକ୍ତି ସହ ଏହା ସମନ୍ୱିତ ପ୍ରତୀକ ବିଶେଷ ଅଟେ । ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ସଂସ୍କୃତିରେ ପଥର ବିବିଧ ଐଶୀଶକ୍ତି ସଂପନ୍ନ ଦେବ-ଦେବୀଙ୍କ ସହ ଜଡ଼ିତ ଥିଲାବେଳେ ବୌଦ୍ଧଧର୍ମରେ ପଥର ଆଧ୍ୟାତ୍ମିକ ବିକାଶ, ବୁଦ୍ଧତ୍ୱ ଓ ନିର୍ବାଣମୁଖୀ ଅଭିଯାତ୍ରାକୁ ଇଙ୍ଗିତ କରିଥାଏ । ନେଟିଭ୍ ଆମେରିକୀୟ ସଂସ୍କୃତିରେ ପଥର ବୌଦ୍ଧିକତା, ଆଧ୍ୟାତ୍ମିକ ସଂଯୋଗ, ଏବଂ ପ୍ରାକୃତିକ ପୃଥିବୀର ପ୍ରତିନିଧି ବୋଲି ଗ୍ରହଣ କରିଥାଆନ୍ତି । ଅନୁରୂପ ଭାବରେ, କେଲ୍‌ଟିକ୍ (Celtic) ପରଂପରାରେ 'ପଥର'କୁ ପୂର୍ବପୁରୁଷ, ପୃଥିବୀ ଓ ଆତ୍ମାଜଗତ ସହ ଜଡ଼ିତ ଥିବାର ଗଭୀର ପ୍ରତ୍ୟୟ ରହିଛି । କାର୍ଲ ୟୁଙ୍ଗ୍‌ଙ୍କ ଭାଷାରେ- "Stones represent the unconscious mind, symbolizing the hidden, unexplored aspects of the self." ୟୁଙ୍ଗ୍‌ଙ୍କ ମନସ୍ତାତ୍ତ୍ୱିକ ବିବେଚନା କ୍ରମେ ପଥର ଅଚେତନ ମନର ପ୍ରତିନିଧି ହେବା ସଂଗେସଂଗେ ଅନ୍ତର୍ଦେଶସ୍ଥ ଆତ୍ମସତ୍ତାର ଅପରିସ୍ଫୁଟିତ, ସଂଗୁପ୍ତ ଓ ଅପରିପ୍ରକାଶିତ ଦିଗ ଓ ତତ୍ତ୍ୱାବଳୀ (Dimensions, directions and elements)କୁ ପ୍ରତୀକିତ କରେ । ସେହିଭଳି ଡକ୍ଟର ସିଗ୍‌ମଣ୍ଡ୍ ଫ୍ରଏଡ୍ ପଥରକୁ ବ୍ୟକ୍ତିର ଆବେଗ, ଇଚ୍ଛା, ଅଭୀପ୍‌ସା, ଓ ଅଚେତନ ମନର ସ୍ମୃତି ସହ ଯୋଡ଼ି ଏସବୁର ସୂଚକ ଭାବରେ ଦେଖନ୍ତି । ହର୍‌ମନ୍

ମେଲ୍‌ଭିଲ୍‌ଙ୍କ 'ମୋବୀ ଡିକ୍' ଉପନ୍ୟାସରେ ଶ୍ୱେତତିମି ଅପହଞ୍ଚର ପ୍ରତୀକ ହୋଇଥିଲାବେଳେ ଚିତ୍ରକଳାରେ ପଥର କ୍ଷମତା, ଶକ୍ତି, ଆଧ୍ୟାତ୍ମିକତା ଓ ପ୍ରକୃତି ସହ ସଂପର୍କକୁ ସୂଚାଇଥାଏ।

ସେହିପରି ସମୁଦ୍ର ଡେଇଁଥିବା କୂଳ ବା 'ସମୁଦ୍ରକୂଳ' ଟ୍ରାଞ୍ଜିସନ୍, ଟ୍ରାନ୍‌ସଫର୍‌ମେସନ୍ ବା ରୂପାନ୍ତରଣ, Emotional Turbulence, Spiritual Growth and Renewal, ଚେତନ ଓ ଅବଚେତନ ମନ ମଧ୍ୟରେ ପ୍ରାଚୀର, ଜୀବନ ଓ ମୃତ୍ୟୁର ଚକ୍ର, ଅନ୍ତର୍ନିହିତ ଶାନ୍ତି ଓ ସୁନ୍ଦରତା ଏବଂ ସାମୂହିକ ଅଚେତନତା ସହ ସଂଯୋଗକୁ ସୂଚାଇଥାଏ। ଏହି ସୂତ୍ରରେ ସମୁଦ୍ର କୂଳ ଡେଇଁବା ବା ଉଲ୍ଲଙ୍ଘନ କରିବା କଥାଟିକୁ ପ୍ରତୀକାତ୍ମକ ଭାବରେ ବିବେଚନା କରାଯାଇପାରେ।

କବିତାର ପରବର୍ତ୍ତୀ ପ୍ରତୀକ ହେଉଛି ଶ୍ମଶାନ। ଏହା ପୁନର୍ନବା, ରୂପାନ୍ତରଣ ଓ ନବୀକରଣର ପ୍ରତୀକ। ଏହିଠାରେ ଭୌତିକ ଶରୀର ଏକ ଆଧିଭୌତିକ ବା ଆଧ୍ୟାତ୍ମିକ ତତ୍ତ୍ୱରେ (Spiritual Element or Spiritual Entity) ପରିଣତ ହୋଇଥାଏ। ଏହା ମଣିଷ ଜୀବନର ମୃଣ୍ମୟତା ଓ ଅସାରତା ତଥା ଅଚିରତାକୁ ଦର୍ଶାଇଥାଏ। ଯଥାର୍ଥରେ ଶ୍ମଶାନ ଶୁଦ୍ଧତା ଓ ଶୁଭ୍ରତାର ପ୍ରତୀକ ଅଟେ। ଏହିଠାରେ ମଣିଷର Purification ଓ Cleansing ହୋଇଥାଏ। ଏହିଠାରେ ବିବିଧ ମାୟା, ମୋହ, ଲୋଭ, ଆବେଗ, ଅନୁଭୂତି, ସ୍ମୃତି ଓ ସଂଯୋଗରୁ ବିମୁକ୍ତି ମିଳିଥାଏ। ଏହା ଯଥାର୍ଥରେ ଜୀବନ, ମୃତ୍ୟୁ ଓ ପୁନର୍ଜନ୍ମ ତଥା ଜୀବନର ଚକ୍ରକୁ ପ୍ରତୀକିତ କରିଥାଏ। ହିନ୍ଦୁ (ସନାତନ) ଧର୍ମ ଓ ବୌଦ୍ଧଧର୍ମରେ ଶ୍ମଶାନ କ୍ରିୟା ବା 'ଦହନ' ବା ଭୌତିକ ଶରୀରକୁ ପଞ୍ଚଭୂତରେ ମିଶାଇବା କ୍ରିୟାକୁ ଅତ୍ୟନ୍ତ ପବିତ୍ର ବୋଲି ଗ୍ରହଣ କରାଯାଇଥାଏ। ଭୌତିକ ଶରୀର ମଧ୍ୟରୁ ଆତ୍ମାର ବିମୁକ୍ତି ଏହିଠାରେ ପୋତିବା ବା ପୋଡ଼ିବାଦ୍ୱାରା ହୋଇଥାଏ। ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ସଂସ୍କୃତିରେ 'ଶବ ଦହନ' ଏକ ଏକ ସମ୍ମାନଜନକ ସାଂସ୍କୃତିକ ରୀତି ଥିଲା। ସେହିପରି ଜାପାନୀ ସଂସ୍କୃତିରେ ଶରୀରର ଦହନଦ୍ୱାରା ଆତ୍ମାର ପବିତ୍ରୀକରଣ (Purification) ହୋଇଥିବା କଥା କୁହାଯାଇଥାଏ। କାର୍ଲ ୟୁଙ୍ଗ୍ କହନ୍ତି- "The Crematorium represents the process of individuation, where the individual integrates their opposites and becomes a whole." ବିଶିଷ୍ଟ ମନସ୍ତତ୍ତ୍ୱବିଦ୍ ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍ କହନ୍ତି- "The Crematorium symbolizes the repression of emotions and desires, which are 'burned away' through the process of cremation." ଯଥାର୍ଥରେ ଆମ ଜୀବନରେ ଶ୍ମଶାନ ଏକ ଆଧ୍ୟାତ୍ମିକ ଅନୁଭୂତିର ସ୍ମାରକୀ ବା ପ୍ରତୀକ ବିଶେଷ ଅଟେ। ଆମେ ଏହାକୁ ଆମ ଜୀବନର ଏକ 'ସଭ୍ୟ ଆଦିକଳ୍ପ' ବା 'ସଭ୍ୟ ଆଦିରୂପ' ବା Sophisticated archetype ବୋଲି କହିପାରିବା। ଯଥାର୍ଥରେ ମହାନ୍ ସାହିତ୍ୟିକ, ଚିତ୍ରକର, ସ୍ଥାପତ୍ୟକାର ଓ ଭାସ୍କର୍ଯ୍ୟକାର ଶ୍ମଶାନକୁ ତାଙ୍କ ସାହିତ୍ୟ ଓ ଭାସ୍କର୍ଯ୍ୟ କୃତିରେ କଳାତ୍ମକ ଭାବରେ ରୂପାନ୍ତରଣ (Transformation)ର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି। ଗ୍ରାବିଏଲ ଗାର୍ସିଆ ମାର୍କ୍ୱେଜ୍‌ଙ୍କ "One Hundred Years of Solitude" ଏହାର ଏକ ଚମତ୍କାର ଦୃଷ୍ଟାନ୍ତ।

ଚମ୍ପାଫୁଲ କବିତାର ପରବର୍ତ୍ତୀ ପ୍ରତୀକ ହେଉଛି ଭୂତ ପ୍ରେତ (Spirits and Ghosts)। ବିଭିନ୍ନ ସଂସ୍କୃତି, ପରଂପରା, ବିଭିନ୍ନ ଭୂଖଣ୍ଡର ପରଂପରା, ରୀତି, ନୀତି, ବିଶ୍ୱାସ ଓ ବିଭିନ୍ନ ବିଭାଗର ସିଦ୍ଧାନ୍ତ କ୍ରମେ ଭୂତପ୍ରେତଙ୍କୁ ଅସମାହିତ, ଅସଂପୂର୍ଣ୍ଣ ତତ୍ତ୍ୱ (Unresolved & Unfinished Business), ଅସମାପ୍ତ ଇଚ୍ଛା ଓ ଆକାଂକ୍ଷାର ପ୍ରତିନିଧି ଭାବରେ ଗ୍ରହଣ କରାଯାଇଛି। ଜୀବନ ଓ ମୃତ୍ୟୁପରର ଜୀବନ ସହ ଏହା ସଂପର୍କାନ୍ୱିତ। ବେଳେବେଳେ ଏହା ଭୟ, ଉତ୍ତେଜନା ଓ ଅଜଣାର ପ୍ରତୀକ ହୋଇଯାଏ। ପୁଣି ଆଉ କେତେବେଳେ ଏହା ମାର୍ଗଦର୍ଶନ, ବୁଦ୍ଧି, ପ୍ରଜ୍ଞା ଓ ସୁରକ୍ଷାର ପ୍ରତୀକ ମଧ୍ୟ ହୋଇଥାଏ। ତେବେ ଭୂତପ୍ରେତକୁ ମଧ୍ୟ ରୂପାନ୍ତରଣ ବା ଟ୍ରାନ୍ସଫର୍‌ମେସନ୍‌ର, ପରିବର୍ତ୍ତନ ଓ ପୁନନର୍ବାର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ। ଆଫ୍ରିକୀୟ ପ୍ରବାସୀ ପରଂପରାକ୍ରମେ ଭୂତପ୍ରେତ Guidance ଓ Protectionର ପ୍ରତୀକ। କାରଣ ସେମାନେ କିଛି ପବିତ୍ର ବ୍ୟକ୍ତିଙ୍କ ସହ କଥାହୋଇ ବା ଯୋଗାଯୋଗ ରଖି ସେମାନଙ୍କୁ ସନ୍ମାର୍ଗରେ ପରିଚାଳିତ କରିଥାଆନ୍ତି। ଏସୀୟ ସଂସ୍କୃତି କ୍ରମେ ଭୂତପ୍ରେତ ପୂର୍ବପୁରୁଷ ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ସହ ଜଡ଼ିତ। ସେହିପରି ପ୍ରତୀଚ୍ୟ ଲୋକକଥାରେ ଭୟ, କୁଦୃଷ୍ଟି ଆଦି ସହ ଭୂତ ପ୍ରେତଙ୍କୁ ଯୋଡ଼ାଯାଇଛି। ତେବେ ଆଲୋଚ୍ୟ ଚମ୍ପାଫୁଲ କବିତାରେ ଭୂତପ୍ରେତ spirituality, ରୂପାନ୍ତରଣ ବା ଟ୍ରାନ୍ସଫର୍‌ମେସନ୍ ପ୍ରଭୃତିର ପ୍ରତୀକ ଭାବରେ ଅଧିକ ଗ୍ରହଣ କରାଯାଇଥିବା ମନେହୁଏ। ତେବେ ଅନ୍ୟାନ୍ୟ ପ୍ରତୀକାତ୍ମକ ଅର୍ଥ ମଧ୍ୟ ଏଠାରେ ଅପ୍ରଯୁଜ୍ୟ ବୋଲି ଏକାବେଳେ କହିହେବ ନାହିଁ। ସ୍ଥାନ-କାଳ-ପାତ୍ର ଓ ଅବବୋଧର ସ୍ତର ଅନୁସାରେ ଏହାର ଅର୍ଥ ବଦଳି ଯାଇପାରେ। Carl Jungଙ୍କ ଭାଷାରେ- "Spirits and Ghosts represent the Collective unconscious, Symbolizing the shared human experiences and emotions." ୟୁଙ୍ଗ୍ ଏହାକୁ ଏକ ସାମୂହିକ ଅଚେତନତାର ସୂଚକ କହିବାବେଳେ, ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ପରି ବିଶିଷ୍ଟ ମନୋବିଜ୍ଞାନୀ

ଓ ମନୋବିଶ୍ଳେଷଣକାରୀ କହନ୍ତି- ମଣିଷ ମନର ଅବଦମିତ ଇଚ୍ଛା, ଆବେଗ, ଅନୁଭୂତିକୁ ବ୍ୟକ୍ତିର ଅଚେତନ ମନ ପ୍ରଖ୍ୟାପିତ କରିଥାଏ ଏହି ଭୂତ-ପ୍ରେତଙ୍କ ଅନୁଭୂତିଦ୍ୱାରା । ଉଇଲିୟମ୍ ସେକ୍ସପିୟରଙ୍କ 'ହାମ୍‌ଲେଟ୍' ନାଟକର ଭୂତ / ପ୍ରେତ ଓ ଚାର୍ଲସ୍ ଡିକେନ୍ସଙ୍କ 'ଏ କ୍ରିସ୍‌ମାସ୍ କାରୋଲ୍'ର ଭୂତପ୍ରେତ ଚିତ୍ରଣ ତଥା ଚିତ୍ରକଳା ଓ ଭାସ୍କର୍ଯ୍ୟକଳା ପ୍ରଭୃତି କ୍ଷେତ୍ରରେ ଏସବୁର ପ୍ରତିପାଦନ ଏ ଦିଗରେ ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ ।

କବିତାର ପରବର୍ତ୍ତୀ ପ୍ରତୀକ ହେଉଛି 'ରଜବତୀ କନ୍ୟା' (Newly Matured Girl) । ଏହା ଏକ ସର୍ବୋତ୍କୃଷ୍ଟ ଓ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ବିଶେଷ ଅଟେ । ଏହି 'ରଜବତୀ କନ୍ୟା'ଦ୍ୱାରା କବି Feminine Power and Potential, Transition and Growth, Innocence and Purity, Beauty and Sensuality, Vulnerability and Resilienceର ପ୍ରତିପାଦନ ଓ ଅଭିବ୍ୟକ୍ତି ବାଢ଼ିଛନ୍ତି ମାତ୍ର । ଗୋଟିଏ ପକ୍ଷରେ ଏହା untainted nature of youth ସହ ସଂପୃକ୍ତ ଥିଲାବେଳେ ଅପରପକ୍ଷରେ physical beauty ଓ sensuality ଯୌବନର ଦାୟିତ୍ୱ ଗ୍ରହଣ ସାଙ୍ଗକୁ ବିବିଧ ସମ୍ଭାବନାର ସମ୍ମୁଖୀନ ହେବାପାଇଁ ଚାଲେଞ୍ଜ୍ ଗ୍ରହଣ କରିଛି । ଗ୍ରୀକ୍ ପୁରାଣ, ଆଫ୍ରିକୀୟ ସଂସ୍କୃତି ଓ ହିନ୍ଦୁଧର୍ମରେ ଉପର୍ଯ୍ୟୁକ୍ତ ଭାବରେ ରଜବତୀ କନ୍ୟାକୁ ଗ୍ରହଣ କରାଯାଇଆସିଛି । କାର୍ଲଯୁଙ୍ଗଙ୍କ ଦୃଷ୍ଟିରେ- "The newly matured girl represents the anima, the feminine aspect of the male psyche, symbolizing the integration of opposites." ସେହିପରି ବିଖ୍ୟାତ ମନୋବିଜ୍ଞାନୀ ଫ୍ରଏଡ୍ ନବରଜବତୀ କନ୍ୟାକୁ ନେଇ ଇଡିପସ୍ କମ୍ପ୍ଲେକ୍ସ କଥା କହନ୍ତି । ତାଙ୍କ ଦୃଷ୍ଟିରେ- "The newly matured girl represents the Oedipal Complex, symbolizing the emergence of adult desires and conflicts." ଜେନ୍ ଅଷ୍ଟିନ୍‌ଙ୍କ 'Pride and Prejudice' ଏବଂ J. D. Salingerଙ୍କ 'The Catcher in the Rye' ପରି ସାହିତ୍ୟକୃତି ବା ବିବିଧ ଚିତ୍ରକଳା ଓ ସ୍ଥାପତ୍ୟ-ଭାସ୍କର୍ଯ୍ୟ କଳାରେ ରଜବତୀ କନ୍ୟାକୁ ନେଇ ଅନେକ ତାତ୍ତ୍ୱିକ ଏବଂ ଅର୍ଥପୂର୍ଣ୍ଣ ଉପସ୍ଥାପନା କରାଯାଇଛି ।

'ଚମ୍ପାଫୁଲ' କବିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ହେଉଛି 'ମଦନ' ବା 'ମଦନରେ ମାତିବା', ଯାହାକୁ SEX ବୋଲି କୁହାଯାଇପାରେ । ଏହା ଐକ୍ୟ ଓ ମିଳନର ପ୍ରତୀକ, ସର୍ଜନା ଓ ଉର୍ବରତାର ପ୍ରତୀକ । ଏହା ପ୍ରେମ ଓ ନିବିଡ଼ତାର ପ୍ରତୀକ, ଉତ୍ସାହ ଓ ଆବେଗ ସହ ଇଚ୍ଛା (କାମନା)ର ପ୍ରତୀକ । ସର୍ବୋପରି ଏହା ରୂପାନ୍ତରଣରୁ ପ୍ରରୂପାନ୍ତରଣ ଓ ନବପ୍ରଜନ୍ମରୁ ପୁନର୍ଜନ୍ମ-ପୁନର୍ନବୀକରଣର ପ୍ରତୀକ । It represents the union of opposites, such as masculine and feminine, or spiritual and physical symbolizing the creative power of nature and the fertility of the human experience, human experience driving intense emotion and desires. Further, it represents the transformative power of sex and its ability to renew and revitalize the human spirit. ରୂପକ ଭାବରେ ଯୌନକ୍ରିୟା ବା ମଦନ ଏକ ଆଧ୍ୟାତ୍ମିକ ଉଜାଗର / ଉତ୍ଥାନ ବା ସର୍ଜନାତ୍ମକ ପ୍ରୋତ୍ସାହନ (Spiritual Awakening or Creative Inspiration)ର ପ୍ରତୀକ ମାତ୍ର । ପୁଣି ଇମେଜେରୀ ବା ରୂପକଳ୍ପ ଦୃଷ୍ଟିରେ ଦେଖିଲେ କବିମାନେ ସମ୍ବେଦନଶୀଳତା ଓ ଆବେଗର ସାନ୍ଦ୍ରତା ପରିପ୍ରକାଶ ସକାଶେ ଯୌନକ୍ରିୟାକୁ କାବ୍ୟିକ ଉପକରଣ ଭାବେ ବ୍ୟବହାର କରିଥାଆନ୍ତି । ପୁଣି Sexକୁ ଦର୍ଶାଇବା ପାଇଁ ଫୁଲ, ଗଛ ଓ ଢେଉକୁ ପ୍ରତୀକ ଭାବରେ ବ୍ୟବହାର କରାହୋଇଥାଏ । ବାଇବେଲୀୟ କବିତା 'The Song of Solomon', ଏଜ୍‌ରା ପାଉଣ୍ଡଙ୍କ 'The Cantos' ବା ଟି.ଏସ୍ ଏଲିଅଟଙ୍କ 'The Waste Land' କବିତାରେ ଏହି ଯୌନତା ବା ଯୌନକ୍ରିୟା ଏକ ରିଚୁଆଲ୍ ଭାବରେ ଗୃହୀତ ହେବା ସଂଗେସଂଗେ ଏକାଧିକ ସ୍ତରରେ ଏହା ଅର୍ଥପୂର୍ଣ୍ଣ ହୋଇଉଠିଛି । ସର୍ବୋପରି ଏହା ଉର୍ବରତାର ପ୍ରତିନିଧି ଓ ପ୍ରତିଭୂ ମାତ୍ର । ତାନ୍ତ୍ରିକ ପରଂପରାରେ ଶିବ ଓ ଶକ୍ତିର, ପୁରୁଷ ଓ ନାରୀ ଶକ୍ତିର ମିଳନ ଭାବରେ ଗ୍ରହଣ କରାଯାଇଥିଲାବେଳେ ଏଠାରେ ଏକ ଡିଭାଇନ୍ ମାସ୍କୁଲାଇନ୍ ଓ ଫେମିନାଇନ୍ ପ୍ରିନ୍ସିପଲ୍ କାର୍ଯ୍ୟକାରୀ ହୋଇଥାଏ । ପୁଣି ପାଶ୍ଚାତ୍ୟ ସଂସ୍କୃତିରେ ଏହି Sex ପ୍ରେମ, ନିବିଡ଼ତା, ଆନନ୍ଦ, ନିରାନନ୍ଦ, ଦୋଷାବହତା, ଲଜ୍ଜା ଓ ହତୋତ୍ସାହତା ସହ ଜଡ଼ିତ ଥିଲାବେଳେ ଆଫ୍ରିକୀୟ ସଂସ୍କୃତିରେ Sexକୁ ଉର୍ବରତା, ପ୍ରାଚୁର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ । କାର୍ଲଯୁଙ୍ଗଙ୍କ ଭାଷାରେ "Sex represents the integration of the opposites, symbolizing the union of the conscious and unconscious mind." ଚେତନ ଓ ଅଚେତନ ମନର ମିଳନ ଭାବରେ ସେକ୍ସ ବା ଯୌନକ୍ରିୟାକୁ ଯୁଙ୍ଗ୍ ଗ୍ରହଣ କରିଥିଲାବେଳେ ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ଦୃଷ୍ଟିରେ- "Sex represents the repression of desires and the struggle between the id and the superego."

'ଇଡ୍' ଓ 'ସୁପରଇଗୋ' ମଧ୍ୟସ୍ଥ ସଂଘର୍ଷ ଭାବରେ ଏହାକୁ ଚିତ୍ରଣ କରାଯାଇଛି ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ଦୃଷ୍ଟିରେ। 'ଚମ୍ପାଫୁଲ' କବିତାର ଆୟାମ ଏହି ଦୃଷ୍ଟିରୁ ଅଧିକରୁ ଅଧିକ ପ୍ରସାରିତ ଓ ବ୍ୟାପ୍ତ ମନେହୁଏ। ଗୋଟିଏ ଦୃଷ୍ଟିରେ ଚମ୍ପାଫୁଲକୁ 'ଲିବିଡୋ' ବା 'ଯୌନକାଂକ୍ଷା'ର ପରମ ପ୍ରତୀକ ଭାବରେ ଦେଖିଲାବେଳେ ସେହି ଚମ୍ପାଫୁଲ ନିଆଁର କୁହୁକ ଓ ଜ୍ୱାଳା ଧରି ଆଧ୍ୟାତ୍ମିକ ପ୍ରସ୍ଫୁଟନ (Spiritual Blooming) ପାଇଁ ଦାୟୀ ମଧ୍ୟ ହୋଇଥାଏ। ଏଣୁ କବିତାଟିର ବୀଜଗାଣିତିକ ସଂରଚନା (Algebraic Structure) ଏହାର ଅର୍ଥ ନିରୂପଣରେ Pluralityକୁ ଆବାହନ ଡାକରା ଦେଇ ଅର୍ଥବହଳତା ସୃଷ୍ଟି କରିଥାଏ। ଗୋଟିଏ ବାକ୍ୟରେ କହିବାକୁ ଗଲେ– ଏଥିଲିନ୍ ଗ୍ଲାଇକଲ୍‌ର ବହୁଳୀକରଣ ବା ପଲିମେରାଇଜେସନ୍‌ଦ୍ୱାରା ପଲିଥିନ୍ ସୃଷ୍ଟି ହେବାପରି ଏକାଧିକ ସାଂସ୍କୃତିକ, ପାରଂପରିକ ଓ ପ୍ରତୀକାତ୍ମକ ଦୃଷ୍ଟି ଓ ଦର୍ଶନ କ୍ରମରେ ଏକାଧିକ ଅର୍ଥର ବହୁଳୀକରଣରୁ ସୃଷ୍ଟି ହୋଇଥିବା ଏକ ଜଟିଳାତିଜଟିଳ ପଲିମର୍ ହେଉଛି ଏହି 'ଚମ୍ପାଫୁଲ' (କବିତା)। ପୁଣି ଏହି ପଲିମର୍‌ର ଅର୍ଥ ବହୁସ୍ତରୀୟ, ବହୁଗୁଣୀୟ, ବହୁବର୍ଣ୍ଣୀୟ ଓ ବହୁଜାତୀୟ। ଏଇଟି ଗୁରୁପ୍ରସାଦଙ୍କ 'ଚମ୍ପାଫୁଲ'ର ବ୍ୟଂଜନା ଶକ୍ତି ବାବଦରେ ଏକ ସାମୂହିକ ଇସ୍ତାହାର ମାତ୍ର। ଏଜ୍‌ରା ପାଉଣ୍ଡ୍‌ଙ୍କ The Cantos କବିତାରେ ଆଧୁନିକ କବିତାର କଳାକାରୀ ଓ ଯାଦୁକରୀ ମାଧ୍ୟମରେ ପ୍ରେମ, ଇଚ୍ଛା ଓ ରୂପାନ୍ତରଣର କଥା ପ୍ରତୀକ ଓ ଚିତ୍ରକଳ୍ପ ମାଧ୍ୟମରେ ଉପସ୍ଥାପନ କରାଯାଇଛି ଠିକ୍ ଏହି କବିତା ପରି।

'ଚମ୍ପାଫୁଲ' କବିତାର ଦ୍ୱିତୀୟ କ୍ୱାଟ୍ରେନ୍ ବା ଦ୍ୱିତୀୟ ପଙ୍‌କ୍ତି ଆରମ୍ଭ ହୁଏ 'ଯାଦୁକରୀ'ର ଯାଦୁକ୍ରିୟାରୁ। "ଚମ୍ପାଫୁଲ ହାତେଧରି ମନାସିଲା ଯାଦୁକରୀ ଥରେ।" ଏହି ଯାଦୁକରୀ ନିଜର ତନ୍ତ୍ର ଉଚ୍ଚାରଣ ବା ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ପଥରକୁ ରଜାପୁଅରେ ପରିଣତ କରିଛି। ଏହା ଏକ Mystique ଏବଂ Enchantmentକୁ ଇଙ୍ଗିତ କରିଥାଏ। ଏଠାରେ କହିବା ବାହୁଲ୍ୟ ଯେ, 'ଯାଦୁକରୀ' ଶବ୍ଦ ଦ୍ୱାରା ଏକ ନାରୀଶକ୍ତି ବା Feminine Power ତଥା Mystery ଏବଂ Intrigue କଥା ଆଗକୁ ଆସିଥାଏ। ତା'ପାଖରେ ସର୍ଜନଶୀଳତା, ପୋଷଣ ଓ ଅନ୍ତର୍ଜ୍ଞାନ ବା ସହଜଜ୍ଞାନ ରହିଥାଏ। ଏହି ସହଜଜ୍ଞାନ ବା ସହଜବୋଧ ପ୍ରତୀକାତ୍ମକ ଭାବରେ ଅନ୍ତଃପ୍ରଜ୍ଞାକୁ ବିକିରିତ କରିବା ସହ ପ୍ରତିଫଳିତ ଓ ପ୍ରତିସୃତ କରିଥାଏ। The lady magician is often shrouded in mystery, creating an aura of intrigue and fascination. ଏଥିପାଇଁ 'ଯାଦୁକରୀ' ଏକ ଅଜ୍ଞାତ (the unknown), ଏକ ଅଦୃଷ୍ଟ (the unseen) ଓ ଏକ ରହସ୍ୟମୟତା (the mystical)କୁ ପ୍ରତିପାଦନ ବା ଉପସ୍ଥାପନ କରିଥାଏ। ଅପରପକ୍ଷରେ ଯାଦୁକରୀ 'ରୂପାନ୍ତରଣ' ଓ 'ପରିବର୍ତ୍ତନ' (Transformation and change)ର ପ୍ରତିଭୂ ହୋଇଥିଲାବେଳେ ଏହି ଚରିତ୍ରଦ୍ୱାରା କବି ସଶକ୍ତୀକରଣ ଏବଂ ଆତ୍ମାବିଷ୍କାର (ସ୍ୱାବିଷ୍କାର) କଥା ମଧ୍ୟ ଅନ୍ତର୍ସ୍ତରରେ ବ୍ୟକ୍ତ କରିଥାଆନ୍ତି। The lady magician is often associated with transformation, change and renewal and she represents the power to transform and transcend limitations. ଅପରପକ୍ଷରେ ଯାଦୁକରୀ ଚରିତ୍ରଟି ସର୍ଜନଶୀଳତା, କ୍ଷମତା ଓ ଦକ୍ଷତାକୁ ତ୍ୱରାନ୍ୱିତ କରିଥାଏ। ଯାଦୁକରୀ ଚରିତ୍ରଟି ବାସ୍ତବତା ଓ କଳ୍ପନା (Reality and Fantasy) ମଧ୍ୟରେ ଏକ ଧୂମାଭରେଖା ବା ଅସ୍ପଷ୍ଟ ରେଖା ସୃଷ୍ଟି କରେ। ଏଣୁ ଯାଦୁକରୀ Illusion, deception, ଏବଂ misdirection ସହ ଜଡ଼ିତ / ସଂଶ୍ଳିଷ୍ଟ। ଅନେକ ସମୟରେ ଯାଦୁକରୀ ସଂଗୁପ୍ତ ସତ୍ୟାବଳୀ ଉପରୁ ପରଦା ଉଠାଇବାରେ ସାହାଯ୍ୟ କରିଥାଏ। ଆଦିକଳ୍ପୀୟ ଗୁରୁତ୍ୱ ବା ଆଦିରୂପୀୟ ଗୁରୁତ୍ୱ (Archetypal significance) ମଧ୍ୟ ଏହି ଚରିତ୍ରଟି ସହ ଅନେକ ମାତ୍ରାରେ ରହିଛି। ଦୁଇ ପ୍ରକାରର ଆର୍କିଟାଇପ୍ କଥା ଏଠାରେ ଆସେ। ଯଥା–

୧. ଦୈବୀକ ଆଦିକଳ୍ପ / ଆଦିରୂପ (The Goddess Archetype)

୨. ଧୂର୍ତ୍ତ ଆଦିକଳ୍ପ / ଆଦିରୂପ (The Trickster Archetype)

କବିତାଟିରେ ଉପରସ୍ତରୀୟ ଅର୍ଥ ଦେଖିଲାବେଳେ ବା ଏହାର ଅନୁଲୋମ ମୂଲ୍ୟାଙ୍କନ କାଳରେ ଯାଦୁକରୀ ଧୂର୍ତ୍ତ ଆଦିରୂପର ସୂଚନା ପ୍ରଦାନ କରିଥିଲାବେଳେ ସାମାନ୍ୟ ଭିତରକୁ ଗଲେ ବା ଓଲଟା ଭାବରେ, ପ୍ରତିଲୋମ ବିବେଚନାକ୍ରମେ କବିତାଟିକୁ ମୂଲ୍ୟାଙ୍କନ କଲେ ଯାଦୁକରୀ ଚରିତ୍ରଟି ଏକ ଦୈବୀ ରୂପକଳ୍ପ ହୋଇ ଆମ ଆଗରେ ଉଭା ହୁଏ। ଗୋଟିଏ ପକ୍ଷରେ ଯାଦୁକରୀ ଦୁଷ୍କୃତି, ଧୂର୍ତ୍ତତା, ରୂପାନ୍ତରଣ ଓ ଦୁଷ୍ଟପ୍ରକୃତିର ଶକ୍ତିକୁ ଉପସ୍ଥାପନ କରୁଥିଲାବେଳେ ଅପରପକ୍ଷରେ ଏକ ସକାରାତ୍ମକ ଶକ୍ତିର କାରିକା ଭାବରେ ଏହା ସର୍ଜନା, ପରିପୋଷଣ ଓ ରୂପାନ୍ତରଣ କୈନ୍ଦ୍ରିକ ନାରୀଶକ୍ତିର ଆଦିକଳ୍ପ ହୋଇ ପାଠକକୁ ଭିନ୍ନ ଉପଲବ୍ଧି ପ୍ରଦାନ କରିଥାଏ।

କବିତାରେ ଯାଦୁକରୀ ଘଟାଇଥିବା ଘଟଣାଟି ହେଉଛି ପଥରକୁ ରଜାପୁଅରେ ପରିଣତ କରିବା। ଏହାର ଅର୍ଥ ହେଉଛି:

(କ) ରୂପାନ୍ତରଣ ଓ ବିମୁକ୍ତିକରଣ (Transformation and Liberation)

(ଖ) ନାରୀଶକ୍ତି ଓ ସଶକ୍ତିକରଣ (Feminine Power and Empowerment)

(ଗ) ଆଧ୍ୟାତ୍ମିକ ଉତ୍ତରଣ / ଉତ୍ଥାନ ଓ ପ୍ରବୋଧନ (Spiritual Awakening and Enlightenment)

(ଘ) କିମୀୟ ରୂପାନ୍ତରଣ / ଅଭିରୂପାନ୍ତରଣ (Alchemical Transformation)

(ଙ) ପୁରାକଳ୍ପୀୟ ଓ ଆଦିକଳ୍ପୀୟ ଗୁରୁତ୍ୱ (Mythological and Archetypal Significance)

ପଥରଟିଏ ରାଜପୁତ୍ରରେ ପରିଣତ ହେବା କିଛି କମ୍ ବଡ଼ ରୂପାନ୍ତରଣ ଅବଶ୍ୟ ନୁହେଁ। ଯଦିଓ ରାତିରେ ମେଣ୍ଢାକୁ ଭେଣ୍ଡା ଓ ଦିନରେ ଭେଣ୍ଡାକୁ ମେଣ୍ଢା କରିବାର ଲୋକକଥା ରହିଛି ଯାହା ମୂଳେମୂଳେ ଅନେକ ସମାଲୋଚକ ଏହି ପଥର ପାଲଟି ରଜାପୁଅ ହେବା କଥା ସହ ମିଶାଇ କାଉଁରୀ କାମାକ୍ଷା ନଗରୀର ଲୋକମିଥ୍‌କୁ ଏଠାରେ ପ୍ରାସଙ୍ଗିକ କରିଥାଆନ୍ତି, ତେବେ ଏଠାରେ ଏହି ଘଟଣାଟିକୁ Inner Transformation ଏବଂ External Liberationର ଏକ ଗୂଢ଼ ପ୍ରତୀକ ଭାବେ ଆମେ ଗ୍ରହଣ ମଧ୍ୟ କରିପାରିବା। ମଣିଷ ମଧ୍ୟରେ ଥିବା ପଥରର ସ୍ଥାଣୁତା ବା ଜଡ଼ତାକୁ ଜୀବନ୍ମୟ କରି ଗଢ଼ିତୋଳିଛି ଏହି ଘଟଣା। ବ୍ୟକ୍ତିର ନିଜ କ୍ଷମତା ଏଠି ଉନ୍ମୁକ୍ତ ହୁଏ, ଏକପ୍ରକାର ଅନ୍ତରୀଣ ରୂପାନ୍ତରଣ ଏଠି ଦେଖାଦିଏ। "The lady magician's chantings symbolize the power of inner transformation, where an individual's true potential is unlocked and they are liberated from their limitations." ପୁଣି ପଥରର ପ୍ରକୃତିକୁ ଦେଖିଲେ ଜଣାଯିବ ଏହାର Rigidity ଏବଂ stagnation ପ୍ରକୃତି ରଜାପୁଅରେ ପରିଣତ ହେଲାପରେ ବିମୁକ୍ତି, ଗତି ଓ ସଶକ୍ତିକରଣର ପ୍ରତୀକ ହୋଇ ଏହା ଏକ ମହାନ୍ ରୂପାନ୍ତରଣର ପରମ ସୂଚକ ମାତ୍ର ହୋଇଛି। ସମାଲୋଚକଙ୍କ ଦୃଷ୍ଟିରେ ନାରୀଶକ୍ତିର ଅଖଣ୍ଡ ସିଦ୍ଧି ଓ ସାଧନାଗତ ସାମର୍ଥ୍ୟକୁ ଏହା ସୂଚାଇଥାଏ ମାତ୍ର। "The event symbolizes the empowerment of the feminine principle, highlighting the potential for women to shape and transform their reality." ଆଧ୍ୟାତ୍ମିକତାର ଦୃଷ୍ଟି ଓ ଦର୍ଶନ କ୍ରମେ ପଥର ରଜାପୁଅ ହେବାର ଅର୍ଥ ବ୍ୟକ୍ତିର ଚେତନାଗତ ସ୍ତରରେ ଅଭ୍ୟୁତ୍ଥାନ ବା ଉତ୍ତରଣ। ସମୀକ୍ଷକଙ୍କ ଦୃଷ୍ଟିରେ "The transformation of the stone into a prince represents spiritual awakening, where an individual's consciousness is elevated, and they gain a deeper understanding of themselves and the world. The lady magician's chanting symbolize the attainment of enlightement, where the individual transcends their limitations and achieves a state of higher consciousness." ସମସ୍ତ ବାଧାବିଘ୍ନ, ଜଡ଼ତା ଓ ନିଥର ନିସ୍ତେଜ ସ୍ୱରୂପକୁ ତ୍ୟାଗ କରି ସର୍ବୋପରି ଏହା ବ୍ୟକ୍ତିର ଚୈତନ୍ୟଗତ ଉତ୍ଥାନକୁ ସୂଚିତ କରିଥାଏ। ପଥର ପରି ନିର୍ଜୀବରୁ ଜଣେ ସଚେତନ ସଜୀବ ରାଜପୁତ୍ର ସୃଷ୍ଟି ହେବାର ବୈଚିତ୍ର୍ୟକୁ ଏକ Alchemical Transformation ରୂପେ ଦେଖାଯାଇପାରେ। ସାଧାରଣ ବା ମୌଳିକ ବସ୍ତୁରୁ ଏପରି ଉଚ୍ଚତର ଚେତନାର ସୃଷ୍ଟିହେବା ପଥରର ଗୁଣାଭିବୃଦ୍ଧିକୁ ସୂଚାଏ ମାତ୍ର। ଏକପକ୍ଷରେ ଏଠାରେ ଭୌତିକ ରୂପାନ୍ତରଣ (Material Transformation) ଦେଖାଯାଇଥିବା ବେଳେ ଅପରପକ୍ଷରେ ଏକ ଆଧ୍ୟାତ୍ମିକ ରସାୟନ ବିଦ୍ୟା ବା Spiritual Alchemy ଏଠାରେ ଦେଖାଯାଏ। କାରଣ ଏଠାରେ ବ୍ୟକ୍ତିର ମୌଳିକ ଗୁଣଗୁଡ଼ିକ ଅଧିକ ସୂକ୍ଷ୍ମ, ପରିଶୋଧିତ ଓ ପ୍ରବୁଦ୍ଧ ହୋଇଉଠିଛି। ଆର୍କିଟାଇପ୍ ଦୃଷ୍ଟିରୁ ଏଠାରେ ଏହି ଘଟଣା ଏକ ସାମୂହିକ ଅଚେତନତା ବା Collective Unconsciousnessକୁ ଦର୍ଶାଇଥାଏ ଯଦ୍ୱାରା ରୂପାନ୍ତରଣ, ସଶକ୍ତିକରଣ, ଆଧ୍ୟାତ୍ମିକ ଉତ୍ତରଣ ଓ ଅଭ୍ୟୁତ୍ଥାନର ସୂଚନା ହିଁ ମିଳିଥାଏ। ଏଣୁ କବିଙ୍କର ଏହି ଉକ୍ତିଦ୍ୱାରା ଏକ ପ୍ରକାରର ସାନ୍ଦ୍ରତର ଆର୍କିଟାଇପାଲ୍ ବା ଆଦିକଳ୍ପୀୟ ପ୍ରତିଧ୍ୱନି (Archetypal Reasonance) ସୃଷ୍ଟି ହୋଇ କବିତାଟିକୁ ଗୁରୁଗମ୍ଭୀର କରି ଗଢ଼ିତୋଳିଛି।

ଏହି କବିତାଟିର ପରବର୍ତ୍ତୀ ପ୍ରତୀକବିଶେଷ ହେଉଛି 'ରଜାପୁଅ'। ପ୍ରଥମେ ପାଠକ ଦେଖେ- ଚମ୍ପାଫୁଲ ମହକରେ ପଥର ତରଳିଥିଲା। ଏଠାରେ ସେହି ପଥରକୁ ଏକ ସାଧାରଣ ପ୍ରତୀକ ଭାବରେ ଗ୍ରହଣ କରାଯାଇପାରେ ଯାହା ଚମ୍ପାଫୁଲର ମହକରେ ତରଳିଥିଲା। କିନ୍ତୁ ଅପରପକ୍ଷରେ ଏହି ପଥରକୁ ପରବର୍ତ୍ତୀ ପର୍ଯ୍ୟାୟର ପଥର ସହ ଅଭେଦ ମଧ୍ୟ କରାଯାଇପାରେ। କିନ୍ତୁ ଏ ପଥର ଚମ୍ପାଫୁଲ ମହକରେ ନୁହେଁ, ଯାଦୁକରୀର ମନାସିବାରେ ରଜାପୁଅ ହେବାକୁ ବାଧ୍ୟ ହୁଏ। ହୁଏତ ଯାଦୁକରୀର ମନାସିବା ସହ ଚମ୍ପାଫୁଲ, ଯାହା ସେ ହାତରେ ଧରିଥିଲା, ତା'ରି ମହକରେ ମଧ୍ୟ ତରଳିପାରେ ବା ରୂପାନ୍ତରଣ ଲାଭ କରିପାରେ। ରଜାପୁଅ Heroism ଓ Chivalryର ପ୍ରତୀକବିଶେଷ ହୋଇଥିଲା ବେଳେ Royalty ବା ରାଜକୀୟତା, କ୍ଷମତା (Power), ସଂପଦ, ପ୍ରାଧିକାର (Authority), ରୋମାନ୍ସ, ପ୍ରେମ, ପ୍ରଣୟ,

ରୂପାନ୍ତରଣ (Transformation), ବିକାଶ (Growth), ଆଦର୍ଶବାଦ (Idealism) ଓ ପୂର୍ଣ୍ଣତା (Perfection)କୁ ସୂଚାଇ ଏହାର ଅର୍ଥଗତ ବ୍ୟଂଜନାଶକ୍ତିର ଅପୂର୍ବ ପରିଚୟ ମିଳିଥାଏ। Adolescenceରୁ Adulthood ଆଡ଼କୁ ଯାତ୍ରା ବା ଅପୂର୍ଣ୍ଣରୁ ପୂର୍ଣ୍ଣତା, ପୂର୍ଣ୍ଣତାରୁ ପରିପୂର୍ଣ୍ଣତା ଆଡ଼କୁ ଏକ ଅଭିଯାତ୍ରା ଭାବରେ ଏହି ରୂପାନ୍ତରଣକୁ ଦେଖାଯାଇପାରେ। ପୃଥିବୀର ତିନି ପ୍ରମୁଖ ସଂସ୍କୃତି ହେଉଛି– ୟୁରୋପୀୟ ଲୋକକଥାରେ ଥିବା ସଂସ୍କୃତି, ଆଫ୍ରିକୀୟ ସଂସ୍କୃତି ଓ ଏସୀୟ ସଂସ୍କୃତି। ୟୁରୋପୀୟ ଲୋକ ସଂସ୍କୃତିରେ ରାଜାପୁଅ ସବୁବେଳେ ବୀରତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ବିପଦରେ ଥିବା ଯୁବତୀମାନଙ୍କୁ ରକ୍ଷା କରି ଆଣୁଥିବା ଚରିତ୍ର ଭାବରେ ଚିତ୍ରିତ ହୋଇଥିଲାବେଳେ ଆଫ୍ରିକୀୟ ସଂସ୍କୃତିରେ ରାଜକୁମାର ରାଜକୀୟତ୍ୱ, କ୍ଷମତା ଏବଂ ଆଧ୍ୟାତ୍ମିକ କର୍ତ୍ତୃତ୍ୱର ଅଧିକାରୀ ଭାବେ ଚିତ୍ରିତ। ସେହିପରି ଏସୀୟ ସଂସ୍କୃତିରେ ରାଜପୁତ୍ରମାନେ ସର୍ବଦା କନ୍‌ଫ୍ୟୁସିୟସ୍‌ବାଦୀ ଆଦର୍ଶର ବାହକ ଭାବରେ ଚିତ୍ରିତ। ମନସ୍ତତ୍ତ୍ୱବିତ୍ କାର୍ଲ୍‌ୟୁଙ୍ଗଙ୍କ ଦୃଷ୍ଟିରେ– "The prince represents the animus, the masculine aspect of the female psyche, symbolizing the integration of opposites." ମାତ୍ର ଡକ୍ଟର ସିଗ୍‌ମଣ୍ଡ୍ ଫ୍ରଏଡ୍ ଏହାକୁ କହନ୍ତି– "Oedipal Complex, symbolizing the desire of power, authority, and romantic love." ପୃଥିବୀର ବିଭିନ୍ନ କଳାତ୍ମକ ପରିପ୍ରକାଶନରେ ରାଜକୁମାରମାନଙ୍କୁ କ୍ଷମତା, ରୋମାନ୍ସ ଓ ରାଜକୀୟତାର ପ୍ରତୀକ ଭାବରେ ଦେଖାଯାଇଆସିଛି।

'ଚମ୍ପାଫୁଲ' କବିତାର ପରବର୍ତ୍ତୀ ପ୍ରତୀକବିଶେଷ ହେଉଛି 'ହାଡ଼'। ଚମ୍ପାଫୁଲକୁ ହାତରେ ଧରି ଯାଦୁକରୀ ଯେତେବେଳେ ମନ୍ତ୍ର / ତନ୍ତ୍ର / ଯାଦୁ ମାଧ୍ୟମରେ ଚମତ୍କାର ସୃଷ୍ଟି କରିଛି ହାଡ଼ ସବୁ ମୁକ୍ତାଫୁଲରେ ପରିଣତ ହୋଇଛି। ପ୍ରତୀକାତ୍ମକ ଦୃଷ୍ଟିରେ ହାଡ଼ ନଶ୍ୱରତା ଓ ମୃଣ୍ମୟ ଜଗତର ପ୍ରତିନିଧି ଭାବରେ ମରଣ ଓ ମରଣଶୀଳତାର ପ୍ରତୀକ ମାତ୍ର। ବିଭିନ୍ନ ଭାବରେ ବିଭିନ୍ନ ଦୃଷ୍ଟି ଓ ଦର୍ଶନାନୁକୋଣରୁ ହାଡ଼ ପ୍ରତୀକଟି ଭିନ୍ନାର୍ଥବୋଧକ। କେତେବେଳେ ଏହା Resilience ଏବଂ Endurance ପ୍ରତୀକ ତ ଆଉ କେତେବେଳେ Ancestry ଓ ଐତିହ୍ୟର ପ୍ରତୀକ। ପୁଣି କେତେବେଳେ ଏହା ଆଧ୍ୟାତ୍ମିକତା ଓ ମରଣୋତ୍ତର ଜୀବନ / ଜଗତ ସହ ଜଡ଼ିତ ତ ଆଉ କେତେବେଳେ ଏହା Healing ଓ Transformation ସହ ଜଡ଼ିତ। ବିଭିନ୍ନ ସଂସ୍କୃତି ଓ ସାଂସ୍କୃତିକ ଭାବଧାରା ଏବଂ ବିଚାରଧାରା ସହ ଏହା 'ହାଡ଼' ବା 'ଅସ୍ଥି'ର ସଂପର୍କ ଭିନ୍ନଭିନ୍ନ ଭାବରେ ରହିଛି। ଆଫ୍ରିକାର ସଂସ୍କୃତିରେ ହାଡ଼ରେ ଆଧିଭୌତିକ ବା ଆଧ୍ୟାତ୍ମିକ ଶକ୍ତି ରହିଥିବା କଥା ବିଶ୍ୱାସ କରନ୍ତି। ସେହିଭଳି ସ୍ଥାନୀୟ ଆମେରିକୀୟ ସଂସ୍କୃତିରେ ହାଡ଼ଗୁଡ଼ିକ ପାରତ୍ରିକ ଜୀବନ, ପୂର୍ବଜ ଓ ଭୂତପ୍ରେତ ବା ଆତ୍ମାମାନଙ୍କ ସହ ଜଡ଼ିତ। କିନ୍ତୁ ୟୁରୋପୀୟ ସଂସ୍କୃତି ମୁତାବକ ହାଡ଼ ସବୁ ମୃତ୍ୟୁ, ମରଣଶୀଳତା ଓ ଆଧିଭୌତିକତାକୁ ଇଙ୍ଗିତ ମାତ୍ର କରିଥାଏ। କାର୍ଲ୍‌ୟୁଙ୍ଗଙ୍କ ଭାଷାରେ "Bones represent the collective unconscious, symbolizing the shared human experiences and archetypes." କିନ୍ତୁ ସିଗ୍‌ମଣ୍ଡ୍ ଫ୍ରଏଡ୍ ଏ ସନ୍ଦର୍ଭରେ ଭିନ୍ନ ମତପୋଷଣ କରି କହନ୍ତି– "Bones represent the repressed emotions, desires, and memories of the unconscious mind." କଳାତ୍ମକ ଭାବରେ ଅସ୍ଥି ବା ହାଡ଼କୁ ବିଭିନ୍ନ କଳା ରୂପରେ, ଚିତ୍ରକଳାରେ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କଳାରେ, ମରଣଶୀଳତା, ଆଧ୍ୟାତ୍ମିକତା ଓ ରୂପାନ୍ତରଣର ପ୍ରତୀକ ଭାବରେ ଗ୍ରହଣ କରାଯାଇଥିବାର ଲକ୍ଷ୍ୟ କରିହେବ।

ହାଡ଼ ସବୁ ମୁକ୍ତାଫୁଲ ହେବାର ଅର୍ଥ ବିଶୁଦ୍ଧତା ଓ ନିଷ୍ପାପଭାବ, ହୃଦୟର ପବିତ୍ରତା, ବିଶୁଦ୍ଧତା ଓ ସତୀତ୍ୱ ଭାବକୁ ଦର୍ଶାଇଥାଏ। ହାଡ଼ ମୁକ୍ତାଫୁଲରେ ପରିଣତ ହେବା ଏକ ଆଧ୍ୟାତ୍ମିକ ବିକାଶ ଓ ବୋଧିସତ୍ତା (Enlightenment)ର କଥା କହିଥାଏ। ଏହା ଅପରପକ୍ଷରେ ପ୍ରେମ, ଉର୍ବରତା ଓ ପ୍ରକୃତି ଚକ୍ରକୁ ମଧ୍ୟ ଏହା ସୂଚିତ କରିଥାଏ। ମୁକ୍ତାଫୁଲ ସଂପଦ ଓ ସମୃଦ୍ଧିର ପରମ ସୂଚକ। ହିନ୍ଦୁଧର୍ମ ଓ ବୌଦ୍ଧଧର୍ମରେ ମୁକ୍ତାଫୁଲ ଆଧ୍ୟାତ୍ମିକ ବିକାଶ, Enlightenment ବା ଜ୍ଞାନପ୍ରାପ୍ତିର ସୂଚକ ଭାବରେ ସୁବିଦିତ। ଖ୍ରୀଷ୍ଟଧର୍ମରେ ଏହା ପବିତ୍ରତା, ସରଳତା, ନିଷ୍ପାପପଣିଆ, ନିର୍ଦ୍ଦୋଷପଣିଆ ଓ ସତୀମେରୀଙ୍କୁ ସାଙ୍କେତିକ ଭାବେ ସୂଚାଇଥାଏ। ସେହିପରି ଜାପାନୀ ସଂସ୍କୃତିରେ ଏହି ମୁକ୍ତାଫୁଲ ସଂପଦ, ସମୃଦ୍ଧି ଏବଂ ସୌଭାଗ୍ୟର ପ୍ରତିନିଧିବିଶେଷ ଅଟେ। ଆଫ୍ରିକୀୟ ସଂସ୍କୃତିରେ ମୁକ୍ତାଫୁଲ ପ୍ରେମ, ଉର୍ବରତା ଓ ପ୍ରକୃତିର ଚକ୍ର ସହ ଜଡ଼ିତ। କାର୍ଲ ୟୁଙ୍ଗଙ୍କ ଦୃଷ୍ଟିରେ ଏହି ମୁକ୍ତାଫୁଲ ବୈପରୀତ୍ୟର ମିଶ୍ରଣ ବା ବୈପରୀତ୍ୟର ସମଷ୍ଟି (Integration of Opposites) ଭାବରେ ସଚେତନ ଓ ଅଚେତନ ମନର ମିଶ୍ରଣ ବା ସମଷ୍ଟିକୁ ସୂଚାଇଥାଏ। ସେହିପରି ପ୍ରସିଦ୍ଧ ମନୋବୈଜ୍ଞାନିକ ଡକ୍ଟର ସିଗ୍‌ମଣ୍ଡ୍ ଫ୍ରଏଡ୍‌ଙ୍କ ଭାଷାରେ– ମୁକ୍ତାଫୁଲଗୁଡ଼ିକ ଅଚେତନ ମନର ଅବଦମିତ ଇଚ୍ଛା, ଆକାଂକ୍ଷା, ଆବେଗ ଓ ସ୍ମୃତିନିଚୟକୁ ସୂଚାଇଥାଏ ମାତ୍ର। ସେକ୍ସପିୟରଙ୍କ The Tempest, ଓସ୍କାର ୱାଇଲ୍‌ଡ୍‌ଙ୍କ 'The Picture of Doroian Gray' ତଥା ଅନେକ ପ୍ରସିଦ୍ଧ ଭାସ୍କର୍ଯ୍ୟ, ସ୍ଥପତି ଓ ଚିତ୍ରକଳାରେ ଏଯାବତ୍ ବହୁଭାବରେ ଏହା ଚିତ୍ରିତ ଓ ପୁଲକିତ। ସର୍ବୋପରି ଏହା ଏକ ଆଧ୍ୟାତ୍ମିକ ବିକାଶ ଆଡ଼କୁ ସୂଚାଇଥାଏ ମାତ୍ର।

କବିତାଟିର ପରବର୍ତ୍ତୀ ଚାବି ହେଉଛି 'ରଜାଝିଅ ବେଣୁଫୁଲ' ଯାହା ସୁଅରେ ସୁଅରେ ଭାସିଯାଇ ଖସିଯାଇଛି। ରଜାଝିଅ ବେଣୀଫୁଲ ଖସିଯିବାର ଅର୍ଥ ରଜାଝିଅ ତା'ର ପ୍ରେମିକ ସହ ବା ପ୍ରଣୟସାଥୀ ସହ ଅନ୍ତରଙ୍ଗ ହୋଇଛି। ଆବେଗ ଓ ବୈୟକ୍ତିକ ସ୍ତରରେ ସେ ମର୍ମବିଦ୍ଧ ହୋଇଛି। ଆଲେକ୍‌ଜାଣ୍ଡାର୍ ପୋପ୍‌ଙ୍କ 'ରେପ୍ ଅଫ୍ ଦ'ଲକ୍'ରେ ଏହି ବେଣୀଫୁଲ ରାଜକୁମାରୀର କ୍ଷମତା, ଆଭିଜାତ୍ୟ, ରାଜକୀୟ ସ୍ଥିତି ବା ଦର୍ଜାକୁ ବୁଝାଏ। ପୁଣି ଏହି ବେଣୀଫୁଲ ସୌନ୍ଦର୍ଯ୍ୟ ଓ ଆକର୍ଷଣର ପ୍ରତୀକ। ଏହି ଆକର୍ଷଣ ଦୈହିକ, ପାର୍ଥିବ ଓ ଭୌତିକ ଆକର୍ଷଣ ମାତ୍ର। ଅପରପକ୍ଷରେ ଏହା ପୁଣି ରାଜକୁମାରୀର ସତୀତ୍ୱ ଓ ବିଶୁଦ୍ଧତାକୁ ଇଙ୍ଗିତ କରିଥାଏ। ପ୍ରେମିକ ପାଇଁ ପ୍ରେମିକାର ବେଣୀଫୁଲ ଖସିଯିବା ଏକ ପ୍ରେମ ଓ ତ୍ୟାଗର କଥା ବୋଲି କୁହାଯାଇପାରେ। ଏଠାରେ ଏହି 'ରଜାଝିଅ' ବା ଯୋଗୀ ପାଇଁ ସେହି ରଜବତୀ କନ୍ୟା ଏକ ଏକ 'ମୁଦ୍ରା'ର ଭୂମିକା ମଧ୍ୟ ନିର୍ବହଣ କରିପାରନ୍ତି। ପଞ୍ଚ- 'ମ'କାର ସାଧନାରେ 'ମୁଦ୍ରା' ଓ 'ମୈଥୁନ'ର ଗୁରୁତ୍ୱ ଯଥେଷ୍ଟ ଅଧିକ। ଏହି ବାଟେ ହିଁ ସାଧକ ଦେହରୁ ବିଦେହକୁ ଯାଇଥାଏ ଓ 'ପରମସୁହ' ବା 'ମହାସୁହ' ତଥା 'ପରମାନନ୍ଦ' ବା 'ପରମ ସୁଖ' ଲାଭ କରିଥାଏ। ଏହିବାଟେ ହିଁ ସାଧକ ଯାଇ 'ସହସ୍ରାଚକ୍ର'ରେ ପହଞ୍ଚିଥାଏ। ସବୁରି ମୂଳରେ ଏହି ନିଆଁ, ପାଣି, ପବନ, ମାଟି ଓ ଆକାଶର ପାଞ୍ଚଭୌତିକ ଶରୀର। ସେହି ଶରୀରରୁ ଅଶରୀରର କଥା, ଅସାରରୁ ସାରତମ ତତ୍ତ୍ୱର କଥା ଉଦ୍ଭୂତ, ଉଦ୍ଭୁତ। ୟୁରୋପୀୟ ଲୋକକଥା ହେଉ କି ଆଫ୍ରିକୀୟ ଲୋକସଂସ୍କୃତି ହେଉ ଅଥବା ଏସୀୟ- ଭାରତୀୟ ଲୋକସଂସ୍କୃତି ହେଉ- ସବୁଥିରେ ଏହାକୁ ପ୍ରେମ, ପ୍ରଣୟ ଓ ବ୍ୟକ୍ତିଗତ ସଂପର୍କର ନିବିଡ଼ତମ ମୁହୂର୍ତ୍ତ ଭାବରେ ଗ୍ରହଣ କରାଯାଇଛି। ବିଶେଷକରି ଏସୀୟ ସଂସ୍କୃତିରେ ଏହାକୁ ସତୀତ୍ୱ, କୌମାର୍ଯ୍ୟ ଓ ବିଶୁଦ୍ଧତାକୁ ସୂଚାଇବାର ମାଧ୍ୟମ ବା ସୂଚକ ତଥା ରୂପକ ଭାବରେ ଗ୍ରହଣ କରାଯାଇଛି। ଆଫ୍ରିକୀୟ ସଂସ୍କୃତିରେ ଏହା ଏକ ଆକର୍ଷଣ ତଥା ସୌନ୍ଦର୍ଯ୍ୟର ଗୁଣକ ଭାବରେ ଚିତ୍ରିତ ଯାହା ତା'ର (ରାଜକନ୍ୟାର) ଭୌତିକ ବା ଦୈହିକ ସୌନ୍ଦର୍ଯ୍ୟର ସୂଚକ ମାତ୍ର। ମନସ୍ତତ୍ତ୍ୱ ଦୃଷ୍ଟିରେ ଯଦି ଏହି ବେଣୀଫୁଲ ଖସିଯିବା କଥାକୁ ବିଚାର କରାଯାଏ, ତେବେ ଦୁଇ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ କାର୍ଲୟୁଙ୍ଗ୍ ଓ ଡକ୍ଟର ସିଗ୍‌ମଣ୍ଡ୍ ଫ୍ରଏଡ୍‌ଙ୍କ ଅନୁଧ୍ୟାନ, ଅନୁସନ୍ଧାନ ଓ ବିଚାର କଥା ଆସିବ। Carl Jungଙ୍କ ଭାଷାରେ- "A Princess's hair lock represents the anima, the feminine aspects of a male psyche, symbolizing the integration of opposites." ୟୁଙ୍ଗ୍ ଏହାକୁ ବୈପରୀତ୍ୟର ସମେକନ ଭାବରେ ଗ୍ରହଣ କରିଛନ୍ତି। ମାତ୍ର ଡକ୍ଟର ସିଗ୍‌ମଣ୍ଡ୍ ଫ୍ରଏଡ୍ କହନ୍ତି- "A princess's hair lock represents the repressed emotions, desires, and memories of the unconscious mind." ଅଚେତନ ମନର ଅବଦମିତ ଇଚ୍ଛା, ଆବେଗ, ସ୍ମୃତି, ଆକାଂକ୍ଷା ଓ ଅଭୀପ୍ସା ପ୍ରଭୃତିର ଏକ ଫେଣ୍ଟାଫେଣ୍ଟି ଅନୁଭବ ଏହାରି ଭିତରେ ପ୍ରକଟିତ ଓ ପ୍ରତିଫଳିତ ହୋଇଥାଏ। ତେବେ ଏହି ବେଣୀଫୁଲ ଖୋଲିଯିବାର ଅର୍ଥ ରାଜକୁମାରୀ 'ମୁଦ୍ରା' ପାଲଟିଯିବା ବା ସମର୍ପିତ ହେବା, ଅଥବା କାମନାକୁ ଚରିତାର୍ଥ କରିବା ଅବା ଅଭିସାରମଗ୍ନ ହେବା। Shakespeareଙ୍କ 'The Tempest', ଆଲେକ୍‌ଜାଣ୍ଡାର ପୋପ୍‌ଙ୍କ 'Rape of the lock' ବା Brothers Grimmଙ୍କ 'Rapunzel' ପ୍ରଭୃତିରେ ଏହି ବେଣୀଫୁଲ ବା Hair lock କଥା କୁହାଯାଇଛି। କଳାତ୍ମକ ଭାବରେ ଚିତ୍ରକଳାଠାରୁ ସ୍ଥାପତ୍ୟ- ଭାସ୍କର୍ଯ୍ୟ କଳା ପର୍ଯ୍ୟନ୍ତ, ମୂର୍ତ୍ତିକଳାଠାରୁ ଅନ୍ୟାନ୍ୟ ସାରସ୍ୱତ କଳା ପର୍ଯ୍ୟନ୍ତ ସବୁଥିରେ ଏହି ବେଣୀଫୁଲ ସ୍ଥାନିତ ହୋଇଛି ଏବଂ ଏହା ପ୍ରେମ, ସୌନ୍ଦର୍ଯ୍ୟ ଓ କ୍ଷମତାର ଧାରକ, କାରକ ଓ ଗୁଣକ (Holder / Base, Factor, and Multiplier / Coefficient) ଭାବରେ ଗୃହୀତ ହୋଇଛି। ପ୍ରକାଶ ଥାଉକି ଏହି ଘଟଣା ବାରମ୍ବାର ପୁନରାବୃତ୍ତି ହୋଇଛି। ସେହି ଗୋଟିଏ ଫୁଲରେ କୋଟିକୋଟି ମଣିଷଙ୍କ ମୂଳ ରହିଛି। ଗୋଟିଏ ଉଦ୍ଦେଶ୍ୟରେ କୋଟି ଜୀବନର ଉଦ୍ଦେଶ୍ୟ ଅନ୍ତର୍ନିହିତ। ବାହ୍ୟାର୍ଥରେ ଏହା ଲିବିଡୋର ପ୍ରତୀକ ଭାବରେ ଗୃହୀତ ହେଲେ ହେଁ ଗୁହ୍ୟାର୍ଥରେ ଏହା ଅନନ୍ୟ 'ସିଦ୍ଧି', 'ସଫଳତା', 'ମହାସୁହ', 'ନିର୍ବାଣ' ଓ 'ମୁକ୍ତି'ର ହେତୁ ପାରମାର୍ଥିକ ଆଧ୍ୟାତ୍ମିକ ଅନ୍ୱେଷାକୁ ଇଙ୍ଗିତ କରିଥାଏ। ଏହା ହିଁ ଗୁରୁପ୍ରସାଦୀୟ ଚମ୍ପାଫୁଲର ଏକ ଅନୁପମ ଅନନ୍ୟତା, ବିଚିତ୍ର ବ୍ୟଂଜନା ତଥା ଅର୍ଥଗତ ବିସ୍ମୟ ମାତ୍ର। ଏଇଠି ଏଇ ଗୋଟିଏ ଫୁଲରେ କୋଟି ମଣିଷ ମୂଳ ରହିବା ସହ ପୌନପୌନିକ ଘଟଣାର ପରିସମାପ୍ତି ହୋଇଛି। ଏହା ସନେଟ୍ ବା ଚତୁର୍ଦ୍ଦଶପାଦୀ କବିତାର ପ୍ରଥମ ଆଠଧାଡ଼ିର 'ଘଟଣାର ଅବତାରଣା' ନ୍ୟାୟସଂଗତ କାବ୍ୟଚର୍ଯ୍ୟା ମାତ୍ର। ଏହାପରେ ଆରମ୍ଭ ହୁଏ ସନେଟ୍‌ର ଶେଷ ଛ'ଧାଡ଼ି, ଯେଉଁଥିରେ ପ୍ରତିଫଳିତ ହୋଇଥାଏ ଘଟଣାର ଫଳାଫଳ ତଥା ଆଭ୍ୟନ୍ତରୀଣ କ୍ରିୟା- ଅଭିକ୍ରିୟାବଳୀ। ସନେଟ୍‌ର ଏହି ଭୋଲ୍ଟା (Volta) ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଏହି Turn / Fulcrum / Hinge ଚମ୍ପାଫୁଲ କବିତାରେ ଅନନ୍ୟ। କାରଣ ଏଠାରେ ପେଟ୍ରାର୍କୀୟ ସନେଟ୍ ପରି ୮+୬ ସନ୍ଧିସ୍ଥଳ ଓ ସେକ୍ସପେରୀୟ ସନେଟ୍ ପରି ୧୨+୨ ସନ୍ଧିସ୍ଥଳ ଉଭୟଠାରେ ଦୁଇଟି ଭୋଲ୍ଟା ରହିଛି। ଅର୍ଥାତ୍ ସନେଟ୍‌ର

ପ୍ରଥମ ଆଠଧାଡ଼ି ପରେ ଓ ପୁଣି ପ୍ରଥମରୁ ୧୨ ଧାଡ଼ି ପରେ ଚମତ୍କାର ଚିନ୍ତନଗତ ପରିବର୍ତ୍ତନ ଦେଖାଯାଏ।

ଅତ୍ୟନ୍ତ ଚମତ୍କାର ଢଂଗୀରେ କବି ଗୁରୁପ୍ରସାଦ ତାରୁଣ୍ୟ ବା ବୟସର ଅପରିପକ୍ୱତାକୁ ପଛରେ ପକାଇ ଅତ୍ୟନ୍ତ ପରିପୃକ୍ତି ଓ ସାମର୍ଥ୍ୟ ତଥା ଶକ୍ତି ଓ ଅଜସ୍ର ସମ୍ଭାବନା ବାଢ଼ିଛନ୍ତି। ଏକ ସଫଳ ସନେଟ୍‌ର ବା ସଫଳ ଚତୁର୍ଦ୍ଦଶପାଦୀ କବିତାର ଯେଉଁ ପ୍ରମୁଖ ଲକ୍ଷଣ ବା ଯୋଗ୍ୟତା ରହିବା ଅନିବାର୍ଯ୍ୟ ବା ଅବଶ୍ୟମ୍ଭାବୀ- ତାହାକୁ ସୁରକ୍ଷା ପ୍ରଦାନ କରିବାରେ କବି ଶ୍ରୀ ମହାନ୍ତି ସର୍ବତୋଭାବେ ସଫଳ ହୋଇଛନ୍ତି ବୋଲି କହିବାକୁ ହେବ।

ଚମ୍ପାଫୁଲର ମହକରେ ପଥର ତରଳେ ସତ, ଚମ୍ପାଫୁଲ ମହକରେ ସମୁଦ୍ର ବାଟଭୁଲେ, କୂଳଡିଏଁ ସତ, ଚମ୍ପାଫୁଲର ତୀବ୍ର ମହକରେ ଭରାନଈ ଛାତି ଶୁଖେ ସତ, ପୁଣି ରଜବତୀ କନ୍ୟା ଲାଗି ଚମ୍ପାଫୁଲ ମହକରେ ଯୋଗୀଟିଏ ମଶାଣିର ଭୂତପ୍ରେତ ଛାଡ଼ି ମଦନରେ ମାତିଥାଏ ସତ, ଚମ୍ପାଫୁଲର କୁହୁକ ଓ ମହକରେ ପଥର ପାଲଟି ରଜାପୁଅ ହୁଏ ସତ, ତା'ର ହାଡ଼ ସବୁ ମୁକ୍ତାଫୁଲ ହେବା ଅଥବା ରଜାଝିଅ ବେଣୀଫୁଲ ଏହି ଚମ୍ପାଫୁଲର ଦାରୁଣ କୁହୁକ ଓ ମହକରେ ଫିଟିଯାଏ, ଖସିଯାଏ, ଭାସିଯାଏ ସୁଏ ସୁଏ ସତ, ବା ଗୋଟିଏ ଫୁଲରେ କୋଟିକୋଟି ମଣିଷର ମୂଲ ହେବା କଥା ମଧ୍ୟ ସତ ହୋଇପାରେ। କିନ୍ତୁ ଏସବୁ ପରିବର୍ତ୍ତନ ବା ରୂପାନ୍ତରଣ ହୁଏ କିପରି ? ତା'ଭିତରେ ଏମିତି କେଉଁସବୁ ପରିବର୍ତ୍ତନ ବା କ୍ରିୟା-ପ୍ରତିକ୍ରିୟା-ଅଭିକ୍ରିୟାଦି ଘଟେ ଯେ, ପଥର କେବେ ତରଳିଯାଏ ତ ଆଉ କେବେ ରଜାପୁଅରେ ପରିଣତ ହୁଏ ? ପୁଣି ହାଡ଼ ସବୁ ମୁକ୍ତାଫୁଲ ହୁଏ ତ, ରଜାଝିଅ ବେଣୀଫୁଲ ଖସିଯାଏ, ଭାସିଯାଏ ସୁଏ ସୁଏ ବା ଭରାନଈ ଛାତି ଶୁଖିଯାଏ ତ ପୁଣି ଯୋଗୀଟିଏ ମଦନରେ ମାତିଯାଏ ! ଏହି Action- Reaction ବା କ୍ରିୟା-ଅଭିକ୍ରିୟା ମଧ୍ୟବର୍ତ୍ତୀ କ୍ରିୟା-ପ୍ରତିକ୍ରିୟାଦି ସନେଟ୍‌ର ଶେଷ ଛଅ ଧାଡ଼ିରେ ରହିଛି।

ଚମ୍ପାଫୁଲ ମହକରେ ଏତେ ଦାରୁଣ କୁହୁକ ରହିଛି ଯେ, ରକ୍ତରେ ନିଆଁ ଲାଗିଯାଏ। ଏହି ରକ୍ତରେ ନିଆଁ ଲାଗିବାର ଅର୍ଥ ଗଭୀର, ସାନ୍ଦ୍ର, ଭୀଷଣ ଶକ୍ତିର ସଂଚରଣ ହେବା। "Fire in blood represents intense passion, drive and energy. Fire is often associated with purification and transformation, suggesting that the individual's emotions and desires are being refined and transformed." ଏ ଦୃଷ୍ଟିରୁ ରକ୍ତରେ ନିଆଁ ଖେଳିଯିବା ଏକ ବିଶୁଦ୍ଧିକରଣ ଓ ରୂପାନ୍ତରଣର ପ୍ରତୀକ ମାତ୍ର। ରକ୍ତରୁ ନିଆଁ ସଂଚରିତ ହୋଇ ଛାତିରେ ଲାଗିବାର ଅର୍ଥ ହୃତ୍‌ଚକ୍ରରେ ପ୍ରେମ, ଉଷ୍ମତା ଓ ସୌହାର୍ଦ୍ଦ୍ୟ ସୃଷ୍ଟି ହେବା। ଏହାପୁଣି ଆଭ୍ୟନ୍ତରୀଣ ଆଲୋକ ବା ମାନବର ଇଚ୍ଛା, ଆବେଗ ଓ କ୍ରିୟାଗୁଡ଼ିକୁ ବୁଝାଏ। ସେହିପରି ଛାତିରୁ ଏ ନିଆଁ ଯାଇ ଖେଳିଯାଏ, ଚରିଯାଏ ନିଃଶ୍ୱାସରେ ସାରା ଦେହରେ। ଏହା ଏକପ୍ରକାର Life force ଏବଂ vitalityକୁ ଦର୍ଶାଇବା ସହିତ ଏକପ୍ରକାର ଆଧ୍ୟାତ୍ମିକ ଉତ୍ଥାନ ବା Spiritual Awakeningକୁ ବୁଝାଏ। ଏହାର କାରଣ ମଧ୍ୟ ସ୍ପଷ୍ଟ। "Breath is often associated with the life force, and fire represents vitality and energy. Together, they symbolize the spark of life that animates the body. Again, in some spiritual tradition, the breath of fire represents the awakening of the Kundalini energy, which is said to reside at the base of the spine." ମୂଳାଧାର ଚକ୍ରଠାରୁ ଉର୍ଦ୍ଧ୍ୱକୁ ଏହି କୁଣ୍ଡଳିନୀ ଜାଗ୍ରତ ହୋଇ ସହସ୍ରା ଆଡ଼କୁ ଉଠିଥାଏ। ସାରା ଦେହରେ ଔଜଲ୍ୟ ଖେଳିଯାଏ। କବିଙ୍କ ଭାଷାରେ ଦେହରେ ଖେଳିଯାଏ ବିଜୁଳି ଚମକ। ଏହି ବିଜୁଳି ଚମକ ଖେଳିଯିବା ମଧ୍ୟ Illumination, ଅନ୍ତର୍ଦୃଷ୍ଟି (Insight) ଏବଂ ଆଧ୍ୟାତ୍ମିକ ଉତ୍ଥାନ (Spiritual Awakening) ଓ ବୁଦ୍ଧତ୍ୱ (Enlightenment)ର ପରମସୂଚକ ଓ ଗୁଣକ ଉଭୟ।

ପୁଣି ଏହି ବିଜୁଳି ଚମକ ଯାହା ଦେହରେ ଦେହରେ ଖେଳିଯାଉଥିଲା, ଚରିଯାଉଥିଲା, ବିସ୍ତରି ଯାଉଥିଲା, ତାହା ପୁଣି ପୁଞ୍ଜିଭୂତ ହୋଇ ବଣନିଆଁରେ ପରିଣତ ହୋଇଛି। ଏଠାରେ ଗୁରୁପ୍ରସାଦ ବ୍ୟବହାର କରିଥିବା ଏହି 'ବଣନିଆଁ' ବାସ୍ତବପକ୍ଷେ ଅତୀବ ଅର୍ଥପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ। ଏକପକ୍ଷରେ ଏହା Transformation ବା ରୂପାନ୍ତରଣ, Renewal ବା ନବୀକରଣର ପ୍ରତୀକ ହେଲାବେଳେ ଅପରପକ୍ଷରେ ଏହା ପବିତ୍ରକରଣ (Purification) ଓ ନିର୍ମଳୀକରଣ / ବିମଳୀକରଣ (Cleansing)ର ପ୍ରତୀକ। ପୁଣି ଏହି ବଣନିଆଁ ବିଧ୍ୱଂସ ଓ ପୁନର୍ଜନ୍ମ ଉଭୟକୁ ଏକତ୍ର କରେ, ଇଙ୍ଗିତ କରେ, ହାତଠାରି ଡାକେ, ଆଖିଠାରେ ଓ ସର୍ଜନଶୀଳତାର ନୂଆ ପଥ ଆବିଷ୍କାର କରେ। ବଣନିଆଁ ଜୀବନର ଚାକ୍ରିକ ପ୍ରକୃତିକୁ ଦର୍ଶାଏ। ସେଥିପାଇଁ କୁହାଯାଇଛି "Forest fire represents the cyclical nature of life, where destruction precedes rebirth." ପୁଣି ବଣନିଆଁ ପୁରାତନକୁ

ନଷ୍ଟ କରି ନବ ପ୍ରଜନ୍ମକୁ କଅଁଳିବାର ବାଟ ଫିଟାଏ। ଯଥାର୍ଥରେ ବଣନିଆଁ ତା'ର ପ୍ରକୃତି କ୍ରମେ ରୂପାନ୍ତରଣ, ପୁନର୍ନବା, ନବାୟନ ଓ ପୁନର୍ଜନ୍ମର ପ୍ରତୀକ, କାରଣ ଓ ଗୁଣକ ମାତ୍ର। ବଣନିଆଁ ବିଧ୍ୱଂସ ସହ ପ୍ରଚଳିତ ସଂରଚନା ଓ ଗତାନୁଗତିକତାର ବିଧ୍ୱଂସ ବା ବିନିର୍ମାଣକୁ ବୁଝାଏ। ପୁଣି ଏହା ଭୟ, ବିପଦ, ଉତ୍ସାହ, ସାନ୍ଦ୍ରତା, ବଳିଷ୍ଠ ଇଚ୍ଛା, ସର୍ଜନାତ୍ମକ ଶକ୍ତି, ସମନ୍ୱୟ ସୁରକ୍ଷା ପ୍ରଭୃତିର ପ୍ରତୀକ ମଧ୍ୟ। ନେଟିଭ୍ ଆମେରିକାନ୍ ସଂସ୍କୃତିରେ ବଣନିଆଁ ଆଧ୍ୟାତ୍ମିକ ପୁନର୍ନବା ବା Spiritual Renewal, ବିଶୁଦ୍ଧୀକରଣ ଓ ପ୍ରାକୃତିକ ଜଗତ ସହ ସଂଯୋଗକୁ ବୁଝାଇଥିଲା ବେଳେ ଗ୍ରୀକ୍ ପୁରାଣ ଅନୁସାରେ ଏହା ହେଉଛି ଦିବ୍ୟ କ୍ଷମତା, ସର୍ଜନାଶକ୍ତି ଓ ରୂପାନ୍ତରଣ ପ୍ରଭୃତିର ପ୍ରତୀକବିଶେଷ। ଆଫ୍ରିକୀୟ ସଂସ୍କୃତିରେ ବଣନିଆଁକୁ ଗୋଷ୍ଠୀଜୀବନ, ସହାୟତା, ସମନ୍ୱୟ ଓ ପ୍ରାତିକୂଲ୍ୟ ବିରୋଧରେ ଲଢ଼େଇ କରିବାର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ। ମନସ୍ତତ୍ତ୍ୱ ଦୃଷ୍ଟିରେ ବଣନିଆଁର ଗୁରୁତ୍ୱ ଅନେକ। କାର୍ଲ୍‌ଯୁଙ୍ଗ୍‌ଙ୍କ ପରି ମନୋବିଜ୍ଞାନୀମାନେ ବଣନିଆଁକୁ ସାମୂହିକ ଅଚେତନ (Collective Unconscious)କୁ ପ୍ରତିନିଧିତ୍ୱ କରିବା କଥା କହିବା ସହ ଏହାକୁ Shared human experience ଏବଂ ଆର୍କିଟାଇପ୍ ଭାବରେ ଦେଖନ୍ତି। ଠିକ୍ ସେହିପରି ସିଗ୍‌ମଣ୍ଡ ଫ୍ରଏଡ୍ ଏହି ବଣନିଆଁକୁ ଅଚେତନ ମନ (The unconscious mind)ରେ ଥିବା ସ୍ମୃତି ଓ ଅବଦମିତ ଆବେଗ ଓ ଇଚ୍ଛାଶକ୍ତି ବୋଲି କହନ୍ତି। Ray Bradburyଙ୍କ 'Fahrenheit 451' ଏବଂ Cormac McCarthyଙ୍କ 'The Road'ରେ ଏହି ବଣନିଆଁ କଥା ମଧ୍ୟ କୁହାଯାଇଛି। ସେହିପରି T. S. Eliotଙ୍କ 'The Waste Land'ରେ ବଣନିଆଁ ଆଧ୍ୟାତ୍ମିକ ନବଜୀବନ ଓ ରୂପାନ୍ତରଣର ପ୍ରତୀକ ଭାବରେ ବ୍ୟବହୃତ। ସେହିପରି ଡିଲାନ୍ ଥୋମାସ୍‌ଙ୍କ 'Do Not Go Gentle into That Good Night'ରେ ବଣନିଆଁ ଉତ୍ସାହ ଓ ଜୀବନଶକ୍ତିର ପ୍ରତିନିଧି ବା ଗୁଣକ ଭାବରେ ବ୍ୟବହୃତ।

'The Waste Land'ର 'The Fire Sermon'ରେ ଏଲିଅଟ୍ ବ୍ୟବହାର କରିଥିବା ନିଆଁ ପୁରୁଣା ମୂଲ୍ୟବୋଧ ଓ ରୂଢ଼ିବାଦୀ ମନୋବୃତ୍ତିର ବିଧ୍ୱଂସ କରି ନବନିର୍ମାଣ କରିବା ପାଇଁ ଅଭିପ୍ରେତ। ଏଣୁ ଏହା ନବଜନ୍ମ, ପୁନର୍ଜନ୍ମ, ପୁନର୍ନବା ବା ନବପ୍ରଜନ୍ମର ପ୍ରତୀକ ବିଶେଷ ଅଟେ। ସେହିପରି ରବର୍ଟ ଫ୍ରଷ୍ଟଙ୍କ 'Fire and Ice'ରେ ଏହି ବଣନିଆଁ ଇଚ୍ଛା, ଉତ୍ସାହ ପ୍ରଭୃତି ବିଧ୍ୱଂସ ଓ ନିର୍ମାଣ ଉଭୟକୁ ବୁଝାଏ। 'The Hollow Men'ରେ ଏଲିଅଟ୍ ଏହି ନିଆଁଦ୍ୱାରା ପୀଡ଼ନ, ଯନ୍ତ୍ରଣା ଓ କଷ୍ଟଦ୍ୱାରା ବିଶୁଦ୍ଧୀକରଣକୁ ସୂଚାଇଲା ବେଳେ Langston Hughes ତାଙ୍କ 'Song of the Smoke'ରେ ପ୍ରକୃତିର ବିଶୁଦ୍ଧୀକରଣ ଓ ବିମଳୀକରଣ (Cleansing Power)କୁ ଦର୍ଶାଇଛନ୍ତି। ସେହି ସୂତ୍ରରେ Gwendolyn Brooks ତାଙ୍କ 'The Fire This Time'ରେ ବଣନିଆଁ Social Unrest ଏବଂ ସମୟର Racial Tensionକୁ ପ୍ରତୀକିତ କରିବା କଥା କହିଥିଲାବେଳେ Mark Doty ତାଙ୍କ 'Fire Sermon'ରେ ମଣିଷର ବେଖିଆଲି ଭାବର କୁପରିଣାମ (ଦୁଷ୍ପରିଣାମ) ଓ ପାରିବେଶିକ ଅବକ୍ଷୟ-ଅଧଃପତନକୁ ସୂଚାଇଛନ୍ତି ମାତ୍ର। ଏହା ଏକ ପ୍ରକାରର ସୋସିଆଲ କମେଣ୍ଟାରି ହୋଇଛି ବୋଲି କୁହାଯାଇପାରେ। ସେହିପରି Mary Oliverଙ୍କ 'Wildfire'ରେ ବଣନିଆଁ ପ୍ରକୃତିର Transformative Power ଓ ମଣିଷର ଅନୁଭୂତିକୁ ଦର୍ଶାଇଥିଲା ବେଳେ Warsan Shireଙ୍କ 'Fire'ରେ ପୁରୁଣା ଘା'ର ଜ୍ୱଳନ ଓ ବ୍ୟକ୍ତିଗତ ଯନ୍ତ୍ରଣାରୁ ମୁକ୍ତିର ପଥ ଓ ପ୍ରକ୍ରିୟା ଭାବରେ ବଣନିଆଁକୁ ଗ୍ରହଣ କରାଯାଇଛି। ସେହିପରି ଚିତ୍ରକଳା, ସ୍ଥାପତ୍ୟକଳା, ଭାସ୍କର୍ଯ୍ୟକଳା ଓ ଅନ୍ୟାନ୍ୟ କଳାରୂପରେ ରୂପାନ୍ତରଣ, ବିଧ୍ୱଂସ ଓ ପୁନର୍ଜନ୍ମ-ପୁନର୍ନବା ତଥା ବିଶୁଦ୍ଧୀକରଣ ଓ ପବିତ୍ରକାରୀ କାରକ ଭାବରେ ବଣନିଆଁକୁ ଗ୍ରହଣ କରାଯାଇଆସିଛି। ସେ ସୂତ୍ରରେ ଏଠାରେ ବଣନିଆଁର ଗୁରୁତ୍ୱ ଅନୁମେୟ।

ପୁଣି ରକ୍ତର ନିଆଁ, ଛାତି-ନିଃଶ୍ୱାସର ନିଆଁ ସାରା ଦେହର ବିଜୁଳି ଚମକ ବଣନିଆଁରେ ପରିଣତ ହୋଇ ସବୁକିଛି ଜାଳିପୋଡ଼ି ଦେଲାପରେ ମାଂସ ଫୁଲ ହୋଇ ଫୁଟିଛି। ଏହି 'ମାଂସଫୁଲ' ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକବିଶେଷ ଅଟେ। ପ୍ରତୀକାତ୍ମକ ଭାବରେ କବି ଗୁରୁପ୍ରସାଦଙ୍କ ଏହି କବିତାରେ ମାଂସ ଫୁଲ ହୋଇ ଫୁଟିବା ଏକ ଗଭୀର ଓ ଗମ୍ଭୀର ସାଂସ୍କୃତିକ ଅବବୋଧ ଆଡ଼କୁ ଇଙ୍ଗିତ କରିଥାଏ। ଗୋଟିଏ ପକ୍ଷରେ ଏହା Transformation ବା ରୂପାନ୍ତରଣ କ୍ରମେ ଏକ Spiritual Awakening ବା ଆଧ୍ୟାତ୍ମିକ ଅଭ୍ୟୁତ୍ଥାନ, ପ୍ରବୁଦ୍ଧନ (Enlightenment), ଆଧ୍ୟାତ୍ମିକ ଜାଗରଣ, ସଚେତନ ଓ ଉଚ୍ଚତର ଚେତନାଗତ ଉପଲବ୍ଧିକୁ ବୁଝାଏ। ଅପର ପକ୍ଷରେ ଏହା ବ୍ୟକ୍ତିଗତ ବିକାଶ, ମଣିଷର ଅସୀମ କ୍ଷମତା ଓ ବିଭବ (Human Potential), ସର୍ଜନଶୀଳତା (Creativity) ଓ ଆତ୍ମଜିଜ୍ଞାସା ବା ଆତ୍ମାନୁଭୂତି (Self-realization) ପ୍ରଭୃତିକୁ ସୂଚାଇଥାଏ। ମାଂସଫୁଲ ହୋଇ ଫୁଟିବାର ଅର୍ଥ healing process, transformation ଏବଂ ଭୌତିକ, ଆବେଗିକ ଓ ଆଧ୍ୟାତ୍ମିକ ବସ୍ତୁର ପୁନର୍ନବା ବା ପୁନର୍ଜନ୍ମ ସହ ସଂଶ୍ଳିଷ୍ଟ। ଏଥିରେ ସର୍ଜନାତ୍ମକ ଝଲକ ମଧ୍ୟ ରହିଛି। ଏଣୁ ଏକପକ୍ଷରେ ଏହାକୁ

କଳାତ୍ମକ ଅଭିବ୍ୟକ୍ତିର Manifestation ମଧ୍ୟ କୁହାଯାଇପାରେ। ମାଂସ ଫୁଲ ହୋଇ ଫୁଟିବା ପୁଣି ସବୁ କିଛି ଜଳିପୋଡ଼ି ନଷ୍ଟ ହୋଇଗଲା ପରେ- ଏକପକ୍ଷରେ ସ୍ପଷ୍ଟ ଭାବରେ Life after Death ବା ପୁନର୍ଜନ୍ମ, ପୁନର୍ଜୀବନର କଥା ହିଁ କୁହାଯାଇଛି। ଏଣୁ ଏହା ଜନ୍ମର ଚକ୍ର, ମାନବର ବିକାଶ, ପତନ, ବିଧ୍ୱଂସ ଓ ପୁନର୍ଜନ୍ମ ପ୍ରଭୃତିକୁ ଦର୍ଶାଇଥାଏ। ପ୍ରାକୃତିକ ଜୀବନ ଓ ଜୀବନର ପ୍ରାକୃତିକ ସ୍ୱରୂପ ଏତଦ୍ୱାରା ପ୍ରତିଫଳିତ ଓ ଅଭିବ୍ୟଂଜିତ ହୋଇପାରିଛି ବୋଲି କହିବାକୁ ହେବ।

ହିନ୍ଦୁଧର୍ମରେ ଏବଂ ତନ୍ତ୍ରମାର୍ଗରେ ମାଂସ ଫୁଲ ହୋଇ ଫୁଟିବାର ଅର୍ଥ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହେବା ସହ ଆତ୍ମ ଉପଲବ୍ଧି, ଆଧ୍ୟାତ୍ମିକ ବିକାଶ ଓ ବ୍ୟକ୍ତିର ଆତ୍ମିକ ଉତ୍ତରଣ ହେବା। ଖ୍ରୀଷ୍ଟଧର୍ମରେ ଏହି ଧାରଣା ଦେହ ଓ ଆତ୍ମାର ପୁନର୍ଜୀବନ (Resurrection)କୁ ବୁଝାଏ। ଏତଦ୍ୱାରା ବ୍ୟକ୍ତିର ରୂପାନ୍ତରଣ ଓ ନବାୟନ ଘଟିଥାଏ। ସେହିପରି ଗ୍ରୀକ୍ ପୁରାଣରେ Dionysus (ଡାୟୋନିସସ୍) ଏବଂ ଅଙ୍ଗୁରଲତାର ପୁଷ୍ପାୟନ କାହାଣୀ ମାଧ୍ୟମରେ ଜୀବନଚକ୍ର, ତଥା ଜୀବନ, ମୃତ୍ୟୁ ଓ ପୁନର୍ଜୀବନର ଚାକ୍ରିକ ପ୍ରକ୍ରିୟା କଥା କୁହାଯାଇଛି। ମନସ୍ତତ୍ତ୍ୱବିତ୍ କାର୍ଲୟୁଙ୍ଗ୍ କହନ୍ତି- "The flowering of flesh represents the process of individuation, where the individual integrates their opposites and becomes a whole." ତାଙ୍କ ମତରେ ବିରୋଧାଭାସ ଓ ବୈପରୀତ୍ୟ ମଧ୍ୟରେ ଦୁଇ ପାରସ୍ପରିକ ବିରୋଧୀ ଗୋଷ୍ଠୀଗତ ସମେକନ ବା ସମନ୍ୱୟ- ମାଧ୍ୟମରେ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଫୁଟି ଉଠିବାର ସୂଚନା ମିଳିଥାଏ। ସେହିପରି ବିଖ୍ୟାତ ମନସ୍ତତ୍ତ୍ୱବିତ୍ ଡକ୍ଟର ସିଗ୍‌ମଣ୍ଡ ଫ୍ରଏଡ୍ ଏହି ମାଂସ ଫୁଲହୋଇ ଫୁଟିବାକୁ ଭିନ୍ନ ଭାବରେ ଗ୍ରହଣ କରିଛନ୍ତି। ସେ କହନ୍ତି ମାଂସ ଫୁଲହୋଇ ଫୁଟିବାର ଅର୍ଥ ହେଉଛି ଅଚେତନ ମନ (Unconscious Mind)ରେ ଥିବା ଅବଦମିତ ସ୍ଥିତି, ଇଚ୍ଛା, ଆବେଗ ନିଚୟର ପରିପ୍ରକାଶ। ମୋଟାମୋଟି ଭାବରେ ଏହା ଏକ ଚରମ ଓ ପରମ ବିକାଶ, ଅଭ୍ୟୁଦୟ, ରୂପାନ୍ତରଣ, ନବାୟନ, ପୁନର୍ନବା ଓ ପୁନର୍ଜନ୍ମକୁ ବୁଝାଏ, ଯାହା ସର୍ବୋପରି ସାଧକ (ବ୍ୟକ୍ତି)ର ଚୈତନ୍ୟଗତ ସର୍ବଶ୍ରେଷ୍ଠ ଉପଲବ୍ଧି ବା ଜାଗରଣକୁ ସୂଚାଏ। ସାଧକର କୁଣ୍ଡଳିନୀ ଜାଗ୍ରତ ହୋଇ ବିବିଧ ମାଧ୍ୟମରେ (ସେ ମୁଦ୍ରା ହେଉ କି ମୈଥୁନ, ସେ ମଦ ହେଉ କି ମତ୍ସ୍ୟ ବା ମାଂସ) ତା'ର ଶରୀରରେ ବିବିଧ ଚକ୍ର ଜାଗ୍ରତ ହୁଏ ଏବଂ ଏହିପରି ତା'ର ଅନ୍ତର୍ଦୃଷ୍ଟି ବଢ଼ିଥାଏ, ଅନ୍ତର୍ମୁଖୀ ଦୃଷ୍ଟି ବଳରେ ସେ ନିଜକୁ ଜାଣିପାରେ ଓ ଦେହ ମାଧ୍ୟମରେ ସେ ବିଦେହର ସଂଧାନ ଲାଭ କରିଥାଏ। ଏ ସୂତ୍ରରେ ଚମ୍ପାଫୁଲକୁ ବାହ୍ୟ ଭାବରେ ଯୌନତା, ଲିବିଡୋ, Lust ବା କାମନାର ପ୍ରତୀକ ଭାବରେ ଗ୍ରହଣ କଲେ ମଧ୍ୟ ପରବର୍ତ୍ତୀ କାଳରେ ଉତ୍ତରିତ ଚେତନାରେ ଉତ୍ତରଣ କ୍ରମେ ପାଠକ ଏହାକୁ ଦେହ ମାଧ୍ୟମରେ ବିଦେହକୁ ଯିବାର ସାଧନ ଭାବରେ ଆବିଷ୍କାର କରିଥାଏ। ପୃଥିବୀର ବିଭିନ୍ନ ଧର୍ମ, ସଂସ୍କୃତି, ପ୍ରଥା- ପରଂପରା, ଲୋକବିଶ୍ୱାସ ପ୍ରଭୃତି ଆଧାରରେ ବିଚାର ମୀମାଂସା କଲେ 'ଚମ୍ପାଫୁଲ' କବିତାରେ ଘଟିଥିବା ଘଟଣା ଓ ତା'ର ଫଳାଫଳକୁ ଆଖିଆଗରେ ରଖି ଏତକ କୁହାଯାଇପାରେ ଯେ, ଗୁରୁପ୍ରସାଦ ଏଠାରେ ମାତ୍ର ଚଉଦ ଧାଡ଼ି ମଧ୍ୟରେ ମାନବ ସଭ୍ୟତା ଓ ମାନବ ସଂସ୍କୃତି ବା ମାନବ ଜାତିର ଓ ମାନବାତ୍ମାର କ୍ରମାନ୍ୱୟୀ ବିବର୍ତ୍ତନର ମନ୍ମୟ ଦସ୍ତାବିଜ୍ ତଥା ତନ୍ମୟ ଇସ୍ତାହାର ମାତ୍ର। ମାନବାତ୍ମାର ବିଶୁଦ୍ଧନ, ବିକାଶ, ପ୍ରକ୍ଷାଳନ ପାଇଁ ଏତେ ଜନ୍ମ, ଏତେ ଛନ୍ଦ, ଏତେ ମୃତ୍ୟୁ, ଏତେ ଜ୍ୱାଳା, ଏତେ ନିଆଁ, ଏତେ ପଥ, ଏତେ ମତର ଆବଶ୍ୟକତା ପଡ଼ିଛି। ଏଣୁ ତାକୁ ଲାଭା ପରି ଉତ୍ତପ୍ତ ନିଆଁରେ ପଥର ହୋଇ ବି ତରଳିବାକୁ ପଡ଼ିଛି। ଏଥିପାଇଁ ତାକୁ ନିଆଁରେ ଜଳିପୋଡ଼ି ଛାରଖାର ହୋଇଯିବାକୁ ପଡ଼ିଛି। ତେବେ ଯାଇ ସେ ହେବ ଶୁଦ୍ଧ ସୁବର୍ଣ୍ଣ ସମ ଦେଦୀପ୍ୟମାନ, ଜାଜ୍ୱଲ୍ୟମାନ ଏବଂ ଅଧିକରୁ ଅଧିକ ଅମ୍ଳାନ ଓ ମନ୍ୟୁମାନ।

**ନିଷ୍କର୍ଷ:** ପ୍ରତୀକ ବିଭିନ୍ନ ପ୍ରକାରର ରହିଛି। ଯଥା- ସାର୍ବଜନୀନ ପ୍ରତୀକ (Universal Symbol), ସାଂସ୍କୃତିକ ପ୍ରତୀକ (Cultural Symbol), ବ୍ୟକ୍ତିଗତ ପ୍ରତୀକ (Personal Symbol), ଆଦିମ ପ୍ରତୀକ ବା ପୁରାତନ ବା ପ୍ରାଚୀନ ପ୍ରତୀକ (Archaic Symbol), ଅମୂର୍ତ୍ତ ବା ଭାବାତ୍ମକ ପ୍ରତୀକ (Abstract Symbol), କଂକ୍ରିଟ୍ ବା ମୂର୍ତ୍ତ ପ୍ରତୀକ (Concrete Symbol), ଅନୁସଂକେତକ ବା ଚିହ୍ନାତ୍ମକ ବା ପ୍ରାରୂପାତ୍ମକ ପ୍ରତୀକ (Iconic Symbol), ଆନୁକ୍ରମିକ ପ୍ରତୀକ (Indexical Symbol), ଲାକ୍ଷଣିକ ବା ଚୈହ୍ନିକ ପ୍ରତୀକ (Emblematic Symbol) ଓ ରୂପକ ପ୍ରତୀକ (Metaphorical Symbol)। ଆଲୋଚ୍ୟ କବିତାରେ ବିବିଧ ଭାବରେ ବିବିଧ ପ୍ରତୀକ ପ୍ରୟୋଗ ହୋଇଛି ବୋଲି ଜଣେ ସଚେତନ ପାଠକ ବିବେଚନା କରିପାରେ। କାରଣ କବିତାଟି ଆମୂଳାନ୍ତ ବିରୋଧାଭାସରେ ଜୁଡୁବୁଡୁ। ଅପର ଅର୍ଥରେ କବିତାଟି ବା ସନେଟ୍‌ଟି କବିତାର ଭାଷା (ବିରୋଧାଭାସ)ରେ ଆମୂଳାନ୍ତ ରଚିତ, ଦୀକ୍ଷିତ ଓ ପ୍ରଗଳ୍ଭ। ଏଥିପାଇଁ କବିତାଟିରେ ପଥର ଚମ୍ପାଫୁଲ ମହକରେ ତରଳେ ବା ସମୁଦ୍ର ବାଟଭୁଲେ ବା ଭରାନଈ ଛାତି ହଠାତ୍ ଶୁଖିଯାଏ। କହିବା ବାହୁଲ୍ୟ ଯେ, ଏହି ପ୍ରତୀକ ସବୁର ସଫଳ ପ୍ରୟୋଗଦ୍ୱାରା କବିତାଟିର ବ୍ୟଂଜନା ଶକ୍ତି ଅତ୍ୟନ୍ତ ବୃଦ୍ଧି ଲାଭ କରିପାରିଛି। ଏଣୁ ଏପରି ଏକ ରହସ୍ୟମୟ ଆଧୁନିକ

କବିତା ତଥା **"ନୂତନ ସାଂଧ କବିତା"** ସମଗ୍ର ଓଡ଼ିଆ ସାହିତ୍ୟ କାହିଁକି ଅଧିକନ୍ତୁ ସମସ୍ତ ଭାରତୀୟ ସାହିତ୍ୟରେ ବିରଳ। ଏକ ବାକ୍ୟରେ କହିବାକୁ ଗଲେ ପ୍ରକୃତପକ୍ଷେ ଏହା ଖାଲି 'ଆଧୁନିକ କବିତା' ବା 'ନୂତନ କବିତା' ନୁହେଁ, ବରଂ ଏହା ଏକ ଅନନ୍ୟ ଅନୁପମ, ଅଦ୍ୱିତୀୟ **"ଆଧୁନିକ ସନ୍ଧାଭାଷାର କବିତା", "ନୂତନ ସନ୍ଧ୍ୟାଭାଷାର କବିତା"** ବା **"ନୂତନ ଚର୍ଯ୍ୟାଗୀତିକା"** ମାତ୍ର।

**ସହାୟକ ଗ୍ରନ୍ଥାବଳୀ :**


୧. ମହାନ୍ତି, ଗୁରୁପ୍ରସାଦ, ରାଓ, ଭାନୁଜୀ, ନୂତନ କବିତା, କଟକ: ଜନଶକ୍ତି ପୁସ୍ତକାଳୟ, ୧୯୫୫।

୨. Cirlot, J. E., A Dictionary of symbols (Translated from the Spanish by Jack Sage), London: Routledge, 1971.

୩. Chwalkowski, Farrin, Symbols in Arts, Religion and Culture: The Soul of Nature, Cambridge Scholars Publishing, 2016.

୪. Hodder, Ian (Ed.), The Meanings of Things: Material Culture and Symbolic expression, London & New York: Routledge, 2004.

୫. Geertz, Clifford, The Interpretation of Cultures, New York: Basic Books Inc. Publishers, 1973.

୬. Ferber, Michael, A Dictionary of Literary Symbols, Cambridge University Press, 1999.

୭. Jung, Carl G., Man and his Symbols, New York: Doubleday, 1988.


❖ ❖ ❖

DOI : https://doi.org/10.5281/zenodo.16919412 ମୂଳ ପ୍ରବନ୍ଧ

# ଲୋକପ୍ରଦର୍ଶନ କଳାରେ ଢୁଂପା ପରିବେଷଣ : ଏକ ଅନୁଶୀଳନ

**କୁନା ଜେନା**

**ସଂକ୍ଷିପ୍ତସାର :**

ଢୁମ୍ପା ସଙ୍ଗୀତ ପରିବେଷଣରେ ବ୍ୟବହାର ହେଉଥିବା ବାଦ୍ୟଯନ୍ତ୍ର, ନଳରୂପୀ ବକ୍କଳ ଏବଂ ପୋଲା ବାଉଁଶ ଦ୍ୱାରା ଅଭିନବ ମୂର୍ଚ୍ଛନା ସୃଷ୍ଟି କରି ଦର୍ଶକ ଆଦୃତ ଲାଭ କରାଯାଇଥାଏ । ଗଂଜାମ ଏବଂ ନୟାଗଡର ବିଭିନ୍ନ ଅଞ୍ଚଳରେ ଏହି ଢୁମ୍ପା ଆସର ଦେଖିବାକୁ ମିଳେ । ଅଷ୍ଟାଦଶ ଶତକର କବି କବିସୂର୍ଯ୍ୟ ବଳଦେବ ରଥଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ଦାସକାଠି ଓ ପାଲା ଆଦି ଗାୟକମାନେ ଏହି ଆଦି ରସାତ୍ମକ ରାଧାକୃଷ୍ଣ ପ୍ରେମ ଆଧାରିତ ସଂଗୀତ ପରିବେଷଣ କରି, ଏଭଳି ଏକ ଲୋକକଳାକୁ ବର୍ତ୍ତମାନ ପର୍ଯ୍ୟନ୍ତ ବଜାୟ ରଖି ପାରିଛନ୍ତି ।

**ପ୍ରମୁଖ ଶବ୍ଦାବଳୀ :**

ଗଣ୍ଠିଆ, ନଳରୂପୀ ,ବକ୍କଳ, ଡେକ, ପରିବେଷଣୀୟ, ଲୋକବାଦ୍ୟ, ଘର୍ଷଣ, ଠେକିଆ ।

**ଉପକ୍ରମ :** ଓଡ଼ିଶାର ଐତିହ ଓ ସଂସ୍କୃତି ବିଶ୍ୱଜନ ବିଦିତ । ଏହାରି ମଧ୍ୟରେ ଗଞ୍ଜାମର ପାରଂପରିକ ଜୀବନ ଶୈଳୀ ସହିତ ଯୋଡିହୋଇ ରହିଛି, ଲୋକନୃତ୍ୟ, ଲୋକବାଦ୍ୟ, ପର୍ବପର୍ବାଣୀ ଅନ୍ୟତମ । ଆଦିବାସୀ ଜୀବନ ଶୈଳୀ ସହିତ ଏହି ଲୋକବାଦ୍ୟ ବେଶ ପରିଚିତ । ହୃଦୟରେ ଆନ୍ଦୋଳିତ ହେଉଥିବା ଭାବକୁ ସଙ୍ଗୀତ ମାଧ୍ୟମରେ ଲୋକଗୀତର ରୂପଦେବାକୁ ଆବଶ୍ୟକତା ପଡିଥାଏ, ଘୁଡୁକି, ଦାସକାଠୀ, ଶିଙ୍ଗା, ଧୁମସା, ମାଦଳ ଓ ଗୋପୀଯନ୍ତ୍ର ଭଳି ଲୋକବାଦ୍ୟ ଗୁଡିକ । କେବଳ ଦକ୍ଷିଣ ଓଡ଼ିଶା ନୁହେଁ ଏହି ଲୋକବାଦ୍ୟ ଗୁଡିକ ଓଡ଼ିଶାର ବିଭିନ୍ନ ଅଂଚଳରେ ଲୋକମାନଙ୍କ ମନୋରଞ୍ଜନର ମାଧ୍ୟମ ହୋଇ ରହିଛି । ଏହାରି ମଧ୍ୟରେ ଗଞ୍ଜାମ ତଥା ନୟାଗଡ ଅଂଚଳରେ ପାରଂପରିକ ସଙ୍ଗୀତ ବାଦ୍ୟଯନ୍ତ୍ର ରୂପେ 'ଢୁଂପା'ର ବ୍ୟବହୃତ ହେଉଅଛି । ଏହି 'ଢୁଂପା' ଆଧାରିତ ସଙ୍ଗୀତ ରଚନା କରିଥିଲେ ଅଷ୍ଟାଦଶ ଶତକର କବି କବିସୂର୍ଯ୍ୟ ବଳଦେବ ରଥ । ଏହି ବାଦ୍ୟଯନ୍ତ୍ରକୁ ବ୍ୟବହାର କରି ସଙ୍ଗୀତ ବୋଲା ଯାଉଥିବାରୁ ଏହାକୁ ଢୁଂପା ସଙ୍ଗୀତ କୁହାଯାଏ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI : https://doi.org/10.5281/zenodo.16919412 Article No - BPP00324 |

**ବାଦ୍ୟ ନିର୍ମାଣ:** ଯେଉଁଦିନ ଢୁଂପା ସଙ୍ଗୀତ ପରିବେଷଣ ପାଇଁ ଠିକ ହୁଏ ସେଦିନ ଆଠରୁ ଦଶଜଣ ପ୍ରାୟ ଲୋକ ଭେଣ୍ଡିଆମର୍ଦ୍ଦନ ବା ରାଜମଇ ବୃକ୍ଷର ବକ୍କଳ(୧) ନିବୃତ କରି ଆଣିଥାନ୍ତି । ସେହି ନଳରୂପୀ ବକ୍କଳ ହେଉଛି 'ଢୁଂପା ବାଦ୍ୟ' । ଛେଲିକୁ ବାହାର କରିବା ପାଇଁ ଦୁଇଗୋଟି ଠେଙ୍ଗା ସେଇ ବୃକ୍ଷକୁ ବାନ୍ଧି ମୋଡାଯାଏ। ଗଛରୁ ଛାଲିକୁ ବାହାର କଲାପରେ ସେଥିରେ ପତ୍ରକୁ ଭର୍ତ୍ତି କରିଦିଆଯାଏ । ଏହି ବାଦ୍ୟକୁ କେବଳ ବର୍ଷା ଦିନରେ ବାହାର

**ଯୋଗାଯୋଗ :**
**କୁନା ଜେନା,** ଅଧ୍ୟାପକ,
ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ, ଖଲ୍ଲିକୋଟ, ଓଡ଼ିଶା
**Email :** kunajena799@gmail.com
**ORCID ID :** https://orcid.org/0009-0003-8174-9514

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୫.୨୦୨୫ | ୧୨.୦୬.୨୦୨୫ | ୨୬.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, କୁନା; ୨୦୨୫। ଲୋକ ପ୍ରଦର୍ଶନ କଳାରେ ଢୁଂପା ପରିବେଷଣ : ଏକ ଅନୁଶୀଳନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ; ପୃଷ୍ଠା :୪୩-୪୫।

କରାଯାଏ । କାରଣ ଛାଲିତଳେ ଥିବା ଲାଳଅଂଶ ଏହି ଦିନରେ ଅଧିକ ବାହାରୁଥିବାରୁ ମଞ୍ଜି ଅଂଶକୁ ଅଲଗାକରିବା ସହଜ ହୋଇଥାଏ । କିନ୍ତୁ ଗଞ୍ଜାମରେ ଏହି ବାଦ୍ୟ ନିର୍ମାଣ ବାଉଁଶ ଦ୍ୱାରା ହୋଇଥାଏ । ୧୦ ଗଣ୍ଠିଆ ଲମ୍ବ ବାଉଁଶକୁ କାଟି ତାକୁ ପାଳ ନିଆଁରେ ସେକାଯାଏ। ସେହି ସେକା ଯାଇଥିବା ବାଉଁଶକୁ ଦଶଦିନ ପର୍ଯ୍ୟନ୍ତ ପକାଯାଇ ଦଶଦିନ ଶୁଖାଯାଇ ବାଉଁଶରେ ଥିବା ଗଣ୍ଠି ଗୁଡ଼ିକୁ କଣା କରାଯାଇ ଢୁଂପା ପାଇଁ ପ୍ରସ୍ତୁତ କରାଯାଏ ।

**ଲୋକ ବିଶ୍ୱାସ :** ଷୋଡଶ/ସପ୍ତଦଶ ଶତକ ବେଳକୁ ଢୁଂପା ଗଞ୍ଜାମ ଦିଗପହଣ୍ଡି ଅଂଚଳରେ ବେଶ ଲୋକପ୍ରିୟତା ଅର୍ଜନ କରିପାରିଥିଲା। ଶୁଣିବାକୁ ମିଳେ ଲକ୍ଷ୍ମୀନାରାୟଣ ଦେବଙ୍କ ଠାରୁ ଏହା ଦିଗପହଣ୍ଡି ଅଂଚଳରେ ବେଶପ୍ରଚଳିତ ଥିଲା । ଯେତେବେଳ ବର୍ଷା ଠିକ ଭାବରେ ହେଉନଥିଲା, ସେତେବେଳେ କିଛି କଳାକାର ଚାଙ୍ଗୁଡ଼ି ଦେଇ ପାହାଡକୁ ଯାଇ ଢୁଂପା ବାଦ୍ୟ ବଜାଉଥିଲେ । ବର୍ଷାର ବିନ୍ଦୁ ମଧ୍ୟ ଢୁଂପା ବାଦ୍ୟର ନାଦରେ ଆକାଶରୁ ଝରିଆସେ। କେବଳ ତାହା ନୁହେଁ ରାଜା ବା ଜମିଦାରମାନେ ମଧ୍ୟ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ଭୋଜିଭାତ କରି ଢୁଂପା ନାମକ ବୀରବାଦ୍ୟ ବଜାଉଥିବାର ଜନଶୃତି ରହିଛି । ଏହି ବାଦ୍ୟ ସହିତ କବିସୂର୍ଯ୍ୟ ବଳଦେବ ରଥଙ୍କ ଛାନ୍ଦ, ଚଉପଦୀ ଓ ଚଉତିଶା ଗାନ କରାଯାଉଥିବାର ଦେଖିବାକୁ ମିଳେ ।

**ବାଦ୍ୟ:** ଯେତେ ପ୍ରକାର ଲୋକବାଦ୍ୟ ବର୍ତ୍ତମାନ ବ୍ୟବହୃତ ସେଥିରୁ ଅଧିକାଂଶ ନଟଦେବତା ଶିବଙ୍କଠାରୁ ସୃଷ୍ଟି ହୋଇଥିବାର ବିଭିନ୍ନ କିମ୍ବଦନ୍ତୀ ରହିଛି । କିନ୍ତୁ ଅଂଚଳଭେଦରେ ଏହି ଲୋକବାଦ୍ୟ ଗୁଡ଼ିକର ସ୍ୱତନ୍ତ୍ରତା ରହିଛି, ଯେପରିକି ମାଙ୍ଗଳିକ, ଆଧ୍ୟାତ୍ମିକ କିମ୍ବା ସାଂସ୍କୃତିକ । ଏହି ଲୋକବାଦ୍ୟ ଗୁଡ଼ିକକୁ ପ୍ରାୟ ଚାରୋଟି ଶ୍ରେଣୀରେ ବିଭକ୍ତ କରିପାରିବା ଯଥା- ତତ୍-ତାର, ଅବନଦ୍ଧ, ଶୁଷୁରି ଓ ଘନ । ପ୍ରଥମ ହେଲା ତାର; ଘୋଡାବାଳକୁ ଘର୍ଷଣ କରି ଯେଉଁ ବାଦ୍ୟ ବଜାଯାଏ, ସେଗୁଡ଼ିକ କେନ୍ଦରା, ଘୁଡୁକି,ଡେକା ଏବଂ ଟୁଇଲା । ଦ୍ୱିତୀୟ ବାଦ୍ୟ ହେଲା ଦୁଇ କିମ୍ବା ଏକ ପାଖରେ ଚମଡାର ଆବରଣ କରାଯାଇ ହାତ କିମ୍ବା ବାଡି ସାହାଯ୍ୟ ବଜାଯାଏ, ସେଗୁଡ଼ିକ ମଧ୍ୟରେ କାହାଳୀ, ଶଙ୍ଖ, ଶିଙ୍ଗା, ବଂଶୀ, ଓ ମହୁରି ଇତ୍ୟାଦି । ଏବଂ ଧାତୁ କିମ୍ବା କାଠରେ ନିର୍ମିତ ବାଦ୍ୟଯନ୍ତ୍ର ଯାହାକୁ ପିଟିପିଟି ଧ୍ୱନି ସୃଷ୍ଟି କରାଯାଏ, ଯଥା- ଝାଞ୍ଜ,ଘଂଟି, ଘଂଟ ଓ ଦାସକାଠିଆ ଇତ୍ୟାଦି । ଢୁଂପା ହେଉଛି ଏହି ଶ୍ରେଣୀର ଏକ ବାଦ୍ୟଯନ୍ତ୍ର ଯାହାକୁ ପିଟି ଧ୍ୱନି ସୃଷ୍ଟି କରାଯାଏ । କେବଳ ଏହାରି ସାହାର୍ଯ୍ୟରେ ଢୁଂପା ସଙ୍ଗୀତ ପରିବେଷଣ କରାଯାଏ ତାହା ନୁହେଁ ଏଥିରେ ବ୍ୟବହାର କରାଯାଉଥିବା ବାଦ୍ୟଗୁଡ଼ିକ ହେଲା-ମୃଦଙ୍ଗ, ଢୋଲ, ତାଲ, ବଂଶୀ, ମର୍ଦ୍ଦଳ ଓ ଇତ୍ୟାଦି ୧୬ ପ୍ରକାରର ବାଦ୍ୟ । ପୂର୍ବରୁ ଏଥିରେ ୩୬ ପ୍ରକାର ବାଦ୍ୟ ବ୍ୟବହାର ହେଉଥିବାର ଶୁଣିବାକୁ ମିଳେ ଶ୍ରୀ ଶ୍ରୀ ଦଧିବାମନ ଢୁଂପା ବାଦ୍ୟ କଳାକାରଙ୍କ ଦ୍ୱାରା । (୨)

**ପରିବେଷଣ କଳା:** ଢୁଂପା ପରିବେଷଣ ସାଧାରଣତଃ ବର୍ଷାଦିନ ସମୟରେ ହୋଇଥାଏ । ଏହି ସଙ୍ଗୀତ ପରିବେଷଣ ସମୟରେ ଦୁଇଟି ଠେକିଆ ସାହାର୍ଯ୍ୟରେ ନଳାକୃତି ବାଉଁଶକୁ ରଖି ଝୁମୁକାଲଗା କାଠିରେ ପ୍ରହାରକରି ସଙ୍ଗୀତ ପରିବେଷଣ କରାଯାଏ । କିନ୍ତୁ କେତେକ ସ୍ଥଳରେ ଦୁଇଟି କିମ୍ବା ତିନୋଟି ବାଡିରେ ସେହି ନଳଆକୃତି ବକଳକୁ ଝୁଲାଇ ବାଡି ଦ୍ୱାରା ଆଘାତ କରାଯାଏ । ଉଭୟ ପାର୍ଶ୍ୱରେ ପେଟୁ ଲୋକ ପେଟକୁ ଲଗାଇ ପୁଣି ଛାଡିବାର ନିୟମଥାଏ, ଏହା ଦ୍ୱାରା ମଧୁରଧ୍ୱନି ସୃଷ୍ଟିହୁଏ । ମୁଖ୍ୟ-ଗାୟକ ଢୁଂପା ସଙ୍ଗୀତ ଗାଇବାପରେ ପାଳିଆମାନେ ଏହାକୁ ଅନୁଶରଣ କରିଥାନ୍ତି । ପରିବେଷଣ ପାଇଁ ୧୮ ଜଣ କଳାକାରଙ୍କ ମଧ୍ୟରୁ ଆଠଜଣ (ଶିଶୁକାଠ)ବାଦକ, ଦୁଇଜଣ ଗାୟକ, ଦୁଇଜଣ ନର୍ତ୍ତକୀ, ଦୁଇଜଣ ପେଟୁଆ ବାଦ୍ୟକାର, ଚାରିଜଣ ଅନ୍ୟ ବାଦକ ଏହି ଢୁଂପା ବାଦ୍ୟକୁ ପରିବେଷଣ କରିଥାନ୍ତି । ଝରଣା କୂଳର ସନ୍ତସନ୍ତିଆ ପରିବେଶରେ ଏହାକୁ ପ୍ରଦର୍ଶନ କରାଯାଇଥାଏ । ଏହି ଆସରକୁ କୁହାଯାଏ 'ଢୁଂପା ମଉଳି' ।

**ଢୁଂପା ସଙ୍ଗୀତର ତାଳ:** ଏହା ହେଉଛି ଏକ ତାଳବାଦ୍ୟ । ଏହି ସଙ୍ଗୀତ ପରିବେଷଣ ପାଇଁ ଦୁଇଟି ତାଳର ବ୍ୟବହାର ହେଉଥିବାର ଦେଖାଯାଏ । ଯଥା:- 'ଚାଲି' ଅନ୍ୟଟି ହେଲା 'ଖେମଟା' । କିନ୍ତୁ କେତେକ ଜାଗାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ ।

**(କ) ଚାଲି ତାଳ:**

ତାରି ଖିଟା ତାକ୍‌ଝିଣା - ତାରି ଖିଟା ତାକ୍ ଝିଣା
ଝେଣାକ୍‌ଝେଣାକ୍‌ଝେଣା - ତାରି ଖିଟା ତାକ୍ ଝିଣା
ଝେଣା ଖିଟା ତା
ଝେଣା ଖିଟା ତା
ଝେଣା ଖିଟା ତା
ତା ତା ତା ଝିଣାଖିଟା ତା ।

**(ଖ) ଖେମଟା ତାଳ:**

ତାରି ଖିଟା ଝିଣା    ତାରି ଖିଟା ଝିଣା
ତାରି ଖିଟା ଝିଣା    ତାରି ଖିଟା ଝିଣା
ଝେଣାଖିଟା ଝେଣାଖିଟା ଝେଣାଖିଟା ତା
ତା ତା ଝେଣାଖିଟା ତା ।

**ଢୁଂପା ସଙ୍ଗୀତ:**

**କବିସୂର୍ଯ୍ୟ ବଳଦେବ ରଥ:**

ଗିରୀଷମ କାଳେ ଧନ,

ଗିରିସମ କୁଚେ ଲେପି  ଚନ୍ଦନ,
ଯାଇଫୁଲରେ, କରୁଥାଉ ଆଲିଙ୍ଗନ ।
ଘନସାର ମୋ ହୃଦରୁ,
ଘନସାରକେଶୀ ଝାଡି ଦେଇ କରି,
ଯାଇଫୁଲରେ, ଗାଢେ ଆଲିଙ୍ଗନ କରୁ ।(୩)

ତୋ କୁଚ ତ କରକଶ,
ସବୁ ଗୁମାନ ଆଉ କେତେବେଳକୁ, ମୋ ନିଆଳୀ,
ଥରେ ମୋହ କରେ କଷ ।
ଚୁମ୍ବନେ କଲେ ଶରଧା,
ଚରଣଠାରୁ କବରୀଯାଏ ତୋର, ନୋ ନିଆଳୀ,
କାହିଁ ପୂରୀ ନାହିଁ ସୁଧା । (୪)

କବିସୂର୍ଯ୍ୟ ବଳଦେବ ରଥଙ୍କ ଦ୍ୱାରା ରଚିତ 'ଯାଇଫୁଲ ଢୁଂପା ଚଉତିଶା' ଓ ' ନିଆଳିଗଭା ଢୁଂପା' ଦୁଇଟି ରାଧାକୃଷ୍ଣଙ୍କ ପ୍ରେମ ଆଧାରିତ ଗୀତ । ପ୍ରାୟ ଅଧିକାଂଶ ଢୁଂପାରେ ଆଦି ରସାତ୍ମକ ରାଧାକୃଷ୍ଣଙ୍କ ଗୋପପୁର କାଳିନ ପ୍ରେମଚିତ୍ର ଦେଖିବାକୁ ମିଳେ ।

### ୨) କବି ଗଦାଧର ସିଂହସାମନ୍ତ:

ଢୁଂପା ସଙ୍ଗୀତରେ ବଳୀ ଝୁଂପା ଝାଙ୍କେ ଚିଲ୍ଲୀ ଚାଳି
ହର୍ମ୍ୟ ସରୋବରେ ରମ୍ୟ କେଳି କରେ ସେ କି ସୁବର୍ଣ୍ଣ ମରାଳି।
ସହଜେ ହୋଇଛି ଘନ ଯାମିନୀ ଚହଟଇ ଝଟଝଟ ଦାମିନୀ
ଦମ୍ଭଳି ଗମ୍ଭୀର ନାଦରେ ଦର୍ଦ୍ଦୁର ନିଃସ୍ୱନ ଦେଇଛି ଝାଳି ।
କଣ୍ଠୀରବା ମଧ୍ୟା ଅପସରକୁ କି ଠିକେ ଦେଇଛି ପିଠି ଭରକୁ
ବଜାଇ ଝମକ ଝଳି ଝକମକ ଦାନ୍ତୀ ଦନ୍ତ ରାମତାଳି । (୫)

ଏହା ହେଉଛି କବି ଗଦାଧର ସିଂହସାମନ୍ତଙ୍କ ଢୁଂପାର ଶୀର୍ଷକ ସଙ୍ଗୀତ । ରାଧା ଓ ସଖୀମାନଙ୍କ ସହିତ ବର୍ଷା କାଳରେ ନିଜେ ଢୁଂପା ପରିବେଷଣ କରିବା ବିଷୟକୁ କେନ୍ଦ୍ର କରି ଏହି ଗୀତଟି ରଚିତ ।

ମିଳିଥିବା ଢୁଂପା ସଙ୍ଗୀତ ଗୁଡିକୁ ଲକ୍ଷକଲେ ଦେଖିବାକୁ ମିଳେ ଯେ ଅଧିକାଂଶ ଢୁଂପାରେ ଆଦିରସ ବା ରାଧାକୃଷ୍ଣଙ୍କ ପ୍ରେମକୁ ଆଧାର କରି ରଚିତ କିନ୍ତୁ ରାଜା ନଟବର ସିଂହସାମନ୍ତଙ୍କ ଲିଖିତ ରସାମଣ୍ଡନା ଗୀତଟି ବିରରସ ଆଧାରିତ । ଦେବୀ ସର୍ବମଙ୍ଗଳାଙ୍କ ନିକଟରେ ସେ ନିଜର ସର୍ବସ୍ୱ ସମର୍ପିଦେଇ ଜଣାଣଟି ଗାନ କରିଛନ୍ତି।

ଷୋଡଶ ଶତାବ୍ଦୀ ପରବର୍ତ୍ତୀ ସମୟରେ ଢୁଂପାର ଆଦର ବଢିବାରେ ଲାଗିଛି । ବଡଖେମୁଣ୍ଡି ରାଜା ଗଜପତି ଲକ୍ଷ୍ମୀନାରାୟଣ ଦେବ, କବିସୂର୍ଯ୍ୟ ବଳଦେବ ରଥ, ଘୁମୁସର ରାଜା ଶ୍ରୀକର ଭଞ୍ଜ, ଖଣ୍ଡପଡାର ଗଦାଧର ସିଂହସାମନ୍ତ ଆଦି ଏହାକୁ ନେଇ ପରିଚିତ କରିଛନ୍ତି । ବଳଦେବଙ୍କ ଦ୍ୱାରା ରଚିତ ଢୁଂପା ସଙ୍ଗୀତ ଗୁଡିକ ହେଲା- ଯାଇଫୁଲ ଢୁଂପା, ନିଆଳିଗଭା ଢୁଂପା, ଛୋଟ ଢୁଂପା । ଗଦାଧର ସିଂହସାମନ୍ତଙ୍କ 'ତୁ ବୋଲେ ସଖି ଝେଣାଖିଟା ତାରେ', 'ସୁନ୍ଦର କୁଛ କୁମ୍ଭ ଯୁଗଳ ମାଣ୍ଡି କୁସୁମ ହରେ', 'ଶ୍ୟାମ ଫେରିଯା ହେ', ' କାମନାଟି ପୁରିଲାଣି, 'ସରି ହେବିକିରେ ତତେ ଜୀବଧନ', ଓ 'ଢୁଂପା ସଙ୍ଗୀତରେ ବାଳୀ ଇତ୍ୟାଦି ଜନ ଆଦୃତି ଲାଭ କରିପାରିଛି।

### ଉପସଂହାର:

ଏହି ମନୋରଂଜନ ଧର୍ମୀ କଳା ଓ ବିଦଗ୍ଧ ପରିବେଷଣୀୟ ସଙ୍ଗୀତ ସମିଶ୍ରଣରେ ଢୁଂପା ଜନମାନସରେ ପରିଚିତ ହୋଇ ରହିପାରିଛି । ସ୍ୱର୍ଗତ ରଘୁନାଥ ନଂଦ, ଭିକାରି ବେହେରା, କ୍ଷେତ୍ରବାସୀ ଦାସ, ସୋମନାଥ ମହାପାତ୍ର, ବୀରନାଥ ପାଣିଗ୍ରାହୀ ଆଦି ଏହାକୁ ଜୀବିତ ରଖିପାରିଛନ୍ତି । ଗଞ୍ଜାମର ଦଧିବାମନ ଢୁଂପା ବାଦ୍ୟ କଳାକାରମାନେ ଏବେବି ଏହାକୁ ନେଇ ଜନମାନସରେ ସ୍ୱର୍ଣ୍ଣିମ ସ୍ୱାକ୍ଷରର ପ୍ରଦର୍ଶନଧର୍ମୀ  ଲୋକକଳାର ମର୍ଯ୍ୟଦା ବଜାଇ ରଖିପାରିଛନ୍ତି ।

### ସହାୟକ ଗ୍ରନ୍ଥସୂଚୀ :


୧. ପଟ୍ଟନାୟକ କାଳୀଚରଣ, କୁମ୍ଭାର ଚକ, ପ୍ରଥମ ସଂସ୍କରଣ, କଟକ ଷ୍ଟୁଡେଂଟ ଷ୍ଟୋର, ବାଲୁବଜାର, କଟକ,-୧୯୭୫ ।

୨. କ୍ଷେତ୍ର ଅଧ୍ୟୟନ – ସୌଜନ୍ୟ- ଶ୍ରୀ ଶ୍ରୀ ଦଧିବାମନ ଢୁଂପା ବାଦ୍ୟ କଳାକାର, ଦିଗପହଣ୍ଡି, ଗଞ୍ଜାମ ।

୩. ଡକ୍ଟର କୃଷ୍ଣଚରଣ ବେହେରା, କବିସୂର୍ଯ୍ୟ ଗ୍ରନ୍ଥାବଳୀ, ପ୍ରଥମ ସଂସ୍କରଣ, କଟକ ଷ୍ଟୁଡେଂଟ ଷ୍ଟୋର, ବାଲୁବଜାର, କଟକ,- ୧୯୯୮ ।

୪. ଡ଼ଃ ତ୍ରିନାଥ ପଟ୍ଟନାୟକ, କବିସୂର୍ଯ୍ୟ ଗ୍ରନ୍ଥାବଳୀ, ନୂତନ ମୁଦ୍ରଣ ଧର୍ମଗ୍ରନ୍ଥ ଷ୍ଟୋର, କଟକ,-୨୦୧୦ ।

୫. ସିଂହସାମନ୍ତ ଗଦାଧର, ପ୍ରବନ୍ଧ ପ୍ରଂଚାମୃତ, ୧ମ ଭାଗ, ୧୯୬୨।

DOI : https://doi.org/10.5281/zenodo.16919461 ମୂଳ ପ୍ରବନ୍ଧ

# ଗାଳ୍ପିକା ସରୋଜିନୀ ସାହୁଙ୍କର ପ୍ରାରମ୍ଭିକ ଦୃଷ୍ଟିକୋଣ

**ସ୍ୱପ୍ନା ରାଣୀ ସିଂ**


**ସଂକ୍ଷିପ୍ତସାର :**

ଗୋଟିଏ ପୁରୁଷ ଠାରୁ ନାରୀର ମାନସିକତା କେତେ ଭିନ୍ନ ତାହା ବୈଜ୍ଞାନିକ ଦୃଷ୍ଟିକୋଣରୁ ଆଲୋଚନା କଲେ ସାମାଜିକ ସ୍ତରରେ ନାରୀ ପ୍ରତି ହେଉଥିବା ଅବିଚାର ଅନେକ ପରିମାଣରେ ଲଘୁ ହୋଇପାରିବ। ଗୋଟିଏ ପୁରୁଷ ସୁନ୍ଦରୀ ନାରୀକୁ ଦେଖି ତା ପ୍ରତି ପ୍ରଭାବିତ ହେବାପାଇଁ ତା ହୃଦୟକୁ ୧୫୦ ମିଲି ସେକେଣ୍ଡ ଠାରୁ ମଧ୍ୟ କମ୍ ସମୟ ଲାଗେ। ମାତ୍ର ସେଟା ଭିନ୍ନ କଥା ଯେ, ପ୍ରକୃତରେ ଆମ ହୃଦୟକୁ ଥରେ ସ୍ପନ୍ଦିତ ହେବାପାଇଁ ୮୦୦ ମିଲି ସେକେଣ୍ଡ ଲାଗେ। ଏଥିରୁ ଆମେ ଅନୁଭବ କରିପାରିବା ପୁରୁଷର ନାରୀ ପ୍ରତି ଆକର୍ଷଣ କେତେ ତାତ୍କାଳିକ। ମାତ୍ର ନାରୀ ସଂପୂର୍ଣ୍ଣ ଭାବେ ଏହାଠାରୁ ଭିନ୍ନ। ଯେଉଁ ଭିନ୍ନତାକୁ ସରୋଜିନୀ ସାହୁ ତୋଳିଧରିଛନ୍ତି ପାଠକ ଆଗରେ। ଏତଦ୍ ଭିନ୍ନ ମନସ୍ତତ୍ତ୍ୱର ଗଭୀର ଅନୁଧ୍ୟାନ ମଧ୍ୟ ତାଙ୍କର ସ୍ୱାତନ୍ତ୍ର୍ୟ।



**ପ୍ରମୁଖ ଶବ୍ଦାବଳୀ :**

ପ୍ରକୃତି, ପୁରୁଷ, ସାଂସ୍କୃତିକ ନାରୀବାଦ


## ଉପକ୍ରମ :

ଓଡିଆ ଗଳ୍ପ ସାହିତ୍ୟ ଜଗତରେ ସରୋଜିନୀ ସାହୁ ହେଉଛନ୍ତି ଏକ ବଳିଷ୍ଠ ସ୍ୱର। ବ୍ୟକ୍ତିର ଅନ୍ତରକୁ ଏକ ଭିନ୍ନ ଦୃଷ୍ଟିକୋଣ ଦେଇ ଦେଖିବାର କୌଶଳ ହେଉଛି ତାଙ୍କର ସ୍ୱାତନ୍ତ୍ର୍ୟ। ସଂପ୍ରତି ଆଗ ଧାଡିର ଗାଳ୍ପିକଙ୍କ ମଧ୍ୟରେ ତାଙ୍କ ଗୁରୁତ୍ୱର ପରିଚୟ ବହନକରେ ତାଙ୍କ ଦ୍ୱାରା ରଚିତ ଅନେକ ଗଳ୍ପ ସଂକଳନ। ମାତ୍ର ଉକ୍ତ ପତ୍ରଟି ଗାଳ୍ପିକାଙ୍କ ପ୍ରାରମ୍ଭିକ ଦୃଷ୍ଟିକୋଣକୁ ନେଇ ଗତିଶୀଳ। ଯାହା ଗାଳ୍ପିକାଙ୍କର ବଳିଷ୍ଠ ସର୍ଜନଶୀଳତାର ପରିଚୟ ବହନ କରିଥାଏ।

## ନାରୀଜାଗରଣ :

ପୁରୁଷର ଅସ୍ତିତ୍ୱର ବିଶାଳ ବାହୁତଳେ ଅସ୍ତିତ୍ୱହୀନ ହୋଇଯାଇଥିବା ଏକ ନାରୀର କାହାଣୀ ହେଉଛି ସୂର୍ଯ୍ୟ 'ଦଗ୍ଧ ଅପରାହ୍ନରେ ଇମେଜ' ଗଳ୍ପ। ବିଶାଳ ଅର୍ଥ, ପ୍ରତିପତ୍ତି ଏବଂ ପ୍ରତିଷ୍ଠା ଆଦି ବ୍ୟକ୍ତିର ସ୍ୱାଭିମାନ, ସ୍ୱାଧୀନତା ଏବଂ ଅସ୍ତିତ୍ୱ ଆଗରେ ଯେ ତୁଚ୍ଛ ତାହାକୁ ଗାଳ୍ପିକା ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି। ଅସ୍ତିତ୍ୱ ହେଉଛି ବ୍ୟକ୍ତି ଭିତରର ଏକ ଏପରି ଚେତନା ଯାହା ସାମୟିକ ଭାବେ ନିଦ୍ରା ଯାଇପାରେ। ମାତ୍ର ତାହାର ମୃତ୍ୟୁ ଅସମ୍ଭବ। ତେଣୁ ନିଦ୍ରିତ ଅସ୍ତିତ୍ୱର ନିଦ୍ରାଭଙ୍ଗ କଠିନ ହୋଇପାରେ ମାତ୍ର ଅସମ୍ଭବ ନୁହେଁ। "ସଂଚିତା ତ ବେଶ୍ ଭଲ ଥିଲା।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.16919461

Article No - BPP00325

**ଯୋଗାଯୋଗ :**
**ସ୍ୱପ୍ନା ରାଣୀ ସିଂ,**
ବିଶ୍ୱଭାରତୀ, ଶାନ୍ତିନିକେତନ
**Email :** swapnaranisingh32@gmail.com
**ORCID ID :** https://orcid.org/0000-0003-0157-0470

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*


| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୫.୨୦୨୫ | ୧୨.୦୬.୨୦୨୫ | ୨୬.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସିଂ, ସ୍ୱପ୍ନା ରାଣୀ; ୨୦୨୫। ଗାଳ୍ପିକା ସରୋଜିନୀ ସାହୁଙ୍କର ପ୍ରାରମ୍ଭିକ ଦୃଷ୍ଟିକୋଣ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ; ପୃଷ୍ଠା :୪୬-୫୪।

ଅସୁରର ଉଆସରେ କଳାଫୁଲ ଶୁଙ୍ଘି ଶୋଇପଡୁଥିଲା। ଧଳାଫୁଲ ଶୁଙ୍ଘି ଉଠିପଡୁଥିଲା। କିନ୍ତୁ ହେ ତପସ୍ୱୀ, ତମେ କିଆଁ ଧଳା ଫୁଲ ଶୁଙ୍ଘେଇ ରାଜକୁମାରୀକୁ ଅସୁରର ଉପସ୍ଥିତିରେ ନିଦରୁ ଉଠେଇ ଦେଲ, ମନେ ପକେଇ ଦେଲ ଅତୀତକୁ- ଖୋଲା ପାଣି ପବନକୁ ? ଉଠେଇ ଦେଲ ଯଦି, ଗଳ୍ପର ରାଜକୁମାର ଭଳି ରାଜକୁମାରୀକୁ ଉଦ୍ଧାର କଲନି କାହିଁକି, ଅସୁରକୁ ମାରି ? ତମେ ତ ତପସ୍ୱୀ, ରାଜକୁମାରୀ ପାଖରେ ଆଉ ଯଦି ପ୍ରୟୋଜନ ନାହିଁ, ଆସିଥିଲ କାହିଁକି ଅସୁର ଉଆସକୁ ଧଳାଫୁଲ ନେଇ ? ସଂଚିତାକୁ ଅସହାୟ କରିଦେଇ ହିଁ ତାପସ ଚାଲିଗଲା, ଅଭିଯୋଗ ବିହୀନ ମନରେ। ସେଇ ସମୟରୁ ସଂଚିତା ଅନୁଭବ କଲା ଯେ ଏ ଘରଟା ଖୁବ୍ ବଡ। ଏତେ ବଡ ଯେ ସଂଚିତା ଦି ବର୍ଷ ଭିତରେ ତା ଭିତରେ କେବେଠୁ ହଜିଗଲାଣି। ଏବେ ନିଜକୁ ଖୋଜି ପାଉନି। କେଉଁଠି ଅଛି ସେ ସଂଚିତା, ଯିଏ କବିତା ଲେଖୁଥିଲା, ତାପସକୁ ପ୍ରେମ କରୁଥିଲା, କଲେଜର ଏକ୍ସ୍‌କର୍ସନରେ କାଶ୍ମୀର ବୁଲିବାକୁ ଯାଇ ତାପସ ପାଇଁ କୋଟ୍ ନେଇ ଆସିଥିଲା ? କେଉଁଠି କେଉଁଠି, ସେ ହଜିଗଲା ? ଆଜି ହିଁ ସେ ଠିକ୍ କରି ସାରିଥିଲା ସୌମେନ୍‌କୁ କହିଦେବ ସବୁକଥା। କହିବ। କହିବ ! ସୌମେନ୍। ତମେ ମୋତେ ମୋର ଅହଂକାର ଫେରାଇ ଦିଅ। ଅତୀତକୁ ଫେରାଇ ଦିଅ। ଦି ବର୍ଷ ଭିତରେ ତମେ ମତେ ନିଃଶେଷ କରି ଦେଇଛ। ମୋର ଅସ୍ତିତ୍ୱକୁ ଫେରାଇ ଦିଅ। ମୁଁ ଚାହେଁନା ତମର ଉଆସ। ମୋତେ ମୋ ସ୍ୱପ୍ନର ଉଆସ ଫେରାଇ ଦିଅ।" (ସୁଖର ମୁହାଁମୁହିଁ- ପୃ- ୮୯-୯୦) **ବାସ୍ତବିକ** ମଣିଷର ଅବଚେତନ ମନଟି ବଡ ପ୍ରହେଳିକାମୟ। ସେ କିଛି କରିବାକୁ ଚାହେଁ ହେଲେ କରେ ଠିକ୍ ତାର ବିପରୀତ। ଏହି ଦୃଷ୍ଟିକୋଣରୁ ବିଚାର କରିବାକୁ ଗଲେ ଅନେକ ସମୟରେ ମଣିଷର ଚେତନ ମନ ରୂପୀ Ego ପ୍ରବୃତ୍ତି ଠାରୁ ମଣିଷର ଅବଚେତନ ମନ ରୂପୀ Id ପ୍ରବୃତ୍ତି ଅଧିକ ଶକ୍ତିଶାଳୀ ହୋଇଉଠେ। ଅନେକ ସମୟରେ ମଣିଷ ନିଜ ଅବଚେତନ ମନ ଭିତରେ ଚାପି ରଖିଥିବା ଇଚ୍ଛା ଯାହା ଚେତନ ମନ ଦ୍ୱାରା ଗ୍ରହଣ ଯୋଗ୍ୟ ହୋଇନଥାଏ। ଚେତନ ମନର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ନିଜର ଅସ୍ତିତ୍ୱକୁ ଜାହିର କରିଥାଏ। ଏହା ବ୍ୟକ୍ତିକୁ ଆଶ୍ଚର୍ଯ୍ୟ କରେ କାରଣ ବେଳେବେଳେ ବ୍ୟକ୍ତି ନିଜ ଇଚ୍ଛାକୁ ବୁଝିବାକୁ ମଧ୍ୟ ଅସମର୍ଥ ହୋଇଥାଏ। "ପୂର୍ଣ୍ଣେନ୍ଦୁ ଭାଇ ଦିନେ ନ ଆସିଲେ ନିଃଶ୍ୱାସ ବନ୍ଦ ହୋଇଗଲା ପରି ଲାଗେ ତାକୁ । ଚିଡ ଚିଡ ଲାଗେ। ପଢିବାରେ ମନ ଲାଗେନା। ବାରମ୍ବାର ମୁଣ୍ଡରେ ପାନିଆଁ ଚଳାଏ। ବାଥ୍‌ରୁମ୍ ଯାଏ, ମୁହଁ ଧୁଏ, ଶାଢୀ ସଜାଡି ପକାଏ, ପୁଣି ବିଛଣାରେ ଅଧାଶୁଆ ଅବସ୍ଥାରେ ପଡିରହେ। ଧୀରେ ଧୀରେ ପୂର୍ଣ୍ଣେନ୍ଦୁ ଭାଇ ତା ଛାତି ଭିତରେ ନୂଆ ହିଡ ବୁଲେଇ ନଉଚି କି ? ଶୁଭଦା ଥରି ଉଠିଲା... ମୁଁ ଖରାପ ପିଲା ହୋଇଯାଇଚି; ଶୁଭଙ୍କରକୁ ମୁଁ କଣ ଆଗପରି ଭଲ ପାଉନି ? ପୂର୍ଣ୍ଣେନ୍ଦୁ ଭାଇ ପ୍ରତି । ନାଁ, ପୂର୍ଣ୍ଣେନ୍ଦୁ ଭାଇ ଶବ୍ଦ ଭିତରେ ବନ୍ଧାହୋଇ କାନ୍ଧରେ ଝୁଲୁଚି। ସେ ଭାଇ, କେବଳ ଭାଇ, ମୋ ମନ କହେ ମୁଁ ଖରାପ ଝିଅ ନୁହେଁ। ଢଢଢଢ ଶୁଭଦା କିଛି କହିବା ପୂର୍ବରୁ ପୂର୍ଣ୍ଣେନ୍ଦୁ ଭାଇ କହିପକେଇଲେ; ଆରେ ଫିଲ୍ମ ଯିବୁ। ଖୁବ୍ ଭଲ ଫିଲ୍ମଟା, ମୁଁ ବ୍ଲାକ୍‌ରେ ଟିକେଟ୍ ନେଇ ଆସିଚି। ସମୟ ହୋଇଗଲାଣି, ଶୀଘ୍ର ବାହାରିଆ। ହଠାତ୍ ଭାବିବାକୁ ସମୟ ପାଇଲାନି ଶୁଭଦା। କାହିଁକି କେଜାଣି ସେ କହି ପକେଇଲା; ଭାଇ, ତମେ ଟିକେ ଅପେକ୍ଷା କର। ମୁଁ ଏଇ ବାହାରି ଆସୁଚି। ଶୁଭଦା ତରତରରେ ବାହାରି ଯାଉ ଯାଉ କଣ ହେଲା କେଜାଣି ପାଦ ଅଟକିଗଲା। ଇଚ୍ଛା ହେଲା କହିବ; ନାଁ ଥାଉ, ମୁଁ ଯିବିନି। କିନ୍ତୁ ଦେଖ ଆଶ୍ଚର୍ଯ୍ୟ ଏମିତି ଭାବୁ ଭାବୁ ହିଁ , ସେ ଶାଢୀ ପିନ୍ଧି ପକେଇଲା, ପାଉଡର ଲଗେଇ ପକେଇଲା, ଓଠରେ ଲାଇଟ୍‌ରେ ଲିପ୍‌ଷ୍ଟିକ୍ ଲଗେଇ, ଧୀରେ ଧୀରେ ପାହାଚ ସବୁ ଅତିକ୍ରମ କରି ତଳକୁ ଓହ୍ଲେଇ ଆସିଲା।" ( ସୁଖର ମୁହାଁ ମୁହିଁ- ପୃ- ୧୨- ୧୩) ଏହିପରି ଅବଚେତନ ମନର ଗଭୀରତା ସହିତ ଚେତନ ଏବଂ ଅବଚେତନ ମନ ମଧ୍ୟରେ ଥିବା ସଂଘର୍ଷ ପ୍ରତିଫଳିତ ହୋଇଛି 'ନିଦୁଆ କବାଟରେ ଖଡ୍ ଖଡ୍ ଶବ୍ଦ' ଗଳ୍ପରେ। ଏହି କୃତିର ନାମକରଣକୁ ବିଶ୍ଳେଷଣ କଲେ ନିଦୁଆ କବାଟ ଯଦି ମଣିଷର ଚେତନମନ ହେବ ତେବେ ଖଡ୍ ଖଡ୍ ଶବ୍ଦ ହେଉଛି ମଣିଷର ଅବଚେତନ ମନ। **ମାନବିକତାର** ମୃତ୍ୟୁ ସହିତ ଆଜି ପ୍ରତ୍ୟେକଟି ମଣିଷ କିପରି ନିଜ ସ୍ୱାର୍ଥକୁ ନେଇ ବ୍ୟସ୍ତ ଭଳି ପ୍ରସଙ୍ଗ ପ୍ରତିଫଳିତ ହୋଇଛି 'ନିରୁଦ୍ଦିଷ୍ଟ ଈଶ୍ୱର ଓ ସାତଜଣ ପାପୀଲୋକ' ଗଳ୍ପରେ। ଏତଦ୍ ବ୍ୟତୀତ ଗାଳ୍ପିକା ଏଥିରେ ନାରୀ ସ୍ୱାଭିମାନ, ସ୍ୱାବଲମ୍ବନଶୀଳତା ଆଦିକୁ କେନ୍ଦ୍ରକରି ସାଂସ୍କୃତିକ ନାରୀବାଦ ଭଳି ତତ୍ତ୍ୱର ସଫଳତାକୁ କେନ୍ଦ୍ରକରି ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ପୁରୁଷ ବିନା ନାରୀ ଅସ୍ତିତ୍ୱହୀନ ଭଳି ପ୍ରସଙ୍ଗକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ପ୍ରମାଣ କରିବା ପୁରୁଷ ସମାଜ ନିକଟରେ ସାଂସ୍କୃତିକ ନାରୀବାଦ ପ୍ରତି ଏକ ପ୍ରଶ୍ନବାଚୀ ହୋଇପାରେ। ମାତ୍ର ଗଳ୍ପର ପଂକ୍ତିକୁ ଅନୁଧ୍ୟାନ କଲେ ଗାଳ୍ପିକା ଏହାକୁ ପୂର୍ଣ୍ଣ ଭାବେ ସମର୍ଥନ କରିଥିବା ଭଳି ମନେ ହୁଏନା। "ସବୁ ଝିଅଙ୍କ କ୍ଷେତ୍ରରେ ଦେଖିବ ବନାନ ଭୁଲଟା ସ୍ୱାଭାବିକ୍। ଆଦିତ୍ୟ ଥରେ ମଞ୍ଜୁକୁ କହିଥିଲା, ଯୁକ୍ତି ଛଳରେ; ସ୍ତ୍ରୀ ଲୋକମାନଙ୍କ ଭିତରେ ଗୋଟେ ଅପୂର୍ଣ୍ଣତାବୋଧ ଥାଏ। ଯେତେ ଆତ୍ମବିଶ୍ୱାସୀ, ସ୍ୱୟଂ ସଂପୂର୍ଣ୍ଣା, ନିଜ ଗୋଡରେ ଠିଆ ହୋଇଥିବା ସ୍ତ୍ରୀ ଲୋକ ହୋଇଥାନ୍ତୁ ନା କାହିଁକି, ମନ ଭିତରେ ସେମାନଙ୍କର ଅପୂର୍ଣ୍ଣତାର ଭାବନା ରହିଯାଇଥାଏ। ଜାଣ ? ବାଇବେଲ୍‌ରେ ଅଛି, ଆଦାମ୍‌ର ଛାତିର ହାଡରୁ ଇଭ୍ ଗଢା। କେବଳ ଛାତିର ହାଡରୁ । ଅପୂର୍ଣ୍ଣତା ସ୍ତ୍ରୀ ଲୋକଙ୍କର ଅସ୍ଥି ମଜ୍ଜାଗତ, ଜନ୍ମ ଜନ୍ମ

ବ୍ୟାପୀ ସଂସ୍କାରଗତ। ସେଇ ଅପୂର୍ଣ୍ଣତା ହିଁ ସ୍ତ୍ରୀ ଲୋକଙ୍କ ଲେଖାରେ ଆଣିଦିଏ ବନାନ ଅଶୁଦ୍ଧି, ଦିସ୍ ଇଜ୍ ଫ୍ୟାକ୍ଟ। ଦିସ୍ ଇଜ୍ ସାଇନ୍ସ୍।" (ଅମୃତ ପ୍ରତୀକ୍ଷାରେ- ପୃ- ୧୦୧)

**ଅସ୍ତିତ୍ୱବାଦ :**

ନାରୀ ମନସ୍ତତ୍ତ୍ୱକୁ କେନ୍ଦ୍ରକରି ରଚିତ ଗାଳ୍ପିକାଙ୍କର 'ଆପଣା ଆପଣା ମଣିଷ ପାଇଁ' ଏକ ଭିନ୍ନ ସ୍ୱାଦର କୃତି। ଏଥିରେ ଗାଳ୍ପିକା ପ୍ରତିଟି ମଣିଷ ଭିତରର ଚେତନାକୁ ପରୀକ୍ଷା କରିବା ସହ, ଚେତନା ଗତ ସ୍ୱାଧୀନତା ଏବଂ ପରାଧୀନତା ଯେ ଏକ ମାନସିକ ଚିନ୍ତନ ତାହାକୁ ପ୍ରତିଫଳିତ କରିଛନ୍ତି। ଏଥିରେ ଗାଳ୍ପିକା ବିଭିନ୍ନ ସାମାଜିକ ଘଟଣାକୁ କେନ୍ଦ୍ରକରି ପରାସ୍ତ ହୋଇଯାଉଥିବା ମଣିଷ ଭିତରେ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀକୁ ଉନ୍ମୋଚିତ କରାଇବାର ଉଦ୍ୟମ କରିଛନ୍ତି। **ଏ ସୃଷ୍ଟିରେ** ସମସ୍ତେ କୌଣସି ନା କୌଣସି ସମୟରେ ନିଜ ଭିତରର ଜାନ୍ତବତାକୁ ଅସ୍ୱିକାର କରି ନ ପାରି ଏକ ଭିନ୍ନ ଉପାଦାନରେ ପରିଣତ ହୋଇଯାଆନ୍ତି। ଯାହାପାଇଁ ଅନେକ ସମୟରେ ପ୍ରଶ୍ଚାତ୍ତାପ ମଧ୍ୟ କରିବାକୁ ପଡିଥାଏ। ଗାଳ୍ପିକା 'ସ୍ୱପ୍ନ ପରାହତ' ଗଳ୍ପରେ ଏହିଭଳି ପ୍ରସଙ୍ଗକୁ ପ୍ରତିଫଳିତ କରିବା ସହ ନାରୀ ପୁରୁଷର ସମ୍ପର୍କ ଜୈବିକତା ଅପେକ୍ଷା ଆର୍ଥିକ ଉପାଦାନ ଦ୍ୱାରା କିପରି ଅଧିକ ପ୍ରଭାବିତ ତାହାକୁ ଚିତ୍ରଣ କରିଛନ୍ତି। ବିଶେଷକରି ନାରୀ ଯେତେବେଳେ ପରିବାରରେ ଆର୍ଥିକ ଦିଗରେ ଅଧିକ ସକ୍ଷମ ହୁଏ ଯାହାକୁ Bread Winner ମଧ୍ୟ କୁହାଯାଏ। ଏହା ପୁରୁଷ ଭିତରେ ଏକ ହୀନମାନ୍ୟତା ସୃଷ୍ଟି କରିଥାଏ। "କହିବ କିଏ ସେ ? ତୁମ୍ଭକୁ ଦେଖିଲେ ଜଣାପଡୁଛି। ପ୍ରତିମୁହୁର୍ତ୍ତରେ ତମେ ତମ ମନ ଭିତରେ ମୋ ପାଖରୁ ପଳାଇ ବୁଲୁଛ। ମୁଁ କଣ ନିଜେ ଅନୁଭବ କରିପାରୁନି, ଭାବୁଛ ?ସେ ଶାନ୍ତ ଗଳାରେ ଜବାବ ଦେଲେ। ସେ ଗଳାରେ ଉତ୍ତେଜନା ନଥିଲା। ଦୁଃଖଭିଜା ଅସହାୟ ସ୍ୱରରେ ସେ କହିଲେ; ମୋର ପ୍ରତି ମୁହୁର୍ତ୍ତରେ ମନେ ହେଉଛି, ଆମ ଦି, ଜଣଙ୍କୁ ଠିକ୍ ମାନିଲାନି। ତମେ ପ୍ରତି ମୁହୁର୍ତ୍ତରେ ତମର ଅସ୍ତିତ୍ୱ ବଡ କରି ଚାଲିଛ, ଆଉ ମୁଁ ତମ ତୁଳନାରେ ଛୋଟରୁ ଛୋଟ ହୋଇଯାଉଛି। ଜଣେନା କାହିଁକି ମୋର ଏ କଂପ୍ଲେକ୍ସ।" (ସୁଖର ମୁହାଁମୁହିଁ- ପୃ- ୬୧) **ଗାଳ୍ପିକାଙ୍କର** 'ଶୂନ୍ୟ ଇଲାକାର ଶୋକ' ଏକ ଭିନ୍ନ ସ୍ୱାଦର କୃତି। ଏଥିରେ ଗାଳ୍ପିକା ବ୍ୟକ୍ତି ଭିତରର ଅସହାୟତା ଏବଂ ନିଃସଂଗତାକୁ ପ୍ରତିଫଳିତ କରିବାକୁ ଉଦ୍ୟମ କରିଛନ୍ତି। **ଆଜି ଚାରିଆଡେ** ଖାଲି ସଟନ୍ ର ସାମ୍ରାଜ୍ୟ। ତାର ଅତ୍ୟାଚାରରେ ଅତିଷ୍ଠ ମଣିଷ ଶାନ୍ତିର ସନ୍ଧାନ ପାଇଁ ଅଣନିଶ୍ୱାସୀ ହୋଇ କେବଳ ଧାଇଁବାରେ ଲାଗିଛି। ହେଲେ କେଉଁଠି ହେଲେ ସଟନ୍‌ର ଅତ୍ୟାଚାରରୁ ମୁକ୍ତି ନାହିଁ। 'ଖୋଲା ଦରଜା' ଗଳ୍ପରେ ଏହିଭଳି ଏକ ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ମିଳେ।

ଏ ସବୁ ସତ୍ତ୍ୱେ ଗାଳ୍ପିକା ଏଥିରେ ସ୍ୱର୍ଗ ଓ ନର୍କର ପରିକଳ୍ପନା ଅପେକ୍ଷା ବାସ୍ତବ ଜୀବନକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି ଧରାପୃଷ୍ଠରେ ମଣିଷକୁ ମିଳୁଥିବା ପ୍ରତ୍ୟେକଟି ଅନୁଭୂତି ନିଆରା। ସୁଖ ଠାରୁ ଆରମ୍ଭକରି ଦୁଃଖ ପର୍ଯ୍ୟନ୍ତ ପ୍ରତ୍ୟେକଟି ଅନୁଭୂତିର ଏକ ସ୍ୱାଦ ଅଛି। ତେଣୁ ଏହି ପ୍ରତ୍ୟେକଟି ସ୍ୱାଦକୁ ମନଭରି ଉପଲବ୍ଧି କରିବାର ବାର୍ତ୍ତା ପ୍ରଦାନ କରିଛନ୍ତି ଗାଳ୍ପିକା। "ସେଇ ନର୍କ କୁଣ୍ଡରୁ ସର୍ଟନ୍ ମୁହଁ ଉଠେଇ ଚାହେଁ ଉପରକୁ, ସ୍ୱର୍ଗଚ୍ୟୁତମାନଙ୍କୁ ବିଦ୍ରୋହର ବାଣୀ ଶୁଣେଇ ମୁହଁମାଡି ପଡେ ପୁଣି। ଅର୍ଦ୍ଧଭୁତ ତରଳ ପଦାର୍ଥରେ ଭାସୁ ଭାସୁ, ତାର ବିକୃତ ମୁହଁ ଉଠେଇ ତାର ଲମ୍ୱା ଲମ୍ୱା ଆଙ୍ଗୁଠି ବଢେଇଦିଏ, କହେ; ଜୀବନ, ତାକୁ ଅନୁଭବି ଯା' ରେ ଅନୁଭବି ଯା'। ଦେଖ କ୍ଷୁଧା ଇଏ, ଅନୁଭବି ଯା'। ହସ ଇଏ, ଅନୁଭବି ଯା' ଏଇ ଯେ ପ୍ରେମ ଅନୁଭବି ଯା'। ଦେଖ ଯା ନାଁ କ୍ରୋଧ ଅନୁଭବି ଯା'। ଦୁଃଖ ଯାକୁ କହନ୍ତି ଅନୁଭବି ଯା'। ଏଇ ତ ପାପ ଅନୁଭବି ଯା'। ଦେଖ ମୁକ୍ତି ଇଏ ଅନୁଭବି ଯା' ଅନୁଭବି ଯା' ରେ ଅନୁଭବି ଯା'।" (ସୁଖର ମୁହାଁ ମୁହିଁ- ପୃ- ୧୧୪) **ବ୍ୟକ୍ତିର ଅସ୍ତିତ୍ୱକୁ** କେନ୍ଦ୍ରକରି ପ୍ରଶ୍ନବାଚୀ ସମେତ ମୃତ୍ୟୁକୁ କେନ୍ଦ୍ରକରି ଅବଚେତନ ମନ ମଧ୍ୟରେ ଲୁଚିରହିଥିବା ଭୟ ଏବଂ ଦୁଃଖକୁ ଗାଳ୍ପିକା ପ୍ରତିଫଳିତ କରିଛନ୍ତି 'ଅସ୍ତିତ୍ୱ' ଗଳ୍ପରେ। **ଦୂର ପାହାଡ** ସୁନ୍ଦର ଭଳି ପ୍ରତ୍ୟେକ ମଣିଷ ଅନ୍ୟର ଜୀବନକୁ ନିଜ ଠାରୁ ଅଧିକ ଆନନ୍ଦମୟ ମନେ କରିଥାଏ। ହେଲେ ନିକଟରୁ ଦେଖିଲେ ପ୍ରତ୍ୟେକଟି ମଣିଷ ଜୀବନରେ ରହିଥିବା କିଛି ନା କିଛି ଦୁଃଖ, ଅସହାୟତା ଏବଂ ନୈରାଶ୍ୟବୋଧକୁ ଦେଖିହୁଏ। 'କ୍ଲୋଜ୍‌ଅପ୍' ଗଳ୍ପରେ ଗାଳ୍ପିକା ଏହିଭଳି ଏକ ଚିନ୍ତାଧାରାକୁ ପ୍ରତିଫଳିତ କରିଛନ୍ତି। 'ବ୍ୟାରେଲ୍ ଉପରୁ ପ୍ରଜାପତିକୁ ଉଡେଇଦିଅ' ଗାଳ୍ପିକାଙ୍କର ଏକ ଭିନ୍ନ ସ୍ୱାଦର ସୃଷ୍ଟି। ଏଥିରେ ଗାଳ୍ପିକା ଦୁଇଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଥମତଃ ଜଣଙ୍କର ଦୁଃଖ ଏବଂ ଅସହାୟତା ଅନ୍ୟକୁ ଯେତେ ଦୁଃଖି କରେ ପ୍ରକୃତରେ ତାର ସୁଖ ସେତେ ସୁଖି କରିପାରିନଥାଏ। ଯାହାକୁ Envious ମଧ୍ୟ କୁହାଯାଏ। ମନସ୍ତତ୍ତ୍ୱ ଦିଗରୁ ବିଚାରକଲେ ଏହା ପଛର କାରଣ ହେଉଛି ପ୍ରତ୍ୟେକଟି ବ୍ୟକ୍ତିର ଅବଚେତନ ମନ ମଧ୍ୟରେ ଅନ୍ୟର ଅସହାୟତାକୁ କେନ୍ଦ୍ରକରି ଏକ ଆତ୍ମତୃପ୍ତି ଲୁଚି ରହିଥାଏ। ଦ୍ୱିତୀୟତଃ ସମୟ ଏବଂ ସୌଭାଗ୍ୟ ଦ୍ୱାରା ବ୍ୟକ୍ତିର ସରଳତାର ମୃତ୍ୟୁ ଘଟିଥାଏ। ମାତ୍ର ଟିକେ ଗଭୀରତାର ସହ ଅନୁଧ୍ୟାନକଲେ ଜଣାଯିବ ଯେ, ଯେଉଁ ବ୍ୟକ୍ତି ପାଖରେ ଅନ୍ୟ ବ୍ୟକ୍ତି ସମୟ ଏବଂ ସୌଭାଗ୍ୟର ପରିବର୍ତ୍ତନ ସତ୍ତ୍ୱେ ସରଳତାକୁ କେନ୍ଦ୍ରକରି ଅପରିବର୍ତ୍ତନକୁ ଆଶାକରେ। ତା ଭିତରେ କେଉଁଠି ନା କେଉଁଠି ଏକ ଅସହିଷ୍ଣୁ ମନଭାବ ଲୁଚି ରହିଥାଏ। ଯିଏ ଦାରିଦ୍ର ଏବଂ ଅସହାୟତାକୁ ସରଳତା ଏବଂ ପ୍ରାଚୁର୍ଯ୍ୟକୁ ଅହଂକାର ମନେକରେ। ଏତଦ୍ ବ୍ୟତୀତ

ଗାଳ୍ପିକା ପୁରୁଷ ବିନା ନାରୀର ସାମାଜିକ ସ୍ଥିତି କେତେ ମୂଲ୍ୟହୀନ ଭଳି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । "ସାନଭାଇ ସାଇକେଲରେ ଷ୍ଟାଣ୍ଡ ଦଉଦଉ ପଚାରିଲା; ତାଙ୍କ ହଜବ୍ୟାଣ୍ଡଙ୍କ ନାଁ କଣଟି ? ହଜ୍‌ବ୍ୟାଣ୍ଡଙ୍କ ନାଁ ତ ଜାଣିନି; ବାପାଙ୍କ ନାଁ ? ଅପ୍ରସ୍ତୁତ ହୋଇଗଲା ଲୋପା । ସାନଭାଇର ବିରକ୍ତିକୁ ଟିକିଏ ଡରିଗଲା ପ୍ରଥମ ଥର ପାଇଁ । କହିଲା; ବାପାଙ୍କ ନାଁ ବି ଜାଣିନି । ସାନଭାଇ ବିରକ୍ତ ହବାକୁ ଯାଇ ହସି ପକେଇଲା; ଭଲ ତମେ ଭଲ ତମର ସାଙ୍ଗ । ସ୍ୱାମୀକି ବାପାଙ୍କ ନାଁ ନ ଜାଣି, କୌଣସି ସହରରେ କୌଣସି ସ୍ତ୍ରୀ ଲୋକର ଘର ଖୋଜିହୁଏ ?" ( ଅମୃତ ପ୍ରତୀକ୍ଷାରେଏ- ପୃ- ୧୨୨ ) **ଜୀବନର** ପ୍ରତ୍ୟେକଟି ସ୍ତରରେ ବ୍ୟକ୍ତିକୁ ନିଜର ଅସ୍ତିତ୍ୱପାଇଁ ଲଢିବାକୁ ପଡିଥାଏ । ଏହା ସତ୍ତ୍ୱେ ବ୍ୟକ୍ତି ଅନେକ କ୍ଷେତ୍ରରେ ଅବହେଳିତ ହୋଇ ରହିଯାଏ । ଏହି ଅବହେଳିତ ମଣିଷ ଭିତରେ ଏହାକୁ କେନ୍ଦ୍ରକରି ଅନେକ ଅସହାୟତା ଏବଂ ବିକୃତି ମଧ୍ୟ ଦେଖାଦେଇଥାଏ । ଏଥି ମଧ୍ୟରୁ ଶୃଙ୍ଗାର ଜନିତ ସ୍ୱପ୍ନ ଏବଂ ସେହି ସ୍ୱପ୍ନ ମଧ୍ୟରେ ସଂପୂର୍ଣ୍ଣ ପରିତୃପ୍ତିର ଅନୁଭବ । ଯାହାକୁ ଅବଶ୍ୟ ମନସ୍ତତ୍ତ୍ୱବିତ୍ Post-traumatic stress ଅଥବା Obsessive-compulsive disorder ବିକୃତିର ନାମ ଦେଇଛନ୍ତି । ଏହି ପ୍ରସଙ୍ଗକୁ ଗାଳ୍ପିକା 'ଛି' ଗଳ୍ପରେ ପ୍ରତିଫଳିତ କରିଛନ୍ତି । ସାଧାରଣତଃ ନିଜକୁ ସଂପୂର୍ଣ୍ଣ ରୂପେ ଅନ୍ୟପାଇଁ ଉତ୍ସର୍ଗୀକୃତ କରିଦେଇଥିବା ମଣିଷ ଯେତେବେଳେ ପ୍ରତିଦାନରେ ଉପେକ୍ଷା ପାଇଥାଏ । ସେତେବେଳେ ସେ ଆତ୍ମ ସଚେତନ ହୋଇଯିବା ସହ ନିଜ ଅସ୍ତିତ୍ୱର ସନ୍ଧାନରେ ବାହାରି ଯାଇଥାଏ । "ଦିନେ ଝିଅକୁ ସେ ପାଖକୁ ଡାକିଲା ଓ କହିଲା, ତୋର ମୋ ସମ୍ପର୍କରେ ଯାହା ଅଭିଯୋଗ ଅଛି, ସିଧାସଳଖ କହିପକା । ତୋର ଏ ପ୍ରକାର ବ୍ୟବହାର ମୋର ଆଉ ବରଦାସ୍ତ ହେଉନାହିଁ । କିନ୍ତୁ ମନେରଖ, ତୋ ଜୀବନ ତୋର ଓ ମୋ ଜୀବନ ମୋର । ମୁଁ ତୋ ଜୀବନରେ ଦଖଲ ଦେବି ନାହିଁ କି ତୁ ମୋ ଜୀବନରେ ।" (ଦୁଃଖ ଅପ୍ରମିତ- ପୃ- ୩୧ ) ଏହାର ଫଳ ସ୍ୱରୂପ ସେ ଚେତନ ମନରେ ଚାହୁଁଥିବା ଗୁରୁତ୍ୱ, ସ୍ନେହ ଏବଂ ପ୍ରେମ ଆଦିକୁ ଅବଚେତନ ମନ ମାଧ୍ୟମରେ ପୂରଣ କରିପାରିଥାଏ । ଏହି କ୍ରମରେ ସ୍ୱପ୍ନ ହୁଏ ଏକ ବଳିଷ୍ଠ ମାଧ୍ୟମ ଯାହା ସ୍ୱପ୍ନ ଅପେକ୍ଷା ଅଧିକ ବାସ୍ତବ ମନେହୁଏ । ଏହାକୁ Lucid Dream ମଧ୍ୟ କୁହାଯାଏ । ଏହିଭଳି ପ୍ରସଙ୍ଗର କିଛି ଦୃଷ୍ଟାନ୍ତ ଉକ୍ତ କୃତିରେ ଦେଖିବାକୁ ମିଳେ । "କେତେଥର ଭାବୁଥିଲା, ସେ କହିଦବ ସବୁ କଥା କହିଦବ । କିନ୍ତୁ କେମିତି କହିବ, କେଉଁଠୁ ଆରମ୍ଭ କରିବ, ସେ ବୁଝିପାରୁନଥିଲା । କହିବ କି, ରାତି ହେଲେ ମନ ଅଧୀର ହୋଇଉଠେ, ଛନ୍ ଛନ୍ ଲାଗେ । ସମସ୍ତେ ଶୋଇପଡିଲେ, ରାତିର ଗଭୀରତାରେ ସେ ପାଦ ଚିପିଚିପି ଆସେ । ତା ଦେହର ବାସ୍ନା ପାରିଜାତକୁ ସମ୍ମୋହିତ କରେ । ମହମହ କରି ଉଠୁଥାଏ ଘର । ପାଖରେ ଆସି ଛିଡାହୁଏ ଖଟପାଖରେ ଆଣ୍ଠେଇପଡି ଓଠରେ ଆଦରକରେ । ନିଶାଗ୍ରସ୍ତ ଭାବରେ ମୁହଁ, ହାତ, ପାଦ ସମଗ୍ର ଶରୀର ସମର୍ପିଦିଏ ପାରିଜାତ ତା ପାଖରେ । ଲୀଳାୟିତ ଭଙ୍ଗୀରେ ବିସ୍ତାରି ଯାଉଥାଏ ତା ଦେହ । କାନ୍ଥ ଘଣ୍ଟାର ତାଳ ସଙ୍ଗେ ତାଳ ମିଶେ । ସୁଖରୁ ସୁଖାତୀତ ସ୍ତରକୁ ଚାଲିଯାଉଥାଏ ଦେହ ଓ ମନ । ଏତେ ଦିନର ବୈବାହିକ ଜୀବନରେ ତା ମିଳନ, ଯେଉଁ ସୁଖ ସେ ପାଏ ତା ପାଖରୁ । ଲାଗେ ସେ ଆସିନଥିଲେ ଜୀବନଟା ବ୍ୟର୍ଥ ଯାଇଥାନ୍ତା ଯିବା ଆଗରୁ ଓଠରେ ଓଠ ଚାପି ଧରେ, ଜିଭକୁ ଠେଲିଦିଏ ମୁଖ ଗହ୍ୱରକୁ , ପତଳା ଓଠରୁ କିଛି ଶୋଷିନିଏ । ଏମିତି ଏମିତିରେ ରାତି ପାହିଯାଏ, ଜଣା ପଡେନି କିଛି ।" (ଦୁଖ ଅପ୍ରମିତ- ପୃ- ୨୮ ) ଯେଉଁ ଯୌବନ ବ୍ୟକ୍ତିର ଗର୍ବ ସେ ପୁଣି ବ୍ୟକ୍ତିର ଅସହାୟତାର କାରଣ ହୋଇଯାଏ । ଯଦି ଯୌବନ ବାର୍ଦ୍ଧକ୍ୟକୁ ଗ୍ରାସକରେ । ସାଧାରଣତଃ ବାର୍ଦ୍ଧକ୍ୟ ଯୌବନକୁ ଗ୍ରାସ କରିଥାଏ ଏବଂ ଏହା ସମାଜ ଓ ବ୍ୟକ୍ତି ପ୍ରତ୍ୟେକଙ୍କ ପାଖରେ ଏକ ସାଧାରଣ ପ୍ରସଙ୍ଗ । ମାତ୍ର ବେଳେ ବେଳେ ବାର୍ଦ୍ଧକ୍ୟ ଯୌବନ ପାଖରେ ହାର୍ ମାନିଥାଏ । ଯାହା ପ୍ରତ୍ୟେକଙ୍କ ପାଇଁ ଅସ୍ୱାଭାବିକରେ ପରିଣତ ହୋଇଯାଏ । ଅବଶ୍ୟ ଟିକେ ଗଭୀରତାକୁ ପ୍ରବେଶକରି ଦେଖିଲେ ଯୌବନ ପ୍ରତି ପ୍ରତ୍ୟେକଟି ବ୍ୟକ୍ତିର କାମନା ବ୍ୟକ୍ତି ମନରେ ଏହି ଅସ୍ୱାଭାବିକତାକୁ ସୃଷ୍ଟି କରିଥାଏ । ଅବଶ୍ୟ ବାର୍ଦ୍ଧକ୍ୟ ଏବଂ ଯୌବନ ଏହି ଦୁଇଟି ଅବସ୍ଥା ପାଇଁ ପ୍ରକୃତି ହିଁ ଦାୟୀ ଯାହା ପଛରେ ବ୍ୟକ୍ତିର କୌଣସି ହାତ ନଥାଏ । ମାତ୍ର ବାର୍ଦ୍ଧକ୍ୟକୁ ନେଇ ସମ୍ବେଦନା ଏବଂ ଯୌବନକୁ କେନ୍ଦ୍ରକରି ଈର୍ଷା ହେଉଛି ବ୍ୟକ୍ତିର ଅସ୍ଥିମଜ୍ଜାଗତ ପ୍ରବୃତ୍ତି । ତେଣୁ ବାର୍ଦ୍ଧକ୍ୟରେ ପ୍ରବେଶକରି ମଧ୍ୟ ସୌନ୍ଦର୍ଯ୍ୟକୁ ଅବ୍ୟାହତ ରଖିଥିବା ସହ ରଜସ୍ୱଳା ହେଉଥିବା ବୃଦ୍ଧାଙ୍କ ପ୍ରତି ଯୁବତୀ ମନର ଈର୍ଷା ଏବଂ ଏହାକୁ କେନ୍ଦ୍ରକରି ବୃଦ୍ଧାଙ୍କର ଅସହାୟତା ଭଳି ସାମାଜିକ ସମସ୍ୟାକୁ ଗାଳ୍ପିକା ଚିତ୍ରିତ କରିଛନ୍ତି ଅପରାହ୍ନ ଗଳ୍ପରେ । ପ୍ରକୃତରେ ସବୁକିଛି ଯେ ସମୟରେ ଘଟିବ ତାର କିଛି ମାନେ ନଥାଏ । ଅନେକ ବୈଜ୍ଞାନିକ କାରଣ ଯେପରି ଆନୁବଂଶିକ ହେତୁ ଅନେକଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଏ । ଯେଉଁ ବ୍ୟତିକ୍ରମ ସମ୍ବେଦନା ଯୋଗ୍ୟ । ଶିକ୍ଷିତ ସମାଜରେ ଅଶିକ୍ଷା ମନୋଭାବ ହେତୁ ଏହି ସମ୍ବେଦନା ଅତ୍ୟାଚାରରେ ପରିଣତ ହୋଇଯାଏ ।

## ମନବିଜ୍ଞାନ :

ଗାଳ୍ପିକା ଜଣେ ନାରୀ ଭାବେ ନାରୀର ମନକୁ ବୁଝିବାରେ ଯେପରି ପାରଙ୍ଗମ ସେହିପରି ପୁରୁଷ ଠାରୁ ଆରମ୍ଭକରି ଶିଶୁ ପର୍ଯ୍ୟନ୍ତ ସମସ୍ତଙ୍କ ମନକୁ ସେ ଗଭୀରଭାବେ ବିଶ୍ଳେଷଣ କରିଛନ୍ତି ।

Depersonalization- derealisation disorder ହେଉଛି ଏକ ମାନସିକ ବିକୃତି। ଯେଉଁଥିରେ ବ୍ୟକ୍ତି ନିଜ ଶରୀର, ଭାବନା ଏବଂ ପରିବେଶରୁ ନିଜକୁ ବିଚ୍ଛିନ୍ନ ଅନୁଭବ କରେ। ଉପସ୍ଥିତ ଥାଇ ମଧ୍ୟ ନିଜକୁ ନିରୁଦ୍ଦିଷ୍ଟ ମନେକରେ। ଏହା ପଛରେ ଅବଶ୍ୟ ଅନେକ ସାମାଜିକ କାରଣ ଦାୟି ରହିଥାଏ। ବ୍ୟକ୍ତି ଭିତରର ଏହିଭଳି ଏକ ଅସହାୟତାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ଦର୍ପଣରେ ଅଚିହ୍ନା ମୁହଁ' ଗଳ୍ପରେ। "ଏଥର ଅଇନାଟାକୁ କାନ୍ଥରୁ ଆଣି ହାତରେ ଧରେ, କହେ; ତମକୁ କୋଉଠି ଦେଖିଲା ପରି ମନେ ହଉଚି ? କେଉଁଠିତ ମନେ ପଡୁନି। ପ୍ରଶ୍ନର ଉତ୍ତର ଫେରିଆସେ ନାଁ। କାନ୍ଥରେ ଟାଙ୍ଗିଦିଏ ଦର୍ପଣଟାକୁ ପିଲାଟା ତା ପାଖରୁ ଟିକେ ଦୂରେଇ ଛିଡାହୁଏ। ମାଇକେଲ ପଚାରେ; ତମେ ମତେ ଚିହ୍ନିଚ ? ଦେଖ କି ଆଶ୍ଚର୍ଯ୍ୟ, ମୁଁ ଅଛି, ଅଥଚ ମୁଁ ନିରୁଦ୍ଦିଷ୍ଟ ହୋଇଯାଇଚି ବୋଲି ସମସ୍ତେ କେମିତି ଭାବୁଛନ୍ତି। ତମେ ମତେ ଚିହ୍ନିଚ ? ଥରେ ହେଲେ କୁହ ଚିହ୍ନିଚ ବୋଲି। ଉତ୍ତର ଫେରିଆସେ ନାଁ। ମାଇକେଲ ହସିଦିଏ। କାନ୍ଥର ମଣିଷ ହସିଦିଏ। ମାଇକେଲ କୁହେ, ଥରେ କୁହ ମତେ ଚିହ୍ନିଚ ବୋଲି। ଉତ୍ତର ଫେରେ ନାଁ ମାଇକେଲ ଛାତିରେ ଶୋକର ଲହଡି ଭାଙ୍ଗେ କାନ୍ଥ ପାଖରୁ ଫେରିଆସି ବିଛଣାକୁ ଯାଏ ମାଇକେଲ, କାନ୍ଥ ପଟକୁ ଚାହିଁ ଭାବେ, ମାଇକେଲର ମୁହଁଟା କେମିତି ଥିଲା, କେମିତି ଥିଲା ସତରେ।" (ସୁଖର ମୁହାଁ ମୁହିଁ- ପୃ- ୮୨) ଫ୍ରଏଡୀୟ ମନସ୍ତତ୍ତ୍ୱ ଦୃଷ୍ଟିରୁ ଗାଳ୍ପିକଙ୍କର 'ସୁଖର ମୁହାଁମୁହିଁ' ଗଳ୍ପଟି ବେଶ୍ ଉଲ୍ଲେଖଯୋଗ୍ୟ। ଫ୍ରଏଡ Psycho Sexual Stages of Development ରେ ବିକାଶର ଯେଉଁ ପାଞ୍ଚଟି ଚରଣ ସଂପର୍କରେ ବର୍ଣ୍ଣନା କରିଛନ୍ତି। ତନ୍ମଧ୍ୟରୁ ପଞ୍ଚମ ଚରଣ Genital Stage ଏବଂ ଏହି ସମୟରେ କିଶୋର ମଧ୍ୟରେ ଆସିଥିବା ଅନେକ ପରିବର୍ତ୍ତନ ସଂପର୍କରେ ଗାଳ୍ପିକା ଚିତ୍ରଣ କରିଛନ୍ତି। ଏଥିରେ ଗାଳ୍ପିକ ପୁରୁଷକୁ କେନ୍ଦ୍ରକରି Gerontophilia ଏବଂ ନାରୀକୁ କେନ୍ଦ୍ରକରି cougar ଭଳି ପ୍ରସଙ୍ଗକୁ ମଧ୍ୟ କିଛି ମାତ୍ରାରେ ଗୁରୁତ୍ୱ ଦେଇଛନ୍ତି। ଉକ୍ତ କୃତିଟି ମନସ୍ତତ୍ତ୍ୱବିତ୍ ଏରିକ୍- ଏରିକ୍ସନ୍‌ଙ୍କର ଚିନ୍ତନ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏରିକ୍ସନ୍‌ଙ୍କର ମତରେ ଗୋଟିଏ ସ୍ତରର ବିକାଶଗତ ତୃଟି ପରବର୍ତ୍ତୀ ସ୍ତରକୁ ପ୍ରଭାବିତ କରିଥାଏ। ଯାହା ଉକ୍ତ କୃତିର ଚରିତ୍ର ଚନ୍ଦନ କ୍ଷେତ୍ରରେ ଲକ୍ଷଣୀୟ। ଅବଶ୍ୟ ଏରିକ୍ସନ୍ ଏହାକୁ ସାମାଜିକ ସ୍ତରରେ ସୀମିତ କରିଥିବା ବେଳେ ଫ୍ରଏଡ ଏହାକୁ ଜୈବିକ ସ୍ତରରେ ପ୍ରତିଫଳିତ କରିଛନ୍ତି। ଫ୍ରଏଡ ତାଙ୍କର Sexual Stages ର ତୃତୀୟ ଚରଣ ଯାହାକୁ Phalic Stage କୁହାଯାଏ। ଏଥିରେ ପ୍ରଦତ୍ତ ଦୁଇଟି ଚେତନା ଯଥା – Oedipus Complex ଏବଂ Electra Complex ରେ ଶିଶୁପୁତ୍ରକୁ ମା ଏବଂ ଶିଶୁକନ୍ୟାକୁ ବାପା ସହିତ ଶୃଙ୍ଗାର ଦୃଷ୍ଟିରୁ ଜଡିତ ହେବାକୁ କେନ୍ଦ୍ରକରି କିଛି ପ୍ରମାଣ ପ୍ରଦାନ କରିଥିଲେ। ଏଥିରେ ଗାଳ୍ପିକା Oedipus Complex ଯାହା ସାଧାରଣତଃ ଶିଶୁପୁତ୍ର ଏବଂ ମା ମଧ୍ୟର ସଂପର୍କକୁ କେନ୍ଦ୍ରକରି ପ୍ରଦତ୍ତ ତତ୍ତ୍ୱ। ଏହାର ଏକ ଭିନ୍ନ ସ୍ୱରୂପକୁ ପ୍ରତିଫଳିତ କରିଛନ୍ତି। ଶିଶୁକୁ କେନ୍ଦ୍ରକରି ଏହି ସ୍ତରର ଅପୂର୍ଣ୍ଣତା ଯାହାକୁ Un resolved Oedipus complex କୁହାଯାଏ। କିଶୋରକୁ ପରବର୍ତ୍ତୀ ସମୟରେ କିପରି ପ୍ରଭାବିତ କରେ ତାହାକୁ ଗାଳ୍ପିକା ଏଥିରେ ପ୍ରତିଫଳିତ କରିଛନ୍ତି। "ଚନ୍ଦନ ମନରେ ବି ସେଇ ପ୍ରଶ୍ନ ଥାଏ। ବେଳେବେଳେ ତାର ଭୀଷଣ ରାଗ ହୁଏ ସେମାନଙ୍କ ଉପରେ। ତାର ମନେହୁଏ ମମି ତାକୁ ଜମା ଭଲ ପାଆନ୍ତିନି। ଅଥଚ କେତେ ଶୀଘ୍ର ବଦଳିଯାଏ ତାର ଏ ଧାରଣାଟା। ସକାଳ ହେଲେ। ମମି ଯେତେବେଳେ ପାଣିଟବ୍ ପାଖକୁ ଟାଣିଆଣି ଓଦା କରି ପକାନ୍ତି, ତାର ମୁଣ୍ଡ କୁଣ୍ଢେଇ ବାକ୍ସ ଧରେଇ ଦିଅନ୍ତି, ସ୍କୁଲ ଯିବାପାଇଁ , ଚନ୍ଦନ ଭାବେ ସତରେ ମୋ ମମିଠୁ କେହି ଭଲ ମମି ନାହାଁ । ଆଉ ସବୁ ସମୟରେ କିନ୍ତୁ ସନ୍ଧ୍ୟାଟା ଅସହ୍ୟ ହୋଇଉଠେ ଚନ୍ଦନ ପାଇଁ, XXXX ଚନ୍ଦନ ଆଉଜି ପଡିଲା ସୀମାନି ଉପରେ। ସୀମାନିର ଛାତି ଉପରେ ମୁହଁଟା ତାର ଘଷି ହୋଇଗଲା। ହଠାତ୍ ଚନ୍ଦନ ଦେହରେ ଗୋଟେ କରେଣ୍ଟ ଖେଳିଗଲା, ପ୍ରତି ସନ୍ଧ୍ୟାର କରେଣ୍ଟ୍। ଚମକି ପଡି ଅଲଗାହୋଇ ବସି ପଡିଲା ସେ। ଜୋର୍‌କରି ସୀମାନିକୁ ହଲେଇ ଦେଇ ମୁହଁ ଉପରୁ ହାତ ଖସେଇ ଦେଲା ଚନ୍ଦନ। ସୀମାନି ତାକୁ ବଡ ବଡ ଆଖିକରି ଚାହିଁଲା ; କଣ ହେଲା ? ସୀମାନି ତମ ଦେହରେ ଗୋଟେ ଚିହ୍ନା ଚିହ୍ନା ଗନ୍ଧ।

କଣ କହୁଚୁ ତୁ ?

ହଁ ସୀମାନି, ତମ ଦେହରେ ନା ଗୋଟେ ଚିହ୍ନା ଚିହ୍ନା ଗନ୍ଧ। ତମ ଦେହରେ ନା, ମୁଁ ମୋର ପାଞ୍ଚବର୍ଷ ବୟସରୁ ହଜେଇ ଦେଇଥିବା ମମି- କୋଳର ଗନ୍ଧ। ଏ ସୀମାନି ! ତମ ଦେହପରି କଣ ସବୁ ଝିଅଙ୍କ ଦେହରେ ଗୋଟେ ଗନ୍ଧ ଅଛି ? ଏ ଦେହର ଗନ୍ଧ ବୋହିଥିବା ସବୁ ଝିଅମାନେ ମୋ ମମି ? ଚନ୍ଦନ ହଲେଇ ପକେଇଲା। ସୀମାନିକୁ ! ଉମି, ମମି, ମମି, ଏ ମୋ ମମି !" ( ସୁଖର ମୁହାଁମୁହିଁ- ପୃ- ୯୩-୧୦୪) **ଶିଶୁ ମନସ୍ତତ୍ତ୍ୱକୁ** କେନ୍ଦ୍ରକରି ରଚିତ 'ଅପହଞ୍ଚ' ଗାଳ୍ପିକାଙ୍କର ଏକ ଭିନ୍ନ ସ୍ୱାଦର କୃତି। ସାଧାରଣତଃ ଶିଶୁର ମାନସିକ ବିକାଶ କେତୋଟି ପର୍ଯ୍ୟାୟ ଦେଇ ହୋଇଥାଏ। ଏହାକୁ ବିଭିନ୍ନ ମନସ୍ତତ୍ତ୍ୱବିତ୍ ବିଭିନ୍ନ ପର୍ଯ୍ୟାୟରେ ଭାଗ କରିଛନ୍ତି। ସାଧାରଣତଃ ଗୋଟିଏ ପର୍ଯ୍ୟାୟରେ ଘଟିଥିବା ତୃଟି ଶିଶୁ ମଧ୍ୟରେ ଏତେ ପ୍ରଭାବ ସୃଷ୍ଟି କରେ ଯେ, ପରବର୍ତ୍ତୀ ସ୍ତରରେ ତାର ବିକାଶ ଉତ୍ତମ ରୂପରେ ହୋଇପାରି ନଥାଏ। ଯେପରି ଏରିକ୍ ଏରିକ୍ସନ୍ ତାଙ୍କର Psycho social stages of

development ତତ୍ତ୍ୱରେ Trust vs Mistrust ମାଧ୍ୟମରେ ଦର୍ଶାଇଛନ୍ତି। ଏରିକ୍‌ସନ୍ ମଣିଷର ବିକାଶକୁ ସମୁଦାୟ ୮ ଭାଗରେ ବିଭକ୍ତ କରିଛନ୍ତି। ଏହି ସ୍ତର ମଧ୍ୟରୁ ଶିଶୁକୁ କେନ୍ଦ୍ରକରି ଏରିକ୍‌ସନ୍ ପ୍ରଦାନ କରିଥିବା ତତ୍ତ୍ୱଯାହାକୁ Initiative Vs Guilt ଅଥବା Later Childhood କୁହାଯାଏ। ଯାହା ସାଧାରଣତଃ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଯାହାକୁ Play age ଅଥବା ପାରିପାର୍ଶ୍ୱିକ ସମାଜ ଏବଂ ପରିବେଶ(Explore Surrounding) କୁ ଅନୁଧ୍ୟାନ କରିବାର ବୟସ ମଧ୍ୟ କୁହାଯାଏ। ଏହି ସ୍ତରରେ ଶିଶୁ ମଧ୍ୟରେ ଏକ ସକାରାତ୍ମକ ବିକାଶ ଶିଶୁକୁ ଆଗକୁ ବଢିବାରେ ସାହାଯ୍ୟ କରିଥାଏ। ଏହି ବୟସରେ ଶିଶୁ ନିଜ ଇଚ୍ଛାର ପୋଷାକ, ଖାଦ୍ୟ, ବନ୍ଧୁ ଆଦିଙ୍କୁ ଖୋଜିଥାଏ, ଯଦି ଏ ଭଳି ସ୍ୱାଧୀନତା ଯେପରି ମାଟିରେ ଖେଳିବା, ପ୍ରକୃତିକୁ ଅନୁଭବ କରିବା ଆଦି ଶିଶୁକୁ ମିଳେ ତେବେ ତାର ଏକ ସକାରାତ୍ମକ ବିକାଶଘଟେ ଯାହାକୁ Initiative କୁହାଯାଏ। ହେଲେ ଯଦି ଏକ ନକାରାତ୍ମକ ବିକାଶ ଘଟେ ତେବେ ଶିଶୁ ଭିତରେ ମାନସିକ ବିକୃତି, ହୀନଭାବ, ଦୁର୍ବଳତା ଏବଂ ଲଜ୍ୟା ଭଳି ଭାବନାର ସୃଷ୍ଟି ହୋଇଥାଏ। ଯାହାକୁ ଏରିକ୍‌ସନ୍ Guilt ନାମ ଦେଇଥିଲେ। ସାଂପ୍ରତିକ ଶିଶୁ ମନବିଜ୍ଞାନୀ ଏହକୁ Play deprivation ମଧ୍ୟ କହିଥାଆନ୍ତି। ଶିଶୁ କ୍ଷେତ୍ରରେ ଏହିଭଳି ସ୍ୱାଧୀନତାର ଅଭାବ ଦ୍ୱାରା ଶିଶୁ ମାନସିକ ସ୍ତରରେ କିପରି ପ୍ରଭାବିତ ହୁଏ ତାହାକୁ ଗାଳ୍ପିକା ଉକ୍ତ କୃତିରେ ବେଶ୍ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି। “ପରେ ଶୁଣିଲି ଡଗ୍‌ଲି ଏଇ କିଛିଦିନ ଧରି ଗୋଟେ ଅଜବ୍ ଖେଳ ଖେଳୁଥିଲା। ଅଜବ୍ ନୁହେଁବରଂ ଦୁଃଖଦ କୁହାଯାଇପାରେ। ଡଗ୍‌ଲି କିଛି ଦିନ ଧରି ତା ଛେପ ସଙ୍ଗେ ଖେଳୁଥିଲା। ପଡିଆରେ ପିଲାମାନେ ଖେଳିଲାବେଳେ ସେ ଝରକା ପାଖରେ ଛିଡାହୋଇ ରହୁଥିଲା। ସେଇ ଛିଡା ହେବା ଭିତରେ ସୁଯୋଗ ଦେଖି, ଲକ୍ଷ୍ୟକରି ପିଲାଙ୍କ ଉପରକୁ ଛେପ ଫିଙ୍ଗି ଭିତରକୁ ଦୌଡି ପଳେଉଥିଲା। ପିଲାଗୁଡା ଏକଜୁଟ୍ ହୋଇ ଯାଉଥିଲେ। ଫାଙ୍କା ଝରକାକୁ ଚାହିଁ ଗୁରୁଗୁରୁ ହେଉଥିଲେ ଓ ପୁଣି ଖେଳରେ ମଜି ଯାଉଥିଲେ ଢଢଢଢ – ସେ ଟିକେ ରହିଯାଇ କହିଲା- ମୁଁ ତ ଏକା ଖେଳୁଚି ଆଣ୍ଟି।

- ଏକା ?
- ହଁ, ଜାଣନାଁ ଆଣ୍ଟି ନୂଆ ଆଇଡିଆ। କହିଲା ବେଳେ ତାର ଆଖି ଦିଟା। ବଡ ହୋଇ ଯାଇଥିଲା।
- ନୂଆ ଆଇଡିଆ ?
- ମୁଁ ଦି ଜଣ ମଣିଷ ହୋଇ ଯାଇଚି। ଡାହାଣ ହାତଟା ମୁଁ ନିଜେ ଆଉ ବାଁ ହାତଟା ମୋ କମ୍ପିଟାଣ୍ଟ।



ଡଗ୍‌ଲି କଥାରେ, ମୋର ମନେହେଲା, ମୁଁ ଯେମିତି ବିଷର୍ଣ୍ଣତାକୁ ପିଇଗଲି, ହଁ ବିଷର୍ଣ୍ଣତାକୁ ପିଇଗଲି।

ତୋର ଅସୁବିଧା ହଉଚି ନାଁରେ ଡଗ୍‌ଲି। ଏତେଦିନ ପରେ ପ୍ରଥମଥର ପାଇଁ ମୁଁ ତା ପାଖରେ ଗୋଟେ ନୀରବ ହସ ଦେଖିଥିଲି। ଏଇ ହସଟା ହିଁ ତାକୁ କରୁଣ କରିଦେଲା। ଚାବିଦିଆ କଣ୍ଢେଇଟିଏ ସ୍ଥିର ହୋଇଗଲା ଯେମିତି। ମୋର କାହିଁକି ମନେହେଲା ଡଗ୍‌ଲିର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଚି। ଅଥଚ ତାର ମମୀ ଆଦୌ ଚିନ୍ତିତ ନୁହଁନ୍ତି। ଡଗ୍‌ଲି ପାଇଁ ମୋ ଛାତି ଭିତରେ ଗୋଟେ ବ୍ୟାକୁଳତା ମୁଣ୍ଡ ଟେକିଲା। ଢଢଢଢ କଥା କଣ ଜାଣିବାପାଇଁ ମୁଁ ବି ଅନ୍ୟମାନଙ୍କ ପରି, ପଡିଆରେ ଗୋଟେ ପାଖକୁ ଦୌଡିଲି। ଦେଖିଲି, ସେ ପାଖରେ ଥିବା ଗହିରିଆ ଶୁଖିଲା କୁଣ୍ଡଟିରେ ହାମୁଡିପଡି କଲୋନୀଯାକର ପିଲା ଛେପ ପକେଇ ଚାଲିଛନ୍ତି, ଆଉ କୁଣ୍ଡଟି ଭିତରେ ଅତି ଅସହାୟ ଭାବେ ମୋଡି ହୋଇ ପଡିଥିଲା ଡଗଲିର ଦେହ।” ( ସୁଖର ମୁହାଁମୁହିଁ- ପୃ- ୧୨୮-୧୩୧ ) **ସାଧାରଣତଃ** ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ କେତୋଟି ସ୍ତର ମଧ୍ୟ ଦେଇ ହୋଇଥାଏ। ତେଣୁ ଗୋଟିଏ ସ୍ତରର ଅପୂର୍ଣ୍ଣତା ବ୍ୟକ୍ତିକୁ ପରବର୍ତ୍ତୀ ସ୍ତରରେ ପ୍ରଭାବିତ କରିଥାଏ। ଯଦି ପ୍ରତ୍ୟେକଟି ସ୍ତରରେ ଶିଶୁ ଏକ ସକାରାତ୍ମକ ସ୍ତର ଦେଇ ବଡ ହୁଏ ତେବେ ପରିପକ୍ୱ ହେବାପରେ ତା ଭିତରେ ଏକ ଉଚ୍ଚକୋଟିର ବ୍ୟକ୍ତିତ୍ୱର ବିକାଶ ଘଟେ। ମାତ୍ର ଶିଶୁ ବାଲ୍ୟକାଳରେ ଉପଯୁକ୍ତ ସ୍ୱାଧୀନତା ନ ପାଇ ଏକ ପ୍ରତିବନ୍ଧକ ଭିତରେ ବଡହୁଏ। ଏଭଳି ପରିସ୍ଥିତିରେ ସେ ମାନସିକ ଚାପଗ୍ରସ୍ଥ ହେବାସହ ଦୁର୍ବଳ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇଯାଏ। ଯେଉଁ ବ୍ୟକ୍ତିତ୍ୱକୁ ସେ ଶତଚେଷ୍ଟା ସତ୍ତ୍ୱେ ପରିବର୍ତ୍ତିତ କରିପାରିନଥାଏ। ଏହିଭଳି ଏକ ଚିନ୍ତାଧାରାକୁ ଗାଳ୍ପିକା ପ୍ରତିଫଳିତ କରିଛନ୍ତି ତାଙ୍କୁ ‘ତାର ଛାଇ ଭଳି ଲାଗେ’ ଗଳ୍ପରେ। ଏତଦ୍ ବ୍ୟତୀତ ଗାଳ୍ପିକା ଏଥିରେ ବ୍ୟକ୍ତିତ୍ୱର ସଂପର୍କ Genetics Psycho ବା ଆନୁବଂଶିକ ସହିତ ରହିଥିବା ଭଳି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। “ଏମିତି ଚେହେରାର ଲୋକ କଣ ଆଉ କେହି ନାଇଁ ଏ ପୃଥିବୀରେ ? କେବଳ ତାଙ୍କରି ବଂଶରେ ପୁରୁଷାନୁକ୍ରମିକ ଏଇ ଚେହେରା ? ଏମିତି ଚେହେରାଟେ ଥିଲା ତା ଜେଜେବାପାଙ୍କର, ବାପା ମାଁ‍ତ ପାଇବସେ। ତିନି ପୁରୁଷ ବ୍ୟାପି ଏଇ ଗୋଟେ ଚେହେରା ? ଜେଜେ ବାପାଙ୍କ ସମ୍ପର୍କରେ ସମୀରଣ କିଛି ଜାଣିନି, ତେବେ ବାପା ତାକୁ ଯେତେ ଆଯୋଗ୍ୟ ଭାବିଲେ ବି ସେ ଜାଣେ ବାପା ତାଙ୍କ ମାଟି ଉପରେ ସେମିତି କିଛି ପ୍ରତିଷ୍ଠିତ ହୋଇପାରିନାହାନ୍ତି। ବାପାଙ୍କ ସଂପର୍କରେ ଗୋଟେ କଥା ଶୁଣାଯାଏ କାଳେ ସେ ବିଦେଶୀ ଓ କ୍ୱଚିତ୍ ଦେଖା ଦେଇଥିବା ରୋଗଗୁଡା ଡାଇଗ୍ନୋସିସ୍ କରିପାରନ୍ତି କିନ୍ତୁ ସାଧାରଣ ରୋଗ ଗୁଡିକ ପାରନ୍ତିନି।

ଷ୍ଟୁଡେଣ୍ଟ ମାନେ କୁହନ୍ତି ଆସିଷ୍ଟାଣ୍ଟ ପ୍ରଫେସର ହିଁ ତାଙ୍କ ଡିପାଟମେଣ୍ଟକୁ ବଞ୍ଚେଇ ରଖିଛନ୍ତି। ବାପାଙ୍କୁ କେହି ଖାତିର କରନ୍ତିନି ନା ଷ୍ଟୁଡେଣ୍ଟ ନା ଷ୍ଟା‘୍।” (ଅମୃତ ପ୍ରତୀକ୍ଷାରେ- ପୃ- ୮୫) ଏତଦ୍ ବ୍ୟତୀତ ଉକ୍ତ କୃତିଟି ଫ୍ରଏଡୀୟ ମନସ୍ତତ୍ତ୍ୱ ଦୃଷ୍ଟିରୁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବାଲ୍ୟ କାଳରେ ଯଦି ଶିଶୁ ପୁତ୍ର ଅଧିକ ମାତ୍ରାରେ ମା ସହିତ ସଂପୃକ୍ତ ହୁଏ ତେବେ ତା ଭିତରେ ପୁରୁଷତ୍ୱ ଅପେକ୍ଷା ନାରୀତ୍ୱ ସୁଲଭ ଚେତନା ଅଧିକ ବିକଶିତ ହୁଏ। ଏହା ସଂପର୍କରେ ଫ୍ରଏଡ ତାଙ୍କର Psycho Sexual Stages of Development ତତ୍ତ୍ୱର ପଞ୍ଚମ ଚରଣ ଯଥା- Genital stage ରେ ଆଲୋଚନା କରିଛନ୍ତି। ମାତ୍ର ଏହି ଚେତନାର ଆରମ୍ଭ ଅତ୍ୟନ୍ତ ବାଲ୍ୟ କାଳରେ ହୋଇଥାଏ ଯାହା ସଂପର୍କରେ ‘୍ରଏଡ ତାଙ୍କର ତୃତୀୟ ଚରଣ Phallic Stage ରେ ଆଲୋଚନା କରିଛନ୍ତି। ଏହି ଚରଣରେ ମାତା ଓ ପୁତ୍ରର ସଂପର୍କକୁ ଶୃଙ୍ଗାର ଚେତନା ସହ ଜଡିତ କରି ଫ୍ରଏଡ Oedipus Complex ନାମ ଦେଇଥିଲେ। ଯାହା ସଂପର୍କରେ ଗାଳ୍ପିକା ଶ୍ରୀମତୀ ସାହୁ ମଧ୍ୟ ସୂଚନା ଦେଇଛନ୍ତି। “ଦିନେ ମା ଙ୍କ ଉପରେ ରାଗିଯାଇ ତନିମା କହିଥିଲା; ତମ ମା ମୋତେ ତମ ପାଖକୁ ନ ଛାଡିବାର ଅସଲ କାରଣ ହେଲା ସେ ଅତିମାତ୍ରାରେ ଅଡିପସ୍ କଂପ୍ଲେକ୍ସ ଗ୍ରସ୍ତା। କାଳେ ତାଙ୍କ ସ୍ନେହୀ ସୁଧାର ପିଲାଟି ସ୍ତ୍ରୀ ଖାପଚରେ ପଡି ମାକୁ ଭୁଲିଯିବ ଏଇ ଭୟରେ ସେ ବୁଢୀ ମତେ ତା ପାଖରେ ବାନ୍ଧି ରଖିଚି। XXXX ଅଡିପସ୍ କଂପ୍ଲେକ୍ସଟା କଣ ମିଥ୍ ସହ ପୂରା କାହାଣୀ ଜାଣି ସାରିବାପରେ, ସମୀରଣ ଭରସିକି କେବେ ତନିମାକୁ କହିପାରିନଥିଲା ଯେ, ବାହାଘର ପୂର୍ବ ପର୍ଯ୍ୟନ୍ତ ସେ ଘରକୁ ଫେରିଗଲେ ମାଙ୍କ ପାଖେ ଶୋଉଥିଲା ବୋଲି, ଭୂତ ଚୋର ଇତ୍ୟାଦିର ଭୟରେ।” (ଅମୃତ ପ୍ରତୀକ୍ଷାରେ- ପୃ- ୮୯) ଶିଶୁ ମନସ୍ତତ୍ତ୍ୱର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ ‘ଦୁଃଖ ଅପ୍ରମିତ’ ଗଳ୍ପରେ। ସାଧାରଣତଃ ଶିଶୁର ବିକାଶ କେତୋଟି ସ୍ତର ମଧ୍ୟ ଦେଇ ହୋଇଥାଏ। ମନସ୍ତତ୍ତ୍ୱବିତ୍‌ମାନେ ଏହି ସ୍ତରକୁ କେନ୍ଦ୍ରକରି ଭିନ୍ନଭିନ୍ନ ମତ ପ୍ରଦାନ କରିଥାଆନ୍ତି। ମତ ଭିନ୍ନ ହେବା ସତ୍ତ୍ୱେ ଏହି ମନସ୍ତତ୍ତ୍ୱବିତ୍ ଗଣ କିନ୍ତୁ ଗୋଟିଏ ମତରେ ସହମତ ଯେ ବିକାଶର ଗୋଟିଏ ସ୍ତରରେ ଘଟିଥିବା ତୃଟି ଶିଶୁକୁ ଅନ୍ୟ ସ୍ତରରେ ପ୍ରଭାବିତ କରିଥାଏ। ଅଥବା ଶିଶୁ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଥାଏ। ଶିଶୁ ମନସ୍ତତ୍ତ୍ୱକୁ କେନ୍ଦ୍ରକରି ଏହିଭଳି ପ୍ରସଙ୍ଗକୁ ଗାଳ୍ପିକା ଉକ୍ତ କୃତିରେ ଗୁରୁତ୍ୱ ଦେଇଛନ୍ତି। “ମୋ ମା ବେଳେବେଳେ ଅତିଦୁଃଖରେ କହନ୍ତି, ସବୁ ଭୁଲ ମୋର। ମୋ ଚାକିରିରେ ସୁବିଧା ହବ ବୋଲି ମୁଁ ଝିଅଟାକୁ ଅଢେଇ ବର୍ଷରେ ସ୍କୁଲକୁ ପଠେଇ ଦେଲି। ମୁଁ ବୁଝିପାରେନି, ମୋ ମା ମୋ ସଙ୍ଗେ ଠିକ୍ କଲେ କି ଭୁଲ୍ କଲେ। ମୁଁ ମୋ ଭାଇ ପରି ଫଟ୍ ଫାଟ୍ କିଛି ଜବାବ ଦେଇପାରେନି କିମ୍ବା ମା ଉପରେ ଦି ମିନିଟ୍‌ରୁ ଅଧିକ ରାଗିପାରେନି। ମୋ ମା କୁହନ୍ତି, ସେ ମୋ ଭାଇଙ୍କୁ ଗୋଟେ ଭଙ୍ଗା ଫିଲଟର କ୍ୟାଣ୍ଡେଲରେ ଅଗଣାସାରା ଲେଖେଇ ଲେଖେଇ ଛବିଶଟାଯାକ ଇଂରାଜୀ ଅକ୍ଷର ଶିଖେଇ ଦେଇଥିଲେ। ଦୋଳିରେ ଝୁଲେଇ ଝୁଲେଇ ରାଇମ୍ ଘୋଷେଇ ଦେଇଥିଲେ। ଭାତ ଖୁଏଇଲା ବେଳେ ଧ୍ରୁବ, ପ୍ରହଲ୍ଲାଦ, ଶ୍ରବଣକୁମାରର ଗପ କହୁଥିଲେ। ମୋ ବେଳକୁ ତାହା ସମ୍ଭବ ହୋଇପାରିଲା ନାହିଁ।” (ଦୁଃଖ ଅପ୍ରମିତ- ପୃ- ୫-୬) ଏହିଭଳି ପରିସ୍ଥିତିକୁ କେନ୍ଦ୍ରକରି ଶିଶୁ କିପରି ଆଳସ୍ୟ ବ୍ୟାଧିର ଶରବ୍ୟ ହୁଏ ତାହାକୁ ଗାଳ୍ପିକା ଗୁରୁତ୍ୱ ଦେଇଛନ୍ତି। **ପ୍ରକୃତରେ** ମଣିଷ ଏକ ଭିନ୍ନ ଉପାଦାନରେ ଗଢା। ଅପ୍ରାପ୍ତିକୁ କେନ୍ଦ୍ରକରି ତା ଭିତରେ ଯେତେ ବ୍ୟାକୁଳତା ଥାଏ ପ୍ରାପ୍ତିକୁ କେନ୍ଦ୍ରକରି ସେତେ ତୁଚ୍ଛତା। ଏହିଭଳି ଚିନ୍ତାଧାରାକୁ ଗାଳ୍ପିକା ପ୍ରତି‘ଳିତ କରିଛନ୍ତି ‘ଅମୃତ ପ୍ରତୀକ୍ଷାରେ ଗର୍ଭବତୀ ନାରୀ’ ଗଳ୍ପରେ। ଏହିଭଳି ଏକ ଚିନ୍ତାଧାରାର ପ୍ରତିଫଳନ ‘ଘଣ୍ଟା’ ଗଳ୍ପରେ ମଧ୍ୟ ଦେଖିବାକୁ ମିଳେ। ଏହା ସତ୍ତ୍ୱେ ଗାଳ୍ପିକା ଏଥିରେ ମଣିଷର ଅନ୍ୟ ଏକ ମାନସିକତାକୁ ପରୀକ୍ଷା କରିଛନ୍ତି। ପ୍ରକୃତରେ ବା˚ିତ ଜିନିଷଟି ମିଳିବାପରେ ମୂଲ୍ୟହୀନ ହୋଇଯାଏ। ମାତ୍ର ତାର ପ୍ରଭାବ ଅବଚେତନ ମନରେ ଲୁଚି ରହିଥାଏ। ଯାହା ବା˚ିତ ପଦାର୍ଥକୁ ପୁଣିଥରେ ହରେଇ ବସିବାପରେ ସକ୍ରିୟ ହୋଇଉଠେ। ଏତଦ୍ ବ୍ୟତୀତ ଗାଳ୍ପିକା ଏଥିରେ ପ୍ରସିଦ୍ଧ କବି ଏଜରାପାଉଣ୍ଡଙ୍କର କବିତାର ଏକ ପ୍ରମୁଖ ଚେତନା ପ୍ରେମ ଏବଂ ପ୍ରଲୋଭନ (Love and Temptation) ଭଳି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିବା ମନେହୁଏ। **ବେଳେବେଳେ** ବ୍ୟକ୍ତିକୁ ନିଜ ଆବଶ୍ୟକତା ପାଇଁ ନିଜ ଇଚ୍ଛା ସହ ସାଲିସ୍ କରିବାକୁ ପଡିଥାଏ। ଏହାଦ୍ୱାରା ତାର ଇଚ୍ଛା ଏବଂ କାର୍ଯ୍ୟ ମଧ୍ୟରେ ଏକ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଯାହା ବ୍ୟକ୍ତି ଭିତରେ‘Schizophrenia’ ଭଳି ବିକୃତିକୁ ମଧ୍ୟ ସୃଷ୍ଟି କରିଥାଏ। ଏହିଭଳି ଚାହିଁବା ଏବଂ ପାଇବା ମଧ୍ୟରେ ରହିଥିବା ପାର୍ଥକ୍ୟକୁ କେନ୍ଦ୍ରକରି ଏକ ପେଣ୍ଡୁଲମ୍ ଜୀବନ ବଞ୍ଚୁଥିବା ମଣିଷକୁ ଆଧାରକରି ଗାଳ୍ପିକା ରଚନା କରିଛନ୍ତି ‘ପେଣ୍ଡୁଲମ୍’ ଗଳ୍ପ। ଏହା ସତ୍ତ୍ୱେ ଏହିଭଳି ଝୁଲନ୍ତା ଜୀବନ ଅପେକ୍ଷା ଏକ ସ୍ଥିର ଜୀବନ ସପକ୍ଷରେ ଗାଳ୍ପିକାଙ୍କ ଦୃଢ ଯୁକ୍ତି ବେଶ୍ ପ୍ରଭାବଶାଳୀ ମନେହୁଏ। **ପରିବେଶ** ଓ ପରିସ୍ଥିତି ବ୍ୟକ୍ତି ଭିତରର ଚେତନାକୁ କିପରି ପରିବର୍ତ୍ତନ କରିଦେଇଥାଏ ତାହାର ଦୃଷ୍ଟାନ୍ତ ରହିଛି ‘ଦୁଇଟି ଉଦାସ ଆଖି’ ଗଳ୍ପରେ। **ବ୍ୟକ୍ତି ଭିତରେ** ସୃଷ୍ଟି ଏକ ଭିନ୍ନ ଚେତନା ଯାହାକୁ ମନସ୍ତତ୍ତ୍ୱରେ Infatuation (ଆସକ୍ତି) କୁହାଯାଏ। ଯାହାର ସ୍ୱରୂପ ଅବଶ୍ୟ ପ୍ରେମଠାରୁ ଟିକେ ଭିନ୍ନ। କାରଣ ପ୍ରେମକୁ କେନ୍ଦ୍ରକରି ବ୍ୟକ୍ତି ସଚେତନ ଥିବା ସ୍ଥଳେ ଆସକ୍ତିକୁ କେନ୍ଦ୍ରକରି ଦ୍ୱନ୍ଦ୍ୱରେ ଥାଏ। ଏହି କ୍ରମରେ ବ୍ୟକ୍ତି

ଅନେକ ସମୟରେ ନିଜ ଅନୁଭୂତିକୁ କେନ୍ଦ୍ରକରି ଯେତିକି ସଚେତନ ହୁଏ ସେତିକି ଆଶ୍ଚର୍ଯ୍ୟ ମଧ୍ୟ ହୁଏ। ବ୍ୟକ୍ତି ଭିତରର ଏହିଭଳି ଏକ ଚେତନାକୁ କେନ୍ଦ୍ରକରି ଗାଳ୍ପିକା ରଚନା କରିଛନ୍ତି 'ପ୍ରତୀକ୍ଷା' ଗଳ୍ପ। "କଲ୍ୟାଣୀ ଆଣ୍ଠୁ ସନ୍ଧିରେ ମୁଣ୍ଡ ପୋତି ଦେଲା। ଚାରିଆଡେ ଅନ୍ଧାର। ଆଖି ଉଠେଇ ଚାହିଁଲା ବେଳକୁ ଦେଖିଲା ଲୋକଟେ ଆଗେଇ ଆସୁଚି। ଲୋକଟି ତାର ଆଡକୁ ଆସୁଚି କି? ଅପେକ୍ଷା କଲା ନା ଲୋକଟା ଅନ୍ୟଆଡେ ଚାଲିଗଲା। ହଠାତ୍ କଲ୍ୟାଣୀ ଭାବିଲା; ଆରେ ପିଲାଟା ସଙ୍ଗେ ତାର ସମ୍ପର୍କ କଣ? ସେ ପିଲାଟାକୁ ପ୍ରେମ କରେନି। ପିଲାଟି ବି ତାର ଅତି ପରିଚିତ ନୁହେଁ! ତାର ମାଲିକ୍ ନୁହେଁ, ଚାକର ନୁହଁ, ସମ୍ପର୍କୀୟ ନୁହଁ; ତେବେ ପିଲାଟା କିଏ? ଯା ପାଇଁ ସେ ଅପେକ୍ଷା କରି ବସିଚି। ପିଲାଟି ପାଇଁ ତା ଛାତିରେ ଏତେ ଜାଗା କୁଆଡୁ ଆସିଲା? ଏତେ ବ୍ୟାକୁଳତା କୋଉଠୁ ଆସିଲା ଯେ? ଅଥଚ କି ଦୁଃଖ ଦେଖ! ଏବେ ଯଦି ସେ ପିଲାଟାକୁ ଦେଖେ ସେ ଚିହ୍ନି ପାରିବନି। କେମିତି ଥିଲା ତା ମୁହଁଟା? କେମିତି ଥିଲା ଯେ? ସେ ମନେ ପକେଇ ପାରିଲାନି ଗୋରା ନା କଳା? ଶ୍ୟାମଳ ଥିଲା କି? ନାକଟା କେମିତି ଥିଲା? କେମିତି ତା ଓଠ? ନା ତାର କିଛି ମନେ ପଡିଲାନି। ତଥାପି କଲ୍ୟାଣୀ ମୁଣ୍ଡ ପୋତି ବସି ରହିଲା, ସେ ଅପେକ୍ଷା କରିବ, ଯୁଗଯୁଗ ଧରି ଅପେକ୍ଷା କରିବ। ଭଲଭାବେ ମନେ ପଡୁ ନ ଥିବା ଅଧା ଚିହ୍ନା, ଅଧା ସମ୍ପର୍କର ଅଦେହୀ କୌଣସି ଚେହେରା ଗୋଟେ, ରନିତ୍ ପାଇଁ ସେ ଅପେକ୍ଷା କରିବ।" ( ଅମୃତ ପ୍ରତୀକ୍ଷାରେ- ପୃ- ୭୯) ଅବଶ୍ୟ ମନସ୍ତାତ୍ତ୍ୱିକ ଦିଗରୁ ବିଚାରକଲେ ଏହିଭଳି କାରଣ ଗୁଡିକ ବ୍ୟକ୍ତିର ଅବଚେତନ ମନ ସହିତ ଜଡିତ। ବ୍ୟକ୍ତି ଭିତରର ଅସହାୟତା, ନିଃସଂଗତା, କାମନା ଆଦି ଏହିଭଳି କାରଣ ସୃଷ୍ଟି କରିବାପାଇଁ ଦାୟୀ ରହିଥାଏ। **ଗାଳ୍ପିକାଙ୍କର** ଝିଅ ଫେରାର୍ ଏକ ଭିନ୍ନ ସ୍ୱାଦର କୃତି। ଏଥିରେ ଗାଳ୍ପିକା ପ୍ରେମ ଅଭିଳାଷୀ ଏକ ନାରୀ ଜୀବନର ଅସହାୟତା ଏବଂ ଯନ୍ତ୍ରଣାକୁ ପ୍ରତିଫଳିତ କରିଛନ୍ତି। ମଣିଷର ବିକାଶର ଅନେକ ଚରଣ ମଧ୍ୟରୁ କିଶୋରାବସ୍ଥା ବା Adolescent Period ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା। ଏହି ସମୟରେ କିଶୋରର ବେଶ ଏବଂ ବ୍ୟବହାର ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଥାଏ। ଯାହାକୁ ସାଧାରଣତଃ ପିତାମାତା ନକାରାତ୍ମକ ଦୃଷ୍ଟିଭଙ୍ଗୀ ଦେଇ ଦେଖି ଥାଆନ୍ତି। ଫଳରେ ଏହାଦ୍ୱାରା ପିତାମାତା ଏବଂ ସନ୍ତାନ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି ହୋଇଥାଏ। କିଶୋରର Pubert Hair ଆସିବା, ସେ ଏକାନ୍ତ, ସ୍ୱାଧୀନତା ଚାହିଁବା ଏବଂ ପିତାମାତା ତାହାକୁ ବିରୋଧ କରିବା ଦ୍ୱାରା କିଶୋର ମଧ୍ୟରେ ଆକ୍ରମଣାତ୍ମକ ପ୍ରବୃତ୍ତିର ସୃଷ୍ଟି ଘଟିଥାଏ। ବେଳେବେଳେ ଏହିଭଳି ପରିସ୍ଥିତି ପାଇଁ କୁସଂଗ ଏବଂ ଅନ୍ୟାନ୍ୟ ପ୍ରତିକୂଳ ପରିବେଶ ମଧ୍ୟ ଦାୟି ହୋଇଥାଏ। **ଜୁଆ ଭଳି** ନିଶାକୁ କେନ୍ଦ୍ରକରି ପାରିବାରିକ ଜୀବନରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା। ଏଥି ସହିତ ଏହାକୁ କେନ୍ଦ୍ରକରି ଏକ ନାରୀର ମାନସିକତାକୁ ଗାଳ୍ପିକା ପ୍ରତିଫଳିତ କରିଛନ୍ତି 'ନିଶା' ଗଳ୍ପରେ।

## ନିଷ୍କର୍ଷ :

ତେଣୁ ଏହିସବୁ ଦୃଷ୍ଟିକୋଣରୁ ବିଚାରକଲେ କେବଳ ପରିମାଣାତ୍ମକ ନୁହେଁ ଗୁଣାତ୍ମକ ଦୃଷ୍ଟିକୋଣରୁ ମଧ୍ୟ ଶ୍ରୀମତୀ ସରୋଜିନୀ ସାହୁଙ୍କର ଗଳ୍ପଗୁଡିକ ବିଚାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ସବୁଠାରୁ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ଯେଉଁ ସମୟରେ ଓଡିଶାରେ ନାରୀମାନଙ୍କର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ସେହି ସତୁରୀ ଅଶୀ ଦଶକରେ ଶ୍ରୀମତୀ ସାହୁ କେବଳ ନାରୀର ଅଧିକାର ପ୍ରସଙ୍ଗ ଉତ୍ତୋଳିତ କରିନାହାନ୍ତି। ବିନା ସଂକୋଚରେ ନାରୀର ପ୍ରସ୍ତ ପ୍ରସ୍ତ ମନକୁ ମଧ୍ୟ ଖୋଲିଦେଇଛନ୍ତି। କେବଳ ନାରୀ ନୁହେଁ ପୁରୁଷ , ଶିଶୁ ଏପରି ମନବେତର ମାନଙ୍କର ମନୋଭାବକୁ ଟିକିନିଖି ଉତ୍ତୋଳିତ କରିବା ଜନିତ ସ୍ୱାତନ୍ତ୍ର୍ୟ । ତାଙ୍କୁ ଆଜି ଜଣେ ସଫଳ ସାଧିକାରେ ରୂପାନ୍ତରିତ କରିଛି।

## ସହାୟକ ଗ୍ରନ୍ଥସୂଚୀ :


1. Macquarrie, John (1972). Existentialism. New York: Penguin. pp. 14–15.
2. Solomon, Robert C. (1974). Existentialism. McGraw-Hill. pp. 1–2.
3. Jump up HYPERLINK "https://en.wikipedia.org/wiki/Existentialism"to:HYPERLINK "https://en.wikipedia.org/wiki/Existentialism"a b c d e f Crowell, Steven (October 2010). "Existentialism". Stanford Encyclopedia of Philosophy
4. The company Zare, Mehdi. Being in the mirror (Introduction to perspective
5. thinking about death Heidegger's ontology and its application). J. Philos.,

   No. 42. 2010.

   https://www.cambridge.org/core/journals/modern-intellectual-history

6. Singer, Daniel (5 June 2000). "Sartre's Roads to Freedom". The Nation. Archived from the original on 2 June 2008. Retrieved 9 May 2009.. Freitas, Frances Anne; Leonard, Lora J. (January 2011).

7. "Maslow's hierarchy of needs and student academic success". Teaching and Learning in Nursing. (1): 9– 13. doi:10.1016/j.teln. 2010.07.004. ISSN 1557-3087.

8. The Penguin Dictionary of Literary Terms and Literary Theory Third Edition (1991) J.A. Cuddon, Ed. p. 709.

9. ^ A Handbook to Literature Fourth Edition (1980), C. Hugh Holman, Ed., pp. 357–358

10. https://www.unibo.it/en/news-and-events/notice-board/does-the-human-brain-resemble-the-universe

11. https://www.verywellmind.com/psychology-schools-of-thought-2795247

12. Geraskou, Emil Asenov ( November 1 , 1994) " The Internal Condition and the un Conscious Source of Activity" Journal of Psychology 128 (6): 625-634.

13.-Geraskou, Emil Asenov ( November 1 , 1994) " The Internal Condition and the un Conscious Source of Activity" Journal of Psychology 128 (6): 625-634.

14. Kendra Cherry, Freud's Theories of Life and Death Instincts, on April 04,2020.

15 4 Jung, C.G ([1959] 1969). The Archetypes and the Collective UnconScious, Collected Works, Volume 9, part 1, Princeton, N.J: Princeton University Press. ISBN 0-691-01833-2. Par.259.


❖ ❖ ❖

*Hansda. BPP (2025)11:V* ପ୍ରାଚୀ ପତ୍ରିକା

ଗବେଷଣାତ୍ମକ ପ୍ରବନ୍ଧ ମୁକ୍ତ ପ୍ରବେଶ

DOI :https://doi.org/10.5281/zenodo.16919604 ମୂଳ ପ୍ରବନ୍ଧ

# ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆଦିବାସୀ ଚରିତ୍ର: ଏକ ବିଚାର ବିଶ୍ଳେଷଣ

**ଗୌତମସେନ୍ ହାଁସଦାଃ**

**ସଂକ୍ଷିପ୍ତସାର :**

ଚରିତ୍ର ବିନା କଥାବସ୍ତୁର ଯଥାଯଥ ଚିତ୍ରଣ ଅସମ୍ଭବ। ତେଣୁ ସାହିତ୍ୟର ଯେ କୌଣସି ବିଭାଗକୁ ଲକ୍ଷ୍ୟକଲେ ଦେଖାଯିବ ଯେ କଥାବସ୍ତୁକୁ ଗତିଶୀଳ କରିବା ପାଇଁ ହେଲେ ଚରିତ୍ରର ଉପସ୍ଥିତି ଏକାନ୍ତ ଆବଶ୍ୟକ ମନେହୁଏ। ଏହି ଚରିତ୍ର ମାନବ ବା ମାନବେତର ହୋଇପାରେ। ପୁଣି ସମାଜର ଉଚ୍ଚ ବା ନୀଚ ବର୍ଗର ଲୋକ ଅଥବା ଆଦିବାସୀଟିଏ ମଧ୍ୟ ହୋଇପାରେ। ଓଡ଼ିଆ କ୍ଷୁଦ୍ରଗଳ୍ପକୁ ଲକ୍ଷ୍ୟକଲେ ଜଳନ୍ଧର ଦେବଙ୍କଠାରୁ ହିଁ ଆଦିବାସୀମାନେ ଗଳ୍ପନାୟକ ବା ନାୟିକା ଭାବରେ ସ୍ଥାନିତ ହୋଇଥିବାର ଲକ୍ଷ୍ୟକରାଯାଏ। ତାଙ୍କ ଗଳ୍ପରେ ଆଦିବାସୀଙ୍କ ସାଧାରଣ ତଥା ନିରାଡ଼ମ୍ବର ଜୀବନଯାପନ ପ୍ରଣାଳୀ, ଅତିଥି ସତ୍କାର ଏବଂ ଧର୍ମୀୟ ବିଶ୍ୱାସବୋଧ ଅତ୍ୟନ୍ତ ସ୍ୱାଭାବିକ ଭାବରେ ପ୍ରକାଶ ପାଇଛି। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଧାରା ପ୍ରଶସ୍ତ ହେବା ସହିତ ଆଦିବାସୀଙ୍କର ଜୀବନ ସଂଘର୍ଷକୁ ମଧ୍ୟ ଗାଳ୍ପିକମାନେ ସୁଚାରୁ ରୂପେ ଗଳ୍ପରେ ରୂପାୟିତ କରିଛନ୍ତି। କେତେବେଳେ ନିଜ ଜୀବନ ବଞ୍ଚାଇବାକୁ ଯାଇ ତ କେତେବେଳେ ନିଜ ସମାଜ, ନିଜ ସ୍ୱାଭିମାନ, ନିଜ ସଂସ୍କୃତି ତଥା ଧର୍ମକୁ ସୁରକ୍ଷିତ କରିବାକୁ ଯାଇ ଅନେକ ସଂଘର୍ଷକୁ ସାମ୍ନା କରିଛନ୍ତି। ପୁଣି ଏହି ଧାରା ପରିବର୍ତ୍ତିତ ହୋଇ ବର୍ତ୍ତମାନ ସମୟରେ ସହରୀ ସଭ୍ୟତାର ପ୍ରଭାବରେ ପ୍ରଭାବିତ ହୋଇ ନିଜର ପରଂପରା ପ୍ରତି ଅବହେଳା ପ୍ରଦର୍ଶନ କରୁଥିବାର ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଏହା ବ୍ୟତୀତ ଅନେକ ସମୟରେ ଏମାନେ ନକ୍ସଲ ଓ ସୁରକ୍ଷାକର୍ମୀଙ୍କ ଯୁଦ୍ଧ ଭିତରେ ତଳିତଳାନ୍ତ ହେଉଥିବାର ମଧ୍ୟ ଦେଖିବାକୁ ମିଳେ। ଆଦିବାସୀ ଚରିତ୍ର ଚିତ୍ରଣର ଏହି ବିବିଧତା ଓଡ଼ିଆ କ୍ଷୁଦ୍ରଗଳ୍ପରେ କିପରି ରହିଛି ତାହାହିଁ ଏ ପ୍ରବନ୍ଧର ଆଲୋଚ୍ୟ ବିଷୟ ।

**ପ୍ରମୁଖ ଶବ୍ଦାବଳୀ :**

ଆଦିବାସୀ, କ୍ଷୁଦ୍ରଗଳ୍ପ, ଚରିତ୍ର, ସ୍ୱାଭିମାନ, ସଂସ୍କୃତି, ଅନ୍ଧବିଶ୍ୱାସ, ପ୍ରକୃତି ଉପାସକ।

କଥାବସ୍ତୁର ପ୍ରଧାନ ବାହକ ହେଉଛି ଚରିତ୍ର। ସମାଜରେ ପରିଲକ୍ଷିତ ହେଉଥିବା ଚରିତ୍ରଗୁଡ଼ିକ ନିଜନିଜ ପରିସର ମଧ୍ୟରେ ଥାଇ ଗଳ୍ପରେ ଆତ୍ମପ୍ରକାଶ କରନ୍ତି। ଏହି ଚରିତ୍ରକୁ ଅବଲମ୍ବନ କରି ଗଳ୍ପର ଆରମ୍ଭ, ପ୍ରବାହ ବା ପରିସମାପ୍ତି ଘଟିଥାଏ। ଅନେକ ସମୟରେ ଏହି ଚରିତ୍ର ମାନବ ଓ ମାନବେତର ମଧ୍ୟ ହୋଇଥାନ୍ତି। ତେବେ ଏହି ଚରିତ୍ରସବୁ ଲେଖକର ଆବିଷ୍କାର ନୁହେଁ ପରିବେଶ ମଧ୍ୟରେ ତା'ର ସୃଷ୍ଟି। ଲେଖକ କେବଳ ତା ମଧ୍ୟରେ ସମାଜ ଓ ଜୀବନକୁ ଉପସ୍ଥାପିତ କରେ। ଚରିତ୍ରଟି କଥାକାରଙ୍କ ପାଇଁ କଥା କହେ, କାମ କରେ ଓ ପାଠକକୁ କଥାକାରଙ୍କ ଉଦ୍ଦେଶ୍ୟ ଜଣାଏ। ସମାଜରେ ବ୍ୟକ୍ତି ବା ଚରିତ୍ର ଯେଉଁ ଅବସ୍ଥାରେ ଓ ଯେଉଁ ପରିବେଶ ମଧ୍ୟରେ ବାସ କରେ ତା'ର ବୈଶିଷ୍ଟ୍ୟ କ୍ଷୁଦ୍ରଗଳ୍ପରେ ଫୁଟି ଉଠେ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମାଜର ପ୍ରତିନିଧିତ୍ୱ କଲେ ତାହାକୁ ପ୍ରତିନିଧିମୂଳକ ଚରିତ୍ର ଭାବରେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16919604

Article No - BPP00326

**ଯୋଗାଯୋଗ : ଡ଼କ୍ଟର ଗୌତମସେନ୍ ହାଁସଦାଃ,**
ସହକାରୀ-ପ୍ରାଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରି
**Email:** goutamsen1992@gmail.com
**ORCID ID:** https://0009-0007-9345-6216

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୫.୨୦୨୫ | ୧୧.୦୬.୨୦୨୫ | ୨୫.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ହାଁସଦାଃ, ଗୌତମସେନ୍; ୨୦୨୫। ଓଡ଼ିଆ କ୍ଷୁଦ୍ରଗଳ୍ପରେ ଆଦିବାସୀ ଚରିତ୍ର: ଏକ ବିଚାର ବିଶ୍ଳେଷଣ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ; ପୃଷ୍ଠା : ୫୫-୬୮।

ଗ୍ରହଣ କରାଯାଏ। ଏହି ଚରିତ୍ର ସମୟ ସ୍ରୋତରେ ବ୍ୟକ୍ତିଗତ ସ୍ତରରୁ ଉତ୍ତୀର୍ଣ୍ଣ ହୋଇ ସାର୍ବଜନୀନ ଆଡ଼କୁ ଅଗ୍ରସର ହୋଇଥା'ନ୍ତି। ତେଣୁ ପ୍ରତ୍ୟେକ ଚରିତ୍ର ଯଦି ବ୍ୟକ୍ତିକୈନ୍ଦ୍ରିକ ହେବା ସଙ୍ଗେ ସଙ୍ଗେ ସାର୍ବଜନୀନ ହୋଇପାରିବ, ତେବେ ତାହାହିଁ ହେବ ଚରିତ୍ର ସୃଷ୍ଟିର ସାର୍ଥକତା ଏବଂ ସ୍ରଷ୍ଟାର ଗୌରବ।

ଓଡ଼ିଆ କ୍ଷୁଦ୍ରଗଳ୍ପର ଆଦି ପର୍ଯ୍ୟାୟରେ ଫକୀରମୋହନଙ୍କ ସମୟରେ ଚରିତ୍ର ସବୁ ଗ୍ରାମୀୟ ସଭ୍ୟତାର ପ୍ରତିନିଧିତ୍ୱ କରୁଥିବା ବେଳେ କାଳିନ୍ଦୀଚରଣ ପାଣିଗ୍ରାହୀ ବେଳକୁ ଚେତନାଶ୍ରୀୟ ଭାବରେ ମାନବେତର ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଛନ୍ତି। ପରେ ପରେ ମାର୍କ୍ସୀୟ ଚେତନା ଭିତରେ ସାଧାରଣ ମଣିଷ ଚରିତ୍ର ରୂପରେ ଦେଖା ଦେଇଛନ୍ତି। ବିଶେଷ କରି ମୂଲିଆ, ଦିନ ମଜୁରିଆ, ଖଟିଖିଆ, ଦରିଦ୍ର ଜନତା ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିଶେଷ ମର୍ଯ୍ୟାଦା ପାଇଛନ୍ତି। ମାର୍କ୍ସବାଦ ପରେ ଫ୍ରୟେଡ଼ୀୟ ମନସ୍ତତ୍ତ୍ୱ ଓଡ଼ିଆ ଗଳ୍ପକୁ କାୟାବିସ୍ତାର କରିଛି। ସ୍ୱାଧୀନତା ପରେ ଆଦିବାସୀମାନେ ବି ଚରିତ୍ର ରୂପରେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛନ୍ତି। ଅବଶ୍ୟ ତା ପୂର୍ବରୁ କାଁ ଭାଁ ଗଳ୍ପ ସାହିତ୍ୟରେ ଅଳ୍ପ ବହୁତେ ଦେଖା ଦେଇଥିଲେ। ଏହି ପ୍ରବନ୍ଧଟିରେ ଆଦିବାସୀ ଚରିତ୍ରଗୁଡ଼ିକ ଓଡ଼ିଆ ଗଳ୍ପରେ କିପରି ସ୍ଥାନିତ ହୋଇଛନ୍ତି ତାହା ହିଁ ଆଲୋଚନା କରାଯାଇଛି।

ଆଦିବାସୀ ଚରିତ୍ର ସମ୍ବଳିତ ସଫଳ ଓଡ଼ିଆ ଗଳ୍ପ ଭଗବତୀ ଚରଣଙ୍କ 'ଶିକାର' ଗଳ୍ପ ରଚନା ହେବାର ବହୁପୂର୍ବରୁ ଜଳନ୍ଧର ଦେବ ତାଙ୍କ ଗଳ୍ପରେ ଆଦିବାସୀମାନଙ୍କୁ ସ୍ଥାନ ଦେଇଥିଲେ। ଜଳନ୍ଧର ଦେବଙ୍କ ଗ୍ରନ୍ଥାବଳୀକୁ ଦେଖିଲେ ସେଥିରେ ସଂକଳିତ ଚାରୋଟି ଗଳ୍ପ ଆଦିବାସୀ ଚରିତ୍ରକୁ ନେଇ ରଚିତ ହୋଇଥିବା ଜଣାଯାଏ। ସଂକଳନର ପ୍ରଥମ ଗଳ୍ପ 'ଗୌରୀ ଓ କାହ୍ନୁ' ୧୯୨୮ ମସିହାରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଥିଲା। ଏହି ଗଳ୍ପରେ ଗୌରୀ ମୁଖ୍ୟ ନାୟିକା। ତାଙ୍କ ବ୍ୟତୀତ ଗୌଣ ଚରିତ୍ର ହିସାବରେ ଭାଇ ନନ୍ଦ, ଗୌରୀର ମାଆ, ଓ ମାମୁ ଏବଂ ସାଥୀ ନିରାଶ ପ୍ରଭୃତି ପାଞ୍ଚଟି ଆଦିବାସୀ ଚରିତ୍ର ରହିଛନ୍ତି। ଏମାନେ ସମସ୍ତେ ପାହାଡ଼ିଆ ଭୂୟାଁ ସଂପ୍ରଦାୟର। ଆଦିବାସୀ କନ୍ୟା 'ଗୌରୀ' ଓ ଗଉଡ଼ ଯୁବକ 'କାହ୍ନୁ'ର ପ୍ରେମ, ପ୍ରତାରଣା ଭିତରେ ଗଳ୍ପଟି ଗତିଶୀଳ ହୋଇ ଗୌରୀର ଭାଇ ନନ୍ଦଙ୍କ ହତ୍ୟା ଧମକ ଭିତରେ ଉଭୟଙ୍କ ପୁର୍ନମିଳନ ଘଟିଛି। ଏଠାରେ ଗୌରୀ ଚରିତ୍ର ଏକ ସଚ୍ଚା ପ୍ରେମିକା। ସେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ମଧ୍ୟ ପ୍ରେମକୁ ବଞ୍ଚାଇ ରଖିବାକୁ ପ୍ରୟାସ କରିଛି। ସେହିପରି ଗୌଣ ଚରିତ୍ର ଭାବରେ ଦେଖାଦେଇଥିବା ଗୌରୀର ମାଆ ନିଜ ଝିଅର ଭବିଷ୍ୟତ ପାଇଁ ଗୌରୀକୁ ମାତୁଳାଳୟକୁ ପଠାଇଛନ୍ତି। ସେଠାରେ ରହିଲେ ପ୍ରତି ରାତିରେ ଚାଙ୍ଗୁନାଟ ଯୋଗୁଁ ଯୁବକମାନଙ୍କ ସହିତ ସାକ୍ଷାତ ହୋଇ ଭଲ ସ୍ୱାମୀଟିଏ ମିଳିବା ସମ୍ଭବ ବୋଲି ଚିନ୍ତା କରିଛନ୍ତି। ଅପରପକ୍ଷରେ 'ମାମୁ' ଚରିତ୍ର ମଧ୍ୟ ଗୌରୀର ପରିଶ୍ରମ ଏବଂ ଆଚରଣରେ ସନ୍ତୁଷ୍ଟ ହୋଇ ଭଲ ବରଟିଏ ଖୋଜିଦେବ ବୋଲି ଚିନ୍ତା କରିଛି। ଏଠି ଆଦିବାସୀ ଭାଇ ଭଉଣୀ(ଗୌରୀର ମାଆ ଓ ମାମୁ) ପରସ୍ପରରକୁ ସହଯୋଗର ହାତ ବଢ଼ାଇ ଭବିଷ୍ୟତ ପୀଢ଼ିର ମଙ୍ଗଳ ଚାହିଁଛନ୍ତି। ଏହି ଗଳ୍ପରେ ଥିବା 'ନିରାଶ' ଚରିତ୍ରଟି ଗୌରୀର ସାଥୀ ହିସାବରେ ଅଳ୍ପକ୍ଷଣ ପାଇଁ ଆସିଥିଲେ ମଧ୍ୟ ଆଦିବାସୀମାନଙ୍କର ଫଳମୂଳ ସଂଗ୍ରହ କରି ଜୀବନ ନିର୍ବାହ କରିବା ଭଳି ବାସ୍ତବ ଜୀବନକୁ ପ୍ରତିଫଳିତ କରିଛି। ଗୌରୀର ଭାଇ ନନ୍ଦ ଚରିତ୍ର ଭିତରେ କିନ୍ତୁ ଗଳ୍ପଟି ନୂଆ ମୋଡ଼ ନେଇଛି। ସେ ପୁରୋହିତଙ୍କ ଶାସ୍ତ୍ରକୁ ବୁଝେନାହିଁ। ଜାତି କଥା ମାନେନାହିଁ। ସେ ମନେ କରେ ପୁରୁଷର ଯେଉଁ ଜାତି ସ୍ତ୍ରୀର ସେହି ଜାତି। ମାନବ ଧର୍ମ ତା'ର ଧର୍ମ। ତେଣୁ ଗୌରୀ ଗଉଡ଼ ହାତଧରିବା ପରେ ସେ ଗଉଡୁଣୀ। ଏହି ନନ୍ଦ ଚରିତ୍ର ଭିତରେ ଆଦିବାସୀ ଭାଇର ଭଉଣୀ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ତଥା ଦାୟିତ୍ୱ ଓ କର୍ତ୍ତବ୍ୟବୋଧର ପ୍ରକାଶ ପାଇଛି।

ଗାଳ୍ପିକଙ୍କ 'ଅତିଥି ସତ୍କାର' ଗଳ୍ପକୁ ଦେଖିଲେ ଆଦିବାସୀମାନଙ୍କର ଆତିଥେୟତା ସଂପର୍କରେ ଜଣାପଡ଼େ। ଏଥିରେ ଥିବା କୋହ୍ଲ ଆଦିବାସୀ ଚରିତ୍ର ହେଉଛନ୍ତି 'ଲୁନ୍ଦା' ଓ ତାଙ୍କ କନ୍ୟା 'ଜିଲିଙ୍ଗ୍'। ଏମାନେ କ୍ଷତ୍ରୀୟ ଯୁବକଙ୍କୁ ଆତିଥ୍ୟ ପ୍ରଦାନ କରିଛନ୍ତି। ଅତିଥିଟିଏ ଆସିବା ପରେ ଆଦିବାସୀ ସଂପ୍ରଦାୟ କିପରି ନିଃସଙ୍କୋଚ ହୋଇ ତା'ର ଚର୍ଚ୍ଚା କରେ ତାହାହିଁ ଏହି ଗଳ୍ପରେ ଦେଖିବାର କଥା। ପୁଣି ଆଦିବାସୀମାନେ ପରସ୍ପର ସହିତ ଗୋଟିଏ ଗୋଟିଏ ସଂପର୍କ ବରାବର ଯୋଖି ରଖିଥାନ୍ତି। ଯାହା ପରସ୍ପରକୁ ଏକ ପାରିବାରିକ ବନ୍ଧନରେ ବାନ୍ଧି ରଖିଥାଏ। ତେଣୁ ଯୁବକଙ୍କୁ ଲୁନ୍ଦା 'ବଡୁ' ବୋଲି ଡାକିଲା ବେଳେ ଜିଲିଙ୍ଗ 'ଦାଦା' ବୋଲି ଡାକିଛନ୍ତି। ଉଭୟ ଚରିତ୍ର ସତେ ଯେପରି ଆପଣାର ମନେ ହୋଇଛନ୍ତି। ଜିଲିଙ୍ଗ ତେଣୁ ଭାଇଙ୍କ ପାଇଁ ଆମ୍ବ, ଶୁଖା କେନ୍ଦୁ, ବିଛଣା ମହୁ ଓ ଚାରମଞ୍ଜି ଆଣି ଖାଇବାକୁ ଦେଇଛି। ତା'ପରେ ରୋଷେଇ ସାମଗ୍ରୀ ଆଣି ରୋଷେଇର ବ୍ୟବସ୍ଥା କରିଦେଇଛି। ବିଶ୍ରାମ ପାଇଁ ପତ୍ରଶଯ୍ୟା ତିଆରି ଦେଇଛି। ସୁପ୍ତ ଅବସ୍ଥାରେ ଜଗି ରହିଛି। ଶେଷରେ ବିଦାୟ ବେଳାରେ ସୀମାଶେଷ ପର୍ଯ୍ୟନ୍ତ ଯାଇ ସ୍ନେହପୂର୍ଣ୍ଣ ବିଦାୟୀ ବାଣୀ- 'ଯା ଦାଦା ଯା' କହି ବିଦାୟ ଦେଇଛି।' ସେହିପରି ଲୁନ୍ଦା କୋହ୍ଲ ଯୁବକଙ୍କୁ ସ୍ୱାଗତ କରିବା ସହିତ ନିଜ ପୁଅ ଭଳି ବ୍ୟବହାର କରିଛନ୍ତି। ଯୁବକଙ୍କର ଜିଜ୍ଞାସାକୁ ଶାନ୍ତ କରିବା ପାଇଁ ଶିକାର, ଭୂତପ୍ରେତ, ଦେବତା ଆଦି ସଂପର୍କରେ

ଆଲୋଚନା କରିଛନ୍ତି । ଗଳ୍ପର ସମସ୍ତ ଚରିତ୍ର ଏକ ପାରିବାରିକ ଚରିତ୍ରଭଳି ପ୍ରତୀୟମାନ ହୋଇଛନ୍ତି ।

'ବିବାହ ଭୋଜି' ଗଳ୍ପ ଅତିଥି ସତ୍କାରର ଦ୍ୱିତୀୟ ଭାଗ ପରି ମନେହୁଏ । କାରଣ ସେ ଦିନ ଫେରିଲାବେଳେ ଜିଲିଙ୍ଗ ଯୁବକଙ୍କୁ ପଚାରିଥିଲେ- 'ଦାଦା ତୁ ପୁଣି କେବେ ଆସିବୁ ? ଯୁବକ ଉତ୍ତରରେ କହିଥିଲେ- 'ତୋର ବିବାହ ବେଳେ ଡାକିବୁ, ଭୋଜି ଖାଇ ଆସିବି ।' ୧ । ତେଣୁ ଏଥିରେ ଜିଲିଙ୍ଗ ସେହି ଯୁବକଙ୍କୁ ଭୋଜି ଖାଇବାକୁ ଡାକିଛନ୍ତି ଏବଂ ଯୁବକ ଜଣକ ମଧ୍ୟ ପ୍ରତିଶ୍ରୁତି ରକ୍ଷାକରି ଆସିଛନ୍ତି । ଏହି ଗଳ୍ପରେ ଗାଳ୍ପିକ ଆଉ କେତୋଟି ଚରିତ୍ରକୁ ଅଧିକା ଯୋଡ଼ି ଦେଇଛନ୍ତି । ଯେପରି ଜିଲିଙ୍ଗର ସ୍ୱାମୀ 'ବିର୍ଷା',ସେହି ଗ୍ରାମର ଗ୍ରାମବାସୀ, ଚାକର ଓ ବ୍ରାହ୍ମଣ ପ୍ରଭୃତି । ଏଠି ବି ଜିଲିଙ୍ଗ ହେଉଛି ଗଳ୍ପର ମୁଖ୍ୟ ନାୟିକା । ତା'ର ବିବାହ କାହାଣୀ ହିଁ ଏ ଗଳ୍ପର ମୁଖ୍ୟ କଥାବସ୍ତୁ । ତେବେ ତାଙ୍କ ସ୍ୱାମୀ ବିର୍ଷାର ବଳବୀର୍ଯ୍ୟ, ଲକ୍ଷ୍ୟ ଭେଦିବାର ଅପୂର୍ବ କୌଶଳ ହିଁ ମୁଖ୍ୟ ଆକର୍ଷଣ ହୋଇ ଦେଖାଦିଏ । ତେଣୁ ବିବାହ ଭୋଜି ସହିତ ଶିକାର କ୍ଷେତ୍ରରେ ପ୍ରସ୍ତୁତ କରାଯାଇଥିବା ଭୋଜି ହିଁ କ୍ଷତ୍ରୀୟ ଯୁବକଙ୍କ ପାଇଁ ଶ୍ରେଷ୍ଠ ଭୋଜିର ମାନ୍ୟତା ପାଇଛି । ଜିଲିଙ୍ଗର ପିତା ଲୁନ୍ଦାର ବକ୍ତବ୍ୟ ଭିତରେ କୋହ୍ଲ ଆଦିବାସୀଙ୍କର ବିକାଶ ଓ ସଂସ୍କୃତି ଅବକ୍ଷୟ ପ୍ରଭୃତି ସାମଗ୍ରିକ ରୂପରେ ପ୍ରକାଶ ପାଇଛି ।

ଜଳନ୍ଧର ଦେବଙ୍କ ଅନ୍ୟ ଏକ ଗଳ୍ପ 'ଏହା କି ଆତ୍ମହତ୍ୟା'ରେ କନ୍ଧ ଆଦିବାସୀଙ୍କର କରୁଣ କାହାଣୀ ବର୍ଣ୍ଣିତ ହୋଇଛି । ମୁଖ୍ୟନାୟିକା 'ରାଣୀ' ହେଉଛନ୍ତି 'ଖାରୁ' ଓ 'ବାଇଗଣୀ' କନ୍ଧର ଏକମାତ୍ର ଅଲିଅଳୀ କନ୍ୟା । ଗଳ୍ପଟିରେ ଏହି ତିନୋଟି ଆଦିବାସୀ ଚରିତ୍ର ବ୍ୟତୀତ ଦୁଇ ଧନୀ ଶିକାରୀ ଯୁବକ ଓ ରାଣୀଙ୍କର ସହଚରୀ ବର୍ଗ ଗଳ୍ପର ପରିସରକୁ ଆସନ୍ତି । ସ୍ୱାଧୀନଚେତା କନ୍ଧ କନ୍ୟା ରାଣୀଙ୍କୁ ଯେତେବେଳେ ଏକା ଗାଧୋଇବା ପାଇଁ ଝରଣାକୁ ଯିବାକୁ ହୁଏ । ଏଥିରେ ସେ ଦୁଃଖ କରିବା ପ୍ରତିବଦଳରେ ଖୁସି ହୁଏ । କାରଣ କାହାକୁ ଜଗିବାକୁ ପଡ଼ିବ ନାହିଁ । ସମଗ୍ର ଘରର ଦାୟିତ୍ୱ, କର୍ତ୍ତବ୍ୟବୋଧକୁ ଯେପରି ସୁଚାରୁ ରୂପେ ତୁଲାନ୍ତି ସେହିପରି ମୁକ୍ତ ଭାବରେ ଏକାକୀ ମଧ୍ୟ ବିଚରଣ କରନ୍ତି । ଗଳ୍ପର ସମସ୍ତ ଆଦିବାସୀ ଚରିତ୍ର ନିଜ ବାଟରେ ସାର୍ଥକ ଚରିତ୍ର । ଖାରୁକନ୍ଧକୁ ଅନେକ କଥା ଛଳରେ ପୁତ୍ର ସନ୍ତାନ ନିମନ୍ତେ ଦ୍ୱିତୀୟ ବିବାହ କରିବା ପାଇଁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ସେ ସେଥିପ୍ରତି ଦୃଷ୍ଟି ଦେଇନାହାନ୍ତି । କାରଣ ସେ ଜାଣଛନ୍ତି ତାହା କରିବା ଦ୍ୱାରା ଏ ସୁନାର ସଂସାର ତା'ର ଛାରଖାର୍ ହୋଇପାରେ । ଗଳ୍ପଟି କରୁଣ ରସାଶ୍ରିତ । କିନ୍ତୁ ଚରିତ୍ର ଚିତ୍ରଣ ଅତ୍ୟନ୍ତ ମୁଗ୍ଧକର ।

ଜଳନ୍ଧର ଦେବଙ୍କ ପରେପରେ ଗୋଦାବରୀଶ ମହାପାତ୍ରଙ୍କ 'ଚୋର କିଏ' ଗଳ୍ପରେ ଆଦିବାସୀଙ୍କ ଚିତ୍ରଣ ଦେଖିବାକୁ ମିଳେ । ଗଳ୍ପଟିରେ ଦୁଇଟି ଆଦିବାସୀ ଚରିତ୍ର ରହିଛନ୍ତି । ଯଥା- ଗଳ୍ପନାୟକ 'ସୁକୁରା' ଓ ତାଙ୍କ ସ୍ତ୍ରୀ' । ସଭ୍ୟ ମଣିଷର ପ୍ରରୋଚନାରେ ସୁକୁରା ଜଙ୍ଗଲର ଗଛ କାଟିଛି, ଫସଲ ଫଳାଇଛି, ପଶୁ ଶିକାର କରିଛି । ସମସ୍ତ ଜଙ୍ଗଲ ଜାତ ଦ୍ରବ୍ୟକୁ ଏକାଠି ଠୁଳ କରିଛି । କିନ୍ତୁ ତା'ର କିଛି ଲାଭ ହୋଇନାହିଁ । ଅନ୍ୟମାନେ ତାହାକୁ ନେଇ ଯାଇଛନ୍ତି । ଏହାର ପ୍ରତିବାଦ କଲାରୁ ଖାଦ୍ୟ ଚୋରି ଅଭିଯୋଗରେ ଜେଲ୍‌କୁ ଯାଇଛନ୍ତି । ଦେଢ଼ ବର୍ଷ ଜେଲଦଣ୍ଡ ଭୋଗିବା ଭିତରେ ଦିନେ ଦେଖିଛନ୍ତି ବଡ଼ ସାହେବଙ୍କ ଝିଅ ବିବାହ ପାଇଁ ଆବଶ୍ୟକ ପନିପରିବା ଜେଲ୍‌ରୁ ଯାଉଛି । ଚିନ୍ତାରେ ବସିଛନ୍ତି । ସେହି ସମୟ ଘର କୋଣରେ ବୁଢ଼ିଆଣୀଟି ଜାଲପାତି ବସିଥିବାର ଦେଖିବାକୁ ପାଇଛି । ମାଛିଟିଏ ଉଡ଼ି ଆସି ସେଥିରେ ପଡ଼ିଛି । ତେଣୁ ସୁକୁରା କହିଉଠିଛି- 'ଭାବୁଛି ମୁଁ ଚୋର ନା ଏ ବୁଢ଼ିଆଣୀଟା ଚୋର ?' ୨ । ଗାଳ୍ପିକଙ୍କ ଏହି ଚିତ୍ରକଳ୍ପ ଭିତରେ ସମଗ୍ର କାହାଣୀଟିର ସାର ନିର୍ଯ୍ୟାସ ପରିବେଷିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଅତ୍ୟନ୍ତ ଚମତ୍କାର ଢଙ୍ଗରେ ଆଦିବାସୀଙ୍କର ସଙ୍କୋଚତା, କର୍ମନିଷ୍ଠତା ଓ ସଭ୍ୟ ମଣିଷର ଶୋଷଣର ଚିତ୍ରକୁ ଗୋଦାବରୀଶ ମହାପାତ୍ର ପରିବେଷଣ କରିଛନ୍ତି । ତାଙ୍କ ପରେ ଭଗବତୀ ଚରଣ ପାଣିଗ୍ରାହୀ ହେଉଛନ୍ତି ଆଦିବାସୀ ଚରିତ୍ରକୁ ନେଇ ଗଳ୍ପ ରଚନା କରୁଥିବା ଜଣେ ସଫଳ ସ୍ରଷ୍ଟା ।

ଭଗବତୀ ଚରଣ ପାଣୀଗ୍ରାହୀଙ୍କ ଗଳ୍ପରେ ଥିବା ଆଦିବାସୀ ଚରିତ୍ର ଗୁଡ଼ିକ ସରଳ, ନିଷ୍କପଟ ଏବଂ ସ୍ୱାଭିମାନୀ । ସେମାନେ ଯେତେ ପରିମାଣରେ ସହନଶୀଳ ଆବଶ୍ୟକ ସ୍ଥଳେ ସେପରି ହିଂସ୍ର ମଧ୍ୟ । ତାଙ୍କ 'ଜଙ୍ଗଲୀ' ଗଳ୍ପକୁ ଦେଖିଲେ ସେଥିରେ ଥିବା ଶବର ଓ ଶବରୀକନ୍ୟା ଦୁଇଟି ଆଦିବାସୀ ଚରିତ୍ର ସରଳ ଓ ନିଷ୍କପଟ । ଶବର କନ୍ୟାର ଜଙ୍ଗଲୀ ପ୍ରତି ନିରବ ପ୍ରେମ ତା'ର ନିରୀହତାକୁ ପ୍ରକାଶ କରୁଥିବାବେଳେ ଶବରର ଶରସନ୍ଧାନ ପିତା ହିସାବରେ ତା'ର ଦାୟିତ୍ୱବୋଧକୁ ଦର୍ଶାଇଥାଏ । କାରଣ ନାରୀକୁ ସୁରକ୍ଷା ଦେବା ଆଦିବାସୀଙ୍କ ପ୍ରାଥମିକ କର୍ତ୍ତବ୍ୟ । ସେ ସ୍ତ୍ରୀ ହୁଅନ୍ତୁ ବା କନ୍ୟା । ସେହିପରି 'ଶିକାର' ଗଳ୍ପକୁ ଦେଖିଲେ ଘିନୁଆ ଚରିତ୍ର ସ୍ୱାଭିମାନ ଓ ଆତ୍ମସମ୍ମାନର ମୂର୍ତ୍ତିମନ୍ତ ବିଗ୍ରହ । ସେ ନିଜର ସମସ୍ତ ସମ୍ପତ୍ତି ହରାଇବା ପରେ ମଧ୍ୟ ଚିନ୍ତିତ ନଥିଲେ; କିନ୍ତୁ ଯେତେବେଳେ ତାଙ୍କ ସ୍ତ୍ରୀର ଇଜ୍ଜତ ଉପରେ ଆଞ୍ଚ ଆସିଛି । ସେତେବେଳକୁ ହିଂସ୍ର ହୋଇ ଉଠିଛନ୍ତି । ଏଠି ସ୍ତ୍ରୀର ଅସମ୍ମାନକୁ ଆଦିବାସୀଟିଏ ସହି ପାରିନାହିଁ । ପୁଣି ସ୍ୱାଭିମାନୀ ଚରିତ୍ର ହିସାବରେ ଘିନୁଆ ମନେମନେ ଭାବିଛନ୍ତି ଯଦି ତାଙ୍କୁ ଡୋରା ଠାରୁ

କମ୍ ପୁରସ୍କାର ଦିଆଯାଏ, ତା'ହେଲେ ସେ ନେବ ନାହିଁ। ଫେରେଇ ଦେଇ କହିବ- 'କିଛି ନ ଦିଅ ପଛେ ସାହେବ, ଡୋରାଠାରୁ ବେଶି ପାଇବା ମୋର ହକ୍।'୩। ସ୍ୱାଧୀନତା ପୂର୍ବରୁ ରଚିତ ଏହି ଗଳ୍ପଗୁଡ଼ିକରେ ଆଦିବାସୀ ଚରିତ୍ରମାନଙ୍କର ସ୍ୱାଭିମାନ ଏବଂ ସ୍ୱାଭାବିକତାକୁ ବେଶୀ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ସ୍ୱାଧୀନତା ପରେ ଏହି ଚରିତ୍ରଗୁଡ଼ିକ ବିକଶିତ ରୂପ ଧାରଣ କରିଛନ୍ତି।

କାହ୍ନୁଚରଣ ମହାନ୍ତିଙ୍କ ଗଳ୍ପର ଆଦିବାସୀ ଚରିତ୍ରକୁ ଦେଖିଲେ ସେମାନେ ସଙ୍କୋଚ, ସରଳ ଓ ନିରୀହ ହୋଇଥିବାର ଦେଖାଯାଏ। ଏମାନେ ଯେତିକି ଆଜ୍ଞାବହ ସେତିକି କର୍ତ୍ତବ୍ୟ ପରାୟଣା ମଧ୍ୟ। 'ଯୋ ହୁକୁମ୍' ଗଳ୍ପର ଚିତୁକନ୍ଧ ବନ ଅଧିକାରୀଙ୍କ ଆଦେଶ ପାଳନ କରି ମାଙ୍କଡ଼ର ଲାଙ୍ଗୁଡ଼ ଯୋଗାଡ଼ କରିଛି ସିନା; କିନ୍ତୁ ମାନବିକତାକୁ ଦ୍ୱାହି ଦେଇପାରିନାହିଁ। ଲାଙ୍ଗୁଡ଼ କାଟିଥିବା ମାଙ୍କଡ଼ ସବୁକୁ ସ୍ତ୍ରୀଙ୍କ ସହିତ ତେଲ ହଳଦୀ ଲଗାଇ ଛାଡ଼ି ଦେଇଛନ୍ତି। ପୁଣି ଅନ୍ୟ ଏକ ଗଳ୍ପ 'ପ୍ରନ୍‌ଜୁ'ରେ ଆଦିବାସୀ ଯୁବକ ସରଜୁ ସ୍ତ୍ରୀ ମୁଲ୍ଲିର ଯୁବତୀ ବେଳର ଘଟଣାକୁ ଖୁଲସା କରିଛି। ଏଥିରେ ଆଦିବାସୀଟିଏ ନିଜ ସ୍ତ୍ରୀର ଅତୀତକୁ ଘୃଣା କରିନାହିଁ ବରଂ ତା'ର ଆତ୍ମସମ୍ମାନ ବୃଦ୍ଧି କରିବା ପାଇଁ ପୂର୍ବ ପ୍ରେମିକଙ୍କ ପାଖରୁ 'ପ୍ରନ୍‌ଜୁ' ଆଣିଛି। ଏହି ପ୍ରନ୍‌ଜୁ ବା ଜୋରିମାନା ଦେବାକୁ ବାଧ୍ୟ ହୋଇଛନ୍ତି ବିରଙ୍ଗା ଗାଆଁର 'ବାଦଲ କନ୍ଧ' ଓ ସାଇକା ଗାଁର 'ବିରଜା କନ୍ଧ'। ଗଳ୍ପଟିରେ କନ୍ଧ ଆଦିବାସୀଙ୍କର ବିବାହ ଓ ଯୌବନ ସମୟର ଘଟଣା ବର୍ଣ୍ଣିତ ହୋଇଛି। ଏହି ନିଆରା ପରଂପରା କେବଳ ଆଦିବାସୀଙ୍କ ନିକଟରେ ହିଁ ଦେଖିବାକୁ ମିଳେ।

ବସନ୍ତ ଶତପଥୀଙ୍କ ଗଳ୍ପରେ ଥିବା ଆଦିବାସୀ ଚରିତ୍ର ଗୁଡ଼ିକ କର୍ମଠ, ନିଷ୍ଠାବାନ, ଧୈର୍ଯ୍ୟବାନ, ପ୍ରତିଶୋଧ ପରାୟଣା, ସହନଶୀଳ ଓ ସ୍ୱାଭିମାନୀ ଅଟନ୍ତି। ଏମାନେ ଆଜି ପାଇଁ ବଞ୍ଚନ୍ତି। ତଥାପି ମାନବିକତା ଖୁନ୍ଦିଖାନ୍ଦି ହୋଇରହିଛି। ଯେତିକି ସରଳ ଓ ନିରୀହ ଜଣାପଡ଼ନ୍ତି ଆବଶ୍ୟକ ସ୍ଥଳେ ସେତିକି ନିଷ୍ଠୁର ଓ ପ୍ରତିଶୋଧ ପରାୟଣା ମଧ୍ୟ ହୋଇଉଠନ୍ତି। ପରିସ୍ଥିତିର ଚକ୍ରରେ ପଡ଼ି ଏମାନେ ନିଷ୍ପେସିତ ହୁଅନ୍ତି। ତଳିତଳାନ୍ତ ହୁଅନ୍ତି ସିନା; କିନ୍ତୁ ଧୈର୍ଯ୍ୟହରା କେବେ ହୁଅନ୍ତି ନାହିଁ। 'ବାଲିଡିହା ବାଘ' ଗଳ୍ପର ଆଦିବାସୀ ଚରିତ୍ରଗୁଡ଼ିକ ହେଲେ ରେଙ୍ଗଟା ମାଝି, ସୁଲେଇ, ଟୁଇଲୁ, ଅଇବନ୍, ସେଙ୍ଗେଲ୍ ମାଝି ଓ ରୂପେଇ ପ୍ରଭୃତି। ରେଙ୍ଗଟା ମାଝିର ବଳଦକୁ ବାଘ ନେଇଯିବା ପରେ ଘଟଣାଟି ସରଗରମ ହୋଇଉଠିଲା। ତା'ପରେ ଆରମ୍ଭ ହୋଇଛି ବାଘଶିକାର ପାଇଁ ଯୋଜନା। ଶେଷରେ ସଫଳ ମଧ୍ୟ ହୋଇଛନ୍ତି। ଏଠାରେ ଆଦିବାସୀଙ୍କର ଅସୀମ ଧୈର୍ଯ୍ୟ ଓ ସାହସର ଚିତ୍ରଣ ଦେଖିବାକୁ ମିଳେ। ସେହିପରି 'କାଠ' ଗଳ୍ପରେ ତାଙ୍କ ସ୍ୱାଭିମାନର ଚିତ୍ର ରହିଛି। କାଠ ଚିରାଳି ସାନ୍ତାଳ ଦରବୁଢ଼ା ଜଣକ ଆଦିବାସୀ ଚରିତ୍ର। ଟେକିଟାକି ତା ପାଖରୁ କାମ ଆଦାୟ କରାଯାଇଛି। ଶୁଖିଲା ରୁଟିର ବିନିମୟରେ ଅଧିକା କାମ କରିବା ପାଇଁ କୁହାଯାଇଛି। କିନ୍ତୁ ଯେତେବେଳେ ତାକୁ ଅବିଶ୍ୱାସ କରାଯାଇଛି, ସେତେବେଳ ସେ ଗର୍ଜି ଉଠିଛନ୍ତି। ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ପାରିନାହାନ୍ତି। ପଇସାକୁ ଫିଙ୍ଗି ଚାଲି ଯାଇଛନ୍ତି। ଏଥିରୁ ଜଣାଯାଏ ଆଦିବାସୀମାନେ ସମ୍ପତ୍ତି ଅପେକ୍ଷା ସ୍ୱାଭିମାନକୁ ଅଧିକ ଗୁରୁତ୍ୱ ଦିଅନ୍ତି। 'ଶ୍ୱେତପଦ୍ମ' ଗଳ୍ପରେ ବି ଏହି ସ୍ୱାଭିମାନର କଥା ହିଁ ଲକ୍ଷ୍ୟ କରାଯାଇଛି। 'ଡୋକ୍ଲିଂ/ଦୋହାରୀ' ଗଳ୍ପରେ ଥିବା ଆଦିବାସୀ ଚରିତ୍ର 'ସୁମି' ଓ 'ସେଙ୍ଗେଲ' କିନ୍ତୁ ସମ୍ପୂର୍ଣ୍ଣ ନିରୀହ ଚରିତ୍ର। ସଭ୍ୟତାର ସୁଅରେ ଭାସି ଏମାନେ ସବୁକିଛି ହରାଇଛନ୍ତି। ଦାଦନରୁ ଫେରିବାର ନିଷ୍ପତ୍ତି ନେଲାବେଳେ ବାଧକ ସାଜିଛି ସଭ୍ୟତାର କଳୁଷିତ ଅଧ୍ୟାୟ। ତଥାପି ଏସବୁକୁ ସେମାନେ ଏକ ଅଭିଶାପ ବୋଲି ମନେ ନ କରି ମାନବୋଚିତ ବ୍ୟବହାର କରିଛନ୍ତି। ତେଣୁ ସାଙ୍ଗରେ ନେଇ ଆସିଛନ୍ତି ସୁମି ଗର୍ଭରୁ ଜନ୍ମିତ ଶିବଲାଲ୍‌ଙ୍କ ଅବୈଧ ସନ୍ତାନକୁ। ସେହିପରି 'ମକର ଘୁଷୁରି ସାହିର' ଗଳ୍ପକୁ ଦେଖିଲେ ଜଣାଯାଏ ଯେ ସେଥିରେ ଥିବା ଆଦିବାସୀ ଚରିତ୍ରଗୁଡ଼ିକ ସଂପୂର୍ଣ୍ଣ ଭାବରେ ପରିସ୍ଥିତିର କ୍ରୀଡ଼ନକ। ପୁଣି ନିଜ ଲୋକ ହିଁ ନିଜର ଶତ୍ରୁ। ଆଦିବାସୀ ନାରୀଟିଏ ଏଠି ନିଜ ଦେହକୁ ନିଲାମ କରେ। ପୁଣି ଭିଖାପରି ଚରିତ୍ର ସେମାନଙ୍କୁ ବିକ୍ରିକରି କମିଶନ ପାଏ। ବେଙ୍ଗ, ବେଙ୍ଗ ମା', ବେଙ୍ଗ ବାପା ପ୍ରଭୃତି ଏହି ଗଳ୍ପର ଆଦିବାସୀ ଚରିତ୍ର। 'ଧରିତ୍ରୀ' ଗଳ୍ପକୁ ଦେଖିଲେ ସେଠାରେ ଥିବା ଆଦିବାସୀ ଯୁବତୀ ଏକ ସହନଶୀଳ ପ୍ରକୃତିଦେବୀ ପରି ପ୍ରତୀୟମାନ ହୁଅନ୍ତି। ଏହି ଚରିତ୍ର ଶାନ୍ତ, ସରଳ ତଥା ମାତୃତ୍ୱର ଚରମ ନିଦର୍ଶନ। ତେଣୁ ନିଜେ ଗଳ୍ପନାୟକ ତାଙ୍କ କୋଳରେ ବସିବାର ସ୍ୱପ୍ନ ଦେଖିଛନ୍ତି।

ରାଜକିଶୋର ରାୟଙ୍କ ଗଳ୍ପର ଆଦିବାସୀ ଚରିତ୍ରଗୁଡ଼ିକ ଧର୍ମଭୀରୁ ଓ ପରିବର୍ତ୍ତନଶୀଳ ଚରିତ୍ର। ଆଦିବାସୀ ଚରିତ୍ର 'ଗିରିଜା' ମୂଳତଃ ଆଦିବାସୀ ହେଲେ ମଧ୍ୟ ଖ୍ରୀଷ୍ଟିୟାନ ପାଦ୍ରୀଙ୍କ ପ୍ରଭାବରେ ପଡ଼ି ଓ ତାଙ୍କୁ ବିବାହ କରି ହୋଇଛନ୍ତି ଖ୍ରୀଷ୍ଟିୟାନ୍। ପାଦ୍ରୀମାନଙ୍କର ସ୍ନେହ, ପ୍ରେମ ଓ ସହାନୁଭୂତି ଦ୍ୱାରା କିଛିକ୍ଷଣ ମନରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ମୂଳଧର୍ମକୁ 'ଗିରିଜା' ଛାଡ଼ିପାରିନାହିଁ। ତେଣୁ ପୁଣି ଫେରି ଯାଇଛନ୍ତି ନିଜ ଧର୍ମ ଭିତରକୁ।

ସଚ୍ଚିରାଉତରାୟଙ୍କ ଗପର ଆଦିବାସୀ ଚରିତ୍ରକୁ ଦେଖିଲେ ଜଣାଯାଏ ସେମାନେ ଯେତିକି ସରଳ, ଈଶ୍ୱର ବିଶ୍ୱାସୀ ସେତିକି ସ୍ୱାଭିମାନୀ ମଧ୍ୟ। 'ଜାଗିରି' ଗଳ୍ପର ଆଦିବାସୀ ଚରିତ୍ର ପାଣ୍ଡୁକନ୍ଧ। ସେ ତଣ୍ଟିକଟା ଜାଗିରି ଜମି ଭୋଗ କରେ। ନିଜ ଜୀବନକାଳ ଭିତରେ

ଅନେକ ନରବଳି ଦେଇଛି। ତା ପୂର୍ବରୁ ବାପ, ଜେଜେବାପାମାନେ ମଧ୍ୟ ଏହି କାମ କରୁଥିଲେ। ପ୍ରତିବର୍ଷ ଦଶହରାରେ ରାଜାଙ୍କ ନିର୍ଦ୍ଦେଶକ୍ରମେ ବାସୁଳେଇ ଠାକୁରାଣୀଙ୍କ ନିକଟରେ ନରବଳି ଦେଉଥିଲେ। କିନ୍ତୁ ସ୍ୱାଧୀନତା ପରେ ଗଣତନ୍ତ୍ର ଆସିବା ଫଳରେ ଏହି ନିଷ୍ଠୁର କର୍ମକୁ ତ୍ୟାଗ କରି ଖଜଣା ଦେଇ ଜମିଚାଷ କରିବ ବୋଲି ପାଣ୍ଡୁକନ୍ଧ ସିଧାସିଧା ହାକିମଙ୍କୁ କହିଛନ୍ତି। ଏଥିରେ ତାଙ୍କର ସ୍ୱାଭିମାନ ଫୁଟିଉଠିବା ସହିତ ବାଧ୍ୟ ବାଧକତାରେ ଯେ ଏହି ଜଘନ୍ୟ କର୍ମ କରୁଥିଲେ ତାହା ଜଣାପଡିଛି।

ପ୍ରାଣବନ୍ଧୁକର 'ହିରୋ' ଗଳ୍ପରେ ଆଧୁନିକ ମଣିଷର ଯୌନାକାଂକ୍ଷା ଓ ଆଦିବାସୀଙ୍କ ସ୍ୱାଭିମାନର କଥା ରହିଛି। ଏଠାରେ ଥିବା ଆଦିବାସୀ କନ୍ଧଯୁବକ ଅତ୍ୟାଚାରିତ ହେଉଥିବା ସ୍ତ୍ରୀଲୋକଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି। ଗଳ୍ପଟିରେ ଦୁଇଟି ଆଦିବାସୀ ଚରିତ୍ର ରହିଛନ୍ତି-କନ୍ଧଯୁବକ ଓ ତାଙ୍କ ସ୍ତ୍ରୀ। ମାଆ ଭଉଣୀଙ୍କ ଇଜ୍ଜତ ରକ୍ଷା କରିବାକୁ ଯାଇ ମିଲ୍‌ମାଲିକ ସହିତ ମକଦ୍ଦମା କରି ବିଜୟ ହୋଇଛି। ହେଲେ ଚାକିରୀ ହରାଇ ବସିଛି। ଆତ୍ମସମ୍ମାନ ପାଇଁ ମକଦ୍ଦମା ଲଢ଼ିଲା ବେଳେ ଅର୍ଥାଭାବ ଦେଖାଦେଇଛି। ପଇସା ପାଇଁ ଟ୍ରେନ୍‌ରେ ଭିକ୍ଷାବୃତ୍ତି କରିଛି। ନିଜର ସ୍ୱାଭିମାନକୁ ମଧ୍ୟ ପରିସ୍ଥିତି ଚକ୍ରରେ ଭୁଲିଯାଇଛି। ଅନେକଙ୍କଠୁ ଭର୍ତ୍ସନା ଶୁଣିବାକୁ ମିଳିଛି। ମାତ୍ର ମକଦ୍ଦମାରେ ହାରିଯିବା ପରେ ସେମାନେ କୁଲିକାମ କରି ଜୀବନ ନିର୍ବାହ କରିଛନ୍ତି। ଗାଳ୍ପିକଙ୍କ ଏହି ଚରିତ୍ର ଦୁଇଟି ସ୍ୱାଭିମାନର ମୂର୍ତ୍ତିମନ୍ତ ବିଗ୍ରହ। କନ୍ଧ ଯୁବକ ବାସ୍ତବରେ ଆଦିବାସୀଙ୍କ ହିରୋ। ସେ ପରିସ୍ଥିତିରେ ପଡ଼ି ତୁଚ୍ଛ ବୃତ୍ତିକୁ ଆପଣେଇଥିଲେ ସତ; କିନ୍ତୁ ତଥାପି ତା'ର ସ୍ୱାଭିମାନଟିକକ ବଞ୍ଚି ରହିଥିଲା।

ଗୋପୀନାଥ ମହାନ୍ତିଙ୍କ ଗଳ୍ପରେ ବର୍ଣ୍ଣିତ ଆଦିବାସୀ ଚରିତ୍ରଗୁଡ଼ିକ ଯେପରି ସରଳ, ସେପରି ଧର୍ମୀୟ ଚିନ୍ତାଧାରାରେ ମଧ୍ୟ ଅଟଳ। ଏଠି ଧର୍ମ କହିଲେ ମାନବଧର୍ମକୁ ବୁଝାଏ। ତାଙ୍କ 'ପାଳଭୂତ' ଗଳ୍ପରେ ହିଂସ୍ରତା ଓ ପଶୁଶକ୍ତି ଉପରେ ମାନବିକତାର ବିଜୟ କଥା ବର୍ଣ୍ଣିତ। ଗଳ୍ପନାୟକ 'ଅଜୟ'ର ପାରା ଶିକାର କରିବା ଭିତରେ ଯେଉଁ ହିଂସ୍ରତା ଜନ୍ମ ନେଇଛି, ତାହା ମାଝିଙ୍କର ବାରଣ ଓ ଧର୍ମୀୟ ପ୍ରସଙ୍ଗ ବର୍ଣ୍ଣନା ଭିତରେ ମାନବିକତାର ନବଉନ୍ମେଷ ଘଟିଛି। ସେହିପରି 'ବିସ୍ମୃତ' ଗଳ୍ପରେ ଆଦିବାସୀଙ୍କର ଜୀବନ ଯନ୍ତ୍ରଣା ସତ୍ତ୍ୱେ ଆନନ୍ଦମୁଖର କଥା ହିଁ ଚିତ୍ରିତ ହୋଇଛି। ପରଜା ଯୁବକ ଯୁବତୀ ଆଦି ଚରିତ୍ରଗୁଡ଼ିକ ପୋଡୁଚାଷ, ପଥରକଟା ତଥା କୁଲିକାମ କରି ଜୀବନ ନିର୍ବାହ କରୁଥିଲେ ମଧ୍ୟ ତାଙ୍କ ମୁଖରେ ସଦା ଆନନ୍ଦର ହସ ଫୁଟି ଉଠୁଥିଲା। ଶିବରାମ ଚରିତ୍ର ମଟର ଲରୀର ଡ୍ରାଇଭର ପାଖରେ ଥାଇ ଅତୀତକୁ ସ୍ମରଣ କରୁଥିଲା। ତା'ର ମନେ ପଡୁଥିଲା ଚଇତି ପର୍ବର କଥା। ଧାଙ୍ଗଡ଼ୀ ଗୀତ ଗୁଣୁ ଗୁଣେଇବା ଭିତରେ ମନେପଡୁଥିଲା ପ୍ରତିଦିନର ଅଭିସାରର କଥା। ଶିବରାମ ଚରିତ୍ରଟି ଯଦିଓ ଦୁର୍ଘଟଣା ଭିତରେ ମରିଯାଇଛି; କିନ୍ତୁ ପରଜା ଝିଅଙ୍କର ମୁହଁରେ ଉଚ୍ଛୁଳା ହସ ବନ୍ଦ ହୋଇନାହିଁ କି ଆଦିବାସୀ ଚରିତ୍ରଗୁଡ଼ିକର ସ୍ୱାଭାବିକତା ଲୋପ ପାଇନାହିଁ। ପ୍ରକୃତିର ଧାରା ପରି ଅପରିବର୍ତ୍ତିତ ରହି ସମୟର ପରିବର୍ତ୍ତନରେ ବିଶେଷ ପ୍ରଭାବିତ ହୋଇନାହିଁ। ତେବେ ଗାଳ୍ପିକଙ୍କ 'ପିମ୍ପୁଡ଼ି' ଗଳ୍ପ ଭିତରେ ମାନବିକ ସମ୍ବେଦନଶୀଳତା ଓ ସହାନୁଭୂତି ପ୍ରକାଶ ପାଇଛି। ଏଠି ପିମ୍ପୁଡ଼ି ଏକ ପ୍ରତୀକାତ୍ମକ ଚରିତ୍ର। ଯିଏ ଆଦିବାସୀଙ୍କର ଜୀବନଶୈଳୀକୁ ପ୍ରତିବିମ୍ବିତ କରୁଛି। ଆଦିବାସୀମାନେ ପିମ୍ପୁଡ଼ି ପରି କର୍ମଠ ଏବଂ ଶୃଙ୍ଖଳିତ। ସେମାନେ ବର୍ତ୍ତମାନ ପାଇଁ ବଞ୍ଚନ୍ତି। ସାହୁକାର, ମହାଜନଠାରେ ସବୁ ହରାଇ ସାରିବା ପରେ ଜୀବନ ସଂଗ୍ରାମରେ ଦେଖା ଦିଅନ୍ତି। ଚାଖଣ୍ଡେ ପେଟ ପାଇଁ ଦିନରାତି ଅକ୍ଳାନ୍ତ ପରିଶ୍ରମ କରନ୍ତି। ତେଣୁ ଘଟଣାକ୍ରମରେ ହାଟ ପହଂଚିବା ପୂର୍ବରୁ ଚାଉଳ ଚୋରା ଚାଲାଣ କରିଛନ୍ତି। ସେଥିରୁ ଯାହା ଲାଭ ମିଳିଛି ସେଥିରେ ତାଙ୍କ ଭୋକିଲା ପେଟକୁ ଶାନ୍ତ କରିଛନ୍ତି। ଖୁସିରେ ନୁହେଁ ବାଧ୍ୟରେ ଚାଉଳ ଚୋରା ଚାଲାଣ କରିଛନ୍ତି। ତଥାପି ମାନବିକତା ସେମାନେ ହରାଇନାହାନ୍ତି। ତେଣୁ ଚୋରା ଚାଲାଣ ରୋକିବାକୁ ଯାଇଥିବା ରମେଶକୁ ଦେଇଛନ୍ତି ଆତିଥ୍ୟତା। ଏଥିରେ ଅଫିସର ରମେଶର ଭାବାନ୍ତର ଘଟିଛି। ସମସ୍ତେ ଆପଣାର ମନେ ହୋଇଛନ୍ତି। ଗାଳ୍ପିକଙ୍କ ଭାଷାରେ– "× × × ଚାରିଆଡ଼େ ଖାଲି ପିମ୍ପୁଡ଼ି, ପିମ୍ପୁଡ଼ି, ଭୋକିଲା ପିମ୍ପୁଡ଼ି ବଞ୍ଚିବା ପାଇଁ ଆଧାର ବୋହି ନେଉଛନ୍ତି, ଆଉ ପିମ୍ପୁଡ଼ି ଧାର ଏକାଠି ହୋଇ ମନ୍ଦା ବାନ୍ଧୁଛି ନୂଆ ଅଭିଯାନ ପାଇଁ– ସେ ବଞ୍ଚିବାକୁ ଚାହେଁ।"୪। ଭାବନା ରାଜ୍ୟରେ ଏହି ଦୃଶ୍ୟ ରମେଶକୁ ତାଙ୍କ ମାନବିକତା ଆଡ଼କୁ ବାଟ କଢ଼ାଇଛି। ଫଳସ୍ୱରୂପ ହଠାତ୍ ତାଙ୍କ ପାଟିରୁ ବାହାରି ଆସିଛି– 'ଛାଡ଼ିଦିଅ ସେମାନଙ୍କୁ ସେମାନେ ଚାଲିଯାଆନ୍ତୁ।' ଗଳ୍ପଟିରେ ରମେଶ ମୁଖ୍ୟ ଚରିତ୍ର ହେଲେ ବି ବର୍ଣ୍ଣନା ଭିତରେ, ବୃଦ୍ଧା ଓ ଗ୍ରାମବାସୀମାନେ ଆଦିବାସୀ ଚରିତ୍ର। ସମଗ୍ର ଗଳ୍ପଟିରେ ପ୍ରତୀକାତ୍ମକ ଢଙ୍ଗରେ ଆଦିବାସୀଙ୍କର ଚରିତ୍ରକୁ ବର୍ଣ୍ଣନା କରାଯାଇଛି।

ସେହିପରି ତାଙ୍କର ଅନ୍ୟ ଏକ ଗଳ୍ପ 'ଶିକାର'ରେ ଆଦିବାସୀଙ୍କର କରୁଣ କାହାଣୀକୁ ଚପରାସି ଲକ୍ଷ୍ମୀନାରାୟଣ ମୁଖରେ ଶୁଣାଇଛନ୍ତି। 'ବଘେଇ' ଗଳ୍ପରେ କିନ୍ତୁ ରହିଛି ବାଘ ଶିକାର କରିବାର କାହାଣୀ। ଗଳ୍ପରେ ରହିଛନ୍ତି ଧୂର୍ବ ସିଂ, ଧନୁ ପଣ୍ଡିତ, ସୁନୁ ପ୍ରଭୃତି ଆଦିବାସୀ ଚରିତ୍ର। ବାଘର ତାଣ୍ଡବରେ ଅତିଷ୍ଠ ଲେଡ଼େଂ ଗ୍ରାମର ଆଦିବାସୀମାନେ ବ୍ରାହ୍ମଣୀ ଦେଇ ଠାକୁରାଣୀର ଭରସା ନେଇବାଘୁଣୀ

ଶିକାର କରିବା ପାଇଁ ବାହାରନ୍ତି । ମନ୍ତୁରା ପାଣି ଦେହରେ ମାରି ଶିକାରକୁ ଯାଇଛନ୍ତି । ବାଘକୁ ଦେବତା ମାନୁଥିବା ଏହି ଆଦିବାସୀମାନେ ଆଜି କିନ୍ତୁ ତାଙ୍କ ବିରୁଦ୍ଧରେ ବାହାରିଛନ୍ତି । କେବେ ଶିକାରକୁ ବାହାରି ନ ଥିବା ଲେଡେଂବାସୀ ବାଘୁଣିର ଶିକାର ହୋଇଛନ୍ତି ସିନା; ବାଘକୁ ଶିକାର କରି ପାରିନାହାନ୍ତି । 'ଟଡ଼ପା' ଗଳ୍ପରେ ରହିଛି କନ୍ଧ ଆଦିବାସୀଙ୍କ ପରଂପରା ଓ ଜୀବନଚକ୍ରର କଥା । ଏହି ଗଳ୍ପର ମୁଖ୍ୟ ଚରିତ୍ର ଟଡ଼ପା ଏକ ଆଦିବାସୀ ଯୁବକ । ଗଳ୍ପନାୟକ ନିଜ ଟିମ୍ ସହିତ ପରିଦର୍ଶନରେ ଯାଇଥିବାବେଳେ ରାତିରେ ଟଡ଼ପା ସହିତ ଦେଖାହୋଇଛି । ତାଙ୍କୁ ପଚାରିଲାରୁ ସେ କନିଆ ଶିକାର କରିବାକୁ ପେନୁବାଲି ଗାଁକୁ ଯାଉଛନ୍ତି ବୋଲି କହିଛି । ଅର୍ଥାତ୍ ସେ ଅନ୍ୟ ଗାଁକୁ ନାଚିବାକୁ ଯାଉଥାନ୍ତି । କଥାବାର୍ତ୍ତାରୁ ଜଣା ପଡ଼ିଛି ଯେ ଏହି ସଂପ୍ରଦାୟର ଲୋକେ ନାରୀକୁ ମାତୃତୁଲ୍ୟ ସମ୍ମାନ ଦିଅନ୍ତି ଏବଂ ନିଜ ପ୍ରେମିକାଙ୍କ କୋଳରେ ବସନ୍ତି । ଏହି ଘଟଣା ଯଦିଓ ସଭ୍ୟସମାଜକୁ ଅଡୁଆ ଲାଗିଲେ ବି ତାଙ୍କ ବିଚାରଧାରାକୁ ସମ୍ମାନ ଦେବାକୁ ବାଧ ହୋଇଛନ୍ତି । ବାମାଚରଣଙ୍କର ଆଦିବାସୀ ଚରିତ୍ର ଗୁଡ଼ିକ ଏତେ ସରଳ ଓ ସତ୍ୟନିଷ୍ଠ ଯେ ବିଚାରକମାନେ ମଧ୍ୟ ଅଡୁଆ ପଡ଼ିଯାଇଛନ୍ତି । ତାଙ୍କ 'ଅପରାଧୀ' ଗଳ୍ପରେ ଟୁଣୁକା ପରଜା ଓ ହରିଡମ୍ବକୁ ଜେଲ୍‌ଦଣ୍ଡରୁ ମୁକୁଳେଇବା ପାଇଁ ବିଚାରକମାନେ ଅନେକ ଚେଷ୍ଟା କରି ବିଫଳ ହୋଇଛନ୍ତି ।

ଭୁବନେଶ୍ୱର ବେହେରାଙ୍କ ଗଳ୍ପରେ ଥିବା ଆଦିବାସୀ ଚରିତ୍ରଗୁଡ଼ିକ ବହୁବିଧ ଗୁଣ ନେଇ ପ୍ରକାଶିତ ହୁଅନ୍ତି । 'ନାଚେ ବେନୁଆ ନାଚେ' ଗଳ୍ପର ଆଦିବାସୀ ଚରିତ୍ର ସ୍ୱାଭିମାନ ଓ ଧୈର୍ଯ୍ୟଶୀଳ ବ୍ୟକ୍ତିତ୍ୱ । ସେ ପେଟ ପୋଷିବା ପାଇଁ ମାଙ୍କଡ଼କୁ ନଚାଇ ପାରନ୍ତି, ମାତ୍ର କେବେ ବି ଭିକ୍ଷା ବୃତ୍ତି କରିପାରିବେ ନାହିଁ । ଇଂଜିନିୟର ପତ୍ନୀଙ୍କ ସାମ୍ନାରେ ତେଣୁ କହିଛନ୍ତି– "ଜୀବନ ପଛକେ ଯିବ, ଭିକ ମାଗିବି ମା' ? ବଳବୟସ ଥିବା ଯାଏ କାମକରୁଥିଲି, ଏବେ ଆଉ କାମକୁ ପାରୁନି । ଏଇ ମାଙ୍କଡ଼ ନାଚ ଦେଖାଇ ଯିଏ ଯାହାଦିଏ ନିଏ ।"୫ । ଅନ୍ୟ ଏକ ଗଳ୍ପ 'ଫର୍‌ଫର୍ ଉଡ଼େ ପଣତ କାନି'ରେ ରହିଛନ୍ତି ଶବର ଆଦିବାସୀ ଦଂପତି, ଟୁଲୁ ଓ ଭଏଁରୀ । ଏମାନେ ଶୋଷିତ ରଚିତ୍ର । କେତେବେଳେ ଠିକାଦାରଙ୍କ ପାଖରେ ଅତ୍ୟାଚାରିତ ହୋଇଛନ୍ତି ତ, କେତେବେଳେ ସାହୁକାର ପାଖରୁ ଠକାମୀର ଶିକାର ହୋଇଛନ୍ତି । ଗଳ୍ପଟିରେ ଟୁଲୁ, ଭଏଁରୀ ଓ ଟୁଲୁର ବାପା ପ୍ରଭୃତି ଆଦିବାସୀ ଚରିତ୍ର ରହିଛନ୍ତି । ସେହିପରି 'ଡୁକାକନ୍ଧ' ଗଳ୍ପରେ ଥିବା ଡୁକାକନ୍ଧ, 'ଚିତ୍ରି ଓ ପୁଷ୍ପରବ' ଗଳ୍ପରେ ଥିବା କନ୍ଧରମଣୀ 'ଚିତ୍ରି' ପ୍ରଭୃତି ସରଳ ଆଦିବାସୀ ଚରିତ୍ରର ଗୋଟିଏ ଗୋଟିଏ ପ୍ରତିନିଧି ଚରିତ୍ର । ଏମାନେ ପ୍ରକୃତିପରି ସରଳ, ସାବଲୀଳ ଓ ସ୍ୱାଧୀନଚେତା । କିନ୍ତୁ 'ବିଲେଇ' ଗଳ୍ପର ବିଲେଇ ଚରିତ୍ର ପ୍ରତିଶୋଧପରାୟଣ ଏକ ବିଧୁର ମାତୃତ୍ୱ ଚରିତ୍ର । କନ୍ୟା ସନ୍ତାନକୁ ହରାଇବା ପରେ ନିଜ ସ୍ୱାମୀକୁ ସେ ନିଜେ ମାରିଦେଇଛି । ସ୍ତ୍ରୀତ୍ୱ ଅପେକ୍ଷା ମାତୃତ୍ୱକୁ ଯେ ଆଦିବାସୀନାରୀ ଅଧିକ ଗୁରୁତ୍ୱ ପ୍ରଦାନ କରେ ସେକଥା ଏହି 'ବିଲେଇ' ଗଳ୍ପରୁ ଜଣାପଡ଼େ ।

ସୁରେନ୍ଦ୍ର ମହାନ୍ତି ମାତ୍ର ଅଳ୍ପ କେତୋଟି ଗଳ୍ପରେ ଆଦିବାସୀଙ୍କୁ ସ୍ଥାନ ଦେଇଛନ୍ତି । ସେମାନଙ୍କର ସାମାଜିକ ଅବସ୍ଥା ଓ ବିଭିନ୍ନ ସମସ୍ୟା ତଥା ମାନସିକ ସଂଘର୍ଷକୁ ସେଥିରେ ସଚେତନ ଭାବରେ ପ୍ରକାଶ କରିଛନ୍ତି । 'ଖାଦାନୀ' ଗଳ୍ପରେ ଗାଳ୍ପିକ ମୁଣ୍ଡା ଜନଜାତିର ଚରିତ୍ରକୁ ଚିତ୍ରିତ କରିଛନ୍ତି । ଏହି ଗପର ଆଦିବାସୀ ଚରିତ୍ରଗୁଡ଼ିକ ହେଉଛନ୍ତି– ଜାନମ୍‌ମୁଣ୍ଡା, ରାୟମନି, ଫୁଲମନି ଓ ମାନସିଂ । ସ୍ତ୍ରୀର ମୃତ୍ୟୁ ପରେ ଜାନମ୍ ମୁଣ୍ଡାଙ୍କ ଦୁଇଝିଅ ରାୟମନି ଓ ଫୁଲମନି ବାରଣ ସତ୍ତ୍ୱେ ବି ଖାଦାନକୁ ଯାଇ ସଭ୍ୟ ମଣିଷର ଉପଭୋଗ୍ୟା ସାଜିଛନ୍ତି । ଫଳରେ ଫୁଲମନିକୁ ଭଲ ପାଉଥିବା ମାନସିଂ ନାରାୟଣ ପ୍ରସାଦ ସହିତ ଫୁଲମୁନିର ଅବୈଧ ସଂପର୍କ କଥା ଜାଣିବା ପରେ ଦୁହିଁଙ୍କୁ ସେ ହତ୍ୟା କରି ଜେଲ୍ ଯାଇଛନ୍ତି । ତଥାପି ଜାନମ୍ ମୁଣ୍ଡା ଏସବୁ କଥାକୁ ଖାତିର ନ କରି କନ୍ୟାର ଶବକୁ ନେଇ ଶବ ସଂସ୍କାର କରିଛି । ସେହିଦିନଠାରୁ ମାନସିଂ ଖାଦାନକୁ ଘୃଣା କରୁଥିବା ବେଳେ ଜାନମ୍ ମୁଣ୍ଡାର ବିଶ୍ୱାସ ହୋଇଛି ଯେ– 'ଆଦିବାସୀ ମଣିଷ ଖାଦାନକୁ ଗଲେ ଆଉ ସେ ଆଦିବାସୀ ହୋଇ ଫେରେନାହିଁ ।'୬ । ଏଠି ଜାନୁମ୍ ମୁଣ୍ଡା ପରମ୍ପରା ଓ ବିଶ୍ୱାସବୋଧର ପ୍ରତିନିଧିତ୍ୱ କଲାବେଳେ ମାନସିଂ ପ୍ରେମର ପୂଜାରୀ ହୋଇ ଗଳ୍ପରେ ଦେଖାଦେଇଛନ୍ତି । ସେହିପରି ରାୟମନି ଓ ଫୁଲମନି ଦୁଇଟି ଚରିତ୍ର ସଭ୍ୟତାର ସ୍ୱାଦ ଚାଖିବାକୁ ଯାଇ ନିଜ ପବିତ୍ରତାକୁ ଦ୍ୱାହି ଦେଇ ଉପଭୋଗ୍ୟା ପାଲଟିଛନ୍ତି । ଆଦିବାସୀ ନାରୀଟିଏ ଏଠି ନିଜର ପବିତ୍ରତା ହରାଇ ବସିଛି । ଏହି ଗାଳ୍ପିକଙ୍କର ଅନ୍ୟ ଏକ ଗଳ୍ପ 'ବଳିଦାନ' । ଦେଶ ସଂଗ୍ରାମର କଥା କହେ । ଏଠି ଆଦିବାସୀ ଚରିତ୍ରମାନେ ନେତାମନ୍ତ୍ରୀର କ୍ରୀଡ଼ନକ ସାଜିଛନ୍ତି । ଝାଡ଼ଖଣ୍ଡ କ'ଣ ନ ଜାଣି ସୁଦ୍ଧା ଝାଡ଼ଖଣ୍ଡ ଗଠନ ସଂଗ୍ରାମରେ ଝାସ ଦେଇଛନ୍ତି । ଆଦିବାସୀ ଯୁବକ 'ବିନୋଦିଆ' ଓ ଯୁବତୀ 'ମହୁଆ' ଏ ଗଳ୍ପରେ ଦୁଇଟି ଆଦିବାସୀ ଚରିତ୍ର । ଏମାନେ ସଂଗ୍ରାମ ସମୟରେ ଆତ୍ମରକ୍ଷା ପାଇଁ ଧାଉଁଥିବାବେଳେ ଦେହରେ ଗୁଳିବାଜି ଟଳି ପଡ଼ିଛନ୍ତି । ସରଳ ଆଦିବାସୀଙ୍କୁ ନେଇ କରାଯାଉଥିବା ରାଜନୀତିର କରୁଣଚିତ୍ର ଗଳ୍ପଟିରେ ପ୍ରତିଫଳିତ ହୋଇଛି । 'ସଭ୍ୟତାର ଗ୍ରାସ'ଗଳ୍ପଟି କିନ୍ତୁ ଟିକିଏ ଭିନ୍ନ ଧରଣର । ଏଠାରେ ସଭ୍ୟ ମଣିଷର କୁତ୍ସିତ ଯୌନଲାଳସା, ଧର୍ମୀୟ ଚିନ୍ତାଧାରା ଓ ଶାସନତନ୍ତ୍ରର ପ୍ରହେଳିକାରେ ଆଦିବାସୀ ସଂସ୍କୃତି ଓ ଜୀବନଧାରା ଧୂଳିସାତ ହେବାର ଲକ୍ଷ୍ୟ କରାଯାଇଛି । 'ବନଲତା

ସେବାଶ୍ରମ'ର କନ୍ଧ ଯୁବତୀ ପଦୁଆଁ କଲ୍ୟାଣ ଦାସର ଶିକାର ହୋଇ ଝୋଲା ସୁଅରେ ଶବ ହୋଇ ଭାସିଛି। କିନ୍ତୁ ଏହାକୁ କେହି ଆଦିବାସୀ ଜାଣି ପାରିନାହାନ୍ତି। ପାଦ୍ରୀ, ପୋଲିସ, ଡାକ୍ତର, ସରପଞ୍ଚ ସମସ୍ତେ କେବଳ ସଭ୍ୟତା ନାଁରେ ଅତ୍ୟାଚାର କରି ଆସିଛନ୍ତି। ଅଥଚ ଗାଁର ଜାନି ତାହାକୁ ଜାଣି ପାରିନାହିଁ। ଗଳ୍ପଟିରେ ଗାଳ୍ପିକ ଶ୍ରୀ ମହାନ୍ତି ସଭ୍ୟମଣିଷଙ୍କ ଚରିତ୍ର ଓ ଆଦିବାସୀ ଚରିତ୍ରର ଏକ ତୁଳନାତ୍ମକଚିତ୍ର ଉପସ୍ଥାପନ କରିଛନ୍ତି।

ଅଖିଳମୋହନଙ୍କ ଗଳ୍ପରେ ଆଦିବାସୀ ଚରିତ୍ରଗୁଡ଼ିକ ଯେପରି ବିଶ୍ୱାସୀ ଓ ସରଳ, ଅନୁରୂପ ଭାବରେ ସ୍ୱପ୍ନପ୍ରବଣ ମଧ୍ୟ। ତାଙ୍କ 'ରତୁଚକ୍ର' ଗଳ୍ପର ଆଦିବାସୀ ଚରିତ୍ର 'ଜୁଆଙ୍ଗ',ବାପର ଋଣ ପରିଶୋଧ ପାଇଁ ସାହୁକାର ପାଖରେ ଗୋତି ଖଟିଛି। ସାହୁକାର ସହିତ ବଜାରକୁ ଯାଇଛି। ଗୋଦାମରେ କାମ କରିଛି। କାମ କରିବା ଭିତରେ ସ୍ୱପ୍ନପ୍ରବଣ ହୋଇଉଠିଛି। ତେଣୁ ଆଖିଆଗରେ ନାଚିଉଠେ ନଦୀ, ଝରଣା କେତେ କ'ଣ ? ପୁଣି ରାତିରେ ବିଶ୍ରାମଗଲେ ବିରକ୍ତି ହୁଏ। ମନକୁ ମନ କହେ- "ଏଠି ରାତି ଖାଲି ଶୋଇବା ପାଇଁ, ଜହ୍ନ ଆଲୁଅରେ ଡିର୍ଲାର ହାତରେ ହାତଗୁଡ଼େଇ ନାଚିବା ପାଇଁ ନୁହେଁ, ସଲପ ପାଇଁ ନୁହେଁ, ଏ ରାତିର ବିଶ୍ରାମ କେବଳ ଖାଲି ଅଣନିଃଶ୍ୱାସୀ ହୋଇ ଧାଇଁବା ପାଇଁ।" ୭। ଗଳ୍ପଟିରେ ରହିଛି ସହରୀ ସଭ୍ୟତାର ଜୀବନ ଯନ୍ତ୍ରଣା ଓ ଗ୍ରାମୀଣ ସରଳ ଜୀବନର ନୂଆ ମାଦକତା।

ଅଚ୍ୟୁତାନନ୍ଦ ପତି ଆଦିବାସୀଙ୍କୁ ନେଇ ଗୋଟିଏ ମାତ୍ର ଗଳ୍ପ ରଚନା କରିଛନ୍ତି 'ସଭ୍ୟତାର ସ୍ୱପ୍ନ'। ଏଥିରେ ଥିବା ଆଦିବାସୀ ଚରିତ୍ରଗୁଡ଼ିକ ଯେତିକି ସରଳ, ପାରମ୍ପରିକ ତା'ଠାରୁ ଅଧିକ ସ୍ୱାଭାବିକ ଓ ବାସ୍ତବବାଦୀ ମନେ ହୁଅନ୍ତି। ସମୟର ସ୍ରୋତରେ ଏମାନେ ସଭ୍ୟତାର ସ୍ୱପ୍ନ ଦେଖିଛନ୍ତି ସିନା କିନ୍ତୁ ହଜିଯାଇଥିବା ସ୍ୱାଭାବିକତାକୁ ମଧ୍ୟ ଲକ୍ଷ୍ୟ କରିଛନ୍ତି- 'ଏଠି ଲୋକ ହସନ୍ତିନି ବଞ୍ଚନ୍ତି କେମିତି ?' ଧାଡ଼ିଟି ବୋଧହୁଏ ତା'ର ନିଛକ ପରିପ୍ରକାଶ। ଗଳ୍ପଟିରେ 'ଦୋସମା' ଓ 'ଲେବେଗା' ଦୁଇଟି ଆଦିବାସୀ ଚରିତ୍ର। ଉଭୟେ କୋହ୍ଲ ସଂପ୍ରଦାୟର। ଗାଁରେ ମରୁଡ଼ି ଯୋଗୁଁ ପ୍ରଥମେ ଲୋବେଗା ଆସିଛି ସହରକୁ। ପରେ ଦୋସମା ଯେତେବେଳେ ତାଙ୍କ ପାଖକୁ ଆସିଛି, ବିରକ୍ତି ହୋଇ ଉଠିଛି ଲେବେଗା। କାରଣ ସେ ଜାଣିଛନ୍ତି ନିଜେ ଯେଉଁ ପଥର ଯାତ୍ରୀ ହୋଇଛନ୍ତି ସେଠୁ ପ୍ରକୃତି କୋଳକୁ ଫେରିବା କେବଳ କଷ୍ଟସାଧ୍ୟ ବ୍ୟାପାର ନୁହେଁ ଅସାଧ୍ୟ ମଧ୍ୟ। ଏ ଭିତରେ ମନେ ପକେଇ କେବଳ ଝୁରି ହୋଇଛି ନିଜର ଅତୀତକୁ। ଗଳ୍ପରେ ରହିଛି ଆଦିବାସୀ ସଂସ୍କୃତି ଅବକ୍ଷୟ ଚିତ୍ର। ସତେ ଯେପରି ସଭ୍ୟତାର ସ୍ୱପ୍ନଭିତରେ ଗ୍ରାମୀଣ ପରିବେଶଟିଏ ଆଜି ନିସ୍ତବ୍ଧ ହୋଇପଡ଼ିଛି। କେବଳ ସ୍ମୃତିରାଇଜରେ ସାଇତା ଜିନିଷ ପରି ରହିଯାଇଛି।

ଦୁର୍ଗାମାଧବ ମିଶ୍ରଙ୍କ ଆଦିବାସୀଗଳ୍ପର ଚରିତ୍ରଗୁଡ଼ିକ ଯେତିକି ସମ୍ବେଦନଶୀଳ ଓ ସରଳ ସେତିକି ନିଷ୍ଠୁର ମଧ୍ୟ। ଏମାନଙ୍କ ଭିତରେ ପ୍ରେମର ପରାକାଷ୍ଠା ଯେଭଳି ଭାବରେ ପ୍ରକାଶିତ, ଅର୍ଥ ଆଦାୟର ପ୍ରକ୍ରିୟା ସେଭଳି ନୃଶଂସ ମନେହୁଏ। 'ଚନ୍ଦ୍ରାହତ' ଗଳ୍ପରେ ଥିବା ଆଦିବାସୀ ଚରିତ୍ରଗୁଡ଼ିକ ହେଲେ 'ଡିସାରୀ ଗମାଙ୍ଗ', ତାଙ୍କ କନ୍ୟା ଏବଂ ତିନିଜଣ ଯୁବକ। ଘଟଣାକ୍ରମରେ ଡିସାରୀ ଗମାଙ୍ଗ ଋଣ ପରିଶୋଧ ନ କରିପାରିବାରୁ ତାଙ୍କ କନ୍ୟାକୁ ଏମାନେ ଉଠାଇ ଆଣିଛନ୍ତି ପ୍ରତିଶୋଧ ନିମନ୍ତେ। ସେହିପରି 'ବୁଦାକିରିସାନୀ' ଗଳ୍ପରେ ଆଦିବାସୀଚରିତ୍ର 'ବୁଦା କିରିସାନୀ' ଓ 'ଲଛମୀ ଟୋକୀ' ପବିତ୍ର ପ୍ରେମର ଏକ ମୂର୍ତ୍ତିମନ୍ତ ବିଗ୍ରହ। ଏହି ଗଳ୍ପରେ ନୃତ୍ୟଗୀତ ଓ ଶିକାରର ବର୍ଣ୍ଣନା ରହିଛି।

କୃଷ୍ଣଚରଣ ବେହେରା ଆଦିବାସୀ ଚରିତ୍ରକୁ ନେଇ ଅଳ୍ପ କେତୋଟି ମାତ୍ର ଗଳ୍ପ ରଚନା କରିଛନ୍ତି। ସେଗୁଡ଼ିକ ହେଲା- 'ଫୁଲମତୀ', 'ନୂଆ ମେରିଆ', 'ମଇଳା କୁଣ୍ଡ' ଓ 'ଝିଅ ହଜିଛି',ଇତ୍ୟାଦି। 'ଫୁଲମତୀ' ଗଳ୍ପରେ ଆଦିବାସୀ ଯୁବକ ଓ ଯୁବତୀଙ୍କ ପ୍ରେମ ପ୍ରଣୟ, ବିବାହ, କନ୍ୟାସୁନା ଓ ଜୋରିମାନା ଆଦିର ଚିତ୍ର ପ୍ରଦାନ କରିଛନ୍ତି। ଫୁଲବାଣୀର ଆଦିବାସୀ କନ୍ୟା 'ଫୁଲମତୀ'କୁ ନେଇ କାହାଣୀଟି ସମୃଦ୍ଧ। ଗଳ୍ପନାୟିକା ଫୁଲମତୀ ଭୀମସେନ୍‌କୁ ପ୍ରେମ କରେ, ଭୀମସେନ୍ ବି ଫୁଲମତୀକୁ ଭଲପାଏ। ତେଣୁ ଭୀମସେନ୍ ଡାକ ଛାଡ଼େ- "ଫୁଲମତୀ, ଏ ଫୁଲମତୀ..."। ଏହି ଡାକ ଶୁଣିବା ପାଇଁ ଫୁଲମତୀ ମଧ୍ୟ ବ୍ୟାକୁଳ ହୁଏ, ମାତ୍ର ସମସ୍ତଙ୍କ ସାମ୍ନାରେ ନ ଜାଣିଲା ପରି ହୁଏ। ଦୁହିଁଙ୍କ ବିବାହ ମଧ୍ୟରେ ବାଧକ ସାଜେ କନ୍ୟାସୁନା। ଆଦିବାସୀଙ୍କର କନ୍ୟାସୁନା ବିନା ବିବାହ ହୁଏନାହିଁ। ପୁଣି କାହା ସହିତ ଅବୈଧ ସଂପର୍କ ରଖିଲେ ସମାଜ ତାକୁ ଦଣ୍ଡିତ କରେ। ତେଣୁ ଘଟଣାକ୍ରମରେ ଫୁଲମତୀର ବାପା ଡ୍ରାଇଭର ପ୍ରଧାନର ବିଧବା ଝିଅ ସହିତ ସଂପର୍କ ରଖି ଆସୁଥିବା କଥା ଧରାପଡ଼ିବା ପରେ ଗାଁ ଲୋକ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଗଳ୍ପରେ ଫୁଲମତୀ, ଭୀମସେନ୍, ଫୁଲମତୀର ବାପା,ପ୍ରଧାନର ବିଧବା ଝିଅ ଓ ଗ୍ରାମବାସୀ ଆଦି ଆଦିବାସୀ ଚରିତ୍ର ରହିଛନ୍ତି।

ସେହିପରି 'ନୂଆ ମେରିଆ' ଗଳ୍ପର ସମସ୍ତ ଚରିତ୍ର ଆଦିବାସୀ ସଂପ୍ରଦାୟର। ଗାଁରେ ବିପଦ ପଡ଼ିବାର କାରଣ ଟାଣାପେନୁଙ୍କ କୋପ ବୋଲି ସମସ୍ତେ କହୁଥିବା ବେଳେ ତାଙ୍କ ମଧ୍ୟରେ ଥିବା ଶିକ୍ଷିତ ଯୁବକଟି

ଏହା ଅନ୍ଧ ବିଶ୍ୱାସ ବୋଲି କହିଛନ୍ତି। ମାତ୍ର ତା କଥାକୁ କେହି ବୁଝିବା ପାଇଁ ରାଜି ହୋଇ ନାହାନ୍ତି ଫଳରେ ଟାଣାପେନୁକୁ ସନ୍ତୁଷ୍ଟ କରିବାକୁ ଯାଇ ଅନେକ ନିରୀହ ଜୀବକୁ ବଳି ଦିଆଯାଇଛି। ଶିକ୍ଷିତ ଯୁବକ ଜୀବଟିର ଅସହାୟ ମୃତ୍ୟୁକୁ ଦେଖି ଦୁଃଖ ଓ ବେଦନାରେ ବିହ୍ୱଳ ହୋଇ ଉଠିଛନ୍ତି। ବଳିଖାଇ ଟାଣା ପେନୁ ଶାନ୍ତି ଓ ସନ୍ତୁଷ୍ଟ ହେଲା କି ନା ସେ ଜାଣି ପାରିନାହିଁ। ମାତ୍ର ନିଜର ଅନ୍ତରାତ୍ମାରେ ଝଡ଼ ଯେ ସୃଷ୍ଟି ହୋଇଛି ତାହାକୁ ସେ ଅନୁଭବ କରିପାରିଛି। କିଛି କରି ନ ପାରିବାର ଅସହାୟତା ଭିତରେ ସେ କେବଳ ଅଶ୍ରୁ ଢାଳିଥିଲେ ଭୁଏଣୀ ଥାନରେ। ଗଳ୍ପଟିରେ ଆଦିବାସୀଙ୍କ ବିଶ୍ୱାସବୋଧ, ଟାଣା ପେନୁକୁ ସନ୍ତୁଷ୍ଟ କରିବା ପାଇଁ ପୋଢ଼ ବଳି ଓ ଶିକ୍ଷିତ ଯୁବକର ନୀରବ ପ୍ରତିବାଦ ଭିତରେ ଆଦିବାସୀଙ୍କ ବାସ୍ତବ ଜୀବନ ରୂପାୟିତ ହୋଇଛି। ଆଦିବାସୀଙ୍କ ପୂଜା ପଦ୍ଧତିର ଆମୂଳଚୂଳ ବର୍ଣ୍ଣନା ଏହି ଗଳ୍ପରେ ଗାଳ୍ପିକ ପ୍ରଦାନ କରିଛନ୍ତି।

ଗାଳ୍ପିକ କୃଷ୍ଣଚରଣଙ୍କ ଅନ୍ୟ ଏକ ଗଳ୍ପ 'ମଇଳା କୁଣ୍ଡ'। ଏଥିରେ ଆଦିବାସୀ ନାରୀକୁ ମଇଳାକୁଣ୍ଡ ଭାବେ ରୂପାୟିତ କରିଛନ୍ତି। ଏହି ଗଳ୍ପଟିର ମୁଖ୍ୟ ନାୟିକା 'ରାଇମନୀ'। କେଉଁଝର ଜିଲ୍ଲାର ଉଦୟପୁରସ୍ଥ ମୁଣ୍ଡା ଆଦିବାସୀ ସଂପ୍ରଦାୟର ଝିଅ। ହଇଜାରେ ବାପାଙ୍କୁ ହରାଇବା ପରେ ମାଆ ହିଁ ଯେଣୁତେଣୁ ପ୍ରକାରେଣ ପରିବାର ପ୍ରତିପୋଷଣ କରନ୍ତି। ବଡ଼ ଭାଇ ଶାମ ମୁଣ୍ଡା ଥିଲେ ମଧ୍ୟ ସେ କିଛି କାମଦାମ କରନ୍ତି ନାହିଁ। ହାଣ୍ଡିଆ ଖାଇ ବାନାମ୍ ବା କେନ୍ଦରା ବଜାଇ ଦିନ ଅତିବାହିତ କରନ୍ତି। କ୍ରମେ ତାଙ୍କ ବୟସ ହେବାରୁ ବିବାହ ପାଇଁ କନ୍ୟା ଯୋଗାଡ଼ କରାଗଲା। ହେଲେ କନ୍ୟାପଣ ପାଇଁ ଗାଁ ଛାଡ଼ି ସହରକୁ ଆସିବାକୁ ପଡ଼ିଲା। ଆଶା ଥିଲା ସହରରେ ଟଙ୍କା ରୋଜଗାର କରି ବାହାଘର ସଂପାଦନ କରାଯିବ। ମାତ୍ର ସହରକୁ ଆସିଲା ପରେ ଏ ସହର ସମସ୍ତଙ୍କୁ ପରସ୍ପରଠୁ ଅଲଗା କରି ଦେଇଛି। ରାଇମନୀର ସଦ୍ୟ ଯୌବନ ଓ ସହରୀ ଅନୁଭୂତି ତାକୁ ବଜାରୀ ଆଡ଼କୁ ବାଟ କଢ଼େଇଚି। ପ୍ରଥମେ ଭୋଲା ମାରୱାଡ଼ିର ଟ୍ରକ ଡ୍ରାଇଭର କରିମ୍ ମିଆଁ ଓ ପରେ ଟ୍ରକ କ୍ଲିନର ଫକିରା, ପୋଲିସ କନେଷ୍ଟବଳ, ଭୋଲା ମାରୱାଡ଼ିର ପୁଅ ଓ କରିମ୍‌ର ସାଙ୍ଗସାଥୀ ରେଜାକ୍ ଖାଁ ଦରଜି, ହଲାର ମେସିନ୍ ଚାଳକ ଗଫୁର, ପାନଦୋକାନୀ ଦୀନା, ମଠ ବାବାଜୀ ହନୁମାନ ଦାସ ପ୍ରଭୃତି ଜଣେ ପରେ ଜଣେ ଆସି ତାକୁ ଉପଭୋଗ କରି ଉପହାର ଦେଇଛନ୍ତି। ଏସବୁ ଭିତରେ ରାଇମନୀ ସବୁ ଭୁଲିଯାଇଛି। ଭୁଲିଗଲା ତା'ର ଜଙ୍ଗଲି ଚାଲିଚଳନ, ମଫସଲି ଜୀବନ। ନୂତନ ସଭ୍ୟତାର ସ୍ୱାଦ ପାଇ ରାଇମନୀର ରୂପାନ୍ତର ଘଟିଛି। "ସେ ଭୁଲିଗଲା ନିଜର ମା', ଭାଇ, ଆତ୍ମୀୟ ସ୍ୱଜନମାନଙ୍କୁ- ପାଶୋରି ଦେଲା ନିଜର ଶାନ୍ତ ସରଳ ସମାଜକୁ।"୮। ଏଣିକି ସେ ସାୟା, ବ୍ଲାଉଜ, ରଙ୍ଗୀନ ଶାଢ଼ି, ପିନ୍ଧିଲା, ଶସ୍ତା କେମିକାଲ୍ ସୁଗନ୍ଧ ତେଲ ମାଖିଲା। ପ୍ରତିଦିନ ସାବୁନ ଲଗାଇ ଗାଧୋଇଲା। ସ୍ନୋ, ପାଉଡ଼ରରେ ନିଜ ମୁହଁକୁ ଘଷି ଚିକ୍କଣ କଲା। ଅଭାବ ବୋଲି କିଛି ରହିଲା ନାହିଁ। ହେଲେ ଏଇ ପୂର୍ଣ୍ଣତା ଭିତରେ ବି ଯେପରି ଅନୁଭବ କଲା ତା' ଦିହ ଭିତରେ କ'ଣ ଗୋଟାଏ ଜଳିଯାଉଛି। ମୁଣ୍ଡ ଭିତରଟା ଖାଲିଖାଲି ଲାଗୁଛି। ସାମାନ୍ୟ ପରିଶ୍ରମରେ ଗୋଡ଼ହାତ ଅବଶ ହୋଇ ପଡୁଛି। ସାରାଦେହ ଚେକା ଚେକା କି ଚିହ୍ନଗୁଡ଼ା ଦେଖାଦେଲାଣି। ଶେଷରେ ଭଦ୍ରକ ଯିବା ବାଟରେ ରାଇମନୀକୁ ଏକ ରାସ୍ତା କଡ଼ରେ ଛାଡ଼ି ଦିଆଗଲା। ସେହିଦିନଠୁ ରାଇମନୀ ଏକ ବିଖ୍ୟାତ ଦେହଜୀବୀ ଭାବରେ ଦେଖାଦେଲା। ସମସ୍ତଙ୍କ କାମନା ରୂପକ ମଇଳାକୁ ସଫା କରୁକରୁ ନିଜେ ପାଲଟିଗଲା ମଇଳାକୁଣ୍ଡ। ସେ ମଇଳାକୁଣ୍ଡରୁ ଜନ୍ମ ନେଲା ମଙ୍ଗଳ ମୁଣ୍ଡା। ତେଣୁ ତା' ବାପା ପରିଚୟ ପଚାରିଲା ବେଳକୁ ସେ ଅସମ୍ଭାଳ ହେଉଛନ୍ତି। ଗାଳ୍ପିକଙ୍କ ଏହି ଗଳ୍ପର 'ମଙ୍ଗଳ ମୁଣ୍ଡା'ର ଚରିତ୍ର ବୀଣାପାଣି ମହାନ୍ତିଙ୍କ 'ପାଟ ଦେଈ' ଗଳ୍ପର ପିତୃ ପ୍ରସଙ୍ଗକୁ ମନେ ପକାଇଦିଏ। ତେବେ ଯାହାବି ହେଉନା କାହିଁକି ଏହି ସହରୀ ସଭ୍ୟ ମଣିଷ ଯେ ନିଏ- କିଛି ଦିଏନା ଏକଥା ରାଇମନୀର ଚରିତ୍ର ଭିତରେ ଦେଖିବାକୁ ପାଉ। ତଥାପି କିନ୍ତୁ ରାଇମନୀ ବଞ୍ଚିଛି ଷ୍ଟେସନର ସେଇ ପୋଲ ତଳେ ନର୍ଦ୍ଦମା ପାଖ ବସାରେ ଥାଇ ବେଶ୍ ରୋଜଗାର କରିଛି। ନିଜ ସହିତ ବଞ୍ଚାଇଛି ପୁଅ ମଙ୍ଗଳକୁ। ଗଳ୍ପର ଶେଷରେ ଗାଳ୍ପିକ ସମାଜକୁ ପ୍ରଶ୍ନଟିଏ କରିଛନ୍ତି- "ମଇଳା କୁଣ୍ଡରେ ଆପଣ ସବୁଯାକ ମଇଳା ଜମା କରନ୍ତୁ, ମୋର ଆପତ୍ତି ନାହିଁ। କିନ୍ତୁ ମଣିଷ ଜୀବନ ଘେନି ମଇଳା ତିଆରି କରିବାକୁ ଆପଣଙ୍କର କି ଅଧିକାର ଅଛି ? କୁହନ୍ତୁ ବନ୍ଧୁ, ଆପଣଙ୍କର କି ଅଧିକାର ଅଛି ?"୯। ଏ ଉକ୍ତିଟି ଭିତରେ ଗାଳ୍ପିକଙ୍କର ସମୀକ୍ଷାତ୍ମକ ଦୃଷ୍ଟିକୋଣ ମଧ୍ୟ ଦେଖିବାକୁ ମିଳେ। ଗଳ୍ପଟିରେ ରହିଛି ଆଦିବାସୀ ନାରୀର ଜୀବନ ସଂଘର୍ଷ, ସଭ୍ୟ ଶିକ୍ଷିତ ସମାଜର ଲୋଲୁପ ଦୃଷ୍ଟି, ଶୋଷଣ ଓ ଅତ୍ୟାଚାର କଥା। ପୁଣି ଗ୍ରାମୀୟ ଜୀବନର ସରଳତା ସହରୀ ସଭ୍ୟତାର ସଂସ୍ପର୍ଶରେ କିଭଳି ବିପଥଗାମୀ ହେବାକୁ ଯାଉଛି ତା'ର ଚିତ୍ର ରୂପାୟିତ ହୋଇଛି।

'ଝିଅ ହଜିଛି' ଗଳ୍ପରେ ଆଦିବାସୀ ଚରିତ୍ର ହେଉଛନ୍ତି- ନିଜେ ଗଳ୍ପ ନାୟିକା ଦୁଲି,ତାଙ୍କ ବାପା, ମାଆ, ବଡ଼ଭାଇ ଭୀମା ଏବଂ କୁଟୀଳା କାନ୍ଦରୀ। ଗଳ୍ପ ନାୟିକା ସାନ୍ତାଳ ଯୁବତୀ ଦୁଲୀ ପନ୍ଦର ଦିନ ତଳେ ନିଖୋଜ ହୋଇଛନ୍ତି। ଏଥିପାଇଁ ଦୁଲୀର ବାପା ଥାନାକୁ ଯାଇ ଏତଲା ଦେଇଛନ୍ତି। କିନ୍ତୁ ଏହି ଏତଲା ଓ ନିଖୋଜ ହେବାର ରେଡ଼ିଓ ସମ୍ବାଦ ଶୁଣିବା ପରେ ଥାନାବାବୁ ବିରକ୍ତ ହୁଅନ୍ତି। ଆଶ୍ରମ ସ୍କୁଲର ମାଷ୍ଟର ଉପରେ ସେ ଦୋଷ ଲଦିଛନ୍ତି। କାରଣ ତାଙ୍କ ଯୋଗୁଁ ହିଁ ଏହି ଘଟଣା ସମସ୍ତଙ୍କ ସାମ୍ନାରେ ପ୍ରଘଟ ହୋଇଛି। ଥାନାବାବୁଙ୍କର ଯୌନପିପାସା

ପର୍ଦାଫାସ ହେଉଛି । ହାତଗୋଡ଼ ବାନ୍ଧି ଚାଲାଣ ବେଳେ ଚେତା ଫେରିବା ପରେ ଦୁଲୀ ଘଟଣାକୁ ଜାଣିପାରି ବଡ଼ପାଟିରେ ଚିତ୍କାର କରିଛି, ସହାୟତା ମାଗିଛି । ଆଉ ସେଠାରୁ ଉଦ୍ଧାର ହୋଇ ଘରକୁ ଆସିଛି । ମାସକ ପରେ ସେ ଗାଁକୁ ଫେରିଛି ସିନା ସମାଜ ତାକୁ ଗ୍ରହଣ କରିନାହିଁ । ଶେଷରେ ଆଶ୍ରମ ସ୍କୁଲ ମାଷ୍ଟରର ସହାୟତାରେ ଜୀବିକାର୍ଜନର ବ୍ୟବସ୍ଥାଟିଏ କରିଛନ୍ତି । ଆଦିବାସୀ ରମଣୀ ଦୁଲୀର ସଂଘର୍ଷମୟ ଜୀବନ, ରକ୍ଷକ ଥାନା ବାବୁର ଭକ୍ଷକ ରୂପ, କୁଟୀଳା କାନ୍ଦରୀର ଚକ୍ରାନ୍ତ ଆଦି ଗଳ୍ପରେ ପ୍ରକାଶ ପାଇବା ସହିତ ଆଦିବାସୀ ସମାଜର ରକ୍ଷଣଶୀଳତା ଚମତ୍କାର ଭାବରେ ରୂପାୟତି ହୋଇଛି । ଗାଳ୍ପିକ କୃଷ୍ଣଚରଣ ବେହେରାଙ୍କ ସମସ୍ତ ଆଦିବାସୀ ସମ୍ବଳିତ ଗଳ୍ପକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ସେଥିରେ ଥିବା ଆଦିବାସୀ ଚରିତ୍ର ପ୍ରେମ, ପ୍ରତିଶ୍ରୁତି ଓ ବିବାହ ନାଆଁରେ ତଳିତଳାନ୍ତ ହେବା ସହିତ ସଭ୍ୟ ସମାଜ ଦ୍ୱାରା ଶୋଷିତ ତଥା ଆଦିବାସୀ ନାରୀମାନେ ଯୌନ ନିର୍ଯ୍ୟାତନା ଭୋଗ କରି ଆସିଛନ୍ତି ।

ସାତକଡ଼ି ହୋତାଙ୍କର ଆଦିବାସୀ ଗଳ୍ପରେ ମଧ୍ୟ ସେହି ସରଳ ମଣିଷର ଜୀବନ ଚିତ୍ର ଲକ୍ଷ୍ୟ କରାଯାଏ । ଏଠି ବି ସଭ୍ୟମଣିଷଦ୍ୱାରା ଆଦିବାସୀଟିଏ ପ୍ରଭାବିତ ହୁଏ, ଆଦିବାସୀ ଯୁବତୀ 'ଫୁଲମତୀ' ହିଁ ଗଳ୍ପର କେନ୍ଦ୍ରବିନ୍ଦୁ । ସେ ଜାଣିନାହିଁ ତା' ଘର କେଉଁଠି, କିନ୍ତୁ ମଣିଷକୁ ଭଲପାଏ । ଗଳ୍ପନାୟକର ବିଦାୟ ବେଳେ କୃତଜ୍ଞତା ଜଣାଇ କହିଛି– "ମୁଁ ଧନ୍ୟ ହୋଇଛି × × × ଏଇ ବଣଫୁଲ ପରି ମୁଁ ଫୁଟିବି; ତୁମ ପାଇଁ ଅପେକ୍ଷା କରିବି, ତୁମର ବାହୁଡ଼ା ପଥକୁ ।"୧୦ । ଏହି ଉକ୍ତି ଭିତରେ ତା'ର ସରଳତା ପ୍ରକାଶ ପାଇଛି । ସତେ ଯେପରି ସେ ପ୍ରକୃତିପରି କୃତଜ୍ଞଭରା ଚକ୍ଷୁରେ ସମସ୍ତଙ୍କୁ ସ୍ୱାଗତ ଓ ବିଦାୟ ଦେଇପାରେ ।

କୃଷ୍ଣପ୍ରସାଦ ମିଶ୍ରଙ୍କ 'ଅରଣ୍ୟ ଓ ଉପବନ' ଗଳ୍ପରେ ଥିବା ଆଦିବାସୀ ଚରିତ୍ର ଏକ ଅସହାୟ ଓ ଯୌନଶୋଷିତ ଚରିତ୍ର । ବାରମ୍ବାର ଗଳ୍ପନାୟକଙ୍କ ଦ୍ୱାରା ଉପଭୋଗ୍ୟ ହେଲା ପରେ ମଧ୍ୟ ସେ ବିଚଳିତ ହୋଇନାହାନ୍ତି ବରଂ ତାଙ୍କ ଔରସରୁ ଜାତ ସନ୍ତାନ ପାଇଁ ମାଗିଛନ୍ତି ଉପଯୁକ୍ତ ମୂଲ୍ୟ । ଏଠି ଆଦିବାସୀ ନାରୀଟିଏ କେବଳ ଶାରୀରିକ ଓ ମାନସିକ ସ୍ତରରେ ଶୋଷିତ ହୋଇନାହିଁ ତା ସହିତ ଲାଞ୍ଛିତ ମଧ୍ୟ ହୋଇଛନ୍ତି ।

ଗାଳ୍ପିକ ରବି ପଟ୍ଟନାୟକଙ୍କ ଅଧିକାଂଶ ଗଳ୍ପ 'ମୁଁ' ଚରିତ୍ରରେ ପରିପୂର୍ଣ୍ଣ । ତାଙ୍କର ଆଦିବାସୀ ସମ୍ବଳିତ ଗଳ୍ପ ହେଉଛି 'ବୁଧିରାମ ମୁଣ୍ଡା' ଓ 'ଗୁରୁଗମ୍‌କେ' । ବୁଧିରାମ ମୁଣ୍ଡା ଗଳ୍ପରେ ଛଅଟି ଆଦିବାସୀ ଚରିତ୍ର ରହିଛନ୍ତି । ଯଥା– ବୁଧିରାମ ମୁଣ୍ଡା, ତାଙ୍କ ମା' ଜାନି ବେଓ୍ୱା, ବାପା କୁଜୁମୁଣ୍ଡା, ଦୁଇ ଭଉଣୀ ସୁନି ଏବଂ ଜାଙ୍ଗି ଓ ତାଙ୍କ ସ୍ତ୍ରୀ । ବାପାଙ୍କ ମୃତ୍ୟୁ ପରେ ମାଆ ଜାନିବେଓ୍ୱା ହାଣ୍ଡିଆ ବିକ୍ରିକରି ପିଲାଙ୍କୁ ବଡ଼ କରିଛି । ପରେ ବ୍ୟବସାୟକୁ ବଡ଼ କରି ମଦ ମଧ୍ୟ ବିକ୍ରି କରିଛି । ମାଆ ଭଉଣୀଙ୍କ ସଂପର୍କରେ ଖରାପ ମନ୍ତବ୍ୟ ଶୁଣି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରୁନଥିବା ବୁଧିରାମ ନିଜ ସ୍ତ୍ରୀକୁ କିନ୍ତୁ କ୍ଷମା ଦେଇପାରିନି । ସ୍ୱାମୀ ହିସାବରେ ଅବୈଧ ସଂପର୍କକୁ ବରଦାସ୍ତ କରିବା ତା' ପକ୍ଷରେ ସମ୍ଭବ ହୋଇନାହିଁ । ତା'ର ପୁରୁଷତ୍ୱ ଜାଗି ଉଠିଛି ।

ବିଭୂତି ପଟ୍ଟନାୟକଙ୍କ ଗଳ୍ପର ଆଦିବାସୀ ଚରିତ୍ରଗୁଡ଼ିକ ସହାନୁଭୂତିଶୀଳ, ଦୟାଳୁ ଏବଂ ପରୋପକାରୀ ଅଟନ୍ତି । ନିଜକୁ ଖାତିର ନ କରି ଅନ୍ୟକୁ ସାହାଯ୍ୟ କରିବାରେ ଏମାନେ ତତ୍ପରତା ପ୍ରକାଶ କରନ୍ତି । ଗଳ୍ପର ଆଦିବାସୀ ଚରିତ୍ର ହେଉଛନ୍ତି 'ମଙ୍ଗୁଳୀ' । ସେ ଦାରିଦ୍ର୍ୟ ଯୋଗୁଁ ଇଂଜିନିଅରଙ୍କ ପାଖରେ କାମ କରିଛି । ମାତ୍ର କାମ ପାଉନଥିବା ଯୁବକ ସୁବଳଙ୍କୁ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରିଆସିଛି । ମଙ୍ଗୁଳି ତାଙ୍କୁ ହିମ୍ମତ ଦେଇ ଆସିଛି– 'ଗରିବ ସଭିଏଁ ସମାନ । ସେମାନଙ୍କର ଜାତି ନାହିଁ ।'୧୩ ।(ପଟ୍ଟନାୟକ, ବିଭୂତି; ମନ ଭଲନାହିଁ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୬, ପୃ–୭୫) ତେଣୁ ମଙ୍ଗୁଳି ଫେରିଲାବେଳ ନିର୍ଦ୍ଦିଷ୍ଟ ସ୍ଥାନରେ ଅପେକ୍ଷା କରନ୍ତି ସୁବଳକୁ । ସେ ମଙ୍ଗୁଳିଠାରୁ ମୁଢ଼ି ଚୁଡ଼ା ନେଇ ତା ମାଆକୁ ଖାଇବାକୁ ଦେଇଛନ୍ତି । ଆଦିବାସୀ ନାରୀଟିଏ ନିଜେ ଦରିଦ୍ର ହେଲେ ମଧ୍ୟ ତାଙ୍କଠାରେ ସ୍ନେହ, ପ୍ରେମ ଓ ବାଣ୍ଟି ଖାଇବାର ଗୁଣ ବିଦ୍ୟମାନ ହୋଇ ରହିଥାଏ । ଦିନେ ମଙ୍ଗୁଳି ସୁବଳକୁ ମୁଢ଼ି ଚୁଡ଼ା ଦେବାକୁ ଯାଇ ବର୍ଷାରେ ଭିଜିଛନ୍ତି । ଆଉ ସେହିଦିନ ପରଠାରୁ ତା'ର ଦେଖା ମିଳିନାହିଁ । ସୁବଳ ତେଣୁ ମଙ୍ଗୁଳି ଘରକୁ ଯାଇ ଦେଖିଛନ୍ତି । କିନ୍ତୁ ମଙ୍ଗୁଳି ସେତିକିବେଳକୁ ବସନ୍ତ ରୋଗରେ ପଡ଼ି ଆଖି ହରାଇ ସାରିଥାଏ । ଗଳ୍ପଟିରେ ଆଦିବାସୀ ଯୁବତୀ ମଙ୍ଗୁଳିର ଜୀବନ ସଂଘର୍ଷକୁ ଗାଳ୍ପିକ ଚମତ୍କାର ଭାବରେ ରୂପାୟିତ କରିଛନ୍ତି ।

ଗାଳ୍ପିକା ପ୍ରତିଭା ରାୟ କେବଳ ଉପନ୍ୟାସରେ ଯେ ଆଦିବାସୀଙ୍କୁ ସ୍ଥାନ ଦେଇନାହାନ୍ତି ତା ନୁହେଁ ଗଳ୍ପରେ ମଧ୍ୟ ଆଦିବାସୀଙ୍କୁ ଚମତ୍କାର ଭାବରେ ଉପସ୍ଥାପନ କରିଛନ୍ତି । ତାଙ୍କ ଗଳ୍ପରେ ଥିବା ଆଦିବାସୀ ଚରିତ୍ରର ନାମ ଅନେକେ ଏକାପରି ଥିବାର ଜଣାଯାଏ । ତାଙ୍କ ଗଳ୍ପସଙ୍କଳନ 'ଭଗବାଁର ଦେଶ୍'ରେ ଥିବା ସମସ୍ତ ଗଳ୍ପ ବଣ୍ଡା, ପରଜା ଓ ସଉରାକୁ ନେଇ ରଚିତ । ଏଥିରେ ନଅଟି ଗଳ୍ପ ବଣ୍ଡା ସମ୍ପ୍ରଦାୟକୁ ନେଇ ରଚିତ । ଦୁଇଗୋଟି ଗଳ୍ପ ପରଜା ଓ ଗୋଟିଏ ସଉରା ସଂପ୍ରଦାୟକୁ ନେଇ ରଚିତ । ବଣ୍ଡାକୁ ନେଇ ରଚିତ ଗଳ୍ପରେ

ସନ୍‌କି ଟୋକି, ବୁଦେଇ, ସୋମା କିର୍ସାନୀ, ବୁଦା କିର୍ସାନୀ, ମଙ୍ଗଳା, ଶୁକ୍ରା ମାନ୍ଦ୍ରା, ବୁଦେଇ, ପାଣ୍ଡ୍ରୀ ଟୋକୀ, ଦିଶାରୀ, ସୋମ୍‌ରା, ଲଛମୀ, ସୀସା ଆଦି ଚରିତ୍ର ରହିଥିବା ବେଳେ ପରଜା ଗଳ୍ପରେ ରହିଛନ୍ତି ଫରାନୁ ପରଜା, ହୁନ୍ଦୁରୁ ଜାନୀ ପ୍ରଭୃତି ଆଦିବାସୀ ଚରିତ୍ର। ସେହିପରି ସଉରା ଗଳ୍ପରେ ଜଂଗୁର ଶବର ଆଦି ଆଦିବାସୀ ଚରିତ୍ର ରହିଛନ୍ତି। ଗଳ୍ପ ସଙ୍କଳନର ଏହିସବୁ ଚରିତ୍ର ଅତି ଆପଣାର ଜଣାପଡ଼ନ୍ତି। ଆଦିବାସୀ ବଣ୍ଡା, ପରଜା ଓ ସଉରା ସଂପ୍ରଦାୟର ଏମାନେ ଗୋଟିଏ ଗୋଟିଏ ପ୍ରତିନିଧିସ୍ଥାନୀୟ ଚରିତ୍ର। ସମଗ୍ର ସଂକଳନରେ ଆଦିବାସୀଙ୍କର ଚାଲିଚଳଣି, ଆଚାର ବ୍ୟବହାର, ବିବାହ ବ୍ରତ, ଜନ୍ମମୃତ୍ୟୁ ଏପରିକି ଧର୍ମୀୟ ବିଶ୍ୱାସବୋଧ ମଧ୍ୟ ପ୍ରକାଶ ପାଇଛି। ସଂକ୍ଷେପରେ କହିବାକୁ ଯାଇ ଗାଳ୍ପିକା ନିଜେ ଉଲ୍ଲେଖ କରିଛନ୍ତି ଯେ- "ବଣ୍ଡା ନିରକ୍ଷର, ଅଶିକ୍ଷିତ ହୋଇପାରେ କିନ୍ତୁ ଅସଭ୍ୟ ନୁହେଁ। ତା'ର ମଧ୍ୟ ଏକ ସ୍ୱତନ୍ତ୍ର ସଭ୍ୟତା ଓ ସଂସ୍କୃତି ରହିଛି। ଏସବୁ ଆମକୁ ବିଚିତ୍ର ଲାଗୁ ପଛେ ତଥାପି ସେଥିରେ ରହିଛି ଏକ ସ୍ୱତନ୍ତ୍ର ଐଶ୍ୱର୍ଯ୍ୟ ଓ ଆଭିଜାତ୍ୟ। ଯାହା ସଭ୍ୟ ସମାଜରେ ଦେଖିବାକୁ ମିଳେନାହିଁ।"୧୧। ତେଣୁ କୁହାଯାଇପାରେ ଆଦିବାସୀମାନଙ୍କୁ ଯଥାଯଥ ଭାବରେ ଗାଳ୍ପିକା ତାଙ୍କ ଗଳ୍ପରେ ଚିତ୍ରଣ କରିଛନ୍ତି।

ବିପିନ ବିହାରୀ ମିଶ୍ର ଅନେକଗୁଡ଼ିଏ ଆଦିବାସୀ ଚରିତ୍ର ସମ୍ବଳିତ ଗଳ୍ପ ରଚନା କରଛନ୍ତି। ତାଙ୍କର 'ଶପଥ ସାନ୍ତାଳ' ଗଳ୍ପ ସଙ୍କଳନର ସମସ୍ତ ଗଳ୍ପ ଆଦିବାସୀଙ୍କୁ ନେଇ ରଚିତ। ଗାଳ୍ପିକ ଏଥିରେ ବିଭିନ୍ନ ସଂପ୍ରଦାୟର ଆଦିବାସୀଙ୍କୁ ସ୍ଥାନ ଦେଇଛନ୍ତି। ଏହି ଚରିତ୍ରଗୁଡ଼ିକ ବିଭିନ୍ନ ଦୃଷ୍ଟିକୋଣ ନେଇ ଗଳ୍ପରେ ପ୍ରକାଶ ପାଇଛନ୍ତି। 'ଚଇତିମଉା' ଗଳ୍ପରେ ପରଜା ସଂପ୍ରଦାୟର ଚଇତିପର୍ବକୁ ନେଇ ପରିବେଷଣ କରାଯାଉଥିବା ନୃତ୍ୟଗୀତର କଥା ବର୍ଣ୍ଣନା କରାଯାଇଛି। ପରଜା ସମାଜର ଧାଙ୍ଗଡ଼ା ଧାଙ୍ଗଡ଼ୀ, ବାରିକ, ଦିଶାରୀ ପ୍ରଭୃତି ଏହାର ଚରିତ୍ର। ସେହିପରି 'ଜଗାର ହସ' ଗଳ୍ପରେ ଆଦିବାସୀ ଚରିତ୍ର ପରଜୁଣୀ ସମ୍ବାରୀବୁଢ଼ୀ, ବିଶୁ ବାହାରୀ, ବୁଧେଇ, ବୁଧିନୀ ଓ ଅନ୍ୟ କେତେ ପରଜୁଣୀ। ଶାବରଶ୍ରୀକ୍ଷେତ୍ରର ପୃଷ୍ଠଭୂମିରେ ରଚିତ ଏହି ଗଳ୍ପରେ ରହିଛି ଆଦିବାସୀଙ୍କ ଭକ୍ତିମଉାର କଥା, ଭକ୍ତ ଓ ଭଗବାନଙ୍କ ମିଳନର କଥା। ଏକ ବିନା ଆରେକ ସତେ ଯେମିତି ମୂଲ୍ୟହୀନ। 'ଚକ୍ରବ୍ୟୂହ' ଗଳ୍ପ କିନ୍ତୁ ଶୋଷଣ ଓ ପରିବର୍ତ୍ତନର କଥା କହିଛି। ଖ୍ରୀଷ୍ଟିଆନମାନଙ୍କଦ୍ୱାରା ଆଦିବାସୀମାନେ ଅତ୍ୟାଚାରିତ ଓ ଲାଞ୍ଛିତ ହୋଇଛନ୍ତି। କନ୍ଧ ସଂପ୍ରଦାୟର ବ୍ୟକ୍ତି ଏହି ଗଳ୍ପର ଚରିତ୍ର। ଖ୍ରୀଷ୍ଟିଆନ ପାଦ୍ରୀ ପ୍ରଭାବରେ ଏମାନେ ନିଜର ସମାଜ, ସଂସ୍କୃତି ଏପରି ନାମକୁ ସୁଦ୍ଧା ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛନ୍ତି। ମୂଳନାମ ବଦଳାଇ ବିଡ଼ିଓ, ମାଇକେଲ୍ ପ୍ରଭୃତି ନାମକୁ ଗ୍ରହଣ କରିଛନ୍ତି। ଏ ଗଳ୍ପର ଆଦିବାସୀ ଚରିତ୍ର ହେଉଛନ୍ତି 'ପରମା' ଓ 'ଲିଙ୍ଗି'। ଏମାନେ ସଭ୍ୟ ମଣିଷର ଚକ୍ରବ୍ୟୂହରେ ପଡ଼ି ହଟହଟା ହୋଇଛନ୍ତି। 'ନୂଆ ଗାଁ ନୂଆ ଠାକୁର' ଗଳ୍ପରେ ଆଦିବାସୀ ସଉରା ମାନଙ୍କର ଜୀବନଚିତ୍ର ରହିଛି। ଏମାନେ ସରଳ ହୋଇଥିବାରୁ ସାହୁକାର ଦ୍ୱାରା ଶୋଷଣ ଶିକାର ହୋଇଛନ୍ତି। ଏହି ଗପରେ ଥିବା ଆଦିବାସୀ ଚରିତ୍ରଗୁଡ଼ିକ ହେଉଛନ୍ତି- 'ଗଙ୍ଗାଧର', 'ଗୋମାଙ୍ଗ' ଓ କଦମ ଗୁଡ଼ା ଗାଁର 'ଗ୍ରାମବାସୀବୃନ୍ଦ'। ଘଟଣାକ୍ରମରେ ବନ୍ୟାଦ୍ୱାରା ଗାଁ ହରାଇବା ପରେ ଏମାନେ ନୂଆ ଗାଁଟିଏ ସ୍ଥାପନ କରିଛନ୍ତି ଏବଂ ନାଁ ଦେଇଛନ୍ତି ଜଗନ୍ନାଥପୁର। ଗାଁ ମୁଣ୍ଡରେ ଥିବା ଠାକୁରଙ୍କୁ ନେଇ ଯେଉଁଠି ସ୍ଥାପନ କରିଛନ୍ତି ସେଇଟା ହିଁ ହୋଇଯାଇଛି ତାଙ୍କର ନୂତନ ଗାଁ। 'ଚମ୍ପାଫୁଲ' ଗଳ୍ପରେ ଥିବା ଆଦିବାସୀ ଚରିତ୍ର 'ବୁଝି' ଓ 'ବୁଧେଇ' ସତେ ଯେପରି ସ୍ୱର୍ଗୀୟ ପ୍ରେମର ପୂଜାରିଣୀ। ପରିସ୍ଥିତିରେ ପଡ଼ି ସାହୁକାରର ଚକ୍ରାନ୍ତର ଶିକାର ହୋଇ ଜମିଜମା ବିକ୍ରି କରିସାରିବା ପରେ ରାସ୍ତା ତିଆରି କାମ ପାଇଁ ମାତଲି ପୁଟକୁ ଟ୍ରକ, ଡମ୍ଫର ଯୋଗେ ଯିବା ଆସିବା କରନ୍ତି। ଦିନେ ବୁଧେଇ ମୁଣ୍ଡରେ ଦେଇଥିବା ଚମ୍ପାଫୁଲ ତଳକୁ ଖସିଯିବା ବେଳେ 'ବୁଝି' ତାହାକୁ ଧରିବା ପାଇଁ ପ୍ରୟାସ କରିଛି ଓ ତା' ସାଥୀରେ ତଳେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଗଳ୍ପଟିରେ ସ୍ୱର୍ଗୀୟ ପ୍ରେମର ପରାକାଷ୍ଠା ଦେଖିବାକୁ ମିଳିଛି। 'ପରମାକୁଜର'ଗଳ୍ପରେ ସଭ୍ୟତାର ବିକାଶ ଓ ଆଧୁନିକ ଶିକ୍ଷାର ପ୍ରଭାବରେ ଆଦିବାସୀମାନେ କିପରି ପଥଭ୍ରଷ୍ଟ ହୋଇ ନିଜତ୍ୱ ହରାଇଛନ୍ତି ତାହା ବର୍ଣ୍ଣିତ ହୋଇଛି। ଏହି ଗଳ୍ପରେ ଥିବା ଆଦିବାସୀ ଚରିତ୍ର 'ପରମା' ଇଂରେଜୀ ସ୍କୁଲରେ ପଢ଼ିବା ପରେ ସିନେମା ଦେଖିବା ତାଙ୍କ ନିଶା ପାଲଟି ଯାଇଛି। ଶେଷରେ ଡକାୟତି ଅପରାଧରେ ଜେଲ୍‌କୁ ମଧ୍ୟ ଯାଇଛି। ସେହିପରି ବଡ଼ଝିଅ ସୁଲୋଚନା ମଧ୍ୟ ନୂତନ ଶିକ୍ଷାର ପ୍ରଭାବରେ ପ୍ରଭାବିତ ହୋଇ ପଞ୍ଜାବୀ ଡ୍ରାଇଭର ଦର୍ଶନ ସିଂ ସହିତ ପଳାଇ ଯାଇଛି। ଗଳ୍ପଟିରେ ସନାତନ କୁଜର, ତାଙ୍କ ପୁଅ ପ୍ରଦୀପ, ପ୍ରଦୀପର ସାନଭାଇ ପରମା, ଓ ବଡ଼ ଝିଅ ସୁଲୋଚନା ହେଉଛନ୍ତି ଆଦିବାସୀ ଚରିତ୍ର। ଏମାନେ ଶିକ୍ଷା ଓ ସଭ୍ୟତା ଦ୍ୱାରା ସମସ୍ତେ ପ୍ରଭାବିତ। 'ସନସାଇର ଜମାନ୍‌ବନ୍ଦୀ' ଗଳ୍ପରେ ଥିବା ଆଦିବାସୀ ଚରିତ୍ର ଗୁଡ଼ିକ କିନ୍ତୁ ଶୁଣ୍ଢୀ, ମହାଜନମାନଙ୍କ ଦ୍ୱାରା ନିୟନ୍ତ୍ରିତ। ଚକ୍ରାନ୍ତକ୍ରମେ ସେମାନଙ୍କ ଅଜାଣତରେ ତାଙ୍କୁ ସୁରକ୍ଷା ଦେଉଥିବା ବାବାଜୀଙ୍କ ନାମରେ ହିଁ ଏତଲା ଦେଇଛନ୍ତି। ଥାନାବାବୁ ବାବାଜୀଙ୍କୁ ନେଲାବେଳେ ଆଦିବାସୀ ଚରିତ୍ର ସାନଭାଇ ଓ ତା'ର ବାପା ଥାନାବାବୁଙ୍କୁ ଅସଲ ବୃତ୍ତାନ୍ତ ଜଣାଇ ବାବାଜୀଙ୍କୁ ଜାମିନ୍ କରାଇଛନ୍ତି। ଗଳ୍ପଟିରେ ସରଳ ଆଦିବାସୀମାନେ ସାହୁକାର ଓ ଅଫିସର୍ ଦ୍ୱାରା କିପରି ପ୍ରତାରିତ ହୋଇଛନ୍ତି ତାହା ବର୍ଣ୍ଣିତ ହୋଇଛି। 'ମାଟି ଓ

ମଣିଷ' ଗଳ୍ପରେ କୁଟିଆ କନ୍ଧର ସରଳତା, ଈଶ୍ୱର ବିଶ୍ୱାସ ଓ ସଭ୍ୟ ମଣିଷର ଛଳନା ହିଁ ରୂପ ପାଇଛି। ଏଠାରେ ଥିବା ଆଦିବାସୀ ଚରିତ୍ରମାନେ ହେଉଛନ୍ତି- ମାଙ୍କଡାମୀ ଜଗା, ଭୀମେ, ଯୋଗୀ, ମାଡ୍ରାମା ଓ ସୋଡ଼ି। ଏମାନେ ସଭ୍ୟ ମଣିଷ ଦ୍ୱାରା ପ୍ରଭାବିତ ହୋଇ ଗଛ କାଟିଛନ୍ତି, ମଦ ରାନ୍ଧିଛନ୍ତି। ଅବକାରୀ ବିଭାଗ ଦ୍ୱାରା ମଦ ସବୁକୁ ନଷ୍ଟ କରାଯିବା ପରେ ସେଠାରୁ ତାଙ୍କୁ ତଡ଼ି ଦିଆଯାଇଛି। ସେମାନେ ଅନ୍ୟ ଏକ ଜାଗାରେ ଗାଁକୁ ଉଠାଇ ନେଇଛନ୍ତି। ଗଳ୍ପଟିରେ ସ୍ୱାଧୀନତା ପରବର୍ତ୍ତୀ ଜଙ୍ଗଲ ଅବସ୍ଥା ଓ ଆଦିବାସୀଙ୍କର ଶୋଚନୀୟତା ପ୍ରକାଶ ପାଇଛି। 'ଗାଁ ବାହୁଡ଼ା' ଗଳ୍ପରେ ରହିଛି ଆଦିବାସୀ କନ୍ଧ ସଂପ୍ରଦାୟରେ ଅନ୍ଧବିଶ୍ୱାସ ଓ ପ୍ରେମର କଥା। ଚଇତିପର୍ବ ଉପଲକ୍ଷେ ମୃତ୍ୟୁଲୁମା ଠାକୁରାଣୀଙ୍କୁ ନେଇ ନିଆଁରେ ଚାଲିବାର ପ୍ରସଙ୍ଗ। ପୁଣି ସେଠାରେ ରହିଛି 'ମାଡ଼ାଙ୍ଗ ଯୋଗୀ', ଉଲ୍‌କା ରାମର ଝିଅ 'ମାଲେ କୁଣ୍ଡିଙ୍ଗି' ପ୍ରଭୃତି ଆଦିବାସୀ ଚରିତ୍ର ସଫଳ ଚିତ୍ରଣ। ସେହିପରି 'ଗମାଙ୍ଗର ଶେଷକଥା' ଗଳ୍ପରେ ଲାଞ୍ଜିଆ ସଉରାମାନଙ୍କର ସାମାଜିକ ବ୍ୟବସ୍ଥା ଓ ଆର୍ଥନୀତିକ ଦୁରବସ୍ଥାର କଥା ଉଲ୍ଲେଖ କରାଯାଇଛି। ଗଳ୍ପରେ ଭାଗୀରଥି, ସୋଇତି, ଇନ୍ଦୁରୀ, ମାଳତୀ, ଗୋରସାଙ୍ଗ, ବୋୟା ପ୍ରଭୃତି ଆଦିବାସୀ ଚରିତ୍ର ରହିଛନ୍ତି। ଅର୍ଥନୀତିରେ ଉନ୍ନତି ପାଇଁ ସେମାନେ ମହୁଚାଷକୁ ଆପଣେଇ ନେଇଛନ୍ତି। ପୁଣି ମାଆ ମାଳତୀର ମୃତ୍ୟୁ ପଛରେ ରହିଛି ଇନ୍ଦୁରୀର ବିବାହ ପ୍ରସଙ୍ଗ। 'ବଣ୍ଡା ମହାଦେଇ' ଗଳ୍ପରେ ରହିଛି ବଣ୍ଡା ଜାତି ଉତ୍ପତ୍ତିର ଇତିହାସ ଓ ମାତୃଶକ୍ତି ଉପାସନାର ପରମ୍ପରା। ଏଥିରେ ଥିବା ବଣ୍ଡା ଆଦିବାସୀ ଯୁବକ ଲଛମୀ କିରସାନୀ ଖଣ୍ଡେ ଲୁଗା ପାଇଁ ଯାଇଛନ୍ତି ସରକାରୀ ସମବାୟ ଦୋକାନକୁ। ସେଠାରେ ଥିବା ପରିଚାଳକ ପ୍ରଧାନବାବୁଙ୍କ ସହିତ ମତାନ୍ତର ହେବାରୁ ଧନୁଶର ଉଠାଇଛନ୍ତି। ମାତ୍ର ଉନ୍ନୟନ ଅଧିକାରୀଙ୍କ ସ୍ତ୍ରୀ ସୁମିତ୍ରା ଦେବୀ ସାମ୍ନାକୁ ଆସିବା ପରେ ସେ ଧନୁଶରକୁ ପରିତ୍ୟାଗ କରିଛନ୍ତି। କାରଣ ନାରୀ ଜାତିକୁ ଏମାନେ ସମ୍ମାନ ଦିଅନ୍ତି ଓ ଦେବୀତୁଲ୍ୟ ମନେ କରନ୍ତି। ଏହି ଗଳ୍ପରେ ଆଦିବାସୀ ଚରିତ୍ର ହେଉଛନ୍ତି- ଗୁରୁବାରି, ଶୀତଳ, ବୁଧିନୀ, କେମି ଓ ମେରୀ ପ୍ରଭୃତି। ସେହିପରି 'ଅବିଶ୍ରାନ୍ତ' ଗଳ୍ପରେ ରହିଛି ଆଦିବାସୀଙ୍କର ସରଳତା ଓ ସ୍ପଷ୍ଟବାଦୀର ନିଦର୍ଶନ। ଏଠି ମାଛଚୋରି ଘଟଣାରେ ମାଲିଆ ମିଟିକିର ମୁଣ୍ଡକୁ ହାଣି ଅଲଗା କରିଦେଇଛି। ଗ୍ରାମସଭାରେ ତା'ର ବିଚାର ହୋଇ ଜିତାପଟ ହୋଇଛି। ଏହି ଘଟଣା ପୋଲିସ କାନକୁ ଯାଇଛି ପୋଲିସ ଆସି ମାଲିଆକୁ ଜେଲ୍‌କୁ ନେଇଯାଇଛନ୍ତି। ଆଦିବାସୀମାନେ ଚୋରିକୁ ଅପରାଧ ବୋଲି ମନେକରି ତା ପାଇଁ ଦଣ୍ଡବିଧାନ କରନ୍ତି। ତାଙ୍କର ନିୟମରେ ଦଣ୍ଡ ପୁଣି କେବଳ ଗୋଟିଏ ଦଣ୍ଡ ମୃତ୍ୟୁଦଣ୍ଡ। ତଥାପି କିନ୍ତୁ ସରକାରଙ୍କ ନିୟମକୁ ସମ୍ମାନ ଦେଇଛନ୍ତି। ଗଳ୍ପଟିରେ ମାଲିଆ, ମିଟିକି, ସର୍ଦ୍ଦାର ପ୍ରଭୃତି ଆଦିବାସୀ ଚରିତ୍ର ରହିଛନ୍ତି। 'ଶପଥ ସାନ୍ତାଳ' ଗଳ୍ପରେ ସୁନାରାମ, ତାଙ୍କ ସ୍ତ୍ରୀ ତିରି ଓ ଗ୍ରାମବାସୀ ପ୍ରଭୃତି ଆଦିବାସୀ ଚରିତ୍ର ରହିଛନ୍ତି। ଲୋଧାମାନେ ସାନ୍ତାଳ ଗ୍ରାମକୁ ଲୁଣ୍ଠନ କରିଛନ୍ତି। ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ସେମାନେ ନ୍ୟାୟ ପାଇ ପାରିନାହାନ୍ତି। ତେଣୁ ସେମାନେ ସଜାଗ ହୋଇ ପାଖ ଗାଁକୁ ଗୁପ୍ତମନ୍ତ୍ରଣା ପଠାଯାଇଛନ୍ତି। ଦ୍ୱିତୀୟବାର ଲୋଧାମାନେ ଆକ୍ରମଣ କଲାବେଳେ ସମସ୍ତ ସାନ୍ତାଳ ଆଦିବାସୀ ମିଳିତଭାବେ ତା'ର ମୁକାବିଲା କରିଛନ୍ତି। ପରେ ଶପଥ ନେଇଛନ୍ତି ଯେ ସେମାନେ ନିଜ ସୁରକ୍ଷା ପାଇଁ କାହା ପାଖରେ ହାତପାତିବେ ନାହିଁ। ଗଳ୍ପଟିରେ ସାନ୍ତାଳମାନଙ୍କ ସ୍ୱାଭିମାନ ଓ ଏକତା ପ୍ରକାଶ ପାଇଛି। 'ବାହାରେ ଠିଆ ହୋଇଥିବା ଲୋକ' ଗଳ୍ପରେ ଆଦିବାସୀଙ୍କର କର୍ତ୍ତବ୍ୟ ପରାୟଣତା ଓ ପ୍ରଭୁ ଭକ୍ତିର କଥାକୁ ଗାଳ୍ପିକ ବିପିନ୍ ବିହାର ମିଶ୍ର ଦର୍ଶାଇଛନ୍ତି। ଭୂତ ଓ ଭୟ ଯୋଗୁଁ ବଙ୍ଗଳାରେ କେହି ରହୁ ନ ଥିବାବେଳେ ଗଳ୍ପନାୟକ ସେଠାରେ ରହିବାର ସ୍ଥିର କରିଛନ୍ତି। ଏହି ଏକଜିଦିଆ ମନୋବୃତ୍ତି ଯୋଗୁ ସମସ୍ତ କର୍ମଚାରୀ ଛାଡ଼ିକି ଚାଲିଯାଇଥିଲେ। ମାତ୍ର ଆଦିବାସୀ ଚୌକିଦାର ଜଣକ ଜଗି ରହିଛନ୍ତି। ପ୍ରାଣ ବିକଳରେ ସମସ୍ତେ ଚାଲିଯାଉଥିବା ବେଳେ ଆଦିବାସୀଟିଏ ତା'ର ଜୀବନକୁ ବାଜି ଲଗାଇ ଗଳ୍ପନାୟକର ସୁରକ୍ଷା କଥା ଚିନ୍ତା କରିଛନ୍ତି। 'ଗୋମତିର ଶେଷ ହସ'ରେ ଆଦିବାସୀ ଯୁବତୀଙ୍କୁ କରାଯାଇଥିବା ଦୁଷ୍କର୍ମ ଓ ତା'ର ପରିଣତି କଥା ବର୍ଣ୍ଣିତ ହୋଇଛି। ଗଳ୍ପଟିରେ ନିଷ୍ପାପ ଆଦିବାସୀ ନାରୀର ସତ୍ୟନିଷ୍ଠ ଓ ପବିତ୍ରତା କେତେ ପ୍ରଭାବଶାଳୀ ତାହା ଉଲ୍ଲେଖ କରାଯାଇଛି। ଗଳ୍ପଗୁଡ଼ିକରେ ବିପିନ୍ ବିହାରୀ ମିଶ୍ର ଯେଉଁ ଆଦିବାସୀ ଚରିତ୍ର ଖଞ୍ଜିଛନ୍ତି, ସେଗୁଡ଼ିକ କୌଣସି କାଳ୍ପନିକ ଚରିତ୍ର ନୁହନ୍ତି। ବରଂ ନିଜେ ତାଙ୍କ ସହିତ ମିଶି ସେମାନଙ୍କୁ ପାଖରୁ ଦେଖିଛନ୍ତି ଓ ଗଳ୍ପରେ ଚିତ୍ରିତ କରିଛନ୍ତି।

ରାମଚନ୍ଦ୍ର ବେହେରାଙ୍କ ଗଳ୍ପର ଆଦିବାସୀ ଚରିତ୍ରଗୁଡ଼ିକ ସରଳ ବିଶ୍ୱାସୀ, ଦୟାଳୁ ଓ ପ୍ରତିଶୋଧ ପରାୟଣ ମଧ୍ୟ। ଏମାନେ କର୍ମଠ ଏବଂ ସରଳ ଜୀବନଯାପନ କରନ୍ତି। ବନ ଔଷଧର ଚମତ୍କାର ବ୍ୟବହାର ଏମାନଙ୍କୁ ଜଣା। 'ଶିକାର' ଗଳ୍ପରେ ଥିବା ଡମା ସିଂ ଏହାର ଏକ ସୁନ୍ଦର ଉଦାହରଣ। ସେ ବନୌଷଧି ମାଧ୍ୟମରେ କ୍ୟାନ୍‌ସର ପରି ଦୁରାରୋଗ୍ୟ ବ୍ୟାଧିକୁ ବି ଭଲ କରିବାର ସାମର୍ଥ୍ୟ ରଖନ୍ତି। ଡାକ୍ତର ବାବୁଙ୍କର ବିକଳକୁ ସହି ନ ପାରି ତାଙ୍କୁ ସହଯୋଗ କରିଛନ୍ତି। ମାତ୍ର ଡାକ୍ତରବାବୁ ଡମା ସହିତ ଛଳନା କରିବା ତାଙ୍କୁ ତଳି ତଳାନ୍ତ କରିଛନ୍ତି। ଗାଳ୍ପିକଙ୍କ ଅନ୍ୟ ଏକ ଗଳ୍ପ 'ସୂର୍ଯ୍ୟୋଦୟର ସନ୍ଧାନ'ରେ ଯୌନ ଲାଳସା ଓ ତଦ୍‌ଜନିତ ସଂଘର୍ଷ ଏବଂ ପ୍ରତିଶୋଧକୁ

ଚମତ୍କାର ଭାବରେ ଉଲ୍ଲେଖ କରାଯାଇଛି। ଏହି ଗଳ୍ପର ଆଦିବାସୀ ଚରିତ୍ର ଗୁଡ଼ିକ ହେଲେ– ବାଗୁନ୍‌ମୁଣ୍ଡା, ସ୍ତ୍ରୀ ସୋମବାରୀ, ଡମା ମୁଣ୍ଡା ଓ ତାଙ୍କ ସ୍ତ୍ରୀ ପ୍ରଭୃତି। ଘଟଣାଚକ୍ରରେ ସୋମବାରୀଙ୍କ ସହିତ ଡମା ମୁଣ୍ଡାର ଯୌନ ସଂପର୍କ ଗଢ଼ିଉଠେ ଏବଂ ଏହା ଜାଣିବା ପରେ ବାଗୁନମୁଣ୍ଡା ସୋମବାରୀକୁ ହତ୍ୟା କରନ୍ତି। ହତ୍ୟା କେଶ୍‌ରେ ୧୪ ବର୍ଷ ଜେଲ ଦଣ୍ଡ ପାଆନ୍ତି। ପରେ ଜେଲ୍‌ରୁ ଫେରିଆସି ସବୁ କିଛି ପରିବର୍ତ୍ତନ ହୋଇଥିବାର ଦେଖିବାକୁ ପାଇଛନ୍ତି। ସବୁକିଛି ସର୍ବସ୍ୱାନ୍ତ ହେବାର ଦେଖି କ୍ରୋଧକୁ ସମ୍ଭାଳି ନ ପାରି ପ୍ରତିଶୋଧ ପରାୟଣା ହୋଇ ଡମା ମୁଣ୍ଡା ପାଖକୁ ଯାଇଛନ୍ତି। କିନ୍ତୁ ଡମାର ସ୍ତ୍ରୀ ଛୁଆ ପିଲାଙ୍କର ବିକଳ କ୍ରନ୍ଦନ ଏବଂ ରୋଗୀଣା ଡମାକୁ ଦେଖି ତାଙ୍କ ରାଗ ଶାନ୍ତ ହୋଇଯାଇଛି। ସେ ଦିନରୁ ବାଗୁନ୍‌ମୁଣ୍ଡା ଆଉ ଗ୍ରାମରେ ଦେଖା ଦେଇନାହାନ୍ତି। ସମୟ ଓ ପରିସ୍ଥିତି ଭିତରେ ପ୍ରତିଶୋଧ ମନୋଭାବକୁ ମଧ୍ୟ ପରିତ୍ୟାଗ କରିଛନ୍ତି।

ଉତ୍ତମ କୁମାର ପ୍ରଧାନଙ୍କ ଗଳ୍ପର ଆଦିବାସୀ ଚରିତ୍ରଗୁଡ଼ିକ ସରଳ, ଈଶ୍ୱର ବିଶ୍ୱାସୀ, ପରୋପକାରୀ, ସମ୍ବେଦନଶୀଳ, ପ୍ରକୃତି ପୂଜକ, ସ୍ୱାଭିମାନୀ, ହସ୍ତନୈପୁଣ୍ୟର ଅଧିକାରୀ, ନିରଳସ ପ୍ରେମର ପୂଜାରୀ ଏବଂ ପରିବର୍ତ୍ତନଶୀଳ। 'ଠେଲ୍‌କୋ' ଗଳ୍ପରେ ଆଦିବାସୀ ଚରିତ୍ର କଲେଜ ପଢୁଆ ଯୁବକ ଠେଲ୍‌କୋ କପି କରିବା ଅଭିଯୋଗରେ ଧରାପଡ଼ିବା ପରେ ଆଉ ପାଠ ପଢ଼ି ପାରିନାହିଁ। କିନ୍ତୁ ତଥାପି ଗୁରୁଙ୍କୁ କେବେ ଅସମ୍ମାନ କରିନାହିଁ। ଯେତେବେଳେ ଅଧକ୍ଷ ମହୋଦୟ ତାଙ୍କ ଇଲାକାକୁ ଯାଇ ପେଟ୍ରୋଲ ସରିବା ଯୋଗୁଁ ହଇରାଣ ହୋଇଛନ୍ତି ଠେଲ୍‌କୋ ସେତେବେଳେ ସେମାନଙ୍କୁ ସାହାଯ୍ୟ କରିଛନ୍ତି। ନିଜର ବ୍ୟକ୍ତିତ୍ୱ ଗଠନରେ ସେ କେବେ ହାରିଯାଇ ନାହିଁ। ଅସୀମ ସାହସ, ଶକ୍ତି, ସାମର୍ଥ୍ୟ, ତ୍ୟାଗ ଓ ମାନବିକତାର ସେ ହେଉଛନ୍ତି ଏକ ମୂର୍ତ୍ତିମନ୍ତ ବିଗ୍ରହ। ସେହିପରି 'ଘଟାନ୍ତର' ଗଳ୍ପ ଗାଳ୍ପିକଙ୍କ ଈଶ୍ୱର ବିଶ୍ୱାସକୁ ନେଇ ରଚିତ ହୋଇଥିବା ଆଦିବାସୀ ସମ୍ବଳିତ ଗଳ୍ପ। ଏହି ଗଳ୍ପରେ ଗଳ୍ପନାୟକ ଏକ ଆଦିବାସୀ କନ୍ଧ ଝାଙ୍କର ପାଖରୁ ମନ୍ତ୍ର ଶିଖିଛନ୍ତି। ଆଦିବାସୀମାନଙ୍କର ଯନ୍ତ୍ର, ମନ୍ତ୍ର, ଜୁଡ଼ି, ବୁଟି ଓ କାଳସୀ ପ୍ରତି ଅଖଣ୍ଡ ବିଶ୍ୱାସ ରହିଥିବା କଥା ଗଳ୍ପରେ ବର୍ଣ୍ଣିତ ହୋଇଛି। କିନ୍ତୁ 'କାଠକାଙ୍ଗାଳ' ଗଳ୍ପରେ ରହିଛି ଆଦିବାସୀଙ୍କ ବୃକ୍ଷ ପ୍ରୀତିର କଥା। କନ୍ଧ ସଂପ୍ରଦାୟରେ ପିଲାଟି, ଜନ୍ମ ହେଲେ ପରିବାରର ମୁଖ୍ୟ ଚନ୍ଦନଗଛର ଚାରାଟିଏ ରୋପଣ କରନ୍ତି। ଚାରାଟିକୁ ଅତି ଯତ୍ନରେ ପାଳନ କରାଯାଏ। ଶୁଖିଯିବାର ଦେଖିଲେ ମାଆ ଥନରୁ କ୍ଷୀର ନେଇ ସେଠାରେ ଢଳା ହୁଏ। ଆବଶ୍ୟକ ସ୍ଥଳେ ବଳି ମଧ୍ୟ ଦିଆଯାଇଥାଏ। ଏହି ଗଳ୍ପର ଆଦିବାସୀ ଚରିତ୍ର ବାଘାମାଝି ଚନ୍ଦନଗଛକୁ ବଢ଼ାଇବାକୁ ଯାଇ ଗୋଟିକ ପରେ ଗୋଟିଏ ହୋଇ ତିନୋଟି ସନ୍ତାନ ଓ ସ୍ତ୍ରୀକୁ ବଳି ଦେଇଛି। ଆଇନ ହାତରେ ଦୋଷୀ ସାବ୍ୟସ୍ତ ହୋଇ ଦଶ ବର୍ଷ କାଳ ଜେଲ୍‌ଦଣ୍ଡ ମଧ୍ୟ ଭୋଗ କରିଛି। କିନ୍ତୁ ଯେତେବେଳେ ସେହି ଚନ୍ଦନ ଗଛକୁ କଲେକ୍ଟର କାଟିଛନ୍ତି ସେତେବେଳେ ସେ ଗର୍ଜିଉଠିଛନ୍ତି ଏବଂ ତଣ୍ଟି ଚିପି ହତ୍ୟା କରିଛନ୍ତି। ଘୃଣାରେ ଗର୍ଜନ କରି ଉଠିଛନ୍ତି– "ରେ କାଠକାଙ୍ଗାଳ ଏଇ ଗଛ ପାଇଁ ମୋ କଅଁଳ ପୁଅକୁ ମାରିଲି। ଏଇ ଗଛ ମୋ ବାପା ମାଆର ସନ୍ତକ, ନେ ଏଇ ଗଛ ଯିଏ ମୋର ସ୍ତ୍ରୀର ରକ୍ତ ପିଇ ବଞ୍ଚିଥିଲା, ଏବେ ମୋ ରକତ ପିଉଛି ନେ ନେ।"୧୨। ଅନ୍ୟ ଏକ ଗଳ୍ପ 'ମଧୁ! ମଧୁ! ମଧୁ!'ରେ ମହୁଆ କୁଟିଆ କନ୍ଧ ସମ୍ପ୍ରଦାୟର ଏକ ମାର୍ମିକ ଅଭିବ୍ୟକ୍ତି ବର୍ଣ୍ଣିତ। ଏହି ଆଦିବାସୀମାନେ ଶିକାର କରନ୍ତିନାହିଁ। ଜଙ୍ଗଲରୁ ମହୁ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି। ଗଳ୍ପରେ ଆଦିବାସୀ ଚରିତ୍ର 'ମକରା' ମହୁସଂଗ୍ରହ କରିବାକୁ ଯାଇ ଆଉ ଫେରିଆସି ନାହିଁ। ତାଙ୍କ ମୃତ୍ୟୁ ସମ୍ବାଦ ଆସିଛି। ଶବ ସଂସ୍କାର କଲାବେଳେ ମହୁଆ କୁଟିଆ କନ୍ଧ ସମ୍ପ୍ରଦାୟର ପରଂପରା ଅନୁସାରେ ଶବସଂସ୍କାର ସ୍ଥାନକୁ ତାଙ୍କ ସ୍ତ୍ରୀ ମରୁଆକୁ ନିଆଯାଇ ବିଧିବିଧାନ ପୂର୍ବକ ସମସ୍ତ ଯୌବନକୁ ଉତ୍ସଗିତ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। କିନ୍ତୁ ଗଳ୍ପନାୟକଙ୍କ କୌଶଳକ୍ରମେ ମରୁଆକୁ ମୁକ୍ତ କରିଛନ୍ତି। ପରେ ଜଣାଗଲା ମକରା ଗଛରୁ ପଡ଼ି ମରିନାହିଁ। ଆଉ ଜଣେ ମତ୍ୟୁବରଣ କରିଥିଲା। ଗଳ୍ପଟିରେ ମକରା, ତାଙ୍କ ସ୍ତ୍ରୀ ମରୁଆ, ମହୁଆଙ୍କ ସର୍ଦ୍ଦାର ଓ ଗ୍ରାମବାସୀ ପ୍ରଭୃତି ଏହାର ଆଦିବାସୀ ଚରିତ୍ର। ସ୍ୱାମୀର ମୃତ୍ୟୁପରେ ସ୍ତ୍ରୀଙ୍କର ସମସ୍ତ ଯୌବନକୁ ବଳିଦେବା ପ୍ରଥା ଗଳ୍ପରେ ପ୍ରକାଶ ପାଇଛି। 'ମହାତ୍ମା ଓ ପୋଲ' ଗଳ୍ପଟି ପୋଲ ଗଢ଼ିବା ଘଟଣାକୁ ନେଇ ପରିକଳ୍ପିତ। ଏଥିରେ ରହିଥିବା ଆଦିବାସୀ ଚରିତ୍ର ହେଉଛନ୍ତି ଲିଖାମାଝି ଓ ମକରା ମୁର୍ମୁ। ପୋଲଟି ବାରମ୍ଭାର ଭୁଷୁଡ଼ି ପଡ଼ିବାର କାରଣ ହେଉଛି ମାଣିକେଶ୍ୱର ଓ ପାଟଣେଶ୍ୱରୀର ବିବାଦ ବୋଲି ଲିଖା ମାଝି ମନ୍ତବ୍ୟ ଦେଇଛନ୍ତି। ତେଣୁ ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ମଣିଷ ବଳି ଦରକାର। ଏଥିପାଇଁ ମକରା ଆତ୍ମବଳିଦାନ ଦେଇଛି। କିନ୍ତୁ ଦୁର୍ନୀତିଗ୍ରସ୍ତ ଯୋଗୁଁ ଏହି ପୋଲଟି ପୁନର୍ବାର ଭୁଷୁଡ଼ି ପଡ଼ିଛି। ଏଠାରେ ମହାତ୍ମା ପୁରୁଷ ଆଦିବାସୀଙ୍କ ତ୍ୟାଗର କଥା ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ଆଧୁନିକ ମଣିଷର ଦୁର୍ନୀତି କଥା ମଧ୍ୟ ଦେଖାଇ ଦିଆଯାଇଛି। ସେହିପରି 'ଚେର' ଗଳ୍ପରେ କୁଟିଆ କନ୍ଧମାନଙ୍କର ସାମାଜିକ ଚଳଣି ଓ ସ୍ୱାଭିମାନର କଥା ବର୍ଣ୍ଣିତ ହୋଇଛି। ଗଳ୍ପଟିରେ କୁଟିଆ ସର୍‌ଦାର ମାଙ୍କଡ଼ା, ମାଟିଆ, କୁଟିଆ ଯୁବତୀ ଓ ତାଙ୍କ ପୁତ୍ର ଆଦି ଆଦିବାସୀ ଚରିତ୍ର ରହିଛନ୍ତି। ଘଟଣାକ୍ରମରେ ଗଳ୍ପନାୟକ ଓ ଡାକ୍ତର ଶିକାର ପାଇଁ ଯାଇଥିବାବେଳେ କୁଟିଆମାନଙ୍କର ମହୋତ୍ସବ ଯୋଗୁଁ ଶିକାରକୁ ଯାଇପାରିନାହାନ୍ତି।

ଫେରିଲା ବେଳେ ବାଘ ହାବୁଡ଼ରୁ କୁଟିଆ ଯୁବତୀକୁ ଉଦ୍ଧାର କରିବା ସହିତ ଗର୍ଭସ୍ଥ ସନ୍ତାନକୁ ମାଂସକଟା ଛୁରୀ ଓ ପନିକି ସାହାଯ୍ୟରେ ଅପରେସନ କରିଛନ୍ତି। ଯୁବତୀର ଶେଷ ଆଶା ପୂରଣ କରିବାକୁ ଯାଇ ପିଲାଟିକୁ ରଖିଛନ୍ତି। ସେହି ପିଲା ଶେଷରେ ଗୋଟିଏ ଡାକ୍ତର ହୋଇ ନିଜ ଭିଟା ମାଟି କଳାହାଣ୍ଡିକୁ ଆସିଛନ୍ତି। ସେଠାରେ ତା'ର ମାଆ ଯେ କୁଟିଆ କନ୍ଧ ରମଣୀ ଏହାକୁ ସେ ଅନୁଭବ କରିଛନ୍ତି। ସେହିପରି 'ଅହଂକାର ପାହାଡ଼ରେ ଅନ୍ଧ ପଥୁରିଆ' ଗଳ୍ପରେ ଗାଳ୍ପିକ ଆଦିବାସୀମାନଙ୍କର ହସ୍ତନୈପୁଣ୍ୟ ଓ ସ୍ୱାଭିମାନର କଥା କହିଛନ୍ତି। ଗଳ୍ପରେ ଥିବା ଆଦିବାସୀ ଯୁବକଟି ହେଉଛି ଏହାର ଆଦିବାସୀ ଚରିତ୍ର। ଗଳ୍ପନାୟକ ତାଙ୍କ ସହିତ ସାକ୍ଷାତ କରିବା ପରେ ମୂର୍ତ୍ତି ଗଢ଼ିବା ପାଇଁ ତାଙ୍କୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଆଦିବାସୀ ଯୁବକ ଜଣକ ତା'ର ଅତୀତକୁ ଗଳ୍ପନାୟକଙ୍କ ସାମ୍ନାରେ ବଖାଣି ବସିଛନ୍ତି। ଅତୀତର କରୁଣ କାହାଣୀ ଯୋଗୁଁ ସେ ମୂର୍ତ୍ତି ନ ଗଢ଼ି ବାସନକୁସନ ତିଆର କରୁଥିବାର କହିଛନ୍ତି। 'ରକ୍ତ ସମ୍ପର୍କୀୟ' ଗଳ୍ପରେ ଆଦିବାସୀ ରମଣୀର ସରଳତା, ପ୍ରେମର ପରାକାଷ୍ଠା ଓ କୁଟିଆ ସମାଜର ଅନ୍ଧବିଶ୍ୱାସର କଥା ବର୍ଣ୍ଣିତ ହୋଇଛି। କୁଟିଆ କନ୍ଧ ରମଣୀ, ତା'ର ସ୍ୱାମୀ, ଜାନି ଆଦି ଏହି ଗଳ୍ପର ଆଦିବାସୀ ଚରିତ୍ର। ମହୁଲ ଫୁଲ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣର ଶିକାର ହେବା ପରେ କୁଟିଆ କନ୍ଧର ସ୍ତ୍ରୀ କୁଟିଆକୁ ଡାକ୍ତରଖାନାକୁ ନେଇଛନ୍ତି। ସେଠାରେ ରକ୍ତର ଆବଶ୍ୟକତା ଯୋଗୁଁ ରମଣୀଟି ଛାତି ଚିରି ରକ୍ତ ଦେଇଛି ଏବଂ ଅଚେତ ହୋଇପଡ଼ିଛି। ତେବେ ଡାକ୍ତର ନିଜ ରକ୍ତ ଦେଇ ଦୁହିଁଙ୍କ ଜୀବନ ବଞ୍ଚାଇଛନ୍ତି। ପରନ୍ତୁ ଏହି ଭାଲୁ ଆକ୍ରମଣର କାରଣ ଦର୍ଶାଇବାକୁ ଯାଇ ଜାନି ମନ୍ତବ୍ୟ ଦେଇଥିଲା ଯେ ଲୋକଟି ନୂଆଖାଇ ଆଗରୁ କଖାରୁଫୁଲ ଛିଣ୍ଡାଇ ଥିବାରୁ ଏହି ବିପତ୍ତି ଘଟିଲା। ଗଳ୍ପଟିରେ ଆଦିବାସୀ ରମଣୀର ତ୍ୟାଗନିଷ୍ଠା ଜୀବନ, କୁଟିଆ କନ୍ଧର ଅନ୍ଧବିଶ୍ୱାସ ଓ ଭଲ ପାଇବା ପ୍ରକାଶିତ। ସେହିପରି 'ଶୁକୁରୁ ଜାନୀ ଓ ସକ୍ରେଟିସ' ଗଳ୍ପର ଆଦିବାସୀ ଚରିତ୍ର ହେଉଛନ୍ତି କୁଟିଆ ଓରଫ ଶୁକୁଜାନୀ। 'ଖଗଲା' ଗଳ୍ପର ଆଦିବାସୀ ଚରିତ୍ର ଇନ୍ଦ୍ରଜିତ ଏବଂ 'ତେରେ ବାହାଲର ବାହାଲ' ଗଳ୍ପର ଲିଖା ସଅଁରା ଓ 'ଛୋଟୀ ସାଉଁରାଣୀ' ପ୍ରମୁଖ ସରଳ ଆଦିବାସୀ ଚରିତ୍ର।

ସେହିପରି ହୃଷୀକେଶ ପଣ୍ଡାଙ୍କ ଆଦିବାସୀ ଚରିତ୍ରଗୁଡ଼ିକ ସରଳ ଓ ପାରମ୍ପରିକ ଜଣାପଡ଼ନ୍ତି। ଏହି ସରଳ ଗୁଣ ଯୋଗୁଁ ଅନେକ ସମୟରେ ଶଠତାର ମଧ୍ୟ ଶିକାର ହୁଅନ୍ତି। 'ଫୁଲମତୀ' ଗଳ୍ପରେ ଥିବା ଫୁଲମତୀ ଓ ଲୌକନ ବାକା ହେଉଛନ୍ତି ଆଦିବାସୀ ଚରିତ୍ର। ଏମାନେ ପରସ୍ପରକୁ ପ୍ରେମ କରୁଥିଲେ ମାତ୍ର ବିବାହ କରିପାରିଲେ ନାହିଁ। ଚଇତି ପର୍ବଦିନ ସାପ କାମୁଡ଼ାରେ ଫୁଲମତୀର ମୃତ୍ୟୁ ଘଟିଛି। ଗଳ୍ପଟିରେ ନୈସର୍ଗିକ ପ୍ରେମ ପ୍ରକାଶ ପାଇଛି। 'କୟେଦୀ' ଗଳ୍ପରେ ରହିଛନ୍ତି ରଙ୍ଗାମୁର୍ମୁ, ଝୁମ୍‌କି, କାଲୁମାର୍ଣ୍ଡି ପ୍ରଭୃତି ଆଦିବାସୀ ଚରିତ୍ର। ଏଠାରେ ରଙ୍ଗାମୁର୍ମୁ କୁଲି ସର୍ଦ୍ଦାରେ ହେବା ପରେ କାନତରାଟି ବାବୁ ପାଇଁ କୁଲି ଯୋଗାଡ଼ କରୁଥିଲା। କିନ୍ତୁ ଜୁଆନ ଧାଙ୍ଗଡ଼ୀଙ୍କର ଇଜ୍ଜତ ନଷ୍ଟ ହେବାର ଜାଣିବା ପରେ ସେ ସ୍ୱଚକ୍ଷୁରେ ଦେଖିବା ପାଇଁ ପ୍ରୟାସ କରିଛି। କାନ୍‌ତରାଟି ବାବୁ ଝୁମ୍‌କିର ଇଜ୍ଜତ ନେଲାବେଳେ ରଙ୍ଗାମୁର୍ମୁ ପହଞ୍ଚିଛନ୍ତି ଏବଂ ତାଙ୍କୁ ହତ୍ୟା କରି ଜେଲ୍ ଯାଇଛନ୍ତି। ଗଳ୍ପଟି ଭଗବତୀଙ୍କ 'ଶିକାର' ଗଳ୍ପର ଛାୟାରେ ରଚିତ ହୋଇଥିଲା ପରି ମନେହୁଏ।

ଉଜ୍ଜ୍ୱଳ ପାଢ଼ୀଙ୍କର ଆଦିବାସୀ ଚରିତ୍ରଗୁଡ଼ିକ କିନ୍ତୁ ଟିକିଏ ଭିନ୍ନ ଧରଣର। ଏମାନେ ଭାରି ଅଦ୍ଭୁତ ମନେହୁଅନ୍ତି। 'ଛାଇ ଆଲୁଅ' ଗଳ୍ପରେ ଥିବା ଆଦିବାସୀ ତରୁଣୀ ସ୍ୱାମୀଠାରୁ ପ୍ରତିଶୋଧ ନେବାପାଇଁ ସହରୀବାବୁ ସହିତ ସମ୍ବନ୍ଧ ରଖିଛି ସିନା; କିନ୍ତୁ କିଛି ଫଳ ପାଇପାରି ନାହିଁ। ଉମାଶଙ୍କର ପଣ୍ଡାଙ୍କ ଗଳ୍ପ 'ଦାରିଂବାଡ଼ିର ଫୁଲମତୀ'ରେ ଥିବା ଅଦିବାସୀ ନାରୀଟି ଏକ ଅସହାୟ ଚରିତ୍ର। କିନ୍ତୁ ଗୁରୁପ୍ରସାଦ ମହାନ୍ତିଙ୍କ 'ରକ୍ତ ମନ୍ଦାର'ରେ ବର୍ଣ୍ଣିତ ଆଦିବାସୀ ଚରିତ୍ର ସବୁ ଦ୍ୱନ୍ଦ୍ୱମୁଖର ଚରିତ୍ର ହିସାବରେ ଦେଖାଦିଅନ୍ତି। ଲକ୍ଷ୍ମୀଧର ସେନାପତିଙ୍କ ଆଦିବାସୀ ଚରିତ୍ରଗୁଡ଼ିକ ସରଳ, ତ୍ୟାଗଶୀଳ ଓ ଧର୍ମୀୟ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ। ସେହିପରି ନନ୍ଦିନୀ ଶତପଥୀଙ୍କ 'ଜିତାପଟ' ଗଳ୍ପରେ ଥିବା ଆଦିବାସୀ ଚରିତ୍ର ରର୍ବଟ ଓ ମେରୀ ପରୋପକାରୀ ଚରିତ୍ର ଅଟନ୍ତି। ସେଥିପାଇଁ ସୁଶୀଳାର ସ୍ୱାମୀଙ୍କ ଅନୁପସ୍ଥିତିରେ ଏମାନେ ହିଁ ତାଙ୍କର ସେବାଯତ୍ନ କରି ପ୍ରସବ କରାଇଛନ୍ତି। ବିଘ୍ନରାଜ ପଟେଲଙ୍କ ଗଳ୍ପର ଆଦିବାସୀ ଚରିତ୍ରଗୁଡ଼ିକୁ ଧର୍ମପରାୟଣା ହୋଇଥିବାବେଳେ ଅର୍ଜୁନ ଶତପଥୀଙ୍କ ଗଳ୍ପର ଚରିତ୍ରଗୁଡ଼ିକ ସରଳ ଓ ସ୍ୱାଭିମାନୀ। ପୁଣି ସ୍ମିତା ହୋତାଙ୍କ ଗଳ୍ପରେ ଥିବା ଆଦିବାସୀ ଚରିତ୍ର ସଭ୍ୟାଲୋକରେ ଆସିବା ପରେ ନିଜ ସଂସ୍କୃତିକୁ ଅବହେଳା କରିବାର ଦେଖିବାକୁ ମିଳେ। ସେହିପରି ବିଜୟ କୁମାର ପଢ଼ିହାରୀଙ୍କ ଗଳ୍ପରେ ଥିବା ଆଦିବାସୀ ଚରିତ୍ରଗୁଡ଼ିକ ଅନ୍ଧବିଶ୍ୱାସ ଦ୍ୱାରା ଆବଦ୍ଧ, ସରଳ ଓ ପ୍ରେମର ପୂଜାରୀ। ପୁଣି ଭୀମ ପୃଷ୍ଟିଙ୍କର ଆଦିବାସୀ ଚରିତ୍ରଗୁଡ଼ିକ ଆମ ସମାଜ ଭିତରେ ଥାଇ କେତେବେଳେ ଗୁଣି ଗାରେଡ଼ିକୁ ବିଶ୍ୱାସ କରି ଡାହାଣୀ ସନ୍ଦେହରେ ମାରି ଦିଆଯାଇଛି ତ କେତେବେଳେ ପେଟ ବିକଳରେ ଦାଦନ ଖଟିଛି, ସନ୍ତ୍ରାସବାଦୀ ସାଜିଛି। ଏମାନେ ସମସ୍ତେ ସମାଜ ବ୍ୟବସ୍ଥାଦ୍ୱାରା ତଳିତଳାନ୍ତ ହୋଇଛନ୍ତି। ସେହିପରି ମଧୁସୂଦନ ସ୍ୱାଇଁଙ୍କ ଆଦିବାସୀ ଚରିତ୍ରଗୁଡ଼ିକ ନଦୀବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତ ହେବା ସହିତ ନକ୍ସଲ ଓ ଯବାନମାନଙ୍କ ଯୁଦ୍ଧ ଭିତରେ ପେଷି ହୋଇଯାଇଛନ୍ତି। ତାଙ୍କର ଗଳ୍ପ 'ଯେଉଁଠି ସୂର୍ଯ୍ୟ ଉଏଁ'ରେ ଆଦିବାସୀଟିଏ ବିସ୍ଥାପିତ

ହୋଇଥିବାର ଦେଖିବାକୁ ମିଳୁଥିବା ବେଳେ 'କାଡୁଲପେଟାରଡୁମା'ରେ ନକ୍ସଲ ଓ ଯବାନ ଯୁଦ୍ଧ ଭିତରେ ଅସହାୟ ଭାବରେ ଡରିଡରି ଦିନ କାଟୁଥିବାର ଲକ୍ଷ୍ୟ କରାଯାଏ। କେବଳ ଏତିକି ନୁହେଁ ଆହୁରି ଅନେକ ଗାଳ୍ପିକ ଆଦିବାସୀଙ୍କୁ ନେଇ ଗଳ୍ପ ଲେଖିଥିବାର ଦେଖିବାକୁ ମିଳେ।

ତେବେ ଯାହା ବି ହେଉ ସାମଗ୍ରିକ ଭାବରେ କହିବାକୁ ଗଲେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଦେଖାଯାଉଥିବା ଆଦିବାସୀ ଚରିତ୍ରଗୁଡ଼ିକ ବହୁମୁଖୀ। ଶାନ୍ତ, ସରଳ, ନିରୀହ ଜଣାପଡୁଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏମାନେ ପତ୍ରିଶୋଧ ପରାୟଣ। ଏମାନେ ଯେତିକି ସ୍ୱାଭିମାନୀ, ପରୋପକାରୀ ସେତିକି ଧର୍ମଭୀରୁ ଓ ଅନ୍ଧବିଶ୍ୱାସ ଦ୍ୱାରା କବଳିତ। ପୁଣି କେତେବେଳେ ସରଳତା ଯୋଗୁଁ ଅତ୍ୟାଚାରର ଶିକାର ହୋଇଛନ୍ତି ତ କେତେବେଳେ ସ୍ୱାଭିମାନ ଓ ଏକଜିଦିଆ ଯୋଗୁଁ ତଳିତଳାନ୍ତ ମଧ୍ୟ ହୋଇଛନ୍ତି। ବିଶେଷ କରି ଅନେକ ଜାଗାରେ ଏମାନଙ୍କୁ ଉପଭୋଗର ସାମଗ୍ରୀ ହିସାବରେ ଗ୍ରହଣ କରାଯାଇଛି। କିନ୍ତୁ ଏମାନେ ଚାହିଁକି ବି ଏହାର ପ୍ରତିବାଦ କରିପାରିନାହାନ୍ତି। କାରଣ ଆଦିବାସୀଙ୍କ ପାଖରେ ମନର ଭୋକଠାରୁ ପେଟର ଜ୍ୱାଳା ଓ କ୍ଷଣିକ ବଞ୍ଚିବାର ଆଶା ଅତ୍ୟଧିକ। ତଥାପି ତାଙ୍କ ସରଳତା, ସ୍ୱାଭିମାନ, ପ୍ରତିଶ୍ରୁତିବଦ୍ଧତା, କର୍ମଠତା, ଈଶ୍ୱରବିଶ୍ୱାସ, ପରୋପକାରିତା ଆଦିଗୁଣ ହିଁ ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱାତନ୍ତ୍ୟ ପ୍ରଦାନ କରେ।

## ସହାୟକ ଗ୍ରନ୍ଥସୂଚୀ :


୧. ବ୍ରହ୍ମା, ରାମଚନ୍ଦ୍ର; (ସଂ) ଜଳନ୍ଧରଦେବ ଗ୍ରନ୍ଥାବଳୀ (୨ୟଖଣ୍ଡ), ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୦୮, ପୃଷ୍ଠା-୯୪

୨. ବ୍ରହ୍ମା, ଗୌରୀ କୁମାର ଓ ବିବେକାନନ୍ଦ ପାଣିଗ୍ରାହୀ;(ସଂ) ଗୋଦାବରୀଶ ରଚନାବଳୀ(୧ମ ଖଣ୍ଡ), କଟକ, ଗ୍ରନ୍ଥମନ୍ଦିର, ୨୦୧୨, ପୃ-୩୦୧

୩. ଭଗବତୀ ସଞ୍ଚୟନ, ନବଯୁଗ ଗ୍ରନ୍ଥାଳୟ, କଟକ, ନବଯୁଗ ଗ୍ରନ୍ଥାଳୟ, ୧ମ ସଂସ୍କରଣ,୧୯୮୫, ପୃ-୪୭

୪. ମହାନ୍ତି, ଗୋପୀନାଥ; ଛାଇ ଆଲୁଅ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୨, ପୃ-୮୭

୫. ମିଶ୍ର, ଯଶୋଧାରା; (ସଂ)ଭୁବନେଶ୍ୱର ବେହେରାଙ୍କ ଶ୍ରେଷ୍ଠଗଳ୍ପ, ୨୦୧୬, ପୃ-୦୭

୬. ମହାନ୍ତି, ସୁରେନ୍ଦ୍ର;ଶ୍ରେଷ୍ଠଗଳ୍ପ', ଭୁବନେଶ୍ୱର, ଚତୁରଙ୍ଗ ପ୍ରକାଶନୀ, ୧୯୯୯, ପୃ-୧୦୦

୭. ପଟ୍ଟନାୟକ, ଅଖିଳ ମୋହନ; ଓ ଅନ୍ଧଗଳି, କଟକ, ଅଗ୍ରଦୂତ, ୧୯୮୫, ପୃ-୧୭୬

୮. ସୁଧୀର ବେହୁରା ଓ ମନ୍ଦାକିନୀ ଦାସ; କୃଷ୍ଣ ଚରଣ ବୀଥିକା, ୧୯୯୯, ପୃ-୧୧୬

୯. ସୁଧୀର ବେହୁରା ଓ ମନ୍ଦାକିନୀ ଦାସ; କୃଷ୍ଣ ଚରଣ ବୀଥିକା, ୧୯୯୯, ସେହିଠାରେ, ପୃ-୧୧୯

୧୦.ହୋତା, ସାତକଡ଼ି; କିରିବୁରୁର କନ୍ୟା, କଟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ,୧୯୮୩, ପୃ-୧୪

୧୧.ରାୟ, ପ୍ରତିଭା; ଭଗବାଁର ଦେଶ୍, କଟକ, ଆଦ୍ୟାପ୍ରକାଶନୀ, ୨୦୧୫, ପୃ-୫


❖ ❖ ❖

DOI :https://doi.org/10.5281/zenodo.16919643

ମୂଳ ପ୍ରବନ୍ଧ

# ବୌଦ୍ଧ ଗଳ୍ପ : ଅସ୍ପୃଶ୍ୟତାର ଅବଶୋଷ

ମାନସ କୁମାର ରାଉତ

**ସଂକ୍ଷିପ୍ତସାର :**

ବୌଦ୍ଧ ଧର୍ମ ଏବଂ ତଥାଗତ ଗୌତମବୁଦ୍ଧ ତାଙ୍କର ଶେଷ ଶିକ୍ଷାଦାନ ଏବଂ ନିର୍ବାଣପ୍ରାପ୍ତି ସମ୍ପର୍କିତ ପ୍ରବନ୍ଧଟି ଗଳ୍ପଧାରାରେ ପ୍ରକାଶିତ କରିବା ପାଇଁ ପ୍ରୟାସ କରାଯାଇଛି । ଏଠାରେ କିପରି ଚୁଣ୍ଡଙ୍କୁ ଆତ୍ମଶୁଦ୍ଧି ସମ୍ପର୍କରେ ଶିକ୍ଷାଦାନ କରିଛନ୍ତି ଏବଂ ବୁଦ୍ଧଦେବ ବିଷାକ୍ତ ଖାଦ୍ୟା ଖାଇବା ପରେ ନିର୍ବାଣ ପ୍ରାପ୍ତି ଘଟିଛି ଏଥିସହିତ ପରବର୍ତ୍ତୀ ସମୟରେ ଏହାକୁ ନେଇ ଅତି ସମ୍ମାନର ସହ ଖାଦ୍ୟ ପରଷି ଥିବା ଚୁଣ୍ଡ କମରପୁତ ବୁଦ୍ଧଙ୍କ ନିର୍ବାଣ ପରେ ସମାଜର ନିନ୍ଦାଭାର ସହିତ ଅବଶୋଷ ମଧ୍ୟରେ ଜୀବନ ବିତାଉଛନ୍ତି ତାହାକୁ ଦର୍ଶାଯାଇଛି । ଏହି ଅବଶୋଷ ଭିତରୁ ତଥାଗତ ତାଙ୍କୁ ଉଦ୍ଧାର କରି ତାଙ୍କୁ ଉପଦେଶ ପ୍ରଦାନ କରିବା ସହିତ ପ୍ରସିଦ୍ଧ ମହାର୍ଶମଣରେ ପରିଣତ କରାଇବା ସହିତ ତାଙ୍କର ମାର୍ଗଦର୍ଶକ ସାଜିଛନ୍ତି ତାହାକୁ ବର୍ଣ୍ଣନା କରାଯାଇଛି । ବୁଦ୍ଧଦେବଙ୍କୁ ନିଜର ଆତିଥ୍ୟ ପ୍ରଦାନ କରିଅଛନ୍ତି ଚୁଣ୍ଡ, (ବୌଦ୍ଧ ସାହିତ୍ୟରେ ଚଣ୍ଡ, ଚୁଣ୍ଡା, ଚଣ୍ଡା ବୋଲି ବର୍ଣ୍ଣନା ରହିଛି) ଏବଂ ଅତି ଶ୍ରଦ୍ଧାର ସହ ତାଙ୍କର ପତ୍ନୀ ଚନ୍ଦନ କାଠରେ ଫୁଟିଥିବା ଛତୁ ଏବଂ ଶୁକରମାଦକ ପ୍ରସ୍ତୁତ କରିଛନ୍ତି ତଥାଗତ ଏବଂ ତଥାଗତଙ୍କ ଅନ୍ୟ ଶିଷ୍ୟମାନଙ୍କ ପାଇଁ । ତଥାଗତ ଚୁଣ୍ଡକଙ୍କ ଆତିଥ୍ୟ ସ୍ୱୀକାର କରିଛନ୍ତି ଏବଂ ଚୁଣ୍ଡକ ପରଷିଥିବା ଖାଦ୍ୟ ବିଷାକ୍ତ ଜାଣି ମଧ୍ୟ ତାକୁ ପୋତିବାକୁ ଚୁଣ୍ଡକକୁ କହିବା ସହିତ ତାଙ୍କର ମହାନିର୍ବାଣ ଜାଣି ମଧ୍ୟ ଚୁଣ୍ଡ ଦ୍ୱାରା ଦିଆଯାଇଥିବା ଖାଦ୍ୟ ଖାଇଛନ୍ତି । ସ୍ୱାସ୍ଥ୍ୟ ଜନିତ ଅସୁବିଧା କାରଣରୁ ତାଙ୍କର ମହାପରିନିର୍ବାଣ ହୋଇଛି । ଏଥିଯୋଗୁ ଚୁଣ୍ଡକକୁ ସମସ୍ତେ ଦାୟୀ କରିଛନ୍ତି ଏବଂ ଚୁଣ୍ଡକ ମଧ୍ୟ ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ଯୋଗୁ ନିଜକୁ ଦାୟୀ କରି ଅବଶେଷର ଗ୍ଲାନି ଭିତରେ ରହିଅଛି । ଉଲ୍ଲେଖଯୋଗ୍ୟଯେ, ଚୁଣ୍ଡ କମାରପୁତ ଜଣେ କମାର (ଲୁହା ଗଢ଼ିବା କାମ କରୁଥିବା ବ୍ୟକ୍ତି) ଥିଲେ, ଯିଏ ଗୌତମ ବୁଦ୍ଧଙ୍କୁ ପାଖାରେ ତାଙ୍କ ଆମ୍ବ ଉଦ୍ୟାନରେ ବୁଦ୍ଧଙ୍କ ଦର୍ଶନ ସମୟରେ ଶେଷ ଭୋଜନ ଭିକ୍ଷା ଭାବରେ ଦାନ କରିଥିଲେ । ଏହି ଭୋଜନ ଗ୍ରହଣ କରିବା ପରେ, ବୁଦ୍ଧ ଗଭୀର ଅତିସାର ରୋଗରେ ପୀଡ଼ିତ ହେଲେ ଯାହା ପରେ ତାଙ୍କର ନିର୍ବାଣ ଘଟିଲା ।

**ପ୍ରମୁଖ ଶବ୍ଦାବଳୀ :**

ଆମ୍ରବନ, ଶେଷ ଭିକ୍ଷା, ଶୁକରମୋଦକ, ବୁଦ୍ଧଙ୍କ ନିର୍ବାଣ ପରିବେଶ, ଚୁଣ୍ଡ, ତଥାଗତଙ୍କ ଶିଷ୍ୟ ।

## ଉପକ୍ରମ :

**ଶେଷ ଉପଦେଶ:** ଚୁଣ୍ଡ କମାରପୁତ ସୁତରେ, ଗୌତମ ବୁଦ୍ଧ ଚୁଣ୍ଡଙ୍କ ଆମ୍ବ ଉଦ୍ୟାନରେ ବସିଥିବାବେଳେ, ସେମାନେ ଶୁଦ୍ଧିକ୍ରିୟା ବିଷୟରେ ଆଲୋଚନା କରନ୍ତି । ଚୁଣ୍ଡ ପଶ୍ଚିମ ଦିଗର ବ୍ରାହ୍ମଣମାନଙ୍କର ଶୁଦ୍ଧିକ୍ରିୟାକୁ ସେ ଅନୁମୋଦନ କରିଥିବା କଥା କହନ୍ତି, ଏବଂ ବୁଦ୍ଧ କହନ୍ତି ଯେ ଏହି ବ୍ରାହ୍ମଣମାନଙ୍କର ଶୁଦ୍ଧିକ୍ରିୟା ଓ ଆର୍ଯ୍ୟମାନଙ୍କ ଶିଳାନୁଶାସନରେ ଥିବା ଶୁଦ୍ଧି ଅଲଗା ଅଟେ । ଚୁଣ୍ଡ ପଚାରନ୍ତି ଯେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16919643
Article No - BPP00327

**ଯୋଗାଯୋଗ :**
**ମାନସ କୁମାର ରାଉତ,** ଗବେଷକ,
ଧର୍ମଶାଳା, ଯାଜପୁର
**Email:** manash99rout@gmail.com
**ORCID ID:** https://orcid.org/0009-0005-9556-4750

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୫.୨୦୨୫ | ୧୧.୦୬.୨୦୨୫ | ୨୫.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ରାଉତ, ମାନସ କୁମାର ; ୨୦୨୫ । ବୌଦ୍ଧ ଗଳ୍ପ : ଅସ୍ପୃଶ୍ୟତାର ଅବଶୋଷ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଙ; ପୃଷ୍ଠା : ୬୯-୭୩ ।

ବୁଦ୍ଧଙ୍କ ଶିକ୍ଷାନୁଶାସନରେ କିପରି ଶୁଦ୍ଧି ହୁଏ, ତେଣୁ ବୁଦ୍ଧ ତାଙ୍କୁ ଦଶ ପ୍ରକାର କର୍ମ ପଥ ବିଷୟରେ ଉପଦେଶ ଦିଅନ୍ତି। ବୁଦ୍ଧଙ୍କ ଉପଦେଶକୁ ଚୁଣ୍ଡ ପ୍ରଶଂସା କରି, ସେ ଦିନଠାରୁ ଜନସ୍ଥ ବୁଦ୍ଧ ଅନୁଗାମୀ ହେବା ପ୍ରକାଶ କରନ୍ତି।

**ନିର୍ବାଣପ୍ରାପ୍ତି :** ସ୍ଥାନ କୁଶୀନଗରର ଚୁଣ୍ଡଙ୍କର ଆମ୍ରବନ। ସମସ୍ତଙ୍କ ଆଖିରେ ଲୁହ। ଖାଲି ଲୁହ ! ଲୁହ ଦୁଃଖର, ଲୁହ ଅବଶୋଷର, ଲୁହ ପ୍ରାୟଶ୍ଚିତର ! ଲୁହ ଅକ୍ଷମଣୀୟ ଅପରାଧର ! ଲୁହ କ୍ଷମା ପାଇଁ ଗୁହାର ଲଗାଇବାର ! ଆମ୍ରବନ ସାରା ଲୁହର ଧାର, ପରିବେଶ ଶୋକାକୂଳ ଲୁହ ମିଶା କରୁଣ ସ୍ୱର ସହିତ ବୁକୁଫଟା ଚିତ୍କାର ବାବା ଆମ୍ରବନ ରୂପାନ୍ତର ଶୋକ ବନରେ। ସେ ଧିକ୍କାର କରୁଥିଲା ନିଜକୁ ,ନିଜ ବଂଶକୁ, ନିଜ କୂଳକୁ, ତଥାଗତଙ୍କ ମହାପରିନିର୍ବାଣ ଖବର ବ୍ୟାପିସାରିଥିଲା ଶ୍ରୀବସ୍ତୀରୁ କୁଶିନାରା ପର୍ଯ୍ୟନ୍ତ। ସମସ୍ତଙ୍କ ମୁହଁରେ ଗୋଟିଏ ସ୍ୱର ତଥାଗତ ଚାଲିଗଲେ। ହଜାରେ ବର୍ଷରେ ଏମିତି ଜଣେ ଜଣେ ତଥାଗତ ଆସନ୍ତି ଯାହାକୁ ବଂଚାଯାଇ ପାରିଥାନ୍ତା। ଭାବପ୍ରବଣତାର ଘଟଣାପ୍ରବାହ ତାଙ୍କୁ ମହାପରିନିର୍ବାଣ ଆଡକୁ ନେଇଗଲା। ତଥାଗତ ତାଙ୍କ ବ୍ୟକ୍ତିଗତ ଚିକିତ୍ସକକୁ ରାଜଗୃହରେ ଛାଡି ଚର୍ତୁମାସ ବ୍ରତ ପାଳନ ପାଇଁ ଶ୍ରାବସ୍ତୀ ଚାଲି ଆସିଲେ। ଯଦି ଆନନ୍ଦ, ଅନିରୁଦ୍ଧ ଚାହିଁଥାନ୍ତେ ତାହେଲେ ପ୍ରତିଦିନ ମାଇଲ ମାଇଲ ବୁଲୁଥିବା ଜଣେ ୮୫ବର୍ଷର ପରିଣତ ମଣିଷ ପାଇଁ ବ୍ୟକ୍ତିଗତ ଚିକିତ୍ସକ ଆସିବାରେ ଅସୁବିଧା କ'ଣ ଥିଲା ? ହୁଏତ ଜୀବକ ଥିଲେ ତଥାଗତଙ୍କ ମହାପରିନିର୍ବାଣକୁ ଗଡେଇ ଦିଆଯାଇପାରିଥାନ୍ତା ! କିନ୍ତୁ କେହିବି ଜଣେ ପଦକ୍ଷେପ ନେଲେ ନାହିଁ। ଏଥିପାଇଁ କ'ଣ ଚୁଣ୍ଡ ଦାୟୀ ? ଆମ୍ରବନରେ ଏବେବି ଇତସ୍ତତ ହୋଇ ପଡିଛି ବୌଦ୍ଧ ଭିକ୍ଷୁମାନଙ୍କର ଖାଦ୍ୟ ପରିତ୍ୟକ୍ତ ପାତ୍ର ଖାଦ୍ୟ ତଥାଗତକୁ ଆତିଥ୍ୟତା ପ୍ରଦାନ କରିବାର ଖୁସି ହଜିଯାଇଛି ଶୋକରେ, ବଦଳି ଯାଇଛି ଦୁଃଖରେ। ପାବା ସାରା ଶୁଭୁଛି ଚୁଣ୍ଡବିରୋଧି ସ୍ୱର । ଗୃହସ୍ଥ ଠାରୁ ଆରମ୍ଭ କରି ସୈନ୍ୟାସୀ ପର୍ଯ୍ୟନ୍ତ, ପୃଷ୍ଠିରୁ ଆରମ୍ଭ କରି ମୁଖିଆ ପର୍ଯ୍ୟନ୍ତ, ନବବଧୁ ଠୁ ଆରମ୍ଭ କରି ସୈନ୍ୟାସୀନୀ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ପ୍ରଶ୍ନ ଉପରେ ପ୍ରଶ୍ନ। ସମସ୍ତଙ୍କ ମୁଖମଣ୍ଡଳରେ ଘୃଣା ତିରସ୍କାରର ଚିହ୍ନ। କାହାକୁ କି ଉତ୍ତର ଦେବ ? କି ଉତ୍ତର ଅଛି ତା ପାଖରେ ? ପାବା ଠାରୁ ଆରମ୍ଭ କରି ଭଣ୍ଡଗ୍ରାମ, ଭଚିଗ୍ରାମ, ଆମ୍ରଗ୍ରାମ, ଜମ୍ବୁଗ୍ରାମ, ଭୋଜନଗର, କୁଶିନାରା ବ୍ୟାପିଥିବା ତଥାଗତଙ୍କ ପରିନିର୍ବାଣ ଖବରରେ ସମସ୍ତେ ଶୋକାକୂଳ। ତଥାଗତ ମୋର ଆତିଥେୟତା ସ୍ୱୀକାର କରି ମୋ ସ୍ତ୍ରୀ ହାତରେ ପ୍ରସ୍ତୁତ ଚନ୍ଦନ କାଠରେ ଫୁଟିଥିବା ଛତୁ ତରକାରୀ ଆଉ ଶୁକରମାଦକକୁ ଭୋଜନ କରିନଥିଲେ ତଥାଗତ ଆହୁରି ଅନେକ ଦିନ ପୃଥିବୀ ପୃଷ୍ଠରେ ବିଚରଣ କରିଥାନ୍ତେ। ତାଙ୍କର ଉପଦେଶ ଶୁଣିଥାନ୍ତେ ନୂଆପିଢିର ମଣିଷ କେବଳ ମୋ ଆମ୍ରବନର ଖାଦ୍ୟ ତାଙ୍କୁ ଟାଣିନେଲା ମହାପରିନିର୍ବାଣ ଆଡକୁ। ତଥାଗତଙ୍କ ଅନେକ ଗୃହିଶିଷ୍ୟ ଭିତରୁ ମୁଁ ଗୋଟିଏ ଯିଏ ତଥାଗତଙ୍କ ମୃତ୍ୟୁ ପାଇଁ ଦାୟୀ ! ବୁଦ୍ଧ ଇତିହାସରେ ତଥାଗତଙ୍କ ଚୁଣ୍ଡ ବଞ୍ଚି ରହିବ ଏକ ନିନ୍ଦିତ ମଣିଷ ହୋଇ । ଚୁଣ୍ଡ ଧିକ୍କାର କଲା ନିଜକୁ ନିଜର ଆତିଥ୍ୟୟତାକୁ।

ଶ୍ରାବସ୍ତୀରେ ତଥାଗତ ଘୋଷଣା କରିସାରି ଥିଲେ ସେ ଆସନ୍ତା ୩ମାସ ମଧ୍ୟରେ ମହାପରିନିର୍ବାଣ ଲାଭ କରିବେ। ୨୫ତମ ଚର୍ତୁମାସ ବ୍ରତପାଳନପରେ ତଥାଗତ ଭିକ୍ଷୁ ଆନନ୍ଦ, ଅନିରୁଦ୍ଧ ଉପାଳୀ, ସ୍ୱସ୍ତିକକୁ କହି ସାରିଥିଲେ ଏହା ତାଙ୍କ ଶେଷ ଶ୍ରାବସ୍ତୀ ରହଣୀ। ଆଉ ତାଙ୍କ ଶେଷ ସମ୍ମିଳନୀ ଉପଦେଶରେ ଉପସ୍ଥିତ ୫୦୦ ବୌଦ୍ଧ ଭିକ୍ଷୁଙ୍କୁ କହି ସାରିଥିଲେ ଏହା ତାଙ୍କର ଶେଷ ଉପଦେଶ।

ଗୌତମ ବୁଦ୍ଧ ଚୁଣ୍ଡଙ୍କ ଆମ୍ର ଉଦ୍ୟାନରେ ବସିଥିବାବେଳେ, ସେମାନେ ଶୁଦ୍ଧିକ୍ରିୟା ବିଷୟରେ ଆଲୋଚନା କରନ୍ତି। ଚୁଣ୍ଡ ପଶ୍ଚିମ ଦିଗର ବ୍ରାହ୍ମଣମାନଙ୍କର ଶୁଦ୍ଧିକ୍ରିୟାକୁ ସେ ଅନୁମୋଦନ କରିଥିବା ବୁଦ୍ଧଙ୍କ ଆଗରେ ପ୍ରକାଶ କରିଥାନ୍ତି ଏବଂ ବୁଦ୍ଧ କହନ୍ତି ଯେ ଏହି ବ୍ରାହ୍ମଣମାନଙ୍କର ଶୁଦ୍ଧିକ୍ରିୟା ଓ ଆର୍ଯ୍ୟମାନଙ୍କ ଶିକ୍ଷାନୁଶାସନରେ ଥିବା ଶୁଦ୍ଧି ଆଲଗା ଅଟେ। ଚୁଣ୍ଡ ପଚାରନ୍ତି ଯେ ବୁଦ୍ଧଙ୍କ ଶିକ୍ଷାନୁଶାସନରେ କିପରି ଶୁଦ୍ଧି ହୁଏ ? ତେଣୁ ବୁଦ୍ଧ ତାଙ୍କୁ ଦଶ ପ୍ରକାର କର୍ମ ପଥ ବିଷୟରେ ଉପଦେଶ ଦିଅନ୍ତି। ବୁଦ୍ଧଙ୍କ ଉପଦେଶକୁ ଚୁଣ୍ଡ ପ୍ରଶଂସା କରି, ସେହି ଦିନଠାରୁ ଜନସ୍ଥ ବୁଦ୍ଧ ଅନୁଗାମୀ ହେବା ପ୍ରକାଶ କରନ୍ତି।

ବୟସର ଅପରାହ୍ନକୁ ଛୁଇଁଥିବା ତଥାଗତ ଭିକ୍ଷୁ ଆନନ୍ଦକୁ କହି ସାରିଥିଲେ ଶଗଡ ଯେମିତି ପୁରୁଣା ହୋଇଗଲେ ତାଙ୍କୁ ଯୋଡାଯୋଡି କରି ଚଳାଯାଏ ମୁଁ ସେହି ଭଳି ଚଳୁଛି ଆନନ୍ଦ। ୪୫ ବର୍ଷେ ପ୍ରବ୍ରଜ୍ୟାଜୀବନ, ୮୫ ବର୍ଷେ ବୟସ ଆଉ ଶରୀରକୁ ନେଇ ଚାଲିବା କଷ୍ଟ। ଏବେ ଫେରିବାର ବେଳା। ଚୁଣ୍ଡକ ଆତିଥେୟତା ୩ମାସ ପୂର୍ବରୁ ତଥାଗତଙ୍କୁ ମହାପରିନିର୍ବାଣରେ ପହଂଚାଇ ଦେବ ଏକଥା କୌଣସି ବୌଦ୍ଧ ଭିକ୍ଷୁଙ୍କ ଚିନ୍ତା ଚେତନାର ବାହାରେ ଥିଲା। ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ପାରୁନାହିଁ ଏ ଘଟଣାବଳୀ କ୍ରମ ଭିତରେ ଥିବା ଦୁର୍ଘଟଣାକୁ। ମୋତେ କ୍ଷମା କରି ଦିଅ ତଥାଗତ । ଚୁଣ୍ଡକ ଆଖିର ଲୁହ ଥପ୍ ଥପ୍ ହୋଇ ପଡୁଥିଲା ପାବାମାଟି ଉପରେ ତଥାଗତ ସମୟରେ ପୂର୍ଣ୍ଣକାଶ୍ୟପ, ମସ୍କରୀ ଗୋସାଲିପୁତ୍ର, ନିଗ୍ରନ୍ଥଜ୍ଞାତିପୁତ୍ର, ସଞ୍ଜୟ କୈରାତିପୁତ୍ର, ଦିଗନାଗ, କୁକୁଦ କାତ୍ୟାୟନ, ଅଦିତ କୋଶମ୍ବଳା ପରି ମହାନ ଦାର୍ଶନିକ ଆଧାତ୍ମିକ ଗୁରୁଥିଲେ । ଯେଉଁ ମାନଙ୍କ ଆଧାତ୍ମିକ ବିଚାର, ଜୀବନଧାରା ପ୍ରଭାବିତ କରିଥଲା ସମଗ୍ର ଆର୍ଯ୍ୟାବର୍ତ୍ତକୁ ସେମାନେ ସମସ୍ତେ ବୌଦ୍ଧିକ ବିଚାରର ପୃଷ୍ଠ ପୋଷକ, ଆଉ

ଉଦଘୋଷକ। ଯେଉଁ ମାନଙ୍କ ପାଖକୁ ଯିବାତ ଦୁରର କଥା ଅସ୍ତାଚଳ ସୂର୍ଯ୍ୟକିରଣରେ ଲମ୍ବିଥିବା ସେମାନଙ୍କ ଲମ୍ୱାଛାଇକୁ ସ୍ପର୍ଶ କରିବ ଆମଭଳି ଅଛବ, ଅସ୍ପୃଶ୍ୟ ମାନଙ୍କ ପାଇଁ ଗର୍ହିତ ଅପରାଧ। ବୈଦିକ ବିଚାରରେ ଆମେ ପଶୁନଥିଲୁ କିମଣିଷ ନଥିଲୁ, ପଶୁ ହୋଇଥିଲେ ତ ସେମାନଙ୍କ ଯଜ୍ଞ ସୂପ କାଷ୍ଟରେ ବେକ ଦେଖାଇ, ବେଦମନ୍ତ୍ର ଉଚାରଣ ଭିତରେ ଘାତକ ମାନଙ୍କ ଖର୍ପରରେ ପ୍ରାଣଦେଇ ସେମାନଙ୍କ ବିଚାରରେ ମୋକ୍ଷ ପ୍ରାପ୍ତି ହୋଇ ଯାଇଥାନ୍ତୁ କିନ୍ତୁ ଯଜ୍ଞ ପାଖକୁ ଯିବା କଥାଛାଡ, ବ୍ରାହ୍ମଣମାନଙ୍କ ମନ୍ତ୍ର ଉଚାରଣର ସ୍ୱର ଯେଉଁ ପର୍ଯ୍ୟନ୍ତ ଶୁଭୁଥିଲା ସେପର୍ଯ୍ୟନ୍ତ ଭୂମିକୁ ସ୍ପର୍ଶ କରିବା ଆମ ଭଳି ଅସ୍ପୃଶ୍ୟ ମାନଙ୍କ ପାଇଁ ଥିଲା ନିଷିଦ୍ଧ। ତଥାଗତ ଆପଣ ବୁଦ୍ଧତ୍ୱ ପ୍ରାପ୍ତିର ବେଶ୍ କିଛିଦିନ ଡମପୁତ୍ର ସ୍ୱସ୍ତିକ ଠାରୁ ଆସନ ପାଇଁ ଘାସ ବିଡାନେଲେ ତାକୁ ଗେଲ କଲେ କୁଣ୍ଢେଇ ପକେଇଲେ ଭଲମନ୍ଦ ପଚାରିଲେ ସାହାସ ଦେଲେ ବଂଚିବାର। ବୈଦିକ ମନ୍ତ୍ରରେ ଉବୁଟୁବୁ ହେଉଥିବା ଭାରତରେ ଅବାଳ ବାଳକ ସ୍ୱସ୍ତିକ ପ୍ରଥମ ଥର ପାଇଁ ଅନୁଭବ କଲା। ଭାରତର, ରାଜା, ସାମନ୍ତ, ବ୍ରାହ୍ମଣଙ୍କ ସମାଜ ବାହାରେ ଆଉ ଏକ ନୂଆମନ୍ତ୍ର , ନୂଆ ସମାଜ ଅଛି, ନୂଆ ଲୋକ ଅଛନ୍ତି। ସିଏ ହେଉଛନ୍ତି ରାଜକୁମାର ସିଦ୍ଧାର୍ଥ, ତପସ୍ୱୀ ସିଦ୍ଧାର୍ଥ, ଯାହାଙ୍କ ଦୃଷ୍ଟିରେ ବ୍ରାହ୍ମଣ ଠାରୁ ଶୁଦ୍ରତା, ସ୍ୱସ୍ତିକର ଘାସ ବିଡାରେ ପ୍ରସ୍ତୁତ ତୃଣାସନ ନେଇଗଲା ଆପଣଙ୍କୁ ବୁଦ୍ଧତ୍ୱର ଶେଷ ଉପଲବଧି ପର୍ଯ୍ୟନ୍ତ। ସ୍ୱସ୍ତିକ ଅଛବ, ଯାହାର ଛାଇ ପଡ଼ିଲେ ଉଚ୍ଚବର୍ଗ ଲୋକ ଗଙ୍ଗା ସ୍ନାନ କରନ୍ତି। ଯାହା ପାଇଁ ଗାଁ ଭିତରକୁ ଯିବା ନିଷିଦ୍ଧ ଆପଣ ତାକୁ ଗ୍ରହଣ କଲେ। ନିଜ ସଂଘରେ ସାମିଲ କଲେ ସେ ଆଜି ତଥାଗତ ବିଚାରର ପ୍ରଧାନ ପ୍ରଚାରକ।

ବୈଶାଳୀର ଗଙ୍ଗାନଦୀ କୂଳରେ ଭିକ୍ଷା ଗ୍ରହଣ କରୁଥିବା ବେଳେ ସମାଜର ବଡଲୋକଙ୍କ ବିଷ୍ଠା ମୁଣ୍ଡେଇ ଅଣରାସ୍ତାରେ ଯାଉଥିବା ଅଛବ ଯୁବକ ସୁନୀତକୁ ଶୁଭିଲା ଆପଣଙ୍କ ସ୍ୱର । ସେ ଆପଣଙ୍କ ସ୍ୱରରେ ଆକର୍ଷିତ ହୋଇ ଆପଣଙ୍କ କଥା ଭଲରେ ଶୁଣିବାକୁ ପାଖେଇ ଆସିଲା। ମୁଣ୍ଡରେ ବିଷ୍ଠାର ଦୃଗନ୍ଧରେ ଫାଟି ପଡୁଛି ଦେହ, ଦେହ ସାରା ଓ ଡାଳି ହୋଇ ପଡୁଛି ବିଷ୍ଠାର ଅବଦୟ। ଆପଣ ତାପାଖକୁ ଯିବାକୁ ଚେଷ୍ଟା କଲାବେଳେକୁ ସେ ଭୟରେ ଦୌଡିଲା। ଭାବିଲା ବିଷ୍ଠା ମୁଣ୍ଡେଇ ଯାଇଥିବା ଲୋକ ପ୍ରତି କ୍ରୋଧିତ ହୋଇ ଆପଣ ତାଙ୍କୁ ଅନୁସରଣ କରୁଛନ୍ତି। ଆମ ଭଳି ଦଳିତ ଅସ୍ପୃଶ୍ୟମାନଙ୍କ କ୍ଷେତ୍ରରେ ପ୍ରତିଦିନ ଏମିତି ଅନେକ ଦୁର୍ଘଟଣା ଘଟେ। ଆପଣଙ୍କ ସମାଜ, ଆପଣଙ୍କ ଦେବତା, ଆପଣଙ୍କ ପୁରାଣଶାସ୍ତ୍ର, ଆପଣଙ୍କ ଚଳଣୀ, ଗୋଟିଏ କଡରେ ଆମେ ସବୁଗୋଟିଏ କଡରେ, ଗୋଟିଏ ଗାଁରେ ଗୋଟିଏ ସହରରେ, ଗୋଟିଏ ସମାଜରେ ଥାଇବି ଆମେ ସମ୍ପୂର୍ଣ୍ଣ ପୃଥକ, ସବୁଦିନ ଭୟ ପାଇ ଦୌଡିଲା ଜୀବନ ବଂଚିବାକୁ ଗଙ୍ଗାନଦୀ ଭିତରକୁ ଡେଇଁ ପଡିଲା। ୧୦୦ରୁ ଉର୍ଦ୍ଧ ବୌଦ୍ଧ ଭିକ୍ଷୁ ଗୋଟିଏ ଅସବର୍ଣ୍ଣ ବିଷ୍ଠା ମୁଣ୍ଡା ଯୁବକ ପଛରେ ଦୌଡୁଛନ୍ତି। ଯାହାକୁ ଅପଲକ ନୟନରେ ଚାହିଁ ଥାନ୍ତି ଶ୍ରାବସ୍ତୀ ସବୁଦିନ ଭାବିଲା କୋଉଠି ନା କେଉଁଠି ପାପ ହୋଇଗଲା । ସାଆନ୍ତ ମାନଙ୍କ ଉପଦେଶ ଶୁଣିବା ବୋଧେ ତା ପାଇଁ ସବୁଠାରୁ ବଡପାପ, ଅକ୍ଷମଣୀୟ ଅପରାଧ, ଆପଣ ତାକୁ ଶ୍ରାବସ୍ତୀର ରାଜାଙ୍କ ପାଖକୁ ନେବେ ଆଉ ସେ ବିରାଟ ଶାସ୍ତୀ ଭୋଗିବାକୁ ଯାଉଛି। ଏକଲବ୍ୟ ଅଜଣାତରେ ବିଦ୍ୟା ଶିକ୍ଷା କଲା ବୋଲି ତା ଆଙ୍ଗୁଟି କଟାଗଲା ଏଠାରେ ମୁଣ୍ଡ କାଟ ହୋଇପାରେ। ସବୁଦିନକୁ ଆପଣ ଗଙ୍ଗାଜଳରେ ଗାଧୋଇ ଦେଲେ । ତାକୁ ଆପଣ ଶିଷ୍ୟ ଭାବରେ କଲେ। ସବୁଦିନ ଆଜି ଶ୍ରାବସ୍ତୀରେ ଏଠି ବିନା ସ୍ୱୀକୃତିରେ ସେ ଶୁଣିଛି ତଥାଗତଙ୍କ ପ୍ରବଚନ। ଆପଣଙ୍କର ବିଚାର ଧାରାର ପ୍ରମୁଖ ପ୍ରଚାରକ।

ଶ୍ରାବସ୍ତୀରୁ କପିଳବସ୍ତୁ ପର୍ଯ୍ୟନ୍ତ ଆପଣଙ୍କୁ ନେଇ ଅନେକ ଆଲୋଚନା । ତଥାଗତ ଉରୁବେଳା, କାଶ୍ୟପ, ଗୟା କାଶ୍ୟପ, ନଦୀକାଶ୍ୟପଙ୍କ ଯଜ୍ଞ ବେଢାରେ ବନ୍ଧ ହେବାକୁ ବନ୍ଧା ହୋଇଥିବା ପାଂଚଶହରୁ ଉର୍ଦ୍ଧ୍ୱ ଗାଲ ଛାଗଳ ମୁକ୍ତ କରିଦେଇଛନ୍ତି। ତଥାଗତଙ୍କ ବିଚାର ପାଖରେ ପରାସ୍ତ ହୋଇଛନ୍ତି ବେଦର ଅପ୍ରଚାରକ, ଆପଣଙ୍କ ବିଚାର ପାଖରେ ହାରମାନନ୍ତି ତଥାଗତଙ୍କ ଶିଷତ୍ୱ ଗ୍ରହଣ କରିଛନ୍ତି। ଦୁଇ ମହାନ ଶିଷ୍ୟ ଶାରିପୁତ, ମୋଗଲାୟନ ସେମାନଙ୍କ ପୁରୁଣା ଆଧାତ୍ମିକ ବିଚାର ଛାଡି ତଥାଗତଙ୍କ ଶରଣ ନେଇଛନ୍ତି। କୋଶଳର ଅନୁପ୍ରୀୟା ଗ୍ରାମରେ ଅବସ୍ଥାନ କରୁଥିଲା ବେଳେ ପାଂଚଅଁରାଜ କୁମାର, ଅନିରୁଦ୍ଧ, ମହାନାମ ଭିଦ୍ରିକା, ଭଗୁ, କାମ୍ବିଲାଙ୍କ ସହିତ ନାପିତ ଯୁବକ ଉପାଳୀ। ତଥାଗତ ନାପିତ ଯୁବକ ଉପାଳୀକୁ ପ୍ରଥମେ ଦୀକ୍ଷା ପରେ ସେମାନଙ୍କୁ ଦୀକ୍ଷା ଦେଇ ପ୍ରମାଣ କରି ଦେଲେ ଆପଣଙ୍କ ଦୃଷ୍ଟିରେ ଦଳିତ, ଅବହେଳିତ, ସମାଜର ନିମ୍ନସ୍ତରର ମଣିଷ, ଆଉ ରାଜକୁମାର, ସଂଭ୍ରାନ୍ତବର୍ଗ ସବୁ ସମାନ । ଉପାଳୀ ଦୀକ୍ଷା ପ୍ରମାଣ କରିଦେଲା ଆପଣ ଭାରତ ବର୍ଷର ଦଳିତ ଅସ୍ପୃଶ୍ୟ ବର୍ଗର ପ୍ରାଣ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ଆପଣଙ୍କ ବିଚାର, ଚିନ୍ତାଧାରା, ଜାତିବ୍ୟବସ୍ଥା, ବର୍ଣ୍ଣବ୍ୟବସ୍ଥା ଠାରୁ ଉଚ୍ଚରେ, ଡମ ଜାତିର ଝିଅ ପ୍ରକୃତିକୁ ବୁଦ୍ଧ ସଂଘର ମହିଳାଶାଖାରେ ସାମିଲ କଲେ ଅସ୍ପୃଶ୍ୟ କନ୍ୟାକୁ ନିଜ ବିଚାରରେ ଦିକ୍ଷିତ କରି ଅସ୍ପୃଶ୍ୟ ଦଳିତ ମହିଳା ମାନଙ୍କ ପାଇଁ ଖୋଲି ଦେଲେ ଆଧାତ୍ମିକ ଉଦାହରଣର ନୂଆ ରାସ୍ତା। ଆମ ସମାଜ ବ୍ୟବସ୍ଥାରେ ତ ମହିଳାଙ୍କ ପାଇଁ ଆଗରୁ ବିରାଟ ପ୍ରାଚୀର ଠିଆ ହୋଇଥିଲା। ନିମ୍ନବର୍ଗର ମହିଳାଙ୍କ ପାଇଁ ସବୁରାସ୍ତା ବନ୍ଦ କିନ୍ତୁ ପ୍ରକୃତି ପରେ ଶହଶହ ଅସ୍ପୃଶ୍ୟ, ଦଳିତ ମହିଳା ଆପଣଙ୍କ ବିଚାର ଧାରା ପରିଧି ଭିତରକୁ ଆସିଲେ। ସମସ୍ତଙ୍କୁ ଶିକ୍ଷାଗ୍ରହଣ କରିବାର

ଅଧିକାର ଅଛି। ସମସ୍ତଙ୍କ ଭିତରେ ଜ୍ଞାନବୃଦ୍ଧି କରିବାର କ୍ଷମତା ଅଛି ମହିଳା ହେଉକି ପୁରୁଷ, ବ୍ରାହ୍ମଣ ହେଉକି ଦଳିତ, ସମସ୍ତଙ୍କୁ ନେଇ ସମାଜ, ଗାଁ ଗଠିତ ସମସ୍ତଙ୍କ ଅଧିକାର ସମାନ ଏକଥା ଆପଣ ବାରମ୍ବାର ପ୍ରମାଣ କଲେ। ଉରୁବେଲା ଉଦାହରଣ ଜାତି ବ୍ୟବସ୍ଥାକୁ ଦେଲା ଶକ୍ତ ଆଘାତ। କଳାଧଳା, ଦଳିତ, ବ୍ରାହ୍ମଣ, ସ୍ପର୍ଷ ଅସ୍ପୃଷ୍ୟର ଲକ୍ଷଣ ରେଖା ଭିତରେ ସୀମିତ ହୋଇ ଯାଇଥିବା ଭାରତର ସାମାଜିକ ଜୀବନକୁ ଜାଗ୍ରତ କରିବାର ପ୍ରୟାସର ହେଲା ଆୟଆରମ୍ଭ ।

ହେ ତଥାଗତ, ମୁଁ ସୁଜାତା ଭଳି ୧୦୦୦ ଗାଇ କ୍ଷୀରକୁ ୫୦୦ଗାଇଙ୍କୁ ପିଆଇ। ୫୦୦ଗାଇଙ୍କ କ୍ଷୀରକୁ ୨୫୦ ଗାଇଙ୍କୁ ପିଆଇ ସର୍ବଶେଷ ୮ଟି ଗାଇର କ୍ଷୀରକୁ ନେଇ ଖିରି ଦେଇ ପାରିନଥାନ୍ତି, କମାର ଖାଦ୍ୟ ସୁଜାତାର ଖିରିପରି ଆପଣଙ୍କୁ ଝଡବାତ୍ୟା ଭିତରେ, ଗ୍ରୀଷ୍ମରଝଞ୍ଜା ଭିତରେ, କାଳବୈଶାଖୀର ବଜ୍ରବିଜୁଳୀ ଭିତରେ ୪୯ଦିନ ସ୍ଥିର ଅଚଳ କରି ରଖିପାରିନଥାନ୍ତା। ସୁଜାତାର ଖିରି ଆର୍ଯ୍ୟବର୍ତ୍ତର ସାମାଜିକ ବ୍ୟବସ୍ଥାକୁ ନୂଆ ରୂପ ପ୍ରଦାନ କଲା ଯିଏ ରାଜକୁମାର ସିଦ୍ଧାର୍ଥରୁ ଭିକ୍ଷୁ ତଥାଗତଙ୍କୁ ଯେପର୍ଯ୍ୟନ୍ତ ପୃଥିବୀ ଆପଣଙ୍କୁ ସ୍ମରଣ କରୁଥିବ ସୁଜାତା ଆପଣଙ୍କ ପାଖରେ ଠିଆ ହୋଇଥିବ ଅମ୍ଳାନ ଚରିତ୍ର ହୋଇ। ଆଉ ମୁଁ ?

ଶ୍ରାବସ୍ତୀରେ ଚର୍ତୁମାସ ବ୍ରତପାଳନ କରୁଥିଲା ବେଳେ ୨ଜଣ ସଂସ୍କୃତ ବିଦ୍ୱାନ ଭୀକ୍ଷୁ ପମେଲୁ, ଭିକ୍ଷୁ ତେକୁଲୁ ଆପଣଙ୍କୁ କହିଲେ। ତଥାଗତଙ୍କ ଉପଦେଶ ମାଗଧୀ ଭାଷାରେ ହେଉଛି। ଯାହାକୁ ସଂସ୍କୃତ ବିଦ୍ୱାନ, ଉଚ୍ଚବର୍ଣ୍ଣ ପଣ୍ଡିତ ସମାଜପତି ବୋଧଗମ୍ୟ ହେଉନାହିଁ। ମାଗଧୀ ଭାଷାକୁ ଅନେକ ବୁଝିପାରୁ ନାହାଁନ୍ତି, ଅନେକ ତାର ଭୁଲ ବାଖ୍ୟା କରୁଛନ୍ତି। ଆମେ ତଥାଗତଙ୍କ ଉପଦେଶକୁ ସଂସ୍କୃତରେ ଅନୁବାଦ କରିବୁ। ଆପଣ କହିଲେ ବୈଦିକ ଭାଷା ଅଳ୍ପ ସଂଖ୍ୟକଙ୍କ ଭିତରେ ସୀମିତ। ଯେଉଁ ଭାଷାରେ ସାଧାରଣ ଲୋକମାନେ କଥା ହେଉଛନ୍ତି ସେହି ଭାଷାରେ ସେମାନଙ୍କର ଅଭିବ୍ୟକ୍ତି ହେବା। କେବଳ ସମାଜର ଉଚ୍ଚବର୍ଣ୍ଣର ଲୋକଙ୍କ ପାଖରେ ସୀମିତ ଥିଲା ବୈଦିକ ଭାଷା, ବୈଦିକ ସଂସ୍କୃତି, ବେଦଠାରୁ ଅଷ୍ଟାଦଶ ପୁରାଣ ପର୍ଯ୍ୟନ୍ତ। ଉଚ୍ଚିତ ସାଧାରଣ ଲୋକ ମାନଙ୍କର ସେଥିରେ ନେଣଦେଣ କିଛିନଥିଲା। ସେଥିପାଇଁ ଆପଣଙ୍କ ଅଭିବ୍ୟକ୍ତି ଆମ ଅସ୍ପୃଷ୍ୟ ସମାଜକୁ ଗଙ୍ଗାର ଜଳପରି ବ୍ୟାପିଗଲା। ଆମେ ସମସ୍ତେ ଠିଆ ହୋଇ ଗଲୁ ଆପଣଙ୍କ ଛାଇ ତଳେ।

ଆପଣଙ୍କ ରାଜଗୃହରେ ଅବସ୍ଥାନ କରୁଥିଲା ବେଳେ ଆପଣଙ୍କ ଭାଇ ପ୍ରସ୍ତାବ ଦେଲେ ଭିକ୍ଷୁମାନେ ସର୍ବଦା ନିରାମିଷ ଭୋଜନ କରିବେ। ଭିକ୍ଷାପାତ୍ରରେ ଆମିଷ ଭୋଜନ ଗ୍ରହଣ କରିବେନାହିଁ। ଆପଣ ପ୍ରସ୍ତାବକୁ ଅଗ୍ରାହ୍ୟ କରି କହିଲେ ପୃଥିବୀର ସବୁ ଅଂଚଳରେ ସମାନ ଖାଦ୍ୟହାର ନାହିଁ। ପର୍ବତ ଉପରେ, ମରୁଭୂମି ଭିତରେ, ସମୁଦ୍ରର ଲୁଣି ପାଣି କଡରେ ଖାଦ୍ୟ ଦାନା ମିଳିବା କଷ୍ଟ, ତୁମ ମତରେ କେହି ବୌଦ୍ଧ ଉପାସକ, ବୌଦ୍ଧ ଧାର୍ମିକ କେହି ରହିବେ ନାହିଁ ? ସେଠାକୁ ଭିକ୍ଷା କରିବାକୁ ଯିବେ କିପରି ? ବୌଦ୍ଧଧର୍ମ ବ୍ୟକ୍ତିର ଖାଦ୍ୟରୁଚି, ପରମ୍ପରାକୁ ସମ୍ମାନ ଦେବ। ହିଂସା ଜନିତ ଆମିଷ ନିଷିଦ୍ଧ କିନ୍ତୁ ଖାଦ୍ୟ ଜନିତ ଆମିଷ ନୁହେଁ । ସମୁଦ୍ର କୂଳର ଲୁଣାପଣିରେ, ମରୁଭୂମିର ବାଲିଭିତରେ, ପର୍ବତର ଶିଖରରେ ଆମେହିଁ ଥାଉ। ଆମହାତରେ ଚାଷ ପାଇଁ ଜମିନଥାଏ, ମୁଣ୍ଡଗୁଞ୍ଜିବାକୁ ଅରାଏ ଜାଗାନଥାଏ, ନୂଆଁଣିଆଁ ଚାଳିଘର ଦାନାମୁଠାଏ ନଥାଏ ଜଙ୍ଗଲ ଫଳମୂଳ, ପଶୁପକ୍ଷୀମାନଙ୍କ ମାଂସ ହେଉଛି ଆମ ଖାଦ୍ୟ। ସେଦିନ ଆପଣଙ୍କ ନିଷ୍ପତି ଆମଭଳି ସମାଜର ତଳସ୍ତରର ମଣିଷ ସମୁହଁ ପାଖରେ ପହଂଚିବାର, ଅତିଥେୟତା ପ୍ରଦାନ କରିବାର ଆଉ ଏକ ରାସ୍ତା ଖୋଲି ଦେଲା। ମୁଁ କମାର ଚୁଣ୍ଡ ଦୃଢ଼ସ୍ୱରରେ ଘୋଷଣା କରୁଛି। ଭାରତର ସମାଜ ବ୍ୟବସ୍ଥାରେ ସମାନତା ପାଇଁ ଆପଣ ଯେଉଁ ନିଆଁ ଜାଳିଦେଇଗଲେ ସେ ନିଆଁ ହଜାର ବର୍ଷ ପରେ ନିର୍ବାପିତ ହେବନାହିଁ। ଆଜି କପିଳବସ୍ତୁ, କୋଲିୟ, ଶ୍ରାବସ୍ତୀ, କୁଶିନାରା, ରାମଗ୍ରାମ, ରାଜଗୃହ, ମଗଧ ଭୂଖଣ୍ଡର ହଜାର ଅସ୍ପୃଶ୍ୟ ମଣିଷ, ଅଛବ ସମାଜ ସମ୍ମାନର ସହ ଠିଆ ହୋଇଛନ୍ତି ତାପଛରେ ଅଛି ଆପଣଙ୍କ ୪୫ବର୍ଷର ପରିବ୍ରାଜକ ଜୀବନ । ୫୧ ବର୍ଷର ସାଧନା ।

ହେ ତଥାଗତ, ହେ ଗୌତମ, ହେ ଜୀବନହତ୍ୟା ବିରୋଧୀ ପୁରୁଷ, ହେ ଧର୍ମର ଯୁକ୍ତିନିଷ୍ଟ ମଣିଷ। ହେ ଅସ୍ପୃଶ୍ୟମାନଙ୍କର ତ୍ରାଣ କର୍ତ୍ତା, ହେ ତ୍ରିକାଳ ଦର୍ଶୀବୁଦ୍ଧ। ଏ ଅଛବ ଚୁଣ୍ଡକର ଆତିଥେୟତା। ଅଗ୍ରହ୍ୟ କରି ଦେଇଥିଲେ କଣ କ୍ଷତି ହୋଇଥାନ୍ତା ? କେବଳ ଅବଶୋଷ ରହିଥାନ୍ତା ମୋ ମନରେ। ଏ ଜନ୍ମରେ ଚୁଣ୍ଡକର ଆତିଥେୟତାରେ କେଉଁଠି ନା କେଉଁଠି ତୃଟି ଅଛି କିନ୍ତୁ ଅଛବ ପୁତ୍ରର ଖାଦ୍ୟ ଗ୍ରହଣ କରି ତଥାଗତ ମହାପରିନିର୍ବାଣ ହୋଇନାହାଁନ୍ତି।

ହେ ଆର୍ଯ୍ୟାବର୍ତ୍ତର ମୁକୁଟ ବିହୀନ ଆଧାତ୍ମିକ ବୈଜ୍ଞାନିକ ମୋତେ ମୋର ଅପରାଧ ପାଇଁ କ୍ଷମା ଦିଅ।

ଚୁଣ୍ଡ, ଚୁଣ୍ଡ, କାହାର ସ୍ୱରରେ ଭାଙ୍ଗିଗଲା ଭାବନା, ଚୁଣ୍ଡ କୋହ ମିଶ୍ରିତ ଲୁହକୁ ପୋଛି ଦେଇ ଚାହିଁଲା।

ବୁଦ୍ଧ ଠିଆ ହୋଇଛନ୍ତି ତା ସମ୍ମୁଖରେ । ପୂର୍ଣ୍ଣିମାର ଚନ୍ଦ୍ର କିରଣରେ ଦାଉଦାଉ ହୋଇ ଜଳୁଛି ତାଙ୍କ ମୁଖମଣ୍ଡଳ ଶରୀର । ଚୁଣ୍ଡକ ଭୋ... ଭୋ... ହୋଇ କାନ୍ଦିଉଠିଲା, ପ୍ରଭୁ ମୋର ଦୋଷ ପାଇଁ କ୍ଷମା କରିଦିଅ, ଆପଣଙ୍କ କଥା, ରଖି ଚନ୍ଦନ କାଠର ଛତୁ ତରକାରୀ,

ଶୁକରମାଦକ ଅନ୍ୟ କୌଣସି ଭିକ୍ଷୁକୁ ନଦେଇ ପୋତି ଦେଇଥିଲି, ତଥାପି ମୁଁ ଆଜି ଦୋଷି, ଲାଂଛିତ, ଅପମାନିତ , ବୁଦ୍ଧଙ୍କ ସମାଜ ଆଗରେ କାହିଁକି ତଥାଗତ ? କି ଅପରାଧ କରିଥିଲା ଅଛବ ଚୁଣ୍ଡ, କୈକେୟୀଭଳି ଭଳି ନିନ୍ଦାର ବୋଝ ବୋହି ହଜାରହଜାର ବର୍ଷ ବଂଚିବି ? ତଥାଗତଙ୍କ ମୁହଁରେ ଖୋଲାହସ ଦେଇ ପ୍ରକାଶ କଲେ ଅବସ୍ଥା (ସ୍ୱସ୍ଥ୍ୟ) ଭଳି ଏକ ଦୁର୍ଲଭ ଜିର୍ଣ୍ଣାନ୍ତ ରୋଗ ହେବା ସମ୍ଭାବନା ଅଛି, ଯାହା ଉଚ୍ଚ ପ୍ରୋଟିନ (ମାଂସ) ଆହାର ଦ୍ୱାରା ହେବା ସମ୍ଭବ। ପରିନିର୍ବାଣ ପୂର୍ବରୁ, ବୁଦ୍ଧ ଆନନ୍ଦଙ୍କୁ କହିଲେ ଯେ ସେ ଚୁଣ୍ଡଙ୍କୁ ଦେଖି ବିଶେଷ ଭାବେ କହିଦିଅନ୍ତୁ ଯେ ବୁଦ୍ଧଙ୍କ ରୋଗର କାରଣ ସେ ଭୋଜନ ନୁହେଁ, ଏହିପରି ଭାବନା କିମ୍ବା ଦୁଃଖବୋଧ ରଖିବାକୁ ତାଙ୍କର କୌଣସି ଆବଶ୍ୟକତା ନାହିଁ। ବିପରୀତ ଭାବେ, ତଥାଗତଙ୍କୁ ତାଙ୍କ ଶେଷ ଭୋଜନ ଦାନ କରିବା ଏମିତି ଏକ ପୁଣ୍ୟ କାର୍ଯ୍ୟ ଯାହା ବୁଦ୍ଧତ୍ୱ ଲାଭ ପୂର୍ବରୁ ତାଙ୍କୁ ପ୍ରଥମ ଭୋଜନ ଦେବା ସମାନ। ସେଥିପାଇଁ ଚୁଣ୍ଡ ଆନନ୍ଦ ଓ ପୁଣ୍ୟରେ ହର୍ଷିତ ହେବା ଉଚିତ।

ଚୁଣ୍ଡ ଶୋକ କରନାହିଁ। ତମେ ନିନ୍ଦାର ପାତ୍ର ହୋଇ ବଞ୍ଚିବ ନାହିଁ। ସମ୍ମାନର ସହ ତମ ନାମ ଉଚାରିତ ହେବ ଭିକ୍ଷୁଙ୍କ ଭିତରେ। ଚୁଣ୍ଡ ମୋର ୮୫ବର୍ଷର ଜୀବନ ଯାତ୍ରାରେ ୪ଜଣ ଙ୍କୁ ବୁଦ୍ଧବିଚାର ହଜାର ହଜାର ବର୍ଷ ସମ୍ମାନ ପ୍ରଦର୍ଶନ କରିବେ। ମୋ ଜନ୍ମଦାତ୍ରୀ ମାୟାଦେବୀଙ୍କ କ୍ଷୀର, ସେନାନୀ ନଗରୀର କୃଷକ କନ୍ୟା ସୁଜାତାର ଖିରି, ଉତ୍କଳର ବଣିଜ ତ୍ରପୁସା, ଭଲ୍ଲିକଙ୍କ ମଧୁପିଷ୍ଟକ, ଆଉ ତମର ଶୁକରମାଦକ। ମା' କ୍ଷୀର ମୋତେ ଜୀବନ୍ୟାସ ଦେଲା, ସୁଜାତାର ଖିରି ମୋତେ ବୁଦ୍ଧତ୍ୱ ପ୍ରାପ୍ତି ଆଡକୁ ଟାଣି ନେଲା, ତପୁସ୍ସୁ, ଭଲ୍ଲିକ ଖାଦ୍ୟ ମୋର ବୁଦ୍ଧତ୍ୱ ପରର ୪୯ଦିନର ଉପବାସକୁ ଭଙ୍ଗକଲା, ଆଉ ତମର ଶୁକରମାଦକ ମତେ ପରିନିର୍ବାଣ ପାଖକୁ ନେଇଗଲା। ଚୁଣ୍ଡ ବୁଦ୍ଧ ସଂଘ ତମ ଅବଦାନକୁ ସବୁ ଦିନେ ସମ୍ମାନ ଦେବ। ତମର ଏ ଅବଦାନ ପାଇଁ ତମେ ନିର୍ବାଣ ପ୍ରାପ୍ତିହେବ। ଭାରତର ଜାତିବିହୀନ ସମାଜ ବ୍ୟାବସ୍ଥାରେ ତମେ ଉଜ୍ଜଳ ଚରିତ୍ର ହୋଇ ଠିଆହେବ।

ଚୁଣ୍ଡକ ମୁହଁରୁ ଲିଭି ଯାଇଥିବା ହସ, ପୁଣି ଫୁଟି ଉଠିଲା। ତଥାଗତ ଚୁଣ୍ଡକୁ ପଛକରି ପାବାରୁ କୁଶିନାରା ଆଜକୁ ପଡିଥିବା ରାସ୍ତା ଆଡକୁ ପାଦ ବଢାଉଥିଲେ। ଚୁଣ୍ଡକୁ ଲାଗୁଥିଲା ପୂର୍ଣ୍ଣିମାଚନ୍ଦ୍ର କିରଣ ବେଷ୍ଟିତ ବୁଦ୍ଧ ସମଗ୍ର ଅର୍ଯ୍ୟାବର୍ତ୍ତକୁ ବ୍ୟାପିଯାଉଛନ୍ତି । ଚୁଣ୍ଡକ ଖୁବୁ ଉଚ୍ଚ ସ୍ୱରରେ ଉଚାରଣ କରୁଥିଲା

ବୁଦ୍ଧଃ ଶରଣଂ ଗଚ୍ଛାମୀ
ଧର୍ମଃ ଶରଣଂ ଗଚ୍ଛାମୀ
ସଂଘଃ ଶରଣଂ ଗଚ୍ଛାମୀ

**ସହାୟକ ଗ୍ରନ୍ଥସୂଚୀ :**


୧. ଦୀଘାନିକାୟ ପଷ୍ଠା- ୧୨୬.

୨. ଉଦାନ ଭିଆଇଆଇ.-୫.

୩. ଚେନ୍, ଥୋମାସ୍ ଏସ୍ ଏନ୍, ଚେନ୍, ପିଟର୍. ଏସ୍ ୱାଇ (ମଇ ୨୦୦୫). 'ଦ ଡେଥ୍ ଅଫ ବୁଦ୍ଧ: ଏ ମେଡିକାଲ ଇନକ୍ୟୁରୀ ଜର୍ଣ୍ଣାଲ ଅଫ ମେଡିକଲା ବାଓଗ୍ରାଫୀ, ୧୩ (୨), ପୃଷ୍ଠା ୧୦୦–୧୦୩.

୪. ମହାପରିନିର୍ବାଣ ସୁତ (ଡିଏନ୍ ୧୬), ଶ୍ଳୋକ ୫୬.

୫. ଚୁଣ୍ଡ କମାରପୁତ ସୁତ: ଚୁଣ୍ଡ ରୂପକାରକୁ (ଅଙ୍ଗୁତ୍ତର ନିକାୟ ୧୦.୧୭୬)

୬. ବୁସୱେଲ୍, ରୋବର୍ଟ ଇ. ଜେଆର., ଲୋପେଜ୍, ଡୋନାଲ୍ଡ ଏସ୍. ଜେଆର. (୨୦୧୪). ଦ ପ୍ରିନ୍ସଟନ୍ ଡିକ୍ସନେରୀ ଅଫ୍ ବୁଦ୍ଧିଜିମ୍. ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ ପ୍ରେସ୍. ପୃଷ୍ଠା ୫୨୯.

୭. ଦୀଘାନିକାୟ ପୃଷ୍ଠା. ୧୩୫.

୮. ୱିକିପିଡିଆ






କଦଳା, ହରିଦାସପୁର, ଧର୍ମଶାଳା, ଯାଜପୁର

❖ ❖ ❖

DOI :https://doi.org/10.5281/zenodo.16919668 ମୂଳ ପ୍ରବନ୍ଧ

# ସମାଲୋଚକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଂପାଦକୀୟ ବୈଚିତ୍ର୍ୟତା

ଶୁଭଶ୍ରୀ ମହାନ୍ତି

**ସଂକ୍ଷିପ୍ତସାର :**

ସମାଲେଚନା ହିଁ ସାହିତ୍ୟର ମାନଦଣ୍ଡ ଓ ଅଭିବୃଦ୍ଧିର ଏକମାତ୍ର ଉପାୟ । ସମାଲୋଚନା ଦ୍ୱାରା ହିଁ ସାହିତ୍ୟ ତଡ଼ିତ୍ ପରି ଝଲସି ଉଠେ । ସାଂପ୍ରତିକ ସମୟରେ ସମାଲୋଚନା ସାହିତ୍ୟର ଆଗଧାଡ଼ିର ଜଣେ ଉଚ୍ଚକୋଟୀର ସୁସମାଲୋଚକ ହେଉଛନ୍ତି ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ । ଏହି ପ୍ରବନ୍ଧଟିରେ ପ୍ରଫେସର ପ୍ରଧାନଙ୍କ ଧୂଳିଖେଳରୁ ସମାଲୋଚକ ପର୍ଯ୍ୟନ୍ତ ଜୀବନ-ସଂଘର୍ଷର କାହାଣୀ ବର୍ଣ୍ଣିତ ହେବା ସହ ସାହିତ୍ୟରେ ସମାଲୋଚନାର ଗୁରୁତ୍ୱ ବର୍ଣ୍ଣନା କରାଯାଇଛି । ଏହା ସହ ସଂପାଦନାର କୌଶଳ, ଉଦ୍ଦେଶ୍ୟ ବର୍ଣ୍ଣନା ସହ ତାଙ୍କ ସଂପାଦନା ଗ୍ରନ୍ଥ ଗୁଡ଼ିକର ସ୍ୱାତନ୍ତ୍ର୍ୟ ଦର୍ଶାଯାଇଛି । ବିଭିନ୍ନ ବିଷୟବସ୍ତୁକୁ ନେଇ ଯଥା- ଲୋକସାହିତ୍ୟ ଠାରୁ ଆରମ୍ଭ କରି ପ୍ରାଚ୍ୟ-ପାଶ୍ଚାତ୍ୟ ତତ୍ତ୍ୱ, ଆଧୁନିକ ସାହିତ୍ୟ ଆଦି ସମସ୍ତ ବିଷୟରେ ସେ ସମୀକ୍ଷା କରିଛନ୍ତି । ତାଙ୍କର ଉଭୟ ସମାଲୋଚନା ଓ ସଂପାଦନା କ୍ଷେତ୍ରରେ ରହିଛି ସ୍ୱତନ୍ତ୍ରତା, ଯାହା ଉପରେ ଗଭୀର ଗବେଷଣା ଓ ତର୍ଜମାର ଆବଶ୍ୟକତା ରହିଛି ।

**ପ୍ରମୁଖ ଶବ୍ଦାବଳୀ :**

ତତ୍ତ୍ୱନିଷ୍ଠ, ସ୍ୱାତନ୍ତ୍ର୍ୟ, ପାଣ୍ଡୁଲିପି, ସଂପାଦନା, ମୌଳିକ ଅନୁସନ୍ଧିତ୍ସା, ପ୍ରତିଲିପି, ସହନଶୀଳତା, ନିଷ୍ଠା

## ବିଷୟବସ୍ତୁ :

ମାନବ ଜୀବନର ମନୀଷା ଓ ରସାଳ ଅଭିବ୍ୟକ୍ତି ହେଉଛି ସାହିତ୍ୟ । ଏହି ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ସମାଲୋଚନା ବିଭାଗଟି ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି । ଏହି ସମାଲୋଚନା ମୂଳ ଲେଖାଟିକୁ ସହଜ ଭାବରେ ପାଠକ ନିକଟରେ ପହଞ୍ଚାଇଥାଏ । ଗଭୀର ଅଧ୍ୟୟନ, ବହୁ ପାଣ୍ଡିତ୍ୟର ଅଧିକାରୀ, ତତ୍ତ୍ୱନିଷ୍ଠ, ବିଚାରଶୀଳ ହୋଇପାରିଲେ ହିଁ ଜଣେ ସୁସମାଲୋଚକ ହୋଇପାରିବ । ଠିକ୍ ଏହିପରି ଏକ ଗଭୀର ପାଣ୍ଡିତ୍ୟର ଅଧିକାରୀ ଭାବେ ସମାଲୋଚନା କ୍ଷେତ୍ରରେ ଲୋକ ଲୋଚନକୁ ଆସନ୍ତି ସମାଲୋଚକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ।

## ଜନ୍ମ-ଜୀବନୀ ଓ ଶିକ୍ଷା :

ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା ସାହିତ୍ୟରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଏକ ଚର୍ଚ୍ଚିତ ପାଠକପ୍ରିୟ ସମାଲୋଚକ । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ପାଠକ ମହଲରେ ସେ ବହୁ ପରିଚିତ । ଏହି ମହାନ ଆଲୋଚକଙ୍କ ଜନ୍ମ ହୁଏ ୧୯୫୯ ମସିହା ଫେବୃଆରୀ ୨ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କଖାରୁଣୀ ଗ୍ରାମରେ । ପିତା ହୃଦାନନ୍ଦ ପ୍ରଧାନ ଏବଂ ମାତା ବାଲୁରୀ ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ । ସେ ସମୟରେ ପଲ୍ଲୀର ପ୍ରାକୃତିକ ସବୁଜିମା ପରିବେଶ ପ୍ରଫେସର ପ୍ରଧାନଙ୍କ ହୃଦୟରେ ସାରସ୍ୱତର ପ୍ରଥମ ମଞ୍ଜି ବପନ କରିଥିଲା । ଅବଶ୍ୟ କଖାରୁଣୀ ଗ୍ରାମର ସେହି ପ୍ରାକୃତିକ ସୌନ୍ଦର୍ଯ୍ୟ ଆଧୁନିକତାର ସ୍ପର୍ଶରେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16919668
Article No - BPP00328

**ଯୋଗାଯୋଗ :**
**ଶୁଭଶ୍ରୀ ମହାନ୍ତି,** ଗବେଷିକା,
ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**Email:** mohantysuvashree375@gmail.com
**ORCID ID:** https://orcid.org/0009-0005-8965-6763

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୭.୦୫.୨୦୨୫ | ୧୧.୦୬.୨୦୨୫ | ୨୫.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଶିଅଳ, ଶମ୍ଭୁନାଥ ;୨୦୨୫। ସମାଲୋଚକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଂପାଦକୀୟ ବୈଚିତ୍ର୍ୟତା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ, ପୃଷ୍ଠା :୭୪-୭୯।

ଛିନ୍ନବିଛିନ୍ନ ହୋଇଯାଇଛି । ଗ୍ରାମରେ ଆଉ ଚାଳଘର ଦେଖିବାକୁ ମିଳେ ନାହିଁ କି ଧାନକ୍ଷେତରେ ସେ ସବୁଜିମା ଦୃଶ୍ୟ ନାହିଁ । ଆମ୍ବତୋଟା ନାହିଁ କିମ୍ବା କୋକିଳର କୁହୁନାଦ ନାହିଁ । ବସନ୍ତ ମଧ୍ୟ ହଜି ଯାଇଛି ଗ୍ରୀଷ୍ମର ରୌଦ୍ରତାପରେ । କିନ୍ତୁ ହଜି ନଥିଲା ପଲ୍ଲୀର ସୌନ୍ଦର୍ଯ୍ୟ ପ୍ରଫେସର ପ୍ରଧାନଙ୍କ ବାଲ୍ୟକାଳରେ । ତାଙ୍କ ପଲ୍ଲୀ ଗ୍ରାମ ଥିଲା ଏକ ସୌନ୍ଦର୍ଯ୍ୟ ଭରା ପ୍ରାକୃତିକ ପରିବେଶ । ସେତେବେଳେ ଗ୍ରାମ୍ୟମାନଙ୍କରେ ବିଭିନ୍ନ ପର୍ବପର୍ବାଣୀରେ ପାଲା, ଦାସକାଠିଆ, ଡ୍ରାମା, ଯାତ୍ରା, ବିଭିନ୍ନ ଲୋକନୃତ୍ୟ ଅନୁଷ୍ଠିତ ହେଉଥିଲା । ତେଣୁ ଉଚ୍ଚ ବିଦ୍ୟାଳୟରେ ପଢ଼ିବା ସମୟରେ ଗ୍ରାମରେ ଅନୁଷ୍ଠିତ ବିଭିନ୍ନ ଡ୍ରାମାରେ ସେ ଅଂଶଗ୍ରହଣ କରୁଥିଲେ ଏବଂ ସେ ସମୟରେ ଗୀତି କବିତା ଲେଖିବାର ପ୍ରେରଣା ଲାଭ କରିଥିଲେ । ଗ୍ରାମର ପ୍ରାଥମିକ ଉଚ୍ଚ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବାପରେ ପଟ୍ଟାମୁଣ୍ଡାଇସ୍ଥିତ ମନ୍ମଥ ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ମେଟ୍ରିକ ଏବଂ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରୁ ଆଇ.ଏ.ପାସ୍ କରିଥିଲେ । ସମ୍ମାନ (ଅନର୍ସ) ପଢ଼ିବା ପାଇଁ ସେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକ ଶ୍ରେଣୀରେ ନାମ ଲେଖାଇ କୃତିତ୍ୱର ସହିତ ଅନର୍ସ ଏବଂ Distinction ସହ ପାସ୍ କରିଥିଲେ । ପରେ ୧୯୮୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ଲାଭ କଲାପରେ ସେହି ବିଶ୍ୱବିଦ୍ୟାଳୟରୁ ଏମ୍.ଫିଲ୍ (୧୯୮୪), ପିଏଚ୍.ଡ଼ି. (୧୯୮୯- ବ୍ୟାସକବି ଫକୀର ମୋହନଙ୍କ କବି ପ୍ରତିଭା : ଦୃଷ୍ଟି ଓ ଦିଗନ୍ତ) ଓ ଡି.ଲିଟ୍ ଡିଗ୍ରୀ (୧୯୯୬ - ମଧ୍ୟଯୁଗୀୟ ଓଡ଼ିଆ କୃଷ୍ଣ କାବ୍ୟରେ ରୀତି ଲକ୍ଷଣ) ଲାଭ ପରେ ଅଧ୍ୟାପନା କ୍ଷେତ୍ରରେ ଯୋଗଦେଇ ଦୀର୍ଘ ୩୨ ବର୍ଷ ଧରି ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆସିଛନ୍ତି ।

## ବୃତ୍ତିଗତ ଜୀବନ :

ଉଚ୍ଚଶିକ୍ଷା ପରେ ପ୍ରଫେସର ପ୍ରଧାନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ସେ ତାଙ୍କର ଅଧ୍ୟାପନା ଜୀବନ ଅତିବାହିତ କରି ବହୁ ପାଠକୀୟ ଆଦୃତି ଲାଭ କରିପାରିଛନ୍ତି । ଏ ପର୍ଯ୍ୟନ୍ତ ସେ ମହାବିଦ୍ୟାଳୟ ଆଠଗଡ଼ରେ ଅଧ୍ୟାପକ ଥିଲେ। ପରବର୍ତ୍ତୀ କାଳରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ରାଜକନିକା ଏବଂ ପରେ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ହୋଇଥିଲେ । ଏହାପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀ ଲାଭ କରି ସେଠାରେ ୨୦୧୯ ମସିହା ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିଲେ । ଅବସର ଗ୍ରହଣ ପରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତାଙ୍କୁ ପରଦର୍ଶୀ ପ୍ରଫେସର ଭାବରେ ନିଯୁକ୍ତି ପ୍ରଦାନ କରିଥିଲେ । ସଂପ୍ରତି ପ୍ରଫେସର ପ୍ରଧାନ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରରେ ସଂଯୁକ୍ତ ପ୍ରଫେସର ଭାବରେ କାର୍ଯ୍ୟରତ ।

ପ୍ରଫେସର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି ସତୁରୀରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏମ୍.ଫିଲ୍. ଡିଗ୍ରୀ ଲାଭ କରିଛନ୍ତି । ୩୪ ଜଣ ଗବେଷକ ଓ ଗବେଷିକା ପିଏଚ୍.ଡ଼ି. ଡିଗ୍ରୀ ତଥା ୫ ଜଣ ଗବେଷକ-ଗବେଷିକା ଡି.ଲିଟ୍ ଡିଗ୍ରୀ ଲାଭ କରିପାରିଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ (ସାହିତ୍ୟ ଅକାଦେମୀ), ଓଡ଼ିଶା ସାହିତ୍ୟ ଏକାଡ଼େମୀର ସାଧାରଣ ପରିଷଦର ସଦସ୍ୟ ହେବା ସହିତ ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ସାହିତ୍ୟିକ-ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପ୍ରାଦେଶିକ ଓ ଜାତୀୟ ସ୍ତରରେ ମଧ୍ୟ ବିଭିନ୍ନ ପୁରସ୍କାର କମିଟିର ବିଚାରକ ଭାବରେ କାର୍ଯ୍ୟ କରିଛନ୍ତି । 'ଶାଶ୍ୱତ" ସାହିତ୍ୟ ପତ୍ର (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଏବଂ ବର୍ତ୍ତମାନ ଅପ୍ରକାଶିତ), 'ସପ୍ତର୍ଷି' (ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ), 'ଇସ୍ତାହାର' ଆଦି ଉଚ୍ଚକୋଟୀର ସାହିତ୍ୟ ପତ୍ରିକାର ପରିଚାଳନା ସଂପାଦକ ଓ ସଂପାଦକ ଭାବେ କାର୍ଯ୍ୟ କରିଛନ୍ତି ।

## ସାରସ୍ୱତ ସାଧନା :

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ନବେ ଦଶକରେ ଜଣେ ଗୀତିକବି ଓ ଶିଶୁ ସାହିତ୍ୟିକ ଭାବେ ସାହିତ୍ୟ ରାଜ୍ୟରେ ପଦାର୍ପଣ କରି ବର୍ତ୍ତମାନ ସମୟରେ ଜଣେ ଆଗଧାଡ଼ିର ସୁସମାଲୋଚକ ଭାବେ ବେଶ୍ ପରିଚିତ । ପ୍ରଫେସର ପ୍ରଧାନ ଉଚ୍ଚ ବିଦ୍ୟାଳୟରେ ପଢ଼ିବା ସମୟରେ କିଛି ଗୀତି କବିତା ରଚନା କରିଥିଲେ । ମହାବିଦ୍ୟାଳୟରେ ପଢ଼ିବା ସମୟରେ ସେ ଅନେକ ଗୀତି କବିତା ରଚନା କରିଥିଲେ । ପ୍ରଥମ ଶିକ୍ଷକତା ଜୀବନରେ ସେ ଅନେକ ଗୀତିକବିତା ସହିତ ବହୁ ଶିଶୁ ସାହିତ୍ୟ ମଧ୍ୟ ରଚନା କରିଥିଲେ । ଓଡ଼ିଶାରେ ସେ ଜଣେ ଶିଶୁସାହିତ୍ୟିକ ଭାବରେ ସୁପରଚିତ ହୋଇଥିଲେ । ତାଙ୍କ ଶିଶୁ ସାହିତ୍ୟ ପୁସ୍ତକ ହେଉଛି 'ଆମ ସ୍ୱାସ୍ଥ୍ୟ ରକ୍ଷା ଆମ କର୍ତ୍ତବ୍ୟ", ଯାହା ୧୯୯୦ ମସିହାରେ ଶିଶୁ ସାହିତ୍ୟ ପ୍ରସାର ପ୍ରତିଷ୍ଠାନ, କଟକ ଦ୍ୱାରା ପ୍ରକାଶ ପାଇଥିଲା । ସେହି ସମୟରେ ଓଡ଼ିଶାର ସମସ୍ତ ଶିଶୁ ସାହିତ୍ୟ ପତ୍ରିକାରେ ତାଙ୍କର ଶିଶୁ ସାହିତ୍ୟ ମାନ ପ୍ରକାଶ ପାଉଥିଲା ଏବଂ ଯଦି ସବୁଗୁଡ଼ିକୁ ସଂରକ୍ଷିତ କରି ପ୍ରକାଶ କରାଯାଇଥାନ୍ତା ଆହୁରି ୨/୩ ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶ ପାଇ ପାରିଥାନ୍ତା । ତାଙ୍କ ଅମନ ଯୋଗ ପାଇଁ ତାଙ୍କ ୩ଟି ପାଣ୍ଡୁଲିପି ମଧ୍ୟ ନଷ୍ଟ ହୋଇଯାଇଛି । ଏପରିକି ସେହି ସମୟରେ ତାଙ୍କର କେତୋଟି ଗଳ୍ପ ମଧ୍ୟ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଥିଲେ ହେଁ ଗଳ୍ପ ଲେଖିବା ପ୍ରତି ସେ ଆଗ୍ରହ ପ୍ରକାଶ କରି ନାହାନ୍ତି ।

ସମାଲୋଚନା ସାହିତ୍ୟ ପ୍ରତି ଆଗ୍ରହ ବଢ଼ିଛି । ସମାଲୋଚନା କ୍ଷେତ୍ରରେ ହିଁ ତାଙ୍କ ସମଗ୍ର ଜୀବନ ଉତ୍ସର୍ଗ କରି ଦେଇଛନ୍ତି । ଏହି ସମାଲୋଚନା ସାହିତ୍ୟ ହୋଇଛି ତାଙ୍କ ପରିଚୟର ମାଧ୍ୟମ । ଓଡ଼ିଆ ସମାଲୋଚନା ସାହିତ୍ୟ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦିଗରୁ ତାଙ୍କ ଲେଖନୀ ଦ୍ୱାରା ହୋଇଛି ସମୃଦ୍ଧ ।

ପ୍ରଫେସର ପ୍ରଧାନ ଗୀତିକବିତା, କ୍ଷୁଦ୍ରଗଳ୍ପ ଆଦି ରଚନା କରିଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଜଣେ ସମାଲୋଚକ ଭାବରେ ବିଶେଷ ପରିଚୟ ଲାଭ କରିଛନ୍ତି । ତାଙ୍କର ଏଯାବତ୍ ଅନେକ ମୌଳିକ ଆଲୋଚନା ପୁସ୍ତକ, ଅନେକ ସଂପାଦନା ପୁସ୍ତକ ପ୍ରକାଶ ପାଇଥିଲେ ମଧ୍ୟ ଗୋଟିଏ ସେ ସର୍ଜନଶୀଳ ସମାଲୋଚନା ପୁସ୍ତକ ଲେଖିଛନ୍ତି । ଆଠଗଡ଼ ମହାବିଦ୍ୟାଳୟରେ ଅଧ୍ୟାପନା କରିବା ସମୟରେ ତାଙ୍କର ପ୍ରଥମ ସମାଲୋଚନା ପୁସ୍ତକ 'ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ବିକାଶଧାରା' ବିଦ୍ୟାପୁରୀ ପ୍ରକାଶନ ସଂସ୍ଥା ଦ୍ୱାରା ୧ ୯ ୯ ୦ ମସିହାରେ ପ୍ରକାଶ ଲାଭ କରିଥିଲା । ସମାଲୋଚନା ସାହିତ୍ୟ ତାଙ୍କ ଦୃଷ୍ଟିଭଙ୍ଗୀରେ ଯେଉଁ ପରିବର୍ତ୍ତନ ଆଣିଥିଲା ତତ୍‌ଦ୍ୱାରା ତାଙ୍କର ସୃଜନଶୀଳ ପ୍ରତିଭା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ଏହାପରେ ସେ ଅନ୍ୟ କୌଣସି ମୌଳିକ ସାହିତ୍ୟ ରଚନା ନ କରି ପ୍ରବନ୍ଧ ଏବଂ ସମାଲୋଚନା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ ।

**ସମାଲୋଚନା ସାହିତ୍ୟ :**

ଜଣେ ସାରସ୍ୱତ ସାଧକ ତା'ର ମୂଳ ଲେଖାକୁ ଆଲୋକିତ କରେ; ମାତ୍ର ସେହି ଲେଖାକୁ ପରିମାର୍ଜିତ କରି ସେ ଆଲୋକକୁ ବିଚ୍ଛୁରିତ କରିବାର ଗୁରୁଦାୟିତ୍ୱ ନିଏ ସମାଲୋଚକ । ସାହିତ୍ୟର ପ୍ରଚ୍ଛଦପଟରେ ଲୁଚି ରହିଥିବା ସତ୍ୟକୁ ଲୋକଲୋଚନକୁ ଆଣିଥାଏ ଜଣେ ସୁସମାଲୋଚକ । ଗୋଟିଏ ଜଟିଳ ତତ୍ତ୍ୱନିଷ୍ଠ ଲେଖାକୁ ପାଠକଟିଏ ସମାଲୋଚନା ମାଧ୍ୟମରେ ସହଜରେ ବୁଝି ପାରିଥାଏ । ଜଣେ ସମାଲୋଚକ କୌଣସି ସ୍ରଷ୍ଟା ଠାରୁ କମ୍ ନୁହଁନ୍ତି । ଜ୍ଞାନରେ, ମନନରେ, ବିଶ୍ଳେଷଣରେ ଏବଂ ଚିନ୍ତନରେ ଓ ଯଥାର୍ଥରେ ସେ ସ୍ରଷ୍ଟାଙ୍କର ସମସ୍ତ ରାୟ । କାରଣ ସେ ସୃଷ୍ଟିର ଅସ୍ପଷ୍ଟତାକୁ ଦୂରୀଭୂତ କରନ୍ତି । ଠିକ୍ ଏହିପରି ଏକ ଗଭୀର ପାଣ୍ଡିତ୍ୟର ଅଧିକାରୀ ଭାବେ ସମାଲୋଚନା କ୍ଷେତ୍ରରେ ଲୋକଲୋଚନକୁ ଆସନ୍ତି ସମାଲୋଚକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ।

ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା ସାହିତ୍ୟରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଏକ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ପ୍ରଥମେ ଗୀତିକବି ଓ ଶିଶୁ ସାହିତ୍ୟିକ ଭାବେ ସାହିତ୍ୟ ଜଗତରେ ପାଦ ଥାପିଥିଲେ ମଧ୍ୟ ସେ ସମାଲୋଚନା ସାହିତ୍ୟକୁ ନିଜ ସାଧନାର ଦିଗ ଭାବରେ ଗ୍ରହଣ କରି ନେଇଛନ୍ତି । ଜଣେ ବଳିଷ୍ଠ ସାହିତ୍ୟ ସମାଲୋଚକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ସାହିତ୍ୟର ସମଗ୍ର ବିଭାଗକୁ ଆଲୋଚନା କରିଛନ୍ତି ଏମିତିକି ପ୍ରାଚ୍ୟ-ପାଶ୍ଚାତ୍ୟ ତତ୍ତ୍ୱ ସଂପର୍କିତ ଆଲୋଚନା ମଧ୍ୟ କମ୍ କରି ନାହାନ୍ତି । ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ସେ ଓଡ଼ିଆ ସମାଲୋଚନା ସାହିତ୍ୟରେ ଗତି କରି ରହିଆସିଛନ୍ତି । ଐତିହାସିକ, ସଂରଚନାତ୍ମକ, ତୁଳନାତ୍ମକ ତଥା ସର୍ଜନଶୀଳ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ପ୍ରଫେସର ପ୍ରଧାନଙ୍କର ରହିଛି ଗଭୀର ଅଭିନିବେଶ । ବହୁପାଠିତା, ତାତ୍ତ୍ୱିକ ଜିଜ୍ଞାସା, ସୂକ୍ଷ୍ମ ବିଚାରବୋଧ, ମୌଳିକ ଅନୁସନ୍ଧିତ୍ସା, ଗଭୀର ପର୍ଯ୍ୟବେକ୍ଷଣ ଓ ସର୍ବୋପରି ତତ୍ତ୍ୱ ଏବଂ ତଥ୍ୟର ଯୌକ୍ତିକ ଉପସ୍ଥାପନା ତାଙ୍କ ସମାଲୋଚନା ଗୁଡ଼ିକୁ ପ୍ରଦାନ କରିଛି ସ୍ୱତନ୍ତ୍ର ଭାବଭୂମି । ସାହିତ୍ୟର ଇତିହାସ, ପ୍ରାଚୀନ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ, ଆଧୁନିକ ସାହିତ୍ୟ ଆଜିର ଆଲୋଚନା ସମୟରେ ତାଙ୍କର ଦୃଷ୍ଟିଭଙ୍ଗୀ ପ୍ରସାରିତ ହୋଇଯାଇଛି ଅତୀତଠାରୁ ସାଂପ୍ରତିକ ସମୟ ପର୍ଯ୍ୟନ୍ତ । ସେଥିପାଇଁ ଭାଷାର ପରିବର୍ତ୍ତନ ତାଙ୍କ ସମାଲୋଚନାର ଅନ୍ୟ ଏକ ଲାକ୍ଷଣିକ ଦିଗ ଭାବରେ ପରିଗଣିତ ହୋଇଛି । ଅର୍ଥାତ୍ ପ୍ରାଚୀନ ସାହିତ୍ୟର ଆଲୋଚନାର ଭାଷା ମଧ୍ୟଯୁଗୀୟ ସାହିତ୍ୟର ଆଲୋଚନା ବେଳେ ଭିନ୍ନ ରୂପ ଗ୍ରହଣ କରିଛି ଏବଂ ଆଧୁନିକ ସାହିତ୍ୟରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ସାହିତ୍ୟର ଇତିହାସ ଆଲୋଚନା ସମୟରେ ସେ ମୁଖ୍ୟତଃ ସାମାଜିକ, ସାଂସ୍କୃତିକ ଓ ସାଂସ୍କୃତିକ ପୃଷ୍ଠଭୂମି ଆଧାରରେ ସମକାଳ ସାହିତ୍ୟକୁ ବିଚାର କରିବାକୁ ଚେଷ୍ଟା କରିଛନ୍ତି । ତେଣୁ ପାରମ୍ପରିକ ସାହିତ୍ୟ ଇତିହାସ ଆଲୋଚନା ଧାରାରୁ ତାହା ଭିନ୍ନ ମନେ ହୋଇଛି ।

ଏଯାବତ୍ ( ୨ ୦ ୨ ୪ ମସିହା) ପ୍ରଫେସର ପ୍ରଧାନଙ୍କ ସମୁଦାୟ ୬୨ ଖଣ୍ଡ ପୁସ୍ତକ ପ୍ରକାଶ ଲାଭ କରିଛି । ଏଥିମଧ୍ୟରୁ ମୌଳିକ ଆଲୋଚନା ଗ୍ରନ୍ଥଗୁଡ଼ିକର ସଂଖ୍ୟା ହେଉଛି ୩୮ ଏବଂ ସଂପାଦନା ପୁସ୍ତକ ହେଉଛି ପଚିଶିଟି । ଅର୍ଥାତ୍ ପ୍ରଫେସର ପ୍ରଧାନଙ୍କ ଆଲୋଚନାର ଦୁଇଟି ଦିଗ ରହିଛି । ଗୋଟିଏ ହେଉଛି ନିଜସ୍ୱ ମୌଳିକ ଆଲୋଚନା ଓ ଅନ୍ୟଟି ହେଉଛି ସଂପାଦନା । ସଂପାଦନାର ମୁଖବନ୍ଧ ଗୁଡ଼ିକରେ ସେ ଯେଉଁ ଆଲୋଚନା କରିଛନ୍ତି, ତାହା ତାଙ୍କ ସମାଲୋଚନାର ଦୃଷ୍ଟିଭଙ୍ଗୀ ସଂପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥାଏ । ପୁନଶ୍ଚ ତାଙ୍କ ସାହିତ୍ୟ ସମାଲୋଚନାର ଦୁଇଟି ଦିଗ ପାଠକର ଦୃଷ୍ଟି ଆକର୍ଷଣ କରିଥାଏ । ଗୋଟିଏ ହେଉଛି ସାହିତ୍ୟିକ ବାଦ ଓ ତତ୍ତ୍ୱ ସଂପର୍କୀୟ ଏବଂ ଅନ୍ୟଟି ହେଉଛି ସାହିତ୍ୟ ସଂପର୍କୀୟ ।

## ସଂପାଦନା ସାହିତ୍ୟ :

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ସଂପାଦନା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ସଂପାଦନା ହିଁ କୃତିର ଗୁଣାତ୍ମକ ମାନ ବୃଦ୍ଧି କରିଥାଏ । ସ୍ରଷ୍ଟାଟିଏ ସ୍ୱାଧୀନ ଥାଏ, ଯେ କୌଣସି ବିଷୟକୁ ନେଇ ସେ ଲେଖିପାରେ, ନିଜ ଇଚ୍ଛା ମୁତାବକ କଳ୍ପନାର ସୌଧ ସେ ଗଢ଼ିପାରେ । ମାତ୍ର ସଂପାଦକର ଉଦ୍ଦେଶ୍ୟ ଥାଏ- "ସୃଷ୍ଟିର ଅତଳାତଳ ସମୁଦ୍ର ଭିତରେ ନିଜକୁ ନିମଜ୍ଜିତ କରାଇ ତା' ଭିତରୁ ଆମ ସଭ୍ୟତା, ସଂସ୍କୃତି, ସମାଜ, ଇତିହାସ ଓ ସମୟ ନିରୂପଣ କରି ତା'ର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ ସଂପାଦକ ଦ୍ୱାରା ହିଁ ସମ୍ଭବ। ସୃଷ୍ଟିର ଅସ୍ପଷ୍ଟତାକୁ ଏହା ଦୂର କରେ । ସଂପାଦନା ଏକ କଠିନ କର୍ମ। ତୀକ୍ଷ୍ଣ ଅସି ଧାରରେ ପଥ ଚାଲିବା ପରି ସଂପାଦକକୁ ଏକ ସଚେତନ ପଦପାତରେ ଅଗ୍ରସର ହେବାକୁ ପଡ଼େ । ସଂପାଦନା ହିଁ ଲେଖକ ପାଠକ ମଧ୍ୟରେ ଏକ ଚମତ୍କାର ସଂଯୋଗ ସେତୁ ।" (ଗବେଷଣା ପ୍ରକରଣ ସଂପାଦନା ଓ ଅନୁବାଦ ପ୍ରବିଧି- କୃଷ୍ଣଚନ୍ଦ୍ର ପ୍ରଧାନ, ନିର୍ମଳା କୁମାରୀ ରାଉତ, ପୃ- ୧୧୦)

ସାହିତ୍ୟିକ କୃତିର ଆଙ୍ଗିକ ଓ ଆତ୍ମିକ ରୂପକୁ ଚିର ଅମ୍ଳାନ ରଖିବାର ପ୍ରଚେଷ୍ଟା ହିଁ ସଂପାଦନା କଳା । ପ୍ରାଚୀନ ସାହିତ୍ୟ ହେଉ ଅଥବା ଯେ କୌଣସି ମୂଳ ଲେଖା ହେଉ, ସ୍ରଷ୍ଟା ଦ୍ୱାରା ଲିପିବଦ୍ଧ ମୂଳଗ୍ରନ୍ଥ ଓ ତାହାର ନକଲ ଗୁଡ଼ିକୁ ପ୍ରତିଲିପି କୁହାଯାଇଥାଏ । ଏହି ପ୍ରତିଲିପି ଗୁଡ଼ିକୁ ସଂରକ୍ଷିତ ରଖିବା ଉଦ୍ଦେଶ୍ୟରେ ତାକୁ ଗୋଟିଏ ଗ୍ରନ୍ଥରେ ସଂପାଦାନ କରାଯାଇଥାଏ । ପାଠାନୁସନ୍ଧାନ କ୍ଷେତ୍ରରେ ଏଗୁଡ଼ିକ ବିଶେଷ ଭାବରେ ସହାୟକ ହୋଇଥାଏ । ବାସ୍ତବରେ ପାଠୋଦ୍ଧାର ଏକ କଳା । ଏଥିରେ ବୁଦ୍ଧି ଓ ତର୍କର ପ୍ରୟୋଗ ବେଶୀ ମାତ୍ରାରେ ହୋଇଥାଏ । ସଂପାଦକର ବୁଦ୍ଧି-ବିବେକ, ପାଠ-ଚୟନ ଦକ୍ଷତା, ଗଭୀର ଜ୍ଞାନ, ଅନବରତ ଅଧ୍ୟୟନ, ଶବ୍ଦାବଳୀର ଉଚିତ ଉପଯୋଗ ଜ୍ଞାନ ଓ କଳା ଆଦି ଗୁଣ ଥିବା ଆବଶ୍ୟକ । କାରଣ ସଂପାଦନା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ଏଥିରେ ଅତୀତର ସାଂସ୍କୃତିକ ସଂପଦର ଯେ ସୁରକ୍ଷା କରାଯାଇଥାଏ ତାହା ନୁହେଁ; ଭବିଷ୍ୟତ ବଂଶଧରଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାରେ ସହଯୋଗ କରିଥାଏ । ଅତୀତ କାଳରୁ ସଞ୍ଚିତ ମାନବୀୟ ଅନୁଭବ, ବିଚାର, କଳ୍ପନା ଓ ଜ୍ଞାନରାଜିକୁ ଅତୀତର ଗିରି ଗହ୍ୱରରୁ ଉଦ୍ଧାର କରି ଭବିଷ୍ୟତ ବଂଶଧରଙ୍କ ହାତରେ ତୋଳିଦିଏ ସଂପାଦକ ।

ସଂପାଦନା ଏକ ସମସ୍ୟା ବହୁଳ ଜଟିଳ ବିଷୟ । ଏହି ସଂପାଦନା ମୁଖ୍ୟତଃ ମୂଳ ପାଣ୍ଡୁଲିପି ଉପରେ ନିର୍ଭରଶୀଳ । ପ୍ରାଚୀନ କାଳରେ ତାଳପତ୍ର ପୋଥିରେ ଯେଉଁ ଲେଖାଗୁଡ଼ିକ ଖୋଦିତ ହୋଇ ରହୁଥିଲା ସେଗୁଡ଼ିକ କାଳକ୍ରମେ ଉଈ ଚରିଯାଉଥିଲା, ନ ହେଲେ ଓଦା ହୋଇ ନଷ୍ଟ ହୋଇଯାଉଥିଲା । ଫଳରେ ବହୁ ମୂଲ୍ୟବାନ ଉପଯୋଗୀ ପୋଥିଗୁଡ଼ିକ ଅତୀତ ଗର୍ଭରେ ଲୀନ ହୋଇଯାଉଥିଲା । ଯାହା ଆଉ ଲୋକଲୋଚନକୁ ଆସି ପାରିଲା ନାହିଁ । ଜନ ସମ୍ମୁଖକୁ ଆଣିବା ପାଇଁ ମହାନଗଣମାନେ ପୋଥିଗୁଡ଼ିକୁ ଉଦ୍ଧାର କରି ସେଗୁଡ଼ିକୁ ଏକଜୁଟ କରି ରଖିଲେ । ଏହାକୁ ସଂପାଦନ କରିବା ଫଳରେ ମୂଲ୍ୟବାନ ତଥ୍ୟ ଗୁଡ଼ିକର ପାଠୋଦ୍ଧାର କରାଯାଇ ପାରିଲା । କୌଣସି ଦେଶର କଳା, ଗୌରବ, ଭାସ୍କର୍ଯ୍ୟ, ସଂସ୍କୃତି, ପରମ୍ପରା, ପ୍ରଥା, ସମାଜ, ରାଜନୀତି, ଅର୍ଥନୀତି, ସାହିତ୍ୟ ଆଦିର ପ୍ରାମାଣିକ ରୂପ ଏହି ପ୍ରାଚୀନ ପାଣ୍ଡୁଲିପି ସଂପାଦନା ଦ୍ୱାରା ଜଣା ଯାଇଥାଏ । ଏଡି ତଥ୍ୟ ଗୁଡ଼ିକ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ଓ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଏକାଗ୍ରତା ବିନା ସଂପାଦନା କାର୍ଯ୍ୟ ସମ୍ଭବପର ନୁହେଁ । ନିଷ୍ଠା, କାର୍ଯ୍ୟ ପ୍ରତି ତତ୍ପରତା, ଏକାଗ୍ରତା, ଧୈର୍ଯ୍ୟ, ସହନଶୀଳତା ରହିଲେ ହିଁ ଜଣେ ସଫଳ ସଂପାଦନା କାର୍ଯ୍ୟ କରିପାରିବ । ସଂପାଦନା ସର୍ବଦା ଅନୁସନ୍ଧିତ୍ସୁ ମନର ଅପେକ୍ଷା ରଖେ । ଜଣେ ସଂପାଦକ ସଂପାଦନା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହି ସମୟରେ ଯେଉଁ ତତ୍ତ୍ୱ, ତଥ୍ୟ ଓ ଦୁର୍ବୋଧତା ଜନିତ ସମସ୍ୟା ମାନ ସମ୍ପାଦକଙ୍କୁ ସାମ୍ନା କରିବାକୁ ପଡ଼େ, ତା'ର ନିରାକରଣ ପାଇଁ ସଂପାଦକଙ୍କ ସଂଯୋଗକାରୀ ଜ୍ଞାନ ଆବଶ୍ୟକ ।

ଓଡ଼ିଆ ସମାଲୋଚନା ସାହିତ୍ୟରେ ବର୍ତ୍ତମାନ ସମୟରେ ଆଗଧାଡ଼ିର ସମାଲୋଚକ ତଥା ସମୀକ୍ଷକ ଭାବରେ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନାମ ଅଗ୍ରଗଣ୍ୟ । କେବଳ ସମାଲୋଚକ ନୁହେଁ ସଂପାଦନା କଳାରେ ବେଶ୍ ଧୁରୀଣ । ଜଣେ ସଫଳ ସଂପାଦକ ଭାବରେ ମଧ୍ୟ ସେ ପାଠକ ମହଲରେ ସୁପରିଚିତ । କାର୍ଯ୍ୟ ପ୍ରତି ଆଗ୍ରହ, ତତ୍ପରତା, ଧୈର୍ଯ୍ୟ, ନିଷ୍ଠା ଆଦି ଗୁଣ ତାଙ୍କଠାରେ ଦେଖିବାକୁ ମିଳେ । ଏତଦ୍ ବ୍ୟତୀତ ସେ ବହୁପାଠୀ ମଧ୍ୟ । ସର୍ବଦା ସେ ସାହିତ୍ୟ ପ୍ରତି ତତ୍ପରତା ଦେଖାଇବା ସହ ସେ ସର୍ବାଧିକ ସମୟ ନିଷ୍ଠାର ସହ ଉତ୍ସର୍ଗ କରି ଦେଇଛନ୍ତି ସାହିତ୍ୟ ପାଇଁ । ଜଣେ ଶ୍ରଦ୍ଧାଶୀଳ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର । ଓଡ଼ିଆ ସାହିତ୍ୟର ବିବିଧ ଦିଗରେ ଉତ୍ସର୍ଗୀକୃତ ତାଙ୍କ ଲେଖନୀ ତାଙ୍କ ପ୍ରତିଭାର ନିଦର୍ଶନ । ଓଡ଼ିଆ ସମାଲୋଚନା ଓ ଗବେଷଣା କ୍ଷେତ୍ରରେ ତାଙ୍କର ଯେପରି ଅନବଦ୍ୟ ଅବଦାନ ରହିଛି- ସଂପାଦନା କ୍ଷେତ୍ରରେ ମଧ୍ୟ ରହିଛି ସେହିପରି ଯଥେଷ୍ଟ ସ୍ୱତନ୍ତ୍ରତା । ବିଶେଷ ଭାବେ ଲୋକ ସାହିତ୍ୟ, ପ୍ରାଚ୍ୟ ସାହିତ୍ୟ, ସାହିତ୍ୟ ତତ୍ତ୍ୱ ସମାଲୋଚନା ଆଦି ପ୍ରମୁଖ ବିଭାଗରେ ଲେଖନୀ ଚାଳନା ତାଙ୍କୁ ଯେଉଁପରି ସ୍ୱତନ୍ତ୍ର ପରିଚୟ ଦେଇଛି, ସଂପାଦନା କ୍ଷେତ୍ରରେ ମଧ୍ୟ

ସେପରି ସ୍ୱତନ୍ତ୍ରତା ରହିଛି । ଜଣେ ସଫଳ ସଂପାଦକ ପାଖରେ ଯେଉଁ ଗୁଣ ସବୁ ଥାଏ, ଯଥା- ନିଷ୍ଠା, କାର୍ଯ୍ୟପ୍ରତି ତତ୍ପରତା, ଏକାଗ୍ରତା, ସହନଶୀଳତା, ନିରପେକ୍ଷତା, ଉଦାରତା ଆଦି ଏ ସମସ୍ତ ଗୁଣ ପ୍ରଫେସର ପ୍ରଧାନଙ୍କ ଠାରେ ଦେଖିବାକୁ ମିଳେ । ଏ ସମସ୍ତ ଗୁଣର ସମନ୍ୱୟରେ ସେ ଜଣେ ସଫଳ ସଂପାଦକ ଭାବେ ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ସଂପାଦକ ପୁସ୍ତକ ଗୁଡ଼ିକ ନିମ୍ନୋକ୍ତେ ଦିଆଗଲା ।

୧. ଦରବାର-୧୯୯୬, ବିଦ୍ୟାପୁରୀ, ବାଲୁବଜାର, କଟକ
୨. ଭାଷା, ସାହିତ୍ୟ ଓ ସଂସ୍କୃତି-୨୦୦୦, ବିଦ୍ୟାପୁରୀ, ବାଲୁବଜାର, କଟକ
୩. ସ୍ଥିର ସୂର୍ଯ୍ୟ ଅଥୟ ପୃଥିବୀ-୨୦୦୩, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ
୪. ଫକୀର ମୋହନ : ତର୍କ ବିତର୍କ-୨୦୦୩, ବିଦ୍ୟାପୁରୀ, ବାଲୁବଜାର, କଟକ
୫. ଫକୀର ମୋହନ : ଉପନ୍ୟାସ ସମଗ୍ର-୨୦୦୪, ବିଦ୍ୟାପୁରୀ, ବାଲୁବଜାର, କଟକ
୬. ମନୋଜ କଳା କଳ୍ପନା-୨୦୦୯, ବିଦ୍ୟାପୁରୀ, ବାଲୁବଜାର, କଟକ
୭. ଓଡ଼ିଆ ସାହିତ୍ୟ ଓ ଲୋକ ଉପାଦାନ-୨୦୧୦, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ
୮. ଚିଲିକା-୨୦୧୨, ବିଦ୍ୟାପୁରୀ, ବାଲୁବଜାର, କଟକ
୯. କୀଚକ ବଧ-୨୦୧୨, ବିଦ୍ୟାପୁରୀ, ବାଲୁବଜାର, କଟକ
୧୦. ନାଟ୍ୟକାର ରମେଶ ପାଣିଗ୍ରାହୀ : ସ୍ରଷ୍ଟା ଓ ସୃଷ୍ଟି-୨୦୧୩, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ
୧୧. ମୋ ଜୀବନ ମୋ ସାହିତ୍ୟ-୨୦୧୪, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ
୧୨. ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ-୨୦୧୪, ପ୍ରାଚୀ ପବ୍ଲିକେଶନ, କଟକ
୧୩. ଲଛମା-୨୦୧୮, ବିଦ୍ୟାପୁରୀ, ବାଲୁବଜାର, କଟକ
୧୪. ମାମୁ-୨୦୧୮, ବିଦ୍ୟାପୁରୀ, ବାଲୁବଜାର, କଟକ
୧୫. ପ୍ରାୟଶ୍ଚିତ-୨୦୧୮, ବିଦ୍ୟାପୁରୀ, ବାଲୁବଜାର, କଟକ
୧୬. ପ୍ରବନ୍ଧ ଗୌରବ-୨୦୨୦, ବିଦ୍ୟାପୁରୀ, ବାଲୁବଜାର, କଟକ
୧୭. ପଞ୍ଚାମ୍ରିକା- ପଞ୍ଚବଟୀ ପବ୍ଲିକେଶନ, ପଞ୍ଚବଟୀ ନଗର, ରାୟଗଡ଼ା-୧
୧୮. ଦୀନକୃଷ୍ଣ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି-୨୦୨୧, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ, ଦିଲ୍ଲୀ
୧୯. ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା (୧ମଭାଗ)-୨୦୨୧, ସତ୍ୟନାରାୟଣ ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ
୨୦. କନକଲତା-୨୦୨୧, ବିଦ୍ୟାପୁରୀ, ବାଲୁବଜାର, କଟକ
୨୧. ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା (୨ୟ ଭାଗ)-୨୦୨୨, ସତ୍ୟନାରାୟଣ ବୁକଷ୍ଟୋର, ବିନୋଦବିହାରୀ, କଟକ
୨୨. ଅଚ୍ୟୁତାନନ୍ଦ ପତି ଗଳ୍ପ ସମଗ୍ର-୨୦୨୨, ସତ୍ୟନାରାୟଣ ବୁକଷ୍ଟୋର, ବିନୋଦବିହାରୀ, କଟକ
୨୩. ସାଧନା ଓ ସର୍ଜନା : କବି ଗୌତମ ଜେନା-୨୦୨୩, ଚିନ୍ମୟ ପ୍ରକାଶନ, ବିନୋଦବିହାରୀ, କଟକ
୨୪. ଓଡ଼ିଆ ସାହିତ୍ୟର ଇତିହାସ (୧ମ ଭାଗ)-୨୦୨୪, ବି.କେ.ପବ୍ଲିଶର୍ସ, ଭୁବନେଶ୍ୱର

ପ୍ରଫେସର ପ୍ରଧାନ ବିଭିନ୍ନ ବିଷୟବସ୍ତୁକୁ ସଂପାଦନା କରି ପାଠକମାନଙ୍କୁ ବହୁମୂଲ୍ୟ ଗ୍ରନ୍ଥ ଭେଟି ଦେଇଛନ୍ତି । ତାଙ୍କ ସଂପାଦନା ଗ୍ରନ୍ଥ ଗୁଡ଼ିକର ମୁଖବନ୍ଧ ଖୁବ୍ ଉଚ୍ଚକୋଟୀର ଅଟେ । ଯେପରି 'ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା' ସଂପାଦନା ଗ୍ରନ୍ଥର ମୁଖବନ୍ଧରେ ସେ କ୍ଷୁଦ୍ରଗଳ୍ପର ଜନ୍ମ ସମ୍ପର୍କରେ ସୁନ୍ଦର ଭାବେ ବ୍ୟାଖ୍ୟା କରିଛନ୍ତି । ଏଥିରେ କ୍ଷୁଦ୍ରଗଳ୍ପର ବିକାଶ ସ୍ତର ଦର୍ଶାଇବା ସହ ବିଂଶ ଶତାବ୍ଦୀରେ ଏହା କିପରି ନୂତନ ରୂପ ନେଇଛି ତାହା ବର୍ଣ୍ଣନା କରିଛନ୍ତି । ଏହାସହ କ୍ଷୁଦ୍ରଗଳ୍ପର ସ୍ୱରୂପ ଦର୍ଶାଇଛନ୍ତି । 'ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ' ଗ୍ରନ୍ଥରେ ସେହିପରି ବିଶ୍ୱ ସମାଲୋଚନାରେ ଯାହା ପରିବର୍ତ୍ତନ ଘଟିଛି ତାହାକୁ ସେ ଅବଗତ କରାଇବା ନିମନ୍ତେ ଚେଷ୍ଟା କରିଛନ୍ତି । ପାଶ୍ଚାତ୍ୟ ସମାଲୋଚନା ବର୍ତ୍ତମାନ ମାନ ବୃଦ୍ଧି ପାଇଛି । ଏହି ସୃଷ୍ଟିକୁ ପାଠକମାନଙ୍କ ସମ୍ମୁଖରେ ପରିଚିତ କରାଇବା ନିମନ୍ତେ ଏହି ସଂପାଦନା ଗ୍ରନ୍ଥଟିର ପରିକଳ୍ପନା । ନୂତନ ନୂତନ ବିଷୟ ପରିକଳ୍ପନା ଫଳରେ ତାଙ୍କ ସଂପାଦନା ଗ୍ରନ୍ଥଗୁଡ଼ିକ ପାଠକ ମହଲରେ ବେଶ୍ ଆଦୃତି ଲାଭ କରିଛି ।

## ଉପସଂହାର :

ଓଡ଼ିଆ ସମାଲୋଚନା ଓ ସଂପାଦନା କ୍ଷେତ୍ରରେ ପ୍ରଫେସର ପ୍ରଧାନଙ୍କ ଅବଦାନ ଅନନ୍ୟ । ନୂତନ ନୂତନ ସମୀକ୍ଷା ତତ୍ତ୍ୱ ପଦ୍ଧତିରେ ସେ ଲେଖନୀ ଚାଳନା କରି ଓଡ଼ିଆ ସମୀକ୍ଷା କ୍ଷେତ୍ରରେ ପରିଚୟ ଲାଭ କରିବା ସହ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏହା ସହ ସଂପାଦନା ଗ୍ରନ୍ଥ ଗୁଡ଼ିକର ମୁଖବନ୍ଧ ଗୁଡ଼ିକରୁ ହିଁ ଜଣାପଡ଼େ ତାଙ୍କ ସମାଲୋଚନୀୟ ସ୍ୱାତନ୍ତ୍ର୍ୟର । ତାଙ୍କ ଦ୍ୱାରା ରଚିତ ବହୁ ସମୀକ୍ଷା

ପୁସ୍ତକ ଓ ସଂପାଦନା ଗ୍ରନ୍ଥ ପାଠକମାନଙ୍କୁ ପ୍ରେରଣା ଯୋଗାଉଛି ଏପରି ସାହିତ୍ୟ ରଚନା ନିମନ୍ତେ ।

**ସହାୟକ ଗ୍ରନ୍ଥସୂଚୀ :**


୧. କବି, ଅସିତ-(୨୦୨୧), ଓଡ଼ିଆ ସାହିତ୍ୟ ସମାଲୋଚନାର ଇତିହାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୪ର୍ଥ ସଂସ୍କରଣ

୨. ମିଶ୍ର, ଡଃ ଦୀନବନ୍ଧୁ-(୨୦୧୪), ସମାଲୋଚନା ତତ୍ତ୍ୱ, ନବୋଦୟ ପ୍ରକାଶନ, ବିନୋଦବିହାରୀ, କଟକ, ୨ୟ ସଂସ୍କରଣ

୩. ପ୍ରଧାନ, ପ୍ରଫେସର କୃଷ୍ଣଚନ୍ଦ୍ର, ରାଉତ, ନିର୍ମଳା କୁମାରୀ-(୨୦୧୦), ଗବେଷଣା ପ୍ରକରଣ : ସଂପାଦନା ଓ ଅନୁବାଦ ପ୍ରବିଧି, ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର

୪. ଚାଟାର୍ଜୀ, ଡକ୍ଟର ସୁବୋଧ କୁମାର-(୨୦୨୦), ଗବେଷଣା ପ୍ରବିଧି : ସଂପାଦନା ଓ ଅନୁବାଦ କଳା, ବିଦ୍ୟାପୁରୀ, କଟକ, ୬ଷ୍ଠ ମୁଦ୍ରଣ

୫. ପ୍ରଧାନ, ଡ. କୃଷ୍ଣଚନ୍ଦ୍ର-(୨୦୨୧), ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ, ୨ୟ ସଂସ୍କରଣ


❖ ❖ ❖

DOI :https://doi.org/10.5281/zenodo.16919697 ମୂଳ ପ୍ରବନ୍ଧ

# କବି ଭୀମଭୋଇଙ୍କ ଜୀବନଦର୍ଶନ: ଧୂଳିରୁ ଧ୍ରୁବ ମଣ୍ଡଳ

**ବାପିନା ସ୍ୱାଇଁ ଓ ଆଲୋକ ବରାଳ**

**ସଂକ୍ଷିପ୍ତସାର:**

କବି ଭୀମ ଭୋଇ ଜଣେ ବିଶିଷ୍ଟ ସନ୍ଥକବି । ତାଙ୍କ ସାହିତ୍ୟ ସୃଜନ ତାଙ୍କ ଅମଳିନ ପ୍ରତିଭାର ମୂକସାକ୍ଷୀ । ଯଦିଓ କବି ଓଡିଆ ସମାଜର ଦୁର୍ଦ୍ଦଶାମୟ କଳାଖଣ୍ଡର ପ୍ରତ୍ୟକ୍ଷଦର୍ଶୀ । କବିଙ୍କ ସ୍ୱଜୀବନର ଦୁଃଖ ଦୈନ୍ୟତା ଓ କରୁଣଭାବ ଆଲୋଚ୍ୟ ପ୍ରବନ୍ଧରେ ରୂପାୟିତ । ସନ୍ଥକବି ଭୀମଭୋଇଙ୍କ ସୃଜନ ସମ୍ଭାରରେ ପରିଦୃଷ୍ଟ ଦାର୍ଶନିକ ଓ ସାହିତ୍ୟିକ ମତବାଦର ଅନୁଶୀଳନ ଉକ୍ତ ପ୍ରବନ୍ଧରେ ସ୍ଥାନିତ । କବିଙ୍କ ସ୍ରଷ୍ଟାମାନସରେ ଆନ୍ଦୋଳିତ ଭାବସମୂହ ଏବଂ ତାର ତାତ୍ତ୍ୱିକ ଭାବର ପର୍ଯ୍ୟାଲୋଚନା ଆଲୋଚ୍ୟ ପ୍ରବନ୍ଧରେ ବର୍ଣ୍ଣିତ ।

**ପ୍ରମୁଖ ଶବ୍ଦାବଳୀ:**

କବି ଭୀମଭୋଇ, ଜୀବନଦର୍ଶନ, ସାମାଜିକ ବ୍ୟବସ୍ଥା,ସାମ୍ୟବାଦ,ନନ୍ଦନତତ୍ତ୍ୱ, ରହସ୍ୟବାଦୀ ଚେତନା, ମାନବବାଦ,ପ୍ରକୃତିବାଦ,ଦଳିତ ଚେତନା ।

"The Clearest way into the universe is through a forest wilderness"- jhon muir

ଉନବିଂଶ ଶତାବ୍ଦୀର ଆଧୁନିକ ଶିକ୍ଷା ଓ ମୁକ୍ତବିଚାର ଦୃଷ୍ଟିରୁ ଏକ ଅନ୍ଧକାରମୟ ଯୁଗ ଥିଲା । ଅନ୍ଧବିଶ୍ୱାସ, କୁସଂସ୍କାର ଓ ସ୍ୱୈରଚାରିତା ଓଡିଆ ସମାଜକୁ କବଳିତ କରିଥିଲା। ଶହ ଶହ ବର୍ଷ ଧରି ଓଡିଆ ସମାଜକୁ ଦୁସ୍ଥ, ଦୈନ୍ୟ ଓ ସଂକୀର୍ଣ୍ଣ ମାନସିକତାରେ କରିଥିଲା ଆଚ୍ଛାଦିତ । କ୍ଷୁଦ୍ର କ୍ଷୁଦ୍ର ସାମନ୍ତରାଜାମାନେ ନିଜ କ୍ଷୁଦ୍ର ପରିସର ମଧ୍ୟରେ ଏକଛତ୍ର ଶାସନ ଚଳାଇଥିଲେ । ଶିକ୍ଷା ସାର୍ବଜନୀନ ନଥିଲା । ତେଣୁ ରାଜା ଓ ବ୍ରାହ୍ମଣବର୍ଗ ସମାଜର ଦୁଇ ମେରୁ ସଦୃଶ୍ୟ ତତ୍‌କାଳୀନ ସମାଜରେ ପ୍ରତିଷ୍ଠିତ ଥିଲେ । କ୍ଷୁଧା, ବେଠି ଓ ବେଗାରୀ ଆଦି ଦ୍ୱାରା ସାଧାରଣ ଜନତା ପ୍ରପିଡୀତଥିଲେ । ଜାତୀୟ ଜୀବନ ବିପନ୍ନ ଏବଂ ସାଂସ୍କୃତିକ ପରିଚୟ ହୋଇଥିଲା ବିପଦ ସଂକୁଳ । ଓଡିଆ ଭାଷା ପଡୋଶୀ ବଙ୍ଗଭାଷୀ ଓ ତେଲୁଗୁଭାଷୀଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଥିବା ଏକ ସନ୍ଧିକ୍ଷଣ ସମୟରେ କବି ଭୀମଭୋଇଙ୍କ ଆର୍ବିଭାବ ହୁଏ ।

"ଓଡିଶାର ଗଜପତି ପରମ୍ପରାଟି ଭାଙ୍ଗି ସେତେବେଳେକୁ ସ୍ଥାନୀୟ (ରାଜା ମାନଙ୍କର) ଉଦ୍ଭବ ହୋଇସାରିଲାଣି । ଏମାନେ ବାହରର ରାଜନୀତିକୁ ସାମାଜିକ ବା ସାଂସ୍କୃତିକ ନୂଆ ହାଉଆ ଗୁଡିକବିଷୟରେ ଅବହେଳିତ ନଥିଲେ । ନିଜ ନିଜର ଥାନଟା ମାନ ଯେତେ ସାନ ହୋଇଥିଲେ ମଧ୍ୟ ସେମାନେ ସେଥିରେ ସତେ ଅବା ଗୋଟିଏ ଗଜପତି ହୋଇରହିଥିଲେ । ଦେଶୀୟମାନଙ୍କ ଉପରେ ଯାବତୀୟ ଅପଶାସନ ପ୍ରଚଣ୍ଡତା ଦେଖାଉଥିଲେ । ଗଡଜାତ ଗୁଡାକ ଆହୁରି ଅନ୍ଧାର ଥିଲା" (୧)ଭୀମ ଭୋଇ (୧୮୫୦-୯୫) ଉନ୍ନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏକ ସନ୍ଧିକ୍ଷଣରେ ଜନ୍ମଗ୍ରହଣ କରିଥିଲେ । ପାଳିତ ପିତାଙ୍କ ମୃତ୍ୟୁ ଏବଂ ମାତାଙ୍କର ଦେହାନ୍ତ ହେବାପରେ,ବାଳକ ଭୀମଭୋଇ ହୋଇ ଯାଇଥିଲେ ଛେଉଣ୍ଡ ପିଲା । ଦୁନିଆ ବଡଦାଣ୍ଡରେ ସଂପୂର୍ଣ୍ଣ ଏକାକୀ ଜୀବନ ସଂଗ୍ରାମରେ ସେ ଅବତୀର୍ଣ୍ଣ ହୋଇଥିଲେ । ଅତି ସାନ

**ଯୋଗାଯୋଗ :**
**ବାପିନା ସ୍ୱାଇଁ,** ଗବେଷକ
ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ, କୋରାପୁଟ
**Email :** bapinaswain329@gmail.com
**ORCID ID:** https://orcid.org/0009-0007-7710-6347

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୫.୨୦୨୫ | ୧୨.୦୬.୨୦୨୫ | ୨୬.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସ୍ୱାଇଁ, ବାପିନ ଓ ବରାଳ, ଆଲୋକ; ୨୦୨୫ । କବି ଭୀମଭୋଇଙ୍କ ଜୀବନଦର୍ଶନ: ଧୂଳିରୁ ଧ୍ରୁବ ମଣ୍ଡଳ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଙ, ପୃଷ୍ଠା :୮୦-୮୯ ।

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :**
https://pracheenews.com/

**DOI:**
https://doi.org/10.5281/zenodo.16919697
Article No - BPP00329

ବୟସରୁ ବାଛୁରୀ ଚରାଇବାରେ ନିଯୁକ୍ତ ଥିଲେ । ଅତ୍ୟନ୍ତ ଦୁର୍ବିସହ ଜୀବନ ଅତିବାହିତ କରୁଥିବା ସମୟରେ; ଆଲୋକ ବର୍ତ୍ତୀକା ସାଜି ମହିମା ସ୍ୱାମୀ ଉପନୀତ ହୋଇଥିଲେ । ଦାରିଦ୍ର୍ୟର କଷାଘାତ ସାମାଜିକ ଲାଞ୍ଛନା ତାଙ୍କୁ ବିଦ୍ରୋହୀ କରି ଗଢିତୋଳିଲା । ମହିମା ଗୋସାଇଁ ସେଇ ବିପ୍ଲବୀ ମନକୁ ଦେଲେ ଶାସ୍ତ୍ରୀୟ ଶକ୍ତି । ଅଭିମନ୍ତ୍ରିତ ଗୁଗୁଚିଆ ହୋଇଉଠିଲା ସାମ୍ୟବାଦୀ ଚେତନାର ବ୍ରହ୍ମାସ୍ତ୍ର । ଗଡଜାତର ଜଙ୍ଗଲର ନିଆଁ ସଦୃଶ୍ୟ ସମଗ୍ର ପଶ୍ଚିମାଞ୍ଚଳରେ ଅନ୍ଧବିଶ୍ୱାସ,କୁସଂସ୍କାର ଓ ଜାତିପ୍ରଥାର ସମଗ୍ର ବ୍ୟବସ୍ଥା ମଧ୍ୟରେ ଭୟର ସଞ୍ଚାର କରାଇଥିଲେ ।

କବି ଭୀମ ଭୋଇ ତାଙ୍କ ପୂର୍ବସୂରୀ ପଞ୍ଚସଖା, ଅରକ୍ଷିତ ଦାସ ଏବଂ ସମସାମୟିକ ଚନ୍ଦ୍ରମଣି ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଅନୁମେୟ । ପଞ୍ଚସଖା ସାହିତ୍ୟରେ ପରିଦୃଷ୍ଟ ସାହିତ୍ୟ ତତ୍ତ୍ୱ ଯଥା- ଗୁରୁବାଦ, ନାମତତ୍ତ୍ୱ, ଧାମତତ୍ତ୍ୱ, ପିଣ୍ଡବ୍ରହ୍ମାଣ୍ଡତତ୍ତ୍ୱ, ଶୂନ୍ୟବାଦ, ନିର୍ଗୁଣ -ସଗୁଣବାଦ ଆଦି ଭୀମଭୋଇଙ୍କ ସାହିତ୍ୟରେ ପ୍ରତୁଳ ଭାବରେ ଉତ୍କୀର୍ଣ୍ଣ । ସମଭାବରେ ସନ୍ଥ ଅରକ୍ଷିତଙ୍କ ସାର୍ବଜନୀନ ବାଦରେ ଉତ୍କୀର୍ଣ୍ଣ ଭାବ, ବିଶ୍ୱ ଐକ୍ୟ,ବ୍ରହ୍ମସର୍ବତଭାବ ବିଦ୍ୟମାନତା,ସୃଷ୍ଟିତତ୍ତ୍ୱ, ଅକ୍ଷର ବ୍ରହ୍ମ ନିରାଜନା, ଆଦି ଭାବରେ ସନ୍ଥ କବିଙ୍କ ରଚନାରେ ପରିଦୃଷ୍ଟ ।

ଆଲୋଚ୍ୟ ପ୍ରବନ୍ଧରେ କବି ଭୀମଭୋଇଙ୍କ ଜୀବନଦର୍ଶନକୁ ନିମ୍ନ ବିନ୍ଦୁ ମାଧ୍ୟମରେ ସବିଶେଷ ଆଲୋଚିତ ହେବ । କବି ନିଜର ଜୀବନକୁ କସ୍ତୁରୀ ମୃଗର ଜୀବନ ଭାବେ ସ୍ୱରଚିତ ପ୍ରସିଦ୍ଧ ରଚନା ସ୍ତୁତିଚିନ୍ତାମଣୀରେ ବର୍ଣ୍ଣନା କରିଛନ୍ତି । ଏହି ବିଷୟରେ ଯଥା ସ୍ଥାନରେ ବର୍ଣ୍ଣନା କରାଯିବ । ଏବେ କବିଙ୍କର ଜୀବନଦର୍ଶନ ଓ ଜୀବନବୋଧ ଉପରେ ବିସ୍ତୃତ ଆଲୋଚନା କରାଯିବ । କବିଙ୍କ ସାହିତ୍ୟକୃତିରେ ନାନାତତ୍ତ୍ୱର ସମାବେଶ ଘଟିଛି । ତାହାର କ୍ରମାନ୍ୱୟ ବିମର୍ଶ ନିମ୍ନରେ ପ୍ରଦତ୍ତ ।

## ବିଶ୍ୱାସ, ନୀତି, ଜୀବନବୋଧ :

ଏକ ଲୋକାୟତ ସମାଜରେ ଭୀମଭୋଇଙ୍କ ଜନ୍ମ, ପ୍ରସିଦ୍ଧି ଓ ମୃତ୍ୟୁ । ତାଙ୍କ ଜୀବନର ଚଉହଦୀ ପାରଂପାରିକ ଜୀବନଚର୍ଯ୍ୟା, ଲୋକଜ୍ଞାନ, ଲୋକବିଶ୍ୱାସ ଓ ମହିମା ଧର୍ମର ତାତ୍ତ୍ୱିକ ଭାବଧାରାରେ ସମନ୍ୱିତ । ଗୌନ୍ତିଆ ଚୈତନ୍ୟ ପ୍ରଧାନଙ୍କ ଦ୍ୱାରା ଆଶ୍ରୟ ମହିମାସ୍ୱାମୀଙ୍କ ସହଚର୍ଯ୍ୟା ତାଙ୍କର ମନୋଭୂମିକୁ କରିଛି ପରିପକ୍ୱ । କବି ଗାଇଉଠିଛନ୍ତି

"ପ୍ରଥମେ ମହାଶୂନ୍ୟ ଥିଲା
ଓଁକାର ରୂପେ ବିଶ୍ରାମିଲା
ଓଁକାର ଅକାରକୁଧରି
ଉକାର ମଧ୍ୟରେ ସଞ୍ଚରି ।"

ଉକ୍ତ ପଦରେ ମତକୁ ବିରୋଧ କରି ସାମାଜିକ ସାମ୍ୟତାର ବାଣୀ ପ୍ରଚାର ପାଇଁ କବି ନିର୍ବେଦ ପ୍ରଚାର କରିଛନ୍ତି । ବେଦ ମତରେ ଏକାକ୍ଷର ବୀଜ ଓଁକାର ପ୍ରଭାବ ଅପରିସୀମା । ମାତ୍ର ନିର୍ବେଦ ତା ଠାରୁ ଦୁଇପାଦ ଆଗକୁ ଯାଇ ବେଦର ଉପରେ ରହିଛି । ଓଁକାର ଶବ୍ଦ ସହ ସଂଯୋଜିତ ମାତ୍ର ନିର୍ବେଦ ନିଶବ୍ଦ ଓ ଶବ୍ଦଶୂନ୍ୟ ବୋଲି କବିଙ୍କ ଦ୍ୱାରା ସ୍ୱଗ୍ରନ୍ଥ ରାଜିରେ ବର୍ଣ୍ଣିତ । ବେଦ ମତରେ ସାମାଜିକ ବ୍ୟବସ୍ଥା, ଚାରିବର୍ଣ୍ଣ ଓ ଜାତି ପ୍ରଥା ଆଧାରିତ । ମାତ୍ର ନିର୍ବେଦ ଜାତିବିହୀନ କର୍ମକାଣ୍ଡ ଶୂନ୍ୟ ସାମ୍ୟ ସମାଜରେ ବିଶ୍ୱାସୀ । ଭୀମଭୋଇ ମଣିଷର ନାନା କର୍ମ ତା'ର ପ୍ରତିଫଳନକୁ ତତ୍‌କାଳୀନ ସମୟରେ ଅନୁଭବ କରିଥିଲେ । ସେ ଜାଣିଥିଲେ ଭଲ ମନ୍ଦ ସୁଖଦୁଃଖ ଲାଭହାନି ଆଦି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ତେଣୁ ଉଭୟଙ୍କୁ ନେଇ ବ୍ୟତିବ୍ୟସ୍ତ ନହେବା ପାଇଁ କବି ସମାଜକୁ ସୁପରାମର୍ଶ ଦେଇଛନ୍ତି । ମୂଲ୍ୟବୋଧ କୈନ୍ଦ୍ରିକ ମାନବ ହିଁ ସୁସ୍ଥ ସମାଜ ଗଠନ କରିପାରିବ ଏହା କବିଙ୍କ ଦୃଢ ବିଶ୍ୱାସ ତେଣୁ କବି ଗାଇଉଠିଛନ୍ତି ।

" ସତ୍ୟରେ ମରିବ ସତ୍ୟରେ ତରିବି
ଏହି ଆଜ୍ଞା ମୋତେ ହେଉ
କହେ ଭୀମ ଭୋଇ ଏ ମରତ୍ତ ମଣ୍ଡଳେ
ଯଶ ଅପଯଶ ଥାଉ"

(ସ୍ତୁତି ଚିନ୍ତାମଣୀ)(ବୋଲି୨୨,ପୃ-୬୬୯)

ପ୍ରକୃତରେ (ମହାମାନବ ମାନେ) ତାଙ୍କ ଭାବ, ଚିନ୍ତା ଓ ଜୀବନ ଦର୍ଶନ ମାଧ୍ୟମରେ ତାଙ୍କ ମହନୀୟ ଆଦର୍ଶ ପ୍ରତିଷ୍ଠା କରନ୍ତି । ତା'ର ସମୁଜ୍ୱଳ ସାକ୍ଷୀ ହେଉଛି, କବି ଭୀମଙ୍କ ଉପରୋକ୍ତ ପଙ୍କ୍ତି । ସତ୍ୟ ହିଁ ଜୀବନର ମାନଦଣ୍ଡ ହେଉ , ସମଗ୍ର ମାନବ ସମାଜରେ ଦେଶକାଳ ପାତ୍ର ଭେଦରେ ସମସ୍ତଙ୍କ ପାଇଁ ମଙ୍ଗଳମୟ ଭାବ ହିଁ ସତ୍ୟ । ତାହାର ଅନୁପାଳନ କରିବା ପାଇଁ କବି ମାନବ ସମାଜକୁ ଆହ୍ୱାନ ଦେଇଛନ୍ତି । କବି ନିଜେ ସେଇ ସତ୍ୟର ଆଚାରନିଷ୍ଠ ପୂଜାରୀ । ତାଙ୍କ ଜୀବନ ପଥରେ ପଥଚାରୀ ହେବାବେଳେ କଣ୍ଟକ ତାଡିତ ରକ୍ତ କ୍ଷରଣର ସମ୍ମୁଖୀନ ହୋଇଥିଲେ । ତାଙ୍କୁ ସେଇ ସମୟରେ ମହିମା ଗୋସାଇଁଙ୍କ ମାର୍ଗଦର୍ଶନ ହିଁ ସ୍ନେହ ଲେପ ଭଳି ଜୀବନର ମାର୍ଗକୁ ଅତିକ୍ରମ କରିବାରେ ପ୍ରେରିତ ଓ ଉଦ୍‌ବୁଦ୍ଧ କରିଥିଲା । ତେଣୁ ଭୀମଭୋଇଙ୍କ ଜୀବନ ହୋଇ ଉଠିଲା ଗୁରୁ ସର୍ବସ୍ୱ । ଗୁରୁ ମହିମାଗୋସାଇଁ ଓ ଅନନ୍ତ ବ୍ରହ୍ମାଣ୍ଡ ସ୍ରଷ୍ଟା ପରଂବ୍ରହ୍ମଙ୍କ ମଧ୍ୟରେ ସେ ଐକ୍ୟତାର ଅନୁଭବ କରୁଥିଲେ । ତେଣୁ ସେ ଭାବ ନିବିଷ୍ଟ ହୋଇ ଗୁରୁଙ୍କ ଉଦ୍ଦେଶ୍ୟରେ ଗାଆନ୍ତି ଯଥା-

"ମନର ଭିତରେ କହେ ଭଗତିଗୋ
ଅନ୍ତର୍ଯ୍ୟାମୀ ଗୁରୁ ସ୍ୱାମୀ ଜାଣନ୍ତିଗୋ ।
(ଭଜନମାଳା)ପୃ-୪୨୧

ଉପରୋକ୍ତ ଭକ୍ତି ଗୁରୁଙ୍କ ପ୍ରତି ତାଙ୍କ ଗଭୀର ବିଶ୍ୱାସବୋଧର ପରିଚାୟକ । ସମାଜରେ ମଣିଷର କେଉଁ ସବୁ କାର୍ଯ୍ୟ କରଣୀୟ, ସାମାଜିକ ବ୍ୟବସ୍ଥା କେଉଁ ଭଳି ଭାବେ ଦୁର୍ବଳ ହୋଇପରେ ତା'ର ନିଦର୍ଶନ କବିଙ୍କ ରଚନାବଳୀରେ ପରିଦୃଷ୍ଟ । ଗୋଷ୍ଠୀବଦ୍ଧ ସଭ୍ୟ ଜୀବନ ପାଇଁ ଭୀମଭୋଇ କିଛି ମାର୍ଗଦର୍ଶିକା ନିର୍ଦ୍ଧାରଣ କରିଛନ୍ତି । କାବ୍ୟ କବିତାର ଗୀତିମୟ ବାଣୀର ପ୍ରସ୍ତେ ପ୍ରସ୍ତେ ତାହା ଉପସ୍ଥାପିତ । ତତ୍କାଳୀନ ସମାଜରେ ଘଟୁଥିବା ଅକର୍ମ ଅନ୍ୟାୟ କର୍ମକୁ ବିରୋଧ କରି କବି ଲେଖିଛନ୍ତି-

" ଛତିଶ ପାଟକ ଆକର୍ମ ବାଟରେ କଲେଣି ଆଣ ଆଚାର
ପରଧନ, ପରନାରୀ, ଚୋରି କରି ସତ୍ୟ କହି ସଭାର
ଧର୍ମମାନ ଲଘି ପାଦେଶିରି ଫିଙ୍ଗି ମିଥ୍ୟା କହିନିରନ୍ତର
ଦେଖ ଦେଖ ସ୍ୱାମୀ ଏ ସଂସାର ହୋଇଯାଉଛି ନାରଖାର ଯେ"

ଏଠାରେ ସାମାଜିକ ଦୁରାବସ୍ଥା ଚିତ୍ର ଉପରୋକ୍ତ ଫକ୍ତିରେ ଉକ୍ରୀର୍ଣ୍ଣ
(ଭଜନମାଳା, ପୃଷ୍ଠ ୧୩)

## ସାମାଜିକ ବ୍ୟବସ୍ଥା(ଜାତିପ୍ରଥା) :

ଭାରତୀୟ ସାମାଜିକ ବ୍ୟବସ୍ଥା ବିଷୟ ଉପରେ ମେଗାସ୍ଥିନିସ୍‌ଙ୍କ 'ଇଣ୍ଡିକା', ଫାହିୟାନଙ୍କ 'ଫୁକୋୟୁ', 'ହୁଏସାଂଙ୍କ 'ସିୟୁକି', ଆଲେବେରୁଣୀଙ୍କ 'କିତାବ ଉଲ୍ ହିନ୍ଦ', ଇବନ୍ ବତୁତାଙ୍କ 'ରେହେଲା' ଆଦିରେ ଭାରତର ସାମାଜିକ ବ୍ୟବସ୍ଥା ବିଷୟରେ ବର୍ଣ୍ଣନା ମିଳେ । ଭାରତୀୟ ସମାଜ ସବୁବେଳେ ବହୁଧା ବିଭକ୍ତ ଥିଲା ବୋଲି ଉପରୋକ୍ତ ଭ୍ରମଣକାରୀ ସ୍ୱଗ୍ରନ୍ଥରେ ଉଲ୍ଲେଖ ରହିଛି । ଭାରତୀୟ ସାମାଜିକ ବ୍ୟବସ୍ଥାରେ ଘୃନ୍ୟ ଜାତିପ୍ରଥାର ଉଦ୍ଭବ କାଳକ୍ରମେ ହୋଇଥିଲା । ଅସ୍ପୃଶ୍ୟତା ଭଳି ସାମାଜିକ ବ୍ୟାଧି ଲୋକମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଦୂରତା ବୃଦ୍ଧିରେ ସହାୟକ ହୋଇଥିଲା । ଜାତି ଆଧାରିତ ବିଭେଦ ଭାରତୀୟ ସମାଜର ଐକ୍ୟତାକୁ ଧ୍ୱଂସ କରି ଦେଇଥିଲା । ଜନ୍ମ ହେଉ ହେଉ କିଛି ଉଚ୍ଚବର୍ଣ୍ଣ ବୋଲାଇବା ପୁଣି ଜନ୍ମ ହୋଇ କିଛି ଭଲ କର୍ମ ନକରି ମଧ୍ୟ ମୁକ୍ତ ସାମାଜିକ ସମ୍ମାନ ଓ ପ୍ରତିପତ୍ତି ପାଉଥିବା ସମୟରେ; କିଛି ନିଜର କୌଣସି ଭୁଲ ଅଥବା ସ୍ୱକର୍ମ ଓ ସ୍ୱଭାବ ବ୍ୟତୀତ ସାମାଜିକ ବିଭେଦ ଜନିତ କଟୁ ସମାଲୋଚନା ଓ ଅଶ୍ଳୀଳ ବ୍ୟବହାର ସମ୍ମୁଖୀନ ହେଉଥିଲେ । ଏଇଭଳି ଘୃଣ୍ୟ ଜାତିପ୍ରଥା ବିରୁଦ୍ଧରେ ମହିମା ଗୋସାଇଁ ମହିମା ଧର୍ମ ପ୍ରତିଷ୍ଠା ଓ ପ୍ରଚାର କରିଥିଲେ । ଏକ ଜାତି ବିହୀନ ସମାଜ ଏବଂ ଅସ୍ପୃଶ୍ୟତା ନିରୋଧୀ ବ୍ୟବସ୍ଥା ,ମହିମା ଗୋସାଇଁଙ୍କ ଆଦର୍ଶ ଓ ପ୍ରେରଣାରେ ଅନୁପ୍ରେରିତ ହୋଇ ଭୀମ ଭୋଇ ତାଙ୍କର ରଚନାରେ ମଧ୍ୟ ବ୍ରାହ୍ମଣ୍ୟ କୈନ୍ଦ୍ରିକ ଜାତି ବ୍ୟବସ୍ଥା ବିରୁଦ୍ଧରେ ଘୋର ପ୍ରତିବାଦ କରିଥିଲେ । ତାର ନିଦର୍ଶନ ନିମ୍ନରେ ଦ୍ରଷ୍ଟବ୍ୟ

"ଆମ୍ଭ ଭଗତିରେ ଦୋଷାଦୋଷ ନାହିଁ
ନୀଚ ଉଚ୍ଚ ସବୁସମ
ଭଣେ ଭୀମଭୋଇ ଗୁରୁ ପାଦଧ୍ୟାୟିନିର୍ଗୁଣ ଏ ନାମବ୍ରହ୍ମ
(ସ୍ତୁତିଚିନ୍ତାମଣୀ ୬୯ ବୋଲି ପୃ-୭୪୦)

କବି ସମସ୍ତଙ୍କୁ ଏକ କରି ନିର୍ବେଦ ମତ ପ୍ରଚାର କଲେ । "ଜାତିଖୋଜିଲେ ମୁକ୍ତି ନାହିଁ, ମୁକ୍ତି ଖୋଜିଲେ ଜାତି ନାହିଁ ବୋଲି" ଭୀମଭୋଇ ମୁକ୍ତ କଂଠରେ ଘୋଷଣା କଲେ କବି ଜାତିକୁ ଅସ୍ୱୀକାର କରି ଲିଙ୍ଗ ଭେଦରେ ଜାତିକୁ ସ୍ୱୀକାର କରିଛନ୍ତି । ତତ୍କାଳୀନ ସାମାଜିକ ବ୍ୟବସ୍ଥାକୁ ଅସ୍ୱୀକାର କରି ରାଜା ଓ ବ୍ରାହ୍ମଣ ଘରେ ମହିମା ଧର୍ମର ସନ୍ନ୍ୟାସୀ ଭୋଜନ ବର୍ଜନ କରିଥିଲେ । କାରଣ ରାଜା ଓ ବ୍ରାହ୍ମଣ ବର୍ଗ କର୍ମକାଣ୍ଡଯୁକ୍ତ ଜାତିପ୍ରଥାର ପୃଷ୍ଠପୋଷକ ତେଣୁ ତା'ର ପରିବର୍ତ୍ତନରେ ସମାନ୍ତରାଳ ସାମାଜିକ ବ୍ୟବସ୍ଥା ସୃଷ୍ଟି ନିମନ୍ତେ ଭୀମ ଭୋଇ ଜାତି ପ୍ରଥାକୁ ଅସ୍ୱୀକାର କରି ଲେଖିଲେ ।

"ଛତିଶକୁଳ ଯେ ବାଉନ ପାଟକ ଜାତି ବୋଲାଯାଏ ନାହିଁ
ପାଣି ଅନ୍ତର ପାଟକ ସିନା ଏହୁ ସୁପଣ୍ଡିତ କରାନ୍ୟାଏ
ସ୍ତିରୀ ପୁରୁଷ ଦୁହିଁଙ୍କ ଗଢିଅଛି ଯୋଡିଏ ସ୍ୱରୂପ ଦେଖ
ଦ୍ୱିତୀୟ ଜାତିରୁ ତିନିଜାତି ନାହିଁ ସୁଜନେ କରି ବିବେକ"
(ସ୍ତୁତିଚିନ୍ତାମଣୀ, ବୋଲି ୭୦, ପୃ୭୪୧

କବିଙ୍କ ସ୍ୱଜୀବନଦର୍ଶନର ଚିତ୍ର ଉପରୋକ୍ତ ଫକ୍ତିର ରୂପାୟିତ । କବି ଜାତିବିହୀନ ସମାଜ ଗଠନରେ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିଥିଲେ ।

## ସାମ୍ୟବାଦୀ ଚେତନା :

କବି ଭୀମଭୋଇଙ୍କ ଦାର୍ଶନିକ ଅବବୋଧ ବିଭିନ୍ନ ଦିଗ ଦିଗନ୍ତକୁ ସ୍ପର୍ଶ କରିଛି । ଯଦିଓ କବି ବିଧିବଦ୍ଧ ଶିକ୍ଷା ଲାଭ କରିନଥିଲେ କିନ୍ତୁ କବି ଧରିତ୍ରୀ ରୂପକ ଶିକ୍ଷାଳୟରୁ ଅନେକ ମହତ୍ୱପୂର୍ଣ୍ଣ ଶିକ୍ଷା ଲାଭ କରିଥିବା ତାଙ୍କ ରଚିତ ଗ୍ରନ୍ଥରାଜିରୁ ଅନୁମେୟ । କବିଙ୍କ ରଚନାବଳୀରେ ପରିଦୃଷ୍ଟ ସମସ୍ତ ବାଦ ବା ଚେତନା ମଧ୍ୟରୁ ସାମ୍ୟବାଦୀ ଚେତନା ବା ମାର୍କ୍ସବାଦ ଅନ୍ୟତମ । ଭାରତୀୟ ସମାଜ ପରିପ୍ରେକ୍ଷୀରେ କେବଳ ଅର୍ଥନୈତିକ ବିସଂଗତି ନୁହେଁ, ସାମାଜିକ ଅସମାନତା ମଧ୍ୟ ସାମ୍ୟବାଦୀ

ଚେତନାର ଅନ୍ୟତମ ଅନୁଶୀଳନାତ୍ମକ ପଦ୍ଧତି । ସମାଜ ବାଦୀ ବାସ୍ତବତା, ଜାତିବିହୀନ ସମାଜ, ମୂଲ୍ୟବୋଧ ସହ ରୋମାଣ୍ଟିକ୍ ଭାବଚେତନା, ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସାମ୍ୟଭାବ ଆଦି ସାମ୍ୟବାଦୀ ଚେତନାର ପ୍ରମୁଖ ବିଭାବ । ତତ୍‌କାଳୀନ ସମୟରେ ଶୋଷିତ ଓ ବଞ୍ଚିତ ଜନମାନସର ସ୍ୱରଭାବେ କବି ଭୀମଭୋଇ ଆର୍ବିଭୂତ ହୋଇଥିଲେ । ତେଣୁ ସେ ସାମନ୍ତବାଦୀ ବ୍ୟବସ୍ଥାକୁ ବିରୋଧ କରି ଗାଇଛନ୍ତି-

"ନୁହେଁ ରାଜାର ପରଜା ନୋହୁ ସିନା ଆମ୍ଭେ ନୋହୁ ନୁହେଁ ସାହୁର ଖାତକ
ଯହିଁ ଗୁରୁ ନେବେ ତହିଁ ଯାଉ ଆମ୍ଭେକେ ଅବା କରୁ ଅଟକ"

(ସ୍ତୁତିଚିନ୍ତାମଣୀ ବୋଲି ୬୨ ,ପୃ-୩୯୮ (୧୫)

ସାମନ୍ତବାଦୀ ବ୍ୟବସ୍ଥାକୁ ତୀବ୍ର ଭାବେ ଭୀମଭୋଇ ପ୍ରତିରୋଧ କରିଛନ୍ତି । ସାମ୍ୟବାଦୀ ବ୍ୟକ୍ତି ସବୁଠାରେ ନିଜକୁ ଅନୁଭବ କରେ । ତେଣୁ ସେ ସମସ୍ତଙ୍କୁ ଆପଣାର କରେ । ତାହା ମଧ୍ୟରେ ଦ୍ୱେଷ, ରାଗ, ଈର୍ଷା ଆଦିଭାବ ରହେନାହିଁ । କବିଙ୍କ ଭାଷାରେ-

"କାହାରି ଠାରୁ ଠକି ଭଣ୍ଡି ଖାଇବା ବିଚାର ହୃଦେ ନପଶେ
ଛପନା କୋଟିଏ ଯେତେ ଜୀବଛନ୍ତି ମୋର ଆତ୍ମାପ୍ରାଏ ଦିଶେ"

(ସ୍ତୁତିଚିନ୍ତାମଣୀ,ପୃ-୭୨୯)

ସାମ୍ୟବାଦୀ ବ୍ୟକ୍ତି ମାନବୀୟ ସୁଗୁଣ ଯଥା-ଦୟା, ଶାନ୍ତି,ସତ୍ୟ, କ୍ଷମା, ନ୍ୟାୟ ଓ ଅକ୍ରୋଧ ଆଜି ଗୁଣରେ ବିଭୂଷିତ ହୋଇଥାଏ । ତେଣୁ ସାମ୍ୟବାଦୀ ଚେତନା ଭୀମଭୋଇଙ୍କ ରଚନାବଳୀରେ ଅନ୍ତଃ ସଲୀଳା ଫଲଗୁ ଭାବେ ପ୍ରବାହିତ ।

## ମାନବବାଦ :

ମାନବବାଦ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ପ୍ରାଚୀନ କାଳରୁ ସ୍ଥାନିତ । କିନ୍ତୁ ଆଲୋଚ୍ୟ ଚେତନା ବିଧିବଦ୍ଧ ଭାବେ ପ୍ରଥମେ ଇଟାଲୀରେ ୧୩ ଦଶ ଶତାବ୍ଦୀରେ ଆତ୍ମପ୍ରକାଶ କଲା । ସେଂଟ ଅଗଷ୍ଟାଇନ୍ ଓ ଅଲ୍ଲକୁଇନ୍ ଦ୍ୱୟଙ୍କୁ ବିଶିଷ୍ଟ ମାନବବାଦୀ ବିଦ୍ୱାନ ଭାବେ ଗ୍ରହଣ କରାଯାଏ । ନବ୍ୟ ମାନବବାଦ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକାରେ ନୂତନ ଆଦର୍ଶକୁ ଅଙ୍ଗୀକାର କରିପାଦ ଥାପିଲା । "ଇଂରାଜୀ କବି ସମାଲୋଚକ ମାର୍ଥୁ ଆରନ୍‌ଲୋଡ୍ ମାନବର ନୀତି ଆଦର୍ଶ ଓ କର୍ତ୍ତବ୍ୟବୋଧକୁ ନେଇ ପୂର୍ବ ସଭ୍ୟତାର ମୂଳତତ୍ତ୍ୱକୁ ସମନ୍ୱୟ କରି ନବ୍ୟମାନବବାଦର ଭିତ୍ତି ସ୍ଥାପନ କରିଥିଲେ"। ॥୨॥ ଯେପରି ଅନ୍ତଦୃଷ୍ଟି ବିନା କାର୍ଯ୍ୟକୁ ଲକ୍ଷ୍ୟହୀନ ଏବଂ ବର୍ବର ବୋଲି ଧରାଯାଉଥିଲା, ସେହିପରି କାର୍ଯ୍ୟ ବିନା ଅର୍ନ୍ତଦୃଷ୍ଟିକୁ ନିଷ୍କ୍ରିୟ ଏବଂ ଅପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଦୟା, କରୁଣା, ସମ୍ମାନ ଆଦି ଗୁଣଗୁଡିକ ମାନବବାଦର ଅର୍ନ୍ତଭୁକ୍ତ । ବାସ୍ତବବାଦୀ ସାମାଜିକ ସମାଲୋଚନା ୟୁଟୋପିଆନ୍ କଳ୍ପନା ଭବିଷ୍ୟତର ସମ୍ଭାବନାମୟ ଭାବର ତାତ୍ତ୍ୱିକ ଦିଗକୁ ଆଲୋଚ୍ୟ ମତବାଦର ପଥନିର୍ଦ୍ଦେଶ କରେ । ସମାଜ ଠାରୁ ବ୍ୟକ୍ତିକୁ ମୁକ୍ତ କରି ନୂତନ ଭାବଚେତନାକୁ ଉନ୍ମୋଚିତ କରିଥିଲେ । ମାନବବାଦ କାଳକ୍ରମେ ମାନବବାଦୀ ଚେତନା ଉଦାରବାଦୀ ରାଜନୈତିକ ଦଳ ମାନଙ୍କଦ୍ୱାରା ଏକ ପ୍ରଧାନ ଅସ୍ତ୍ର ଭାବେ ଜନସାଧରଣଙ୍କର ମନରେ ଏକ ଅପୂର୍ବ ମୁକ୍ତ ମଳୟର ଆଭାସ ଦେଇଥିଲା । ମନୁଷ୍ୟକୁ କେବଳ ମନୁଷ୍ୟଭାବେ ବିଚାର କରେ । ମାନବ କୈନ୍ଦ୍ରିକ ଭାବ ଦର୍ଶନ କେବଳ ନୁହେଁ,ଏହା ମାନବର ଦୈବୀଗୁଣ ପ୍ରକାଶ ପାଇଁ ପ୍ରେରିତ କରୁଥିବା ବାଦ ଭାବେ ସର୍ବଜନ ବିବେଚିତ । "Humanism" ଶବ୍ଦର ମୂଳ ଇଟାଲୀୟ ଶବ୍ଦ "ହୁଉମାନିଷ୍ଟାଜ"୍ ଯାହାର ଅର୍ଥ ସଭ୍ୟ ମନୁଷ୍ୟର ପ୍ରକୃତ ଜ୍ଞାନ ଏହା ସମାଜ ଶାସ୍ତ୍ର, ନୃତତ୍ତ୍ୱ, ସାହିତ୍ୟ, କଳା ଆଦିରେ ବହୁଳ ଭାବରେ ପ୍ରତିଫଳିତ । ମାନବବାଦକୁ ନେଇ ଦ୍ୱିତୀୟ ବିଶ୍ୱଯୁଦ୍ଧଉାନେ ପୃଥିବୀରେ ଏକ ନୂତନ ସଚେତନତା ସୃଷ୍ଟି ହେଲା । ଶାନ୍ତି ପାଇଁ ବ୍ୟାକୁଳତା ମାନବିକ ଅଧିକାର କୁପ୍ରାଧାନ୍ୟ ଦେଲା । "ମାନବିକ ଅଧିକାରକୁ ଘୋଷଣାନାମା ଏହାକୁ ଅଧିକ ସଶକ୍ତ କଲା । ମାନବିକ ଅଧିକାର କୈନ୍ଦ୍ରିକ ପ୍ୟାରିସ୍ ଘୋଷଣାନାମା ୧୯୪୮, ଯାହା ଜାତିସଙ୍ଘ ସାଧାରଣ ପରିଷଦ ଦ୍ୱାରା ଗୃହୀତ ହେଲା" । ॥୩ ॥ ପ୍ରାଚୀନ କାଳରେ ମାନବ ସମାଜରେ ମାନବିକ ଗୁଣ ପ୍ରତି ସ୍ୱାଭାବିକ ଭାବରେ ସଚେତନତା ନଥିଲା । କାଳକ୍ରମେ ସଭ୍ୟ ସମାଜରେ ମାନବିକ ଅଧିକାର ପ୍ରତି ଏକ ସଚେତନ ପରିବେଶ ସୃଷ୍ଟି ହେଲା । ଏହି ମାନବବାଦ ୟୁରୋପୀୟ ଦାର୍ଶନିକମାନଙ୍କ ଦ୍ୱାରା ଏକ ସୃଷ୍ଟୁ ତତ୍ତ୍ୱ ଭାବେ ପ୍ରତିଷ୍ଠିତ ହେଲା । ବିଶେଷ ଭାବରେ ଦାର୍ଶନିକ ଜନ୍ ଲକ୍, ଫ୍ରାନ୍‌ସିସ୍ ହଟ୍‌ସନ, ଥୋମାସ ପେନ୍, ଜନ୍ ଷ୍ଟୁଆର୍ଟ୍ ମିଲ୍ ଓ ଜର୍ମାନ ଦାର୍ଶନିକ ହେଗେଲ୍ ଆଦିଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

ମାନବ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଦ୍ୱାରା ଜୀବଜଗତର ଅନ୍ୟପ୍ରାଣୀଠାରୁ ଶ୍ରେଷ୍ଠ । ମାନବର ମୌଳିକ ନୀତି ଆଦର୍ଶବାଦରେ ରହିଛି । ଆଲୋଚ୍ୟ ପ୍ରବନ୍ଧ ପରିପ୍ରେକ୍ଷୀରେ କବି ଭୀମଭୋଇଙ୍କ ମାନବବାଦୀ ଦୃଷ୍ଟିକୋଣ ନିମ୍ନରେ ଆଲୋଚିତ । କବିଙ୍କ ଗ୍ରନ୍ଥରେ ଛତ୍ରେ ଛତ୍ରେ ମାନବବାଦୀ ଚେତନା ପୁଷ୍କଳିତ ହୋଇଉଠିଛି , ଯଥା-

"ଏକ ଖଣ୍ଡ ହାଡ ବୁନ୍ଦାଏ ରୁଧିର ଫୁଟାଏ ମାଉଁସ ଜାଣଇ
ତେଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ନପାରଇ ମୁହିଁ
ଏକା ଖଡଗରେ ଦଶପାଞ୍ଚ ମୁଣ୍ଡ ଛିଣ୍ଡାଇ ଭାରତ ଯୁଦ୍ଧେ
ଆରକେ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ"

(ସ୍ତୁତିଚିନ୍ତାମଣୀ, ୧୭ବୋଲି ପୃ-୬୭୭)

କରୁଣାଭାବ, ଦୟାପୂର୍ଣ୍ଣ ଆତ୍ମୋତ୍ସର୍ଗ ଜନିତ ରସସିକ୍ତ ଆବେଗରେ ମାନବବାଦୀ ଦୃଷ୍ଟିଭଙ୍ଗୀ ପୂର୍ଣ୍ଣ ବିକାଶ ହେବାସହ ତାର ପ୍ରକୃଷ୍ଟ ନିଦର୍ଶନ ମିଳେ କବିଙ୍କ ଉପରୋକ୍ତ ପଂକ୍ତିରୁ ।

## ପ୍ରକୃତିବାଦ (Naturailsm) :

ପ୍ରକୃତିବାଦୀ ଚେତନା ଏକ ପ୍ରକୃତିମୂଳକ ଭାବଚେତନା । ପ୍ରକୃତି କେନ୍ଦ୍ରିକ ବାଦଟି ସମୟର ବିବର୍ତ୍ତନରେ ବିଦ୍ୱାନ ମାନଙ୍କ ଦ୍ୱାରା ଅନୁସୃତ ହେଲା । 'ପ୍ରକୃତିକୁ ପ୍ରର୍ତ୍ୟାବର୍ତ୍ତନ' ଉକ୍ତିଟି ଆଲୋଚ୍ୟ ବାଦର ଏକ ପ୍ରସିଦ୍ଧ ଉକ୍ତି । "ଓ୍ୱିଇ ହକିଙ୍ଗ୍‌ଙ୍କ ମତରେ "ପ୍ରକୃତି ହିଁ ସାମଗ୍ରିକ ବାସ୍ତବତା ।" ସବୁକିଛି ପ୍ରକୃତିରୁ ଆନୀତ ଏବଂ ସବୁ କିଛି ପ୍ରକୃତିରେ ବିଲୟ ହୋଇଥାଏ"। (୪)ସ୍ରଷ୍ଟାଙ୍କ ଦ୍ୱାରା ନିର୍ମିତ ବୈଚିତ୍ର୍ୟମୟ ସୃଷ୍ଟି ; ପ୍ରକୃତିର ଅପରୂପ ପ୍ରଚ୍ଛଦପଟ ଭାବେ ଆମ ସମ୍ମୁଖରେ ପ୍ରତିଭାତ । କାଳେ କାଳେ ପ୍ରକୃତି କାବ୍ୟସ୍ରଷ୍ଟା ,ସାହିତ୍ୟିକ,ଚିତ୍ରଶିଳ୍ପୀ ଓ ସ୍ଥପତିମାନଙ୍କୁ ପ୍ରେରିତ କରିଛି । ନୂତନ ସୃଷ୍ଟି କରିବା ପାଇଁ କବି ଭୀମଭୋଇ ଯେହେତୁ ଲୋକସମାଜର ବ୍ୟକ୍ତି ବିଶେଷ ତେଣୁ ପ୍ରକୃତି ତାଙ୍କୁ କାବ୍ୟ ରଚନା ପାଇଁ ସ୍ୱାଭାବିକ ଭାବେ ପ୍ରେରଣା ଦେଇଛି । କୋଇଲିର କୁହୁତାନ ,ଝରଣାର ନିନାଦିତ ସ୍ୱରରାଗିଣୀ, ଜାଙ୍ଗଲିକ ସୁଷମା, ବନ୍ୟ ପକ୍ଷୀଙ୍କ କାକଳି ଆଦି ଭୀମଭୋଇଙ୍କ ସ୍ରଷ୍ଟା ମାନସକୁ ରସପ୍ରାଣ ଓ ଗୀତିମୟ କରି ଗଢି ତୋଳିଛି । ସାମାଜିକ ବିବରଣୀର ବାସ୍ତବ ପରିପ୍ରକାଶ ସ୍ୱତଃ କବିଙ୍କ ରଚନାରେ ଉତ୍‌କୀର୍ଣ୍ଣ । କବିଙ୍କ ଭାଷାରେ –

"ପରଦାରା କର୍ମ ନ କରନ୍ତୁ କେହି ଯେତେ ଏ ଧର୍ମେ ଆଶ୍ରିତ ,
ଯୋଡି ଛାମୁରେ ମାଗୁଛି ଦୟାହେଉ ହେ ଅଚ୍ୟୁତ ,
ଏ ଧର୍ମେ ପଶିଲେ ପରଦ୍ରବ୍ୟମାନ ଚୋରି ନକରିବା ଚଳେ ,
ଅବଶ୍ୟ ତାହାକୁ ଧର୍ମ ଦୁଆରରେ ଦଣ୍ଡ ହୁଏ ତିନିକାଳେ ।
କୌଣସି ଠାବରେ ସତ୍ୟ ଧର୍ମନାହିଁ ଆକାଶେ ଗଲାଣି ଉଠି,
ଧର୍ମହୀନ ହୋଇଲାଣି ଏ ସଂସାର ଜାତ ହେଲାଣି ଅରଷ୍ଟି ।
ଠାବ ଠାବରେ ଅନର୍ଥ ହୋଇଲାଣି ଜୀବଠାରେ ଜୀବହିଂସା ।
କ୍ଷୋଳ ବିଶ୍ୱରୁ ଅଧିକ ବଢିଲାଣି ହେଲାଣି ସତର ବିଶ୍ୱା"

(ଭୀମଭୋଇ ଗ୍ରନ୍ଥାବଳୀ (ପୃ-୭୨୨)

ପିତାମାତା ସଙ୍ଗ ସାଥି ବାଡି ବୃତି ଛାଡି ମୁଁ କଲି ଭରସା,
ପ୍ରଭୁ ପ୍ରଭୁ  ବୋଲି ନିରନ୍ତରେ ଭାଳି ଏକାକ୍ଷର ପାଦେ ଆଶା

ବୀରକିଶୋର ଗ୍ରନ୍ଥାବଳୀ

"କାହାରିଠାରୁ ଠକି ଭଣ୍ଡି ଖାଇବାବିଚାର ହୃଦେ ନ ପଶେ,
ଛପନା କୋଟିଏ ଯେତେ ଜୀବଛନ୍ତି ମୋର ଆତ୍ମା ପ୍ରାୟେ ଦିଶେ"

ସ୍ତୁତିଚିନ୍ତାମଣୀ ୬୨ ବୋଲି, ପୃ-୭୨୯

"ଲିଙ୍ଗ ଚକ୍ର ପାପ ଯେତେ ହୋଇଥିଲା ଗୁରୁଦେବ କ୍ଷମାକଲେ
ପଶୁହରଣ ବେଶ୍ୟା ଯୋନିରେ ନ ବୀଜ ପଡିବେ ତିନିକାଳେ ।
ଏ ଜିହ୍ୱାରେ ଆଉ ଅସତ୍ୟ  ବଚନ ନଚଳୁ ବାବୁ ।
ଜନ୍ମ ଜନ୍ମାନ୍ତର ମିଥ୍ୟା ନ କହିବି ରଖିଥିବା କରିସଛା ।(ପୃ-୬୨୭)

ଉପରୋକ୍ତ ପଦଗୁଡିକ ପ୍ରକୃତିବାଦୀ ଚେତନାର ବିଭିନ୍ନ ବିଭାବ ଯଥା-ବାସ୍ତବ ବାଦୀ ଦୃଷ୍ଟି ଭଙ୍ଗୀ,ଲକ୍ଷ୍ୟ କୈନ୍ଦ୍ରିକ ପର୍ଯ୍ୟବେକ୍ଷଣ ଓ ସାମାଜିକ ବିବରଣୀମୂକ ଉପସ୍ଥାପନ  ଆଦିର ଯଥାର୍ଥ କାବ୍ୟିକ ପରିପ୍ରକାଶ । ଯାହା କିଛି ମନୁଷ୍ୟକୁ ସାମାଜିକ ସଭ୍ୟପ୍ରାଣୀ ଭାବେ ପ୍ରତିଷ୍ଠିତ କରାଇଛି  । ସାମାଜିକ ବିସଂଗତି ସମାଜକୁ ବହୁଧା ବିଭକ୍ତ କରିପାରେ । ତେଣୁ କବି ଏ ନେଇ ସମାଜକୁ ସତର୍କ ବାର୍ତ୍ତା ଦେଇଛନ୍ତି । ତାଙ୍କ ରଚନାବଳୀ ମାଧ୍ୟମରେ ଲକ୍ଷ୍ୟ କୈନ୍ଦ୍ରିକ ପର୍ଯ୍ୟବେକ୍ଷଣଦ୍ୱାରା ସୁସ୍ଥ ସମାଜ ଗଠନ ପାଇଁ କବିଙ୍କ ଦାୟବଦ୍ଧତା ପରିଦୃଷ୍ଟ । ସମାଜରେ ଘଟୁଥିବା ନାନା କ୍ରିୟାର ଆଲେଖ୍ୟ କବିଙ୍କ କାବ୍ୟକାରିତାରେ ପରିପ୍ରକାଶ ହୋଇଛି । କବି ବର୍ତ୍ତମାନର ଦର୍ଶକ, ଅତୀତର ଛାତ୍ର ଏବଂ ଭବିଷ୍ୟତର ମାର୍ଗ ଦର୍ଶକ ; ଭୀମଭୋଇ ତାଙ୍କ ସାହିତ୍ୟରେ ଏକାଧାରାରେ ଛାତ୍ର , ଦର୍ଶକ ଓ ମାର୍ଗଦର୍ଶକର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ।

## ଦଳିତ ଚେତନା :

ଇତିହାସର ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ଭାରତ ରେ ଜାତି ,ଶ୍ରେଣୀ, ଲିଙ୍ଗ ଆଦିକୁ ଭିତ୍ତି କରି ଭାରତରେ ଅବାଧ ସ୍ୱାଧୀନତା , ମୁକ୍ତ ବିଚାର ଆଦି ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ ପ୍ରତିବନ୍ଧିତ ଥିଲା । ଦଳିତ ଏକି ଜନଗୋଷ୍ଠୀ ଯେଉଁମାନେ ଅର୍ଥନୈତିକ ଓ ସାମାଜିକ ପ୍ରବିଧି ଦ୍ୱାରା ଶତାବ୍ଦୀ ଶତାବ୍ଦୀ ଧରି ଶୋଷିତ ଓ ବଞ୍ଚିତ ହୋଇଥାନ୍ତି । ସମାଜର ବଡପଣ୍ଡାମାନଙ୍କ ଦ୍ୱାରା ଯେଉଁମାନେ ଅବାଞ୍ଛିତ ଓ ଅସ୍ପୃଶ୍ୟ ଭାବେ କଥିତ । "ସବୁ କାଳରେ ସେମାନେ ବୁର୍ଜୁଆମାନଙ୍କର ସ୍ୱାର୍ଥର ଶିକାର ହୋଇଆସିଛନ୍ତି । ଫଳତଃ ସେମାନଙ୍କୁ ଆୟୁଧ କରି ଶକ୍ତିଶାଳୀ ଶାସକ ଗୋଷ୍ଠୀ ସ୍ୱାର୍ଥ ହାସଲ କରି ସାରିବା ପରେ ମଧ୍ୟ ସେମାନେ ନିଜ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପାଇଁ ବ୍ୟଗ୍ରତା ପ୍ରକାଶ କରନ୍ତି ନାହିଁ ।" (୫)

ସାମାଜିକ, ସାଂସ୍କୃତିକ ଭାବ ବିବର୍ତ୍ତନରେ ଦଳିତ ଶବ୍ଦର ଅର୍ଥସଂପ୍ରସାରିତ ହୋଇ ଜନଜାତି ,ନୂତନ ବୌଦ୍ଧଧର୍ମାବଲମ୍ବୀ, ଶ୍ରମିକ, ନାରୀ, ଦରିଦ୍ର ନାମମାତ୍ର କୃଷକ ତଥା ରାଜନୈତିକ, ଆର୍ଥନୈତିକ ଏବଂ ଧର୍ମ ନାମରେ ଶୋଷିତ ଏ ସମସ୍ତ ଦଳିତ ଶବ୍ଦର ଅଙ୍ଗୀଭୂତ । କବି ଭୀମଭୋଇ ସାମାଜିକ ବ୍ୟବସ୍ଥାର ସର୍ବନିମ୍ନ ସ୍ତରରେ ଥିବା ଜନଗୋଷ୍ଠୀର ପ୍ରତିନିଧିତ୍ୱ କରନ୍ତି । କବିଙ୍କ ରଚନାରେ ଅବଲୀଳାକ୍ରମେ 'ଦଳିତଚେତନା' ସ୍ୱାଭାବିକ ଭାବେ ପ୍ରତିଫଳିତ । କବିଙ୍କ ମହିମା ଧର୍ମ

ପ୍ରଚାର ପ୍ରଚଳିତ ଜାତି ବ୍ୟବସ୍ଥା, ରାଜନୈତିକ ସ୍ୱୈରଚାରିତା, ମୁଷ୍ଟିମେୟ ସବର୍ଣ୍ଣଙ୍କ ଅପ୍ରତିହତ ପ୍ରଭାବ ଆଦିକୁ ଏକ ସଶକ୍ତି ପ୍ରତିବାଦ ଥିଲା ଦଳିତଚେତନାର ନାନା ଉପାଦାନକୁ ପ୍ରସଙ୍ଗକ୍ରମେ ଏଠାରେ ଆଲୋଚନା କରାଯିବ ।

**(କ) ସାମାଜିକ ଓ ରାଜନୈତିକ ବାଖ୍ୟାନ(Social and political commentary):** କବି ସାମାଜିକ ଓ ରାଜନୈତିକ ବାଖ୍ୟାକାର ହୋଇ ଦଳିତଚେତନାକୁ ତାଙ୍କ ଲେଖନୀ ମାଧ୍ୟମରେ ପ୍ରଖର କରିଛନ୍ତି । ଦଳିତଗୋଷ୍ଠୀଙ୍କ ଜୀବନଚର୍ଯ୍ୟା,ବ୍ୟକ୍ତିଗତ ଆବେଗ ଓ ସାମାଜିକ ସ୍ୱାଚ୍ଛନ୍ଦ୍ୟ ଆଦି କବିଙ୍କ ରଚନାରେ ପ୍ରତିଫଳିତ ସାମଜିକ କ୍ରିୟାକର୍ମାଣୀ, ପାରମ୍ପରିକ ବିଶ୍ୱାସବୋଧରେ ପରିଦୃଷ୍ଟ ବୈଷମ୍ୟକୁ କବି ତୀବ୍ର ବିରୋଧ କରିଛନ୍ତି । ଯଥା–

"ଏଣୁ କରି ତୁମ୍ଭେ ମହିମା ଭଜାଙ୍କୁ ସୁଖ ପାଅ ନାହିଁ କେହି
ଯହିଁ ଦେଖ ତହିଁ ନିନ୍ଦାକର ହୋନ୍ତୁ ବେଦବାକ୍ୟ ଦ୍ରୋହୀ ,
ବ୍ରହ୍ମାଗଣ ବ୍ରହ୍ମାଣ୍ଡ ରେ ପୁରି ରହିଛନ୍ତି ବ୍ରାହ୍ମଣ ସ୍ୱରୂପ ହୋଇ ,
ବ୍ରହ୍ମ ଚଣ୍ଡାଳ ସମସ୍ତେ ହୋଇଗଲେ ଜନମ ତ ଗଲା ବହି"

(ଭୀମଭୋଇ ଗ୍ରନ୍ଥାବଳୀ ପୃ-୭୧୫)

"ନବଖଣ୍ଡ ମେଦିନୀରୁ ଚାରିଧର୍ମ ଉଠିଲେଣି ଆକାଶକୁ
ବହୁତ ଅନ୍ୟାୟ ଦେଖି ବ୍ରହ୍ମାଣ୍ଡର ଚାହିଁ ପାତକ ଭାରାକୁ,
ଯହିଁ ଥିଲେ ଯେତେ ଦେବାଦେବୀଗଣ ଶୂନ୍ୟକୁ ଗଲେଣି ଉଠି,
କାହାରି ହସ୍ତେ ନ ଖାଇବାକୁ ପୂଜା ଅକର୍ମ ଦେଖି ଏ ସୃଷ୍ଟି ।"

ପୃ-୭୭୮

**(ଖ) ଜାତିପ୍ରଥାର ନିନ୍ଦା (Caste Critique):** ଭାରତୀୟ ସମାଜର ଭୂମିରେ ସୁଗଭୀର ପର୍ଯ୍ୟନ୍ତ ଜାତିପ୍ରାଥାର ଚେର ପ୍ରସାରିତ ହୋଇଛି । ତେଣୁ ତାହାର ମୂଳୋତ୍ପାଟନ କରିବା ସହଜସାଧ୍ୟ ନୁହେଁ । ମାତ୍ର ଭୀମକର୍ମା ଦଳିତ କବିମାନେ ଏହାର ତୀବ୍ର ବିରୋଧ କରିଛନ୍ତି । ସେହି କବିମାନେ ହେଉଛନ୍ତି ଯଥାକ୍ରମେ-କବୀର, ନାନକ,ରବିଦାସ ଓ ଅଚ୍ୟୁତାନନ୍ଦ ପ୍ରଭୃତି । କବିଭୀମଭୋଇ ଯଥାର୍ଥରେ ଦଳିତ ଓ ଶୋଷିତଙ୍କ ସ୍ୱରଭାବେ ପୂର୍ବସୂରୀଙ୍କ ପଦାଙ୍କ ଅନୁସରଣ କରିଛନ୍ତି । କବି ଗାଇ ଉଠିଛନ୍ତି –

"ଛତିଶ କୁଳ ଯେ ବାଉନ ପାଟକ ଜାତି ବୋଲା ଯାଏ ନାହିଁ ,
ପାଣିରୁ ଅନ୍ତର ପାଟକ ସିନା ଏହୁ ସୁପଣ୍ଡିତ କର ନ୍ୟାଏ ।"
"ବେଶ ଭୂଷଣ ବୟସ ଦ୍ରବ୍ୟମାନ ଭଲ ମନ୍ଦ ଆଦି ଯେତେ
କଳା ଗୋରା ରଙ୍ଗ ପିଙ୍ଗଳ ଶାମ୍ୟଳ ଦେଖୁଅଛି ନେତ୍ରପଥେ ।
ଏ ପାତକମାନ ନେତ୍ରେ ଘୋଟିଅଛି କୁହୁଡି ଜାଲ ପରାଏ ,
ବ୍ରହ୍ମଧ୍ୱନିରେ ଝସାଇ କ୍ଷମାକର ଅଣାକାର ବ୍ରହ୍ମମଏ ,
ପ୍ରାତଃରୁ ଯେସନ ଶିଶିର କୁହୁଡି ଆକାଶରେ ଥାଇ ଘୋଟି
ଅରୁଣ ତରାସ ପଡିଲେ ସେ ଯେହ୍ନେ ଚଉଦିଗ ଯାଏ ଫିଟି
ସେହିପରି ମୋର ବେନି ନେତ୍ରେ ପାପ କୁହୁଡି ପ୍ରାଏ ଘୋଟିଛି"

ସ୍ତୁତିଚିନ୍ତାମଣୀ, ଏକସ୍ତରୀ ବୋଲି (ପୃ-୭୪୨/୪୩)

**(ଗ) ସ୍ୱଜୀବନର ଗାଥା ଓ ବ୍ୟଥା (Autobiographical and Testimonial) :** ଦଳିତ କବି ତାଙ୍କ ବଞ୍ଚିତ ଓ ନିଷ୍ପେସିତ ଜୀବନ ଗାଥାକୁ ତାଙ୍କ ରଚନାରେ କରନ୍ତି ସ୍ୱନିତ । ଏହା ତାଙ୍କୁ ଦଳିତ ସମାଜ ମଧ୍ୟରେ ନବଜାଗରଣ ଓ ସାମାଜିକ ସହଯୋଗ ପ୍ରାପ୍ତିରେ ହୁଏ ସହାୟକ । ଓଡିଆ ସାହିତ୍ୟରେ ଦଳିତମାନଙ୍କ ଦୁରାବସ୍ଥାର ପ୍ରାଣସ୍ପର୍ଶି ଚିତ୍ରଣ ସାଲବେଗଙ୍କ ଠାରୁ ଆରମ୍ଭ କରି ଭୀମଭୋଇଙ୍କ ପର୍ଯ୍ୟନ୍ତ ପ୍ରମୁଖ କବିମାନଙ୍କ ଲେଖନୀରେ ଜାଜ୍ୱଲ୍ୟମାନ । ଦଳିତ କବିମାନଙ୍କର ସାମାଜିକ ଜୀବନରେ ସମ୍ମୁଖୀନ ହେଉଥିବା ନାନା ଅବିଚାର, ବିଭେଦ ଓ ପ୍ରତିବନ୍ଧକ ସ୍ୱରଚନାବଳୀରେ ରୂପାୟିତ । ସାମାଜିକ ଆପାଙ୍କ୍ତେୟତାର ଜ୍ୱଳନ୍ତ ଲାର୍ଭାରୁ ଦଳିତ ସ୍ରଷ୍ଟାମାନେ ସ୍ୱପ୍ରତିଭା ଓ କର୍ମନିଷ୍ଠତା ବଳରେ ସମାଜରେ ପ୍ରତିଷ୍ଠିତ ହୁଅନ୍ତି । ଏହାର ନିଦର୍ଶନ ଆଲୋଚ୍ୟ କବି ଭୀମଭୋଇଙ୍କ ଜୀବନୀରୁ ପ୍ରାପ୍ତ ହୁଏ । ସେଥିପାଇଁ କବି କହନ୍ତି –

"ଗର୍ଭଧାରୀ ପିତା,ଛାଡିଗଲେ ମୋତେ ଜନ୍ମରୁ ନିଶାଖା ହୋଇ
ସୁସ୍ଥେ ଭୋଜନ ସୁଖେଭୋଗ ବାଞ୍ଛଲେ କାହିଁରୁ ପାଇବି ମୁହିଁ ।
XXXX XXXXX XXXXX XXXXX
ବାର ବରଷରୁ ବଛାଙ୍କ ସଙ୍ଗେଁତେ ବନେ ବୁଲି ଦିନ ଗଲା
ଆଗ ପଛ କଥା ହୃଦୟରେ ଚିନ୍ତା ପଡି ପୁଣିପୁଣି ଆସି
ଶୋକ ସନ୍ତାପରେ ରୋଦନ କରଇ ବୃକ୍ଷ ଛାୟାମୂଳେ ବସି ।
XXXX XXXXX XXXXX XXXXX
ବଛା ଗଲେ ଚରି ପଛେ ଅନୁସରି ବୁଲୁଥାଇ ସଙ୍ଗେ ସଙ୍ଗେ
କହେ ଭୀମଭୋଇଙ୍କ ପୂର୍ବକାଳ କଥାକଚାଡି ହେଉଛି ପିଣ୍ଡେ"

ପୃ-୬୬୮

କବିଙ୍କ ଯନ୍ତ୍ରଣା ଜର୍ଜରିତ ଜୀବନର ଗାଥା ଉପରୋକ୍ତ ପଂକ୍ତିରେ ବର୍ଣ୍ଣିତ । ବାଲ୍ୟକାଳରୁ ଭୀମଭୋଇ ପିତୃମାତୃ ସ୍ନେହରୁ ବଞ୍ଚିତ ହୋଇ କାଙ୍କଣପଡା ଗୌନ୍ତିଆ ଚୈତନ୍ୟ ପ୍ରଧାନଙ୍କ ଘରେ କୋଠିଆ ଭାବରେ ବାଛୁରୀ ଚରାଇବା ଓ କୃଷି ଶ୍ରମିକ ଭାବରେ ବାର ବର୍ଷରୁ ଶିଶୁଶ୍ରମିକ ଭାବରେ ନିଜର ଉଦର ପୋଷଣ କରୁଥିଲେ । ବାଲ୍ୟକାଳର ସମସ୍ତ ବାଲ୍ୟସୁଲଭ ଚପଳତା ଶୂନ୍ୟ ଶିଶୁ ଭାବେ ସେ ହୋଇଥିଲେ

ଦାୟିତ୍ୱନିଷ୍ଠ । ଭୀମଭୋଇ ସମୟକ୍ରମେ ମହିମା ସ୍ୱାମୀଙ୍କ ସହିତ ସାକ୍ଷାତ ତାଙ୍କ ଲକ୍ଷ୍ୟହୀନ ଜୀବନ ତରୀକୁ ପ୍ରଶସ୍ତ ପୋତାଶ୍ରୟର ମାର୍ଗକୁ ପ୍ରଦର୍ଶିତ କରିଥିଲେ ।

**(ଘ)ଲୋକଭାଷାର ପ୍ରୟୋଗ (Use of Vernacular Language ) :** ଦଳିତ ସାହିତ୍ୟିକମାନେ ଲୋକସମାଜର ପ୍ରବକ୍ତା । ତେଣୁ ସ୍ୱଭାବିକ ଭାବେ ତାଙ୍କ ରଚନାରେ ଲୋକ ଭାଷାର ପ୍ରୟୋଗ ହୁଏ । ଲୋକଭାଷାର ସାହିତ୍ୟ ହିଁ ସାଧାରଣ ଦଳିତ ସମାଜର ଅନ୍ତଃକରଣକୁ ପ୍ରଚୋଦିତ କରିବାରେ ସହାୟକ ହୋଇଥାଏ । ତେଣୁ ଭୀମଭୋଇ ଦଳିତ କବିଭାବେ ଲୋକଭାଷାର ବିପୁଳ ପ୍ରୟୋଗ ସ୍ୱସାହିତ୍ୟରେ କରିଛନ୍ତି । ନିମ୍ନୋକ୍ତ ପଂକ୍ତିରେ ରୂପାୟିତ ଯଥା-

"ପ୍ରସାରନ୍ତେ ଅନଂଟି ତୋଳିଦେଲେ ବାନଂଟି ପାଇଲେ ସାରିଆ ପଡ଼ି, ମୋ କର୍ମରେ ପୂର୍ବ ଅଧର୍ମରେ ଖୁଦ ମଲୁଖାଦି ଗୋଡ଼ି ।"(ପୃ-୬୭୩)

**ସୌନ୍ଦର୍ଯ୍ୟ ଚେତନା ବା ନନ୍ଦନ ତତ୍ତ୍ୱ :**

ଯାହାଦ୍ୱାରା କଳାର ସୌନ୍ଦର୍ଯ୍ୟ ପରିଶୀଳିତ ବା ଅନୁଶୀଳନ କରାଯାଏ ତାହାକୁ ଦର୍ଶନ ଶାସ୍ତ୍ର ସୌନ୍ଦର୍ଯ୍ୟ ଚେତନା ବା ନନ୍ଦନ ତତ୍ତ୍ୱ ଭାବେ ବିବେଚନା କରେ । ଯଦି କବିଙ୍କ କଳ୍ପନା ଗୋଟିଏ ମୁଦ୍ରା ହୁଏ, ତେବେ ସୌନ୍ଦର୍ଯ୍ୟ ଓ କଳା ତାହାର ଉଭୟ ପାର୍ଶ୍ୱ । ସୌନ୍ଦର୍ଯ୍ୟ ବୋଧ ପ୍ରତ୍ୟେକ କଳାକୃତିରେ ବ୍ୟବହୃତ, କିନ୍ତୁ ତାହାକୁ ଗ୍ରାହ୍ୟ କରିବା ନିମିତ୍ତ ପାଠକ, ଶ୍ରୋତା ଓ ଦ୍ରଷ୍ଟା ମଧ୍ୟରେ ରସପ୍ରାଣତା ନିତାନ୍ତ ଆବଶ୍ୟକୀୟ । ପ୍ରାଚ୍ୟ ବାଙ୍ମୟରେ ଭରତ,ଭାମହ,ଦଣ୍ଡୀ, ଆନନ୍ଦବର୍ଦ୍ଧନ ଓ କୁନ୍ତକ ପ୍ରଭୃତି ସାହିତ୍ୟଶାସ୍ତ୍ରୀ କଳା ମଧ୍ୟରେ ଆନ୍ତଃ ଓ ବାହ୍ୟଃ ସୌନ୍ଦର୍ଯ୍ୟବୋଧର ବ୍ୟାପକ ଭାବେ ବିଚାର ବିମର୍ଶ କରିଛନ୍ତି । ଭାରତୀୟ ସାହିତ୍ୟ ଶାସ୍ତ୍ରୀମାନେ ସ୍ୱରଚିତ ଗ୍ରନ୍ଥରେ ସୌନ୍ଦର୍ଯ୍ୟକୁ ଉଭୟ ଭାବ ଓ ଆଙ୍ଗିକ ଦୃଷ୍ଟିରୁ ଆଲୋଚନା କରିଛନ୍ତି । ସେହିପରି ପାଶ୍ଚାତ୍ୟ ସାହିତ୍ୟ ତତ୍‌ବିତ୍ ଯଥା – ପ୍ଲାଟୋ,ରିଚାର୍ଡସ୍ ଓ ପୋଲକ ଆଦି ସୌନ୍ଦର୍ଯ୍ୟକୁ ସାଧାରଣ ଅନୁଭୂତିର ଅନୁପୂରକ ବୋଲି ମତବ୍ୟକ୍ତ କରନ୍ତି ।

କୌଣସି ଗୋଟିଏ କଳାର ବିନ୍ୟାସ, ଉପସ୍ଥାପନାଶୈଳୀ ବାକ୍ୟ ତଥା ଶବ୍ଦ ପ୍ରୟୋଗର ସୌନ୍ଦର୍ଯ୍ୟାତ୍ମକ ଅନୁଶୀଳନ । ସେହି କଳାର ଉପଯୁକ୍ତ ମୂଲ୍ୟାୟନରେ ସହାୟକ ହୁଏ । "ସୌନ୍ଦର୍ଯ୍ୟ ପ୍ରକୃତିଠାରେ ରହିଛି,ରହିଛି ରହିଛି ମଧ୍ୟ ମଣିଷ ସୃଷ୍ଟି କରୁଥିବା କଳାରେ ଆମେ ସେହି ସୌନ୍ଦର୍ଯ୍ୟ ଉପଲବ୍ଧି କରୁ ଏବଂ ତହିଁରୁ ଏକ ପ୍ରକାର ଅହେତୁକ ଆନନ୍ଦ ଲାଭ କରୁ ।"(୬)

ସୌନ୍ଦର୍ଯ୍ୟ ସର୍ବଦା ବ୍ୟକ୍ତିନିଷ୍ଠ । କାରଣ ମଣିଷ ମାତ୍ରକେ ରୁଚି ଭିନ୍ନ । ଦିଗନ୍ତ ବିସ୍ତାରୀ ସାଗରର ଜଳରାଶି ମନରେ ଉଭୟ ; ଭୟ ଓ ଆଶ୍ଚର୍ଯ୍ୟର ଯୁଗପତ୍ ଭାବର ଉଦ୍ରେକ କରାଇପାରେ । ପ୍ରକୃତିର ଗୁରୁଗମ୍ଭୀରରୂପ ସୌନ୍ଦର୍ଯ୍ୟ ଶାସ୍ତ୍ରରେ ଉଦାତ୍ତସୌନ୍ଦର୍ଯ୍ୟ ଭାବେ ଅଭିହିତ । ସୌନ୍ଦର୍ଯ୍ୟ ; କଳାର ଅନ୍ତର୍ନିହିତ ଗୁଣ । ଏହା ଉଭୟ କଳା ଓ ଗ୍ରାହକ ମଧ୍ୟରେ ସମାବିଷ୍ଟ । ସୌନ୍ଦର୍ଯ୍ୟ କଳାରେ ଥାଏ; ନା ଗ୍ରାହକ ମଧ୍ୟରେ ଥାଏ । ତାକୁ ନେଇ ଦାର୍ଶନିକମାନେ ଦ୍ୱିଧାବିଭକ୍ତ । କିନ୍ତୁ ଏହା ସ୍ୱୀକାର କରାଯାଇପାରେ କି ସୌନ୍ଦର୍ଯ୍ୟ ବା ନାନ୍ଦନିକତା ସାର୍ବଜନୀକ । ନାନ୍ଦନିକତାର ଆନନ୍ଦ ସ୍ୱାର୍ଥବିଜଡିତ ନୁହେଁ । ଏହା ଅନିର୍ବଚନୀୟ ଆନନ୍ଦର ସହ ସଂପୃକ୍ତ । ସାହିତ୍ୟିକ ଅର୍ନ୍ତଦୃଷ୍ଟି ଓ ସ୍ନିଗଧ ଅନୁଭବକୁ ଅନୁଶୀଳନ କରିବାରେ ନନ୍ଦନତତ୍ୱ ଏକ ଅପରିହାର୍ଯ୍ୟ ପ୍ରବିଧି । ଆଲୋଚ୍ୟ ଚେତନାର ନାନାବିଧ ପ୍ରବିଧି ଦୃଷ୍ଟିରୁ ସନ୍ଥକବି ଭୀମଭୋଇଙ୍କ ରଚନା ବଳୀକୁ ଅନୁଶୀଳନ କରାଯାଇପାରେ । ନନ୍ଦନତତ୍ତ୍ୱର ବିବିଧ ବିଭାବ ଯଥା-କଳାର ଗାଠନିକ ବିନ୍ୟାସ ଓ ସଂରଚନା , ଭାଷା ଓ ଶୈଳୀ, କଳାରେ ବ୍ୟବହୃତ ଚିତ୍ରକଳ୍ପ, ପ୍ରତୀକ, ଅଳଙ୍କାର ଓ ମିଥ୍ ଆଦିକୁ ମାନଦଣ୍ଡ ଭାବେ ନନ୍ଦନତାତ୍ତ୍ୱିକ ଆଲୋଚନା କରାଯିବ ।

**(କ) କଳାର ଗାଠନିକ ବିନ୍ୟାସ ଓ ସଂରଚନା :** କବିଭୀମ ଭୋଇଙ୍କୁ ଯଥାର୍ଥରେ ମଧ୍ୟଯୁଗ କାବ୍ୟଧାରାର ଶେଷ ଦୀପଶିଖା ଭାବେ ଅଭିହିତ କରାଯାଇଛି । ବୋଧହୁଏ ସନ୍ଥ ସାହିତ୍ୟ ର ସମ୍ବାଦଶୈଳୀ ଓ ତାତ୍ତ୍ୱିକ ବିଭାବ ସହିତ ରୀତିଯୁଗୀୟ ନମସ୍କ୍ରିୟା, ବସ୍ତୁନିର୍ଦ୍ଦେଶ, ସାଧୁସ୍ତୁତି ସମନ୍ୱୟ ପରିଦୃଷ୍ଟ ଆଲୋଚକ ବିଭୂତି ପଣ୍ଡା ଉପରୋକ୍ତ ବାକ୍ୟଗୁଡିକୁ ସମର୍ଥନ କରିକୁହନ୍ତି, "କବି ଭୀମଭୋଇ 'ବ୍ରହ୍ମନିରୂପଣଗୀତାରେ' ପ୍ରାଚୀନ କାବ୍ୟ ପରମ୍ପରା ଅନୁଯାୟୀ ନମସ୍କ୍ରିୟା,ବସ୍ତୁନିର୍ଦ୍ଦେଶ ସାଧୁସ୍ତୁତିର ବର୍ଣ୍ଣନା କରିଥିଲେ ମଧ୍ୟ ପ୍ରାଚୀନ କାବ୍ୟ ପରମ୍ପରା ଅନୁସାରେ ଏଥିରେ ଋତୁ ଚିତ୍ର,ନାୟକ,ନାୟିକା ବର୍ଣ୍ଣନା ଆଦୌ ସ୍ଥାନ ପାଇନାହିଁ। ବରଂ ପଞ୍ଚସଖା ଯୁଗରେ 'ଛତିଶ ଗୁପ୍ତ ଗୀତା', 'ଛୟାଳିଶ ପଟଳ', 'ବିଷ୍ଣୁଗର୍ଭ ପୁରାଣ' ଭଳି ଏହା ଧର୍ମ ସମ୍ବଳିତ। ପୁଣି ଭାଗବତର ଶୁକ-ପରୀକ୍ଷିତ ସମ୍ବାଦ ଭଳି ଏଥିରେ ନିରାକାର ଓ ଶ୍ରୀଗୁରୁ ଦେବଙ୍କ ଉକ୍ତି-ପ୍ରତ୍ୟୁକ୍ତି ମାଧ୍ୟମରେ କାବ୍ୟର ତତ୍ତ୍ୱ ପ୍ରଖ୍ୟାପିତ ହୋଇଛି"। (୭)

କବି ତାଙ୍କ ଦ୍ୱାରା ରଚିତ 'ଶ୍ରୁତିନିଷେଧ ଗୀତାରେ' ଗୋବିନ୍ଦ- 'ଅନାଦି ବ୍ରହ୍ମ',ଶ୍ରୀ ନିର୍ବେଦ ସାଧନାରେ 'ଅନାଦି-ଭୀମ', ବ୍ରହ୍ମନିରୂପଣ ଗୀତାରେ 'ଶ୍ରୀ ଗୁରୁଦେବ-ନିରାକାର'ଙ୍କ ମଧ୍ୟରେ ସମ୍ବାଦ ଶୈଳୀରେ ତାତ୍ତ୍ୱିକ ବାଖ୍ୟା ରୂପାୟିତ। ନିର୍ବେଦ ସାଧନାରେ କବିଙ୍କ ଦ୍ୱାରା ଇଷ୍ଟସ୍ତୁତି ମଧ୍ୟରେ ଜମ୍ବୁ ଦୀପ ମହୀ ଆଦିକୁ କରିଥିବା ସ୍ତୁତି ଅପୂର୍ବ ଓ ଚମତ୍କାରୀ ମନେହୁଏ । ଓଡିଆ ସାହିତ୍ୟ ଇତିହାସରେ ପ୍ରଥମ କବିଭାବେ ଚଉତିଶା ଭିନ୍ନ ରୂପ ପାଠକ ସମାଜର ସମ୍ମୁଖରେ ସେ ଉପସ୍ଥାପିତ କରିଥିଲେ। ତାହା ଥିଲା ଚଉତିଶାର ବିପରୀତଧର୍ମୀ ରଚନା। ତେଣୁ

ସମାଲୋଚକମାନେ ବିପରୀତ ଚଉତିଶା ବା ଉଲଟ ଚଉତିଶା ଭାବେ (ଆଲୋଚ୍ୟ କାବ୍ୟରୂପକୁ) ନାମିତ କରିଛନ୍ତି। ଚଉତିଶା ମଧୁଚକ୍ରରେ ସ୍ଥାନିତ 'କ୍ଷିତି ମଣ୍ଡଳେ ଦେହବହି', 'ଖତମ ହେଉଛି ଏକୋଇଶପୁର', 'ଖୋଲ ପୋଲ ନୁହନ୍ତି ନିଦାମୂର୍ତ୍ତି', 'କ୍ଷୀରସିନ୍ଧୁ ବାସୀଯେହି', କ୍ଷିତି ମଧ୍ୟେ ପାପଭାରା ଆଦି ଚଉତିଶା ଓଲଟ ଚଉତିଶାରୀତିରେ ରଚିତ। ପୁନଶ୍ଚ ଗୋଟିଏ ଗୋଟିଏ ଚଉତିଶାରେ ତିନୋଟି ବୃତ୍ତ ବା ଛନ୍ଦର ବ୍ୟବହାର କରିଛନ୍ତି। କବି ଭୀମଭୋଇ ପୂର୍ବବର୍ତ୍ତୀ ଓ ସମସାମୟିକ କବିମାନଙ୍କ ଦ୍ୱାରା ପ୍ରଭାବିତ।

କବି ଯଥାର୍ଥରେ ସନ୍ଥ କାରଣ ତାଙ୍କ ଗ୍ରନ୍ଥରାଜି ଧାର୍ମିକ ତତ୍ତ୍ୱ ଓ ଉପଦେଶବାଣୀ ଦ୍ୱାରା ଅନୁରଣିତ। ସେ ଏକାଧାରରେ କବି, ତାଙ୍କର ରଚନାରେ ନାନା ବୃତ୍ତର ବ୍ୟବହାର କଳ୍ପନା ବିଳାସତ ଓ ଗୀତିମୟତା ଆଦି ପରିଦୃଷ୍ଟ । ଭୀମ ଭୋଇ ପରଂପରାବାଦୀ ଥିଲେ। ତାଙ୍କ ଦ୍ୱାରା ରଚିତ ଗ୍ରନ୍ଥ ଯଥା 'ଶ୍ରୁତିନିଷେଧ ଗୀତା', ଭାଗବତ ବାଣୀ ବା ଗୁର୍ଜରୀ, ଛନ୍ଦ ଦ୍ୱାରା ରଚିତ। ଚତୁର୍ଦ୍ଦଶାକ୍ଷରୀ ମଙ୍ଗଳ, ବୃତ୍ତ୍ୱରେ 'ବ୍ରହ୍ମ ନିରୂପଣ ଗୀତା', ବଙ୍ଗଳାଶ୍ରୀ ବୃତରେ 'ସ୍ତୁତି ଚିନ୍ତାମଣୀ',ରାମକେରୀ, ବୃତ୍ତରେ ଚଉତିଶା ମଧୁଚକ୍ର ରଚିତ। ଉପରୋକ୍ତ ବୃତର ଗ୍ରନ୍ଥଗୁଡିକରେ ବ୍ୟବହାର ପୂର୍ବସୂରୀଙ୍କ ପ୍ରତି ଭୀମଙ୍କ ଅନୁରକ୍ତି ଏବଂ ପରମ୍ପରା ପ୍ରତି ସମ୍ମାନ ଭାବ ସ୍ପଷ୍ଟ ପରିଲକ୍ଷିତ। କବିଙ୍କ ରଚନାବଳୀରେ ଅନ୍ୟ ସନ୍ଥ କବିଙ୍କ ଦ୍ୱାରା ଗ୍ରଥିତ ପୌରାଣିକ ପ୍ରସଙ୍ଗ ଭୀମଭୋଇଙ୍କ ସାହିତ୍ୟରେ ସମାୟନ ଉପାଖ୍ୟାନ ଗୁଡିକ ଅନ୍ୟ ସନ୍ଥ କବିଙ୍କ ଦ୍ୱାରା ପ୍ରଭାବିତ। 'ସ୍ତୁତି ଚିନ୍ତାମଣୀ'ରେ ଦଶମ ବୋଲିର ଦଶାବତାର ବର୍ଣ୍ଣନା,ଷୋଡଶ,ସପ୍ତଦଶ ବୋଲିରେ ମହାଭାରତ ଓ ରାମାୟଣର ପୌରାଣିକ ଆଖ୍ୟାନ ଆଦିର ବର୍ଣ୍ଣନା ରହିଛି। ତତ୍ ସହିତ ଏକବିଂଶ ଓ ଦ୍ୱାବିଂଶ ବୋଲିରେ ସ୍ୱଜୀବନର କରୁଣ ସ୍ୱିକାରୋକ୍ତି ପୁନଶ୍ଚ ସେହି ଗ୍ରନ୍ଥର ଚର୍ତୁବିଂଶ ବୋଲିଠାରୁ ସପ୍ତବିଂଶ ବୋଲି ପର୍ଯ୍ୟନ୍ତ ଭବିଷ୍ୟତ ସୂଚକ ମାଳିକା ବର୍ଣ୍ଣନାରେ କବିଙ୍କ କବିତ୍ୱର ପରାକାଷ୍ଠା ପ୍ରତିପାଦିତ।

**(ଖ) ଅଳଙ୍କାରର ପ୍ରୟୋଗ:** କବି ଭୀମଭୋଇଙ୍କ ରଚନାବଳୀରେ ଅଳଙ୍କାରର ବ୍ୟବହାର ପ୍ରତୁଳ। ଭଜନ ଓ ଅନ୍ୟାନ୍ୟ ରଚନାଗୁଡିକୁ ରସଯୁକ୍ତ ଓ ଭାବାତ୍ମକ କରି ଗଢି ତୋଳିବାରେ ଅଳଙ୍କାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। କବି ତାଙ୍କ ରଚନାରେ ଉପମା ଅଳଙ୍କାରର ଅତି ନିଖୁଣ ପ୍ରୟୋଗ କରିଛନ୍ତି। ଯଥା-

"ପଥୁକୀ ଯେସନ ଜଳତୀରେ ବସି
ତରିବାକୁ ଦ୍ୱେବେଗ
ଅଗାଧ ସାଗର ପାରି ହୋଇଯିବି
କୈବ୍ରତ୍ତ ଆଣିଲେ ନାବ
ସେହି ରୂପେ ମୁହିଁ ଅଭୟ ପୟରେ
ପଦ୍ମପାଦେ କରିଠାବ"

(ସ୍ତୁତି ଚିନ୍ତାମଣୀ, ବୋଲି-୧୨)

କବିଙ୍କ ରଚନାକୁ ଶିଳ୍ପ ସୌନ୍ଦର୍ଯ୍ୟରେ ବିମଣ୍ଡିତ କରିବା ନିମନ୍ତେ କବି ଉତ୍ପ୍ରେକ୍ଷା ଅଳଙ୍କାରକୁ ବ୍ୟବହାର କରିଛନ୍ତି। କବିଙ୍କ ରଚନାରେ ନିମ୍ନୋକ୍ତ ଭାବରେ ଉତ୍ପ୍ରେକ୍ଷା ଅଳଙ୍କାର ରୂପାୟିତ।

" କି ଅବା ଚନ୍ଦ୍ରମାକୁ ରାହୁ ଗ୍ରାସିଲା
ଖଗକି ଧଇଲା ଫଣିର
କି ଅବା କ୍ଷୀରନୀର ପ୍ରୀତି ବଢିଲା
ଘୃତକି ପଡିଲା ଅଗ୍ନିର।
ଉଠିଲେ ହୁତାଶନ ପ୍ରଳୟକି ସେ
ଶୂନ୍ୟ ଆବୋରିଲା କୁହୁର
ସିନ୍ଧୁ ଗର୍ଜନ ପ୍ରାୟେ ମୁଖ ଚହଳ
ଅଙ୍ଗ ଫୁଟି ଶ୍ରମ ବାହାର" (ଚଉତିଶା ମଧୁଚକ୍ର)

**(ଗ) ପ୍ରତୀକ ଓ ମିଥ୍ ବ୍ୟବହାର:** କବି ଭୀମଭୋଇଙ୍କ କବିତ୍ୱର ସମୁଜ୍ୱଳ ରୂପଟି ତାଙ୍କ ରଚିତ ଭଜନମାଳା ଓ ଅନ୍ୟାନ୍ୟ ରଚନାବଳୀରୁ ମିଳେ। କବିଙ୍କ କଳ୍ପନା ବିଳାସତା,କବି ସୁଲଭ ଗୁଣ ତାଙ୍କ ଦ୍ୱାରା ପ୍ରୟୋଗ ପ୍ରତୀକରୁ ଅନୁମେୟ। ପ୍ରତୀକ ସମ୍ପୂର୍ଣ୍ଣ ବିବରଣୀ ପରିବର୍ତ୍ତେ , ଗୋଟିଏ ବସ୍ତୁ, ଶବ୍ଦ ଓ ସଂକେତ ମାଧ୍ୟମରେ ଭାବାତ୍ମକ ଅଭିବ୍ୟକ୍ତିକୁ ସଂପୂର୍ଣ୍ଣ ଉପସ୍ଥାପିତ କରିପାରେ। ଭୀମ ଭୋଇ ମଧ୍ୟ ତାଙ୍କ କାବ୍ୟ କବିତାରେ ମିଥ୍ ଓ ପ୍ରତୀକ ଆଦିର ବିପୁଳ ବ୍ୟବହାର କରିଥିବା ପରିଦୃଷ୍ଟ ହୁଏ। ଯଥା:-

"ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ
ପ୍ରତିଦିନ ତିନି ପୁରେ ହେଉଛନ୍ତି ବେଶ"
"ପଶ୍ଚିମର ନଇ ଚରିତ ଏଠାରେ ବହେ ତିନିଧାର ପୁରି
ପୂର୍ବ ଆଦି ଗିରି ଶୃଙ୍ଗ ଫୁଟି କରି ବହୁଛି ପବିତ୍ର ବାରି"

(ଭଜନମାଳା)ପୃ-୭୫୭

ଉଭୟ ଭଜନରେ କବି ଗୂଢ ପ୍ରତୀକର ପ୍ରୟୋଗ କରିଛନ୍ତି। ଧାର୍ମିକ ଗୁହ୍ୟ ତତ୍ତ୍ୱ ପରିବେଷିତ ଉଭୟ ଭଜନରେ ଶରୀର ରୂପକ ବଣରେ ଜୀବ ପରମ ରୂପକ ପୁଷ୍ପ ଅଛନ୍ତି। ଉଭୟ ସର୍ବଦା ଯିବା ଆସିବା କରୁଛନ୍ତି। ସେହିପରି ଶରୀର ମଧ୍ୟରେ ଥିବା ତିନୋଟି ମୁଖ୍ୟ ନାଡି ଯଥା ଇଡା,ପିଙ୍ଗଳା ଓ ଅବଧୂତିକାର ରୂପକ ଭାବରେ ତିନି ଧାର ପ୍ରବାହିତ ହେଉଥିବା ବର୍ଣ୍ଣନା ରହିଛି। ଶରୀର ରୂପକ ଉଚ୍ଚ ଭୂମି;

ଅଲେଖପୁରରୁ ପବିତ୍ର ବାରି ଉତ୍ସାରିତ । କବିଙ୍କ କବିତ୍ୱ ଏଠାରେ ଧାର୍ମିକ ତତ୍ତ୍ୱକୁ ଗୂଢ ତାତ୍ତ୍ୱିକ ଉପଲଖଣ୍ଡରେ ସ୍ୱଷ୍ଟ ବାରି ହେଉଛି ।

## ରହସ୍ୟବାଦୀ ଚେତନା :

କବି ଭୀମ ଭୋଇ ଜଣେ ରହସ୍ୟବାଦୀ କବି । ଏହି ଆଲୋଚକ ତାର ପ୍ରବନ୍ଧ 'ସନ୍ଥକବି ଭୀମ ଭୋଇଙ୍କ ବ୍ରହ୍ମ ନିରୂପଣ ଗୀତାରେ ରହସ୍ୟବାଦୀ ଚେତନା'ରେ ବିସ୍ତୃତ ଆଲୋଚନା କରିଛି । ଆଲୋଚ୍ୟ ପ୍ରବନ୍ଧରେ ରହସ୍ୟବାଦୀ ଚେତନା ସଂକ୍ଷେପରେ ଆଲୋଚନା କରି ପ୍ରବନ୍ଧକୁ ସମ୍ପୂର୍ଣ୍ଣ କରାଯିବ । ସବୁ ପ୍ରାଚୀନ-ମଧ୍ୟଯୁଗୀୟ ସନ୍ଥ କବିଙ୍କର ରଚନାବଳୀରେ ଅଳ୍ପ ବହୁତେ ଆଲୋଚ୍ୟ ପରିଦୃଷ୍ଟ । କବି ଭୀମଭୋଇଙ୍କ ରଚନାବଳୀରେ ମଧ ରହସ୍ୟବାଦୀ ଚେତନା ବଳିଷ୍ଠ ଭାବେ ରୂପାୟିତ । ଯାହା ପରମସତ୍ୟ ଏବଂ ଯଦି ତାହା ପ୍ରତ୍ୟକ୍ଷାନୁଭୂତି ସହ ବ୍ୟକ୍ତି ଚେତନାତ୍ମକ ଅଭିବ୍ୟକ୍ତିର ସମନ୍ୱୟ ହୋଇ ପାରିଲା ତେବେ ତାହାକୁ ରହସ୍ୟବାଦୀ ଚେତନା କୁହାଯାଏ । "ଯାହାକୁ ଅନୁଭବ କରାଯାଏ, ମାତ୍ର ବ୍ୟକ୍ତ କରାଯାଇ ପାରେନାହିଁ । ତେଣୁ ରହସ୍ୟ ତତ୍ତ୍ୱ ଯୁକ୍ତି ସିଦ୍ଧ ନୁହେଁ ମାତ୍ର ଅନୁଭବ୍ୟ ।"(୮) ରହସ୍ୟବାଦୀଚେତନାର ନାନା ବିଭବ ମଧ୍ୟରୁ ମହାଜାଗତିକ ଚେତନା ଓ କଳ୍ପନା ବିଳାସତାକୁ ଏଠାରେ ଆଲୋଚନା କରାଯିବ । କବି ଭୀମଭୋଇଙ୍କ ଚେତନା କଳ୍ପନାର ନୂତନ ଦିଗନ୍ତଙ୍କୁ ସ୍ୱରଚନାବଳୀରେ ସ୍ପର୍ଶ କରିଥିବା ସ୍ପଷ୍ଟଭାବେ ପ୍ରତିଭାତ ହୁଏ ।

କବି ଭୀମଭୋଇ ଚେତନା କଳ୍ପନାର ନୂତନ ଦିଗନ୍ତ ସ୍ପର୍ଶ କରିଛି । "ଅମୂର୍ତ୍ତ ଚେତନାକୁ ମୂର୍ତ୍ତିମନ୍ତ କରାଏ କଳ୍ପନା । ପ୍ରକୃତି ମଧ୍ୟରେ କବି ପରମ ସତ୍ତାଙ୍କୁ ଉପଲବ୍ଧି କରିପାରେ । କଳ୍ପନାର ଉତ୍ତରିତ ଭାବ ସମ୍ଭାଦକୁ ନୈସର୍ଗିକ ଚେତନା କବି ପରିପ୍ରକାଶ କରିପାରନ୍ତି ।"(୯) କଳ୍ପନା ସହ ଆଧ୍ୟାତ୍ମିକତାର ଏକାତ୍ମ ଭାବ ସନ୍ଥକବିଙ୍କ ରଚନାରେ ପ୍ରତୁଳ । କବି ଭୀମ ଭୋଇଙ୍କ ବର୍ଣ୍ଣନାରେ:-

"ରାମ ନାମ ପଦ ହୋଇଛନ୍ତି ଅଙ୍ଗରୋମ
ମାଳ ମାଳ ବ୍ରହ୍ମାଣ୍ଡ ହୋଇଛନ୍ତି ଅଙ୍ଗଲୋମ"
"ସାବିତ୍ରୀ ହୋଇଛନ୍ତି ଶ୍ରୀ ଅଙ୍ଗର ମଳି
ବ୍ରହ୍ମା ହୋଇଛନ୍ତି ତହିଁ ଚରଣର ଧୂଳି"

(ବ୍ରହ୍ମନିରୂପଣ ଗୀତା,ପୃ-୨୩୪)

ମହିମାଙ୍କ ଅଙ୍ଗର ଲୋମ ଭାବେ ରାମ ନାମ ପଦ ରହିଛି । ଅନନ୍ତ କୋଟି ବ୍ରହ୍ମାଣ୍ଡ ତାଙ୍କ ଲୋମ ବା ରୋମର ମାଳମାଳ ହୋଇ ଅବସ୍ଥାନ କରିଛନ୍ତି । ମହିମାଙ୍କ ଦେହର ମଳି ଦେବୀମାନେ ହୋଇ ରହିଛନ୍ତି ଅର୍ଥାତ୍ କବିଙ୍କ ଦ୍ୱାରା ମହିମାଙ୍କ ମହତ୍ତ୍ୱ ପ୍ରଚାରିତ । ବ୍ରହ୍ମା ଯେ ହିନ୍ଦୁ ପୌରାଣିକ ମତନୁଯାୟୀ ସୃଷ୍ଟିକର୍ତ୍ତା ସେ ମହିମା ଚରଣଙ୍କ ଧୂଳି ସଦୃଶ ଚରଣରେ ଲାଗିଛନ୍ତି । ଏହା ଭୀମଙ୍କ କଳ୍ପନା ବିଳାସତାର ଯଥାର୍ଥ ପ୍ରତିଲେଖ । ସେହିପରି ଭୀମ ତାଙ୍କ ରଚନାବଳୀରେ ମହାଜାଗତିକ ଚେତନାର ଊର୍ଦ୍ଧ୍ୱଗାମୀ ରୂପକୁ କରିଛନ୍ତି ରୂପାୟିତ । ସବୁଠାରେ ନିଜ ସ୍ଥିତିକୁ ଯାହା ଆବିଷ୍କାର କରିପାରେ, ତାହା ମହାଜାଗତିକ ଚେତନା ଭାବେ ଅଭିହିତ । ଉତ୍ତରିତ ଅନୁଭବର ସର୍ବୋଚ୍ଚ ସୋପାନକୁ ମହାଜାଗତିକ ଅନୁଭବ୍ୟ ଚେତନା କୁହାଯାଇପାରେ । ସବୁଠାରେ ନିଜ ସ୍ଥିତିକୁ ଆବିଷ୍କାର କରିବା ଏହି ଚେତନାରମୂଳ ଉଦ୍ଦେଶ୍ୟ । ସେହି ଚେତନା ଦେଇ ବ୍ରହ୍ମ ବା ଦିବ୍ୟ ଶକ୍ତିଙ୍କୁ ସର୍ବତ୍ର ଅନୁଭବ କରାଯାଇପାରେ । ଆଲୋଚ୍ୟ ଚେତନା ଭୀମ ଭୋଇଙ୍କ ଭଜନମାଳାରେ ସର୍ବତ୍ର ପ୍ରକଟିତ ଯଥା:-

"ଘଟେ ଘଟେ ଦେଖ ନାହିଁ ରୂପରେଖ
ଏକରୁ ଅନେକ ସଂଚରଇ ଶୂନ୍ୟ ସ୍ୱରୁପ ହେ
ଘୋଟି ଅଛି ତ୍ରିଭୁବନ ମହୀ"

(ଭଜନମାଳା)

ମହାକାଶସ୍ଥ ଊର୍ଦ୍ଧ୍ୱ ମଣ୍ଡଳରେ ଘଟୁଥିବା ନାନା ମହା ଜାଗତିକ ଘଟଣା ସହ ସ୍ୱଚେତନାକୁ ସମନ୍ୱିତ କରେ ମହାଜାଗତିକ ଚେତନା । ଅଣୁଠାରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ନିଜକୁ ସର୍ବତ୍ର ଆବିଷ୍କାର କରିବା ସହ ଏହା ମଣିଷକୁ ଅପୂର୍ବ ଭାବାତ୍ମକ ଅନୁଭବ ପ୍ରଦାନ କରେ । କବି ଭୀମଙ୍କ ରଚନାରେ ଏହା ପରିଦୃଷ୍ଟ । ପୃଥିବୀର ମାଟିରୁ ଅନନ୍ତ ମହାକାଶ ପର୍ଯ୍ୟନ୍ତ ବିସ୍ତାରିତ ଏହି ଚେତନା । ତେଣୁ ଭୀମଭୋଇଙ୍କ ମହାନିତ୍ୟ ମଣ୍ଡଳର ବର୍ଣ୍ଣନାରେ ମହା ଜାଗତିକ ଚେତନା ସ୍ୱତଃ ପ୍ରବୃତ୍ତ ଭାବରେ ରୂପାୟିତ ହୋଇଛି । କବିଙ୍କ ଭାଷାରେ:-

"ମହା ନିତ୍ୟ ମଣ୍ଡଳରେ ଆଠଗୋଟି ଦ୍ୱାର
କବାଟ ଲାଗିଛି ଦଶ ପରକାର" ।
"ଅନ୍ଧାର ଉଜ୍ୱଳ ନୋହେ ରାତ୍ରଦିନ ଏକ
ଚନ୍ଦ୍ର ସୂର୍ଯ୍ୟ ସେଠାବରେ ହୋଇଛନ୍ତି ଦୀପ"

(ବ୍ରହ୍ମ ନିରୂପଣ ଗୀତା, ପୃ-୨୫୭/୫୮)

ମହିମା ଧର୍ମରେ ମହାନିତ୍ୟ ମଣ୍ଡଳକୁ ମହାଶୂନ୍ୟରେ ଅବସ୍ଥିତ ବୋଲି ବିଶ୍ୱାସ କରାଯାଏ । ଏହା ସର୍ବ ଊର୍ଦ୍ଧ୍ୱରେ ଅବସ୍ଥିତ । ମହାନିତ୍ୟପୁର ସମସ୍ତେ ଚତୁର୍ଦ୍ଧା ମୂରତି ହୋଇ ରହିଛନ୍ତି । ସେଠାରେ ଦିନରାତି ନାହିଁ । ସର୍ବଦା ସମସ୍ତେ ଆନନ୍ଦ ଉଚ୍ଛଳ । ସେଠାରେ ସତ୍‌ସଙ୍ଗ୍ ଗୋଷ୍ଠୀ ସର୍ବଦା ହେବା ବିଷୟ କବି ଉଲ୍ଲେଖ କରିଛନ୍ତି । କଳ୍ପନାର ପୁଟଦେଇ

ମହାଜାଗତିକ ଚେତନା ଏକ ନୂତନ କୋଟୀକୁ ସ୍ପର୍ଶ କରିଛି କବିଙ୍କ ଲେଖନୀରେ ।

## ଉପସଂହାର :

ଭୀମଭୋଇଙ୍କୁ କେବଳ ସନ୍ଥକବି ଭାବେ ଅଭିହିତ କରିବା ଓଡିଆ ସାହିତ୍ୟ ଜଗତକୁ ଭୀମଭୋଇଙ୍କ ଅବଦାନକୁ ଗୌଣକରି ଦେବା ସହ ସମାନ । ଉପରୋକ୍ତ ଆଲୋଚନାରୁ ଜଣାଗଲା ଯେ କବି ଜଣେ କଳା ସଚେତନ ସ୍ରଷ୍ଟା । ସାମ୍ପ୍ରତିକ ଯୁଗରେ ଆଲୋଡନ ସୃଷ୍ଟି କରିଥିବା ବିଭିନ୍ନ ଚେତନା ଯଥା:-ଦଳିତ ଚେତନା ମାନବବାଦ, ସାମ୍ୟବାଦ, ନନ୍ଦନ ତତ୍ତ୍ୱ ଓ ରହସ୍ୟବାଦ ଆଦି ସବୁବାଦ ଗୁଡିକର କଷଟିରେ କବିଙ୍କ ପ୍ରତିଭା ସମୁଜ୍ଜଳ ହୋଇଉଠିଛି । କବିଙ୍କ ପୁରୋଦୃଷ୍ଟି ତାଙ୍କ ରଚନାବଳୀରେ ସତତ ଉଦ୍‌ଭାସିତ । ଦିବ୍ୟଦ୍ରଷ୍ଟା ଭୀମଭୋଇ ସତରେ ଉତ୍ତରର ଆଧୁନିକ କବି । ଉଭୟ ସନ୍ଥ ସାହିତ୍ୟ ଓ ଆଧୁନିକ ସାହିତ୍ୟର ବିଭିନ୍ନ ତତ୍ତ୍ୱ ତାଙ୍କ କାବ୍ୟ କବିତାର ଛତ୍ରେ ଛତ୍ରେ ଗ୍ରଥିତ ।

## ସହାୟକ ଗ୍ରନ୍ଥସୂଚୀ:


୨. ମିଶ୍ର, ଡଃ ଦୀନବନ୍ଧୁ-(୨୦୧୪), ସମାଲୋଚନା ତତ୍ତ୍ୱ, ନବୋଦୟ ପ୍ରକାଶନ, ବିନୋଦବିହାରୀ, କଟକ, ୨ୟ ସଂସ୍କରଣ

୧. ଦାସ, ଚିତ୍ତରଞ୍ଜନ :୨୦୨୩ । "ଉନବିଂଶ ଶତାବ୍ଦୀ ଓ ମହିମାଧର୍ମର କବି ଭୀମେଭାଇ । ଲେଖ ଅଲେଖ" ସଂ- ଡ.ପ୍ରଦୀପ କୁମାର ପଣ୍ଡା,ପୃ-୧୨.

୨. https://www.britannica.com/art/New.Humanism.

୩. Simmons,Beth A .(2009) . Mobilizing for human Rights : International Law in Domestic Politics ,Cambridge University Press .P.23.

୪. https://www.britannica.com/topic/naturalism.14mr2025.

୫. ଦାଶ, ଗୌରାଙ୍ଗ ଚରଣ. "ଆଧୁନିକ ଓଡିଆ ସାହିତ୍ୟରେ ଦଳିତଚେତନା (ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ପୃଷ୍ଠ ଭୂମି : ୧୮୫୦-୧୯୨୦" "ଦଳିତ ଆନ୍ଦୋଳନ ଓ ଦଳିତ ସାହିତ୍ୟ (ସଂପାନ)". ଓଡିଆ ଗବେଷଣା ପରିଷଦ, ୨୦୦୩.ପୃ-୧୧୦.

୬. ବେହେରା ,କୃଷ୍ଣ ଚରଣ. "ନନ୍ଦନତତ୍ତ୍ୱର ମୂଳସୂତ୍ର" .ସଂ- ନନ୍ଦନତତ୍ତ୍ୱ ,ଓଡିଆ ଗବେଷଣା ପରିଷଦ, ୧୯୯୦,ପୃ-୦୩.

୭. ପଣ୍ଡା, ବିଭୂତି. "ଭୀମ ଭୋଇ: ଭୂମି ଓ ବିଭା". ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର ,୨୦୨୨,ପୃ-୯୦.

୮. ସ୍ୱାଇଁ,ବାପିନା. "ସନ୍ଥ କବି ଭୀମଭୋଇଙ୍କ ବ୍ରହ୍ମନିରୂପଣ ଗୀତାରେ ରହସ୍ୟବାଦୀ ଚେତନା". ବେଦାନ୍ତି , ମାର୍ଚ୍ଚ ସଂଖ୍ୟା, ୨୦୨୫ ,ପୃ-୨୦୯.

୯. ତତ୍ରୈବ, ପୃ-୨୧୨.


❖ ❖ ❖

DOI : https://doi.org/10.5281/zenodo.16919726 ମୂଳ ପ୍ରବନ୍ଧ

# ବିକାଶ-ବିସ୍ଥାପନ-ଓଡ଼ିଆ କବିତା

**ଶୁଭଲକ୍ଷ୍ମୀ ବେହେରା**

**ସଂକ୍ଷିପ୍ତସାର :**

ସମାଜରେ ଘଟୁଥିବା ସାମାଜିକ, ସାଂସ୍କୃତିକ, ରାଜନୈତିକ ଘଟଣାଗୁଡ଼ିକ ଏସାହିତ୍ୟକୁ ସମୃଦ୍ଧ କରିଥାନ୍ତି। ସମାଜର ପ୍ରଗତି ସାହିତ୍ୟ ପାଇଁ ଅନେକ ଗୁଡ଼ିଏ ସୈଖିକ ବାତାବରଣ ସୃଷ୍ଟିକରିଥାଏ। ରାଜନୈତିକ ଘଟଣା ଦୂର୍ଘଟଣା ଗୁଡ଼ିଏ ମଧ୍ୟ ସାହିତ୍ୟ ରଚନା ପାଇଁମୂଳ ମଂଜି ହୋଇଥାନ୍ତି। ବିଶ୍ୱ ପ୍ରଗତିଶୀଳ ସାହିତ୍ୟ ପରିପ୍ରେକ୍ଷିରେ ଦେଖିଲେ ଭାରତୀୟସାହିତ୍ୟ ତଥା ଓଡ଼ିଆ ପ୍ରଗତିଶୀଳ ସାହିତ୍ୟ ନୂତନତାକୁ ଆବାହାନ କରିଛି। ଅଶୀ ନବେ ଦଶକଠାରୁ ଯେଉଁ ପ୍ରଗତି ବା ବିକାଶର କଥା ଆମେ କହୁଛେ ତାହା ମୁଖ୍ୟତଃ କମ୍ପାନୀଭିତ୍ତିକ। ଓଡ଼ିଶାର ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ବା ବିନିମୟ ପାଇଁ ଅନେକ ସରକାରୀ, ବେସରକାରୀ ତଥା ଘରୋଇ କଳମାନେ ବିକାଶ ନାଁରେ ଓଡ଼ିଶାଉପରେ ନଜର ପକାଇଛନ୍ତି। ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ଉଭୟ ଘଟଣା ଏହା ଦ୍ୱାରା ଘଟିଥାଏ। ଏହି କମ୍ପାନୀମାନଂକର ଆଗମନ ବିସ୍ଥାପନ ଜନିତ ଘଟଣାକୁ ତୀବ୍ରକରିଛି। ଜମି-ଜଳ-ଜଂଗଲ, ଭୂସମ୍ପଦ, ଜୀବନ ଓ ଜୀବିକାକୁ ବିପୁଳମାତ୍ରାରେ ପ୍ରଭାବିତ କରିଛି ଏହି ବିକାଶ। କୌଣସି ବିକାଶମୂଳକ କାର୍ଯ୍ୟକ୍ରମ କରିବା ପାଇଁ ସେହି ସ୍ଥାନୀୟ ଅଂଚଳର ଲୋକମାନଂକୁ ଅନ୍ୟ କୌଣସି ଭିନ୍ନ ଏକ ସ୍ଥାନକୁ ସ୍ଥାନାନ୍ତର କରିଦିଆଯାଉଛି। ତେବେ ଏହା ପଛରେ ଅନେକ ପୁଂଜିବାଦୀ ମନୋଭାବ, ଶୋଷଣର କଥା ମଧ୍ୟ ଆଗକୁ ଆସେ। ତେବେ ଓଡ଼ିଆ କବିତାରେ ଏହି ସ୍ୱରଗୁଡ଼ିକ କିଭଳି ଶାଣିତ ହୋଇ ପାରିଛି ତାହା ଏହି ନିବନ୍ଧର ମୂଳଉଦ୍ଦେଶ୍ୟ।

**ପ୍ରମୁଖ ଶବ୍ଦାବଳୀ:**

ବିକାଶ, ଜଗତୀକରଣ, ଜଳ, ଜମି, ଜଂଗଲ, ଆନ୍ଦୋଳନ, ବିସ୍ଥାପନ, ପୁଂଜିପତି, ଜୀବନ, କମ୍ପାନୀ, ସରକାର

ସମାଜ ଓ ପ୍ରଗତି ଉଭୟେ ଉଭୟର ପରିପୂରକ। ବିକାଶର ପଥ ଦେଇଦେଇ ସମାଜ ହୁଏ ପରିପୃଷ୍ଟ। ତେବେ ବିଶ୍ୱ ପରିପ୍ରେକ୍ଷିରେ ଦେଖିଲେ, ଯେଉଁ ଯେଉଁ ବିକାଶର ପଥ ଦେଇ ଆଜି ଆମେ ଅଗ୍ରଗତି କରିଛେ ସେଇସବୁ ବାଟ ଦେଇ ଆମ ଦେଶ ଭାରତ ତଥା ଓଡ଼ିଶା ମଧ୍ୟ ପ୍ରଗତିକୁ ଆପଣେଇ ନେଇଛି। ବିଭିନ୍ନ ରାଜନୈତିକ, ଅର୍ଥନୈତିକ ଉଥାନ-ପତନ ଦେଇ ଦେଇ ସ୍ୱାଧିନତା ପରଠାରୁ ସତୁରୀ ଦଶକ ପର୍ଯ୍ୟନ୍ତ ଭାରତ ତଥା ଓଡ଼ିଶା ଅନେକ ଘଟଣା ଦୁର୍ଘଟଣାର ସମ୍ମୁଖିନ ହେଇଛି। ଅଶୀ ନବେ ଦଶକଠାରୁ ମୁଖ୍ୟତଃ ଭାରତରେ ତଥା ଓଡ଼ିଶାରେ ଏହି ପ୍ରଗତିର ସ୍ୱର ତୀବ୍ର ହେଇଛି। ଉପନିବେଶ, ଜଗତୀକରଣ ଭଳିବିଷୟ ଆମ ସମ୍ମୁଖକୁ ଆସେ। ଗାଁ ଗାଁ, ସବୁ ସହରୀକରଣ ହେବାରେ ଲାଗିଯାଏ। ସରକାରୀ ବେସରକାରୀ କଳ-କବଜାସବୁ ଉନ୍ନତି ପାଇଁ ନାନା ଯୋଜନା କରିବାରେ ଲାଗିପଡ଼ନ୍ତି। ଏହା ଦ୍ୱାରା ସକାରାତ୍ମକ ଓ ନକାରାତ୍ମକ ଉଭୟ ପ୍ରଭାବ ପଡ଼େ। ଆର୍ଥିକ, ବୈଷୟିକ, ସାଂସ୍କୃତିକ, ରାଜନୈତିକ ଏବଂ ପରିବେଶଜନିତ କାରଣଗୁଡ଼ିକ ମୁଳତଃ ଏହାକୁ ପ୍ରଭାବିତ କରିଛି। ପ୍ରଗତି ହେଉଛି, ବଜାର ବଢୁଛି, ଉତ୍ପାଦନ ବଢୁଛି, କଳକାରଖାନା, ସହର, ସଡ଼କ, ଗମନାଗମନ ଜନିତସୁବିଧା ମଧ୍ୟ

**ଯୋଗାଯୋଗ :**
**ଶୁଭଲକ୍ଷ୍ମୀ ବେହେରା,** ଗବେଷିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ,ଭୁବନେଶ୍ୱର
**Email**: subhalaxmib058@gmail.com
**ORCID ID:** https://orcid.org/0009-0001-3982-1012

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୫.୨୦୨୫ | ୧୨.୦୬.୨୦୨୫ | ୨୭.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ଶୁଭଲକ୍ଷ୍ମୀ, ୨୦୨୫। ବିକାଶ-ବିସ୍ଥାପନ-ଓଡ଼ିଆ କବିତା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ଡ, ପୃଷ୍ଠା : ୯୦-୯୫।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.16919726
Article No - BPP00330

ବଢୁଛି । ମାତ୍ର ଏହିସବୁ ଭିତରେ ଆମର ମୂଳ (ଜମି-ଜଳ-ଜଂଗଲ-ପାହାଡ଼-ଖଣିଜପଦାର୍ଥ) ଆମଠାରୁ ଅପସରିବାରେ ଲାଗୁଛି । ଓଡ଼ିଶା

ପରିପ୍ରେକ୍ଷିରେ ଆଲୋଚନା କଲାବେଳେ କେତେଗୁଡ଼ିଏ ଘଟଣା ଆମ ଆଖି ଆଗକୁ ଆସେ ଯଥା- ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଏବଂ ଏହାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଆହୁରି ମଧ ଓଡ଼ିଶା ଏକ ଆଦିବାସୀ ବହୁଳ ଅଂଚଳ ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହିରାଜ୍ୟର ଅଧିକାଂଶ ଆଦିବାସୀ ଜଂଗଲରେ ବସବାସ କରନ୍ତି । ଏମାନଂକର ଜୀବନ ଏବଂ ଜୀବିକା ଏହି ଜଂଗଲ, ପାହାଡ଼ ଏବଂ ନଦୀ-ଝରଣା । ଅଶୀ ଦଶକଠାରୁ ଆରମ୍ଭକରି ଆଜି ଯାଏଁ ଅନେକ ଗୁଡ଼ିଏ ଆନ୍ଦୋଳନ ଓଡ଼ିଶାରେ ମୁଣ୍ଡ ଟେକିଛି । ଜଳକୁ ନେଇ କେବେ ଜମିକୁ ନେଇ ପୁଣି କେବେ ଜଂଗଲକୁ ନେଇ ।

ବାଲିଆପାଳର କ୍ଷେପଣାସ୍ତ୍ର ଘାଟି ହେଉ, ଢିଂକିଆ ଚାରିଦେଶର ପୋସ୍କ କମ୍ପାନୀ ହେଉ, କାଶୀପୁର, କଳିଂଗନଗର, ଲାଂଜିଗଡ଼, ଗନ୍ଧମାର୍ଦ୍ଦନ, ନିୟମଗିରି ଆଦି ବିଭିନ୍ନ ସରକାରୀ-ବେସରକାରୀ କଳ ଗୁଡ଼ିଏ ଓଡ଼ିଶାରେ ମୁଣ୍ଡଟେକିଛି । ଏହା ଫଳରେ ଅନେକ ଗୁଡ଼ିଏ ସକାରାତ୍ମକ ଓ ନକରାତ୍ମକ ଘଟଣା ଆମ ସମ୍ମୁଖକୁ ଆସିଛି । ସକାରାତ୍ମକ ଓ ନକାରାତ୍ମକ ଉଭୟ ପ୍ରଭାବ ପରିଲକ୍ଷିତ ହୁଏ । ନିମ୍ନରେ ଆମେ ଉଭୟ ପ୍ରଭାବ ବିଷୟରେ କିଂଚିତ ଆଲୋଚନା କରିବା ।

### ସକରାତ୍ମକ ପ୍ରଭାବ (Positive Impacts) :

ଦେଶ ତଥା ରାଜ୍ୟରେ ସହର-ବଜାରର ବୃଦ୍ଧି, ପରିବହନ ଓ ଗମନାଗମନ ସହଜ, ବୈଷୟିକ ଜ୍ଞାନ କୌଶଳର ଅଭିବୃଦ୍ଧି । ନୂତନ ପଦପଦବି ଉତ୍ପନ୍ନ, ଅର୍ଥଗତ ଅଭିବୃଦ୍ଧି, ସେହି ନିର୍ଦ୍ଦିଷ୍ଟ ଅଂଚଳରେ ଲୋକମାନଂକୁ ରୋଜଗାର କ୍ଷମ କରାଯାଇ ପାରିଛି ।

### ନକାରାତ୍ମକ ପ୍ରଭାବ (Negative impacts) :

ପ୍ରାକୃତିକସମ୍ପଦର ଅବକ୍ଷୟ(ଜଳ-ଜମି-ଜଂଗଲ-ପ୍ରାକୃତିକ ସମ୍ବଳ), ସ୍ଥାନୀୟ ଲୋକମାନଂକର ଜୀବନ ଜୀବିକାର କ୍ଷୟ-କ୍ଷତି, ଦାଦନ ଓ ବିସ୍ଥାପନ ଜନିତସମସ୍ୟା ,ପରିବେଶ ପ୍ରଦୂଷଣ ଏହା ବ୍ୟତୀତ ଆହୁରି ଅନେକ ଗୁଡ଼ିଏ ସମସ୍ୟା ଆମ ସମ୍ମୁଖକୁ ଆସେ ।

ତେବେ ଆଲୋଚନାର ପ୍ରସଂଗ 'ବିସ୍ଥାପନ' (Migration) । ଯେତେବେଳେ ନିର୍ଦ୍ଧିଷ୍ଟ ଅଂଚଳର ବାସିନ୍ଦାଂକୁ ସେହି ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପଠାଇ ଦିଆଯାଏ ବା ଅନ୍ୟ ଅର୍ଥରେ କହିଲେ ବାସଚ୍ୟୁତ କରିଦିଆଯାଏ ତାହାକୁ ବିସ୍ଥାପନ ବୋଲି କହିବା । ବିସ୍ଥାପନ ପଛରେ ଅନେକ ଗୁଡ଼ିଏ କାରଣ ଦେଖାଯାଏ । ଯଥା-କୌଣସି ଗୋଟିଏ ସ୍ଥାନରେ କିଛି ବିକାଶମୂଳକ କାର୍ଯ୍ୟକ୍ରମ କରାଗଲେ, କୌଣସି ସ୍ଥାନରେ ଯୁଦ୍ଧ କିମ୍ବା କିଛି ବିପଦ ସଂକୁଳବାତାବରଣ ସୃଷ୍ଟିହେଲେ, ପ୍ରାକୃତିକ ବିପର୍ଯ୍ୟୟ, ଅର୍ଥର ଅଭାବ ବା ବେକାରି ସମସ୍ୟା ଇତ୍ୟାଦି ଅନେକ କାରଣ ପାଇଁ ଲୋକମାନେ ବିସ୍ଥାପନକୁ ସ୍ୱିକାର କରନ୍ତି ।

ବିସ୍ଥାପନ କାରଣ ଭେଦରେ ବିଭିଧ ପ୍ରକାରର ହେଇଥାଏ । ଯଥା- ୧ .ଆଭ୍ୟନ୍ତରିଣ ବିସ୍ଥାପନ(Internal Migration) ଯେତେବେଳେ କୌଣସି ବ୍ୟକ୍ତି ବା ଗୋଷ୍ଠି ଦେଶର ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ହୁଏ ତାହାକୁ ଆଭ୍ୟନ୍ତରିଣ ବିସ୍ଥାପନ କୁହାଯାଏ । ୨. ବାହ୍ୟ ବିସ୍ଥାପନ(External Migration) ଯେତେବେଳେ ଗୋଟିଏ ଦେଶରୁ ଭିନ୍ନ ବା ଅନ୍ୟ ଏକ ଦେଶକୁ ସ୍ଥାନାନ୍ତର ପ୍ରକ୍ରିୟାକୁ ବାହ୍ୟ ବିସ୍ଥାପନ କହିଥାଉ । ୩. ସ୍ୱେଛା ବିସ୍ଥାପନ (Voluntary Migration), ବଳ ପୂର୍ବକ ବିସ୍ଥାପନ (Forced Migration), ସ୍ଥାୟୀ ଭାବରେ ବିସ୍ଥାପନ(Permanent Migration), କିଛିକ୍ଷଣ ପାଇଁ ବିସ୍ଥାପନ (Temporary migration), ଋତୁକାଳୀନ ବିସ୍ଥାପନ (Seasonal migration), ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ବାହାରିଯିବା (Emigration), ଆବିଗମନ/ଆଗମନ (Immigration), ପ୍ରତ୍ୟାବର୍ତ୍ତିତ ବିସ୍ଥାପନ (Return Migration) ସ୍ଥାନ-କାଳ-ପାତ୍ର ଭେଦରେ ବିସ୍ଥାପନ ଭିନ୍ନ ଭିନ୍ନ କାରଣରୁ ହୋଇଥିବା ସ୍ଥଳେ, ଭିନ୍ନଭିନ୍ନ କାରଣ ଜନିତ ମଧ ହୋଇଥାଏ ।

ଏହି ପ୍ରଗତି- ଉନ୍ନତି- ବିକାଶଠାରୁ ହିଁ ବିସ୍ଥାପନ ଜନିତଘଟଣା ଆମ ସାମ୍ନାକୁ ଆସେ । ତେବେ କବିତା ପାଖକୁ ପଂହଚିବା ବେଳେ ଏ ସ୍ୱର ହୁଏ ଶାଣିତ । ଓଡ଼ିଆକବିତାରେ ଏହି ବିସ୍ଥାପନ ସମ୍ପର୍କରେ ଲେଖନି ଚଳାଉଥିବା କବିମାନଂକ ମଧ୍ୟରେ କବି ବ୍ରଜନାଥ ରଥ, ପ୍ରସନ୍ନ ମିଶ୍ର, ସଦାଶିବ ଦାଶ, ବାସୁଦେବ ସୁନାନୀ, କୁମାର ହସନ, ଆଶୁତୋଷ ପରିଡ଼ା, ପିତାମ୍ବରତରାଇ, ଭାରତମାଝୀ, ସୌଭାଗ୍ୟବନ୍ତ ମହାରଣା, ଜୟଦ୍ରଥ ସୁନା, ସମରେନ୍ଦ୍ର ନାୟକ ।ଓଡ଼ିଆକବିତା କ୍ଷେତ୍ରରେ ଆହୁରି ଅନେକ କବିମାନେ ଏହି ବିସ୍ଥାପିତର କଥା କହିଛନ୍ତି । ବିସ୍ଥାପନ କଥାଟି ଆଲୋଚନା କରିବାବେଳେ ଆମ ସାମ୍ନାକୁ ଆହୁରି କିଛି ଅଂଗାଂଗୀ ଯୋଡ଼ି ରହିଥିବା ଘଟଣା ସାମ୍ନାକୁ ଆସେ । ଯାହା ନିମ୍ନରେ ଆଲୋଚନା ପରିସରଭୁକ୍ତ କରିବା ।

### ପୁଂଜିବାଦକୁ ବିରୋଧ କରି କିଛି ସ୍ୱର :

ଅଶୀ ନବେ ଦଶକବେଳକୁ ପୁଣି ସରକାର ପ୍ରଶାସନ ବିରୋଧରେ ସ୍ୱର କଥାଟି ଶୁଣିବା ପାଇଁ ହୁଏତ ଶ୍ରୁତିକଟୁ ଲାଗିପାରେ ।

ସ୍ୱାଧୀନ ଭାରତରେ ଗଣଶାସନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ, ମାତ୍ର ଏ ଶାସନ ମଧ୍ୟରେ ଯେଉଁ ପୁଂଜିପତି ଦଳେ ଧସେଇ ପସିଛନ୍ତି ତାଂକୁ ବିରୋଧି କରିବ କିଏ? ଏମାନେ ଅର୍ଥ ଲାଳସାରେ ଦେଶକୁ ବିକ୍ରି କରିବସନ୍ତି। ଏମାନଂକର ଅନେକ ନାମ କେଉଁଠି ସରକାରଂକର ଅନେକ ନାମ ତ ପୁଣି କେଉଁଠି ସରକାର କର୍ମଚାରୀମାନଂକ ନାମରେ ଅନେକ ଭ୍ରଷ୍ଟାଚାରି ମାନଂକର ଅନେକ ନାମ ପୁଣି କେତେବେଳେ କଳାକବଜାରୀ ମାନଂକର ଅନେକ ନାମ ମାତ୍ର ସମସ୍ତଂକର ଉଦ୍ଦେଶ୍ୟ ସମାନ ଆମଠାରୁ ଆମ ଜମି ନେବେ ଜଳ ନେବେ ଜୀବନ ଜୀବିକା ନେବେ ଆମରି ଉପରେ ଅତ୍ୟାଚାର କରିବେ। କବି ବିଜୟ ଉପାଧ୍ୟାୟ "ମୁହାଁମୁହିଁ ଠିଆ କମ୍ପାନୀ ଘିନୁଆ"କବିତାରେ ଏସ୍ୱରଟି ସ୍ପଷ୍ଟ- "ସେମାନଂକର ଅଜସ୍ର ନାମ / ଅଜସ୍ର ଠିକଣା / ଆଜି ସେମାନେ ଆଲକାନ ତ/ କାଲିକୁ ଉତ୍କଳ / କେଉଁଠି ସେମାନେ ରିଲାଏନଓ / କେଉଁଠି ମିତ୍ତଲ ତ କେଉଁଠି ଜିନ୍ଦଲ /କେଉଁଠି ବେଦାନ୍ତ / କେଉଁଠି ପୋସ୍କୋ X X X ମାଟିରେ ମିଶିଯାଏ ଗାଁ ପରେଗାଁ / କେନାରୀ ବୁରୁଭଟା ବିଷମ କଟକ / ଗଡ଼ିପଡ଼େ ଗଛବୃଛ / ଅରଣ୍ୟ / ପର୍ବତ / ଆଦିବାସୀ ନିକଲିଯାଏ।"(ଓଡ଼ିଶାର ପ୍ରଗତିଶୀଳସା.ଆ.ଓ ଆନ୍ଦୋଳନର ସାହିତ୍ୟ- ପୃ-୩୧୦)' ଆପଣା ସୁନାଭେଣ୍ଡି', 'ନିଜଘର ଢିଂକି କୁମ୍ଭୀର' ସାଜିବା ନ୍ୟାୟରେ ଆମେ ବାଛିଥିବା ସରକାର, ରାଜନେତା ଘୁଷଖାଇ ଆମରି ଦେଶର ରକ୍ତକୁ ଶୋଷଣ କରିବାରେ ଲାଗିପଡ଼ନ୍ତି। ଓଡ଼ିଶାର ଜଗତସିଂହପୁର ଜିଲ୍ଲାର ଢିଂକିଆଠାରେ ପୋସ୍କକମ୍ପାନୀ ସରକାର ଚୁକ୍ତିନାମା କରନ୍ତି କମ୍ପାନୀ ପ୍ରତିଷ୍ଠା ପାଇଁ। ଏହି ଷ୍ଟିଲପ୍ଲାଂଟଣ୍ଟ ପାଇଁ ସ୍ଥାନୀୟ ଅଂଚଳର ଚାରୀ ହଜାର ଏକର ଜମି କମ୍ପାନୀ ନେବ। ସ୍ଥାନୀୟ ଲୋକମାନଂକର ଜୀବନ ଜୀବିକା ସହିତଜଡ଼ିତ ଏହି ସ୍ଥାନଟି ପାଇଁ ତତକାଳୀନ ସମୟରେ ଅନେକ ପ୍ରତିବାଦର ସ୍ୱର ଦେଖିବା ପାଇଁମିଳିଥିଲା। କବି ପ୍ରସନ୍ନ ମିଶ୍ର ପୋସ୍କୋ ବିରୁଦ୍ଧରେ 'ମାଟି ହେଉ ଏବେ ଘାଟି' କବିତାଟିରେ ଲେଖନ୍ତି- ବନ ମାରୁ ଏ ଘରଢିଂକି କିସମ/ ସରକାର କାରସାଦି / ଘୁଷ ଖାଇ ଯେ ରାଜନେତାଂକର / ବରବାଦ ବୁନିଆଦି / ଉଠାଉଠା ତୋର ଶାୟକକୁଠାର / ଶାଣବାଣ ବାଡ଼ି ଯେତେ / ମାଟି ପରେ ମାଟି ଘାଟି ପରେ ଘାଟି ପରେ ଘାଟି/ ଉଠି ଆସ ସଂକଳ୍ପିତେ / ଆଜି ନଉଠିଲେ ତୋ ପିଲାକବିଲା / ଆଗକୁ ପାଇବେ ଦୁଃଖ / ପୋସ୍କୋ ଝାଡ଼ିଦେବ ଦିହରୁ ଆମ୍ବଳ / ରହିଥିବ ଖାଲିଶୋକ୍।(ଓଡ଼ିଶାର ପ୍ର.ସାହିତ୍ୟ.ଆ.ଓ ଆନ୍ଦୋଳନର ସାହିତ୍ୟ, ପୃ- ୩୦୧)

ରାଜନୈତିକ କଳମାନେ ହିଁ ଏହି କମ୍ପାନୀ ବା ମନମୁଖୀଶାସନ କଳର ପଛରେରହି ଅର୍ଥ ଲାଳସାରେ ସବୁକୁ ଆତ୍ମସ୍ଥ କରିପକାନ୍ତି। ବଳିପଡ଼ନ୍ତି ସାଧାରଣ ଜନତା। ମୁଖାପିନ୍ଧା ଏହି ସରକାରୀଶାସନ କର୍ତ୍ତାମାନେ ଆମରି ପିଠିରେ ପାଦଥୋଇ, ଆମରିମୁଣ୍ଡରେ ପାଦଥୋଇ ଆମକୁ ଶୋଷଣ କରନ୍ତି। କବି ବିଜୟ ଉପାଧ୍ୟାୟ' ମୁହାଁମୁହିଁ ଠିଆ କମ୍ପାନୀ ଘିନୁଆ'ରେ କୁହନ୍ତି- ଏଥର ସରକାର ପଛେପଛେ ମୁଖାଖୋଲି / ଦୃପ୍ତ ପାଦେ / ସଳଖରେ ଆସିଲା କମ୍ପାନୀ / ଯନ୍ତ୍ରୀମାନେ ମନ୍ତ୍ରୀମାନେ ଖଟନ୍ତି ପାଦରେ / 'ଉଜ ଚାଲନ୍ତି ତାର ଆଗରେ ପଛରେ।(ଓଡ଼ିଶାର ପ୍ର.ସାହିତ୍ୟ ଆନ୍ଦୋଳନ ଓ ଆନ୍ଦୋଳନର ସାହିତ୍ୟ,ପୃ-୩୧୦) ବଂଗୋପସାଗରକୁ ଲାଗି ଭାରତର ପୂର୍ବଉପକୂଳରେ ଅବସ୍ଥିତ ଚାରିଶହ ବର୍ଗକିଲୋମିଟର ଜାଗା, ଯାହା ବାଲେଶ୍ୱର ଜିଲ୍ଲାର ଏକଶହତିରିଶଟି ଗ୍ରାମକୁନେଇ (ବାଲିଆପାଳ ଥାନାର ୯୯ଟି,ବସ୍ତା ଥାନାର ୪ଟି, ଓ ଭୋଗରାଇ ଥାନାର ୨୭ଟି ଗ୍ରାମ) କ୍ଷେପଣାସ୍ତ୍ର ଘାଟି ବା ଜାତୀୟ ପରିକ୍ଷା ଅଂଚଳ ପାଇଁ ଉକ୍ତ ଜାଗାକୁ ଚିହ୍ନଟ କରାଯାଇଥିଲା। ପରବର୍ତ୍ତି ଅବସ୍ଥାରେ ପ୍ରବଳ ଜନ ଆନ୍ଦୋଳନ ଚାପରେ ଏକ ସରକାରୀ ଘୋଷଣାନାମା ଅନୁଯାୟୀ ୪୦୦ବର୍ଗ କିମି ବଦଳରେ ୨୨୫ ବର୍ଗକିମି ଓ ୧୧୬୦୯ ପରିବାର ବଦଳରେ ୬୪୮୪ ପରିବାର ଓ ୧୩୦ଟି ଗ୍ରାମ ବଦଳରେ ୫୪ଟି ଗ୍ରାମକୁ ନିଆଯାଇଥିଲା। ଏହି ଆନ୍ଦୋଳନକୁ ସମର୍ଥନ କରି ଅନେକ କବି, ସାହିତ୍ୟିକମାନେ ସ୍ୱର ଉଠାଇଛନ୍ତି। କବି ବ୍ରଜନାଥ ରଥ, କବି ହୃଷୀକେଶ ମଲ୍ଲିକ 'ବାଲିଆପାଳ-୨'କବିତା ଶିର୍ଷକରେ କୁହନ୍ତି- ଥାଉ, ଭୁଲିଯାଅ ତମ ମୁକୁଟ, ବଡ଼ପଣ /ଥାଉ, ପାଶୋରି ଦିଅ ତମ ଶପଥ, ସିଂହାସନ / ଓ ଶିଖିଚିଲା ପଣ /ଥାଉ, ନରମ ପିଠିକିତା'ର ରଗଡ଼ ନାହିଁ / ତମକୁ ଆଜି / ନିରୀହ ଚଢେଇ, ଛନଛନ ଦୁବ, ନିର୍ବାକ୍ ଗଛବୃଛ / କଟିକଟି ବାଳୁତଂକ କୋଟିକୋଟି ଦ୍ୱାହି।(ହୃଷୀକେଶ ମଲ୍ଲିକଂକ ବଛାବଛା କବିତା,ପୃ-୧୧୯)ନିରୀହ ମଣିଷର ଅସରନ୍ତି ଆଶାକୁ ବଡ଼ବଡ଼ ମୁହଁ ଭୁଲାଣିଆ କଥା କହିଏମାନେ ଭୁଲେଇ ଦିଅନ୍ତି।

**ବିସ୍ଥାପନର ସ୍ୱର-**

ଏହି ଜଗତୀକରଣ ଏବଂ ବିସ୍ଥାପନ ବିରୋଧରେ ସ୍ୱର ହୁଏ ତୀବ୍ର ଯେତେବେଳେ ସାଧାରଣ ମଣିଷଟି ତାର ମାଟି, ମା, ପାହାଡ଼, ଜଂଗଲକୁ ହରାଇ ବସେ। ମାଟି ପାଲଟି ଯାଏ ବନ୍ଧ୍ୟା, ଆଶ୍ରୟ ଭାଂଗିଯାଏ, ମଣିଷମାନେ ରାସ୍ତାକଡ଼ରେ ଫିଙ୍ଗା ହୁଅନ୍ତି। ନଦୀ ଶୁଖିଯାଏ ଆଉ ପ୍ରଶ୍ୱାସରେ ନେଉଥିବା ବାୟୁ ମଧ୍ୟ ବିଷାକ୍ତ ପାଲଟିଯାଏ। କବି ଆଶୁତୋଷ ପରିଡ଼ା 'କ୍ଷତିପୂରଣ' କବିତାରେ କୁହନ୍ତି- କେତେଥର ମତେ ମୂଳ ସହିତ / ଓପାଡ଼ି ଫିଙ୍ଗିଦେଇ ପାରିବ/ ତୁମେ କେତେଥର କଂଚା କାଠ ପରି / ହାଣି ଦେଇ ପାରିବ କୁରାଢିରେ / କେତେଥର ତୁମ ଲୋଲୁପ ଦୃଷ୍ଟିରେ ଲଂଗଳା ହୋଇଯିବ ଜୀବନ / କେତେଥର ଛାତିରୁ

ଓଟାରି ଆଣି / ହୃତ ପିଣ୍ଡକୁ ତୁମେ ନିଲାମ କରିବ / କେତେଦିନ ତୁମେଖେଳିବ /ଏ ମାରାତ୍ମକ ଖେଳ / ମାଟି ଯେବେ ମଶାଣି ହୋଇ / ଦିଶୁଥିବ ଡ଼ହଳବିକଳ। (କବିତା ଏକତ୍ର, ଦ୍ୱିତୀୟ ଖଣ୍ଡ,ପୃ-୨୨୨) କବି ସୌଭାଗ୍ୟବନ୍ତ ମହାରଣାଂକ 'ବିସ୍ଥାପନ', 'ବିସ୍ଥାପନର ଭାଗ୍ୟ', 'ବିସ୍ଥାପିତରବ୍ୟଥା' ଆଦି ଏକାଧିକ କବିତାମାନଂକରେ ବିସ୍ଥାପନର ଚିତ୍ର ଦେଖିବା ପାଇଁ ମିଳେ। ବିସ୍ଥାପନ ଦୁଃଖର ବିଭିସିକାରଚେ।ଭୋକିଲା ପେଟ, ଶୁଖିଲା ଓଠର, ଅଦିନିଆ ବଜ୍ର ଭଳି ମାଟିକୁ ଦୋହଲାଇ ଦିଏ। ଦୁଃଖର ଆର୍ତ୍ତନାଦରେ ବିସ୍ଥାପିତ ଲୋକଟି ଆଶା ଓ ଆଶ୍ୱାସନାର ଜୀବନ ବଂଚିଚାଲେ ତାଂକର 'ମାଟିପର୍ବ' ସଂକଳନସ୍ଥ କବିତା 'ବିସ୍ଥାପନ'ରେ ଏହି ଚିତ୍ରଟିକୁ ସ୍ୱଷ୍ଟ କରନ୍ତି- ଶୂନଶାନ୍ ଆକାଶକୁ ଚହିଁଚାହିଁ / ଓ ଖରାରଖବରକୁ ସାଇତି ରଖି ଗାମୁଛାରେ / ଝାଳର ଗନ୍ଧରେ ବତୁରିଯାଏ / ଶିଳ୍ପପତିର ଆଶ୍ୱାସନା, ଅବାନ୍ତର ସାନ୍ତ୍ୱନା। / ବିସ୍ଥାପିତର ଅକୁହା ଦୁଃଖର ଆର୍ତ୍ତନାଦ / ଭେଦିଯାଏ ଆକାଶର ଅଚିହ୍ନା କୋଣକୁ। (କବିତା ସମଗ୍ର, ପୃ-୩୦୩)

ଏମାନେ ଆସନ୍ତି ପ୍ରଗତି ନାଁରେ ପ୍ରତିଶୃତି ନେଇ। ପୁଂଜିଦେବୁ, ଶ୍ରମଦେବୁ, ଠିକଣା ଦେବୁ, କାମକରିବା ପାଇଁ ଚାକିରୀ ଦେବୁର ଲୋଭ ନେଇ ମାତ୍ର ଏମାନେ ଛଡ଼ାଇ ନିଅନ୍ତି ଆମ ମୂଳଟିକୁ। ଚାଷୀଠାରୁ ତାର ଉର୍ବର ଚାଷଜମିକୁ ନେଇ କୌଣସି ଏକ ଅପନ୍ତରାର ବନ୍ଧ୍ୟାଜମିକୁ ପଠାଇ ଦିଅନ୍ତି। କବି ଆଶୁତୋଷ ପରିଡ଼ାଙ୍କ 'ବିସ୍ଥାପିତ' କବିତା ଷୀର୍ଶକରେ କୁହନ୍ତି-ହଜାର ବର୍ଷର ଜୀବନ/ ମାଟିର ଆଲିଂଗନ ଭିତରେ/ ଲମ୍ବିଯାଇଛି ଯାରଚେର / ଆତ୍ମାର ବାସ୍ନାକୁ ଏକାଠିକରି/ ଠିଆହୋଇଛି ମଣିଷର ଘର / ତାକୁ କେଉଁଠିକୁ/ ସ୍ଥାନାନ୍ତରିତ କରିବ ତୁମେ /କେଉଁ ଅପାନ୍ତରକୁ / କେଉଁ ବିସ୍ମୃତିକୁ।(କବିତାଏକତ୍ର,ଦ୍ୱିତୀୟ ଖଣ୍ଡ,ପୃ-୨୧୮)ଚାଳରେ ଲଟେଇ ପଡ଼ିଥିବା କଖାରୁ, ଲାଉ ପରି, ଜହ୍ନିଫୁଲ ପରି ସ୍ୱପ୍ନସବୁ ଝୁଲି ପଡ଼ିଥାନ୍ତି ଅଭାବି ମଣିଷର। ହଜାରେ ସ୍ୱପ୍ନକୁ ମୁଣ୍ଡରେ ବାନ୍ଧି ଦିନରାତି ଏକ କରିଥାଏ।ସେ ଜାଣେ ତାର ନା ଠିକଣା ଅଛି ନା ଅଛି ରହିବା ପାଇଁ ନିଜରଘର।କବି ପୀତାମ୍ବର ତରାଇଙ୍କ କବିତା 'କମ୍ପାନୀ'ରେ କବି କୁହନ୍ତି-ଆମେଜାଣୁ, ଶାଳ ପିଆଶାଳଗଜା ପରି ମୁଣ୍ଡ ଟେକିଲେ / ଆମ ବଂଚିବାବିଷୟ / ଛଳଛଟକରେ ଛେଦନ ହୁଏ ଚେରମୂଳ, ବେଦଖଲହୁଏ/ ଭାଗ୍ୟଭୋଗର ଭୂଇଁ, ଏଣୁ ଆମେ କାଳେକାଳେ ଅସ୍ଥାୟୀ / ଆମର କେଉଁ ଥାଏ ଯେ' ଠଣା ଠାଣି ଠିକଣା / ଆଜି ଏଠି ତ କାଲି କେଉଁଠି ମାଟିକୁ ମା' କହୁ/ ମାଟିରେ ମାଟି ହୋଇ ନିଜକୁ ଗଢୁ, ପୁଣି ଆଦେଶ ନାମାରେ / ଭାଂଗିଯାଉ, ବିସ୍ଥାପିତ ହେଉ। (ମା ପାଟି ଖୋଲ,ପୃ-୫୬)ଜଗତୀକରଣ ସଂସ୍କୃତି ମଣିଷଠାରୁ ତାର ମାଟିକୁ ଅଲଗା କରିଦେଇଛି। ବିକାଶରେ ମଣିଷଛିନ୍ନମୂଳ ହୋଇପଡ଼ିଛି।

ରାତାରାତି ନିଜର ଭିଟା ମାଟି ଛାଡ଼ି, ଘର, ଡ଼ଂଗର, ପାହାଡ଼ ଛାଡ଼ି କୌଣସି ଅନିର୍ଦ୍ଧିଷ୍ଟ ଅନିୟମିତ ସ୍ଥାନକୁ ବିସ୍ଥାପନ କରିଦିଆଯାଏ।ଯେଉଁଠି ନା ବଂଚିବା ପାଇଁ ସ୍ଥାୟୀତ୍ୱ ଅଛି ନାଁ ଜୀବନର ଆଶା ଅଛି। କବି ଜୟଦ୍ରଥ ସୁନାଙ୍କ କବିତା 'ବିସ୍ଥାପନ ଏକ ରାତିର'ରେକୁହନ୍ତି-ଆଗେକୁହ, ହାଡ଼କମ୍ପା ଶୀତରେ/ ଆମେ ଯିବୁକୁଆଡ଼େ ?/ କାହା ଚଟାଣ / ଖାଲିପଡ଼ିଛି ଯେ/ ଏ ରାତିଟେ ବସିବସି କଟେଇବେ*****ବାପ, ଅଜା ଅରଜିଥିବା ଡ଼ିହ/ ମାଲଛମାଗୁଡ଼ୀ / ଝାଟିମାଟିର କୁଡ଼ିଆ / ତମର ତିଳେ ଦୋଷ ନାହିଁ। (ଶୋଷ,ପୃ-୬୨) ସରକାରୀ ଯୋଜନା କାହାପାଇଁ ? ପ୍ରଶ୍ନକରେ ବିସ୍ଥାପିତ ମଣିଷଟି ଇଏତ ସେଇ ସରକାର ଯିଏ ମୋତେ ବଂଚାଇବ ମୋତେ ସୁରକ୍ଷା ଦେବ ଆଉ ମୋତେ ରକ୍ଷାକରିବାର ଭରଷା ଦେଇଥିଲା ଆଉ ମୁଁତାକୁ ନିଜ ଇଚ୍ଛାରେ ଚୟନ କରିଥିଲି। ଆଜି ଯେଉଁ ଗଛର ଡ଼ାଳରେ ହାତ ଦେଲେ ସେ ଡ଼ାଳ ଭାଂଗୁଛି। ପାହାଡ଼, ଡ଼ଂଗର, ଛାଡ଼ି ଚାଲିଗଲେ ଆମର ସ୍ଥାୟୀ ଠିକଣା କଣ ହେବ। ଆମେ ଯେଉଁ ଜମିରେ ଚାଷକରି ଘର କରିରହିବୁ ସେଇ ଜମିରେ କାଲି ତୁମର ନୂଆ ଯୋଜନା ହେବ ପୁଣି ! କବି ଜୟଦ୍ରଥ ସୁନାଙ୍କ 'ବିସ୍ଥାପନ ଏକରାତିର'କବିତାରେ କୁହନ୍ତି- ବଂଚିବୁ କେମିତି କୁହ / ଆମର ଗହଳମାଣ୍ଡିଆର / କ୍ଷେତ ମଝିରେ / ତୁମଗାଡ଼ି ଆସିବାକୁ ଯଦି / ପିଚୁ ରାସ୍ତାଟିଏ ହେବ।(ଶୋଷ,ପୃ-୬୩) ଆହୁରି ଯେତେବେଳେ ଜଣେ ସାଧାରଣ ମଣିଷର ବଂଚିବା ପାଇଁତାର କ୍ଷେତ-ଖଳା, ତାର ଜମିକୁ ବଂଚେଇବା ପାଇଁ ଝଡ଼ିବତାସ ସହେ, ଭୋକ ମରୁଡ଼ିରେ ବି ଅଂଟା ଭାଂଗି ସେମିତି ହସି ଖେଳିବୁଲୁଥିବା ମନ, ହାକିମର ବୋଲକରା ଡ଼ୋଜର ମେସିନ୍ ପାଖରେ ହାର ମାନିଯାଏ। ଦେଶ ବଦଳୁଚିର ପ୍ରତିଶୃତି ନେଇ ସରକାର ଯେତେ ଯୋଜନା କଲେ ମଧ ଦେଶର ଲୋକର ଲୁଗାସାତସିଁଆଚିରା। କବି 'ଦେଶ ବଦଳୁଛି' ରେକୁହନ୍ତି-ହେଲେ ସେଦିନ ଦେଖୁଦେଖୁ / ହାକିମଙ୍କ ବୋଲକରା ଡ଼ୋଜରମେସିନ / ଯେତେ ବେଳେ ଉନଚିଖାଇଲା ଘରର ଝିକର / ଚେପଟା କରି ଦେଲା କାନ୍ଥ / ଭେଁଭେଁକାନ୍ଦି ପକାଇଲେ / ଫୁଲତୁଲୀ ଓ ମଂଗୁଲୁ। (ନିଆଁଧରା, ପୃ-୧୫)

## ବିସ୍ଥାପନ ବିରୋଧିସ୍ୱର :

ସାଧାରଣଚାଷୀ, ମୂଲିଆ, ଦୀନମଜୁରିଆ ଅଂଟା ଭାଂଗେ ତାରକ୍ଷେତକୁ ସବୁଜିମା କରିବା ପାଇଁ। କମ୍ପାନୀ ଓ ସରକାରି କଳମାନେ ନାନାଉପାୟରେ ଏମାନଂକୁ କିଣିନେବାର ପ୍ରୟାସକରନ୍ତି। ମାତ୍ର ଏମାନେ

ନିଜର ମୁଣ୍ଡ ଦେବା ପାଇଁ ରାଜି ନୁହଁନ୍ତି। କବି ଆଶୁତୋଷ ପରିଡ଼ାଙ୍କ 'ବିସ୍ଥାପନ' କବିତାରେ ଏ ସ୍ୱରଟି ସ୍ପଷ୍ଟ-ତୁମେ ସେମାନଂକୁ / ନିର୍ବାସିତ କରିପାରିବନି ଭିଟାମାଟିରୁ / ଭୁଲାଇଦେଇ ପାରିବନି ନାମ ଓ ଠିକଣା, ତୁମେ ଆଉ ଆଣି ପାରିବନି / ଶ୍ୱାପଦ ଓ ସରୀସୃପମାନଂକୁ / ସେ ଭୂମି ଉପରକୁ, ଆକାଶରେ ଖେଳାଇ ପାରିବନି ଶାଗୁଣାଙ୍କ ଡ଼େଣାର ଶବ୍ଦ / ତୁମେ ଆଉ ଶୋଷିପାରିବନି ମାଟିର ସମ୍ପଦ / ସେମାନେ ଜଗି ରହିଛନ୍ତି ଅତନ୍ଦ୍ର ପ୍ରହରୀ / ଓ ତିଆରି କରିଛନ୍ତି ଗୋଟେ ଦୁର୍ଗ।(କବିତାଏକତ୍ର, ଦ୍ୱିତୀୟ ଖଣ୍ଡ, ପୃଷ୍ଠା- ୨୨୦)ବିକାଶ ନାଁରେ ପାହାଡ଼, ଝରଣା, ନଦ, ନଦୀ, ମାଟି, ଜଂଗଲକୁ ସେମାନେ ଖିନଭିନ କରିପକାନ୍ତି। ଏମାନେ ସୁଂଘିସୁଂଘି ବାରିପାରନ୍ତି ଓଡ଼ିଶାର ଆଭ୍ୟନ୍ତରିଣ ବିପୁଳସମ୍ପଦ ସବୁକୁ। ଆଶୁତୋଷ ପରିଡ଼ାତାଂକର 'ଉପନିବେଶ' କବିତାରେ କୁହନ୍ତି- ସେଇ ଗନ୍ଧବାରି ସେମାନେ ଆସିବେ/ ଦେଶ ବିଦେଶରୁ /ତିଆରି କରିବେ ବନ୍ଦର / ତୋତେ ଖୋଲିବେ, କାଟିବେ / ଚାଲାଣ କରିବେ / ତୋର ଅଂଗ ପ୍ରତ୍ୟଂଗ, ଅନ୍ତନାଡ଼ / ତାପରେ ଆଉ କିଛି ନଥିବ ତୋ ପାଖରେ / ଏକ ବିସ୍ତାରିତ ଶୂନ୍ୟସ୍ଥାନ ଛଡ଼ା। (ଲହୁଲୁହାଣ, କବିତାଏକତ୍ର, ଦ୍ୱିତୀୟ ଖଣ୍ଡ, ପୃ-୯୪)କବିଂକର ଆହ୍ୱାନ କେତେବେଳେ ଶୋଷିତ, କେତେବେଳେ ଉଗ୍ର, କେତେବେଳେ ବିରୋଧି ପୁଣି କେତେବେଳେ ପ୍ରତିରୋଧ।

କବି ସଚେତନ କରିଛନ୍ତି ସେଇ ସମସ୍ତଂକୁ ଯେଉଁମାନେ ଅର୍ଥ, ସ୍ୱାର୍ଥ, ବଳ ଆଉ ହାରିଯାଇଛନ୍ତି ସମ୍ବଳ ଆଗରେ। ସରକାରଂକ ଆଗରେ, ପୁଂଜିପତିଂକ ଆଗରେ। କବି କୁହନ୍ତି-ତୁ କଣ ଜାଣିନୁ ଏଯାଏ / କେମିତି ବଂଚାଇବାକୁ ହୁଏ ନିଜକୁ ତୋ କ୍ଷେତର / ଖାଦାନରୁ କଣ ଶୁଭିଯାଏ ନିଗର୍ଜନ / ତୋ ପାହାଡ଼ ଜଂଗଲରେ କଣ / ଗଜୁରି ଉଠେନି ନଖ / ତୋ ଭିତରେ କଣ / ଫୁଟିଯିବାକୁ ନାହିଁ ବା ରୁଦ /ତୁ କଣ ଜାଣିନୁଏ ଯାଏ/ କାହାକୁ କୁହାଯାଏ ପ୍ରତିରୋଧ।(ଲହୁଲୁହାଣ,କବିତା ଏକତ୍ର,୨ୟ ଖଣ୍ଡ,ପୃଷ୍ଠା-୯୪)

ରାୟଗଡା- କାଶୀପୁରର ପାହାଡି ଅଂଚଳରେ କମ ପରିମାଣର ସିଲିକନ ଥିବା ଅତି ଉତ୍କୃଷ୍ଟ ବକ୍ସାଇଟ ଖଣିଜ ପଥର ଗଛିତ ଥିବାହେତୁ ଓ କମ ଖର୍ଚ୍ଚରେ ଭଲ ବକ୍ସାଇଟ ମିଳୁଥିବା କାରଣରୁ ଆନ୍ତର୍ଜାତିକ ସ୍ତରରେଏହି ଅଂଚଳ ପ୍ରତି ଆକର୍ଷଣ ଅଛି। ଓଡିଶାର ରାୟଗଡା ଜିଲ୍ଲାସ୍ଥିତ କାଶୀପୁର ଅଂଚଳର ଆଦିବାସୀ ମାନଂକ ଦ୍ୱାରା ଏହି ଅନ୍ଦୋଳନର ସୂତ୍ରପାତ ଘଟିଥିଲା-୧୯୯୩ ସାଲରେ।ଏହି ଆନ୍ଦୋଳନର ସାରଥି ଥିଲେ ଏ ଅଂଚଳର ମହିଳା ଆଦିବାସୀ ମା ଓ ଭଉଣୀମାନେ।ଏହି ଅଂଚଲରେ ଉଠିଥିବା ଆନ୍ଦୋଳନକୁ ଭିତ୍ତିକରି ଭଗବାନ ମାଝୀ ଆନ୍ଦୋଳନର ଗୀତ 'ଜମିଛାଡ଼ିବା ନାହିଁ' ରେ ପ୍ରତିବାଦ କରିଲେଖନ୍ତି- ହେ ଜମିଛାଡ଼ିବା ନାହିଁ, ହେ ଗାଁରୁ ହଟିବା ନାହିଁ / ଜମି ଛାଡ଼ିବା ନାହିଁରେ ଭାଇ ଡ଼ଂଗର ଛାଡ଼ିବା ନାହିଁ / ବିଦେଶୀ କମ୍ପାନୀ ଆସିଛି ଧାଇଁ , ପାକନା ଲୁଟିବା ପାଇଁ / ଗଛ ରପିବା ପାଇଁ / ଜମିବାଡ଼ି ନେଇ କମ୍ପାନୀ କରିବ ଆମକୁ ମାରିବା ପାଇଁ / ହେ ଜମି ଛାଡ଼ିବା ନାହିଁ। (ଓଡ଼ିଶାର ପ୍ରଗତିଶୀଳ ସା. ଆ .ଓ ଆନ୍ଦୋଳନର ସାହିତ୍ୟ,ପୃ-୧୪୨) କବି ଆନ୍ଦୋଳନର ପ୍ରତ୍ୟକ୍ଷଦର୍ଶୀ ତଥା ସେ ଆନ୍ଦୋଳନ ସହିତ ସିଧା ସଳଖଭାବରେ ଜଡ଼ିତ ଥିଲେ।

ଓଡ଼ିଶାରେ ଅନେକ ବିକାଶର କାର୍ଯ୍ୟକ୍ରମ ହେଉଛି। ଅଷ୍ଟମ ଦଶକ ବାଲିଆପାଳଠାରେ କ୍ଷେପଣାସ୍ତ୍ର ଘାଟି ପାଇଁ ସରକାରଂକ ଦ୍ୱାରା କରାଯାଇଥିବା ଚୁକ୍ତିକୁ ସ୍ଥାନୀୟ ଲୋକମାନେ ପ୍ରଚୁର ପରିମାଣରେ ବିରୋଧ କରିଥିଲେ। ଅରୁଣଜେନା, ଅଶୋକ ଦାସ, ବ୍ରଜନାଥ ରଥ, ମନୋଜ ଦାସ ଆଦି କବିମାନଂକ କବିତାରେ ଦେଖିବା ପାଇଁମିଳେ। ଅରୁଣ ଜେନାଂକ 'ବାଦଶାହୀ ସରକାର' କବିତା ଶୀର୍ଷକରେ ବିସ୍ଥାପନ ବିରୋଧୀ ସ୍ୱରଟି ଦେଖିବା ପାଇଁ ମିଳେ ଯଥା- ଛାଡ଼ିବୁନି ଭିଟା ଛାଡ଼ିବୁନି ମାଟି / ସହିବୁନି ଅତ୍ୟାଚାର / ଶୁଣିବୁନି ଆଉ ହାକିମୀ ହୁକୁମା / ଯେତେ ତୁମରେ- ରେ- କାର, / ଶତ ନିପୀଡ଼ିତ ଏକତା ମନ୍ତ୍ରେ ଦୁର୍ନିର୍ବାର / x x x ଶାସନର ଯେତେ ଶୋଷଣ ମିନାର / ମୁକ୍ତି ମଶାଲେ ପୋଡ଼ିହେବ ଛାରଖାର / ଶୁଣ ବାଦଶାହୀ ସରକାର / ଖବରଦାର-ଖବରଦାର ! / ହୁଅ ହୁସିଆର।(ଓଡ଼ିଶାର ପ୍ର.ସାହିତ୍ୟ ଆ.ଓ ଆନ୍ଦୋଳନର ସାହିତ୍ୟ,ପୃ-୧୪୫) ବିକାଶ ଅନେକ କାହାଣିକୁ ଜନ୍ମ ଦିଏ। ବିକାଶ ପଛରେ କେତେବେଳେ ସାମୂହିକ ସ୍ୱାର୍ଥ କେବେ ବ୍ୟକ୍ତି ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟକ୍ଷମ ହୋଇଥାଏ। ଏଥିରେ 'ତେଲିଆ ମୁଣ୍ଡରେ ତେଲ' ନ୍ୟାୟରେ ଧନିକ ଗୋଷ୍ଠୀ ହିଁ ସବୁବେଳେ ଲାଭବାନ ହୋଇଥାଏ। କବି ସମରେନ୍ଦ୍ର ନାୟକ "ବର୍ଷକ ବାର ଫୁଲ ଫୁଟେ"କବିତାରେ ବିସ୍ଥାପନକୁ ଉପଯୁକ୍ତ ଆକଳନ କରିଲେଖନ୍ତି- ସେମାନେ ଆସିଥିଲେ / ଯେଉଁଠିମୁଁ ଥଇଥାନ ହେବି / ସେଇ ମୂଳକରୁ / ସେଇ ରାଇଜରୁ ବାର୍ତ୍ତା ଘେନି ସେମାନେ ଆସିଥିଲେ, / ଦୁବ ଯହିଁ କଅଁଳେ ନାହିଁ ବର୍ଷାରେ / ଫୁଲ ଯହିଁ ମଉଳି ପଡ଼େ କଳିକାରୁ / ମଧୁ-ଚନ୍ଦ୍ରରେ ପ୍ରଣୟ ଯେଉଁଠି ଶିଥିଳ / ସେଇ ବନ୍ଧ୍ୟା ମାଟି / ମୁମୂର୍ଷୁ-ପାହାଡ଼ / ଠିକଣା ହୋଇଛି ମୋହରି ବସତି ପାଇଁ।(ବାଲିଆପାଳ କ୍ଷେପଣାସ୍ତ୍ର ଘାଟି) (ପୃଷ୍ଠା-୩୦୨)

କଳେ-ବଳେ-ଛଳେ ଅବା କୌଶଳେ ଏମାନେ ଜମିହେଉ, ଜଂଗଲ ହେଉ, ପାହାଡ଼ ହେଉ ଅବା ଝରଣା ହେଉ ସବୁକୁ ଅକ୍ତିଆର କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥାନ୍ତି। ଧାର୍ମିକ ବିଶ୍ୱାସ ହେଉ ଅବା ସାଂସ୍କୃତିକ ବିଶ୍ୱାସ, ଜୀବନ-ଜୀବିକା ଏସବୁ ଘଟଣା ଏମାନଂକ ଆଗରେ

ସବୁ ତୁଚ୍ଛ, ଅମୂଳକ, ବିଷୟହୀନ ହୋଇଥାଏ। ବେଳେବେଳେ ଅଳ୍ପ ଶିକ୍ଷିତ ବ୍ୟକ୍ତି ବା ଗୋଷ୍ଠି ଏମାନଂକ ସହ ଯୁକ୍ତିସଂଗତ ନୁହେଁ ବୋଲି ମଧ୍ୟ ବିବେଚିତ ହୋଇଯାଏ। ଆଉ ଏହି ଅଳ୍ପଶିକ୍ଷିତ ମାନେ ପାଲଟି ଯାଆନ୍ତି ଦଳିତ। ଏମାନଂକୁ କେବେ ଭଲରେ, କେବେମନ୍ଦରେ କେବେ ବନ୍ଧୁ କମୂନରେ ବୁଝାଇଦିଆ ଯାଏ ଯେ ତୁମେ ଏସ୍ଥାନ, ଏସମାଜ, ଏ ପରିବେଶ ସହିତଖାପ ଖାଇବା ପାଇଁ ଯୋଗ୍ୟ ନୁହଁ। କବି ବିଜୟ ଉପାଧ୍ୟାୟଙ୍କ "ମୁହାଁମୁହିଁ ଠିଆ କମ୍ପାନୀ ଘିନୁଆ"କବିତା ଶୀର୍ଷକରେ ନ୍ୟାୟସଂଗତ ଉପସ୍ଥାପନା କରିଳୁହନ୍ତି- ସେମାନେ ପଲଟନ ଧରି ଆସନ୍ତି / ବନ୍ଧୁକ ମୂନରେ ତଡ଼ନ୍ତି / ଦଖଲ କରନ୍ତି ଜମି ଓ ଡଂଗର / ଖଣିଖାଦାନ ପାଣି ଓ ବିଜୁଳି। କହନ୍ତି କାର୍ଖାନା ହେବ / ତୁମ ବେଡ଼ା ଦିଅ / ଗାଁ ଦିଅ / ଦିଅ ତମମାଳି / ତୁମଡୁମା ଦେବତା ଗୁଡେମ ଦିଅ ଦିଅ ଦିଅ କିଣିସାରିଛି ମୁଁ ତୁମ ସରକାରକୁ / କିଣିବି ତୁମକୁ X X X ଚାକିରି ଦେବି ଇଛାହେଲେ ଛଟେଇ କରିବି /ତୁମ ଅନୂଢ଼ା ଟୋକିମାନଂକୁବିଖରିଦ କରିବି।(ପୃ-୩୧୦)

ଓଡ଼ିଶାରେ ଅଶୀନବେ ଦଶକଠାରୁ ହିଁ ଏହି କମ୍ପାନୀଭିତ୍ତିକ, ଜଗତୀକରଣଜନିତଉନ୍ନତି କାରଣରୁ ବିସ୍ଥାପନ ସମସ୍ୟାଟି ଆମ ଆଖି ଆଗକୁ ଆସେ। ସରକାରୀ, ବେସରକାରୀ ଉଦ୍ୟୋଗଗୁଡ଼ିକ ଏହି ବିସ୍ଥାପନର କାରଣସାଜନ୍ତି। ତଥା ପୁଂଜିପତିମାନଂକର ଶୋଷଣଜନିତ ମନୋଭାବ ମଧ୍ୟ ଏହାର ଏକ କାରଣ ହୋଇପାରେ। ତେବେ ଏହି ବିସ୍ଥାପନର କାରଣଟି ସ୍ପଷ୍ଟ-ପାହାଡ଼ ଖୋଳି ଭୂସମ୍ପଦକୁ ଉତ୍ତୋଳନ, ଜମିରେ କଳକାରଖାନାର ନିର୍ମାଣ, ନଦୀରଜଳ ସାହଯ୍ୟରେ କଳକାରଖାନାର ଚାଳନ, ଜଂଗଲ ବନିକରଣ ଆଳରେ କଳକାରଖାନା ଖନନ, ଦେଶର ବିକାଶ ନାମରେ ଅନେକ ସ୍ଥାନରେ ଏହି ବିସ୍ଥାପନ ଜନିତ ସମସ୍ୟା ଆମ ସମ୍ନାକୁ ଆସେ।

**ସହାୟକ ଗ୍ରନ୍ଥସୂଚୀ :**


୧. ଉପାଧ୍ୟାୟ ବିଜୟ(ସଂ), ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟ ଆନ୍ଦୋଳନ ଓ ଆନ୍ଦୋଳନର ସାହିତ୍ୟ- ଜୀବନ ସଂଗ୍ରାମ ସାରସ୍ୱତ ଟ୍ରଷ୍ଟ, ଫକୀରମୋହନ ନଗର, ଅଂଗାରଗାଡ଼ିଆ, ବାଲେଶ୍ୱର, ପ୍ରଥମ ପ୍ରକାଶ-୨୦୧୫

୨. ପରିଡ଼ା ଆଶୁତୋଷ, କବିତାଏକତ୍ର (ଦ୍ୱିତୀୟ ଖଣ୍ଡ), ପ୍ରବାହ, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର, ଯାଜପୁର-୭, ପ୍ରଥମ ସଂସ୍କରଣ-୨୦୨୩

୩. ତରାଇ ପିତାମ୍ବର, ମା ପାଟିଖୋଲ, ବ୍ଲାକଇଗଲ୍‌ବୁକ୍ସ, ପ୍ରଥମ ପ୍ରକାଶନ-୨୦୨୧

୪. ସୁନା ଜୟଦ୍ରଥ, ଶୋଷ, ପଶ୍ଚିମା ପବ୍ଲିକେଶନସ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୧୭

୫. ମହାରଣା ସୌଭାଗ୍ୟବନ୍ତ, କବିତାସମଗ୍ର, ବିଜୟନୀ ପବ୍ଲିକେଶନ୍ସ, ଶଂକରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ପ୍ରଥମ ପ୍ରକାଶନ-୨୦୨୧

୬ ସୁନା ଜୟଦ୍ରଥ, ନିଆଁଧରା, ପଶ୍ଚିମା ପବ୍ଲିକେଶନସ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୨୦

୭. ଦାସ ଦାଶରଥି(ସଂ), ହୃଷୀକେଶ ମଲ୍ଲିକଂକ ବଛାବଛା କବିତା, ପ୍ରବାହ, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର , ଯାଜପୁର, ପ୍ରଥମ ସଂସ୍କରଣ-୨୦୨୦


❖ ❖ ❖

DOI : https://doi.org/10.5281/zenodo.16919763 ମୂଳ ପ୍ରବନ୍ଧ

# ଆଧୁନିକ ମଣିଷର ଅସହାୟତାବୋଧ ଅବଲମ୍ବନରେ : 'କୁଆଡ଼େ ଚାଲିଛ ରୁହ'

**ସଞ୍ଜୟ କୁମାର ମୁଖୀ**

**ସଂକ୍ଷିପ୍ତସାର :**

ସମାଜରୁ ବିଷୟଚୟନକରି କଥାକାରଟିଏ ସୃଜନମନସ୍କ ହୁଏ । ଆଧୁନିକ ମଣିଷ ହା ହୁତାଶମୟ ଜୀବନ ଭିତରୁ ଖୋଜିବୁଲୁଥାଏ ବଞ୍ଚିବାର ସାହାରା ସେଥିପାଇଁ ସେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୁଏ । କଥାଶିଳ୍ପୀ ସେହିସବୁ ବିଷୟକୁ ଉପନ୍ୟାସରେ ପୁଞ୍ଜିକରି ଲିପିବଦ୍ଧ କରେ । କଥାକାର ଭୀମ ପୃଷ୍ଟିଙ୍କ ଉପନ୍ୟାସ 'କୁଆଡ଼େ ଚାଲିଛ ରୁହ' ସେହିପରି ଆଧୁନିକ ମଣିଷର ସଂଘର୍ଷପୂର୍ଣ୍ଣ ସଫଳ ଅଭିବ୍ୟକ୍ତି । ମଣିଷଟି ଜୀବନରେ ଯେଉଁଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇ ଆଗକୁ ବଢୁଥାଏ ଏବଂ ଭାଙ୍ଗିପଡୁଥାଏ ତାହାକୁ ଶ୍ରୀଯୁକ୍ତ ପୃଷ୍ଟି ଏହି ଉପନ୍ୟାସରେ ଆବେଗ ପୂର୍ଣ୍ଣ ଭାବରେ କରିଛନ୍ତି ଉପସ୍ଥାପନା ।

**ପ୍ରମୁଖ ଶବ୍ଦାବଳୀ :**

ଅସହାୟ, ଯୁଗଯନ୍ତ୍ରଣା, ଜୀବନ ଶୈଳୀ, ଜୀବନ, ସମୟ ଓ ସମାଜ ।

କଳ୍ପନାରେ ବଞ୍ଚୁଥିବା ଏହି ଆଧୁନିକ ମଣିଷ ନିଜର ବାସ୍ତବତା ପରଖିଲା ବେଳେ ସେ ଭାବେ ବାସ୍ତବତା ଦୁନିଆରୁ ସେ ବହୁତ ଦୂରରେ । କଳ୍ପନା ଜଗତରେ ମଣିଷ ହିଁ ଅସହାୟତାବୋଧ, ନିଃସଙ୍ଗତା, ଏକଲାପଣକୁ ଅନୁଭବ କରିଥାଏ । ଯେତେବେଳେ ନିଜକୁ ପ୍ରଶ୍ନ ପଚାରେ, ସେ ଉତ୍ତର ପାଇ ପାରେ ନାହିଁ । ଏହି ଭଳି ଏକ କଳ୍ପନା ଏବଂ ବାସ୍ତବତାର ସମନ୍ୱୟଚିତ୍ର ହେଉଛି 'କୁଆଡ଼େ ଚାଲିଛ ରୁହ'; ଯାହା ଭୀମ ପୃଷ୍ଟିଙ୍କର ବହୁ ଆଦୃତ ଉପନ୍ୟାସ ।

ମଣିଷ ଜୀବନର ଅସହାୟତାବୋଧ ଆଧୁନିକ ଜୀବନ ଶୈଳୀରୁ ବେଶ୍ ଭଲ ଭାବରେ ଅନୁଭବ କରାଯାଇପାରେ । ଯୁଗଯନ୍ତ୍ରଣାର ପ୍ରସଙ୍ଗ ଯଦି କେହି କଥାକାର ଏକବିଂଶ ଶତାବ୍ଦୀ ବେଳକୁ ମୁକ୍ତକଣ୍ଠରେ ଉଚ୍ଚାରଣ କରିବା ଆରମ୍ଭ କରିଦେଇଥିଲେ ସେମାନଙ୍କ ଭିତରେ ଥିଲେ କଥାଶିଳ୍ପୀ ଭୀମ ପୃଷ୍ଟି । ଉପନ୍ୟାସ ଧାରାରେ ସେ ଯେପରି ଆଧୁନିକ ମଣିଷର ସଂଘର୍ଷପୂର୍ଣ୍ଣ ଜୀବନ ଏବଂ ତତ୍ ସହିତ ଜୀବନଶୈଳୀ ଓ ତାହାର ଅସହାୟତାବୋଧ ଯେପରି ପ୍ରତିଫଳିତ ହୋଇଛି ତାହା ପାଠକକୁ ନିଜ ଜୀବନ ସହ ସଂପୃକ୍ତ କରିଦେବାରେ ନେଇଛି ପ୍ରମୁଖ ଭୂମିକା । ଯେତେ ଗୋଟି ଉପନ୍ୟାସ ଶ୍ରୀଯୁକ୍ତ ପୃଷ୍ଟି ରଚନା କରିଛନ୍ତି; ତନ୍ମଧ୍ୟରୁ ଏହି ଉପନ୍ୟାସରେ ମଣିଷ ଜୀବନର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
| --- | --- |
| | DOI: https://doi.org/10.5281/zenodo.16919763 Article No - BPPP00331 |

**ଯୋଗାଯୋଗ : ସଞ୍ଜୟ କୁମାର ମୁଖୀ,**
ଗବେଷକ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
**E mail :** sanjaykumukhi@gmail.com
**Orcid Id :** https://.org/0009-0001-7099-3015

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୬.୦୫.୨୦୨୫ | ୧୧.୦୬.୨୦୨୫ | ୨୪.୦୭.୨୦୨୫ | ୧.୦୮.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମୁଖୀ, ସଞ୍ଜୟ କୁମାର; ୨୦୨୫। ଆଧୁନିକ ମଣିଷର ଅସହାୟତାବୋଧ ଅବଲମ୍ବନରେ : 'କୁଆଡ଼େ ଚାଲିଛ ରୁହ'। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଙ, ପୃଷ୍ଠା :୯୬-୯୮ ।

ଅସହାୟତବୋଧର ବିବର୍ତ୍ତନ ରୂପ ଦେଖିବାକୁ ମିଳେ । ଆମର ଆଲୋଚ୍ୟ 'କୁଆଡ଼େ ଚାଲିଛ ରୁହ' ଉପନ୍ୟାସରେ ଯେଉଁ ମଣିଷ ଜୀବନର ସଂଘର୍ଷମୟ ଉପସ୍ଥିତି ଆମେ ଲକ୍ଷ୍ୟ କରିବା; ତାହା ଉପନ୍ୟାସରେ ଏକ ବୈଶିଷ୍ଟ୍ୟକୁ କଥାକାର ଉନ୍ମୋଚନ କରିଛନ୍ତି । ୨୦୧୧ ମସିହାରେ ପ୍ରକାଶ ପାଇଥିବା ଏହି ଉପନ୍ୟାସଟି ଆଜିର ସମୟରେ ମଧ୍ୟ ନିଜସ୍ୱ ମୂଲ୍ୟ ବଜାୟ ରଖେ ।

ଆଧୁନିକ ମଣିଷ ଚିନ୍ତା ଚେତନାରେ ସମୟ ଅତିବାହିତ କଲା ବେଳେ ନିଜ ମୁଣ୍ଡରେ ଅନେକ ଦୁଶ୍ଚିନ୍ତା ହିଁ ତାକୁ ଆକ୍ରମଣ କରିଥାଏ; ଏକଲାପଣିଆକୁ ସାଥି ବୋଲି ଭାବି ସମୟ ଅତିବାହିତ କରିଥାଏ । ସ୍ୱପ୍ନର ସହରରେ ଯେତେବେଳେ ସେ ଘୂରି ବୁଲେ ତାହାର ସାମ୍ନାକୁ ଯିଏ ଆସେ ତାହାକୁ ସେ ଚିହ୍ନି ନଚିହ୍ନିଲା ଭଳି ଅଭିନୟ କରିଥାଏ ଏବଂ ସେ ନିଜ ରାସ୍ତାରେ ଯେତେ ଧକ୍କା ଖାଉଥିଲେ ମଧ୍ୟ ସେ ସେମାନଙ୍କୁ କୁହେ – "କେହି ମୋ ବାଟ ଓଗାଳି ଛିଡ଼ା ହୁଅ ନାହିଁ । ସ୍ୱପ୍ନକୁ ଠେଲି ମୋତେ ସ୍ୱପ୍ନ ଆଡ଼କୁ ଯିବାକୁ ଦିଅ ।" (୧)

ଆଧୁନିକ ମଣିଷ ବ୍ୟସ୍ତ ବିବ୍ରତ । କେତେବେଳେ ସମୟ ନଥାଏ ତା ପାଖରେ ବାସ୍ତବତାର ମାପକାଠିରେ ନିଜକୁ ମାପିବା ପାଇଁ । ସେ ମଧ୍ୟ ନିଜକୁ ବିଶ୍ୱାସ କରିପାରେନା, ନିଜର ସ୍ଥିତି କଣ, ନିଜର ଅସ୍ତିତ୍ୱ ସବୁକିଛି ସେ ଭୁଲିଯାଏ । ସବୁବେଳେ ନିଜକୁ ବ୍ୟସ୍ତତା ଭିତରେ ସାମିଲ କରିଦିଏ । ଜରୁରୀ କାମ କହି ମିଛ ବ୍ୟସ୍ତତାରେ ଲକ୍ଷ୍ୟହୀନ ଭାବେ ଧାଇଁଚାଲେ । ଜଗତର ମାୟାବନ୍ଧନ ଭିତରେ, ମାୟା ମଣିଷଟେ ହୋଇ ଛିଡ଼ା ହେବାକୁ ପଡ଼େ ଏବଂ ଖୋଦ୍ ନିଜେ ଶିକାର ପାଲଟି ଯାଏ ।

ମାୟାମୋହ ସଂସାରରେ ମଣିଷ ବନ୍ଧା । ସବୁବେଳେ ସେ ଲୋଭଗ୍ରସ୍ତ । ଲୋଭସମ୍ବରଣକୁ ଆୟତ୍ତ କରିପାରେ ନାହିଁ । ଲୋଭକୁ ନିଜର ପୋଷାକ ଭଳି ପରିଧାନ କରି ଚାଲିଥାଏ । ସମୟ ପାଇଲେ ସମସ୍ତଙ୍କୁ ସେହି ଲୋଭସମ୍ବରଣ ଭିତରେ ଆକୃଷ୍ଟ କରିବା ପାଇଁ ପ୍ରବର୍ତ୍ତାଇ ଥାଏ । "ଦୁଇ ନମ୍ବର ଧନ୍ଦା ! ବୁଝିଲ ଭାଇନ୍ନା ! ବର୍ଷ କେଇଟାରେ ଲାଲେ ନାଲ୍ ହୋଇଯିବା ଧନ୍ଦା । ତୁମକୁ ଏକା କରିବାକୁ ହେବ ନାହିଁ । ନେଇ ଆଣି ଥୋଇବି ମୁଁ । ତୁମେ କେବଳ ଟଙ୍କା କେଇଟା ଖଟେଇବ । ଲାଭର ଫିଫ୍‌ଟି ଫିଫ୍‌ଟି । କଣ ଚିନ୍ତାକଲ ?" (୨)

ସାମ୍ପ୍ରତିକ ସ୍ଥିତିରେ ମଣିଷ ବଂଚିବାକୁ ନେଇ ସେ ସନ୍ତୋଷଜନକ ନୁହେଁ । ସବୁବେଳେ ଅସନ୍ତୋଷରେ ଜୀବନ ଅତିବାହିତ କରୁଛି ଏବଂ ସେ ଅର୍ଥହୀନ ଜୀବନ ବଂଚୁଛି । ଏହିଭଳି ସ୍ୱର ମଧ୍ୟ ଉପନ୍ୟାସରେ ରହିଛି । ମଣିଷର ବିବର୍ତ୍ତନର ଚିତ୍ର ମଧ୍ୟ ରହିଛି । "ଶୁଣ ନାବାଳକ ପ୍ରେତ ! ଯେଉଁ ବଂଚିବା ଲୋଭରେ ତୁମେ ଶବକୁ ଫେରିଯିବା ପାଇଁ ଚ୍ୟାଲେଞ୍ଜ ମାରୁଛ, ହୁଏତ ତୁମେ ପାରିବ ମାତ୍ର ସେ ବଂଚିବା କେବଳ ବଂଚିବା ପଛରେ ଗୋଡ଼େଇ ଗୋଡ଼େଇ ବଂଚିବା । ପ୍ରଲୋଭନର ପୁର୍ନଜନ୍ମ ସବୁବେଳେ ଅସଂପୂର୍ଣ୍ଣ । ତୁମେ ପୁଣି ଅଧା ଜୀବନରୁ ଠିକ୍ ଏଇଠିକୁ ଫେରିଆସିବ, ମୁଁ ତୁମକୁ ଅପେକ୍ଷା କରି ରହିଲି ।" (୩) ମନୁଷ୍ୟ ଜନ୍ମ ମାତ୍ରେ ମୃତ୍ୟୁ ସତ୍ୟ । ଜନ୍ମ ଓ ମୃତ୍ୟୁ ସମୟ ବ୍ୟବଧାନ ମଧ୍ୟରେ ତାକୁ ଅନେକ କିଛି କର୍ତ୍ତବ୍ୟ ସଂପାଦନା କରିବାର ଅଛି । ଯାହା ପାଇଁ ସମାଜକୁ ଆସିଛି ସେଥିପ୍ରତି ସଚେତନ ହେବା ଦରକାର । ମନୁଷ୍ୟ ନିଜ ପାଇଁ ତଥା ପରିବାର ପାଇଁ ସମୂହ ରୂପରେ ସମାଜ ପାଇଁ ତାହାର ଦାୟିତ୍ୱବୋଧ ରହିଛି । କର୍ତ୍ତବ୍ୟ ସଂପାଦନା ନ ହୋଇ ଥିଲେ ତାହା ଆତ୍ମାକୁ ଶାନ୍ତି ମିଳେ ନାହିଁ । ତାହା ଆତ୍ମା ସଦାସର୍ବଦା ଘୂରିବୁଲେ । "ଦେଖ ଖାସ୍ ତୁମମାନଙ୍କୁ ପୋଷିବା ପାଇଁ ଯମ ମୋତେ ମରଣ ମୁହଁରୁ ଫେରାଇ ଆଣିଲା । ଏବେ କ'ଣ କରିବି କୁହ ? ଯେଉଁ ଡାଳ ଧରୁଛି ସେହି ଡାଳ ଭାଙ୍ଗି ପଡୁଛି । ତୁମକୁ ଚଳେଇବି କିପରି ? ନିଜେ ବଂଚିବି କିପରି ?" (୪)

ଚିନ୍ତା ଚେତନା ଦୁନିଆ ମଧ୍ୟରେ ତାକୁ ଅଣନିଶ୍ୱାସୀ ଲାଗେ । ତଥାପି ସେ ନିଶ୍ୱାସ ନେଇ ଅଣ୍ଟାଭିଡ଼ି ଦୁନିଆ ଆଗରେ ବାଟ ଚାଲିବାକୁ ପଡ଼େ । ଥକିପଡ଼ି ପୁଣି ସଳଖ ହୋଇ ଛିଡ଼ା ହୁଏ । ଏ ଦୁନିଆ ତାକୁ ଆଗକୁ ନେଇ ଏମିତି ଏକ ପରିସ୍ଥିତି, ସମୟ ଏବଂ ପରିବେଶ ମଧ୍ୟରେ ତାକୁ ଛିଡ଼ା କରାଇ ଦିଏ; ଯେ ସେ ଅସହାୟ ହୋଇ ପଡ଼େ । ସବୁ ଚିନ୍ତା ଚେତନା ମଧ୍ୟରେ ବଂଚିବା ନିଶା ତାକୁ ଆଗକୁ ଆଗକୁ ବାଟ ଫିଟାଇ ଦିଏ । ସମାଜକୁ କାହିଁକି ସେ ଆସିଥିଲା ଯେତେବେଳେ ସେ ନିଜକୁ ପ୍ରଶ୍ନ ପଚାରେ ସେ ଉତ୍ତର ପାଇ ପାରେନା । ଉତ୍ତର ବିନା ସେ ଆଗକୁ ହିଁ ଚାଲିଯାଇଥାଏ । ଉତ୍ତର ବିନା ପ୍ରଶ୍ନର ଅସ୍ତିତ୍ୱ ନଥାଏ । ଯେଉଁଟି ଉତ୍ତର ନାହିଁ ସେ ପ୍ରଶ୍ନ ପ୍ରଶ୍ନବାଚୀ ହିଁ ରହିଯାଏ । ପ୍ରଶ୍ନ ତଳୁ ଉତ୍ତରକୁ ଖୋଜି ପାଇ ପାରେନା । କେବଳ ପ୍ରଶ୍ନବାଚୀ ମଣିଷ ହିଁ ରହିଯାଏ । ସେ ଆଗକୁ ଆଗକୁ ଯାଇଛି ସତ କିନ୍ତୁ ଲକ୍ଷ୍ୟହୀନ ହୋଇ । ଅନେକଙ୍କୁ ସେ ଭେଟିଛି ଏବଂ ଅନେକଙ୍କ ସଂସ୍ପର୍ଶରେ ଆସିଛି । ସମସ୍ତଙ୍କୁ ପଚାରୁଛି ପ୍ରଶ୍ନର ଉତ୍ତର ପାଇପାରୁ ନାହିଁ । ସେ ସେଇଭଳି ଏକଲା ପଣକୁ ନେଇ ଧାଇଁ ଚାଲିଛି । ସେ କେଉଁଥିରେ ସୁଖ ପାଇ ପାରିନାହିଁ । ନା ପରିବାର, ସ୍ତ୍ରୀ, ଚାକିରୀ ସର୍ବୋପରି ଆତ୍ମହତ୍ୟା ପରେ ବି ସେ ଅସୁଖୀ ହୋଇ ପଡ଼ିଛି । "ମୁଁ ଆତ୍ମହତ୍ୟାକୁ ଭୟ କରେ ବୋଲି ଆତ୍ମହତ୍ୟାକୁ ପାପ ବୋଲି କହେ । ଆତ୍ମହତ୍ୟା କରୁଥିବା କାହାକୁ ମୁଁ କ୍ଷମା କରିପାରିବିନି – ସେ ମଣିଷ ହେଉ କି ପ୍ରେତ ।" (୫)

ସମୟର ଅତିକ୍ରମ ସହ ସେ ଅନେକ କିଛି ଅତିବାହିତ କରିଦେଇଥାଏ । ସମୟ ସହ ତାଳ ଦେଇ ଚାଲିବାକୁ ପଡ଼ିଥାଏ । ଯାହା ସେ କରିପାରେନା । ସମାଜରେ ଅନେକ ଘଟଣା ତାହା ସମ୍ମୁଖରେ ପଡ଼ିଥାଏ । ତାହାକୁ ସେ ଦେଖି ନଦେଖିଲା ଭଳି ଅଭିନୟ କରିଥାଏ । ପରବର୍ତ୍ତୀ ସମୟରେ ଅନେକ ପଶ୍ଚାତାପ କରିଥାଏ । ସେ ଧାଇଁ ଚାଲିଥାଏ ବ୍ୟସ୍ତତାର ଦ୍ୱାହି ଦେଇ ଏବଂ ସେ ଯେଉଁଯେଉଁ ମାନଙ୍କୁ ଭେଟିଛି ସମସ୍ତଙ୍କୁ ସେ ମିଛ କହି ଚାଲିଛି । ତାହାର ସ୍ଥିତି, ନିଜର ଅସ୍ତିତ୍ୱ କଣ ସେ ଜାଣି ପାରେନା ।

ଜୀବନର ଆରମ୍ଭରୁ ମଣିଷ ସମାଜକୁ ଆଧାର କରି ହିଁ ବଢ଼ିଚାଲେ । ଏହି ସମାଜରୁ ତା'ର ହେତୁ ହେବା ପରଠୁ ହିଁ ସଂଘର୍ଷର ମୂଲ୍ୟ ବୁଝେ । ଉପନ୍ୟାସଟିର ନାୟକ ବଂଚୁଥିବା ସମୟ ଓ ସମାଜ କିପରି ସଂଘର୍ଷପୂର୍ଣ୍ଣ ପରି ତାକୁ ଛିଡ଼ାକରୁଛି । ଦୁନିଆ ସାମ୍ନାରେ ତାହା ହିଁ ଔପନ୍ୟାସିକ କଳା କୌଶଳ ଦ୍ୱାରା କରିଛନ୍ତି ପରିବେଷଣ । 'କୁଆଡ଼େ ଚାଲିଛ ରୁହ' ଏକ ସାମାଜିକ ବ୍ୟକ୍ତିଗତ ସମସ୍ୟା ମୂଳକ ଉପନ୍ୟାସ । ଭାଙ୍ଗି ପଡୁଥିବା ସଂପର୍କକୁ ଯେତେ ଚେଷ୍ଟା କରି ମଧ୍ୟ ଜଣେ ବ୍ୟକ୍ତି ଆଗକୁ ବଢ଼ିବା ପାଇଁ ଚେଷ୍ଟା କଲାବେଳେ ତାର ପ୍ରତିବନ୍ଧକ ସାଜେ ବ୍ୟକ୍ତିଗତ ସ୍ୱାର୍ଥ, ପରିବାର ଏବଂ ସମାଜର ସଂସ୍କାରପୂର୍ଣ୍ଣ ନୀତି ନିୟମ, ଉପନ୍ୟାସର ଚରିତ୍ର ସେଇପରି ଜୀବନକୁ ଭୋଗି ଭୋଗି ଚାଲିଛି ସତ୍ୟର ସନ୍ଧାନରେ । ଅନେକ ସମୟରେ ଦେଖା ଯାଏ ଜଣେ ବ୍ୟକ୍ତି ଉଭୟ ସମାଜ ଓ ପରିବାର ମଧ୍ୟସ୍ଥ ଦୋଳାୟମାନ ସ୍ଥିତିରେ ନିଜକୁ କେଉଁ ଠାରେ ସୁରକ୍ଷିତ କରି ରଖିବ; ସେ ସଂପର୍କରେ ତାକୁ ଅନେକ ପରିଣାମର ଆବେଗ ସହ ସଂଘର୍ଷ କରିବାକୁ ପଡ଼ିଥାଏ । ଉପନ୍ୟାସର ନାୟକର ପରିସ୍ଥିତି ତାହା ହିଁ ଘଟିଛି ।

ତମାମ୍ ଉପନ୍ୟାସଟି ଚରିତ୍ରର ବହୁଳାଂଶରେ ଗଠିତ ନହୋଇ ଯେଉଁ ନାୟକ ଉପରେ ହିଁ କେନ୍ଦ୍ରୀଭୂତ ହୋଇଛି ସେ ଯେ ଆମ ଭିତରୁ ଜଣେ, ଏହା ଅସ୍ୱୀକାର କରାଯାଇ ନପାରେ । ନାୟକଟି ସମଗ୍ର ମାନବ ସଭ୍ୟତାର ପ୍ରତିନିଧି କରିବା ଭଳି ଏକ ସାର୍ଥକ ଚରିତ୍ର । ଅନେକ ସମୟରେ ମନେହୁଏ ସ୍ୱୟଂ ଔପନ୍ୟାସିକ ଯେପରି ଏହି ଉପନ୍ୟାସର ନାୟକ ଭୂମିକାରେ ହୋଇଛନ୍ତି ଅବତୀର୍ଣ୍ଣ । ଏହା ହିଁ ସତ୍ୟ; ଜଣେ ଲେଖକ ନିଜ ଅନୁଭବ ଓ ଅନୁଭୂତିକୁ କଳାତ୍ମକ ରୂପ ଦେବା ବେଳେ କେଉଁଠି ନା କେଉଁଠି ନିଜକୁ ଉପସ୍ଥାପନା କରନ୍ତି । ସେ ଦୃଷ୍ଟିରୁ ଭୀମ ପୃଷ୍ଟିଙ୍କୁ ଏ ଉପନ୍ୟାସରେ ଏକ ଚରିତ୍ର ମୁରୁ ବାହାର କରିଦିଆଯିବ କିପରି ? ତମାମ୍ ପୁରୁଷ ଜାତିର ଅସହାୟବୋଧକୁ ସେ ଯେପରି ନିଜ ବୟସର ସୋପାନଗୁଡ଼ିକରେ ଭୋଗୁଛନ୍ତି ତାହା ପୁଣି ମାଧ୍ୟମ କରି ସାମୁହିକ ମଣିଷର ଯୁଗ - ଯନ୍ତ୍ରଣାକୁ କରିଛନ୍ତି ରୂପାୟନ । ମଣିଷ ମାତ୍ରକେ ହିଁ ଅସହାୟ । କେତେବେଳେ ନିଜ ପାଖରେ କେତେବେଳେ ଅନ୍ୟ ପାଖରେ । ତଥାପି ତାହାର ସୁଖ – ସନ୍ଧାନୀ ମାନସିକତାର ପରିସମାପ୍ତି ଘଟେ ନାହିଁ । ସେ ଖୋଜିବୁଲେ ସୁନ୍ଦର ଜୀବନ ବଂଚିବା ନିମନ୍ତେ ବାଟଟି । ସେ ଚାଲେ, କୁଆଡ଼େ ଚାଲେ ତାହା କେବଳ ତାହାର ଆତ୍ମସତ୍ତାଟି ହିଁ ଜାଣେ । ଉପନ୍ୟାସର ନାୟକ ସେହିଭଳି ଜଣେ ଜୀବନ ସନ୍ଧାନୀ ଯିଏ ଚାଲିଛି ବଂଚିବାର ମୋହରେ, ସୁଖର ସନ୍ଧାନରେ । ଯେଉଁଠି ତାହାର ପରିବାର, ତାହାର ସମାଜ ଏବଂ ତାହାର ବ୍ୟକ୍ତିଗତ ଜୀବନ ହୋଇପାରୁଥିବ ସୁରକ୍ଷିତ ।

ଔପନ୍ୟାସିକ ଭୀମ ପୃଷ୍ଟି ଯେଉଁ ମାନବିକତାର ସ୍ୱର ଶୁଣାଇବାକୁ ଚେଷ୍ଟା କରିଛନ୍ତି ଏହି ଉପନ୍ୟାସରେ; ତାହା ସଫଳତା ପାଇଛି ମଣିଷର ଅସହାୟତାକୁ ପୁଞ୍ଜି କରି । ସେ ଦିଗରୁ ବିଚାର କଲେ ଶ୍ରୀଯୁକ୍ତ ପୃଷ୍ଟିଙ୍କ ଏହି 'କୁଆଡ଼େ ଚାଲିଛ ରୁହ' ଉପନ୍ୟାସଟି ସାମାଜିକ ମୂଲ୍ୟବୋଧ ସ୍ୱୀକାର କରି ଗଢି ଉଠିଥିବା ମଣିଷ ଜୀବନର ସାର୍ଥକ ଉଦାହରଣ, ଏହା ପ୍ରତ୍ୟେକେ ସ୍ୱୀକାର କରିବେ । ଆଧୁନିକ ମଣିଷର ଅସହାୟତାବୋଧକୁ ଯଥାର୍ଥ ରୂପେ ଉପସ୍ଥାପନା କରି 'କୁଆଡ଼େ ଚାଲିଛ ରୁହ' ଉପନ୍ୟାସଟି ଯେପରି ସାଫଲ୍ୟ ବିମଣ୍ଡିତ ହୋଇଛି ତାହା ଆମ ଓଡ଼ିଆ ସାହିତ୍ୟର ଚେତନା ଜନିତ ନୂତନ ଉପସ୍ଥାପନାକୁ ଆଗକୁ ଦୁଇ ପାଦ ନେବାରେ ହୋଇ ପାରିଛି ଏକାନ୍ତ ସକ୍ଷମ ।

## ସହାୟକ ଗ୍ରନ୍ଥସୂଚୀ :


୧. ପୃଷ୍ଟି ଭୀମ, କୁଆଡ଼େ ଚାଲିଛ ରୁହ ; ପଂଚଭୂତ, ଦ୍ୱିତୀୟ ପ୍ରକାଶ, ପଶ୍ଚିମା ପବ୍ଲିକେଶନ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର, ୨୦୨୧, ପୃଷ୍ଠା –୨୫।

୨. ତତ୍ରୈବ, ପୃଷ୍ଠା – ୧୫


୩. ତତ୍ରୈବ, ପୃଷ୍ଠା – ୫୨

୪. ତତ୍ରୈବ, ପୃଷ୍ଠା – ୧୩

୫. ତତ୍ରୈବ, ପୃଷ୍ଠା –୪୭


❖ ❖ ❖

# ଖୁସିର ସହିତ ଜଣାଉଛୁ ଯେ, ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011

**ଖୁସିର ସହିତ ଜଣାଉଛୁ ଯେ,**
**ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ**
**ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।**







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking**
**please contact :**
**The Advertising**
**Manager**
**Niladri Vihar, Naya Bazar,**
**Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.........................................................................................................................

Address.......................................................................................Pin code ..........................

Mobile No.........................................E-Mail.........................................................................

I am sending, Rs......................,(Bank Draft) Postal extra

Check Number...................................................................Date..........................................

Bank...........................................................Place...............................................................

Date...............................................Signature.......................................................................

Prachee Centre for Cultural Relations (PCCR), Niladri Vihar, Naya Bazar, Cuttack-4.
E-Mail: pracheepatrika@rediffmail.com, Web Site: https://pracheenews.com

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ